# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅଗଷ୍ଟ ୩/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, August 3 / 2019 ★★

୧୫ଶ ଭାଗ ୨୨୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ରୋରି ବର୍ନ୍ସଙ୍କ ଲଢୁଆ ବ୍ୟାଟିଂ

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟ ମ୍ୟାଚରେ ଇଂଲଣ୍ଡ ଓପନର ରୋରି ବର୍ନ୍ସ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି।

୧୮

୦୨

## ଭାରତୀୟ ଲଳନା ମିସ୍ ଇଂଲଣ୍ଡ ମୁକୁଟ ବିଜୟିନୀ

ଭାରତୀୟ ଲଳନା ଭାଷା ମୁଖାର୍ଜୀ ସୁନ୍ଦରୀ ପ୍ରତିଯୋଗିତାରେ ୧୨ଜଣ ମଡେଲଙ୍କୁ ପଛରେ ପକାଇ ମିସ୍ ଇଂଲଣ୍ଡ ମୁକୁଟ ବିଜୟିନୀ ହୋଇଛନ୍ତି ।





ମାଲକାନଗିରି ଜିଲା କାଲିମେଳା ବ୍ଲକ୍‌ର କାଙ୍ଗୁରୁକୁଣ୍ଡା ପୋଲ ଉପରେ ଶୁକ୍ରବାର ବନ୍ୟାଜଳ ପ୍ରବାହିତ ହେଉଛି।

### ■ କୁନ୍ଦୁଲି ଗଣବଳାତ୍କାର, ଆତ୍ମହତ୍ୟା ମାମଲା

# ୪ ସପ୍ତାହରେ ତଦନ୍ତ ଶେଷ କର

**କଟକ ଅଫିସ, ୨।୮**

ବହୁଚର୍ଚ୍ଚିତ କୁନ୍ଦୁଲି ଗଣବଳାତ୍କାର ଓ ଆତ୍ମହତ୍ୟା ମାମଲାର ତଦନ୍ତ ୪ ସପ୍ତାହ ମଧ୍ୟରେ ଶେଷ କରିବାକୁ ଶୁକ୍ରବାର ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ତଦନ୍ତରେ ସନ୍ତୁଷ୍ଟ ନ ହେଲେ ସ୍ପେଶାଲ ଇନଭେଷ୍ଟିଗେଶନ ଟିମ୍ (ଏସ୍‌ଆଇଟି) ଦ୍ୱାରା ତଦନ୍ତ କରାଯିବ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଏସ୍‌ଆଇଟିରେ ରାଜ୍ୟସ୍ତରୀୟ ଓ କେନ୍ଦ୍ର ଏଜେନ୍ସି ଅଧିକାରୀଙ୍କୁ ସାମିଲ କରିବା ଲାଗି ହାଇକୋର୍ଟ ପ୍ରସ୍ତାବ ଦେଇଛନ୍ତି। ଭାଜପା ନେତା ଖାରବେଳ ସ୍ୱାଇଁ ଏବଂ ପୀଡ଼ିତାଙ୍କ ମା' ଓ ଭାଇଙ୍କ ଦ୍ୱାରା ହୋଇଥିବା



**ଏସ୍‌ଆଇଟି ଦ୍ୱାରା ତଦନ୍ତ କରାଯିବ**

ଆବେଦନ ଉପରେ ହାଇକୋର୍ଟ ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏସ୍‌ଆଇଟି ତଦନ୍ତ ପାଇଁ ଆବେଦନକାରୀ ୬ ଜଣଙ୍କ ନାମ ସୁପାରିସ କରିପାରିବେ ଓ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ହାଇକୋର୍ଟ ମନୋନୀତ କରିବେ। ଏହି ଟିମ୍‌ରେ ୨ ଜଣ କେନ୍ଦ୍ରୀୟ ଏଜେନ୍ସି ଅଧିକାରୀ ଓ ଜଣେ ରାଜ୍ୟ ଏଜେନ୍ସି ଅଧିକାରୀ ରହିବେ ବୋଲି ହାଇକୋର୍ଟ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୭ ଅକ୍ଟୋବର ୧୦ରେ ପୀଡ଼ିତା ସ୍କୁଲରୁ ଘରକୁ ଫେରୁଥିବା ବେଳେ ନିଛାଟିଆ ରାସ୍ତାରେ ତାଙ୍କୁ ଗଣବଳାତ୍କାର କରାଯାଇଥିଲା। ଅଭିଯୁକ୍ତମାନେ ଯବାନ ପୋଷାକ ପିନ୍ଧି ପୀଡ଼ିତାଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୁନ୍ଦୁଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ନାବାଳିକାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୁସ୍ଥ ହେବା ପରେ ସେ ସୁଧାର ଗୃହକୁ ଫେରିଥିଲେ। ମାତ୍ର ପୁଣି ଥରେ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ଘଟିବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହୋଇ ଘରକୁ ଫେରିବା ପରେ ସେ ଘରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କୁନ୍ଦୁଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ■ ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ମାମଲା

# ଶଙ୍କରାଚାର୍ଯ୍ୟ ପ୍ରସ୍ତାବ ଦେଇପାରିବେ

**ନୂଆଦିଲ୍ଲୀ, ୨।୮**

ଶ୍ରୀମନ୍ଦିର ସଂସ୍କାର ସମ୍ପର୍କରେ ପୁରୀ ଶଙ୍କରାଚାର୍ଯ୍ୟ ଆମିକସ୍ କ୍ୟୁରୀ ଏବଂ ସମସ୍ତ ପକ୍ଷଙ୍କୁ ପ୍ରସ୍ତାବ ଦେଇପାରିବେ। ସୁପ୍ରିମକୋର୍ଟ ଶୁକ୍ରବାର ଏଥିପାଇଁ ଅନୁମତି ଦେଇଛନ୍ତି। ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ଏବଂ ବି.ଆର୍. ଗଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣିକୁ ସ୍ଥଗିତ ରଖିଛନ୍ତି। ୬ ସପ୍ତାହ ପରେ ମଙ୍ଗଳବାରରୁ ଗୁରୁବାର ମଧ୍ୟରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।



ଶଙ୍କରାଚାର୍ଯ୍ୟଙ୍କୁ ଏହି ମାମଲାରେ ପକ୍ଷ ଭାବେ ଗ୍ରହଣ କରିବାକୁ ତାଙ୍କ ଓକିଲ ଶୁଣାଣି ବେଳେ ଅନୁରୋଧ କରିଥିଲେ। ହେଲେ ସେ ପ୍ରସ୍ତାବ ଦେଇପାରିବେ କିନ୍ତୁ ପକ୍ଷଭୁକ୍ତ ହୋଇପାରିବେ ନାହିଁ ବୋଲି ଖଣ୍ଡପୀଠ ଅନୁଭବ କରିଥିଲେ। ଅନ୍ୟପକ୍ଷରେ ଶ୍ରୀଜଗନ୍ନାଥଙ୍କ ଜମି ହେରଫେର ନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆନ୍ତଃମହାଦେଶୀୟ ଆଇନଜୀବୀ ସଂଘ ପକ୍ଷରୁ ଓକିଲ ଦେବାଶିଷ ମିଶ୍ର ଅଭିଯୋଗ ଆଣିଥିଲେ। ଶ୍ରୀଜଗନ୍ନାଥଙ୍କର ପାଖାପାଖି ୬୨ ହଜାର ଏକର ଜମିକୁ ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି। ଏଥିରେ ୧୧୧ କୋଟି ଟଙ୍କା ହେରଫେର ହୋଇଛି। ମୁଖ୍ୟମନ୍ତ୍ରୀ ଜଗନ୍ନାଥଙ୍କ ସମ୍ପତ୍ତିର ସଂରକ୍ଷକ ହୋଇଥିବାରୁ ସେ ଏଥିପାଇଁ ଦାୟୀ ବୋଲି ଦେବାଶିଷ ଅଦାଲତଙ୍କୁ କହିଥିଲେ।

## ବରିଷ୍ଠ ଟିଭି ଉପସ୍ଥାପକ ରବୀଶ କୁମାରଙ୍କୁ ରେମନ୍ ମାଗ୍‌ସେସେ



୨


ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

ପରିପତ୍ରରୁ ବାବୁ ଦୁଇଭାଗ

**ଆଜିର ମନ୍ତବ୍ୟ**

"ଉନ୍ନାଓ ମାମଲାରେ ସୁପ୍ରିମକୋର୍ଟ ରାୟ ଉତ୍ତରପ୍ରଦେଶ ସରକାରଙ୍କ ବିଫଳତା ଉପରେ ମୋହର।

–ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ

### ■ ମହିଳାଙ୍କୁ ବଳାତ୍କାର ପରେ ଅଶ୍ଳୀଳ ଭିଡିଓ ଭାଇରାଲ

# ଏସ୍‌ଓଜି ଯବାନ ଗିରଫ

**ସୁନ୍ଦରଗଡ଼, ୨।୮ (ଡି.ଏନ୍.ଏ.)**

ଜଣେ ମହିଳାଙ୍କ ସହ ଫେସବୁକ୍ ଏବଂ ହ୍ୱାଟ୍ସଆପରେ ଚାଟିଂ ଓ ପରେ ବନ୍ଧୁତା ସ୍ଥାପନ କରିଥିଲେ। ଶେଷରେ ବଳାତ୍କାର ଓ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ସୁନ୍ଦରଗଡ଼ ପୋଲିସ ଶୁକ୍ରବାର ଭିକୁ କୁଜୁର (୩୦) ନାମକ ଜଣେ ଏସ୍‌ଓଜି (ସ୍ପେଶାଲ ଅପରେଶନ ଗ୍ରୁପ) ଯବାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ କୋରାପୁଟରେ କାର୍ଯ୍ୟରତ ଅଛନ୍ତି। ମହିଳାଙ୍କ ଅଭିଯୋଗ ଉପରେ ପୋଲିସ ସଦର ଥାନାରେ ଏକ ମାମଲା (ନଂ. ୧୩୮/୨୦୧୯) ରୁଜୁ କରିଛି।

ପୋଲିସ ସୂଚନା ମୁତାବକ ସୁନ୍ଦରଗଡ ସଦର ଥାନା ଅନ୍ତର୍ଗତ ଟେଡେଗାଁମୁହାଣ ଗ୍ରାମରେ ଭିକୁଙ୍କ ଘର । ସେ ଏସ୍‌ଓଜି କନଷ୍ଟେବଳ ଭାବେ କୋରାପୁଟରେ ଚାକିରି କରୁଥିଲେ। ତାଙ୍କ ଗ୍ରାମ ନିକଟବର୍ତ୍ତୀ ଏକ ଗ୍ରାମର ଜଣେ ମହିଳା ଭୁବନେଶ୍ୱରରେ 'ବି'ଟେକ ଅଧ୍ୟୟନ କରନ୍ତି। ଭିକୁ ଚନ୍ଦକାରେ ଟ୍ରେନିଂରେ ଥିବା ସମୟରେ ଉକ୍ତ ମହିଳାଙ୍କ ସହିତ ହ୍ୱାଟ୍ସଆପ୍ ଓ ଫେସବୁକ୍‌ରେ ସମ୍ପର୍କ ସ୍ଥାପନ କରିଥିଲେ। ପରେ ବନ୍ଧୁତା ବଢ଼ିବାରୁ ଗତ ଜୁନ୍‌ରେ କୋରାପୁଟକୁ ବୁଲି ଆସିବାକୁ ଯବାନ ଜଣକ ମହିଳାଙ୍କୁ ଆମନ୍ତ୍ରଣ କରିଥିଲେ। ଆମନ୍ତ୍ରଣ ପରେ ମହିଳା ଜଣକ କୋରାପୁଟକୁ ବୁଲି ଯାଇଥିଲେ। ସେଠାରେ ଯବାନ ତାଙ୍କୁ ବଳାତ୍କାର କରିଥିଲେ। ଏପରିକି ତାଙ୍କ ଅଜାଣତରେ ଅଶ୍ଳୀଳ ଭିଡିଓ ମୋବାଇଲରେ ଉତ୍ତୋଳନ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଏହି ଭିଡିଓ ଦେଖାଇ ବ୍ଲାକମେଲିଂ କରିଥିଲେ। ପରେ କନଷ୍ଟେବଳ ଜଣକ ଏହି ଅଶ୍ଳୀଳ ଭିଡିଓ ମହିଳାଙ୍କ ସମ୍ପର୍କୀୟମାନଙ୍କୁ ଭାଇରାଲ କରିଥିଲେ। ଏହା ଜଣାପଡିବା ପରେ ମହିଳା ଜଣଙ୍କ ଏ ସମ୍ପର୍କରେ ସୁନ୍ଦରଗଡ ସଦର ଥାନାରେ ଗତ ୨୬ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁକରି ଗୋପନୀୟ ଭାବେ ତଦନ୍ତ ଚଳାଇଥିଲେ।

# ସମ୍ପରେ ଫସି ଠିକାଦାରଙ୍କ ସମେତ ୩ ମୃତ

**ଭୁବନେଶ୍ୱର, ୨।୮ (ବ୍ୟୁରୋ)**

ଏକ ନିର୍ମାଣାଧୀନ ଘରର ପାଣି ସମ୍ପରେ ଫସି ଜଣେ ଶ୍ରମିକ ଠିକାଦାର ଓ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପୁରୀ ବାଇପାସ୍ ରୋଡ୍ ପାର୍ଶ୍ୱ ପଳାଶୁଣି ଓ ପାଣ୍ଡରା ଛକ ମଧ୍ୟବର୍ତ୍ତୀ ଅଞ୍ଚଳରେ ଘଟିଛି ଏହି ଦୁଃଖଦ ଘଟଣା। ମୃତ ୩ଜଣ ହେଲେ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଅଞ୍ଚଳର ଶ୍ରମିକ ଠିକାଦାର ସମିରନ୍ ମୁନିୟାନ, ଶ୍ରମିକ ଭ୍ରିଗୁରାମ ମଣ୍ଡଳ ଓ ବାସୁଦେବ ମଣ୍ଡଳ। ପୋଲିସ ଓ ଅଗ୍ନିଶମବାହିନୀ ଘଟଣା ସ୍ଥଳରେ ପହଞ୍ଚି ପାଣିରେ ଭାସୁଥିବା ଅବସ୍ଥାରେ ମୃତଦେହଗୁଡ଼ିକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବାବେଳେ ମୃତଦେହଗୁଡ଼ିକୁ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ପରିବାର ଲୋକେ



ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ଶ୍ରମ

**ରାଜଧାନୀରେ ଦୁଃଖଦ ଘଟଣା**

**■ ତଦନ୍ତ ନିର୍ଦ୍ଦେଶ ଦେଲେ ଶ୍ରମ ମନ୍ତ୍ରୀ**

ମନ୍ତ୍ରୀ ସୁଶାନ୍ତ ସିଂ। ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ସେ ଶ୍ରମ ବିଭାଗ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଉକ୍ତ ନିର୍ମାଣାଧୀନ ଘରଟି ଅନୁଗୋଳସ୍ଥିତ ନାଲ୍‌କୋରେ କାର୍ଯ୍ୟରତ ଶ୍ରୀକାନ୍ତ ମହାନ୍ତିଙ୍କର ବୋଲି ଜଣାପଡ଼ିଛି। ଲକ୍ଷ୍ମଣ କରଣ ନାମକ ଜଣେ ଠିକାଦାର ଉକ୍ତ ଘର ନିର୍ମାଣ କରୁଥିବାବେଳେ ମୃତ ସମିରନ୍ ଶ୍ରମିକ ଠିକାଦାର ଥିଲେ। ସମିରନ୍, ଭ୍ରିଗୁରାମ, ବାସୁଦେବଙ୍କ ସମେତ ପ୍ରଶାନ୍ତ ପାତ୍ର, କାଳିପଦ କ୍ରାମନା, ଉତ୍ପଳ ଦାସ ଓ ବିଶାରୂପ ରଞ୍ଜିତ ସେଠାରେ ରହି କାର୍ଯ୍ୟ କରୁଥିଲେ। ମିଳିଥିବା ସୂଚନାନୁସାରେ,

☞ ପୃଷ୍ଠା-୪


AIMS COLLEGE
SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY)
PARDHIAPALI, SAMBALPUR



For Admission please Contact:
7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com



NECC NATIONAL EGG CO-ORDINATION COMMITTEE 02.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 65 | 113 | 123 |
| DKL | 62 | 109 | 119 |
| BDK | 66 | 114 | 124 |
| BLS | 67 | 115 | 125 |
| ANG | 63 | 110 | 120 |
| BHM | 62 | 109 | 119 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers



PRELIMS TODAY

OrissaPOST HERE . NOW

Presents

Reviving Quizzing
METTLE MEET 2019
A Quiz Extravaganza

LIVE STREAM...
GRAND FINALE : 4th AUGUST
Jr. Category : 2 PM onwards, Sr. Category : 6 PM onwards
Awards : 8 PM onwards
YouTube /orissapostlive /MettleMeet

Sponsors : OMC | ODISHA NEW OPPORTUNITIES, नालको NALCO A NAVRATNA COMPANY
Co-sponsors : IndianOil, GAIL (India) Limited, ODISHA INDIA'S BEST KEPT SECRET, MCL, vedanta transforming elements, adventz PARADEEP PHOSPHATES LIMITED
Partners : omfed, TEAM, [X]pose, Odisha Live



"ଧର୍ମ ଆଧାରରେ ବିଭାଜନକୁ ପ୍ରତ୍ୟାଖ୍ୟାନ କରି ଧର୍ମନିରପେକ୍ଷ ଭାରତକୁ ଗ୍ରହଣ କରିଥିବା ଏକମାତ୍ର ମୁସଲିମ୍ ବହୁଳ ରାଜ୍ୟକୁ କେନ୍ଦ୍ର ସରକାର ପ୍ରେମରେ ଜିତି ପାରିନାହାନ୍ତି। ଶେଷରେ ମୁଖା ଖୋଲିଯାଇଛି ଏବଂ ଭାରତ ଲୋକଙ୍କୁ ନୁହେଁ, ବରଂ ଭୂଖଣ୍ଡକୁ ବାଛିଛି।"

-ମେହବୁବା ମୁଫ୍ତି, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ

## ରବୀଶ କୁମାରଙ୍କୁ ରେମନ୍ ମାଗ୍‌ସେସେ

**ନୂଆଦିଲ୍ଲୀ,୨।୮(ପି.ଟି.):** ବରିଷ୍ଠ ସାମ୍ବାଦିକ ତଥା ଟିଭି ଉପସ୍ଥାପକ ରବୀଶ କୁମାରଙ୍କୁ ଚଳିତବର୍ଷର ସମ୍ମାନଜନକ ରେମନ୍ ମାଗ୍‌ସେସେ ପୁରସ୍କାର ପ୍ରଦାନ କରାଯିବ। ୧୯୭୪ ଡିସେମ୍ବର ୫ରେ ବିହାରର ମୋତିହାରିରେ ଜନ୍ମିତ ରବୀଶ କୁମାର ସମ୍ପ୍ରତି ଏନ୍‌ଡିଟିଭି ଇଣ୍ଡିଆର ବରିଷ୍ଠ କାର୍ଯ୍ୟନିର୍ବାହୀ ସମ୍ପାଦକ ଭାବେ କାର୍ଯ୍ୟରତ। ୪୫ ବର୍ଷୀୟ ରବୀଶ ଭାରତର ଅନ୍ୟତମ ପ୍ରଭାବଶାଳୀ ଟିଭି ସାମ୍ବାଦିକ ବୋଲି ରେମନ୍ ମାଗ୍‌ସେସେ ଆୱାର୍ଡ ଫାଉଣ୍ଡେଶନ୍ ପକ୍ଷରୁ କୁହାଯାଇଛି। ଏହି ଅବସରରେ ରବୀଶଙ୍କ ନିକଟକୁ ଶୁକ୍ରବାର ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, କ୍ଷମତାରେ ଥିବା ଲୋକଙ୍କୁ ନିର୍ଭୀକ ଭାବେ ବାସ୍ତବତାର ଦର୍ପଣ ଦେଖାଇଥିବା ରବୀଶ କୁମାର ରେମନ୍ ମାଗ୍‌ସେସେ ଆୱାର୍ଡ ପାଇଁ ମନୋନୀତ ହେବା ଗର୍ବର ବିଷୟ। ଏହା ପୂର୍ବରୁ ଆର୍.କେ. ଲକ୍ଷ୍ମଣ, ପି. ସାଇନାଥ, ଅରୁଣ ସୌରୀ, କିରନ୍ ବେଦୀ ମଧ ରେମନ୍ ମାଗ୍‌ସେସେ ଆୱାର୍ଡ ପାଇସାରିଛନ୍ତି। ଏସିଆର ନୋବେଲ ପୁରସ୍କାର ବିବେଚନା ହେଉଥିବା ଏହି ସମ୍ମାନ ପାଇଁ ଚଳିତବର୍ଷ ମନୋନୀତ ସହବିଜେତାମାନେ ହେଲେ କୋ ସ୍ୱେ (ମ୍ୟାନ୍‌ମାର), ଅଙ୍ଗଖାନା ନୀଲାପାଇଜିତ୍ (ଥାଇଲାଣ୍ଡ), ରେମଣ୍ଡେ ପୁଜାନ୍ତେ କାୟାବ୍ୟାବ (ଫିଲିପାଇନ୍ସ) ଏବଂ କିମ୍ ଜୋଙ୍ଗ୍-କି (ଦକ୍ଷିଣ କୋରିଆ)।

## ■ କଶ୍ମୀରରେ ପଶିଛନ୍ତି ପାକିସ୍ତାନୀ ଆତଙ୍କବାଦୀ

# ଟାର୍ଗେଟରେ ଯବାନ, ଅମରନାଥ ଯାତ୍ରୀ

**ଶ୍ରୀନଗର,୨।୮(ପି.ଟି./ ଆଇଏଏନ୍‌ଏସ୍)**

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରୁ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ସମେତ ଆଉ କେତେକ ସଙ୍ଗଠନର ଆତଙ୍କବାଦୀମାନେ ଉପତ୍ୟକାରେ ଅନୁପ୍ରବେଶ କରିଛନ୍ତି। ଜୁଲାଇ ଶେଷ ସପ୍ତାହରେ ୫ ସଶସ୍ତ୍ର ଆତଙ୍କବାଦୀ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କରି ଜମ୍ମୁ-କଶ୍ମୀରରେ ବୁଲୁଛନ୍ତି। ପାକିସ୍ତାନରେ ଉଚ୍ଚ ତାଲିମ୍‌ପ୍ରାପ୍ତ ଏହି ଆତଙ୍କବାଦୀମାନେ ଅମରନାଥ ଯାତ୍ରୀ ଓ ସୁରକ୍ଷା ଦାୟିତ୍ୱରେ ଥିବା ଯବାନମାନଙ୍କୁ ଆକ୍ରମଣ କରିପାରନ୍ତି ବୋଲି ଗୋଇନ୍ଦା ସୂଚନା ମିଳିବା ପରେ ଉପତ୍ୟକାରେ ହାଇଆଲର୍ଟ ଜାରି କରାଯାଇଛି। ସେହିପରି ଅମରନାଥ ରାସ୍ତାରେ ପାକିସ୍ତାନ ନିର୍ମିତ ମାଇନ୍ ଓ ଅସ୍ତ୍ରଶସ୍ତ୍ର ମିଳିବା ପରେ ଶୁକ୍ରବାର ତୁରନ୍ତ ଫେରିଆସିବା ପାଇଁ ଯାତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଫେବୃୟାରୀ ୧୪ ପୁଲୱାମା ଆକ୍ରମଣରେ ୪୦ ସିଆର୍‌ପିଏଫ୍ ଯବାନଙ୍କ ଜୀବନ ନେଇଥିବା ଜେଇଏମ୍ ଜମ୍ମୁ-କଶ୍ମୀରରେ ପୁଣି ଏକ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଘଟାଇବା ପାଇଁ ପ୍ରସ୍ତୁତ ହେଉଛି। ଏହିକ୍ରମରେ ଶୁକ୍ରବାର ସକାଳେ ପୁଲୱାମାର ଜାହିଦ୍‌ବାଗ୍‌ରେ ୫୫ ରାଷ୍ଟ୍ରୀୟ ରାଇଫଲ୍‌ସର ଏକ ଗାଡ଼ିକୁ ଆତଙ୍କବାଦୀ ଟାର୍ଗେଟ କରିଥିଲେ। ସେମାନେ ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି) ବିସ୍ଫୋରଣ କରିଥିଲେ। ହେଲେ ଏଥିରେ କେହି ମୃତାହତ ହୋଇନାହାନ୍ତି। ସେପଟେ ଅମରନାଥର ପବିତ୍ର ଗୁମ୍ଫାକୁ ଯାଇଥିବା ବାଟାଲ ଓ ପହଲଗାମ୍ ରାସ୍ତାରେ ତଲାସି ବେଳେ ପାକିସ୍ତାନ ନିର୍ମିତ ମାଇନ୍ ଓ ବିପୁଳ ଅସ୍ତ୍ରଶସ୍ତ୍ର ଠାବ ହୋଇଛି। ପାକିସ୍ତାନୀ ସେନା ସହାୟତାରେ ଆତଙ୍କବାଦୀମାନେ ଯାତ୍ରୀଙ୍କୁ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇ ରହିଥିବା ନେଇ ବିଗତ ୩ରୁ ୪ ଦିନ ମଧ୍ୟରେ ନିର୍ଦ୍ଦିଷ୍ଟ ଭାବେ ସୂଚନା ମିଳିଛି। କେତେକ ଆଇଇଡିକୁ ନିଷ୍କ୍ରିୟ କରାଯାଇଛି। ସେହିପରି ଗୋଟିଏ ଆମେରିକୀୟ ଏମ୍-୨୪ ସ୍ନାଇପର ରାଇଫଲ ଓ ପାକିସ୍ତାନ ଗୋଳାବରୁଦ କାରଖାନାରେ ନିର୍ମିତ ମାଇନ୍ ମଧ ମିଳିଥିବା ସେନାର ୧୫ କର୍ପ ଲ୍ୟୁଟ୍‌ନାଣ୍ଟ ଜେନେରାଲ କେ.ଜେ.ଏସ୍. ଢିଲୋଁ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଯାତ୍ରୀ ଓ ପର୍ଯ୍ୟଟକମାନଙ୍କ ଉପରେ କୌଣସି ପ୍ରକାର ଆକ୍ରମଣକୁ ଏଡ଼ାଇବା ଲାଗି ସେମାନଙ୍କୁ ତୁରନ୍ତ ଫେରିଆସିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀମାନେ ଯଥାଶୀଘ୍ର ସମ୍ଭବ ଫେରିଆସନ୍ତୁ ବୋଲି ପ୍ରଧାନ ସଚିବ (ଗୃହ) ଏକ ସୁରକ୍ଷା ନିର୍ଦ୍ଦେଶନାମା ଜାରି କରିଛନ୍ତି।



ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା କରି ହାଇଆଲର୍ଟ ଜାରି ପରେ ଡାଲ୍ ହ୍ରଦରୁ ଫେରୁଛନ୍ତି ପର୍ଯ୍ୟଟକ।

**ହାଇଆଲର୍ଟ ଜାରି**
- ■ଅମରନାଥ ରାସ୍ତାରେ ମିଳିଲା ପାକିସ୍ତାନ ନିର୍ମିତ ମାଇନ, ଅସ୍ତ୍ରଶସ୍ତ୍ର
- ■ତୁରନ୍ତ ଫେରିବାକୁ ଯାତ୍ରୀଙ୍କୁ ନିର୍ଦ୍ଦେଶ

## ■ ମଧ୍ୟସ୍ଥତା ଉଦ୍ୟମ ବିଫଳ

# ୬ରୁ ଅଯୋଧ୍ୟା ଶୁଣାଣି

**ନୂଆଦିଲ୍ଲୀ,୨।୮(ପି.ଟି.)**



ମଧ୍ୟସ୍ଥତା ମାଧ୍ୟମରେ ଅଯୋଧ୍ୟା ଜମି ବିବାଦର ଆପୋସ ସମାଧାନ ଉଦ୍ୟମ ବିଫଳ ହୋଇଛି। ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଏହି ମାମଲାର ଦୈନନ୍ଦିନ ଶୁଣାଣି ଆସନ୍ତା ୬ରୁ ଆରମ୍ଭ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ସର୍ବୋଚ୍ଚ ଅଦାଲତର ପୂର୍ବତନ ବିଚାରପତି ଜଷ୍ଟିସ୍ ଏଫ୍.ଏମ୍.ଆଇ. କଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ମଧ୍ୟସ୍ଥ କମିଟି ୪ ମାସ ଧରି ଉଦ୍ୟମ କରିଥିଲେ ହେଁ କୌଣସି ବୃତ୍ତାନ୍ତ ଫଳାଫଳ ମିଳିପାରି ନାହିଁ। ତେଣୁ ଅଦାଲତଙ୍କୁ ମାମଲା ଉପରେ ନିଷ୍ପତ୍ତି ନେବାକୁ ହେବ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ କହିଛନ୍ତି।

ବିଭିନ୍ନ ପକ୍ଷଙ୍କ ଜବାବସୁଆଲ ଶେଷ ହେବା ପର୍ଯ୍ୟନ୍ତ ମାମଲାର ଦୈନନ୍ଦିନ ଶୁଣାଣି ହେବ। ମଧ୍ୟସ୍ଥ କମିଟି ଜୁଲାଇ ୩୧ ସୁଦ୍ଧା ମାମଲାରେ କେତେ ଅଗ୍ରଗତି କରିଛି ତା'ର ରିପୋର୍ଟ ଅଗଷ୍ଟ ୧ରେ ଦାଖଲ କରିବା ପାଇଁ ଖଣ୍ଡପୀଠ ଜୁଲାଇ ୧୮ରେ ନିର୍ଦ୍ଦେଶ ଦେଇଥିଲେ। ହିନ୍ଦୁ ଓ ମୁସଲମାନ ପକ୍ଷ ଏହି ବିବାଦର ସମାଧାନ ସୂତ୍ର ବାହାର କରିବାରେ ବିଫଳ ହୋଇଥିବା ମଧ୍ୟସ୍ଥ କମିଟି ଅଦାଲତଙ୍କୁ ଜଣାଇଥିଲେ।

ମୁସଲମାନ ପକ୍ଷର ଓକିଲ ରାଜୀବ ଧାୱନ କେତେକ ବୈଷୟିକ ପ୍ରସଙ୍ଗ ଉଠାଇ ଯୁକ୍ତି ଉପସ୍ଥାପନ ଲାଗି ୨୦ ଦିନ ସମୟ ଆବଶ୍ୟକ ବୋଲି କହିଥିଲେ। ଭାଜପା ନେତା ସୁବ୍ରମଣ୍ୟମ ସ୍ୱାମୀ ଓ ମୁସଲମାନ ସଂଗଠନ ପକ୍ଷରୁ ଦାଏର ରିଟ୍ ପିଟିଶନ ବିଚାର ଅପେକ୍ଷାରେ ପଡ଼ିରହିଥିବା କଥା ମଧ ସେ ଉଠାଇଥିଲେ।

ଅଯୋଧ୍ୟାର ବିବାଦୀୟ ଜମିରେ ଷୋଡ଼ଶ ଶତାବ୍ଦୀରୁ ନିର୍ମିତ ବାବ୍ରୀ ମସ୍‌ଜିଦ୍‌କୁ ୧୯୯୨ ଡିସେମ୍ବର ୬ରେ ହିନ୍ଦୁ କରସେବକମାନେ ଭାଙ୍ଗିଦେଇଥିଲେ। ୨.୭୭ ଏକର ବିବାଦୀୟ ଜମିକୁ ତିନି ପକ୍ଷ ସୁନ୍ନୀ ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡ଼ା ଏବଂ ରାମଲାଲାଙ୍କ ମଧ୍ୟରେ ସମାନ ଭାବେ ଭାଗ କରିବା ପାଇଁ ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ରାୟ ଦେଇଥିଲେ। ଏହା ବିରୋଧରେ ସୁପ୍ରିମକୋର୍ଟରେ ୧୪ଟି ପିଟିଶନ୍ ଦାଏର ହୋଇଥିଲା।

# ୟୁଏପିଏ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

**ନୂଆଦିଲ୍ଲୀ,୨।୮(ପି.ଟି.)**

ଆତଙ୍କବାଦ ନିରୋଧୀ ଆଇନ (ୟୁଏପିଏ)ରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନକୁ ଶୁକ୍ରବାର ପାର୍ଲାମେଣ୍ଟ ଅନୁମୋଦନ କରିଛି। ଫଳରେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ କେନ୍ଦ୍ର ଓ ରାଜ୍ୟ କର୍ତ୍ତୃପକ୍ଷ ଆତଙ୍କବାଦୀ ଘୋଷଣା କରିବା ସହ ତାଙ୍କ ସମ୍ପତ୍ତିକୁ ଜବତ କରିପାରିବେ। ୧୯୬୭ର ଆଇନରେ ସଂଶୋଧନ ପାଇଁ ସରକାର ଆଣିଥିବା ବେଆଇନ କାର୍ଯ୍ୟକଳାପ ନିବାରଣ (ସଂଶୋଧନ) ବିଲ୍‌କୁ ଶୁକ୍ରବାର ରାଜ୍ୟ ସଭା ଅନୁମୋଦନ କରିଛି। ବିଲ୍ ସପକ୍ଷରେ ୧୪୭ ଭୋଟ ପଡ଼ିଥିବାବେଳେ ବିପକ୍ଷରେ ୪୨ଟି ଭୋଟ ଯାଇଥିଲା। ବିଲ୍‌କୁ କଂଗ୍ରେସ ଓ ବିଏସ୍‌ପି ସମର୍ଥନ କରିଥିଲେ। ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ ବିରୋଧୀ ଦଳ ଆଣିଥିବା ପ୍ରସ୍ତାବ କାଟ୍ ଖାଇଯାଇଥିଲା। ପ୍ରସ୍ତାବ ସପକ୍ଷରେ ୮୫ ଭୋଟ ମିଳିଥିବାବେଳେ ବିପକ୍ଷରେ ୧୦୪ ଭୋଟ ପଡ଼ିଥିଲା। ଗତ ୨୪ ତାରିଖରେ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲା।



**ସନ୍ଦିଗ୍ଧଙ୍କୁ ଆତଙ୍କବାଦୀ ଘୋଷଣା କରିପାରିବ ଏନ୍‌ଆଇଏ**

ଆଲୋଚନାର ଉତ୍ତର ରଖି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ କହିଥିଲେ, ସଂଶୋଧିତ ଆଇନ କେବଳ ଆତଙ୍କବାଦ ଦମନ ପାଇଁ ବ୍ୟବହାର କରାଯିବ। ରାଜନୈତିକ ଫାଇଦା ପାଇଁ କଂଗ୍ରେସ ଆତଙ୍କବାଦ ସହ ଧର୍ମକୁ ଯୋଡ଼ି ଆଇନକୁ ରଙ୍ଗ ଦେଉଛି ବୋଲି ଶାହ ଅଭିଯୋଗ କରିଥିଲେ। ସମଝୌତା ଏକ୍ସପ୍ରେସ୍ ଏବଂ ମକ୍କା ମସ୍‌ଜିଦ ମାମଲାରେ ନିର୍ଦ୍ଦିଷ୍ଟ ଧର୍ମର ବ୍ୟକ୍ତିଙ୍କ ବିରୋଧରେ ଚାର୍ଜସିଟ୍ କରିବାରେ କଂଗ୍ରେସ ସରକାର ବିଫଳ ହେବାରୁ ଅଭିଯୁକ୍ତ ଦୋଷମୁକ୍ତ ହୋଇଥିଲେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ। ସଂଶୋଧିତ ଆଇନର ଅପବ୍ୟବହାର ହୋଇପାରେ ବୋଲି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଥିବାବେଳେ ଏହାକୁ ଖଣ୍ଡନ କରି କାହାର ମାନବାଧିକାରର ଉଲ୍ଲଂଘନ ହେବ ନାହିଁ ବୋଲି ଶାହ ଗୃହକୁ ପ୍ରତିଶ୍ରୁତି ଦେଇଥିଲେ। କୌଣସି ବ୍ୟକ୍ତିଙ୍କୁ ଆତଙ୍କବାଦୀ ଘୋଷଣା କରିବା ପୂର୍ବରୁ ୪ ଥାକିଆ ଯାଞ୍ଚ ବ୍ୟବସ୍ଥା ରହିଛି। ଏଥିସହିତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅପିଲ୍ କରିବା ସୁଯୋଗ ବିଲ୍‌ରେ ରହିଛି।

## ■ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ଲାଗି ପ୍ରସ୍ତୁତ: ଟ୍ରମ୍ପ

# ପ୍ରସ୍ତାବକୁ ଜୟଶଙ୍କରଙ୍କ ପ୍ରତ୍ୟାଖ୍ୟାନ

**ୱାଶିଂଟନ/ବ୍ୟାଙ୍କକ୍,୨।୮(ପି.ଟି.)**

କଶ୍ମୀର ସମସ୍ୟା ହେଉଛି ଦ୍ୱିପାକ୍ଷିକ ପ୍ରସଙ୍ଗ। ଯଦି ଭାରତ ଓ ପାକିସ୍ତାନ ଏହାର ସମାଧାନ ଲାଗି ମୋତେ ମଧ୍ୟସ୍ଥତା କରିବାକୁ କହନ୍ତି, ତେବେ ମୁଁ ଖୁସିହେବି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ପ୍ରକାଶ କରିଛନ୍ତି। ତେବେ ଟ୍ରମ୍ପଙ୍କ ଏଭଳି ମନ୍ତବ୍ୟକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ବ୍ୟାଙ୍କକ୍‌ରେ ଅନୁଷ୍ଠିତ ନବମ ପୂର୍ବ ଏସିଆ ବହିର୍ବ୍ୟାପାର ମନ୍ତ୍ରୀ ସମ୍ମିଳନୀ ଅବସରରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏନେଇ ଆମେରିକା ପ୍ରତିପକ୍ଷ ମାଇକ୍ ପୋମ୍ପେଓଙ୍କ ସହ ଆଲୋଚନା କରିଥିଲେ। ଏଥିରେ କଶ୍ମୀର ହେଉଛି ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ଜୟଶଙ୍କର ସ୍ପଷ୍ଟ କରିଥିଲେ। ଏହି ପ୍ରସଙ୍ଗରେ କାହାର ମଧ୍ୟସ୍ଥତା ଦରକାର ନାହିଁ। ଏଥିସହ ବିଭିନ୍ନ ଆଞ୍ଚଳିକ ପ୍ରସଙ୍ଗ ଉପରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବୈଠକରେ ଯୋଗ ଦେବାଲାଗି ବ୍ୟାଙ୍କକ୍ ଯାଇଥିବା ଜୟଶଙ୍କର ଆସିଆନ୍-ଭାରତ ମନ୍ତ୍ରୀ ସ୍ତରୀୟ ବୈଠକ, ନବମ ପୂର୍ବ ଏସିଆ ବୈଦେଶିକ ମନ୍ତ୍ରୀ ସ୍ତରୀୟ ସମ୍ମିଳନୀ, ୨୬ତମ ଆସିଆନ୍ ରିଜିଓନାଲ ଫୋରମ୍ ଆଦି ବୈଠକରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି। ପ୍ରକାଶଥାଉ କି, ଗତ ସପ୍ତାହରେ ଟ୍ରମ୍ପ ମଧ କଶ୍ମୀର ପ୍ରସଙ୍ଗରେ ମୁହଁଖୋଲି ମଧ୍ୟସ୍ଥତା କରିବା ଲାଗି କହିଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଜାପାନରେ ଅନୁଷ୍ଠିତ ଜି-୨୦ ବୈଠକବେଳେ ତାଙ୍କୁ କହିଥିବା ଟ୍ରମ୍ପ ନିଜ ମନ୍ତବ୍ୟରେ ଉଲ୍ଲେଖ କରିଥିଲେ, ଯାହାକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା।

## ଫୁରସତ

# ଦ୍ୱିତୀୟ ଜନ୍ମଦିବସ ପାଳିଲେ ବିଗ୍ ବି



**ମୁମ୍ବାଇ:** ସମସ୍ତେ ଗୋଟିଏ ଜନ୍ମଦିନ ପାଳନ କରନ୍ତି। କିନ୍ତୁ ବିଗ୍ ବି ଦ୍ୱିତୀୟ ଜନ୍ମଦିବସ ପାଳନ କରିଛନ୍ତି। ଅର୍ଥାତ୍ ସେ ଯେଉଁଦିନ ମୃତ୍ୟୁମୁଖରୁ ଫେରିଆସିଥିଲେ ସେଦିନ ଥିଲା ଅଗଷ୍ଟ ୨। ସେହିଦିନ ଅମିତାଭ୍ ପୁନର୍ଜୀବନ ଲାଭ କରିଥିଲେ। ଦୀର୍ଘ ୩୭ବର୍ଷ ତଳେ ୧୯୮୨ରେ 'କୁଲି' ଚଳଚ୍ଚିତ୍ର ଶୁଟିଂ ବେଳେ ମେଗାଷ୍ଟାର ଅମିତାଭ ପାକସ୍ଥଳୀରେ ଗୁରୁତର ଆଘାତ ପାଇଥିଲେ। ତାଙ୍କ ପ୍ରଶଂସକ ଏବଂ ପରିବାର ସଦସ୍ୟ ଅମିତାଭଙ୍କ ବଞ୍ଚିବା ଆଶା ହରାଇ ବସିଥିଲେ। କିଛିଦିନ ଅଚେତନ ଅବସ୍ଥାରେ ରହିବା ପରେ ଯେଉଁଦିନ ତାଙ୍କର ଚେତା ଆସିଲା ସେଦିନ ଥିଲା ଅଗଷ୍ଟ ୨। ସେହିଦିନକୁ ତାଙ୍କ ପରିବାର ସଦସ୍ୟ ଏବଂ ପ୍ରଶଂସକମାନେ ଭୁଲିପାରିବେ ନାହିଁ। ସେ ଦିନର ସେହି ଅଭୁଲା ଦିନ ମନେପକାଇ ଅମିତାଭ ଏକ ମେସେଜ୍ ପୋଷ୍ଟ କରିଛନ୍ତି। ପ୍ରଶଂସକଙ୍କ ଭଲପାଇବା ତାଙ୍କୁ ପୁନର୍ଜୀବନ ଦେଲା ବୋଲି ସେ ଟୁଇଟ୍ କରିଛନ୍ତି। ବିଗ୍ ବି'ଙ୍କ ପୁତ୍ର ତଥା ଅଭିନେତା ଅଭିଷେକ ବଚନ ମଧ ପିତାଙ୍କ 'ଦ୍ୱିତୀୟ ଜନ୍ମଦିବସ' ପାଳନ ବିଷୟ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ୩୭ବର୍ଷ ତଳେ ପିତା ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିଲେ। କୁଲି ଚଳଚ୍ଚିତ୍ର ଶୁଟିଂବେଳେ ସେ ଯେପରି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଆମେ ଆଶାହରା ହୋଇପଡ଼ିଥିଲୁ। ଡାକ୍ତରଙ୍କ ଅକ୍ଳାନ୍ତ ଚେଷ୍ଟାରେ ଅଗଷ୍ଟ ୨ରେ ସେ ଆଶ୍ଚର୍ଯ୍ୟଜନକ ଭାବେ ପୁନର୍ଜୀବନ ଲାଭ କରିଥିବାରୁ ଆମେ ତାଙ୍କର ଦ୍ୱିତୀୟ ଜନ୍ମଦିବସ ପାଳନ କରୁଛୁ। 'ହାପି ବାର୍ଥ ଡେ ପା! ଲଭ୍ ୟୁ।' ଲେଖିବା ସହିତ ଭଉଣୀ ଓ ବାପାଙ୍କ ସହିତ ନିଜର ଏକ ପୁରୁଣା ଫଟୋ ସେ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।

# ଯୋଡ଼ାମୁଣ୍ଡ ଶିଶୁ ଅଲଗା ହେଲେ

**ଢାକା:** ହଙ୍ଗେରୀର ଏକ ଚିକିତ୍ସକ ଦଳ ସଫଳତାର ସହିତ ବାଂଲାଦେଶର ଯୋଡ଼ାମୁଣ୍ଡ ଯମଜ ଶିଶୁଙ୍କୁ ଅଲଗା କରିବାରେ ସଫଳ ହୋଇଛନ୍ତି। ଏଥିପାଇଁ ସେମାନଙ୍କୁ ୩୩ଘଣ୍ଟା ପରିଶ୍ରମ କରିବାକୁ ପଡିଥିଲା। ଉଭୟ ଶିଶୁଙ୍କ ଖପୁରି ଯୋଡି ହୋଇ ରହିଥିଲା। ସ୍ଥାନୀୟ ମିଲିଟାରି ହସ୍ପିଟାଲ୍‌ରେ ଏପରି ଏକ ବିରଳ ଅସ୍ତ୍ରୋପଚାର ସଫଳ ହେବା ପରେ ଶିଶୁଦ୍ୱୟଙ୍କ ମାତାପିତା ଆନନ୍ଦ ପ୍ରକାଶ କରିଛନ୍ତି।

ଗୁରୁବାର ଅସ୍ତ୍ରୋପଚାର ପରେ ଶିଶୁଦୁହିଁଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ବୁଦାପେଷ୍ଟ ଭିତ୍ତିକ ମେଡିକାଲ ଏଡ୍ ଚାରିଟି ଆକ୍ସନ ଫର ଡିଫେନ୍ସଲେସ୍ ପିପୁଲ ଫାଉଣ୍ଡେଶନ୍ (ଏଡିପିଏଫ୍)ର ଚିକିତ୍ସକ ଏବଂ ସ୍ଥାନୀୟ ଡାକ୍ତରମାନେ ଯୋଡାଶିଶୁଙ୍କୁ ପୃଥକ୍ କରିବାରେ ସଫଳ ହୋଇଛନ୍ତି। ରବେୟା ଏବଂ ରୁକିୟା ନାମକ ଏହି ଦୁଇ ଶିଶୁଙ୍କ ବୟସ ଜୁଲାଇରେ ୩ବର୍ଷ ପୂରଣ ହୋଇଛି। ସେମାନଙ୍କ ପିତା ରଫିକୁଲ ଇସଲାମ୍ କହିଛନ୍ତି, ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ଭଲ ରହିଥିବା ଡାକ୍ତରଙ୍କଠାରୁ ସୂଚନା ମିଳିଛି। ଅପରେଶନ୍ ପୂର୍ବରୁ ଯୋଡା ଶିଶୁଙ୍କୁ ଚଳିତବର୍ଷ ଜାନୁୟାରୀଠାରୁ ୭ମାସ ପାଇଁ ହଙ୍ଗେରୀରେ ରଖାଯାଇ ପରୀକ୍ଷାନିରୀକ୍ଷା କରାଯାଉଥିଲା। ଜୁଲାଇ ୨୨ରେ ଦୁହିଁଙ୍କୁ ଢାକା ଅଣାଯାଇଥିଲା। ସାଙ୍ଗରେ ଥିଲେ ପାଖାପାଖି ୩୦ଜଣିଆ ଡାକ୍ତର ଟିମ୍। ସେମାନେ ଅପରେଶନ୍ କାର୍ଯ୍ୟ ସଫଳତାର ସହିତ ସମ୍ପାଦନ କରିଥିବାରୁ ରଫିକୁଲ ସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି, 'ଆମେ ଡାକ୍ତର ଟିମ୍ ଏବଂ ସାହାଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କ ପ୍ରତି ବାସ୍ତବରେ କୃତଜ୍ଞ। ଆମେ ଆଜି ପୁନର୍ଜୀବନ ଲାଭକରିବା ଭଳି ଅନୁଭବ କରୁଛୁ।'



**୩୩ ଘଣ୍ଟାର ଅସ୍ତ୍ରୋପଚାର ସଫଳ**

୨୦୧୬ ଜୁଲାଇ ୧୬ରେ ପାବ୍‌ନା ଜିଲାର ଏକ ଚିକିତ୍ସାଳୟରେ ସିଜରିଆନ୍ ଅପରେଶନ୍ ଦ୍ୱାରା ଯୋଡା ଶିଶୁଙ୍କୁ ପ୍ରସବ କରାଯାଇଥିଲା। ଜନ୍ମ ସମୟରେ ଦୁହେଁ ବେଶ୍ ସୁସ୍ଥ ଥିଲେ। ସ୍କୁଲରେ ଶିକ୍ଷକତା କରୁଥିବା ଏହି ଦମ୍ପତି ରଫିକୁଲ ଏବଂ ତସ୍‌ଲିମା ଖାତୁନଙ୍କର ଯୋଡା ଶିଶୁଙ୍କୁ ଅଲଗା କରିବା ଖୁବ୍ ଚର୍ଚ୍ଚାର ବିଷୟ ହୋଇଥିଲା।

[ଇତିହାସର ଆଇନାରେ]

## ଅଗଷ୍ଟ ୩ର ପ୍ରମୁଖ ଘଟଣା

୧୯୯୭ ଅଗଷ୍ଟ ୩ରେ ନିଉଜିଲାଣ୍ଡର ଅକଲାଣ୍ଡଠାରେ ସ୍କାଏ ଟାୱାର ଅନାବରଣ ହେଲା। ଏହା ନିର୍ମାଣ ହେବାକୁ ଅଢ଼େଇ ବର୍ଷ ଲାଗିଥିଲା। ଉକ୍ତ ସ୍କାଏ ଟାୱାର ଟେଲିକମ୍ୟୁନିକେଶନ୍ସ ଏବଂ ଅବଜରଭେଶନ୍ ଟାୱାର ଭାବେ କାର୍ଯ୍ୟ କରୁଛି। ୩୨୮ ମିଟର ଉଚ୍ଚତା ବିଶିଷ୍ଟ ଏହି ଢାଞ୍ଚା ବିଶ୍ୱର ୨୫ତମ ଟାୱାର ଏବଂ ଏହାର ସ୍ୱତନ୍ତ୍ର ଡିଜାଇନ୍ ଖୁବ୍ ଆକର୍ଷଣୀୟ।

୨୦୧୪ ଅଗଷ୍ଟ ୩ରେ ଚାଇନାର ୟୁନାନ୍ ପ୍ରଦେଶରେ ୬.୧ ତୀବ୍ରତାର ଭୂମିକମ୍ପ ହେବା ଯୋଗୁ ୬୧୭ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୨୪୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଦକ୍ଷିଣ ପଶ୍ଚିମ ଚାଇନାର ୟୁନାନ ପ୍ରଦେଶର କ୍ଷେତ୍ରଫଳ ୩୯୪,୦୦୦ ବର୍ଗ କିଲୋମିଟର। ଏହାର ରାଜଧାନୀ କୁନମିଙ୍ଗ୍। ଏହି ପ୍ରଦେଶର ସୀମାକୁ ଲାଗି ଗୁଆଙ୍ଗ୍‌ଜି, ଗୁଇଝୋଉ, ସିଚୁଆନ୍ ଏବଂ ତିବ୍ବତ ସ୍ୱୟଂଶାସିତ ଅଞ୍ଚଳ ରହିଛି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୪.୭ |
| ଚାନ୍ଦବାଲି | ୩୪.୭ | ୨୬.୦ |
| କଟକ | ୩୧.୨ | ୨୩.୫ |
| ପାରାଦ୍ୱୀପ | ୩୦.୦ | ୨୬.୧ |
| ଭୁବନେଶ୍ୱର | ୩୦.୦ | ୨୫.୬ |
| ଗୋପାଳପୁର | ୩୦.୦ | ୨୬.୨ |
| ପୁରୀ | ୩୧.୦ | ୨୫.୦ |
| ଅନୁଗୋଳ | ୩୩.୧ | ୨୧.୦ |
| ବାରିପଦା | ୩୪.୨ | ୨୬.୬ |
| ଝାରସୁଗୁଡ଼ା | ୩୦.୮ | ୨୪.୬ |
| କେନ୍ଦୁଝର | ୩୦.୬ | ୨୩.୫ |
| ସମ୍ବଲପୁର | ୩୧.୫ | ୨୪.୩ |
| ସୁନ୍ଦରଗଡ଼ | ୨୬.୦ | ୨୧.୦ |
| ହୀରାକୁଦ | ୨୮.୯ | ୨୪.୬ |
| ତାଳଚେର | ୩୧.୮ | ୨୫.୦ |
| ଭବାନୀପାଟଣା | ୨୮.୦ | ୨୪.୮ |
| ବଲାଙ୍ଗୀର | ୨୭.୫ | ୨୪.୨ |
| କୋରାପୁଟ | ୨୨.୬ | ୧୮.୨ |
| ଫୁଲବାଣୀ | ୨୭.୮ | ୨୩.୫ |
| ଟିଟିଲାଗଡ଼ | ୨୭.୦ | ୨୧.୦ |
| ମାଲକାନଗିରି | ୨୫.୦ | ୧୮.୨ |
| ସୋନପୁର | ୩୦.୦ | ୨୦.୮ |
| ଦାରିଙ୍ଗିବାଡ଼ି | ୨୪.୫ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

# ଭାରତୀୟ ବଂଶୋଦ୍ଭବଙ୍କୁ ମିସ୍ ଇଂଲଣ୍ଡ ମୁକୁଟ

**ଲଣ୍ଡନ:** ଭାରତୀୟ ବଂଶୋଦ୍ଭବ ୨୩ବର୍ଷୀୟା ଡାକ୍ତର ଭାଷା ମୁଖାର୍ଜୀ ମିସ୍ ଇଂଲଣ୍ଡ ମୁକୁଟ ବିଜୟିନୀ ହୋଇଛନ୍ତି। ଇଂଲଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ୧୨ଜଣ ମଡେଲଙ୍କୁ ପଛରେ ପକାଇ ସେ ମୁକୁଟ ଜିତିଛନ୍ତି। ଭାଷା ଦୁଇଟି ପୃଥକ୍ ମେଡିକାଲ ଡିଗ୍ରୀ ହାସଲ କରିବା ସହିତ ଆଇକ୍ୟୁରେ ୧୪୬ ର୍‍ୟାଙ୍କ୍‌ରେ ରହିଛନ୍ତି। ସେ ୫ଟି ଭାଷାରେ ଅନର୍ଗଳ କହିପାରନ୍ତି ବୋଲି ଡେଲି ମେଲ୍‌ରେ ରିପୋର୍ଟ ପ୍ରକାଶ ପାଇଛି। ଗୁରୁବାର ସନ୍ଧ୍ୟାରେ ମିସ୍ ଇଂଲଣ୍ଡ ଫାଇନାଲ୍ ଶେଷ ହେବାର କିଛି ଘଣ୍ଟା ପରେ ବୋଷ୍ଟନସ୍ଥିତ ଲିଙ୍କନଶାୟାର ହସ୍ପିଟାଲ୍‌ରେ ସେ ଜଣେ କନିଷ୍ଠ ଡାକ୍ତର ଭାବେ ଚାକିରି ଜୀବନ ଆରମ୍ଭ କରିଛନ୍ତି। ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, 'ମେଡିକାଲ ସ୍କୁଲ୍‌ରେ ପାଠପଢ଼ା ମଧ୍ୟଭାଗରେ ସୁନ୍ଦରୀ ପ୍ରତିଯୋଗିତାରେ ଭାଗନେବାକୁ କ୍ୟାରିୟର ଆରମ୍ଭ କରିଥିଲି। ଏଥିପାଇଁ ଖୁବ୍ ଖୁସି ଲାଗିଲା। କିନ୍ତୁ ପାଠପଢ଼ାରେ ଅଧିକ ମନୋନିବେଶ କରି ଏଥିରୁ କିଛିଦିନ ବିରତି ନେଲି। ପାଠପଢ଼ା ସରିବା ପରେ ପୁଣି ସୁନ୍ଦରୀ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଲି।' ଭାଷା ମୁଖାର୍ଜୀ ଭାରତରେ ଜନ୍ମଗ୍ରହଣ କରିଛନ୍ତି। ତାଙ୍କୁ ଯେତେବେଳେ ୯ବର୍ଷ ବୟସ, ତାଙ୍କ ପରିବାର ଭାରତ ଛାଡ଼ି ବ୍ରିଟେନ୍‌ରେ ଅବସ୍ଥାପିତ ହୋଇଥିଲେ। ନଟିଂହାମ୍ ୟୁନିଭର୍ସିଟିରୁ ସେ ମେଡିକାଲ୍ ସାଇନ୍ସ ଏବଂ ମେଡିସିନ୍ ଓ ସର୍ଜରିରେ ଦୁଇଟି ବ୍ୟାଚଲର ଡିଗ୍ରୀ ହାସଲ କରିଛନ୍ତି। ମିସ୍ ଇଂଲଣ୍ଡ ବିଜୟୀ ହୋଇଥିବାରୁ ଭାଷା ମୁଖାର୍ଜୀ ମିସ୍ ୱାର୍ଲଡ ପ୍ରତିଯୋଗିତାରେ ଭାଗନେବେ।






# ସ୍ୱତନ୍ତ୍ର ଅତିରିକ୍ତ ବ୍ୟୟବରାଦ ବିଲ୍ ଗୃହୀତ

ଭୁବନେଶ୍ୱର,୨।୮(ବ୍ୟୁରୋ)

■ ଭାଜପାର କକ୍ଷତ୍ୟାଗ
■ ୧୪ ଶହ ୪୩ କୋଟି ୧୨ ଲକ୍ଷ ୪୪ ହଜାର ଟଙ୍କାର ଅନୁଦାନ

ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଆଣିଥିବା ସ୍ୱତନ୍ତ୍ର ଅତିରିକ୍ତ ବ୍ୟୟବରାଦ ବିଲ୍ ଶୁକ୍ରବାର ବିଧାନସଭାରେ ଗୃହୀତ ହୋଇଛି। ଦ୍ୱିତୀୟାର୍ଦ୍ଧରେ ଏହା ଉପରେ ବିତର୍କ ହେବା ସହ ଗୃହୀତ ହୋଇଥିଲା। ହେଲେ ରାଜ୍ୟ ସରକାର ଆକସ୍ମିକ ପାଣ୍ଠିର ଉଚିତ ବିନିଯୋଗ କରୁ ନ ଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏପରି କି ଏ ସମ୍ପର୍କରେ ଦଳ ପକ୍ଷରୁ ବିରୋଧୀ ମୁଖ୍ୟ ସଚେତକ ମୋହନ ମାଝି ଗୃହରେ ବକ୍ତବ୍ୟ ରଖିବା ପରେ ଅନ୍ୟ ସଦସ୍ୟଙ୍କ ସହ ସେ କକ୍ଷତ୍ୟାଗ କରିଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷରେ କଂଗ୍ରେସ ଓ ବିଜେଡି ସଭ୍ୟମାନେ ବିଲ୍ ଉପରେ ବକ୍ତବ୍ୟ ରଖିଥିଲେ।

ବିଲ୍ ଗୃହୀତ ପୂର୍ବରୁ ଉତ୍ତର ରଖି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, ବିଲ୍ ଗୃହୀତ ହେବା ଦ୍ୱାରା ଓଡ଼ିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରିମ ଭରଣା ହେବ ଏବଂ ଅତ୍ୟାବଶ୍ୟକସ୍ଥଳେ ଆକସ୍ମିକ ପାଣ୍ଠିରୁ ଅଗ୍ରିମ ମଧ୍ୟ ନିଆଯିବ। କାଳିଆ ଯୋଜନା ବାବଦରେ ଜରୁରିକାଳୀନ ସହାୟତା ରାଶି ପ୍ରଦାନ ସମ୍ପର୍କିତ ବ୍ୟବସ୍ଥାକୁ ମନ୍ତ୍ରୀ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ଇଂଲିଶ ଶବ୍ଦ 'ଅନଫୋରସିନ୍' ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ ଅଗ୍ରିମର ବୈଧତା ନେଇ କରିଥିବା ପ୍ରଶ୍ନରେ ଅର୍ଥମନ୍ତ୍ରୀ ଅସହମତି ପ୍ରକାଶ କରିଥିଲେ। ସେହିପରି ବର୍ତ୍ତମାନ ଯଦି ଓଡ଼ିଶା ଆକସ୍ମିକ ପାଣ୍ଠିରୁ ମଞ୍ଜୁର ହୋଇଥିବା ଅଗ୍ରିମ ପରିମାଣକୁ ଭରଣା କରା ନ ଯାଏ, ତେବେ ସମ୍ପୂର୍ଣ୍ଣ କର୍ପସ ଶେଷ ହେଲେ ଭବିଷ୍ୟତରେ କୌଣସି ଅତ୍ୟାବଶ୍ୟକ ଖର୍ଚ୍ଚ ପାଇଁ ଅଗ୍ରିମ ମଞ୍ଜୁର କରାଯାଇପାରିବ ନାହିଁ। ତେଣୁ ରାଜ୍ୟ ସରକାର ୧୪ ଶହ ୪୩ କୋଟି ୧୨ ଲକ୍ଷ ୪୪ ହଜାର ଟଙ୍କାର ଅଗ୍ରିମ ଭରଣା ପାଇଁ ସ୍ୱତନ୍ତ୍ର ଅତିରିକ୍ତ ବ୍ୟୟ ତାଲିକା ୨୦୧୯-୨୦ ଉପସ୍ଥାପନା କରିଥିବା ମନ୍ତ୍ରୀ କହିଥିଲେ। ଆଲୋଚନାରେ ଭାଗନେଇ ଭାଜପା ସଭ୍ୟ ମୋହନ କହିଥିଲେ ଯେ, ସ୍ୱତନ୍ତ୍ର ବ୍ୟୟମଞ୍ଜୁରୀ ଖର୍ଚ୍ଚ ଦାବିକୁ ଅଗଣତାନ୍ତ୍ରିକ ଭାବେ ଗୃହୀତ କରାଗଲା। ବିନା ବିରୋଧୀରେ ଏହାକୁ ଗୃହୀତ କରାଯାଇଛି, ଯାହାକି ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ଆକସ୍ମିକ ପାଣ୍ଠି ଖର୍ଚ୍ଚ କରିବା ପୂର୍ବରୁ ଗୃହର ଅନୁମତି ନିଆଯାଇ ନ ଥିଲା। କେନ୍ଦ୍ର ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ପାଇଁ ଅନୁଦାନ ବ୍ୟବସ୍ଥା ଥିବାବେଳେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠି ସୃଷ୍ଟି କରିନାହାନ୍ତି। କେବଳ ନିର୍ବାଚନକୁ ଆଖି ଆଗରେ ରଖି ସରକାରୀ ଦଳ ଏପରି କରିଥିବା ମୋହନ କହିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ, ରାଜ୍ୟ ସରକାର କେନ୍ଦ୍ର ଉପରେ ଅଧିକ ନିର୍ଭରଶୀଳ ହେବା ସହ ଭୟଭୀତ ହୋଇଯାଇଛନ୍ତି। ସୂଚନା ଅଧିକାର ଆଇନ ସଂଶୋଧନ ଏବଂ ତିନି ତଲାକ୍‌ରେ ସମର୍ଥନ ଦେଇଛନ୍ତି। ମଧୁବାବୁ ପେନ୍‌ସନ ଏବଂ ବରିଷ୍ଠ ନାଗରିକଙ୍କୁ ଦିଆଯାଉଥିବା ଭତ୍ତା ପରିମାଣ ୧୦୦୦ ଟଙ୍କାକୁ ଏବଂ ବିଧାୟକ ଉନ୍ନୟନ ପାଣ୍ଠିକୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେଉ। ସମସ୍ତ ଚାଷୀଙ୍କୁ ମାଗଣା ବିଜୁଳି ସହ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିକୁ ୧୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଉ। ପ୍ରତି ବ୍ଲକରେ ମଡେଲ ସ୍କୁଲ ସହ ଶୀତଳଭଣ୍ଡାର ଖୋଲାଯାଉ। ଖାଲିଥିବା ସମସ୍ତ ଡାକ୍ତରୀ ଏବଂ ଶିକ୍ଷକ ପଦବୀ ପୂରଣ କରାଯାଉ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର କାର୍ଯ୍ୟାଳୟ ସେହି ଅଞ୍ଚଳକୁ ନିଆଯାଉ। କେବିକେ ଜିଲାର କେନ୍ଦ୍ରୀୟ ଅନୁଦାନ ହ୍ରାସ ହୋଇଥିବାରୁ ରାଜ୍ୟ ପାଣ୍ଠିକୁ ୨୫୦ କୋଟି ଟଙ୍କା କରାଯାଉ ବୋଲି ନରସିଂହ କହିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ଆଉଟ୍‌ସୋର୍ସିଂ ନିଯୁକ୍ତିକୁ ବନ୍ଦ କରିବା ସହ ଚାଷୀଙ୍କଠାରୁ ଉଚିତ ମୂଲ୍ୟରେ ଠିକ୍ ସମୟରେ ଧାନକ୍ରୟ ପାଇଁ ମତ ରଖିଥିଲେ।

ସେହିପରି ସୁର ରାଉତରାୟ କହିଥିଲେ ଯେ, ଭୁବନେଶ୍ୱର ଓ ଜଟଣୀର ସବୁ ଅଞ୍ଚଳକୁ ମୋ ବସ୍ ଚଳାଚଳ କରୁ। ଦାରୁଠେଙ୍ଗରୁ ଡମ୍ପିଂୟାର୍ଡ ସ୍ଥାନାନ୍ତର କରାଯାଉ। ଲିଙ୍ଗରାଜ ମନ୍ଦିରକୁ ଯାତ୍ରୀବସ୍ ଚାଲୁ। ବିନା ଯୋଜନାରେ ହୋଇଥିବା କୋଠାବାଡ଼ି ଭଙ୍ଗାଯାଉ। କାଳିଆ ଯୋଜନାର ନାମ ପରିବର୍ତ୍ତନ କରାଯାଉ। ରାଜ୍ୟପାଳ ଅଭିଭାଷଣରେ କହିଥିଲେ ବି ବଜେଟରେ ମେଟ୍ରୋ ପାଇଁ କୌଣସି ବ୍ୟୟବରାଦ କରାଯାଇନାହିଁ। ତୃଣମୂଳସ୍ତରୀୟ ପୋଲିସ ଅଧିକାରୀଙ୍କୁ ଅଧିକ ନିଯୁକ୍ତି ପାଇଁ ସୁର ଦାବି କରିଥିଲେ। ବିଜେଡି ପକ୍ଷରୁ ପ୍ରତାପ କେଶରୀ ଦେବ, ପ୍ରଫୁଲ୍ଲ ସାମଲ, ପ୍ରୀତିରଞ୍ଜନ ଘଡ଼ାଇ ଏବଂ ଅମର ଶତପଥୀ ପ୍ରମୁଖ ଭାଗ ନେଇଥିଲେ। ଆଲୋଚନା ଚାଲିଥିବାବେଳେ ସୁର ରାଉତରାୟ ଖବରଦାତାଙ୍କୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ ନେଇ ପଏଣ୍ଟ ଅଫ୍ ଅର୍ଡର ଜରିଆରେ ଦାବି କରିଥିଲେ।

# ଜଳବନ୍ଦୀରେ ଜିଲା ସଦର ମହକୁମା

ମାଲକାନଗିରି,୨।୮ (ଡି.ଏନ୍.ଏ.)

■ ମାଲକାନଗିରିରେ ବନ୍ୟା ପରିସ୍ଥିତି
■ ପୋଲଗୁଡ଼ିକ ଉପରେ ୫ ଫୁଟରୁ ଊର୍ଦ୍ଧ୍ୱ ପାଣି ପ୍ରବାହିତ
■ ବିଦ୍ୟାଳୟ ୨ ଦିନ ଛୁଟି ଘୋଷଣା କଲେ ଜିଲାପାଳ

ଲଗାଣ ବର୍ଷା ଯୋଗୁ ମାଲାକାନଗିରି ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ବାହ୍ୟଜଗତରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇପଡିଛି। ମାଲକାନଗିରି ସହର ମୁଖ୍ୟ ରାସ୍ତା, ପୁରୁଣା ଆର୍‌ଟିଓ କାର୍ଯ୍ୟାଳୟ, ପାତ୍ରଗୁଡା, ସାମ୍ୱାୟାଗୁଡା ନିକଟରେ ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଅନେକ ଘରେ ପାଣି ପଶିଯାଇଛି। ଜିଲା ସଦର ମହକୁମା ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଛି। ଏଥିଯୋଗୁ ମାଲକାନଗିରିରୁ ଜୟପୁର, ବିଜୟନଗରମ, ବିଶାଖାପାଟଣା, ଭୁବନେଶ୍ୱର, କଟକ, ସମ୍ୱଲପୁର, ରାୟପୁର, ଜଗଦଲପୁର, ସୁକମା, ଭଦ୍ରାଚଳମ୍, ହାଇଦ୍ରାବାଦକୁ ଯାତାୟାତ ଠପ୍ ହୋଇ ପଡିଛି। ଶୁକ୍ରବାର ସକାଳ ୮ଟା ସୁଦ୍ଧା ମାଲକାନଗିରି ଜିଲାରେ ମୋଟ ୮୧୧ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। କାଲିମେଳା ବ୍ଲକରେ ସର୍ବାଧିକ ୧୪୫ ମିଲିମିଟର ବର୍ଷା ହୋଇଛି। ସେହିପରି ଖଇରପୁଟରେ ୧୦୦ ମିଲିମିଟର, କୁଡୁମୁଲୁଗୁମାରେ ୧୨୦ ମିମି, କୋରୁକୋଣ୍ଡାରେ ୯୫ ମିମି, ମାଥିଲି ଓ ପଡିଆ ବ୍ଲକରେ ୧୧୭ ମିମି ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁ ଜିଲାର ବିଦ୍ୟାଳୟଗୁଡ଼ିକୁ ଜିଲାପାଳ ମନୀଷ ଅଗ୍ରୱାଲ ୨ ଦିନ ପାଇଁ ଛୁଟି ଘୋଷଣା କରିଛନ୍ତି।

ଜିଲାର ପୋଲଗୁଡ଼ିକ ଉପରେ ୪ରୁ ୫ ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚରେ ପାଣି ପ୍ରବାହିତ ହେଉଛି। କାଲିମେଳାରୁ ମାଲକାନଗିରି ଯିବା ରାସ୍ତାର ୩୨୬ନଂ ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ପୋଲ ଉପରେ ଶୁକ୍ରବାର ସକାଳୁ ପ୍ରାୟ ୪ଫୁଟରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ମାଲକାନଗିରି-କାଲିମେଳା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଏଠାରେ ଉଭୟ ପାର୍ଶ୍ୱରେ ଲୋକମାନେ ଘଣ୍ଟା ଘଣ୍ଟା ଧରି ଯାତାୟାତ ଲାଗି ଅପେକ୍ଷା କରି ରହିଛନ୍ତି। ସେହିପରି କାଲିମେଳା-ପଡ଼ିଆ ରାସ୍ତାର କନ୍ୟାଶ୍ରମ ପୋଲ ଉପରେ ୪ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ କାଲିମେଳାରୁ ପଡ଼ିଆ ବ୍ଲକକୁ ଯୋଗାଯୋଗ ବନ୍ଦ ରହିଛି। ଏଥିସହ ଏମଭି-୯୦ ଗୁବୁଲୁର ନାଳ ଏବଂ କାଲିମେଳା ଏମଭି-୭୯ ମଧ୍ୟଭାଗରେ ଥିବା ଏମଭି-୯୬ ନାଳ ଉପରେ ମଧ୍ୟ ୪ ଫୁଟ ଉଚ୍ଚରେ ବନ୍ୟାଜଳ ବନ୍ୟାଜଳ ପ୍ରବାହିତ ହେଉଛି। ଏଥିଯୋଗୁ କାଲିମେଳା-ମୋଟୁକୁ ଯୋଗାଯୋଗ ଠପ୍ ହୋଇଯାଇଛି। ତମସା ପୋଲ ଉପରେ ପ୍ରାୟ ୫ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ମାଲକାନଗିରିରୁ ଛତିଶଗଡ଼ର ସୁକମାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବହୁ ଗ୍ରାମ ପାଣିଘେରରେ ରହିଛି। ଲୋକେ ଜଳବନ୍ଦୀ ଜୀବନ ବିତାଉଛନ୍ତି ।

# ସରକାର ଆକସ୍ମିକ ପାଣ୍ଠିର ଅପବ୍ୟବହାର କରିଛନ୍ତି


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଭାଜପା ବିଧାୟକ ଦଳ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଭୁବନେଶ୍ୱର,୨।୮(ବ୍ୟୁରୋ)

**ଭାଜପାର ଅଭିଯୋଗ**
■ ରାଜ୍ୟପାଳଙ୍କୁ ଫେରାଦ ହେଲା ଭାଜପା ବିଧାୟକ ଦଳ
■ ଅବଗତ ପରେ ପଦକ୍ଷେପ ନେବାକୁ ରାଜ୍ୟପାଳଙ୍କ ପ୍ରତିଶ୍ରୁତି

ଶାସକ ବିଜେଡି ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଆକସ୍ମିକ ପାଣ୍ଠିର ଅପବ୍ୟବହାର କରିଛି । ଏହି ପାଣ୍ଠିକୁ ଆପତକାଳୀନ ସ୍ଥିତିରେ ବ୍ୟବହାର କରାଯାଏ । ଶାସକ ବିଜେଡି କଣ୍ଟିନଜେନ୍ସି ଫଣ୍ଡକୁ ବୃଦ୍ଧି କରି ସେଥିରେ କାଳିଆ ଯୋଜନା, ମଧୁବାବୁ ପେନସନ ଯୋଜନାରେ ଏହି ଅର୍ଥକୁ ଖର୍ଚ୍ଚ କରିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହିତ ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ବିଧାନର ଉଲ୍ଲଂଘନ କରି ଆର୍ଥିକ ଅନିୟମିତତା ଅଭିଯୋଗ ଅଣାଯାଇଛି। ସମ୍ବିଧାନର ସୁରକ୍ଷା ଏବଂ ଆକସ୍ମିକ ପାଣ୍ଠିର ଅନିୟମିତତା ବିରୋଧରେ ଶୁକ୍ରବାର ଭାଜପାର ସବୁ ବିଧାୟକମାନେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକଙ୍କ ନେତୃତ୍ୱରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିବା ସହ ହସ୍ତକ୍ଷେପ ଲୋଡିଛନ୍ତି।

ବିରୋଧୀ ଦଳ ନେତା କହିଛନ୍ତି ଯେ, ୨୦୧୮-୧୯ ଆକସ୍ମିକ ପାଣ୍ଠିରେ ୪୦୦ କୋଟି ଟଙ୍କା ଥିବାବେଳେ ରାଜ୍ୟ ସରକାର ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଏହାକୁ ୧୪୦୦ କୋଟିକୁ ବୃଦ୍ଧି କରିଥିଲେ । ଆଇନ ଅନୁଯାୟୀ କେବଳ ଆପତକାଳୀନ ସ୍ଥିତିରେ ହିଁ ଆକସ୍ମିକ ପାଣ୍ଠିକୁ ବ୍ୟବହାର କରାଯାଇ ପାରିବ । ଏହି ଅନୁଦାନ ଅର୍ଥକୁ ଏସଡିଆରଏଫ ନିୟମାବଳୀ ଅନୁସାରେ ସରକାର କେବଳ ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ କ୍ଷୟକ୍ଷତି ପୁନର୍ଗଠନ ପାଇଁ ଖର୍ଚ୍ଚ କରିପାରିବେ। ଫନୀ ସମୟରେ ରାଜ୍ୟ ସରକାର ଲୋକଙ୍କୁ ସ୍ଥାନାନ୍ତର କରିଥିଲେ ମଧ୍ୟ ପ୍ରଭାବିତଙ୍କୁ ଖାଦ୍ୟ ଯୋଗାଇ ପାରି ନ ଥିବା ପ୍ରଦୀପ୍ତ କହିଛନ୍ତି।

ସେହିପରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି ଯେ, ଆକସ୍ମିକ ପାଣ୍ଠିରୁ ରାଜ୍ୟ ସରକାର ଜାନୁୟାରୀରୁ ଅର୍ଥ ନେଇଥିଲେ । ସେଥିପାଇଁ ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟର ଉଚିତ ମୁକାବିଲା ହୋଇପାରିଲା ନାହିଁ । କାଳିଆ ଯୋଜନାରେ ଚାଷୀମାନଙ୍କୁ ଚିହ୍ନଟ ନ କରି ଭୋଟ ହାତେଇବା ନାଁରେ ଯୋଜନା କରି ସମ୍ବିଧାନର ନିୟମକୁ ରାଜ୍ୟ ସରକାର ଉଲ୍ଲଂଘନ କରିଛନ୍ତି। ସମସ୍ତ ଘଟଣା ସମ୍ପର୍କରେ ଅବଗତ ହେବା ପରେ ରାଜ୍ୟପାଳ ପଦକ୍ଷେପ ନେବେ ବୋଲି ବିଧାୟକମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ମୋହନ କହିଛନ୍ତି।

# ଓଡ଼ିଆ ବିଦ୍ୟାର୍ଥୀଙ୍କ ପାଇଁ ରହୁ ୨୫ % ସଂରକ୍ଷଣ

**ଏନଏଲୟୁ: କୁଳପତିଙ୍କୁ ଚିଠି ଲେଖିଲେ ବିଭାଗୀୟ ସଚିବ**

**କଟକ ଅଫିସ,୨।୮:** କଟକ ଜିଲା ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନଏଲୟୁ)ରେ ସ୍ନାତକ ପାଠ୍ୟକ୍ରମରେ ଓଡ଼ିଆ ବିଦ୍ୟାର୍ଥୀଙ୍କୁ ସଂରକ୍ଷଣ ସିଟ୍ ପ୍ରଦାନ କରାଯିବା ନେଇ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ତତ୍ପରତା ପ୍ରକାଶ କରିଛି। ଶୁକ୍ରବାର ବିଭାଗର କମିଶନର ତଥା ସଚିବ ଶାଶ୍ୱତ ମିଶ୍ର ଏନଏଲୟୁ କୁଳପତିଙ୍କୁ ଏ ସଂକ୍ରାନ୍ତରେ ଚିଠି(ନଂ.୧୫୬୧୫) ଲେଖିଛନ୍ତି। ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶରେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ୨୦୦କୋଟି ଟଙ୍କା ଖର୍ଚ୍ଚ କରି ସାରିଲେଣି। ଏଣୁ ଏନଏଲୟୁର ସମ୍ବିଧାନ ଧାରା ୧୧(୨) ଅନୁଯାୟୀ, ଓଡ଼ିଶା ବିଦ୍ୟାର୍ଥୀଙ୍କୁ ୨୫ ପ୍ରତିଶତ ସଂରକ୍ଷଣ ସିଟ ପ୍ରଦାନ କରିବାକୁ ସଚିବ ମିଶ୍ର ଚିଠିରେ ନିବେଦନ କରିଛନ୍ତି। ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ଯୋଗେଶ ପ୍ରତାପ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ଆସନ୍ତା ୧୦ରେ ବିଶ୍ୱବିଦ୍ୟାଳୟର ସାଧାରଣ ପରିଷଦ ଓ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସଂରକ୍ଷଣ ସିଟ୍ ପ୍ରଦାନ ନେଇ ଏହି ଦୁଇ ପରିଷଦ ନିଷ୍ପତ୍ତି ନେଇ ପାରିବ। ପୂର୍ବରୁ ଏ ଦିଗରେ ଆଲୋଚନା ହୋଇଛି। ସମ୍ଭବତଃ ଆଗାମୀ ବୈଠକରେ ସଂରକ୍ଷଣ ନିଷ୍ପତ୍ତି ଚୂଡ଼ାନ୍ତ ହୋଇ ଓଡ଼ିଆ ବିଦ୍ୟାର୍ଥୀଙ୍କ ପାଇଁ ସୁଯୋଗ ସୃଷ୍ଟି ହେବ ବୋଲି କୁଳସଚିବ କହିଥିଲେ। ସୂଚନାଥାଉ କି, ୨୦୧୮ ଏପ୍ରିଲ ୨୪ରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ପୂର୍ବରୁ ମଧ୍ୟ ଚିଠି(ନଂ-୧୧୯୨୭) ଲେଖାଯାଇଥିଲା। କୁଳସଚିବଙ୍କ ଉଦ୍ଦେଶ୍ୟରେ ଉକ୍ତ ଚିଠି ଦିଆଯାଇଥିଲା। ଇତିମଧ୍ୟରେ ଏକବର୍ଷ ପୂରଣ ହୋଇଥିଲେ ମଧ୍ୟ ଉକ୍ତ ଚିଠିର ଉତ୍ତର ବିଶ୍ୱବିଦ୍ୟାଳୟ ପକ୍ଷରୁ ଦିଆଯାଇନାହିଁ। ଯୁକ୍ତ ୨ରେ ୬୦ ପ୍ରତିଶତ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ସ୍ନାତକ ପାଠ୍ୟକ୍ରମରେ ସଂରକ୍ଷଣ ସିଟ୍ ପ୍ରଦାନ କରିବାକୁ ଚିଠିରେ ଦର୍ଶାଯାଇଛି।

# ବିଷ୍ଣୁଙ୍କ ଦୁଃଖ ପ୍ରକାଶ ପରେ ସ୍ୱାଭାବିକ ହେଲା ଗୃହ

ଭୁବନେଶ୍ୱର,୨।୮(ବ୍ୟୁରୋ)


ଭାଜପା ବିଧାୟକ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ବିରୋଧରେ ଶୁକ୍ରବାର ଓଡ଼ିଶା ମୁସ୍‌ଲିମ୍ ଫୋରମ ପକ୍ଷରୁ ରାଜଭବନରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଗୁରୁବାର ବିଧାନସଭା ଶୂନ୍ୟକାଳରେ ସେ ତିନି ତଲାକ୍ ଏବଂ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ନେଇ ଦେଇଥିବା ବିବାଦୀୟ ବୟାନ ପାଇଁ ଶେଷରେ ଦୁଃଖ ପ୍ରକାଶ କରିଛନ୍ତି ଭାଜପା ବିଧାୟକ ଦଳ ଉପନେତା ବିଷ୍ଣୁଚରଣ ସେଠୀ। ସେ କହିଛନ୍ତି ଯେ, କୌଣସି ଧର୍ମୀୟ ଭାବନାକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନ ଥିଲା। ନିଜ ବିବୃତି ନେଇ ଦୁଃଖ ପ୍ରକାଶ କରିବା ପରେ ଏହାକୁ ବିଧାନସଭା ବିବରଣୀରୁ ବାଦ୍ ଦେବାକୁ ସେ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ରୁଲିଂ ଦେଇ ବିଷ୍ଣୁଙ୍କ ବୟାନକୁ ବିଧାନସଭା ବିବରଣୀରୁ ବାଦ୍ ଦେଇଛନ୍ତି। ଆଗକୁ ଏ ସମ୍ପର୍କରେ କୌଣସି ଖବର ଗଣମାଧ୍ୟମରେ ପ୍ରସାର ନ କରିବାକୁ ମଧ୍ୟ ବାଚସ୍ପତି ରୁଲିଂ ଦେଇଛନ୍ତି।

ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବାଚସ୍ପତି ସଭାକାର୍ଯ୍ୟ ଚଳାଇବା ପାଇଁ ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ କଂଗ୍ରେସ ଦଳ ସଭ୍ୟ ତାରାପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ୍, ସନ୍ତୋଷ ସିଂ ସାଲୁଜାଙ୍କ ସମେତ ଅନ୍ୟ ସଭ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। କଂଗ୍ରେସ ସଭ୍ୟମାନେ ବିରୋଧୀ ଦଳ ଉପନେତା ସମଗ୍ର ମହିଳା ଜାତିକୁ ଅପମାନିତ କରିଛନ୍ତି। ଏ ନେଇ ସେ ଗୃହରେ କ୍ଷମା ମାଗନ୍ତୁ ଓ ଦେଇଥିବା ମନ୍ତବ୍ୟକୁ ଗୃହର ବିବରଣୀରୁ ବାଦ୍ ଦିଆଯାଉ ବୋଲି ଦାବି କରିଥିଲେ। ପାଟିତୁଣ୍ଡ ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ହଟ୍ଟଗୋଳ ନ ଥମିବାରୁ ବାଚସ୍ପତି ମାତ୍ର ୧ ମିନିଟ୍ ପରେ ଗୃହକୁ ୧୦ଟା ୩୧ରୁ ୧୧ଟା ୩୦ ଯାଏ ମୁଲତବୀ ଘୋଷଣା କରିଥିଲେ। ତେବେ ବିରୋଧୀ ଦଳ ଉପନେତା ନିଜ ଜିଦ୍‌ରେ ଅଟଳ ରହିଥିଲେ। ସେ କୌଣସି ସେଭଳି ଭୁଲ୍ କରିନାହାନ୍ତି ବୋଲି କହିଥିଲେ। ତେବେ ଗୃହର ଅଚଳାବସ୍ଥା ଦୂର କରିବା ସକାଶେ ବାଚସ୍ପତି ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଶେଷରେ ବିଷ୍ଣୁ ଗୃହରେ ଦୁଃଖ ପ୍ରକାଶ କରିଥିଲେ। ଏହାପରେ କଂଗ୍ରେସ ସଭ୍ୟମାନେ ନିଜ ଦାବିରୁ ଓହରି ଯାଇଥିଲେ। ପୂର୍ବାହ୍ନ ୧୧ଟା ୩୦ରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ବିଧାନସଭା ବାହାରେ ଗଣମାଧ୍ୟମକୁ ବିଷ୍ଣୁ କହିଥିଲେ ଯେ, ଆମେ ତ ମଣିଷ, ମାରିନୁ କି ରାହାଜାନି କରିନୁ, ପଶ୍ଚାତ୍ତାପ କାହିଁକି କରିବୁ। ୧୯୮୪ ଓ ୮୫ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସାହାବାନୁ କେସ୍‌ରେ ଅଧ୍ୟାଦେଶ ଆଣି ସମ୍ବିଧାନ ପରିବର୍ତ୍ତନ କରିଦେଇଥିଲେ। ସେଇଟା କିଛି ହେଲାନି। ଆମେ ନିର୍ଯାତିତ ମୁସଲମାନ ମହିଳାଙ୍କ ପାଇଁ ହେଉଥିବା ଏକ ଆନ୍ଦୋଳନରେ ସାମିଲ ହୋଇଛୁ। ଏହା ଉପରେ ମୁଜାଫରନଗର ଓ ଗାଜିଆବାଦ୍‌ରେ କୁହାଯାଇଛି। ମୋ ପାଖରେ ସେ ସବୁର ଖବର କ୍ଲିପ୍ ଅଛି। ୱାନ୍ ନେଶନ ୱାନ୍ ରିଲିଜିଅନ କଥା ଯେଉଁମାନେ କହୁଛନ୍ତି, କେଉଁଟା ଅଧିକ ଗର୍ହିତ ତାହା ଆପଣମାନେ ବିଚାର କରନ୍ତୁ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। ତାପରେ ନୁହେଁ, ବିଭିନ୍ନ କ୍ଷେତ୍ରରେ ସବୁ କଥାରେ ଆମେ ତ ସର୍ବୋଚ୍ଚରେ ନାହୁଁ। ସେହି ଦୃଷ୍ଟିରୁ ଦୁଃଖ ପ୍ରକାଶ କଲୁ ବୋଲି ସେ କହିଥିଲେ।

**ତିନି ତଲାକ୍ ମନ୍ତବ୍ୟ**

# ବସ୍ ଓଲଟି ୨୦ ଯାତ୍ରୀ ଆହତ

ବିରିଡ଼ି/ବାଲିଆ,୨।୮(ଡି.ଏନ.ଏ.)



ଜଗତ୍‌ସିଂହପୁର ଜିଲା କନ୍ଦରପୁର-ମାଛଗାଁ ଜାତୀୟ ରାଜପଥ ନଂ.୫୫ର ହାଜିପୁର ବଜାର ନିକଟରେ ଶୁକ୍ରବାର ଅପରାହ୍ନରେ ଅଭିରାମ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପ୍ରାୟ ୨୦ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ୬ ଜଣ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଆଉ ୬ଜଣଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅନ୍ୟ କେତେଜଣ ଆହତ ନିଜେ ନିଜେ ଯାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ବସ (ନଂ. ଓଡ଼ି ୦୫ ଏମ ୫୬୪୪) ପାରାଦୀପରୁ ଭାୟା ଜଗତ୍‌ସିଂହପୁର ଦେଇ କଟକ ଅଭିମୁଖେ ଯାଉଥିଲା। ଏହି ସମୟରେ ହାଜିପୁର ନିକଟରେ କୌଣସି କାରଣରୁ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ବିଲ ମଧ୍ୟକୁ ଓଲଟି ପଡିଥିଲା। ଖବରପାଇ ବିରିଡ଼ି ପୋଲିସ ଓ ଦମକଳ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଘଟଣାସ୍ଥଳରୁ ଡ୍ରାଇଭର, କଣ୍ଡକ୍ଟର ଓ ହେଲପର ଫେରାର ହୋଇଯାଇଥିଲେ। ବସରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିବା ଅନୁମାନ କରାଯାଉଛି ବୋଲି ବିରିଡ଼ି ଥାନା ଆଇଆଇସି ପାରୋ ଟୁଡୁ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: .................................
ବୟସ:.................................
ଜନ୍ମ ତାରିଖ: .............................



ପ୍ରିନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ମନା କଲା ଭୁବନେଶ୍ୱର ଏମ୍ସ

## ଏସ୍‌ସିବିରେ ରହିବେ ଜଗା-କାଳିଆ: ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୮(ବ୍ୟୁରୋ)**

ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ଜଗା-କାଳିଆ ଖୁବ୍‌ଶୀଘ୍ର ଓଡ଼ିଶା ଫେରିବେ। ଭୁବନେଶ୍ୱର ଏମ୍ସ କର୍ତ୍ତୃପକ୍ଷ ଏଠାରେ ରଖି ଚିକିତ୍ସା ପାଇଁ ମନା କରିଦେବା ପରେ ସେମାନଙ୍କୁ କଟକସ୍ଥିତ ଏସ୍‌ସିବିରେ ରଖାଯିବା ସହ ସମସ୍ତ ପ୍ରକାର ଅତ୍ୟାଧୁନିକ ସେବା ପ୍ରଦାନ କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ମନ୍ତ୍ରୀ ଦାସ କହିଛନ୍ତି, ଦିଲ୍ଲୀ ଏମ୍ସରେ ଚିକିତ୍ସିତ ଦୁଇଶିଶୁଙ୍କ ମାତାପିତା ଆଉ ସେଠାରେ ରହିବାକୁ ରାଜି ନୁହନ୍ତି। ଚିକିତ୍ସାଧୀନ ଶିଶୁମାନେ ଓଡ଼ିଶା ଫେରିଲେ ସେମାନଙ୍କୁ ଭୁବନେଶ୍ୱର ଏମ୍ସରେ ରଖି ଚିକିତ୍ସା ଲାଗି ଦିଲ୍ଲୀ ଏମ୍ସ କର୍ତ୍ତୃପକ୍ଷ ପ୍ରସ୍ତାବ ଦେଇଥିଲେ। ହେଲେ ଭୁବନେଶ୍ୱର ଏମ୍ସ କର୍ତ୍ତୃପକ୍ଷ ଦୁଇ ଶିଶୁଙ୍କୁ ରଖିପାରିବେ ନାହିଁ ବୋଲି ଲିଖିତ ଭାବେ ଜଣାଇ ଦେଇଛନ୍ତି। କେନ୍ଦ୍ରୀୟ ସଂସ୍ଥାର ଏଭଳି ମନୋଭାବ ପରେ ରାଜ୍ୟ ସରକାର ଦୁଇ ଶିଶୁଙ୍କୁ ଏସ୍‌ସିବିରେ ରଖି ଚିକିତ୍ସା ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଦୁଇଶିଶୁଙ୍କ ଚିକିତ୍ସା ଲାଗି ଡାକ୍ତରୀଦଳ ଗଠନ ସହ ସମସ୍ତ ପ୍ରକାର ସେବା ଯୋଗାଯିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି। ଉଲ୍ଲେଖଥାଉ କି, କନ୍ଧମାଳର ଯୋଡାମୁଣ୍ଡ ଶିଶୁ ଜଗା-କାଳିଆଙ୍କ ଚିକିତ୍ସା ଲାଗି ରାଜ୍ୟ ସରକାର ୧ କୋଟି ଟଙ୍କାର ଅର୍ଥ ସହାୟତା ସହ ଏମ୍ସରେ ଚିକିତ୍ସା ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା ଯୋଗାଇ ଦେଉଛନ୍ତି। ଅପରେଶନ ଦ୍ୱାରା ଦୁଇ ଶିଶୁଙ୍କ ମୁଣ୍ଡ ଅଲଗା ହେବାପରେ ପ୍ରାୟ ଦୁଇବର୍ଷ ହେଲା ସେମାନେ ଦିଲ୍ଲୀ ଏମ୍ସରେ ରହି ଚିକିତ୍ସିତ ହେଉଛନ୍ତି। ଜଗା-କାଳିଆଙ୍କ ଚିକିତ୍ସା ଉପରେ ମଧ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିୟମିତ ଭାବେ ନଜର ରଖାଯାଇଛି। ତେବେ ଶୁକ୍ରବାର ମନ୍ତ୍ରୀ ଦାସ ଦୁଇଶିଶୁଙ୍କ ଓଡ଼ିଶା ଫେରିବା ନେଇ ସୂଚନା ଦେବାପରେ ସେମାନେ ଦିଲ୍ଲୀରୁ ଆସି କଟକସ୍ଥିତ ଏସ୍‌ସିବିରେ ଚିକିତ୍ସିତ ହେବା ସ୍ପଷ୍ଟ ହୋଇଛି।

## ସମ୍ପରେ ଫସି ଠିକାଦାରଙ୍କ ...

ପ୍ରଥମ ପୃଷ୍ଠାରୁ...

ଶୁକ୍ରବାର ସକାଳ ୭ଟା ସମୟରେ ଉତ୍ପଳ ଓ ବିଶାରୂପ ଅନ୍ୟତ୍ର କାମକୁ ଚାଲିଯାଇଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଶ୍ରମିକ ଠିକାଦାର ସିମ୍‌ରନ ଓ ଭ୍ରିଗୁରାମ ସେଣ୍ଟ୍ରି କାର୍ଯ୍ୟ କରୁଥିବାବେଳେ ବାସୁଦେବ ରୋଷେଇ କରୁଥିଲେ। ଏହି ସମୟରେ ପ୍ରଶାନ୍ତ ବୁଟି କାଟିବାକୁ ଯାଇ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଫେରିଥିଲେ। ହେଲେ ରୋଷେଇ ଅଧା ରହିଥିବା ଓ ଘରେ କେହି ନ ଥିବା ଦେଖି ଖୋଜାଖୋଜି କରିଥିଲେ। ନିର୍ମାଣାଧୀନ ସମ୍ପର ମୁହଁ ଖୋଲା ରହିଥିବା ଓ ପାଖରେ ଜଣଙ୍କର ଚପଲ ପଡ଼ିଥିବା ଦେଖି ସନ୍ଦେହ ହୋଇଥିଲା। ସମ୍ପ ଭିତରକୁ ଚାହିଁବାରୁ କେହି ପାଣିରେ ଭାସୁଥିବା ଦେଖି ଚିତ୍କାର କରି ବାହାରକୁ ଦୌଡ଼ି ଆସି ନିକଟରେ ଅନ୍ୟ ଏକ ଘର କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ଡାକ ପକାଇଥିଲେ। ଏଥିସହ ତାଙ୍କ ସହ ରହି ଅନ୍ୟତ୍ର କାମ କରିବାକୁ ଯାଇଥିବା ସାଥୀ ଶ୍ରମିକ ଓ ଘରର ଠିକାଦାରଙ୍କୁ ଖବର ଦେଇଥିଲେ। କିଛି ସମୟ ପରେ ଉତ୍ପଳ ଓ ବିଶାରୂପ ପହଞ୍ଚିବା ପରେ ସମ୍ପରୁ ୩ଜଣଙ୍କ ମୃତଦେହ ବାହାରକୁ ଆଣିଥିଲେ। ଖବର ପାଇ ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଓ ପିସିଆର ଭ୍ୟାନ୍‌ରେ ମୃତଦେହକୁ ହସ୍ପିଟାଲ ନେଇଥିଲା।

ଘଟଣା ସଂକ୍ରାନ୍ତରେ ଥାନା ଅଧିକାରୀ ଯତୀନ୍ଦ୍ରନାଥ ସେଠୀ କୁହନ୍ତି, ୩ ଜଣଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ମୃତକମାନେ ମଦ୍ୟପାନ କରିଥିବା ସନ୍ଦେହ କରାଯାଉଛି। ସେମାନଙ୍କୁ କୌଶଳକ୍ରମେ ହତ୍ୟା କରାଯାଇଛି ନା ମଦ୍ୟପାନ କରି ଶ୍ୱାସରୁଦ୍ଧ ହୋଇ ଜୀବନ ଯାଇଛି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ।

### ରାଜନଗର-ଭିତରକନିକା ରାସ୍ତାରେ ସଡ଼କ ଦୁର୍ଘଟଣା

# ଜାତୀୟ ସାହସିକତା ପୁରସ୍କାର ପ୍ରାପ୍ତ ସିତୁଙ୍କ ସମେତ ୨ ମୃତ



ଉତ୍ତ୍ୟକ୍ତ ଲୋକଙ୍କ ଦ୍ୱାରା ରାସ୍ତା ଅବରୋଧ ।



ସିତୁ ମଲିକ

**ରାଜନଗର,୨।୮(ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କର ଜଳି ଛକ ନିକଟରେ ଶୁକ୍ରବାର ସନ୍ଧ୍ୟା ୬ଟାରେ ଏକ ଦୁର୍ଘଟଣା ଘଟିଛି। ଏକ ଟିପ୍ପର ବୋଝେଇ ହାଇୱା ଧକ୍କାରେ ଚଳିତବର୍ଷ ରାଷ୍ଟ୍ରପତିଙ୍କଠାରୁ ଜାତୀୟ ସାହସିକତା ପୁରସ୍କାର ପାଇଥିବା ଛାତ୍ର ସିତୁ ମଲିକ (୧୬)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ସହିତ ତାଙ୍କ ପିଉସୀ ପୁଅ ଭାଇ ରାଜକନିକା ବ୍ଲକ ଖୁଣ୍ଟା ଗ୍ରାମର ଟୁଟୁ ମଲିକ (୧୭) ମଧ୍ୟ ପ୍ରାଣ ହରାଇଛନ୍ତି। ଏଥିସହ ପଦ୍ମନାଭପୁର ଗାଁର ପିଣ୍ଟୁ ମଣ୍ଡଳ ଓ ରବୀନ୍ଦ୍ର ମଣ୍ଡଳ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଦୁର୍ଘଟଣାସ୍ଥଳରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।

ପ୍ରକାଶ ଯେ, ରାଜନଗର ବ୍ଲକ କଣ୍ଡିରା ଗ୍ରାମର ସିତୁ ଓ ତାଙ୍କ ପିଉସୀ ପୁଅ ଭାଇ ଟୁଟୁ କୌଣସି ଘରୋଇ କାମରେ ଏକ ବାଇକରେ ଗାଁରୁ ଜରିମୂଳକୁ ଯାଉଥିଲେ। ସେମାନଙ୍କ ପାଖ ଦେଇ ଅନ୍ୟ ଏକ ବାଇକ୍‌ରେ ପଦ୍ମନାଭପୁର ଗାଁର ପିଣ୍ଟୁ ଓ ରବୀନ୍ଦ୍ର ମଧ୍ୟ ଜରିମୂଳ ଯାଉଥିଲେ। ଏହି ସମୟରେ ଜରିମୂଳ ପଟୁ ଦ୍ରୁତଗତିରେ ଆସୁଥିବା ଏକ ଟିପ୍ପର ବୋଝେଇ ହାଇୱା ( ନଂ ଓଆର-୦୪- ଜେ-୩୫୬୩ ) ପ୍ରଥମେ ସିତୁ ଚଳାଉଥିବା ବାଇକକୁ ଧକ୍କା ଦେଇଥିଲା। ହାଇୱା ତାଙ୍କ ବାଇକକୁ ୫୦ଫୁଟ ଘୋଷାଡି ନେବା ଭିତରେ ପିଣ୍ଟୁ ଓ ରବୀନ୍ଦ୍ର ଯାଉଥିବା ବାଇକକୁ ଧକ୍କା ଦେଇଥିଲା। ଦୁଇଟି ବାଇକ୍‌କୁ ଧକ୍କା ଦେବା ପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତାକଡ ନାଳ ଭିତରକୁ ଓଲଟି ପଡିଥିଲା। ହାଇୱା ତଳେ ସିତୁ ଓ ଟୁଟୁ ରହିଯାଇଥିଲେ। ସିତୁଙ୍କ ମୁଣ୍ଡରେ ମାଡ ହୋଇଥିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଜେସିବି ସାହାଯ୍ୟରେ ହାଇୱାକୁ ଟେକି ଟୁଟୁଙ୍କୁ ଉଦ୍ଧାର କରାଯିବା ଲାଗି ଉଦ୍ୟମ କରାଯାଇଥିଲେ ହେଁ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ଟୁଟୁଙ୍କ ଦୁଇ ଗୋଡ ଛିଣ୍ଡିକି ରହିଥିବା ଦେଖିବାକୁ ମିଳିଥିଲା । ସେହିଭଳି ପିଣ୍ଟୁ ଓ ରବୀନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆହତ ୨ଜଣଙ୍କୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟ୍ରକ ଡ୍ରାଇଭରଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚୁରା ଚଳାଇଛି। ଅଗ୍ନିଶମ ବାହିନୀ ସହାୟତାରେ ୨ ନାବାଳକଙ୍କ ମୃତଦେହକୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି। ସିତୁ ଦଶମ ଶ୍ରେଣୀର ଛାତ୍ର ଥିଲେ।

ସୂଚନାଯୋଗ୍ୟ ଯେ, ଗତ ଜାନୁୟାରୀ ୨୫ ତାରିଖରେ ସିତୁ ନୂଆଦିଲ୍ଲୀର ଇଣ୍ଡିଆନ ହାବିଟାଟ ସେଣ୍ଟରରେ ସମ୍ମାନଜନକ ବାପୁ ଗାଇଧାନୀ ଜାତୀୟ ସାହସିକତା ପୁରସ୍କାର ପାଇଥିଲେ। କୁମ୍ଭୀର ମୁହଁରୁ ସାହସର ସହ ନିଜ ଦାଦାଙ୍କୁ ବଞ୍ଚାଇ ଥିବାରୁ ସେ ଏହି ପୁରସ୍କାର ପାଇ ରାଜନଗର ପାଇଁ ଗର୍ବ ଓ ଗୌରବ ଆଣିଥିଲେ। ଯେଉଁ ସିତୁ ସାହସିକତା ପୁରସ୍କାର ପାଇବା ପରେ ରାଜନଗର ବ୍ଲକ ଦିଲ୍ଲୀ ଦରବାରରେ ଉଚ୍ଚ ପ୍ରଶଂସିତ ହୋଇଥିଲା। ଶୁକ୍ରବାର ତାଙ୍କର ସଡକ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିବାରୁ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**କିଛି ତଥ୍ୟ**

ସରକାରଙ୍କ ପବ୍ଲିକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ ଗଭର୍ନମେଣ୍ଟ ଇ-ମାର୍କେଟପ୍ଲେସରେ ୨.୫ ଲକ୍ଷ ସେଲର, ସେବା ପ୍ରଦାନକାରୀ ପଞ୍ଜୀକୃତ ଅଛନ୍ତି। – ଡିଆଇପିପି

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆକସ୍ମିକ ସ୍ୱାସ୍ଥ୍ୟହାନିଜନିତ, ଶତ୍ରୁତା କାରଣରୁ କିମ୍ବା ଭାଇ, ପଡ଼ୋଶୀମାନଙ୍କ ସହ ସୁସମ୍ପର୍କ ଅଭାବଜନିତ ଦୁଶ୍ଚିନ୍ତା ସୃଷ୍ଟିହେବ। ବିଭିନ୍ନ ପ୍ରକାରର ସାହାଯ୍ୟ ସହଯୋଗ ପାଉଥିବା ଲୋକଟି ସାଧାରଣ ସ୍ୱାର୍ଥହାନି ହେତୁ କୁତ୍ସାରଟନା କରିବା ପରିଲକ୍ଷିତ ହୋଇପାରେ। ଯେତେ ଭଲ କାମ କଲେ ମଧ୍ୟ ପରିବାରରୁ ପ୍ରଶଂସା ପାଇବେନି।

**ବୃଷ**
ଭଲ ସମ୍ପର୍କ ରହିଥିବା କୌଣସି ଆତ୍ମୀୟଙ୍କ ପାରିବାରିକ ସମସ୍ୟା ସମାଧାନ ସକାଶେ ଚିନ୍ତା ବଢ଼ିଯିବ। କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗ କରି ସହକର୍ମୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। ଆଜି ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ଆବଶ୍ୟକତା ଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ମିଥୁନ**
ଭାବପ୍ରବଣତାବଶତଃ ଆଜି କହୁ କହୁ ଏପରି କିଛି କଥା କହିଦେବେ ଯେ-ଯଦ୍ୱାରାକି କଳହର ସୂତ୍ରପାତ ହୋଇପାରେ। ଅଫିସ କାମରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତ ରହିବେ। ପରିବାରରେ କୌତୁକିଆ କଥା କହି ବ୍ୟବସାୟ କିମ୍ବା ଅନ୍ୟ କୌଣସି କାମରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ**
ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତାର ଶୀର୍ଷକୁ ନିଶ୍ଚିତ ସ୍ପର୍ଶ କରିବେ। ତଥାପି ଅପରାହ୍ନ ସମୟରେ ଅଫିସିଆଲି ଟେନସନ୍ କିଛି ମାତ୍ରାରେ ଲାଗିରହିବ। ଆମଦାନୀ କାରବାର, ବ୍ୟବସାୟୀଙ୍କ କାରବାରରେ ଉନ୍ନତି ହେବ ଓ ଲାଭର ମାତ୍ରା କିଛି କମିବ ନାହିଁ। ଆଇନ, ଅଦାଲତ ସମ୍ବନ୍ଧୀୟ କେତେକ ଦୁଶ୍ଚିନ୍ତା ମନକୁ ବିଶାଦିତ କରିବ।

**ସିଂହ**
ଏକାଧିକ ଚିନ୍ତାଧାରାରେ ବିକ୍ଷିପ୍ତ ମନ ପରିସ୍ଥିତିକୁ ସୁଧାରିବାକୁ ଯାଇ ଧାର କରଜ କରି କାମ କରିବାକୁ ବାଧ୍ୟ ହେବେ। ଆକସ୍ମିକ ଭାବେ ଦୂର ଜାଗାକୁ ଯିବାକୁ ପଡିପାରେ। କୌଣସି ମୂଲ୍ୟବାନ ଦ୍ରବ୍ୟ ଆଣିବା ସକାଶେ ଘରୁ ବରାଦ ପାଇବେ। କ୍ରୀଡା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ସମସ୍ୟାର ସମାଧାନ ହୋଇଯିବ।

**କନ୍ୟା**
ଆଜିର କର୍ମକ୍ଷେତ୍ରରେ କିମ୍ବା ସାମାଜିକ ସ୍ତରରେ ସଂଘର୍ଷମୟ ପରିସ୍ଥିତିର ସାମନା କରିବାକୁ ପଡ଼ିପାରେ। ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିଯିବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ବନ୍ଧୁମାନଙ୍କ ସମ୍ପର୍କ ହାନି ହେତୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ।

**ତୁଳା**
ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ କାମଗୁଡିକ ଆଜି ସନ୍ତୋଷ ଜନକ ହେବ ନାହିଁ ଏବଂ ପ୍ରତ୍ୟେକ କ୍ଷେତ୍ରରେ ବିରକ୍ତି ଲାଗିବ। ଋଣ ପରିଶୋଧ ପାଇଁ ବ୍ୟାକୁଳ ହେବେ କାରଣ ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇ ପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଇ ଦ୍ୱନ୍ଦ୍ୱରେ ପଡିପାରନ୍ତି।

**ବିଛା**
ପୂର୍ବରୁ ଯେଉଁ କଳ୍ପନା କରି ଆସିଥିଲେ ତାହା କ୍ରମଶଃ ଫସର ଫାଟି ଯାଉଥିବା ଲକ୍ଷ୍ୟ କରି ମନ ଅଶାନ୍ତ ରହିବ। କର୍ମକ୍ଷେତ୍ରରେ ବିଶୃଙ୍ଖଳିତ କିମ୍ବା ଅସମାହିତ କର୍ମ ସକାଶେ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରି କୃତକାର୍ଯ୍ୟ ହେବେ। କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
କେତେକ ଅକୁହା କଥା ମନକୁ ସଂକୁଚିତ କରି ରଖିଥିଲେ ମଧ୍ୟ ମୁଁହ ଟାଣ ରଖି କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସଫଳ ହେବେ। କୌଣସି ଲୋକ ବିଷୟରେ କିଛି ନ ଜାଣି ତାଙ୍କୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବ।

**ମକର**
ଆନୁଷ୍ଠାନିକ କାମରେ ସନ୍ଦେହ ଓ ଭୁଲ୍ ବୁଝାମଣା ଜନିତ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେବାର ସୂଚନା ପାଇପାରନ୍ତି। ଅଫିସରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗିରହିବ।

**କୁମ୍ଭ**
ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ ଆଜି କାମଗୁଡିକ ବହୁତ ଅସୁବିଧା ଭିତରେ ସମ୍ପନ୍ନ ହେବ। କଳା, ସାହିତ୍ୟ ଓ ସଙ୍ଗୀତରୁ ପ୍ରଶଂସିତ ହେବେ ଓ ପୂର୍ବ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। ସ୍ତ୍ରୀ, ଭାଇ କିମ୍ବା ବନ୍ଧୁଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ**
ଆଜି ଅଫିସ୍‌ରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ। ଇଚ୍ଛା ବିରୋଧରେ କୌଣସି କାମ କରି ସମାଲୋଚିତ ହେବା କାରଣରୁ ଅନୁତାପ କରିବାକୁ ପଡ଼ିପାରେ। ନିଜ ଘର କଥା ନେଇ ସ୍ତ୍ରୀ ସ୍ୱାମୀଙ୍କ ସହ ତର୍କବିତର୍କ କରିପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ତୃତୀୟା ଶନିବାର, ଅଗଷ୍ଟ ୩ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧।୪୫ମି. ଗତେ ଘ୧।୨୬ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୫ମି ମଧ୍ୟେ ଅମୃତବେଳା। ଦିବା ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୮।୪୦ମି. ଗତେ ଘ୧୦।୧୬ମି. ମଧ୍ୟେ ରାହୁକାଳ।

## classifieds Everyday
0674-2580101, 2549302

**real estate**

**SALE**

**3500 sqft gharabari plot sale at Jagamara (Khandagiri), 30 feet road, Bhubaneswar. Contact Deepak- 9937329999.** D-66272

Gharabari, boundary, Electricity plot at Bhingarpur, Hanspal. Call: 9937816565, 9937568585. D-13653

**Gharabari boundary plot Tamando MCL boundary side, direct owner: 8144391451.** D-66739

SUM Hospital ନିକଟରେ ଏବଂ ତମାଣ୍ଡୋ ବଜାର ପଛପଟେ ଘରବାରି plot ମିଳୁଅଛି। 9439864322. D-66752

**Ready to move 4BHK flat near Hotel Mayfair, Jaydev Vihar, price Rs. 5500/- per sqft & triplex and duplex at Rangabazar near BJEM English Medium School-II. Price start Rs. 45lakhs. Call: 9040046767, 9040007267.** D-67340

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs, Contact - 9937059891, 8908292617.** D-13507

**ଭୁବନେଶ୍ୱର ବାଲକାଟି ବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-550/- (Spot possession then registration). 9348020724, 7978939440.** D-66744

**ଭୁବନେଶ୍ୱର AIIMS Medical ଠାରୁ 500 mtr ଦୂରତାରେ yellowzone ଘରବାରି boundary 30' ରାସ୍ତାଥାଇ sqft- 1850/- ରେ plot ବିକ୍ରିହେବ। 6370292040.** D-66746

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13500

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66753

4BHK duplex with gated community at Balianta (land- 1400 construction-2200 @ 55lakh and 2600 @ 65lakh). Contact: mplanets- 9938219397, 9861022055. D-13652

Booking 2BHK simplex 1500 sqft land 27,40,000/-, Tankapani road,Sai Temple, simplex BJEM-(2) 1200 SQFT LAND 15,80,000/-. 7735738102. D-13713

**2Bedroom ready to move flat at Pokhariput, Bhubaneswar. Genuine buyers directly contact: Deepak- 9937329999.** D-66274

Bhubaneswar Patia ଅଞ୍ଚଳରେ ଜଗନ୍ନାଥ ମନ୍ଦିର ପାଖରେ yellowzone, boundary ସୁବିଧା ଥାଇ ଜାଗା କିଣନ୍ତୁ। 8249693292. D-13707

**2600 sqft corner plot sale at SUM Hospital (CET College), 30 feet road, Bhubaneswar. Contact: Deepak- 9937329999.** D-66273

**Ready to construction BDA yellowzone boundary, Electricity plot near VSS Nagar, Chakeisihani. 7978666923, 7326065426.** D-66751

Residential house at Rasulgarh, plots sale at AIIMS. Contact: 8249317990. D-13714

**ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେ ଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି । 9776974912, 8144706560.** D-66750

**ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft- 400/- outrightରେ ମିଳୁଅଛି। 9348847649, 8249243709.** D-66749

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67339

**construction**

**Construct your dream home with pillar beam and interior design from the experts. Contact: 7008550473.** D-13651

**Built Your residential and commercial project with best quality material @ 1349/- onwards with 20 years experienced technical team. We provide Architecture, structural & BDA plan approval. SMPL Infratech 9040008777.** D-13722

**to-let**

3BHK 1800 sqft. house near ITER College, Dumduma. Phone- 8179751075. D-66266

**Open space for rent at Jaipur Mauja near Pahala, Hanspala, about 18000 sqft. 9853631559, 9338562829.** D-13648

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗିନ ଟ ୪୨୦/- ରେ (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Summer special mesmerizing offer expert therapeutic refreshing massage appointment: 9668374480. D-67322

Kajal ayurvedic massage club fully relaxed by smart lady, home service available. 9937637219. D-66934

Ayurvedic full body massage ladies & gents smart therapist. 9040900385. D-66935

Ayurvedic full body massage ladies/gents smart experts therapist. 9114697517. D-66936

Full body herbal massage with refreshment expert therapist. 7381239385, 06742540855. D-67337

Experience full body massage with us (expert). Call: 7377048581, 06742597822. D-67338

Herbal full body massage by smart / expert therapist. Contact: 8338067247. D-67335

Summer special mesmerizing offer expert therapeutic refreshing massage appointment. 9668374480. D-67336

Welcome to Sevacare enjoy sensual service by smart therapist. 6371291612. D-65673

**astrology**

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13718

**LOST**

I, Bikash Gadua, S/o: Kamalakanta Gadua, aforesaid I have passed Vidyalankar (B.A Sanskrit Honours) in the session 2017-2018 from Gurukal Kangri University, Haridwar. I lost my marksheet of 6th semester, Roll no- 154141011. D-13719

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଅଗଷ୍ଟ ୩/୨୦୧୯





## ଜିଲ୍ଲା ଚିଠି
## ନବରଙ୍ଗପୁର

# ସ୍ୱଚ୍ଛତା ବାଟବଣା

ସ୍ୱଚ୍ଛ ଭାରତ ଯୋଜନାରେ ସରକାର ବିଦ୍ୟାଳୟଗୁଡିକରେ ଶୌଚାଳୟ ନିର୍ମାଣ କରିଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଇଛି। କିନ୍ତୁ ନିମ୍ନମାନର ନିର୍ମାଣ ଏବଂ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଶୌଚାଳୟଗୁଡିକ ଏବେ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ଜିଲାରେ ସେତେବେଳେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ କନିଷ୍ଠ ବୈଷୟିକ କର୍ମଚାରୀମାନେ ବ୍ଲକ ଅନୁଯାୟୀ ନିଜ ନାମରେ ଶୌଚାଳୟ ନିର୍ମାଣ ପାଇଁ କାର୍ଯ୍ୟାଦେଶ ନେଇଥିଲେ । ତେବେ ଅଧିକାଂଶ ଶୌଚାଳୟର କାର୍ଯ୍ୟ ଅତି ନିମ୍ନମାନର କରାଯାଇଥିବା ଅଭିଯୋଗ ହୋଇଥିଲା । ବିଦ୍ୟାଳୟ କମିଟି ଠାରୁ ଆରମ୍ଭ କରି ଲୋକ ପ୍ରତିନିଧିମାନେ ମଧ୍ୟ ଜିଲା ପରିଷଦ ବୈଠକରେ ଏଭଳି ନିମ୍ନମାନର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଥିଲେ । ନିର୍ମାଣର ବର୍ଷେ ନ ପୂରୁଣୁ କେତେକ ଶୌଚାଳୟ କାନ୍ଥ ଗୁଡିକ ଫାଟି ଆଁ କରିଛି । ଶୌଚାଳୟକୁ ପାଣି ବ୍ୟବସ୍ଥା କରାଯାଇ ନାହିଁ । ଅନେକ ସ୍ଥାନରେ ପାଇଖାନାଗୁଡିକର ଟାଙ୍କି ନିର୍ମାଣ ନ କରାଯାଇ ବିଲ୍ କରାଯାଇଛି । ଯେଉଁଠି ପାଇଖାନା ଟାଙ୍କି ରହିଛି ତାହା ଉପରେ ଆଚ୍ଛାଦିତ ସ୍ଲାବ ଭାଙ୍ଗିଗଲାଣି । ଅନେକ ବିଦ୍ୟାଳୟରେ ଶୌଚାଳୟ କାର୍ଯ୍ୟ ଶେଷ ନ ହେଉଣୁ ସମ୍ପୂର୍ଣ୍ଣ ବିଲ୍ ହୋଇ ସାରିଛି । ଜିଲାରେ ବିଦ୍ୟାଳୟଗୁଡିକରେ ଶୌଚାଳୟ ଅବସ୍ଥା ଏପରି ଥିବାରୁ ଏହା ଛାତ୍ରୀଛାତ୍ରଙ୍କ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ । ଶୌଚାଳୟଗୁଡିକ ଏବେ ତାଲା ପଡି ରହିଛି । କୋମଳମତି ଛାତ୍ରୀଛାତ୍ର ବାହାରକୁ ଶୌଚ ହେବାକୁ ଯାଉଛନ୍ତି । ଏନେଇ ଅନେକ ରାଜନୈତିକ ଦଳ ସ୍ୱର ଉତ୍ତୋଳନ ମଧ୍ୟ କରି ସାରିଛନ୍ତି । ଭିଜିଲାନ୍ସ ବିଭାଗ ମଧ୍ୟ ସମ୍ପୃକ୍ତ ବିଭାଗରୁ ଫାଇଲ ମଗାଇ ଯାଞ୍ଚ କଲେ । କିନ୍ତୁ କିଛି ପଦାକୁ ଆସିଲା ନାହିଁ । ବୈଷୟିକ କର୍ମଚାରୀମାନେ ପୁଣି ଅଧୁରା ଥିବା ଶୌଚାଳୟ ଗୁଡିକ ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ । ଏବେବି ସମ୍ପୂର୍ଣ୍ଣ ବୋଲି ଦର୍ଶାଯାଉଥିବା ଶୌଚାଳୟର କାର୍ଯ୍ୟ ଅତି ନିମ୍ନମାନର ଓ ବ୍ୟବହାର ଉପଯୋଗୀ ନୁହେଁ ବୋଲି ଅଭିଯୋଗ ହେଉଛି । ନବରଙ୍ଗପୁର ଭଳି ପଛୁଆ ଜିଲାରେ ଲୋକଙ୍କ ସରଳତାର ଫାଇଦା ଉଠାଇବାରେ ଲାଗିଛନ୍ତି କର୍ମଚାରୀ । ଯେଉଁ ବିଦ୍ୟାଳୟ କମିଟି ଅଭିଯୋଗ ଆଣୁଛନ୍ତି ତାଙ୍କୁ କିଭଳି ଚୁପ କରାଇ ଦେବା ସେନେଇ ଦୁଇଜଣ କର୍ମଚାରୀ ଦାୟିତ୍ୱରେ ରହିଛନ୍ତି । ଏହାର ବିଧିବଦ୍ଧ ତଦନ୍ତ ହେବା ଆବଶ୍ୟକ । ତାହା ନହେଲେ ଜିଲାରେ ସ୍ୱଚ୍ଛ ଭାରତ ଭଳି ଏକ ହୀତକର ଯୋଜନା ଫସର ଫାଟି ବାଟବଣା ହେବ । ବୈଷୟିକ କର୍ମଚାରୀମାନେ ନିମ୍ନମାନର ଓ ଅଧୁରା କାର୍ଯ୍ୟ କରି ମାଲାମାଲ ହୋଇ ରହିବେ ଏଥିରେ ଦ୍ୱିମତ ନାହିଁ ।

– ସଦାଶିବ ପ୍ରହରାଜ

# ୩ ହଜାର ବର୍ଷ ପୂର୍ବେ ଓଡ଼ିଶାରେ ଥିଲା ସୂର୍ଯ୍ୟ ଉପାସନା

■ କୋଣାର୍କ ମନ୍ଦିର ନିର୍ମାଣ ପୂର୍ବରୁ ହେଉଥିଲା ସୂର୍ଯ୍ୟପୂଜା
■ ଏଏସ୍ଆଇକୁ ମିଳିଲା ପ୍ରମାଣ

ଭୁବନେଶ୍ୱର,୨।୮(ବ୍ୟୁରୋ)

୩ ହଜାର ବର୍ଷ ପୂର୍ବେ ଓଡ଼ିଶାରେ ରହିଥିଲା ସୂର୍ଯ୍ୟ ଉପାସନା। କୋଣାର୍କ ସୂର୍ଯ୍ୟ ମନ୍ଦିର ଓଡ଼ିଶାରେ ସୂର୍ଯ୍ୟ ଉପାସନା ପରମ୍ପରାକୁ ପ୍ରମାଣ କରୁଥିବାବେଳେ ଏହା ନିର୍ମାଣ ହେବାର ବହୁ ପୂର୍ବରୁ କିନ୍ତୁ ଏଠାରେ ଲୋକେ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରୁଥିଲେ। ପ୍ରାଚୀନଦୀ ଅବବାହିକାରେ ଯେବେଠାରୁ ମନୁଷ୍ୟ ସଭ୍ୟତା ଆରମ୍ଭ ହୋଇଥିଲା ସେବେଠାରୁ ସେଠାକାର ଆଦିମ ଅଧିବାସୀମାନେ ସୂର୍ଯ୍ୟଙ୍କୁ ପୂଜା କରିଆସୁଥିଲେ। କେବଳ ଏତିକି ନୁହେଁ, ଚନ୍ଦ୍ରଭାଗାରେ ଏବେ ଯେଉଁ ପ୍ରସିଦ୍ଧ ମାଘସପ୍ତମୀ ବୁଡ଼ ଅନୁଷ୍ଠିତ ହେଉଛି ତାହା ସେହି ସମୟରୁ ହୋଇଆସୁଥିବା ଅନୁମାନ କରାଯାଉଛି। ଖ୍ରୀଷ୍ଟପୂର୍ବ ୧୦୯୯ ବେଳକୁ ଓଡ଼ିଶାରେ ସୂର୍ଯ୍ୟ ଉପାସନା ହେଉଥିବା ନେଇ ବୈଜ୍ଞାନିକ ପ୍ରମାଣ ପାଇଛି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ)। ୨୦୧୮ରେ ପ୍ରାଚୀନଦୀ କୂଳ ଭାରତୀହୁଡ଼ାରୁ ଏଏସ୍ଆଇକୁ ମିଳିଥିବା ଏକ ମାଟିପାତ୍ରରୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି, ଯାହାକି ଓଡ଼ିଶାରେ ସୂର୍ଯ୍ୟ ଉପାସନାର ପ୍ରାଚୀନ ପରମ୍ପରାକୁ ପ୍ରମାଣିତ କରିଛି।

ଭୁବନେଶ୍ୱରସ୍ଥିତ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଉତ୍ଖନନ ଶାଖା-୪ ପକ୍ଷରୁ ନିଆଳ ନିକଟ ପ୍ରାଚୀନଦୀ କୂଳ ଭାରତୀହୁଡ଼ାରେ କରାଯାଇଥିବା ଉତ୍ଖନନରୁ ବହୁ ବିରଳ ସାମଗ୍ରୀର ସନ୍ଧାନ ମିଳିଥିଲା। ହାଡ଼ରେ ତିଆରି ବର୍ଚ୍ଛା ଓ ତୀର ସହ ମାଛକଣ୍ଟା, ପକ୍ଷୀ ହାଡ଼, କଇଁଛ ହାଡ଼, କଳା ଓ ନାଲି ରଙ୍ଗର ମାଟିପାତ୍ର, ସିଲ୍‌ପିଡ୍, ପଥର କୁରାଢ଼ି ଆଦି ଏଠାରୁ ମିଳିଥିଲା। ପୂର୍ବରୁ ପ୍ରାଚୀନଦୀ କୂଳରେ ଗଢିଉଠିଥିବା ସଭ୍ୟତା କହିଲେ ମୁଖ୍ୟତଃ ମଧ୍ୟଯୁଗୀୟ ସଭ୍ୟତା ଓ ମଧ୍ୟଯୁଗୀୟ ମନ୍ଦିରକଳାକୁ ବୁଝାଉଥିବାବେଳେ ଏହି ଉତ୍ଖନନ ପରେ ସେଠାରେ ୩୬୦୦ବର୍ଷ ପୂର୍ବେ ପ୍ରଥମେ ମନୁଷ୍ୟ ସଭ୍ୟତା ଆରମ୍ଭ ହୋଇଥିବା ଜଣାପଡ଼ିଥିଲା। ଏହାପୂର୍ବରୁ ଏଠାରେ ସମୁଦ୍ର ଓ ଜଙ୍ଗଲ ରହିଥିଲା। ଗଣ୍ଡା, ହାତୀ, ହରିଣ ଆଦି ଏଠାରେ ବସବାସ କରୁଥିଲେ। ଧୀରେ ଧୀରେ ଏଠାରେ ମନୁଷ୍ୟ ବସବାସ କରିବା ସହ ଚାଷ ଓ ପଶୁପକ୍ଷୀ ଶିକାର କରି ଜୀବିକା ନିର୍ବାହ କରୁଥିଲେ। ତେବେ ଉତ୍ଖନନ ବେଳେ ସେଠାରୁ ମିଳିଥିବା ସୂର୍ଯ୍ୟଙ୍କ ଚିତ୍ର ଖୋଦିତ ଏକ ମାଟିପାତ୍ରରୁ ଅଧିକ ତଥ୍ୟ ହାସଲ ପାଇଁ ଏଏସ୍ଆଇ ଏହାକୁ ଇଣ୍ଟର ୟୁନିଭର୍ସିଟି ଆକ୍ସିଲରେଟର ସେଣ୍ଟର(ଆଇୟୁଏସି)କୁ ପଠାଇଥିଲା। ଆଇୟୁଏସି ଦ୍ୱାରା କରାଯାଇଥିବା ଏ.ଏମ୍.ଏସ୍ ଡେଟିଂ ରିପୋର୍ଟ ମୁତାବକ ଏହି ମାଟିପାତ୍ର ଖ୍ରୀଷ୍ଟପୂର୍ବ ୧୦୯୯ର ବୋଲି ପ୍ରମାଣ ମିଳିଛି। ଭାରତୀହୁଡ଼ା ଉତ୍ଖନନ ସ୍ଥଳ ସୂର୍ଯ୍ୟ ଉପାସନାର ପରମ୍ପରାକୁ ପ୍ରମାଣିତ କରୁଥିବା ବେଳେ ୩ ହଜାର ବର୍ଷ ପୂର୍ବେ ସେଠାରେ ସୂର୍ଯ୍ୟ ଉପାସନା କରାଯାଉଥିବା ଏଏସ୍ଆଇ ଉତ୍ଖନନ ଶାଖା-୪ର ସୁପରିଣ୍ଟେଣ୍ଡେଣ୍ଟ ଆର୍କିଓଲୋଜିଷ୍ଟ ଡ. ଡି.ବି. ଗଡନାୟକ କହିଛନ୍ତି। ଏହି ସ୍ଥାନ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିରଠାରୁ ମାତ୍ର ୩୦ କିଲୋମିଟର ଦୂରରେ ରହିଛି। ନିକଟରେ ଥିବା ଚନ୍ଦ୍ରଭାଗାଠାରେ ପ୍ରତିବର୍ଷ ମାଘସପ୍ତମୀରେ ଦୂରଦୂରାନ୍ତରୁ ବହୁ ସୂର୍ଯ୍ୟ ଉପାସକ ଆସି ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ପ୍ରାଚୀନଦୀ ଚନ୍ଦ୍ରଭାଗାଠାରେ ସମୁଦ୍ରରେ ମିଶିଥିବାବେଳେ ସେ ଯୁଗର ଲୋକମାନେ ମଧ୍ୟ ମାଘସପ୍ତମୀରେ ଏଠାରେ ପୂଜା କରୁଥିବା ଜଣାପଡୁଛି। ତେଣୁ ସୂର୍ଯ୍ୟପୂଜାର ପରମ୍ପରା ଏହି ସ୍ଥାନରେ ମଣିଷ ସଭ୍ୟତାର ଆରମ୍ଭରୁ ରହିଆସିଛି ବୋଲି ଗଡ଼ନାୟକ କହିଛନ୍ତି।


ମିଳିଥିବା ମାଟି ସାମଗ୍ରୀରେ ସୂର୍ଯ୍ୟ ଚିହ୍ନ।

## ପୋଲିସ ଅଧିକାରୀଙ୍କ ଅଦଳ ବଦଳ

ସମ୍ବଲପୁର,୨।୮(ବ୍ୟୁରୋ)

ଉତ୍ତରାଞ୍ଚଳ ପୋଲିସ ରେଞ୍ଜ ଅଧୀନରେ କାର୍ଯ୍ୟରତ କେତେକ ପୋଲିସ ଅଧିକାରୀଙ୍କ ଅଦଳ ବଦଳ ହୋଇଛି। ବଲାଙ୍ଗୀରରୁ ରଞ୍ଜିତ ନାଏକ, ବିର୍ଲାଚନ୍ଦ୍ର ଶଶି ବରଗଡ ବଦଳି ହୋଇଛନ୍ତି। ବଲାଙ୍ଗୀରରୁ ଏସ୍ଆଇ ଲିପିକା ନାଏକଙ୍କୁ ସମ୍ବଲପୁର ବଦଳି କରାଯାଇଛି। ବରଗଡରୁ ଅନିତା କୁଜୁରଙ୍କୁ ସମ୍ବଲପୁର ଓ ଏଏସ୍ଆଇ କୁନୁ ସାହୁଙ୍କୁ ବଲାଙ୍ଗୀର ବଦଳି କରାଯାଇଛି। ସମ୍ବଲପୁରରୁ କିଶୋରଚନ୍ଦ୍ର ପତିଙ୍କୁ ବଲାଙ୍ଗୀର ବଦଳି ହୋଇଛି । ସୋନପୁରରୁ କୀର୍ତ୍ତି ଚୌଧୁରୀଙ୍କ ବଲାଙ୍ଗୀର, ଝାରସୁଗୁଡାରୁ ରବି ନାରାୟଣ ପଣ୍ଡାଙ୍କ ସମ୍ବଲପୁର ବଦଳି ହୋଇଛି।

## ଡକାୟିତ ଅଭିଯୋଗରେ ଅଭିଯୁକ୍ତ ଗିରଫ

ସମ୍ବଲପୁର,୨।୮(ବ୍ୟୁରୋ)

ସମ୍ବଲପୁର ଜିଲା ଶାସନ ଥାନା ପୋଲିସ ଏକ ଡକାୟିତ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ଅଇଁଠାପାଲି ଥାନା ଶାନ୍ତି ନଗରର ଶୁଭେନ୍ଦୁ ପଣ୍ଡା। ଏହି ଘଟଣାର ଅନ୍ୟ ଅଭିଯୁକ୍ତମାନେ ଫେରର ହୋଇ ଯାଇଛନ୍ତି । ଅଭିଯୁକ୍ତ ଶୁଭେନ୍ଦୁଙ୍କ ନିକଟରୁ ପୋଲିସ ୨୫ ଶହ ଟଙ୍କା, ମୋବାଇଲ ଫୋନ୍ ଓ ଗାଡି ଜବତ କରିଛି । ସୂଚନାଯୋଗ୍ୟ, ୧ ତାରିଖ ରାତିରେ ଅଭିଯୁକ୍ତମାନେ ୨ଟି କୋଇଲା ବୋଝେଇ ଗାଡି ଓ ଗୋଟିଏ କେନ୍ଦୁପତ୍ର ଗାଡିକୁ ଶାସନ ନିକଟରେ ଅଟକାଇଥିବାବେଳେ କୋଇଲା ବୋଝେଇ ଟ୍ରକ୍‌ର ଡ୍ରାଇଭରଙ୍କ ନିକଟରୁ ଟଙ୍କା ଓ ଫୋନ୍ ନେଇ ଯାଇଥିଲେ ।

## ଆଜିଠୁ 'ମେଟାଲ୍ ମିଟ୍ ୨୦୧୯' | ଚାମ୍ପିୟନ୍ ଟାଇଟଲ୍ ପାଇଁ ଅନେକ ଦାବିଦାର୍

ଭୁବନେଶ୍ୱର,୨।୮(ବ୍ୟୁରୋ)

ପ୍ରସ୍ତୁତିଶେଷ। ଅପେକ୍ଷା କେବଳ ରାଜ୍ୟସ୍ତରୀୟ କୁଇଜିଂ ଇଭେଣ୍ଟ 'ମେଟଲ୍ ମିଟ୍- ୨୦୧୯' ଆରମ୍ଭ ହେବା ପାଇଁ, ଯେଉଁଠି ମୁହାଁମୁହିଁ ହେବେ ରାଜ୍ୟର ଶ୍ରେଷ୍ଠ ସ୍କୁଲ୍ ଓ କଲେଜଗୁଡ଼ିକ। ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ ବୌଦ୍ଧିକ ପ୍ରତିଯୋଗିତା ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଯୋଗାଇଦେବା ଲକ୍ଷ୍ୟରେ ଆୟୋଜିତ 'ମେଟଲ୍ ମିଟ୍' ଚଳିତବର୍ଷ ଆହୁରି ବ୍ୟାପକ ଓ ଆକର୍ଷଣୀୟ ହେଉଛି। ପ୍ରାୟ ୯୦ ଟିମ୍ ଏହି 'ବ୍ୟାଟଲ୍ ଅଫ୍ ବ୍ରେନ୍' ପାଇଁ ନିଜକୁ ପ୍ରସ୍ତୁତ କରିସାରିଥିବାବେଳେ ପ୍ରାୟ ୪୦୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିବେ। ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ଶନିବାର 'ମେଟଲ ମିଟ୍'ର ପ୍ରିଲିମ୍ସ ରାଉଣ୍ଡ ହେଉଥିବାବେଳେ ରବିବାର ଗ୍ରାଣ୍ଡ୍ ଫିନାଲେ ଅନୁଷ୍ଠିତ ହେବ। ତେବେ ଏଥର ଟିମ୍ ସଂଖ୍ୟା ବଢିଥିବାରୁ ପ୍ରତିଯୋଗିତା ଆହୁରି କଠିନ ହେବ ବୋଲି ଆଶା କରାଯାଉଛି। ଓଡ଼ିଶାର ବିଭିନ୍ନ ସ୍କୁଲ୍ ଏବଂ କଲେଜ୍‌ରୁ ମୋଟ ୯୦ ଟିମ୍ ଅଂଶଗ୍ରହଣ କରୁଥିବାବେଳେ ଭାଗନେଇଥିବା ପ୍ରତ୍ୟେକ ଟିମ୍‌ର ପ୍ରତିଯୋଗୀ ଜଣକରୁ ବଳି ଆଉଜଣେ। ତେଣୁ ଜୁନିୟର୍ ଏବଂ ସିନିୟର୍ କାଟାଗୋରୀ ମେଟଲ୍ ମିଟ୍ ଏଥର ପୂର୍ବବର୍ଷ ଅପେକ୍ଷା ଅଧିକ ପ୍ରତିଯୋଗିତାପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଗତବର୍ଷ ସିନିୟର୍ ବିଭାଗରେ ବେଶ୍ ଚତୁରତାର ସହ ଖେଳି ଚାମ୍ପିୟନ୍ ହୋଇଥିବା ଭୁବନେଶ୍ୱରର କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ସିଇଟି) ଏଥର ମଧ୍ୟ ଟାଇଟଲ୍‌ର ପ୍ରମୁଖ ଦାବିଦାର ରହିଛି। ସେହିଭଳି କୁଇଜିଂ କ୍ଲବ୍ ମାଧ୍ୟମରେ ସର୍ବଦା ଅପ୍‌ଡେଟ୍ ରହୁଥିବା ଏନ୍ଆଇଟି ରାଉରକେଲା ୨୦୧୮ରେ ଶ୍ରେଷ୍ଠ ୩ ଟିମ୍ ମଧ୍ୟରେ ରହିପାରି ନଥିବା ବେଳେ ଏଥର କିନ୍ତୁ ଚାମ୍ପିୟନ୍ ଟାଇଟଲ ହାତେଇବାକୁ ଜୋରଦାର୍ ପ୍ରସ୍ତୁତି କରିଛି। ସେହିଭଳି ବିଜୟୀ ଟିମ୍‌କୁ କଡ଼ା ଟକ୍କର ଦେଇ ପ୍ରଥମ ରନର୍ସଅପ୍ ହୋଇଥିବା କିଟ୍ ଆଗଧାଡ଼ିରେ ରହିଥିବା ବେଳେ ଅନ୍ୟ ଟିମ୍‌ଗୁଡ଼ିକ ମଧ୍ୟରେ ଆଇଆଇଟି ଭୁବନେଶ୍ୱର, ଏମ୍‌ସ ଭୁବନେଶ୍ୱର, ନାଇଜର୍, ଭିଏସ୍ଏସ୍‌ୟୁଟି ବୁର୍ଲା, ରେଭେନ୍ସା, ଏସ୍‌ସିବି ମେଡିକାଲ କଲେଜ ଓ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଭଳି ଟାଇଟଲ୍ ଦାବିଦାରମାନେ ରହିଛନ୍ତି।

ସେହିଭଳି ଜୁନିୟର ବିଭାଗକୁ ଦେଖିଲେ, ଏଥର ତାଲିକାରେ ଲୋୟୋଲା ସ୍କୁଲ୍, ମଦର୍ସ ପବ୍ଲିକ୍ ସ୍କୁଲ୍, କିଟ୍ ଇଣ୍ଟରନ୍ୟାଶନାଲ, ସାଇ ଇଣ୍ଟରନ୍ୟାଶନାଲ, ଡୁନ୍ ଇଣ୍ଟରନ୍ୟାଶନାଲ, ରେଭେନ୍‌ଶା ହାଇସ୍କୁଲ୍, ରମାଦେବୀ ଜୁନିୟର କଲେଜ, ଡିଏଭି, ଡିପିଏସ୍, କେନ୍ଦ୍ରୀୟ ବିଦ୍ୟାଳୟ, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ୍, ଟାଇମ୍ସ ଗୁରୁକୁଳ, ଓଡିଏମ୍, ଷ୍ଟୁଆର୍ଟ, ସେଣ୍ଟ ଜାଭିୟର, ସେଣ୍ଟ ଜୋସେଫ୍, ସୈନିକ ସ୍କୁଲ୍ ଭଳି ଆଗଧାଡ଼ିର ସ୍କୁଲ୍‌ଗୁଡ଼ିକ ରହିଛନ୍ତି। ତେବେ ଗତବର୍ଷ ସମସ୍ତଙ୍କୁ ଚମକାଇ ଭୁବନେଶ୍ୱରର ମଦର୍ସ ପବ୍ଲିକ୍ ସ୍କୁଲ୍ ଚାମ୍ପିୟନ୍ ଟାଇଟଲ୍ ଜିତିଥିବା ବେଳେ ଏଥର ବି ସେମିତି କିଛି ଚମତ୍କାର ହୋଇପାରେ ବୋଲି ଆଶା କରାଯାଉଛି। ଗତଥର ପ୍ରଥମ ରନର୍ସଅପ୍ ହୋଇଥିବା କଟକ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ୍ ଓ ୨ୟ ରନର୍ସଅପ୍ ହୋଇଥିବା ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ ଏଥର ପୁଣିଥରେ ନିଜର କରିସ୍ମା ଦେଖାଉଛି ନା କିଟ୍, ସାଇ, ଲୋୟୋଲା ଭଳି ରାଜଧାନୀର ଆଗଧାଡ଼ିର ସ୍କୁଲଗୁଡ଼ିକ ଟାଇଟଲ ବିଜୟୀ ହେଉଛନ୍ତି ତାହାଉପରେ ସମସ୍ତଙ୍କ ନଜର ରହିଛି। ଚଳିତବର୍ଷ ରେସ୍‌ରେ ସାମିଲ ହୋଇଛନ୍ତି ଏକାଧିକ ନୂଆ ସ୍କୁଲ୍ ଓ ଜୁନିୟର କଲେଜ। ସେମାନଙ୍କ ପ୍ରଦର୍ଶନ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ। ଜୁନିୟର୍‌ରେ ମୋଟ ୪୪ ଟିମ୍ ଓ ସିନିୟର୍‌ରେ ୪୬ ଟିମ୍ ଅଂଶଗ୍ରହଣ କରୁଥିବା ବେଳେ ଏଥର ପ୍ରଥମଥର ପାଇଁ କୁଇଜ୍‌ମାଷ୍ଟର ଅଜୟ ପୁନିଆ ଶୋ' ହୋଷ୍ଟ କରିବାକୁ ଯାଉଛନ୍ତି।

## ଆଜି କ'ଣ କେଉଁଠି

**ଦେବଗଡ଼**

■ରକ୍ତଦାନ ଶିବିର, ଟାଉନ ଆଦର୍ଶ ଥାନା, ପୂର୍ବାହ୍ନ ୯ଟା।

■ଜଣାଅଜଣା ପ୍ରତିଯୋଗିତା, ପଞ୍ଚମରୁ ୧୦ମ, ସୂଚନାକେନ୍ଦ୍ର ଓ ପାଠଗାର, ପୂର୍ବାହ୍ନ ୧୦ଟା ୩୦।

**ବରଗଡ଼**

■ଜିଲାସ୍ତରୀୟ ସନ୍ତ୍ୟପାନ ଦିବସ ପାଳନ, ଜିଲାପାଳ ଅଫିସ ପରିସର, ସକାଳ ୭ଟା ୩୦ ମିନିଟ୍।










## ହସ୍ପିଟାଲରେ ନେଇଥିବା ରକ୍ତରୁ ଏଚ୍ଆଇଭି ସଂକ୍ରମଣ ସନ୍ଦେହ

■ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର ହେଲେ ବାଳକ

ବଲାଙ୍ଗୀର ଅଫିସ, ୨।୮

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଶିଶୁ ବିଭାଗରୁ ବୌଦ୍ଧ ଜିଲାର ଏଚ୍ଆଇଭି ସଂକ୍ରମିତ ଜଣେ ୯ବର୍ଷର ବାଳକଙ୍କୁ ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ କେନ୍ଦ୍ର(ଏମ୍ସ) ହସ୍ପିଟାଲକୁ ସ୍ଥାନାନ୍ତରଣ କରାଯାଇଛି। ବାଳକ ଦେହରେ ସଂକ୍ରମିତ ରକ୍ତ ଦିଆଯିବାରୁ ସେ ଏଚ୍ଆଇଭି ସଂକ୍ରମିତ ହୋଇଥିବା ପରିବାର ଲୋକେ ସନ୍ଦେହ କରିବା ପରେ ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି ।

ପରିବାର ଲୋକଙ୍କ କହିବା ମୁତାବକ, ପ୍ରାୟ ୫ ବର୍ଷ ତଳେ ସମ୍ପୃକ୍ତ ବାଳକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ଏନେଇ ବାକକଙ୍କୁ ପ୍ରଥମେ ବୌଦ୍ଧ ପରେ ବଲାଙ୍ଗୀର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ସମୟରେ ଡାକ୍ତରଙ୍କ ପରାମର୍ଶ କ୍ରମେ ସମ୍ପୃକ୍ତ ବାଳକ ଦେହରେ ରକ୍ତ କମ୍ ଥିବାରୁ ତାଙ୍କ ଦେହରେ ରକ୍ତଭଣ୍ଡାରରୁ ୨ ୟୁନିଟ୍ ରକ୍ତ ଆଣି ଦିଆଯାଇଥିଲା । ଆରୋଗ୍ୟଲାଭ ପରେ ସମ୍ପୃକ୍ତ ବାଳକଙ୍କୁ ଧରି ପରିବାର ଲୋକେ ଘରକୁ ଫେରିଆସିଥିଲେ । ଘଟଣାର ପ୍ରାୟ ୫ ବର୍ଷ ପରେ ସମ୍ପୃକ୍ତ ବାଳକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ତାଙ୍କୁ କିଛିମାସ ତଳେ ବୁର୍ଲା ଭିମ୍‌ସାର ହିସ୍ପିଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ରକ୍ତ ପରୀକ୍ଷା ପରେ ସେ ଏଚ୍ଆଇଭି ସଂକ୍ରମିତ ହୋଇଯାଇଥିବା ଜଣାପଡ଼ିଥିଲା । ସମ୍ପୃକ୍ତ ବାଳକଙ୍କ ମା' ଏଚ୍ଆଇଭି ସଂକ୍ରମିତ ହୋଇ ନ ଥିବାରୁ ଜନ୍ମରୁ ବାଳକ ଏଚ୍ଆଇଭି ସଂକ୍ରମିତ ନ ଥିଲେ ବୋଲି ପରିବାର ଲୋକେ କହିଛନ୍ତି। ତେବେ ପ୍ରାୟ ୫ ବର୍ଷ ତଳେ ବଲାଙ୍ଗୀର ହସ୍ପିଟାଲରେ ଦିଆଯାଇଥିବା ୨ ୟୁନିଟ୍ ରକ୍ତରୁ ପିଲାଟି ଏଚ୍ଆଇଭି ସଂକ୍ରମିତ ହୋଇଥିବା ସନ୍ଦେହ କରିଛନ୍ତି। ଅନ୍ୟପକ୍ଷେ ହସ୍ପିଟାଲରେ ଦିଆଯାଇଥିବା ରକ୍ତ ଏଚ୍ଆଇଭି ମୁକ୍ତ କି ନୁହେଁ ସେନେଇ ମଧ୍ୟ ସନ୍ଦେହ ଘନୀଭୂତ ହୋଇଛି । ସମ୍ପୃକ୍ତ ବାଳକ ବର୍ତ୍ତମାନ ଦୁର୍ବଳ ହୋଇପଡିବା ସହ ଆଖିକୁ ଦେଖାଯାଉନାହିଁ । କିଛିବର୍ଷ ତଳେ ତାଙ୍କର ବାପାଙ୍କ ଦେହାନ୍ତ ହୋଇଛି। ଏଭଳି ସ୍ଥିତିରେ ପୁଅକୁ ଧରି ମା' ଓ ଅଜା ଅସୁବିଧାରେ ପଡିଛନ୍ତି। ରକ୍ତଭଣ୍ଡାର ରକ୍ତରୁ ଏଚ୍ଆଇଭି ସଂକ୍ରମଣ ହୋଇଥିବା ପିଲାର ଅଜା ଓ ମା' ସନ୍ଦେହ ପ୍ରକଟ କରିଛନ୍ତି। ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ଏହାର ତଦନ୍ତ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଂଯୁକ୍ତା ସାହୁ ଗଣମାଧ୍ୟମକୁ କହିଛନ୍ତି।

KENDRIYA VIDYALAYA, SONEPUR

शिक्षक आवश्यक

K.V., Sonepur invites interested and eligible candidates to attend Walk-in-Interview for the following posts for the Session 2019-20 purely on part time contractual basis as per KVS norm.

| क्र.नं. | पदवी के नाम | योग्यता और तनखा | स्थान और समय |
|---|---|---|---|
| 1 | पीजीटी (Hindi, English, Physics, Chemistry, Mathematics, Biology & Computer Science) | For details please refer to website of KV Sonepur: www.kvsonepur.org | केन्द्रीय विद्यालय, सोनपुर, जिला-सोनपुर, दिनांक - 08.08.2019, पंजीकरण समय - 9 A.M. to 10 A.M. |
| 2 | टिजीटी (English, Sanskrit & Social Study) | | |
| 3 | पीआरटी (Primary Teacher) | | |
| 4 | स्टाफ नर्स और शैक्षिक काउनसेलर | | |

Details are available at www.kvsonepur.org
For detail Contact - 7008386233
स्वा / - प्राचार्य, केन्द्रीय विद्यालय, सोनपुर



ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ– ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ – ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ।
–ଶ୍ରୀଅରବିନ୍ଦ

# ପରିପତ୍ରରୁ ବାବୁ ଦୁଇଭାଗ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ତାମିଲନାଡୁ ମୁଖ୍ୟ ଶାସନ ସଚିବ କେ. ଷଣ୍ମୁଗମ୍ ପ୍ରଶାସନିକ ବାବୁମାନଙ୍କୁ ଅଧିକ ଉତ୍ତରଦାୟୀ ହେବା ପାଇଁ ଏକ ସର୍କୁଲାର (ପରିପତ୍ର) ଜାରି କରିଛନ୍ତି। ଏହାକୁ ନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ ବିଭିନ୍ନ ଜିଲାର ଜିଲା ମାଜିଷ୍ଟ୍ରେଟ୍ ଓ ଜିଲାପାଳମାନଙ୍କଠାରୁ ଷଣ୍ମୁଗମ୍ ଯେଉଁଭଳି ପ୍ରତିକ୍ରିୟା ପାଇଛନ୍ତି, ତାହା ସେ କେବେ ଆଶା କରି ନ ଥିଲେ। ପ୍ରାପ୍ତ ସୂତ୍ର ଅନୁଯାୟୀ, ସ୍ଥାନୀୟ ପ୍ରଶାସନିକ ଉନ୍ନତି ପାଇଁ ଷଣ୍ମୁଗମ୍ ୧୦-ସୂତ୍ରୀ ଯୋଜନା ବିଷୟରେ ଉଲ୍ଲେଖ କରିଛନ୍ତି। ଏହି ପରିପତ୍ରରେ ସେ ଜିଲା ମାଜିଷ୍ଟ୍ରେଟ୍ ଓ ଜିଲାପାଳମାନଙ୍କୁ ଅଧିକ କ୍ଷେତ୍ର ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷେତ୍ର ପରିଦର୍ଶନ ସମୟରେ ସେମାନେ ବିଭିନ୍ନ ଅଞ୍ଚଳର କୃଷି ତଥା ଆନୁଷଙ୍ଗିକ କାର୍ଯ୍ୟକଳାପ ଉପରେ ଦୃଷ୍ଟିଦେବା ଓ ଗ୍ରାମାଞ୍ଚଳର ଅର୍ଥନୈତିକ ବିକାଶ ତଥା ଜଳ ସଂରକ୍ଷଣ ଆଦିକୁ ଅଗ୍ରାଧିକାର ଦେବା ଲାଗି ଷଣ୍ମୁଗମ୍ ପରାମର୍ଶ କରିଛନ୍ତି। ତେବେ ତାଙ୍କର ଏହି ପରିପତ୍ର ସଂସ୍କାରଭିତ୍ତିକ ହୋଇଥିଲେ ବି ଏହାକୁ ନେଇ ଆଇଏଏସ୍ ବାବୁମାନେ ଦି' ଭାଗ ହେଲା ଭଳି ମନେହେଉଛି। ସେମାନଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀ ମୁଖ୍ୟ ଶାସନ ସଚିବଙ୍କ ଚିଠିରେ ଉଲ୍ଲେଖ କରାଯାଇଥିବା ଯୋଜନାକୁ ରାଜନୈତିକ ଦୃଷ୍ଟିକୋଣରୁ ବିଚାର କରିଛନ୍ତି। ରାଜନୈତିକ କ୍ଷେତ୍ରକୁ ସେମାନଙ୍କୁ ଟାଣିନେବାର ଏହା ଏକ ଯୋଜନା ବୋଲି କହୁଛନ୍ତି। ସେମାନେ ଯୁକ୍ତି ବାଢିଛନ୍ତି ଯେ, ସେମାନେ ଏହି କାର୍ଯ୍ୟ ପୂର୍ବରୁ କରିଆସୁଛନ୍ତି ଓ ନିଜର ପ୍ରଦର୍ଶନ ଲାଗି ବହୁମୁଖୀ ଯାଞ୍ଚ ପ୍ରକ୍ରିୟାରେ ଉତ୍ତରଦାୟୀ ମଧ୍ୟ ରହୁଛନ୍ତି। ଅନ୍ୟପକ୍ଷରେ ଆଉ ଏକ ଗୋଷ୍ଠୀ ମୁଖ୍ୟ ସଚିବଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହା ଏକ ଭଲ ପଦକ୍ଷେପ ବୋଲି ସେମାନଙ୍କର ବିଶ୍ୱାସ। ସେମାନଙ୍କ ମତରେ ଗ୍ରାମାଞ୍ଚଳରେ ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟ ତଦାରଖ କରିବା ଲାଗି ଏହା ଏକ ଉତ୍ତମ ବ୍ୟବସ୍ଥା। ଏହା ସାଧାରଣ ବିବାଦରୁ ବାବୁମାନଙ୍କୁ ଦୂରେଇ ରଖିପାରିବ ବୋଲି ଏମାନେ ମତ ଦେଇଛନ୍ତି।

### ଗୋପନୀୟତା ଚିନ୍ତା

ଏହା କିଛି ନୂଆ କଥା ନୁହେଁ କି କାହାକୁ ଅଛପା ନାହିଁ ଯେ, ସୂଚନା ଚାନେଲଗୁଡ଼ିକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ମୋଦି ସରକାର ଉଦ୍ୟମ କରୁଛନ୍ତି। ସରକାରୀ କଳରୁ ଯେଉଁସବୁ ତଥ୍ୟ ପ୍ରଦାନ କରାଯାଉଛି, ତାହା ଯେପରି ସରକାରୀ ନିୟନ୍ତ୍ରଣରେ ରହେ ଓ ସୁରକ୍ଷିତ ରହେ, ତାହା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାରି କରିଥିବା ୨୪ ପୃଷ୍ଠାର ଏକ ଚିଠିରେ ବାବୁମାନଙ୍କୁ ତାଗିଦ କରିଛି କି କେହି ଯେପରି ବିନା ଅନୁମତିରେ ଅଫିସ କମ୍ପ୍ୟୁଟର ବା ମୋବାଇଲ ଫୋନରୁ ସୋସିଆଲ ମିଡିଆର ବ୍ୟବହାର ନ କରନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ସାଇବର ଓ ସୂଚନା ସୁରକ୍ଷା ବିଭାଗ ସାଇବର ଅପରାଧ, ଜାତୀୟ ତଥ୍ୟ ସୁରକ୍ଷା ନୀତି ଏବଂ ଏହାର ନିର୍ଦ୍ଦେଶାବଳୀ ଓ ତାକୁ କାର୍ଯ୍ୟକାରୀ କରିବା ସମ୍ବନ୍ଧିତ ବିଷୟ ବୁଝୁଛି। ସରକାରଙ୍କର ଏବେକାର ପଦକ୍ଷେପ ସୁରକ୍ଷାରେ ସୃଷ୍ଟି ହେଉଥିବା ଗଳାବାଟକୁ ବନ୍ଦକରିବା ପାଇଁ ତଥା ସମ୍ବେଦନଶୀଳ ତଥ୍ୟର ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ନିଆଯାଇଛି। ଏହା ଠିକ୍ ଯେ, ସରକାର ତଥ୍ୟ ସୁରକ୍ଷା ନେଇ ଚିନ୍ତିତ ଥିବାବେଳେ ଦେଶର ଛାତ୍ରମାନଙ୍କ ସୋସିଆଲ ପ୍ରୋଫାଇଲ ପ୍ରତି ଆଗ୍ରହୀ। ଖବର ଅନୁସାରେ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଦେଶର ସବୁ ଉଚ୍ଚଶିକ୍ଷାନୁଷ୍ଠାନକୁ ଛାତ୍ରମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ନିଜ ଅନୁଷ୍ଠାନ ସହ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ସହ ଯୋଡ଼ିବାକୁ ନିର୍ଦ୍ଦେଶ ଦେଇଛି। ଶିକ୍ଷାନୁଷ୍ଠାନ ଦ୍ୱାରା କରାଯାଉଥିବା ଭଲକାମ ଓ ସଫଳତାକୁ ଶେୟାର କରିବା ଲାଗି ଛାତ୍ରମାନଙ୍କ ଫେସ୍‌ବୁକ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ୍ ଆଦି ସୋସିଆଲ ମିଡିଆ ଆକାଉଣ୍ଟକୁ ନିଜ ଅନୁଷ୍ଠାନ ଓ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ସହ ଯୋଡ଼ିବା ପାଇଁ କୁହାଯାଇଛି। ମାତ୍ର ୯୦୦ ବିଶ୍ୱବିଦ୍ୟାଳୟ ଓ ୩୦ ନିୟୁତ ଛାତ୍ରଙ୍କର ସୋସିଆଲ ମିଡିଆ ହ୍ୟାଣ୍ଡଲକୁ ଟ୍ରାକ୍ କରିବା ପାଇଁ ଏପରି କରାଯାଇଥିବା ଅନୁମାନ କରାଯାଉଛି। ତଥାପି ଏଭଳି ସନ୍ଦେହକୁ ଦୂରକରିବା ପାଇଁ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବିଭାଗୀୟ ସଚିବ ଆର୍. ସୁବ୍ରମଣ୍ୟମ୍ ଛାତ୍ରମାନେ ସୋସିଆଲ ମିଡିଆରେ କ'ଣ ପୋଷ୍ଟ କରୁଛନ୍ତି ତାହା ସରକାର ଜାଣିବାକୁ ଅଗ୍ରହୀ ବୋଲି ସବୁ ଉଚ୍ଚ ଶିକ୍ଷାନୁଷ୍ଠାନର ମୁଖ୍ୟମାନଙ୍କୁ ଚିଠି ଦେଇ ସ୍ପଷ୍ଟ କରିଛନ୍ତି।

### ଡେପୁଟେଶନ ସମସ୍ୟା

କେନ୍ଦ୍ର ସରକାର ଏବେ ଆଇଏଏସ୍ ଓ ଆଇପିଏସ୍ ଅଫିସରମାନଙ୍କ କେନ୍ଦ୍ରୀୟ ଡେପୁଟେଶନ (ପ୍ରତିନିଯୁକ୍ତି) କୋଟା ପୂରଣ କରିବା ପାଇଁ ରାଜ୍ୟଗୁଡ଼ିକୁ ମନେଇବା ଲାଗି କସରତ କରୁଛନ୍ତି। ମୋଦି ସରକାରଙ୍କ ପ୍ରଥମ ପାଳିରେ ବାବୁମାନେ କେନ୍ଦ୍ରୀୟ ପ୍ରତିନିଯୁକ୍ତିରୁ ମୁହଁ ମୋଡ଼ିବାକୁ ଆରମ୍ଭ କରିଥିଲେ। ଏହି ଧାରା ଏବେ ସରକାରଙ୍କ ଦ୍ୱିତୀୟ ପାଳିରେ ବି ଜାରିରହିଛି। ପ୍ରାପ୍ତ ସୂତ୍ର ଅନୁଯାୟୀ, କେନ୍ଦ୍ର ସରକାର ଲୋଭ ଦେଖାଇ କିମ୍ବା ଧମକ ଦେଇ ରାଜ୍ୟଗୁଡ଼ିକୁ କୋଟା ପୂରଣ କରିବା ପାଇଁ ମନେଇବାକୁ ଚେଷ୍ଟା କରୁଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ତା'ର ବିଚାର କ୍ୟାଡର ସମୀକ୍ଷା ସମୟରେ କରାଯିବ ବୋଲି ସରକାର ଚେତାଇଦେଇଛନ୍ତି। ସମୀକ୍ଷକମାନଙ୍କ ବିଶ୍ୱାସ ଅନୁସାରେ ଏଭଳି ଧମକ ସତ୍ତ୍ୱେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଏହି ନର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାରେ ସମସ୍ୟାର ସମ୍ମୁଖୀନ ହେବ। ସତକଥା ହେଲା, ବରିଷ୍ଠ ଅଧିକାରୀମାନେ ଡେପୁଟେଶନରେ ଯିବା ଓ କାମ କରିବା ଭଳି ଅଦୂରଦର୍ଶୀ ବ୍ୟବସ୍ଥାକୁ କେନ୍ଦ୍ର ସରକାର ହଟାଇନେଇ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବାବୁମାନେ ଚାହାନ୍ତି। କେନ୍ଦ୍ର ସରକାର ପୁଣି ସତର୍କ କରାଇ ଦେଇଛନ୍ତି ଯେ, ଯଦି ରାଜ୍ୟ ସରକାରଗୁଡ଼ିକ ବାବୁମାନଙ୍କ ଡେପୁଟେଶନ ପାଇଁ ପର୍ଯ୍ୟାପ୍ତ ପ୍ରସ୍ତାବ କେନ୍ଦ୍ରକୁ ନ ପଠାନ୍ତି ତେବେ ଭବିଷ୍ୟତରେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ପାଇଁ ବରିଷ୍ଠ ପଦବୀ ସମାନୁପାତିକ ଭାବେ ହ୍ରାସ ପାଇବ। ସରକାରୀ ତଥ୍ୟରୁ ଜଣାପଡେ ଯେ, ପଶ୍ଚିମବଙ୍ଗ ସରକାର ଅଧିକାରୀମାନଙ୍କୁ କେନ୍ଦ୍ରକୁ ପଠାଇବାରେ ସବୁଠୁ ପଛୁଆ। ପଶ୍ଚିମବଙ୍ଗ ୮୧ ଜଣ ରାଜ୍ୟ କ୍ୟାଡର ଆଇଏଏସ୍ ଅଫିସରଙ୍କୁ କେନ୍ଦ୍ରକୁ ପଠାଇବାର ଥିବାବେଳେ ପଠାଇଛି ମାତ୍ର ୧୯ ଜଣଙ୍କୁ।

Email: dilipcherian@gmail.com

## su|do|ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବା।



ଗତକାଲିର ଉତ୍ତର

# ବନ୍ଧୁତାର ମହତ୍ତ୍ୱ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଇଂରେଜ କବି ହେନ୍‌ରି ଅଷ୍ଟିନ ଡବସନ୍ କହିଥିଲେ, ଯଶ ହେଉଛି ଏପରି ଏକ ଖାଦ୍ୟ ଯାହା କେବଳ ମୃତବ୍ୟକ୍ତି ଖାଇଥାନ୍ତି। (Fame is a food that dead men eat.)। ପୃଥିବୀର ବହୁ ମନୀଷୀ ସେମାନଙ୍କ ଅବଦାନ ପାଇଁ ଜୀବନକାଳ ମଧ୍ୟରେ ସ୍ୱୀକୃତି ପାଇ ନ ଥିଲେ। ମୃତ୍ୟୁ ପରେ ସେମାନେ ପାଇଲେ ସ୍ୱୀକୃତି ଓ ଯଶ। କୋପରନିକସ ଓ ଗାଲିଲିଓଙ୍କ ଭଳି ବୈଜ୍ଞାନିକମାନେ ମଧ୍ୟ ମୃତ୍ୟୁ ପରେ ହିଁ ପ୍ରଶଂସିତ ଓ ସ୍ୱୀକୃତ ହୋଇଥିଲେ। ଭାରତରେ ଅନୱାର ଜବଲପୁରୀ, ସମ୍ପଦ ରାମ୍‌ଟେକେ, ଦେବେନ୍ଦ୍ର ସ୍ୱରୂପ, କୁଳଦୀପ ନାୟାର ପ୍ରମୁଖ ଅନେକ ବିଶିଷ୍ଟ ବ୍ୟକ୍ତି ମରଣୋତ୍ତର ପଦ୍ମ ସମ୍ମାନ ପାଇଛନ୍ତି। ଏମାନଙ୍କ ଜୀବନ ଅନୁଧ୍ୟାନ କଲେ କବି ଡବସନ୍‌ଙ୍କ ଉକ୍ତି ଠିକ୍ ବୋଲି ଅନୁଭବ ହୁଏ। ଅପରପକ୍ଷରେ ବନ୍ଧୁତା ହେଉଛି ଏକ ମହତ୍ତର ଗୁଣ, କାରଣ ଯେତେବେଳେ ମଣିଷ ମୃତ୍ୟୁର ନିକଟତର ହୁଏ, ସେତେବେଳେ ସେ ତା'ର ବନ୍ଧୁକୁ ସ୍ମରଣ କରେ ଓ ତା'ର ସମସ୍ତ ଦୋଷତ୍ରୁଟିକୁ ଭୁଲିଯାଇ କେବଳ ସୁଗୁଣଗୁଡିକୁ ମନେ ପକାଇଥାଏ। ବଞ୍ଚିଥିବା ଅବସ୍ଥାରେ ହିଁ ଜଣେ ଉତ୍ତମ ବନ୍ଧୁ ସ୍ୱୀକୃତି ପାଏ। ଏଣୁ କବି ଲେଖିଥିଲେ :

For truly, when a man shall end,
He lives in memory of his friend,
Who doth his better part recall
And of his faults make funeral.

ମଣିଷ ଏକ ସାମାଜିକ ପ୍ରାଣୀ। ନିର୍ଜନତା ବା ନିଃସଙ୍ଗତା ତା' ପାଇଁ ଅସହ୍ୟ। ଏଣୁ 'ଦି ସଲିଚ୍ୟୁଡ୍ ଅଫ୍ ଆଲେକ୍‌ଜାଣ୍ଡାର ସେଲ୍‌କାର୍କ' କବିତାରେ କବି ଉଇଲିୟମ୍ କାଓପରଙ୍କ ନାୟକ ଏକ ନିର୍ଜନ ଦ୍ୱୀପରେ ରହି ପ୍ରଶ୍ନ କରିଛି– ବିଜନତା! କାହିଁ ତୋ ବେଶ ମୋହନ ?/ଯେ ବେଶେ ମୋହିଲୁ ତୁ ମୁନିନୟନ (ଅନୁବାଦ: ମଧୁସୂଦନ ରାଓ)। ଇଂରେଜ ପ୍ରାବନ୍ଧିକ ଫ୍ରାନ୍‌ସିସ୍ ବେକନ ଯଥାର୍ଥରେ କହିଥିଲେ– ଯିଏ ନିର୍ଜନତାରେ ଆନନ୍ଦ ଉପଲବ୍ଧି କରେ ସେ ଏକ ବଣ୍ୟ ପଶୁ କିମ୍ବା ଦେବତା। ସମାଜରେ ବଞ୍ଚି ରହିବାକୁ ହେଲେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେବାକୁ ପଡ଼େ। ଏହି ନିର୍ଭରଶୀଳତାରୁ ସୃଷ୍ଟି ହୁଏ ବନ୍ଧୁତା। ଏହି ବନ୍ଧୁତାର ବନ୍ଧନ ଏପରି ଦୃଢ଼ ହୁଏ ଯେ ଦୁର୍ଯ୍ୟୋଧନ ଖଳ ପ୍ରକୃତିର ଲୋକ ହୋଇଥିଲେ ମଧ୍ୟ ତା'ର ବିପଦ ସମୟରେ କର୍ଣ୍ଣ ତାକୁ ତ୍ୟାଗ କରିନାହିଁ। ବିଶିଷ୍ଟ ଇଂରେଜ ଲେଖକ ଇ.ଏମ୍. ଫୋଷ୍ଟର କହିଛନ୍ତି "ନିଜ ଦେଶ ପ୍ରତି ବିଶ୍ୱାସଘାତକତା କରିବା ଓ ବନ୍ଧୁ ପ୍ରତି ବିଶ୍ୱାସଘାତକତା କରିବା ମଧ୍ୟରେ ମୋତେ ଯଦି ବାଛିବାକୁ ହୁଏ, ମୁଁ ଦେଶକୁ ବିଶ୍ୱାସଘାତକତା କରିବାକୁ ପସନ୍ଦ କରିବି। ଫୋଷ୍ଟରଙ୍କ ଏହି ବକ୍ତବ୍ୟକୁ

### ଅଗଷ୍ଟ ୪ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ଉପଲକ୍ଷେ

ଦେଶଦ୍ରୋହ କୁହାଯାଇପାରେ। ମାତ୍ର ତାଙ୍କ ଦୃଷ୍ଟିରେ ବନ୍ଧୁତା ହେଉଛି ମହତ୍ତର। ଇଂରେଜ ପ୍ରାବନ୍ଧିକ ବେକନ୍ ତାଙ୍କ ପ୍ରବନ୍ଧ 'ଅଫ୍ ଫ୍ରେଣ୍ଡଶିପ୍'ରେ ବନ୍ଧୁତାର ଜୟଗାନ କରି କହିଛନ୍ତି, ଜୀବନର ଝଡ଼ଝଞ୍ଜା ସମୟରେ ସାହାଯ୍ୟ କରେ ବନ୍ଧୁ, ବିବ୍ରତ ଅବସ୍ଥାର ଚିନ୍ତାକୁ ପ୍ରଶମିତ କରେ ବନ୍ଧୁ। ବିପଥଗାମୀ ଲୋକକୁ ଠିକ୍ ପଥକୁ ଆଣିବା ପାଇଁ ଉଚିତ ପରାମର୍ଶ ଦିଏ ବନ୍ଧୁ। ଜଣେ ସଂସ୍କୃତ କବି ମଧ୍ୟ ଅନୁରୂପ ଭାବରେ କହିଛନ୍ତି–

"ପାପାନ୍ନିବାରୟତି ଯୋଜୟତେ ହିତାୟ
ଗୁହ୍ୟଂ ନିଗୁହ୍ୟତି ଗୁଣାନ୍ ପ୍ରକଟୀକରୋତି।
ଆପଦ୍‌ଗତଂ ଚ ନ ଜହାତି ଦଦାତି କାଳେ
ସତ୍‌ମିତ୍ର ଲକ୍ଷଣମିଦଂ ପ୍ରବଦନ୍ତି ଧୀରାଃ ॥"

ଅର୍ଥାତ୍ ପଣ୍ଡିତମାନେ ତାକୁ ସତ୍‌ମିତ୍ର କହନ୍ତି ଯିଏ ବନ୍ଧୁକୁ ପାପକର୍ମରୁ ଦୂରେଇ ରଖେ ଓ ହିତକର୍ମରେ ନିୟୋଜିତ କରେ। ବନ୍ଧୁର ଗୁପ୍ତକଥାକୁ ପ୍ରଘଟ କରେନାହିଁ ଓ ତା'ର ସୁଗୁଣକୁ ପ୍ରଚାର କରେ। ବିପଦ ସମୟରେ ତ୍ୟାଗ କରେନାହିଁ ଓ ଆବଶ୍ୟକ ସମୟରେ ଦାନ କରେ।

ଆଜି ସମୟ ବଦଳିଯାଇଛି। କେତେବେଳେ ଧନ ପାଇଁ ତ କେତେବେଳେ ପ୍ରେମ ପାଇଁ ବନ୍ଧୁକୁ ବନ୍ଧୁ ହତ୍ୟା କରିବାକୁ କୁଣ୍ଠାବୋଧ କରୁନାହିଁ। ଅତୀତରେ ବ୍ରୁଟାସ୍ ଅନ୍ତରଙ୍ଗ ବନ୍ଧୁ ରୋମ୍ ସମ୍ରାଟ ଜୁଲିୟସ ସିଜରଙ୍କୁ ହତ୍ୟା କରିଥିଲେ। ମାତ୍ର ଆଜି ଯେଉଁମାନେ ବନ୍ଧୁକୁ ହତ୍ୟା କରିଛନ୍ତି ସେମାନେ ବ୍ରୁଟାସ୍‌ଠାରୁ ବି ଆହୁରି ହୀନ, କାରଣ ସେଦିନ ବ୍ରୁଟାସ୍ ସିଜରଙ୍କ ବିରୋଧୀମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇଥିଲେ। ତାଙ୍କର ଏକ ଧାରଣା ହୋଇଥିଲା ଯେ ଜୁଲିୟସ୍ ସିଜର ଥିଲେ ଏକଚ୍ଛତ୍ରବାଦୀ ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ସିଜରଙ୍କୁ ହତ୍ୟା କରିବା ଆବଶ୍ୟକ। ଠିକ୍ ହେଉ ବା ଭୁଲ୍ ହେଉ ବ୍ରୁଟାସ୍ ଅନ୍ତତଃ ଏକ ଆଦର୍ଶବୋଧରେ ଉଦ୍‌ବୁଦ୍ଧ ହୋଇ ବନ୍ଧୁହତ୍ୟା କରିଥିଲେ। ମାତ୍ର ଆଜି ଯେଉଁସବୁ ବନ୍ଧୁହତ୍ୟା ସଂଘଟିତ ହେଉଛି ତା' ପଛରେ କୌଣସି ଆଦର୍ଶବୋଧ ନାହିଁ, ରହିଛି ସ୍ୱାର୍ଥ, ଧନଲିପ୍ସା ଓ ପ୍ରେମ। ବନ୍ଧୁତାର ମହତ୍ତ୍ୱ ସମ୍ପର୍କରେ ଆଖି ଖୋଲିଦିଏ ଗ୍ରୀକ୍ କିମ୍ବଦନ୍ତୀ 'ଡାମୋନ୍ ଓ ପିଥିଅସ୍'। ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତକର କଥା। ରାଜା ଡାଇଓନିସିଆସ ଡାମୋନ୍ ନାମକ ଜଣେ ବ୍ୟକ୍ତିଙ୍କୁ ପ୍ରାଣଦଣ୍ଡ ଦେଇଥିଲେ। ଡାମୋନ୍ ଚାହିଁଲେ ମୃତ୍ୟୁ ପୂର୍ବରୁ ସେ ନିଜ ଗାଁକୁ ଯାଇ ତାଙ୍କ ପରିବାରଠାରୁ ଶେଷ ବିଦାୟ ନେଇ ଆସିବେ। ଏଥିପାଇଁ ସେ ପ୍ରାର୍ଥନା କରନ୍ତେ ରାଜା କହିଲେ ଯଦି ତାଙ୍କ ସ୍ଥାନରେ ଆଉ କେହି ଜାମିନରେ ରହିବେ ତାଙ୍କୁ ଛାଡି ଦିଆଯାଇପାରେ। ମାତ୍ର ଠିକ୍ ସମୟରେ ନ ପହଞ୍ଚିଲେ ଜାମିନରେ ଥିବା ବ୍ୟକ୍ତିର ମୁଣ୍ଡକାଟ ହେବ। ବିସ୍ମୟର କଥା ଏହିଭଳି ଏକ ଦାରୁଣ ସର୍ତ୍ତ ରକ୍ଷା କରିବା ପାଇଁ ଆଗେଇ ଆସିଲେ ଡାମୋନ୍‌ଙ୍କ ବନ୍ଧୁ ପିଥିଅସ୍। ସମସ୍ତେ କହିଲେ ପିଥିଅସ୍ ନିର୍ବୋଧ। ମାତ୍ର ନିଜ ବନ୍ଧୁଙ୍କ ଶେଷଇଚ୍ଛା ପୂରଣ କରିବାରେ ସାହାଯ୍ୟ କରିପାରୁଥିବାରୁ ସେ ଥିଲେ ଆନନ୍ଦିତ। ସର୍ତ୍ତ ଅନୁସାରେ ପିଥିଅସ୍ ଜାମିନରେ ରହିଲେ ଓ ଡାମୋନ୍ ଗାଁକୁ ଗଲେ। ମୃତ୍ୟୁଦଣ୍ଡ ମୁହୂର୍ତ୍ତ ପାଖେଇ ଆସିଲା, ମାତ୍ର ଡାମୋନ୍ ଫେରିଲେ ନାହିଁ। ସେଦିନ ପ୍ରଚଣ୍ଡ ବର୍ଷା ହେଉଥିବାରୁ ଡାମୋନ୍‌ଙ୍କ ଆସିବାରେ ବିଳମ୍ବ ହେଉଥାଏ। ଯଥା ସମୟରେ ସର୍ତ୍ତ ଅନୁସାରେ ପିଥିଅସ୍‌ଙ୍କୁ ବଧ୍ୟଭୂମିକୁ ନିଆଗଲା। ସମସ୍ତେ ଭାବୁଥାନ୍ତି ପିଥିଅସ୍ ବନ୍ଧୁ ଦ୍ୱାରା ବିଶ୍ୱାସଘାତକତାର ଶିକାର ହୋଇଛନ୍ତି। ଅସଂଖ୍ୟ ଜନତା ଏହି ଦୃଶ୍ୟ ଦେଖିବା ପାଇଁ ସମବେତ ହୋଇଥାନ୍ତି। ପିଥିଅସ୍ କାନ୍ଦୁଥାନ୍ତି। ରାଜା ତାଙ୍କ ଜାମିନ ରହିବା ନିଷ୍ପତ୍ତିକୁ ଉପହାସ କରନ୍ତେ ସେ କହିଲେ ମହାରାଜ, ମୋର ଏ ଅଶ୍ରୁ ଦୁଃଖଜନିତ ନୁହେଁ, ଏହା ହେଉଛି କୃତଜ୍ଞତାର ଅଶ୍ରୁ। ଆଜି ମୋର ସୌଭାଗ୍ୟ ଯେ ମୁଁ ମୋର ବନ୍ଧୁଙ୍କ ଜୀବନରକ୍ଷା କରିପାରିଛି। ଆପଣ ନିର୍ଦ୍ୱନ୍ଦ୍ୱରେ ମୋର ଶିରଚ୍ଛେଦ କରନ୍ତୁ। ରାଜକର୍ମଚାରୀ ଶିରଚ୍ଛେଦ କରିବା ପାଇଁ ଉଦ୍ୟତ ହୁଅନ୍ତେ, ଠିକ୍ ଏହି ସମୟରେ ଡାମୋନ୍ ପହଞ୍ଚିଗଲେ ଓ ପିଥିଅସ୍‌ଙ୍କୁ କୁଣ୍ଢାଇ ପକାଇ କାନ୍ଦି କାନ୍ଦି କହିଲେ, ହେ ଈଶ୍ୱର ଯଦି ମୋର ସାମାନ୍ୟ ବିଳମ୍ବ ହୋଇଥାନ୍ତା ମୋ ବନ୍ଧୁଙ୍କ ଶିରଚ୍ଛେଦ ହୋଇଥାନ୍ତା। "ସେ ବନ୍ଧୁ ପିଥିଅସ୍‌ଙ୍କ ଜୀବନ ରକ୍ଷା କରିପାରିଥିବାରୁ କୃତଜ୍ଞ ଅନୁଭବ କଲେ। ଦୁଇବନ୍ଧୁଙ୍କ ପରସ୍ପରର ଜୀବନ ରକ୍ଷା କରିବାର ସଙ୍କଳ୍ପ ଭାବବିହ୍ୱଳ କରିଦେଇଥିଲା ରାଜା ଡାଇଓନିସିଆସଙ୍କୁ। ସେ ସେମାନଙ୍କ ତୃତୀୟ ବନ୍ଧୁ ହେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଏହା ହେଉଛି ବନ୍ଧୁତାର ମହତ୍ତ୍ୱ। ଏଣୁ ବନ୍ଧୁତାକୁ କବି ଉଇଲିୟମ୍ କାଓପର ଏକ ଦିବ୍ୟଗୁଣ ଭାବରେ ବର୍ଣ୍ଣନା କରିଥିଲେ। ଭକ୍ତକବି ମଧୁସୂଦନଙ୍କ ଭାଷାରେ 'କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର/ଯାର ପ୍ରାପତି ଯୋଗୁ ଦେବତା ନର।'

ଟିଟିଲାଗଡ଼, ମୋ-୯୪୩୭୩୨୯୨୬୩

# ପରିବେଶକୁ ସଜାଡ଼ିବା ପ୍ରୟାସ



ଡ. ବିଜୟ କେତନ ପଟ୍ଟନାୟକ

ଗତ ମେ ୩ ତାରିଖରେ ଶ୍ରୀକ୍ଷେତ୍ର ପୁରୀ ନିକଟରେ ଭୂମିପାତ ହେବା ଅବସରରେ ମହାବାତ୍ୟା ଫନୀ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି ଘଟାଇଛି। ସବୁଠାରୁ ଅଧିକ ଧ୍ୱସ୍ତବିଧ୍ୱସ୍ତ ହୋଇଛି ପରିବେଶ। ସମ୍ପୂର୍ଣ୍ଣ ଭାବେ ଉଜୁଡିଯାଇଛି ପ୍ରାକୃତିକ ସବୁଜିମା। ରାସ୍ତା ପାର୍ଶ୍ୱରେ, ଗାଁଗଣ୍ଡା ସହରବଜାରରେ ଏବଂ ଜଙ୍ଗଲରେ ଲକ୍ଷ ଲକ୍ଷ ଗଛ ଭୂପତିତ ହୋଇଛି। ଫନୀ ବିଶେଷ ଭାବେ ରାଜ୍ୟର ପୁରୀ, ଖୋର୍ଦ୍ଧା ଓ କଟକ ଜିଲାର ପରିବେଶକୁ ସମ୍ପୂର୍ଣ୍ଣ ଉଜାଡି ଦେଇଛି। କେନ୍ଦ୍ରାପଡା, ଭଦ୍ରକ ଓ ବାଲେଶ୍ୱର ଜିଲାରେ ମଧ୍ୟ ଆଂଶିକ କ୍ଷୟକ୍ଷତି ଘଟିଛି।

ଭୁବନେଶ୍ୱରଠାରେ ଅବସ୍ଥିତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣାଗାର ପରିସର ଯଥା ଉତ୍କଳ ବିଶ୍ୱବିଦ୍ୟାଳୟ, ପଦାର୍ଥବିଜ୍ଞାନ ପ୍ରତିଷ୍ଠାନ, ଆଇଆଇଏମ୍‌ଟି (ପୂର୍ବାଞ୍ଚଳ ଗବେଷଣା କେନ୍ଦ୍ର), ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର, ରାଜ୍ୟ ଉଦ୍ୟାନ ବିଭାଗ ପରିସର, ଔଷଧୀୟ ଉଦ୍ୟାନ, ସ୍ମୃତିବନ, ଜୟଦେବବାଟିକା, ନନ୍ଦନକାନନ ଓ ଫରେଷ୍ଟ ପାର୍କ, ଇନ୍ଦିରା ଗାନ୍ଧୀ ପାର୍କ ଏବଂ ମଧୁସୂଦନ ପାର୍କ ଆଦି ବୁଲି ଦେଖିବା ଅବସରରେ ମନେହେଲା, ଯେପରି ଫନୀ ତାଣ୍ଡବରେ ବିବର୍ଣ୍ଣ ହୋଇଯାଇଥିଲା ପ୍ରକୃତିର ସବୁଜିମା।

ଏବେ ବର୍ଷାଋତୁ ଆସିଯାଇଛି। ଚାରାରୋପଣ କରିବାର ପ୍ରକୃଷ୍ଟ ସମୟ। ସାରା ରାଜ୍ୟରେ, ବିଶେଷକରି ଏହି ତିନୋଟି ଜିଲାରେ ଉଜୁଡିଯାଇଥିବା ପରିବେଶକୁ ସଜାଡିବା ନିମନ୍ତେ ରାଜ୍ୟ ବନ ବିଭାଗ ପ୍ରୟାସ ଆରମ୍ଭ କରିଛି। ଆମେ ସମସ୍ତେ ଜାଣୁ ଘରଟିଏ ଭାଙ୍ଗିଗଲେ ଛଅମାସ କିମ୍ବା ବର୍ଷେ ଭିତରେ ନୂଆ ଘରଟିଏ ତୋଳିଦେଇ ହେବ। କିନ୍ତୁ ଗଛଟିଏ ଉପୁଡିଗଲେ ଠିକ୍ ସେହିପରି ଗଛଟିଏ ଉତାରିବାକୁ ଅତି କମ୍‌ରେ ପନ୍ଦରରୁ କୋଡିଏ ବର୍ଷ ଲାଗିଯିବ। ଗଛଗୁଡିକ ପ୍ରାପ୍ତବୟସ୍କ ହେବା ପାଇଁ ଏହାଠାରୁ ଅଧିକ ସମୟ ମଧ୍ୟ ଲାଗିଯାଇପାରେ।

ରାଜ୍ୟ ବନ ବିଭାଗର ଆକଳନ ମୁତାବକ ଜଙ୍ଗଲ ଓ ପୁରୀ ବାଲୁଖଣ୍ଡ ଅଭୟାରଣ୍ୟରେ ଉପୁଡି ଯାଇଥିବା ବୃକ୍ଷ ସଂଖ୍ୟା ପ୍ରାୟ ୯ ଲକ୍ଷ, ଜଙ୍ଗଲ ବାହ୍ୟ ଅଞ୍ଚଳରେ ନଷ୍ଟ ହୋଇଥିବା ବୃକ୍ଷ ୫ ଲକ୍ଷ, ସହରାଞ୍ଚଳ ଓ ପଥପାର୍ଶ୍ୱ ବନୀକରଣରେ ନଷ୍ଟ ହୋଇଯାଇଥିବା ବୃକ୍ଷ ୭.୯୦ ଲକ୍ଷ ଓ ସର୍ବମୋଟ ପ୍ରାୟ ୨୨ ଲକ୍ଷ ବଡ ଗଛ ଉପୁଡି ପଡିଛି। ଏହା ବ୍ୟତୀତ ବେସରକାରୀ ଜମିରେ ନଷ୍ଟ ହୋଇଥିବା ବୃକ୍ଷକୁ ବିଚାରକୁ ନେଲେ ଏହି ସଂଖ୍ୟା ୨୫ ଲକ୍ଷକୁ ଟପିଯିବ। ପୁରୀ ସନ୍ନିକଟ ବାଲୁଖଣ୍ଡ ଅଭୟାରଣ୍ୟ ଏବଂ ସଂସ୍କୃତ ବିଶ୍ୱବିଦ୍ୟାଳୟ ଯେଉଁଠି ଫନୀ ବାତ୍ୟା ଭୂପୃଷ୍ଠରେ ପ୍ରବେଶ କରିଥିଲା, ସେଠାରେ ଥିବା ସମସ୍ତ ଗଛ ଧରାଶାୟୀ ହୋଇଛି। ଏହି ଗଛଗୁଡିକ ମଧ୍ୟରେ ଝାଉଁ, ୟୁକାଲିପଟାସ ଓ ଆକାଶିଆ ଆଦି ରହିଛି। ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡରେ ଲଗାଯାଇଥିବା ଗଛଗୁଡିକ ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

ଚଳିତ ବର୍ଷ ରାଜ୍ୟ ବନ ବିଭାଗ ଫନୀ ପ୍ରଭାବିତ ଅଞ୍ଚଳରେ ଉପକୂଳବର୍ତ୍ତୀ ତଥା ସମୁଦ୍ର ତଟବର୍ତ୍ତୀ ବନୀକରଣ ମିଶନ ନାମରେ ଏକ ୬ ବର୍ଷିଆ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏଥିନିମନ୍ତେ ୧୮୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ୬ ବର୍ଷରେ ହେବାକୁ ଥିବା ମୋଟ ୬୦୦୦ ହେକ୍ଟର ତଟବର୍ତ୍ତୀ ଇଲାକାରେ ଝାଉଁ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟରୁ ୨୦୧୯-୨୦ରେ ୪୫୦ ହେକ୍ଟର ଜମିରେ ପ୍ରାୟ ୮୦,୦୦୦ ଗଛ ଲଗାଯିବାର ପ୍ରସ୍ତାବ ରହିଛି। ରାଜ୍ୟରେ ବାରମ୍ବାର ଘଟୁଥିବା ବାତ୍ୟା ପ୍ରକୋପକୁ ହ୍ରାସ କରିବାରେ ଝାଉଁ ଓ ହେନ୍ତାଳ ବନ ପ୍ରାକୃତିକ ପ୍ରତିବନ୍ଧକ ଭାବେ କାର୍ଯ୍ୟ କରିଥାଏ। ପୁରୀ ଜିଲାର ବାଲୁଖଣ୍ଡ ଅଭୟାରଣ୍ୟରେ ସ୍ଥାନୀୟ ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହାୟତାରେ ୫୦ ଲକ୍ଷ ଚାରା ଲଗାଯିବାର ପ୍ରସ୍ତାବ ରହିଛି।

ବାତ୍ୟା ପରେ ପରେ ରାଜ୍ୟ ବନ ବିଭାଗର ଅନ୍ୟ ଏକ କାର୍ଯ୍ୟକ୍ରମ ଏଥର ବିଶେଷ ଭାବେ ଦୃଷ୍ଟି ଆକର୍ଷଣ କରିଛି। ତାହା ହେଉଛି ଅଧା ଉପୁଡି ପଡିଥିବା କିମ୍ବା ଅଧାରୁ ଭାଙ୍ଗିଯାଇଥିବା ଗଛଗୁଡିକୁ ପୂରାପୂରି କାଟି ନ ଦେଇ ତାକୁ କିପରି ପୁନଃ ସଂସ୍ଥାପନ କରି ଜୀବନ୍ୟାସ ଦିଆଯାଇପାରିବ, ସେ ଦିଗରେ ଉଦ୍ୟମ କରାଯାଇଛି। ବାତ୍ୟା ପରେ ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରରେ ୮୦୦୦ ଭଙ୍ଗା ଗଛକୁ ଛିଡା କରାଯାଇଥିବା ବେଳେ, ପୁରୀରେ ୪୦୦୦ ଏବଂ କଟକରେ ୨୦୦୦ ଏବଂ ଅନ୍ୟତ୍ର ୧୦୦୦, ଏହିପରି ୧୫୦୦୦ ଗଛକୁ ଜୀବନ୍ୟାସ ଦିଆଯାଇପାରିଛି। ଏପରିକି ବେସରକାରୀ ଅନୁଷ୍ଠାନ ଏବଂ ବ୍ୟକ୍ତିଗତ ଜମିରେ ମଧ୍ୟ କିଛି ଗଛ ଅଧା ଉପୁଡି ପଡିଥିଲେ ସେଗୁଡିକୁ ପୁନର୍ବାର ଠିଆକରି ବଞ୍ଚେଇବା ପାଇଁ ବନ ବିଭାଗ ସହାୟତାର ହାତ ବଢାଇଛି। ଏହା ବ୍ୟତୀତ ବାତ୍ୟା ପ୍ରଭାବିତ ୩ଟି ଜିଲାରେ ୧୨୦ କିଲୋମିଟର ପଥପାର୍ଶ୍ୱ ବନୀକରଣ, ସଘନ ବନୀକରଣ ୧୦୦ ହେକ୍ଟର ଏବଂ ସହରାଞ୍ଚଳରେ ମଧ୍ୟ ବନୀକରଣ ନିମନ୍ତେ ଲକ୍ଷ୍ୟ ରଖାଯାଇଛି।

ରାଜ୍ୟ ବନ ବିଭାଗର ସୂଚନା ମୁତାବକ, ରାଜ୍ୟ ବାହାରୁ ୮୦,୦୦୦ ବାତ୍ୟା ପ୍ରତିରୋଧକ ଚାରା ଆଣି ଲଗାଇବାର ପ୍ରୟାସ ମଧ୍ୟ ଜାରି ରହିଛି। ଏଠି ପ୍ରଶ୍ନ ଉଠିପାରେ ବାତ୍ୟା ପ୍ରତିରୋଧକ ଗଛ କ'ଣ। ମୋ ମତରେ ଯେଉଁ ଗଛଗୁଡିକ ଶୀଘ୍ର ଶୀଘ୍ର ବା ଚଞ୍ଚଳ ବଢିଯାଏ, ସେଗୁଡିକ ମଟକା ବା ନହନହକା ହୋଇଥାଏ। ୟୁକାଲିପଟାସ, ଆକାଶିଆ, ଚାକୁଣ୍ଡା, କୃଷ୍ଣଚୂଡା, କଦମ୍ବ ଏହାର ଉଦାହରଣ। ସାମାନ୍ୟ ବାତ୍ୟାରେ ଏହି ଗଛଗୁଡିକ ଭାଙ୍ଗିପଡେ। ବାତ୍ୟା ବା ପବନର ତୀବ୍ରତା ସହ୍ୟ କରିପାରୁଥିବା ଗଛଗୁଡିକ ହେଉଛି କରଞ୍ଜ, କୁସୁମ, ନିମ୍ବ, ବଉଳ, ଆମ୍ବ, ପଣସ, ଜାମୁ, କୋଚିଲା, ଛତିଆନ, ବର, ଅଶ୍ୱତ୍ଥ, ଶିରୀଶ, ମେହଗାନି, ଅସନ, ପାହାଡି ଶିଶୁ, ଫାଶି, ତେନ୍ତୁଳି, ବାଉଁଶ ଇତ୍ୟାଦି। ପଥପାର୍ଶ୍ୱ ବୃକ୍ଷରୋପଣ ସମୟରେ ଏଥିପ୍ରତି ବିଶେଷ ଧ୍ୟାନ ଦେଇ ବଉଳ, ଅଶୋକ, ଛତିଆନ, ନିମ୍ବ, ଶିଶୁ ଆଦି ଚାରା ଲଗାଯାଇପାରେ। ତଟବର୍ତ୍ତୀ ଇଲାକାରେ ବା ଉପକୂଳ ବାଲିଆମାଟିରେ ଝାଉଁ, ହେନ୍ତାଳ ଓ ପୋଲାଙ୍ଗ ଆଦି ଗଛ ବାତ୍ୟାର ପ୍ରଭାବକୁ ପ୍ରତିହତ କରିବା ସହିତ ଉପକୂଳ ଅଞ୍ଚଳର ଚାଷଜମି, ଗ୍ରାମ, ବାସଗୃହ ତଥା ଗ୍ରାମାଞ୍ଚଳର ଅନ୍ୟାନ୍ୟ ଭିତ୍ତିଭୂମିକୁ ସୁରକ୍ଷା ଦେଇପାରିବ। ଉଜୁଡା ପରିବେଶକୁ ସଜାଡିବା ପାଇଁ ପ୍ରଯତ୍ନ କରିବା ଅବସରରେ ବନ ବିଭାଗ ଏହିସବୁ ଗଛ ଲଗାଇବା ଦିଗରେ ଯତ୍ନବାନ ହେବା ଉଚିତ।

୫୭, ଜଗମୋହନ ନଗର, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର, ମୋ-୯୪୩୭୦୦୦୯୦୪

## ଏଇ ଭାରତରେ

ଲାଞ୍ଚ ନ ଦେବାରୁ ଗରିବ ବିଧବାଙ୍କୁ କୋଟିପତି ଦର୍ଶାଗଲା। ଏପରି ଏକ ଘଟଣା ଅଯୋଧ୍ୟାରେ ଘଟିଛି। ଉତ୍ତରପ୍ରଦେଶର ବିକାପୁର ତହସିଲର ତାରାଦେବୀ ଗରିବ ଓ ବିଧବା। ନିକଟରେ ସେ ତାଙ୍କ ପୁଅ ଅମିତର ପାଠପଢ଼ା ଓ ଛାତ୍ରବୃତ୍ତି ପାଇଁ ବାର୍ଷିକ ଆୟ ପ୍ରମାଣପତ୍ର ବାହାର କରିବାକୁ ତହସିଲ କାର୍ଯ୍ୟାଳୟ ଯାଇଥିଲେ। ବହୁବାର ସେ ସେଠାକୁ ଦୌଡ଼ିବା ପରେ ମଧ୍ୟ ତାଙ୍କୁ ଏହି ପ୍ରମାଣପତ୍ର ମିଳି ନ ଥିଲା। ପୁଅର ଛାତ୍ରବୃତ୍ତି ପାଇଁ ଆବେଦନ ତାରିଖ ଜୁଲାଇ ୩୦ ଥିବାବେଳେ ତହସିଲ କାର୍ଯ୍ୟାଳୟରେ ଗୁହାରି କରିବାରୁ ସେଠାକାର ଜଣେ କର୍ମଚାରୀ ତାରାଦେବୀଙ୍କୁ ଏମିତି ଏକ ଆୟ ପ୍ରମାଣପତ୍ର ଦେଇଥିଲେ ଯାହା ଦେଖିବା ପରେ ସେ ଏହାକୁ ବିଶ୍ୱାସ କରିପାରି ନ ଥିଲେ। ଉକ୍ତ ପ୍ରମାଣପତ୍ରରେ ତାରାଦେବୀଙ୍କ ବାର୍ଷିକ ଆୟ ୫ କୋଟି ୨୦ ଲକ୍ଷ ଉଲ୍ଲେଖ କରାଯାଇଥିଲା। ଏହାକୁ ଦେଖିବା ପରେ ଉଭୟ ତାରାଦେବୀ ଓ ତାଙ୍କ ପୁଅ କିଛି ବୁଝି ପାରି ନ ଥିଲେ। ଶେଷରେ ପୁଅ ଅମିତ ମଧ୍ୟ ଛାତ୍ରବୃତ୍ତି ପାଇଁ ଆବେଦନ କରିପାରି ନ ଥିଲେ। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ତାରାଦେବୀ ଗୁହାରି କରିଥିବା କହିଛନ୍ତି। ତେବେ ଲାଞ୍ଚ ନ ଦେବାରୁ ଏପରି କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ତୁମ ଅପମାନ, ପ୍ରିୟ
ମରଣ ହୁଁ ବଳି ଦେଉ ବ୍ୟଥା,
ତବ ଅପମାନ କଲେ
ମୂକ ହେଉ ମୋର ସବୁ କଥା।
(ଆସ୍ତିକର ଆକୁତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩ ଅଗଷ୍ଟ ୧୯୯୪

- ବୋସନିଆ ଶାନ୍ତି କଥାବାର୍ତ୍ତାକୁ ପୁଣି ଶୀଘ୍ର ଆରମ୍ଭ କରିବା ପାଇଁ ବୋସନିଆ ସର୍ବୀୟ ନେତାଙ୍କ ପ୍ରସ୍ତାବକୁ ଆମେରିକା, ରୁଷିଆ, ବ୍ରିଟେନ ଓ ଜର୍ମାନୀର ପ୍ରତ୍ୟାଖ୍ୟାନ।
- ପ୍ରତିଭୂତି ହେରଫେର ସଂକ୍ରାନ୍ତ ଜେପିସି ସୁପାରିସ ଉପରେ ସରକାରଙ୍କ ଦ୍ୱାରା ଉପସ୍ଥାପିତ କାର୍ଯ୍ୟାନୁଷ୍ଠାନ ରିପୋର୍ଟକୁ ପ୍ରତ୍ୟାହାର କରିବା ଦାବି ନେଇ ଲୋକ ସଭାରେ ସମସ୍ତ ବିରୋଧୀ ଦଳ ସଦସ୍ୟ ସବୁ ସଂସଦୀୟ କମିଟିରୁ ଇସ୍ତଫା ଦେଲେ।

## ପାଠକ ଶ୍ରେଷ୍ଠ ବିଚାରକ

### କୀଟନାଶ ପାଇଁ ବତକ ରୋବଟ୍

ମହାଶୟ,

ନିକଟରେ ଜାପାନର କାର ନିର୍ମାଣ ସଂସ୍ଥା ନିଶାନ କୃଷିକ୍ଷେତ୍ର ପାଇଁ ବତକ ଆକୃତିର ଏକ ରୋବଟ୍ ଉଦ୍ଭାବନ କରିଛନ୍ତି। ଏହା ଫସଲରୁ କୀଟ ବିନାଶ ସମେତ ବାଲୁଙ୍ଗା ଉପାଡ଼ିବ ଏବଂ ଜମିରେ ଘାସ ବଢ଼ିବାକୁ ଦେବ ନାହିଁ। ବର୍ତ୍ତମାନ କୃଷିକ୍ଷେତ୍ର ପାଇଁ ଏହା ଏକ ସର୍ବୋତ୍କୃଷ୍ଟ ଉଦ୍ଭାବନ ବୋଲି ବିଚାର କରାଯାଉଛି। ସହଜେ ଦିନକୁ ଦିନ କୃଷି ଶ୍ରମିକଙ୍କ ଅଭାବ ଦେଖାଗଲାଣି। ତେଣୁ ଏହା ବେଶ୍ ସମୟୋପଯୋଗୀ। ଜାପାନକୁ ଅନୁକରଣ କରି ଆମ ଦେଶର କୃଷିବିଜ୍ଞାନୀମାନେ ଏପରି ରୋବଟ ଉଦ୍ଭାବନ କରି ଚାଷୀକୁଳକୁ ସହାୟ ହୁଅନ୍ତୁ ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ବିତର୍କ କାର୍ଯ୍ୟକ୍ରମରେ ଶାଳୀନତା ରହୁ

ବିଭିନ୍ନ ଟିଭି ଚାନେଲର ବିତର୍କ କାର୍ଯ୍ୟକ୍ରମରେ ଭାଗ ନେଉଥିବା ତର୍କବାଦୀମାନେ ନିଶ୍ଚୟ ସଚେତନ ଓ ବିଷୟବସ୍ତୁ ଉପରେ ପ୍ରାଜ୍ଞ। ତାଙ୍କର ରୁଚିସମ୍ପନ୍ନ ବକ୍ତବ୍ୟକୁ ଲକ୍ଷ ଲକ୍ଷ ଲୋକ ଦେଖନ୍ତି, ଶୁଣନ୍ତି ଓ ବିଚାର କରନ୍ତି। କିନ୍ତୁ ଏବେ ଦେଖାଯାଉଛି ମିଳିତ ଯନ୍ତ୍ରସଙ୍ଗୀତ ଭଳି ତର୍କବାଦୀମାନେ ଏକାବେଳକେ ପରସ୍ପରର ବକ୍ତବ୍ୟକୁ ବିରୋଧ କରି କହି ଚାଲୁଛନ୍ତି। ସଞ୍ଚାଳକଙ୍କ ପରାମର୍ଶକୁ ଅଣଦେଖା କରୁଛନ୍ତି। ଉତ୍ପନ୍ନ କୋଳାହଳ ଅରୁଚିକର ହେଉଛି। ସେମାନଙ୍କ ଯୁକ୍ତିକୁ ତ ସ୍ପଷ୍ଟ ଶୁଣି ହେଉନି, ଶାଳୀନତା ଓ ସଂଯମର ଅଭାବକୁ ବି ସହ୍ୟ କରିହେଉନି। ବିତର୍କ ଶ୍ରାବ୍ୟ, ବୋଧଗମ୍ୟ ଓ ସଂସ୍କୃତିସମ୍ପନ୍ନ ହେଲେ କାର୍ଯ୍ୟକ୍ରମ ଉପଭୋଗ୍ୟ ହେବ। ତେଣୁ ତର୍କରେ ଅଂଶଗ୍ରହଣକାରୀମାନେ ଏଥି ପ୍ରତି ଯତ୍ନବାନ ହେବା ବିଧେୟ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

### ରାଜ୍ୟ ସ୍ୱେରେଜ ବୋର୍ଡ କରୁଛି କ'ଣ

ରାଜ୍ୟ ସ୍ୱେରେଜ ବୋର୍ଡର ମୁଖ୍ୟ କାର୍ଯ୍ୟ ହେଉଛି ବର୍ଜ୍ୟ ଜଳର ପରିଚାଳନା ଓ ଏହାର ବିଶୋଧନ। ରାଜ୍ୟରେ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରି ସେଥିରେ ବର୍ଜ୍ୟ ଜଳକୁ ବିଶୋଧନ କରିବା ପରେ ବ୍ୟବହାର ଉପଯୋଗୀ କରିବା ଏହି ବୋର୍ଡର କାର୍ଯ୍ୟ। ମାତ୍ର ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଆଜି ସୁଦ୍ଧା ରାଜ୍ୟରେ ଗୋଟିଏ ବି ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ହୋଇନାହିଁ। ଏଥିପାଇଁ ରାଜ୍ୟର ସମସ୍ତ ସହରର ଡାକ୍ତରଖାନା, କଳକାରଖାନା ଓ ହୋଟେଲ ଇତ୍ୟାଦିର ବର୍ଜ୍ୟ ଜଳ ନଦୀ ନାଳରେ ପ୍ରବେଶ କରି ସମସ୍ତ ଜଳଉତ୍ସକୁ ପ୍ରଦୂଷିତ କରିବାରେ ଲାଗିଛି। ସରକାରୀ ତଥ୍ୟ ଅନୁସାରେ ଓଡ଼ିଶାର ୧୬ଟି ନଦୀର ଜଳ ସମ୍ପୂର୍ଣ୍ଣ ପ୍ରଦୂଷିତ। ତେଣୁ ସାଧାରଣରେ ପ୍ରଶ୍ନ ହେବା ସ୍ୱାଭାବିକ ଯେ, ରାଜ୍ୟ ସ୍ୱେରେଜ ବୋର୍ଡ କରୁଛି କ'ଣ ? ବିଭାଗୀୟ ମନ୍ତ୍ରୀ ଏପରି ଏକ ସମ୍ବେଦନଶୀଳ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଥରେ ଅଭ୍ୟାସର ବଶବର୍ତ୍ତୀ ହୋଇଗଲେ
ଆଉ ସହଜରେ ତ୍ରାହି ମିଳେନା
- ସେନେକା








ବାଉଁଶ କାରିଗରଙ୍କୁ ପ୍ରୋତ୍ସାହନ ପାଇଁ ସମ୍ବଲପୁର ପାନ୍ଥନିବାସଠାରେ ଆୟୋଜିତ କର୍ମଶାଳାରେ ବାଉଁଶକୁ ନେଇ ପେଟ ପୋଷୁଥିବା କିଛି କାରିଗର ଉପସ୍ଥିତ (ବାମ)। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି (ମଝି)। ସମ୍ବଲପୁର ସର୍କିଟ ହାଉସ, ଆରଡିସି ଆବାସିକ ବାସ ଭବନ, ପାନ୍ଥ ନିବାସ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି ।

## ଗୋଆରେ ଜାତୀୟ ସ୍ତରୀୟ ନାଟ୍ୟ ମହୋତ୍ସବ

# ଅମୃତ ସାଗର ବିନ୍ଦୁକୁ ୭ ପୁରସ୍କାର

ସମ୍ବଲପୁର, ୨।୮ (ବ୍ୟୁରୋ)

ଜାତୀୟସ୍ତରୀୟ ନାଟ୍ୟ ମହୋତ୍ସବରେ ହୀରାକୁଦ ଶବ୍ଦ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟ ଦଳ ଅଂଶ ଗ୍ରହଣ କରି ୭ଟି ବିଭାଗରେ ପୁରସ୍କୃତ ହୋଇଛି। ବିରୁପାକ୍ଷ ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ଅମୃତ ସାଗର ବିନ୍ଦୁକୁ ସର୍ବଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ବିରୁପାକ୍ଷଙ୍କୁ ଶ୍ରେଷ୍ଠ ପାଣ୍ଡୁଲିପି, ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ତୃତୀୟ ଶ୍ରେଷ୍ଠ ଅଭିନେତା, ଏ ପଲ୍ଲବୀ ହୋତା ଶ୍ରେଷ୍ଠ ଅଭିନେତ୍ରୀ, ବୀରେନ୍ଦ୍ର ନାରାୟଣ ଜେନା ଶ୍ରେଷ୍ଠ ହାସ୍ୟ ଅଭିନେତା, ଦେବଦତ୍ତ ପାଣିଗ୍ରାହୀ ତୃତୀୟ ଶ୍ରେଷ୍ଠ ଆଲୋକ ସମ୍ପାତ ଭାବେ ପୁରସ୍କୃତ ହୋଇଛନ୍ତି। ପିୟୁଷ କୁମାର ହୋତା ସଂଗୀତ ପରିଚାଳନା କରିଥିବା ବେଳେ ବିଶ୍ୱନାଥ ଶତପଥୀ ଓ ସୁବ୍ରତ ମାହାନା ମଞ୍ଚ ସଜ୍ଜା କରିଥିଲେ। ବିଜୟ ପ୍ରଧାନ, ମାନସ ସାମଲ ଓ ଚନ୍ଦ୍ରକାନ୍ତ ସହଯୋଗ କରିଥିଲେ। ଲିଲିମା ପଣ୍ଡା ନୃତ୍ୟ ପରିଚାଳନା ଓ ଅକ୍ଷୟ ସୁସାରୀ ସାଜସଜ୍ଜା ଦାୟୀତ୍ୱ ନିର୍ବାହ କରିଥିଲେ। ସୂଚନାଯୋଗ୍ୟ ଯେ, ଜୁଲାଇ ୨୮ ରୁ ୩୧ ପର୍ଯ୍ୟନ୍ତ ଗୋଆଠାରେ ଜାତୀୟସ୍ତରୀୟ ସପ୍ତମ ମୋହନରଙ୍ଗ ମହୋତ୍ସବ- ୨୦୧୯ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ବିଭିନ୍ନ ଅଞ୍ଚଳରୁ ୨୧ଟି ନାଟ୍ୟଦଳ ଅଂଶ ଗ୍ରହଣ କରିଥିଲେ ।




ହୀରାକୁଦ ଶବ୍ଦସାଂସ୍କୃତିକ ଅନୁଷ୍ଠାନ କଳାକାରମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

## ୪୯ ନଂ ଜାତୀୟ ରାଜପଥ

# ମରାମତି ହେଉନାହିଁ, ଧୂଳିରେ ସହରବାସୀ ଅତିଷ୍ଠ

ଦେବଗଡ,୨।୮(ଡି.ଏନ.ଏ)

ଦେବଗଡ ଜିଲା ସଦର ମହକୁମାର ରଜାମୁଣ୍ଡାରୁ ପୁରୁଣାଗଡ ପର୍ଯ୍ୟନ୍ତ ୪୯ ନଂ ଜାତୀୟ ରାଜପଥ ଶୋଚନୀୟ ହୋଇପଡିଛି। ଏହାର ମରାମତି ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଥିଲେ ସୁଦ୍ଧା ରାସ୍ତା ନିର୍ମାଣକାରୀ ସଂସ୍ଥା ଓରିଏଣ୍ଟାଲ କନ୍‌ଷ୍ଟ୍ରକସନ୍ କମ୍ପାନୀ ଏଥିପ୍ରତି କର୍ଣ୍ଣପାତ କରୁନାହିଁ। ସୂଚନାଥାଉକି କେନ୍ଦୁଝରସ୍ଥିତ ଭାରତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ)ର ପ୍ରକଳ୍ପ ଅଧିକାରୀ ଓ ଦେବଗଡ ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କ ସହ ସମ୍ପୃକ୍ତ କର୍ମକର୍ତ୍ତାଙ୍କୁ ସହରର ମୁଖ୍ୟରାସ୍ତାର ତୁରନ୍ତ ମରାମତି ଏବଂ ରାଜପଥରେ ପ୍ରତ୍ୟେକ ଦିନ ପାଣି ସିଞ୍ଚନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ନିର୍ମାଣକାରୀ ସଂସ୍ଥା ରାସ୍ତାରେ ପାଣି ନପକାଇ ମନଇଚ୍ଛା ଉକ୍ତ ରାସ୍ତାର ଖାଲରେ କ୍ରସର୍ ଗୁଣ୍ଡ ପକାଇ ଦେଉଛି। ଏପରିକି ଜିଲା ସଦର ମହକୁମା ଦେଇ ଯାଇଥିବା ଜାତୀୟ ରାଜପଥ ୪୯ ନଂ ପୁରୁଣାଗଡ ତହସିଲ ଛକରୁ ସିମିଳିଆବାହାଲ ସର୍କିଟ ହାଉସ ପର୍ଯ୍ୟନ୍ତ ରାସ୍ତା ଦୀର୍ଘଦିନ ହେଲା ଖାଲଖମା ହୋଇ ବିପର୍ଯ୍ୟସ୍ତ ଅବସ୍ଥାରେ ପଡି ରହିଛି। ବିଭିନ୍ନ ଖାଲରେ ପକାଇଥିବା କ୍ରସର୍ ଡଷ୍ଟ ଯୋଗୁଁ ଲୋକେ ଧୂଳି ଧୁସରରେ ଅତିଷ୍ଠ ହୋଇ ପଡିଲେଣି। ଜିଲା ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



ଜାତୀୟ ରାଜପଥ ଧୂଳିମୟ ହୋଇଯାଇଛି।

## ପଥର କ୍ୱାରିରୁ ୩ ଶିଶୁ ଶ୍ରମିକ ଉଦ୍ଧାର

ଦେବଗଡ,୨।୮(ଡି.ଏନ.ଏ)

ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ପୋଲିସ ପକ୍ଷରୁ ଶୁକ୍ରବାର ଖଣ୍ଡାଧୂଆଁ ପଥରକ୍ୱାରୀରେ ଅଚାନକ ଚଢାଉ କରାଯାଇଥିଲା। ସେଠାରେ ବିପଜ୍ଜନକ ଭାବେ ପଥର ଫଟାଇବା କାର୍ଯ୍ୟରେ ନିୟୋଜିତ ୩ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଏମାନେ ନିକଟସ୍ଥ ବଡଖୋଳ ଗ୍ରାମର ହୋଇଥିବା ବେଳେ ଗୋଟିଏ ପରିବାରର ୨ ଜଣ ରହିଛନ୍ତି।

## ଅଗଷ୍ଟର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ

ଦେବଗଡ,୨।୮(ଡି.ଏନ.ଏ)

ଚଳିତ ମାସ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମ ସୋମବାର ୫ ତାରିଖ ଦେବଗଡ ସଦର ମହକୁମା ଅନ୍ତର୍ଗତ ପୌରପରିଷଦ କାର୍ଯ୍ୟାଳୟ, ୧୩ ତାରିଖ ମଙ୍ଗଳବାର ରିଆମାଳ ବ୍ଲକ ଅନ୍ତର୍ଗତ ବୁଡିଦୋ ଗ୍ରାମପଞ୍ଚାୟତ, ୧୯ ତୃତୀୟ ସୋମବାର ବାରକୋଟ ବ୍ଲକର ଦଣ୍ଡାସିଂଘା ଗ୍ରାମଞ୍ଚାୟତ ଏବଂ ୨୬ ତାରିଖ ଚତୁର୍ଥ ସୋମବାର ତିଲେଇବଣି ବ୍ଲକର ସୁଗୁଡା ଗ୍ରାମପଞ୍ଚାୟତଠାରେ ପୂର୍ବାହ୍ନ ୧୧ଟାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶିବିରଗୁଡିକରେ ଜିଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିବେ ବୋଲି ଡିଆଇପିଆରଓ ବିଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ଦନ୍ତାରିବାହାଲ ହାଇସ୍କୁଲ

# ପ୍ରଧାନ ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ଦେବଗଡ,୨।୮(ଡି.ଏନ.ଏ)

ବାରକୋଟ ବ୍ଲକ୍ ଅଧିନ ଦନ୍ତାରିବାହାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୋଳ ଗୋବିନ୍ଦ ପ୍ରଧାନଙ୍କୁ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ପ୍ରଧାନ ଶିକ୍ଷକ ମୀନକେତନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ପୂର୍ବତନ ବିଜ୍ଞାନ ଶିକ୍ଷକ ମୋହନ ଚନ୍ଦ୍ର ବେହେରା ଓ ଅବସରପ୍ରାପ୍ତ ପିଇଟି ବିନୋଦ ବିହାରୀ ପାତ୍ରଙ୍କ ସହ ସିଆରସିସି ଅନିରୁଦ୍ଧ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅକ୍ଷୟ ବିଶ୍ୱାଳ, ଡୋଳେଶ୍ୱର ନାୟକ, ଚନ୍ଦ୍ରମଣୀ ଜାମୁଡା, ଦୈତାରୀ ଚରଣ ସାହୁ ଓ ଗିରୀଧାରୀ ଦ୍ୱିବେଦୀ ପ୍ରମୁଖ ଯୋଗଦାନ କରିଥିଲେ । ସେହିପରି ସମ୍ପୃକ୍ତ ଅଞ୍ଚଳର ଅଭିଭାବକ ଓ ଛାତ୍ରୀଛାତ୍ର ପ୍ରଧାନଙ୍କ ବିଦ୍ୟାଳୟ ପରିଚାଳନା କାର୍ଯ୍ୟଶୈଳୀର ପ୍ରଶଂସା କରିବାସହ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ସହ ବିଦାୟୀ କାଳୀନ ଶୁଭେଚ୍ଛା ଜ୍ଞାପନ କରିଥିଲେ। ସେହିପରି ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ପାଦରେ ଫୁଲ ଚନ୍ଦନ ଦେଇ ପୂଜ୍ୟପୂଜା କରିବାସହ ଉପଢୌକନ ଓ ଫୁଲତୋଡା ଦେଇ ବିଦାୟୀ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏଥିସହ ତାଙ୍କର ଅମାୟିକ ଗୁଣାବଳୀ, ଛାତ୍ରବତ୍ସଳ ଓ କାର୍ଯ୍ୟଦକ୍ଷତା ଛାତ୍ରୀଛାତ୍ର ମାନଙ୍କ ପାଇଁ ଆଦର୍ଶ ପ୍ରେରଣା ବୋଲି ମତପୋଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ କର୍ମଚାରୀ ମହେଶ୍ୱର ପ୍ରଧାନ ଓ ଫକୀର ମୋହନ ବେହେରା ସମତେ ଅନ୍ୟ ସହଯୋଗ କରିଥିଲେ ।



ବିଦାୟୀ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ବିଦ୍ୟାଳୟର ଶିକ୍ଷକ ।

# ଜିଲାଜଜ୍‌ଙ୍କୁ ଓକିଲ ସଂଘର ବିଦାୟକାଳୀନ ସମ୍ବର୍ଦ୍ଧନା

ଦେବଗଡ, ୨।୮(ଡି.ଏନ.ଏ.)

ଦେବଗଡ ଜିଲା ଓକିଲ ସଂଘ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ବାର୍ ହଲ୍‌ରେ ଜିଲାଜଜ୍ ରାଜେନ୍ଦ୍ର କୁମାର ତୋଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଜିଲା ଓକିଲ ସଂଘ ସଭାପତି ରାଜୀବ ଲୋଚନ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାଜଜ୍ ତୋଷ ଯୋଗଦେଇ ଦେବଗଡରେ ନିଜର ଅଭିଜ୍ଞତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସଭାରେ ଏଡିଜେ ସସ୍ମିତା ପରହୀ, ସିଜେଏମ୍ ଇତିଶ୍ରୀ ମାଳବିକା ଭୂୟାଁ, କୋର୍ଟ ରେଜିଷ୍ଟ୍ରାର ରମାକାନ୍ତ ମହାନ୍ତିଙ୍କ ସହ ଜିଲା ଆଇନ୍‌ସେବା ପ୍ରାଧିକରଣ ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର, ସବଜଜ୍ ଏମ୍.ଶିବାନୀ, ଏସ୍‌ଡିଜେଏମ୍ ସୌଦାମିନୀ ବିଶ୍ୱାଳ ତଥା ପ୍ରୋବେସନାରୀ ଜଜ୍ ସୁଶ୍ରୀ ଶ୍ରିଷ୍ଟି ସାମନ୍ତ. ପ୍ରଣତୀ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ମନୋଜ ପାଢୀ, ସଞ୍ଜିବ ପ୍ରଧାନ, ସୈରେନ୍ଦ୍ରୀ ପ୍ରଧାନ, ଦିଲୀପ ଗୁରୁ ପ୍ରମୁଖ ବିଦାୟୀ ଜିଲାଜଜ୍ ତୋଷଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ସଂଘ ସମ୍ପାଦକ ତରଣୀକାନ୍ତ ଦାଶ ଓ କୋଷାଧକ୍ଷ ରାଜକିଶୋର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ଓକିଲ ଜୟ ଭଗୱାନ ଅଗ୍ରୱାଲା, ମାଧବ ଚନ୍ଦ୍ର ମହାପାତ୍ର, ସୁଧାଂଶୁ ଅମାତ୍ୟ, ଅଭିମନ୍ୟୁ ରଣା, ପୃଥ୍ୱୀରାଜ ପଟ୍ଟନାୟକ, ରଞ୍ଜନ ସାହୁ, ବିକାଶ ପ୍ରଧାନ, ସିଦ୍ଧେଶ୍ୱର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଯେ, ୨୦୧୮ ମସିହା ଜୁଲାଇ ୯ ତାରିଖରୁ ଦେବଗଡ ଜିଲାଜଜ୍ ଭାବେ ରାଜେନ୍ଦ୍ର କୁମାର ତୋଷ ଅବସ୍ଥାପିତ ଥିଲେ।



ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଜିଲାଜଜ୍ ରାଜେନ୍ଦ୍ର କୁମାର ତୋଷ ନିଜର ଅଭିଜ୍ଞତା ସମ୍ପର୍କରେ ବକ୍ତବ୍ୟ ରଖୁଛନ୍ତି ।


**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONHQBBS 2019029, ତା.30.07.2019ରିଖ

କାର୍ଯ୍ୟର ନାମ : "ଏକ ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂଆ ରେଳ ଲିଙ୍କ୍ ପ୍ରକଳ୍ପ ସମ୍ବନ୍ଧୀୟ କାର୍ଯ୍ୟ ତଦାରଖ/ନିରୀକ୍ଷଣ ଉଦ୍ଦେଶ୍ୟରେ ପୂର୍ବ ତଟ ରେଳପଥ, ବଲାଙ୍ଗୀରଙ୍କ ନିର୍ମାଣ ସଂଗଠନର ଅଧିକାରୀମାନଙ୍କ ବ୍ୟବହାର ନିମନ୍ତେ (02 ଗୋଟି ନନ୍-ଏସି ଟାଟା ସୁମୋ/ବୋଲେରୋ କିମ୍ବା ଅନୁରୂପ, 01 ଗୋଟି ପାଞ୍ଚ ସିଟ୍ ବିଶିଷ୍ଟ ପିକ୍-ଅପ୍ ଭ୍ୟାନ୍) ଭଡ଼ା ସୂତ୍ରରେ ନେବା।"

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 15.77 ଲକ୍ଷ, EMD (ଟଙ୍କାରେ) : 31,600/-, ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ) : 2,360/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.21.08.2019 ରିଖ 1200 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-32/CC/19-20



**BEFORE THE JUDGE FAMILY COURT, BHUBANESWAR**
CP Case No. - 291/2018
Ashwini Kumar Pani ... Petitioner
Vrs
Rajalaxmi Panda ... Respondent
NOTICE U/O-5, RULE - 20 OF C.P.C.
To
Smt. Rajalaxmi Panda, aged about 30 years, D/o. Late Hrushikesh Panda of Mandiapalli, Infront of G.S.T.K., P.O.- Mandiapalli, P.S.- Gopalpur, Berhampur, Dist.- Ganjam.
Take notice that, the above named petitioner has instituted a suit for divorce U/s-13(1) (ia) of Hindu Marriage Act. 1955 against you to dissolve the marriage solemnized on 03.12.2016. As you are avoiding to receive summons issued from the Court time and again, hence you are hereby directed to appear in person on the 18th day of September 2019 at 10.30 A.M. positively to answer the claim, if any. In default of your appearance on the above mentioned date and time, the suit shall be heard and determined in your absence.
Given under my hand and the seal of the court this 30th day of July 2019.
Sd./- (Sri. A.K. Singh)
Judge Family Court
Bhubaneswar
Dist.- Khurdha, Odisha



**IN THE COURT OF PRINCIPAL JUDGE, FAMILY COURT, GUMLA**
O.S. 35/2018
Rubi Sharma........Plaintiff
Versus
Navneet Sharma.........Defendant
NOTICE FOR APPEARANCE
To
Navneet Sharma,S/o- Sundar Sharma, Vill- Ganesh Nagar, Rengali, PS- Rengali, Dist- Sambalpur (Odisha)
Whereas plaintiff has filed a case against you and two registered notice has been sent to your address but you did not appear.
You are hereby directed to appear on dated 13.08.2019 personally or through lawyer otherwise the case will heard exparte.
Issued on 22.07.2019
Sd./- Principal Judge
family Court, Gumla



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର,
୧୮/୧, ଅଇଁଠାପାଲି ରୋଡ୍, ସମ୍ବଲପୁର, ଓଡ଼ିଶା-୭୬୮୦୦୪

**ୟୁକୋ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ବଲପୁର ଅନ୍ତର୍ଗତ ଶାଖା ଏବଂ କାର୍ଯ୍ୟାଳୟର ବୈଦ୍ୟୁତିକ କାମ ସମୀକ୍ଷା ନିମନ୍ତେ ପ୍ରମାଣିତ ବୈଦ୍ୟୁତିକ ସମୀକ୍ଷକମାନଙ୍କୁ ବଛାଯାଇ ତାଲିକାଭୁକ୍ତ କରିବା ନିମିତ୍ତ ବିଜ୍ଞାପନ**

ୟୁକୋ ବ୍ୟାଙ୍କ କାର୍ଯ୍ୟାଳୟ ସମ୍ବଲପୁର ଅଧିନରେ ଥିବା ଅଫିସ ଓ ଶାଖାମାନଙ୍କରେ ବୈଦ୍ୟୁତିକ କାର୍ଯ୍ୟ ସମୀକ୍ଷା ନିମନ୍ତେ ପ୍ରମାଣିତ ବୈଦ୍ୟୁତିକ ସମୀକ୍ଷକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଛନ୍ତି । ଆଗ୍ରହୀ ବ୍ୟକ୍ତି ବିଶେଷ/ସଂସ୍ଥା ତା.୨୦/୦୮/୨୦୧୯ ଅପରାହ୍ନ ୨.୩୦ ଘଟିକା ମଧ୍ୟରେ ଉପର ଦର୍ଶିତ ଠିକଣାରେ ଦରଖାସ୍ତ ଦାଖଲ କରିପାରିବେ। ସମ୍ପୂର୍ଣ୍ଣ ବିବରଣୀ ବ୍ୟାଙ୍କର ୱେବ୍‌ସାଇଟ୍ www.ucobank.com ରେ ଉପଲବ୍ଧ ଅଛି ।

ତା:୦୨.୦୮.୨୦୧୯ — ଆଞ୍ଚଳିକ ପ୍ରବନ୍ଧକ
ସ୍ଥାନ: ସମ୍ବଲପୁର — ୟୁକୋ ବ୍ୟାଙ୍କ



**କାନାରା ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ୟୁନିକ ଡିଷ୍ଟ୍ରିବ୍ୟୁଟର୍ ଭବନ, କଟକ ରୋଡ୍, ଫ୍ଲାଏ ଓଭର ଆରମ୍ଭ, ଲକ୍ଷ୍ମୀ ସାଗର, ଭୁବନେଶ୍ୱର-୭୫୧୦୦୬, ଫୋନ୍ ନଂ.: ୦୬୭୪-୨୫୭୦୬୯୬

**ଗାଡି ବିକ୍ରୟ ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡିଗୁଡିକ କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଟିକସ ଏବଂ ବୀମା ଦେୟ ସହିତ ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି।

| ଶାଖାର ନାମ ଏବଂ ଠିକଣା / ଫୋନ୍ ନଂ. | ଋଣଗ୍ରହୀତାଙ୍କ ନାମ/ ଆକାଉଣ୍ଟ ନଂ. / ଋଣ ତାରିଖ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ |
|---|---|---|---|
| ଖୋର୍ଦ୍ଧା (୩୩୬୬)/ ୭୬୦୫୦୦୯୦୮୭ | ବସନ୍ତ ଭଞ୍ଜ / ୩୩୬୬୭୬୮୦୦୦୦୮୫ / ୨୫.୧୦.୨୦୧୭ | Kapl Reo Auto / OD02AU8638 | ଟ.୬୦,୦୦୦/- |
| ଖୋର୍ଦ୍ଧା (୩୩୬୬)/ ୭୬୦୫୦୦୯୦୮୭ | ଦେବାଶିଷ ମିଶ୍ର / ୩୩୬୬୭୬୮୦୦୦୦୬୮ / ୨୫.୦୯.୨୦୧୭ | Kapl Reo Auto / OD02AT0161 | ଟ.୫୫,୦୦୦/- |
| ଗୋପାଳପୁର (୫୯୩୧)/ ୭୬୦୫୦୦୯୦୭୬ | ସମୀର କୁମାର ମଲ୍ଲିକ / ୫୯୩୧.୭୬୮.୨୨ / ୨୦.୦୧.୨୦୧୬ | APE AUTO / OD 05 T 0519 | ଟ.୬୦,୦୦୦/- |
| କଳାପଥର (୪୧୩୬)/ ୭୬୦୫୦୦୯୦୮୪ | ମାୟାଧର ସ୍ୱାଇଁ / ୪୧୩୬୭୬୮୦୦୦୦୫୦ / ୦୩.୦୮.୨୦୧୭ | E RICKSHAW / OD 33 W 7222 | ଟ.୪୫,୦୦୦/- |
| ନରାଜ ମାର୍ଥାପୁର (୩୨୯୭)/ ୭୬୦୫୦୦୯୦୯୦ | ଚିନ୍ମୟ ସାହୁ / ୩୨୯୭୭୬୮୦୦୦୦୧୪ / ୩୧.୦୩.୨୦୧୬ | PIAGGIO DALA AUTO / OD 05 T 5806 | ଟ.୬୦,୦୦୦/- |
| ନୟାବଜାର (୪୯୧୯)/ ୭୬୦୫୦୦୯୦୭୮ | ପଦ୍ମନାଭ ପାତ୍ର / ୪୯୧୯୭୬୮୦୦୦୦୨୪ / ୧୬.୦୪.୨୦୧୫ | TVS KING AUTO / OD 05 N 1562 | ଟ.୩୫,୦୦୦/- |
| ନୟାବଜାର (୪୯୧୯)/ ୭୬୦୫୦୦୯୦୭୮ | ଜିତେନ୍ଦ୍ର ବାରିକ / ୪୯୧୯୭୬୮୦୦୦୦୨୯ / ୧୪.୦୫.୨୦୧୫ | RE OPTIMA AUTO / OD 05 N 4585 | ଟ.୪୦,୦୦୦/- |
| ବାରିପଦା (୧୪୨୯)/ ୭୬୦୫୦୦୯୧୦୮ | ଶ୍ରୀ ରଞ୍ଜିତ ମୁଖୀ / ୧୪୨୯୭୪୦୦୦୬୩୩୪ / ୨୨.୦୬.୨୦୧୩ | Atulsmart D (Autorickshaw) / OD11B-0071 | ଟ.୧୨,୦୦୦/- |
| ବାରିପଦା (୧୪୨୯)/ ୭୬୦୫୦୦୯୧୦୮ | ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ / ୧୪୨୯୬୦୩୦୦୬୩୪୩ / ୧୯.୧୨.୨୦୧୨ | Renault India pvt ltd / Scala (Motor Car) / OD11B-1234 | ଟ.୧,୦୦,୦୦୦/- |
| ବାରିପଦା (୧୪୨୯)/ ୭୬୦୫୦୦୯୧୦୮ | ଶ୍ରୀ ରଞ୍ଜନ ନାୟକ / ୧୪୨୯୭୪୦୦୦୬୩୫୪ / ୨୪.୦୨.୨୦୧୫ | ATUL PL(AUTO RICKSHAW) / OD11D-3226 | ଟ.୩୦,୦୦୦/- |
| ଜଳେଶ୍ୱର (୪୧୩୧)/ ୭୬୦୫୦୦୯୧୨୬ | ଶ୍ରୀ ଜଗନ୍ନାଥ ବେରା / ୪୧୩୧୭୬୮୦୦୦୦୦୯ / ୩୦.୦୧.୨୦୧୫ | Indofarm 3040SC DI40 (Tractor) / OD01G-4797 | ଟ.୧,୫୦,୦୦୦/- |
| ବାସୁଦେବପୁର (୬୧୨୩)/ ୭୬୦୫୦୦୯୧୧୦ | ରମେଶ ଚନ୍ଦ୍ର ସେଠୀ / ୬୧୨୩୭୬୮୦୦୦୦୦୫ / ୨୭.୦୪.୨୦୧୬ | Alfa Plus (Auto Rickshaw Goods) / OD22F-1340 | ଟ.୮୦,୦୦୦/- |

**ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବ ମାନ ଦାଖଲ କରିପାରିବେ:**
୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "........................ କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ଏହି ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ ଅର୍ଥାତ୍ ତା.୧୨.୦୮.୨୦୧୯ରିଖ ପୂର୍ବରୁ ଦାଖଲ କରିବେ।
୨. ପ୍ରସ୍ତାବ ସହିତ ଟ.୧୦,୦୦୦/-ର ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ କାନାରା ବ୍ୟାଙ୍କ ସପକ୍ଷରେ ଭୁବନେଶ୍ୱରକୁ ପୈଠ ଦର୍ଶାଇ ଦାଖଲ କରିବେ।
୩. ଗାଡି ଗୁଡିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ ତା.୦୯.୦୮.୨୦୧୯ରିଖ ସୁଦ୍ଧା ଯାଞ୍ଚ କରିପାରିବେ ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ /ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର ୭ଦିନ ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଦେୟ / ଫିସ୍ ବହନ କରିବେ।

**ଏହି ନୋଟିସ୍ ଦ୍ୱାରା ଗାଡିର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ୭ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀଙ୍କୁ ହସ୍ତାନ୍ତରିତ କରାଯିବ।**

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୨.୦୮.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।

- ଚାଣକ୍ୟ

# ଧରା ପଡ଼ିଲା ପ୍ରଶାସନର କମ୍ପାନୀ ପ୍ରୀତି

- ବିବାଦରେ ଶ୍ୟାମ ମେଟାଲିକ୍ସର ପାଉଁଶଗଦା
- ଗ୍ରୀନ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ପରେ ପ୍ରଶାସନର ତତ୍ପରତା
- ପାଉଁଶଗଦା ନିକଟରେ ତଦନ୍ତ କଲେ ଜିଲାପାଳ, ଡିଏଫଓ
- ରାତି ଅଧିଆ ମାଟି ପକାଇ ଘୋଡାଇବାକୁ କମ୍ପାନୀର ଚେଷ୍ଟା
- ଗଣମାଧ୍ୟମ ପ୍ରତିନିଧିଙ୍କ ଫଟୋକୁ ଡିଲିଟ କରିଦେଲା ପୋଲିସ

ସମ୍ବଲପୁର,୨।୮(ବ୍ୟୁରୋ)

ସମ୍ବଲପୁର ରେଙ୍ଗାଲିଠାରେ ଥିବା ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ ପ୍ରଦୂଷଣ ଆଇନ ଓ ଜଙ୍ଗଲ ସୁରକ୍ଷା ଆଇନ ପାଳନ କରୁ ନାହିଁ। ଗ୍ରୀନ ଟ୍ରିବ୍ୟୁନାଲର କଲିକତା ଶାଖାରେ ଏଭଳି ଏକ ଅଭିଯୋଗ ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ହେଲେ ତଦନ୍ତ ପାଇଁ ଜିଲାପାଳଙ୍କ ନେତୃତ୍ୱରେ ଟିମ୍ ପହଞ୍ଚିବା ଆଗରୁ ପୋଛିପାଛି ହୋଇ କମ୍ପାନୀ ନିଜକୁ ସ୍ୱଚ୍ଛ ବୋଲି ଦର୍ଶାଇବାକୁ ଚେଷ୍ଟା କରିଛି। ଅପରପକ୍ଷେ ତଦନ୍ତ ପାଇଁ ଯାଇଥିବା ଟିମ୍‌ର ଭୂମିକା ଦେଖିଲା ପରେ କମ୍ପାନୀ ପ୍ରତି ଜିଲା ପ୍ରଶାସନର ମଧୁର ସମ୍ପର୍କ ସ୍ପଷ୍ଟ ହୋଇଛି। ଘଟଣାସ୍ଥଳରେ ହିଁ ସମ୍ବଲପୁର ଜିଲା ପ୍ରଶାସନର କମ୍ପାନୀ ପ୍ରୀତି ଧରା ପଡିଛି। ଅବଶ୍ୟ ଗ୍ରୀନ ଟ୍ରିବ୍ୟୁନାଲର ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ଉପର ଠାଉରିଆ ଭାବେ ହେଉ ପଛେ ତତ୍ପରତା ଦେଖାଇଛି।

ଶୁକ୍ରବାର ଜିଲାପାଳ ଶୁଭମ ସକସେନା, ଡିଏଫଓ ଡ. ସଞ୍ଜିତ କୁମାର, ପ୍ରଦୂଷଣ ବିଭାଗ ଅଧିକାରୀ, ରାଜସ୍ୱ ବିଭାଗ ଅଧିକାରୀ ବାବୁଚକୁଳି ମିନାପଡାସ୍ଥିତ ଏହି କମ୍ପାନୀର ପାଉଁଶଗଦା ନିକଟରେ ପହଞ୍ଚି ତଦନ୍ତ କରିଥିଲେ। କେତେ ସ୍ଥାନରେ ପାଉଁଶ ପକାଯାଇଛି, କେତେ ଚାଷ ଜମି କ୍ଷୟକ୍ଷତି ହୋଇଛି, କେତେ ପରିମାଣ ଗ୍ରାମ୍ୟ ଜଙ୍ଗଲ ନଷ୍ଟ ହୋଇଛି ସେ ଦିଗରେ ରିପୋର୍ଟ ପ୍ରସ୍ତୁତ କରି ଜୁଲାଇ ୮ ତାରିଖ ଭିତରେ ଗ୍ରୀନ ଟ୍ରିବ୍ୟୁନାଲକୁ ରିପୋର୍ଟ ପ୍ରଦାନ କରାଯିବ। ତେଣୁ ୨ ଦିନ ଭିତରେ ପାଉଁଶ ପକା ଯାଇଥିବା ଜମିର ପରିମାଣ ଓ କିସମ ସମ୍ପର୍କରେ ସବିଶେଷ ତଥ୍ୟ ଦେବାକୁ ସ୍ଥାନୀୟ ତହସିଲଦାରଙ୍କୁ ଜିଲାପାଳ ସକସେନା ନିର୍ଦ୍ଦେଶ ଦେଇଛନ୍ତି। ହେଲେ ପୂର୍ବରୁ କମ୍ପାନୀ ଖବର ପାଇ ରାତି ଅଧିଆ ଦୋଷ ଲୁଚାଇବାକୁ ଚେଷ୍ଟା କରିଛି। ପଡିଥିବା ପାଉଁଶଗଦା ଉପରେ ମାଟି ପକାଇ ଦେଇଛି। ହେଲେ ସେଥିରେ ମଧ୍ୟ ସକ୍ଷମ ହୋଇ ପାରିନାହିଁ । ଅନେକ ସ୍ଥାନରେ ମାଟି ପକାଇ ନ ପାରିବାରୁ ପାଉଶଁ ପାହଡ ଦେଖା ଯାଉଛି। ଅନ୍ୟପକ୍ଷେ ହାତ ଗଣତି କେତୋଟି ଚାରା ଲଗାଇ ଦେଇ ବନ ବିଭାଗରୁ ସହାନୁଭୂତି ପାଇବାକୁ କମ୍ପାନୀ ଚେଷ୍ଟା କରିଛି। ତେବେ ଜିଲାପାଳଙ୍କ ନେତୃତ୍ୱରେ ସେଠାକୁ ତଦନ୍ତ ପାଇଁ ଯାଇଥିବା ଟିମ୍‌ର ଫଟୋ ଉତ୍ତୋଳନ ବେଳେ ଜିଲାପାଳଙ୍କ ଭୂମିକା ସ୍ପଷ୍ଟ ହୋଇଛି। ଫଟୋ ଉଠାଇବାକୁ ଗଣମାଧ୍ୟମକୁ ବାରଣ କରାଯାଇଥିଲା। ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଫଟୋ ଉତ୍ତୋଳନ କରିବା ଦେଖି ତାହାକୁ ଡିଲିଟ କରିବା ପାଇଁ ସେଠାରେ ଉପସ୍ଥିତ ପୋଲିସକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଣୁ ପୋଲିସ କର୍ମଚାରୀମାନେ ଗଣମାଧ୍ୟମ ପ୍ରତିନିଧି ଉଠାଇଥିବା ଫଟୋକୁ ବଳ ପୂର୍ବକ ଡିଲିଟ କରି ଦେଇଥିଲେ। ଏଥିରୁ ପ୍ରଶାସନର କମ୍ପାନୀ ପ୍ରୀତି ପଦାରେ ପଡିଛି। ଏ ନେଇ ଜିଲାପାଳଙ୍କ ପ୍ରତିକ୍ରିୟା ଜାଣିବାକୁ ତାଙ୍କସହ ଯୋଗାଯୋଗ କରାଯାଇଥିଲା। ପ୍ରଥମ ଥର ଫୋନ୍ ରିସିଭ କରି ଉତ୍ତର ଦେବା ଆଗରୁ କଟି ଯାଇଥିଲା। ହେଲେ ଦ୍ୱିତୀୟ ଥର ସେ ଫୋନ୍ ଆଉ ରିସିଭ କରି ନ ଥିଲେ।

ସୂଚନାଯୋଗ୍ୟ ଯେ, ରେଙ୍ଗାଲି ତହସିଲ ଅଧୀନ ବାବୁ ଚକଳି ଗ୍ରାମ ନିକଟରେ ଥିବା ଜଙ୍ଗଲ ଜମିରେ ବର୍ଷ ବର୍ଷ ଧରି ଶ୍ୟାମ ମେଟାଲିକ୍ସରୁ ପାଉଁଶ ଗଦା ହେଉଛି। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନ ପାଖରେ ଅଭିଯୋଗ କରିଥିଲେ । ହେଲେ କମ୍ପାନୀ ପ୍ରୀତି ଦେଖାଇ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ। ଶେଷରେ ରେଙ୍ଗାଲି ଗ୍ରାମର ସୈରେନ୍ଦ୍ରୀ ଦେହୁରୀ ୨୦୧୯ ଏପ୍ରିଲରେ ଏ ନେଇ ଗ୍ରୀନ ଟ୍ରିବୁନାଲ କଲିକତା ଶାଖାରେ ଅଭିଯୋଗ କରିଥିଲେ । କମ୍ପାନୀ ଜଙ୍ଗଲ ଜମିରେ ପାଉଁଶ ଗଦାକରୁଛି। ଗଛ କାଟୁଛି। ପ୍ରାୟ ୪୫୦ ଏକର ଜଙ୍ଗଲ ଜମି ନିଜ ଅଧୀନକୁ ନେଇ ସାରିଛି । ପ୍ରତିଦିନି ଧୂଆଁ ଓ ପାଉଁଶ ଗୁଣ୍ଡରେ ସାଧାରଣ ଲୋକ ଅଣନିଃଶ୍ୱାସୀ ହେଉଛନ୍ତି। ଏ ନେଇ ଜିଲା ପ୍ରଶାସନ ଓ ପ୍ରଦୂଷଣ ବିଭାଗ ଆଖି ବନ୍ଦ କରି କରି ଦେଇଛି ବୋଲି ସେ ଟ୍ରିବ୍ୟୁନାଲରେ ଅଭିଯୋଗ କରିଥିଲେ। ତାଙ୍କ ପକ୍ଷରୁ ଓକିଲ ବଟକୃଷ୍ଣ ବେହେରା ମାମଲା ପରିଚାଳନା କରିଥିଲେ।



ସମ୍ବଲପୁର ଜିଲା ବାବୁ ଚକୁଳି ଗ୍ରାମ ନିକଟରେ ରେଙ୍ଗାଲି ଶ୍ୟାମ ମେଟାଲିକ୍ସର ପାଉଁଶ ଗଦା କରାଯାଇଛି ।

## ସଂକ୍ଷେପରେ



### ଖନ୍ଦାପୋଲ ଉପରେ ପାଣି ଜମୁଛି

**ରେଢାଖୋଲ,୨।୮(ଡି.ଏନ.ଏ.):** ରେଢାଖୋଲ ସହର ମଧ ଦେଇ କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ଯାଇଛି। ଏହି ରାସ୍ତାର ରେଢାଖୋଲ ବଜାର ଉପରେ ପଡୁଛି କେରାଣ୍ଡିଯୋର । ହେଲେ ଏହା ଉପରେ ନିର୍ମିତ ଖନ୍ଦାପୋଲ ଏବେ ରେଢାଖୋଲ ଲୋକଙ୍କ ଚିନ୍ତାର ବିଷୟ ହୋଇଛି। ସାମାନ୍ୟ ବର୍ଷାରେ ମଧ ଏହି ପୋଲ ଉପରେ ପାଣି ଜମି ରହୁଛି। ପାଣି ନିଷ୍କାସନ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ କୌଣସି ବ୍ୟବସ୍ଥା କରୁ ନାହାନ୍ତି। ଏଣୁ ପାଣି ଛିଟିକି ଗାଡିମୋଟର ତଥା ଲୋକଙ୍କ ଉପରେ ପଡୁଛି। ଜାତୀୟ ରାଜପଥ ହେତୁ ପ୍ରାୟ ସବୁ ସମୟରେ ଏହି ପୋଲ ଉପରେ ଗାଡି ମୋଟର ଚଳାଚଳ କରୁଛି। ପୋଲ ଉପର ଦେଇ ଛାତ୍ରୀଛାତ୍ର ଓ ସର୍ବସାଧାରଣ ଯିବା ଆସିବା କରୁଛନ୍ତି। ପାଣି ଜମି ରହୁଥିବା ଯୋଗୁ ଉଭୟ ପାର୍ଶ୍ୱରୁ ଗାଡି ଯିବା ଆସିବା କଲାବେଳେ ଲୋକଙ୍କ ଉପରେ କାଦୁଅ ପାଣି ଛିଟିକି ପଡୁଛି। ଛାତ୍ରୀଛାତ୍ରଙ୍କ ଉପରେ ପାଣି ପଡିବା ଯୋଗୁ ସ୍କୁଲ ୟୁନିଫର୍ମ ନଷ୍ଟ ହେଉଛି। ପାଣି କାଦୁଅରେ ସରସର ହୋଇ ପିଲାଙ୍କୁ ସ୍କୁଲ କଲେଜ ଯିବାକୁ ପଡୁଛି। ଉଭୟ ପାର୍ଶ୍ୱରୁ ଗାଡି ଯିବା ଆସିବା କରିବା ବେଳେ ମେଟର ସାଇକେଲ ଆରୋହୀ ଓ ସାଇକେଲ ଆରୋହୀ ପାଣି ଛିଟିକିବା ଭୟରେ ଏପଟ ସେପଟ ହୋଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଅବଶ୍ୟ ପୂର୍ବରୁ ଏହି ପୋଲରୁ ବର୍ଷା ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ଥିଲା। ହେଲେ ମଝିରେ ମଝିରେ ମରାମତି କରିବାକୁ ଯାଇ ପୋଲ ଉପରେ ପିଚୁର ଆସ୍ତରଣ ଦିଆଯାଉଥିବାରୁ ପାଣି ଯିବା ପାଇଁ ଥିବା ପଥ ବନ୍ଦ ହୋଇଗଲାଣି। ଫଳରେ ପାଣି ନିଷ୍କାସନ ହୋଇ ନ ପାରି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

### ଲାୟନ୍ସ କ୍ଲବ ଗୋଡଭଗା ରାୟାଲ ପକ୍ଷରୁ ଅନ୍ଧାରିପତ୍ରା ରାସ୍ତା କଡରେ ବୃକ୍ଷ ରୋପଣ

**ଟିପିଲିମା,୨।୮(ଡି.ଏନ.ଏ.):** ସମ୍ବଲପୁର ଜିଲା ଲାୟନ୍ସ କ୍ଲବ ଗୋଡଭଗା ରାୟାଲ ପକ୍ଷରୁ ଅନ୍ଧାରୀପତ୍ରା ରାସ୍ତାକଡରେ ଆମ୍ବ, ବଉଳ, ପଣସ, ଛତିଆନା, ପିସ୍ତାବାଦାମ, କଦମ୍ବ ଭଳି ବିଭିନ୍ନ କିସମର ୧୦୦ରୁ ଉର୍ଦ୍ଧ୍ୱ ଗଛ ଲଗା ଯାଇଛି । ଲାୟନ୍ସ କ୍ଲବ ସଭାପତି ବାଳକୃଷ୍ଣ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ବୃକ୍ଷ ଚାରାରୋପଣ କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ ସମ୍ପାଦକ ଲାୟନ ଶିବାନନ୍ଦ ବହିଦାର, ଲାୟନ ଦେବବ୍ରତ ରଥ, ଲାୟନ ମନୋଜ ଶର୍ମା, ଲାୟନ ସତିଶ ଦାସ, ଲାୟନ ସୁଧିର ଦାସ, ଲାୟନ ରଞ୍ଜନ ବାରିକ, ଲାୟନ ବେଦବ୍ୟାସ ସେଠ, ଲାୟନ ବୀରେନ୍ଦ୍ର ସାହୁ, ଲାୟନ ଭବାନୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ ।

## ଓଡିଶା ପାଇପ ଜଳ କର୍ମଚାରୀ ସଂଘର ଆଲୋଚନା

ସମ୍ବଲପୁର, ୨।୮ (ବ୍ୟୁରୋ)

ଓଡିଶା ପାଇପ ଜଳ କର୍ମଚାରୀ ସଂଘର ବିଭିନ୍ନ ସମସ୍ୟା ଲାଗି ରହିଛି । ରାଜ୍ୟ ସରକାର ଦାବି ପୂରଣ କରୁନାହାନ୍ତି। ଏଣୁ ସମସ୍ୟାର ସମାଧାନ ନେଇ ସଂଘ କର୍ମକର୍ତ୍ତା ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧିକ୍ଷଣ ଏବଂ ନିର୍ବାହୀଯନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ସଂଘ ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତି, ରାଜ୍ୟ କାର୍ଯ୍ୟକାରୀ ସଭାପତି ଶେଷଦେବ କାଣ୍ଡ, ଉପସଭାପତି ଡମ୍ବରୁଧର ସାହୁ, ରାଜ୍ୟ ଯୁଗ୍ମ ସମ୍ପାଦକ ଦୁର୍ଗାପ୍ରସାଦ ଦାସ, ସମ୍ବଲପୁର ଖଣ୍ଡ ସମ୍ପାଦକ ସୁଶାନ୍ତ ଗଣ୍ଡ, ଫକୀରା ଖାନ୍, ଜୟକୃଷ୍ଣ ଓରାମ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।

## ଜିଏମୟୁରେ ସମ୍ବଲପୁରୀ ଦିନ୍

ସମ୍ବଲପୁର, ୨।୮(ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଧ୍ୟାପନା ପ୍ରକୋଷ୍ଠ-୧ରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। କୁଳସଚିବ ଗିରିଶ ସିଂ ମୁଖ୍ୟଅତିଥି, ଉପକୁଳସଚିବ ଉମାଚରଣ ପତି, ଦେବେନ୍ଦ୍ର ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ବଲପୁରୀ ଲୋକନୃତ୍ୟ, ଗୀତ ଓ ବାଦ୍ୟ ପରିବେଷିତ ହୋଇଥିଲା। ଉତ୍ସବରେ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ସମ୍ବଲପୁରୀ ପୋଷାକ ପରିଧାନ କରିଥିଲେ। ଜିତୁ ଚାନ୍ଦ, ସୌମ୍ୟରଞ୍ଜନ ବଡପଣ୍ଡା, ରଞ୍ଜନ ବିଶ୍ୱାଳ, ଜତିନ ଦ୍ୱାରି, ସମୀର ସୁନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶ୍ରମିକ ଆଇନ ସଂଶୋଧନ ବିଲ୍‌କୁ ବିରୋଧ

ସମ୍ବଲପୁର, ୨।୮ (ବ୍ୟୁରୋ)

ଶ୍ରମ ଆଇନ ସଂଶୋଧନ ବିଲ୍ ଶ୍ରମିକ ଓ ଜନ ବିରୋଧୀ। କେନ୍ଦ୍ର ଶ୍ରମ ମନ୍ତ୍ରୀ ଗତ ଜୁଲାଇ ୧୦ ତାରିଖରେ ଶ୍ରମିକଙ୍କ ଦୈନିକ ମଜୁରୀ ୧୭୮ ଟଙ୍କା ଘୋଷଣା କରିଛନ୍ତି। ଏହା ସଂପୂର୍ଣ୍ଣ ଭାବେ ଶ୍ରମିକମାନଙ୍କ ସ୍ୱାର୍ଥ ବିରୋଧୀ। ଅପରପକ୍ଷେ କେନ୍ଦ୍ର ସରକାର ତରବରିଆ ଭାବେ ପୁଞ୍ଜିପତିଙ୍କ ସ୍ୱାର୍ଥରକ୍ଷା ଲାଗି ଏହି ବିଲ୍ ଆଗତ କରିଛନ୍ତି। ଏଣୁ ଶ୍ରମିକ ଆଇନ ସଂଶୋଧନ ବିଲ୍‌କୁ ବିରୋଧ କରି ଶୁକ୍ରବାର ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଶ୍ରମିକ ସମନ୍ୱୟ ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମ୍ୟୁନିସିପାଲଟି ଛକରୁ ପୂର୍ବାହ୍ନ ସାଢ଼େ ୧୧ଟାରେ ରାଲି ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିଭିନ୍ନ ଶ୍ରମିକ ସଂଗଠନ ନେତୃବୃନ୍ଦ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଗୋକୁଳ ମେହେର, ବବିତା ବଡପଣ୍ଡା, ମହେଶ୍ୱର ଷଣ୍ଢ, ନାଟୁ ଗୋପାଳ, ପ୍ରଣୟ ନାୟକ, ଲଳିତ କୁମାର ପଟ୍ଟନାୟକ, ସୁଶାନ୍ତ ପଟ୍ଟନାୟକ, ରୁଦ୍ରାଣୀ ନାଥ, ସୁସ୍ମିତା ଦୀପ ଆନ୍ଦୋଳନ ପରିଚାଳନା କରିଥିଲେ।




ଶୁକ୍ରବାର ସମ୍ବଲପୁରରେ ଶ୍ରମିକ ଆଇନ ସଂଶୋଧନ ବିଲ୍ ବିରୋଧରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବରଗଡ ପୋଲିସ-ଓକିଲ ବିବାଦ ପ୍ରସଙ୍ଗ

## ଡିଆଇଜିଙ୍କୁ ଭେଟିଲା ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ

ସମ୍ବଲପୁର, ୨।୮ (ବ୍ୟୁରୋ)

ବରଗଡ ଓକିଲ ଓ ଜଣେ ମହିଳା ପୋଲିସ ଅଧିକାରୀଙ୍କ ବିବାଦ ପ୍ରସଙ୍ଗକୁ ନେଇ ଶୁକ୍ରବାର ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ଭେଟିଛି। ବରଗଡ ସଦର ଥାନାର ସିସିଟିଭି ଫୁଟେଜକୁ ଆଧାର କରି ନିରପେକ୍ଷ ତଦନ୍ତ କରାଯାଉ । ଯେତେ ଦିନ ପର୍ଯ୍ୟନ୍ତ ନିରପେକ୍ଷ ତଦନ୍ତ ସରିନାହିଁ ସେ ପର୍ଯ୍ୟନ୍ତ ବଦଳି ଆଦେଶକୁ ବାତିଲ କରାଯାଉ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି କରୁଣା ସିକନ୍ଦର, ଉପଦେଷ୍ଟା ନିହାଲ ସିଂ ପ୍ରମୁଖ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଜୁଲାଇ ୧୦ ତାରିଖ ବରଗଡ ସଦର ଥାନା ଅଧିକାରୀ କଲ୍ୟାଣୀ ବେହେରା ଓ ଓକିଲ ବିନୟ ଯୋଶୀଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ହୋଇଥିଲା।



ପବ୍ଲିକ ଲାଇବ୍ରେରିରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଖବରଦାତାମାନଙ୍କୁ ଆୟୋଜକ ସୂଚନା ଦେଉଛନ୍ତି।

## କମ୍ପାନୀଗୁଡ଼ିକ ପ୍ରତି ଅହେତୁକ ଅନୁକମ୍ପା ଦିଆଯାଉଛି

ସମ୍ବଲପୁର,୨।୮(ବ୍ୟୁରୋ)

ସମଗ୍ର ଦେଶରେ କଳକାରାଖାନା ଗୁଡିକ ଗଢି ଉଠୁଛି। ଫଳରେ ପରିବେଶ ପ୍ରଦୂଷଣ ହୋଇ ସମସ୍ୟା ଦେଖା ଦେଇଛି। ସରକାର କମ୍ପାନୀ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ତେଣୁ ଆନ୍ଦୋଳନ ଆବଶ୍ୟକ। ନିଜ ପାଇଁ ନିଜେ ମୁହଁ ନ ଖୋଲିଲେ ଆଗାମୀ ଦିନରେ ପରିସ୍ଥିତି ଭୟଙ୍କର ହେବ । ନ୍ୟାୟ ବ୍ୟବସ୍ଥା ଉପରେ ମଧ ବିପଦ ମାଡି ଆସୁଛି । ଝାରସୁଗୁଡା ଜିଲାପାଳଙ୍କ ବାସଭବନ, ବିଚାରପତିଙ୍କ ବାସଭବନ, ରାଜସ୍ୱ ବିଭାଭଗ ଅଧିକାରୀଙ୍କ କଲୋନୀ ନିକଟରେ ପାଉଁଶ ପାହାଡ ଠିଆ ହୋଇଛି। ଏଥିରୁ ଜଣାପଡୁଛି ଯେ, ସାଧାରଣ ଲୋକଙ୍କ ସମସ୍ୟାରେ ପ୍ରଶାସନ କିଭଳି ପଦକ୍ଷେପ ଗ୍ରହଣ କରିବ। ନିୟମଗିରି ବକ୍‌ସାଇଟ ଖଣି ବେଦାନ୍ତ କମ୍ପାନୀକୁ ନ ଦେବାକୁ ଆନ୍ଦୋଳନ କରି ଆଜି ସଫଳ ହୋଇଛନ୍ତି ସେଠାକାର ସ୍ଥାନୀୟ ଅଧିବାସୀ। ଏହା ବିଶ୍ୱ ଦରବାରରେ ଉଦାହଣ ସୃଷ୍ଟି କରିଛି। ସେହିଭଳି ଚିନ୍ତାଧାରା ଆମେ ମଧ ରଖିବା। ଜିଲା କୃଷକ ସଂଗଠନ ପକ୍ଷରୁ ଶୁକ୍ରବାର ପବ୍ଲିକ ଲାଇବ୍ରେରିରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଖଣି ଗବେଷକ ସମରେନ୍ଦ୍ର ଦାସ କହିଛନ୍ତି। ଏଥିରେ ଉପସ୍ଥିତ ସୁପ୍ରିମ କୋର୍ଟର ଆଇନଜୀବୀ ବିଶ୍ୱ ରଞ୍ଜନ ପରମଗୁରୁ କହିଥିଲେ ଯେ, କମ୍ପାନୀ ପାଇଁ କଡା ନିୟମ ରହିଛି । ହେଲେ ସେମାନେ ପାଳନ କରୁନାହାନ୍ତି। ପ୍ରଦୂଷଣ ହେଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ଅନୁକମ୍ପା ଦିଆଯାଉଛି ବୋଲି କହିଥିଲେ। ଏହି ଅବସରରେ ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ, ଅନ୍ୟତମ ଆବାହକ ଲିଙ୍ଗରାଜ ପ୍ରଧାନ, ଜିଲା ସଭାପତି ମୁରାରୀ ପୁରୋହିତ, ଉପ ସଭାପତିହରିଶଙ୍କର ପୁରୋହିତ, ଦେବେନ୍ଦ୍ରେ ପ୍ରଧାନ, ବିଭୁ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଭିସୁଟ୍‌ରେ ସପ୍ତାହବ୍ୟାପୀ ଜାତୀୟ କର୍ମଶାଳା ଉଦ୍‌ଯାପିତ

ଟିପିଲିମା, ୨।୮ (ଡି.ଏନ.ଏ.)

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ଚାଲିଥିବା ୭ ଦିନିଆ କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଆମେରିକାର ଏନଡିଏସ ବିଶ୍ୱବିଦ୍ୟାଳୟ, ଆଇଆଇଟି ଖଡଗପୁର, ଆଇଆଇଟି ଭୁବନେଶ୍ୱର, ଏନଆଇଟି ରାଉରକେଲା ଭଳି ଶିକ୍ଷାନୁଷ୍ଠାନର ପ୍ରତିନିଧି ଯୋଗ ଦେଇ ଦେଶରେ ସିଭିଲ ଇଞ୍ଜିନିୟରିଂର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଏନଆଇଟି ରାଉରକେଲା ପ୍ରଫେସର ପ୍ରଦୀପ ସରକାର କର୍ମଶାଳାରେ ଫ୍ଲାଏଆସର ଉପଯୋଗରେ କିପରି ଇଟା ଗଢ଼ା ଯାଇ ପାରିବ ସେନେଇ ଆଲୋକପାତ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ଆମେରିକା (ୟୁଏସଏ)ର ଏନଡିଏସ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଅଚିନ୍ତ୍ୟା ବେଜବରୁଆ ଯୋଗଦେଇ ନାନୋ ଟେକନୋଲୋଜିକୁ ବ୍ୟବହାର କରି କିପରି ସୁସ୍ଥ ପରିବେଶ ଗଠନ କରାଯାଇ ପାରିବା ସହ ଚାଷ କାର୍ଯ୍ୟରେ ବ୍ୟବହାର ହୋଇ ପାରିବ ସେ ନେଇ ଆଲୋକପାତ କରିଥିଲେ। କେନ୍ଦ୍ରୀୟ ଜଳ ଆୟୋଗର ନିର୍ବାହୀ ଯନ୍ତ୍ରୀ ଇଂ. ଏନ ଶ୍ରୀନିବାସ, ଭିସୁଟ ବୁର୍ଲାର ପ୍ରଫେସର ଏସ.କେ. ପାତ୍ର, ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଆର.ଆର. ଦାସ, ଆଇଆଇଟି ଖଡଗପୁରରୁ ପ୍ରଫେସର ଡି.କେ. ମାଇତ ପ୍ରମୁଖ ପ୍ରତିନିଧି ଯୋଗ ଦେଇ ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ । ଏହି ଜାତୀୟ କର୍ମଶାଳାରେ ପ୍ରଫେସର ଡ. ସୌଭାଗ୍ୟ ପାଣିଗ୍ରାହୀ ଓ ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁ ସଂଯୋଜନା କରିଥିବା ବେଳେ ଶେଷରେ ପ୍ରଫେସର ଡ. ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ କର୍ମଶାଳାରେ ବିଭିନ୍ନ ଇଞ୍ଜିନିୟରିଂ କଲେଜର ଅଧ୍ୟାପକ, କ୍ଷେତ୍ର ଇଞ୍ଜିନିୟର, ରିସର୍ଚ୍ଚ ସ୍କୋଲାର, ପିଜି ଛାତ୍ରୀଛାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଭିସୁଟ ଶେଷବର୍ଷ ସିଭିଲ ଛାତ୍ର ମନସୁରୀ ସିହ୍ନା ଓ ବିଲ ଖଣ୍ଡାୟୀଙ୍କ ନେତୃତ୍ୱରେ ସମସ୍ତ ସିଭିଲ ଛାତ୍ର କର୍ମଶାଳାରେ ସହଯୋଗ କରିଥିଲେ।




ଭିସୁଟରେ ଚାଲିଥିବା ୭ ଦିନିଆ କର୍ମଶାଳାର ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ଅତିଥି ଓ ଛାତ୍ରୀଛାତ୍ର।

## ଶିଶୁଙ୍କ ଉପରେ ଅତ୍ୟାଚାରର ଦମନ ହେଉ

**ସମ୍ବଲପୁର,୨।୮(ବ୍ୟୁରୋ):** ଦେଶରେ ଶିଶୁ ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି। ରାଜ୍ୟ ଓ କେନ୍ଦ୍ର ସରକାର ଏହାକୁ କିପରି ବନ୍ଦ କରିବେ ସେ ନେଇ ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ। ଶିଶୁଙ୍କ ଉପରେ ହେଉଥିବା ଅତ୍ୟାଚାର ରୋକିବାକୁ ସମ୍ବଲପୁର ସ୍ୱାଭିମାନ କର୍ମକର୍ତ୍ତା ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଶିଶିର କୁମାର ବହିଦାର, ନିରୋଜ ବେହେରା, ସମୀର ହୋତା, ତ୍ରିନାଥ ରାଉତ, ଜି ରେଡ୍ଡି, ସୁଶାନ୍ତ ରାଉତ, କୌଶିକ କୁମାର ସ୍ୱାଇଁ, ଗଣେଷ ଜେନା ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।

## ସମ୍ବଲପୁରରେ ଧର୍ମାନ୍ତରୀକରଣ ଚାଲିଛି

ସମ୍ବଲପୁର, ୨।୮ (ବ୍ୟୁରୋ)

ସମ୍ବଲପୁର ସହରରେ ବେଆଇନ ଧର୍ମାନ୍ତରୀକରଣ ଚାଲିଛି । ତେଣୁ ଭବିଷ୍ୟତରେ ଆଇନ ଶୃଙ୍ଖଳା ପରିସ୍ଥିତି ଦେଖାଦେବା ଆଶଙ୍କା ରହିଛି । ଧର୍ମାନ୍ତରିତ ତହସିଲ ଭୁକ୍ତ ଜାତି ଓ ଜନଜାତିର ଜନସାଧାରଣଙ୍କୁ ସଂରକ୍ଷଣ ସୁବିଧାରୁ ବାଦ ଦେବା ପାଇଁ ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆ ଯାଉ । ଶୁକ୍ରବାର ଧର୍ମସୁରକ୍ଷା ସେନା ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏଭଳି ଅଭିଯୋଗ ଓ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ସମ୍ବଲପୁର ସାକ୍ଷୀପଡାର ଏକ ସ୍କୁଲରେ ରାଷ୍ଟ୍ରୀୟ ଗାନକୁ ବନ୍ଦ କରାଯାଇଛି। କେଦାରନାଥ ପ୍ରାକୃତିକ ବିପର୍ଯ୍ୟ ନାମରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ସଂଗ୍ରହ କରି କେରଳ ବନ୍ୟା ପୀଡିତଙ୍କୁ ପ୍ରଦାନ କରାଯାଇଛି । ପରୀକ୍ଷା ପାଇଁ ପଞ୍ଜିକରଣ ଫି ୧ହଜାର ୫ଶହ ଥିବା ବେଳେ ୫ହଜାର ୫ଶହ ଟଙ୍କା ନେବାକୁ ଚକ୍ରାନ୍ତ ହୋଇଛି । ଏଣୁ ସଂପୃକ୍ତ ଶିକ୍ଷାନୁଷ୍ଠାନ ବିରୋଧରେ ଫୌଜଦାରୀ ମାମଲା ରୁଜୁ ହେବା ଜରୁରୀ। ଏଥିସହ ସମ୍ପୃକ୍ତ ସ୍କୁଲର ଅଧକ୍ଷାଙ୍କୁ ବହିଷ୍କାର କରି ଜିଲା ପ୍ରଶାସନ ନିଜ ହାତକୁ ପରିଚାଳନା ଦାୟିତ୍ୱ ନେବାକୁ ଦାବି ହୋଇଛି । ସଂଗଠନର ପ୍ରଦୀପ ବହିଦାର, ଗିରିଶ ପଟେଲ, ଶିବ କୁମାର ଅଗ୍ରୱାଲ, ରାଜୀବ କୁମାର ଶତପଥୀ, ବୀରେନ୍ଦ୍ର କୁମାର ପଣ୍ଡା, ସତ୍ୟନାରାୟଣ ପଣ୍ଡା, ଦେବାଶିଷ ପୁରୋହିତ, ପୁଷ୍ପାଞ୍ଜଳି ଜେନା, ଲକ୍ଷ୍ମୀ ସାହୁ, ସୁରମା ପୋଢ଼, ସେବତୀ ପଟ୍ଟନାୟକ, ଗୀତାରାଣୀ ପଣ୍ଡା ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ ।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧର୍ମ ସୁରକ୍ଷା ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## ସେଲ୍ଫି କର୍ଣ୍ଣର



ରୂପେଶ



ରିତେଶ




ପ୍ରେମ



ଲିପୁନ



ଉମାଶଙ୍କର

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

■ ବଡ଼ରମା ଘାଟିରୁ ବାଇକ୍ ମେକାନିକଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ଘଟଣା

# ଜମି ପାଇଁ ଜୀବନ ନେଇଗଲେ

**ଜମନକିରା, ୨।୮ (ଡି.ଏନ୍.ଏ)**

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ବଡ଼ରମା ଘାଟିରେ ଗତ ୧୪ ତାରିଖ ରାତିରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଲାଗି ରହିଥିବା କଳ୍ପନା ଜଳ୍ପନାର ଶୁକ୍ରବାର ପର୍ଦ୍ଦାଫାଶ ହୋଇଛି। ଜମି ବିବାଦରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୁଚିଣ୍ଡା ଏସ୍‌ଡିପିଓ ରାଜକିଶୋର ମିଶ୍ର ପ୍ରକାଶ କରିଛନ୍ତି। ଏ ନେଇ ଜମନକିରା ଥାନାରେ ମାମଲା ରୁଜୁ କରାଯାଇଛି। ତେବେ ଏହି ଘଟଣାରେ ଜଡ଼ିତ ୫ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗ କୋର୍ଟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ରେଙ୍ଗାଲି କିଶନନଗରର ରାଜେଶ ସିଂ ଓରଫ ରାଜା ଓ କୁଚିଣ୍ଡା ଥାନା ଅଧୀନ ଠାକୁରପାଲିର ଜୟଦେବ ସିଂ। ଅନ୍ୟ ୩ ଜଣଙ୍କୁ ତୁରନ୍ତ ଧରା ହେବ ବୋଲି ପୋଲିସ କହିଛି। ଏହି ଘଟଣାରେ ଏକ କାର ଓ ଏକ ହାଇୱାକୁ ପୋଲିସ ଜବତ କରିଛି।

ଜମନକିରା ଥାନା ଅନ୍ତର୍ଗତ ବଡ଼ରମା ପଞ୍ଚାୟତ କଦଳୀପାଳ ଗାଁର ଶ୍ୟାମସୁନ୍ଦର ସିଂ (୪୫) ବାଇକ ଓ ସାଇକେଲ ସଜାଡ଼ି ପରିବାର ପ୍ରତିପୋଷଣ କରୁଥିଲେ। ଘଟଣା ଦିନ ରାତିରେ ସେ ଘରେ ଶୋଇଥିଲା ବେଳେ ଜଣେ ଅଚିହ୍ନା ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଥିଲେ। ବାଇକ ଖରାପ ଥିବା କହି ଘରୁ ଡାକି ନେଇଥିଲା। ଏଣୁ ଶ୍ୟାମସୁନ୍ଦର ନିଜ ବାଇକରେ ବାଇକ ସଜାଡ଼ିବା ପାଇଁ ରାତିରେ ଚାଲି ଯାଇଥିଲେ। ହେଲେ ଘରକୁ ଫେରି ନ ଥିଲେ। ପରଦିନ ସକାଳେ ପରିବାର ଲୋକେ ଖୋଜାଖୋଜି କରିବା ପରେ ସେ ବଡ଼ରମା ଘାଟି ମଝିରେ ବାଇକ ସହ ରାସ୍ତାରେ ପଡ଼ିଥିବା ଦେଖିଥିଲେ। କିନ୍ତୁ ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ହତ୍ୟା କରାଯାଇ ପରିବାର ଲୋକ ସନ୍ଦେହ କରି ଥାନାରେ ଲିଖିତ ଏତଲା ଦାଏର କରିଥିଲେ। ଶ୍ୟାମଙ୍କ ବେକରେ ରଶି ଚିହ୍ନ ଓ ଆଣ୍ଠୁରେ ମାଟି ଲାଗି ଥିଲା। ଦୁର୍ଘଟଣା ସ୍ଥଳରେ ରକ୍ତ ପଡ଼ିଥିବା ବେଳେ ବାଇକ୍ ଓ ମୃତଦେହର ସ୍ଥିତି ଦେଖି ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ସ୍ପଷ୍ଟ ହୋଇଥିଲେ। ଏ ନେଇ ଶ୍ୟାମଙ୍କ ସ୍ତ୍ରୀ ସୁଚିତାଦେବୀ ସିଂଙ୍କ ଥାନାରେ ଏତଲା କ୍ରମେ ପୋଲିସ ପର ଦିନ ଛାନଭିନ ଆରମ୍ଭ କରିଥିଲା।

ପରେ ପରିବାର ଲୋକଙ୍କୁ ପଚରା ଉଚୁରା କରିବା ପରେ ତାଙ୍କ ଘର ପାଖରେ ଥିବା ଜୟରାମ ସିଂଙ୍କ ସହ ଶ୍ୟାମସୁନ୍ଦରଙ୍କ ଜମିବାଡ଼ିକୁ ନେଇ କଳହ ଲାଗି ରହିଥିବା ଜଣାପଡ଼ିଥିଲା। ତଦନ୍ତ ବେଳେ ଏଥିରେ ଜୟରାମ, ତାଙ୍କ ଶାଳକ ତଥା କୁଚିଣ୍ଡା ଥାନା ଅନ୍ତର୍ଗତ ଠାକୁର ପାଲିର ଗୋପାଲ ସିଂ, ଅନ୍ୟ ଦୁଇ ଶାଳକ ହରେଶ ସିଂ, ଜୟଦେବ ସିଂ ଓ ରାଜା ସମ୍ପୃକ୍ତ ଥିବା ଜଣାପଡିଥିଲା। ଜୟରାମ ଜମିପାଇଁ ଶ୍ୟାମଙ୍କ ସହ ଗଣ୍ଡଗୋଳ କରି ଆସୁଥିଲେ। ଏଣୁ ଶ୍ୟାମଙ୍କୁ ରାସ୍ତାରୁ ସଫା କରି ଦେବାକୁ ସେ ଏମାନଙ୍କ ସହଯୋଗ ନେଇଥିଲେ। ଏଣୁ ପୂର୍ବପ୍ରସ୍ତୁତି ଅନୁସାରେ ୧୪ ତାରିଖ ଅପରାହ୍ନ ସାଢ଼େ ୪ଟା ପାଖାପାଖି ୫ ଜଣ ଯାକ କଦଳୀପାଳ ନିକଟସ୍ଥ ଏକ ବନ୍ଦ ଥିବା ପେଟ୍ରୋଲ ଟାଙ୍କିରେ ନିଶା ସେବନ କରିଥିଲେ। ଠାକୁରପାଲିରୁ ଆଣିଥିବା ଇଣ୍ଡିକା କାର ( ଓଡ଼ି ୦୩ ଇ ୨୧୨୧), ହାଇୱା (ଓଡ଼ି ୧୫ ଏନ୍ ୧୮୬୦), ବାଇକ୍ ଓ ଏକ ବୋଲେରୋକୁ ସେଠାରେ ରଖି ଯୋଜନା ପ୍ରସ୍ତୁତ କରିଥିଲେ। ରାତି ସାଢ଼େ ୯ରେ ସେମାନଙ୍କ ଭିତରୁ ଜଣେ ବାଇକ୍ ନେଇ ଶ୍ୟାମଙ୍କ ଘରକୁ ଆସି ବାଇକ୍ ସଜାଡ଼ିବା ବାହାନାରେ ଡାକି ନେଇଥିଲେ। ବଡ଼ରମା ଘାଟିରେ ଶ୍ୟାମ ବାଇକ୍ ସଜାଡ଼ି ଫେରିବା ବେଳେ ତାଙ୍କୁ ବୋଲେରେରେ ପିଛା କରି ଘାଟି ଶେଷ ମୁଣ୍ଡରେ ଠେଙ୍ଗାରେ ବାଡ଼େଇ ସେମାନେ ମାରି ଦେଇଥିଲେ। ପରେ ବୋଲେରୋରେ ନେଇ ଘାଟି ମଝିରେ ଶୁଆଇ ହାଇୱାରେ ଚାପି ଦେଇ ଦୁର୍ଘଟଣାର ରୂପ ଦେଇଥିଲେ ବୋଲି ଏହି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଆଇଆଇସି ବାଳକୃଷ୍ଣ କଅଁର, ଏସ୍‌ଆଇ ପ୍ରମୋଦ କୁମାର ସାହୁ, ଏଏସ୍‌ଆଇ ସୁଧୀର ମହାକୁଳ ପ୍ରମୁଖ ଉପସ୍ଥିତ ଥିଲେ।



ପୋଲିସ ହେପାଜତରେ ଗିରଫ ଦୁଇ ଅଭିଯୁକ୍ତ।



ପୋଲିସ ଜବତ କରିଥିବା ହାଇୱା।

■ ୨ ଅଭିଯୁକ୍ତ ଗିରଫ: ହାଇୱା, ଇଣ୍ଡିକା ଜବତ
■ ହତ୍ୟା କରାଯାଇଥିବା ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ
■ ଫେରାର ଅନ୍ୟ ୩ ଅଭିଯୁକ୍ତଙ୍କୁ ଶୀଘ୍ର ଧରିବ ପୋଲିସ

■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ସରପଞ୍ଚଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**କର୍ଲାମୁଣ୍ଡା, ୨।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ଗ୍ରାମ ପଞ୍ଚାୟତର ସରପଞ୍ଚ ଭୋଜବନ୍ତୀ ସାହୁଙ୍କ ବାସଭବନରେ ଶୁକ୍ରବାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ଚଢ଼ାଉ କରିଛି। ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ସରପଞ୍ଚଙ୍କ ଟକାରୁମାଲସ୍ଥିତ ବାସଭବନ, ପୈତୃକ ଘର କୁଶୁର୍ଲା ଓ ଟକାରୁମାଲ ସ୍କୁଲ ନିକଟରେ ଥିବା ମାର୍କେଟ କମ୍ପ୍ଲେକ୍ସରେ ଥିବା ଦୋକାନରେ ଏକକାଳୀନ ୩ଟି ଟିମ୍ ଚଢାଉ କରିଥିଲା। ଡିଏସପି ମହାନନ୍ଦ କହିଛନ୍ତି ଯେ, ରିଞ୍ଜା ସରପଞ୍ଚଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ରହିଥିଲା। ଉକ୍ତ ଅଭିଯୋଗକୁ ଭିତ୍ତିକରି ଚଢାଉ କରାଯାଉଛି। ଚଢାଉ ପରେ ୩ଟି ଟ୍ରାକ୍ଟର, ୨ଟି ବାଇକ, ଗୋଟିଏ କାର ଓ ମାର୍କେଟ କମ୍ପ୍ଲେକ୍ସ ରହିଥିବା ଜଣାପଡିଛି। ଖବର ଲେଖା ବେଳକୁ ସୁନା ୧୩ ଗ୍ରାମ୍ ଓ ନଗଦ ୩୦ହଜାର ଟଙ୍କା ମିଳିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ରାଜନୈତିକ ଉଦ୍ଦେଶ୍ୟ ରଖି କେତେକ ମୋତେ ବଦନାମ କରିବାକୁ ଷଡଯନ୍ତ୍ର କରାଯାଇଛି। ତେବେ ଭିଜିଲାନ୍ସ ତଦନ୍ତକୁ ମୁଁ ସ୍ୱାଗତ କରୁଛି ବୋଲି ସରପଞ୍ଚ ସାହୁ କହିଛନ୍ତି।



ସରପଞ୍ଚଙ୍କ ଘରେ ଭିଜିଲାନ୍ସ ଅଧିକାରୀମାନେ ତଦନ୍ତ କରୁଛନ୍ତି।

# ଗଠନ ହେଲା କୃଷକ ଉତ୍ପାଦକ ସଂଗଠନ

**ଭୁବନେଶ୍ୱର, ୨।୮ (ବ୍ୟୁରୋ):** କ୍ଷୁଦ୍ର ଓ ନାମମାତ୍ର କୃଷକ ଚାଷୀଙ୍କୁ କୃଷି ସାମଗ୍ରୀ, ବୈଷୟିକ ଜ୍ଞାନ ଓ ବଜାର ସୁବିଧା ସହଜରେ ଉପଲବ୍ଧ କରାଇବା ପାଇଁ ରାଜ୍ୟ ସରକାର କୃଷକ ଉତ୍ପାଦକ ସଙ୍ଗଠନ (ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ) କରିଛନ୍ତି। ଏହି ସଂଙ୍ଗଠନ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଖାଦ୍ୟ ପ୍ରକ୍ରିୟାକରଣ, ବଜାର ବ୍ୟବସ୍ଥା, ଗୋଦାମଘର, ଉତ୍ପାଦର ପରିବହନ ପାଇଁ ଭିତ୍ତିଭୂମି ପ୍ରସ୍ତୁତିରେ ସହାୟତା କରିବ। ଏଥିସହ କୃଷି କ୍ଷେତ୍ରରେ ଆର୍ଥିକ ବିକାଶ କରାଇବା ଏବଂ ଗ୍ରାମାଞ୍ଚଳରେ ନିଯୁକ୍ତି ସୁବିଧା ସୃଷ୍ଟି କରି ପାରିବ। ଶୁକ୍ରବାର ବିଧାନସଭାରେ ମୁଲତବୀ ଆଲୋଚନା ଜବାବରେ କୃଷି ଓ କୃଷକ ଶସକ୍ତିକରଣ ମନ୍ତ୍ରୀ ଅରୁଣ ସାହୁ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ କୃଷକମାନଙ୍କୁ ଆଧୁନିକ ବୈଜ୍ଞାନିକ ଜ୍ଞାନ କୌଶଳ ବିଷୟରେ ଅବଗତ କରାଇବା ପାଇଁ କୃଷି ସମ୍ପ୍ରସାରଣ କାର୍ଯ୍ୟକ୍ରମ ଭାବେ ପରିଭ୍ରମଣ, ତାଲିମ ଓ ପ୍ରଦର୍ଶନ କ୍ଷେତ୍ରମାନ କରାଯାଉଛି। ଚାଷୀଙ୍କ ଆକ୍ଳାନ୍ତ ପରିଶ୍ରମ ଯୋଗୁ ଓଡିଶା ଖାଦ୍ୟ ଉତ୍ପାଦନରେ ୬ ବର୍ଷ ମଧ୍ୟରେ ୫ ଥର କୃଷି କର୍ମଣ ପୁରସ୍କାର ପାଇବାରେ ସଫଳ ହୋଇଛି। ଆଦିବାସୀ ଅଧ୍ୟୁଷିତ ଜିଲାରେ ମାଣ୍ଡିଆ, କୋଦ, ସୁଆଁ ଭଳି ଶସ୍ୟର ଚାଷ ପରିମାଣ କମି କମି ଯାଉଛି। ଏହାର ଚାହିଦା ବୃଦ୍ଧି ପାଉଥିବାରୁ ସରକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲଘୁଶସ୍ୟ ଉତ୍ପାଦନ ପାଇଁ ଓଡିଶା ମିଲେଟ ମିଶନ ଭଳି ଯୋଜନା କାର୍ଯ୍ୟକାରୀ କରାଯାଉଛି। କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ୨୦୧୪ରୁ ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନ କରି ଆସୁଛନ୍ତି। ୨୦୧୩-୧୪ରେ ଏଥିପାଇଁ ୭,୧୬୧.୮୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ୨୦୧୯-୧୦ରେ ୨୦, ୭୧୪ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। କୃଷି କ୍ୟାବିନେଟ ଗଠନ କରାଯାଇଥିବା

# ଚାଷୀ ଆତ୍ମହତ୍ୟା ମାନୁନାହାନ୍ତି ସରକାର: କଂଗ୍ରେସ

**ଭୁବନେଶ୍ୱର, ୨।୮ (ବ୍ୟୁରୋ):** ଚାଷୀ ଆତ୍ମହତ୍ୟାକୁ ନେଇ ଶୁକ୍ରବାର ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ଏବଂ କୃଷିମନ୍ତ୍ରୀ ଅରୁଣ ସାହୁ ମୁହାଁମୁହିଁ ହୋଇଛନ୍ତି। ଚାଷୀ ଆତ୍ମହତ୍ୟାକୁ ନେଇ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ମୁଲତବୀ ପ୍ରସ୍ତାବ ଆଣି କୃଷିମନ୍ତ୍ରୀ ଅରୁଣ ସାହୁଙ୍କୁ କଡ଼ା ସମାଲୋଚନା କରିଥିଲେ। ମନ୍ତ୍ରୀ ମଧ୍ୟ ନରସିଂହଙ୍କୁ କଡ଼ା ଜବାବ ଦେଇଥିଲେ। ଉଭୟଙ୍କ ଆରୋପ ପ୍ରତ୍ୟାରୋପକୁ ନେଇ ଗୃହ ସରଗରମ ହୋଇଥିଲା। ବିଧାନସଭାରେ ମୁଲତବୀ ଆଲୋଚନା ବେଳେ ନରସିଂହ କହିଥିଲେ ଯେ, ରାଜ୍ୟରେ ଚାଷୀ ଆତ୍ମହତ୍ୟାକୁ ସରକାର ରୋକିବାରେ ବିଫଳ ହୋଇଛନ୍ତି। ଶସ୍ୟହାନି ଏବଂ ଋଣଗ୍ରସ୍ତ ହୋଇ ଗତ ଜୁଲାଇ ମାସରେ ୪ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି। ମାତ୍ର ଏହାକୁ ସରକାର ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ରାଜ୍ୟ ସରକାର ଏ ନେଇ ରିପୋର୍ଟ ଦିଅନ୍ତୁ। ବଲାଙ୍ଗୀର, ବରଗଡ଼, ବାଲେଶ୍ୱର ଏବଂ ଜଗତ୍‌ସିଂହପୁର ଜିଲାରେ ସ୍ୱଳ୍ପବୃଷ୍ଟି ଯୋଗୁ ଧାନଫସଲ ଉଜୁଡ଼ି ଯାଇଛି। ଚାଷ ଉଜୁଡ଼ିଯାଉଥିବାରୁ ଚାଷୀ ବାଧ୍ୟହୋଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଗ୍ରହଣ କରୁଛି। ସରକାର ଜମିକୁ ପାଣି ଯୋଗାଇବାରେ ବିଫଳ ହେଉଥିବାରୁ ଚାଷୀ ଚାଷ ପାଇଁ ବର୍ଷା ଉପରେ ନିର୍ଭର କରୁଛନ୍ତି। ବର୍ଷା ନ ହେବାରୁ ଫସଲ ନଷ୍ଟ ହୋଇଯାଉଛି। ସରକାର କେବଳ କାଗଜକଲମରେ ଜଳସେଚନ ସୁବିଧା ଯୋଗାଇବା କଥା କହୁଛନ୍ତି ବୋଲି ନରସିଂହ କହିଥିଲେ। କେନ୍ଦ୍ରର ମୋଦି ସରକାରଙ୍କୁ ମଧ୍ୟ ନରସିଂହ ଚାଷୀ ପ୍ରସଙ୍ଗରେ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ନରେନ୍ଦ୍ର ମୋଦି ସରକାର ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ୨୦୧୪ ନିର୍ବାଚନ ପୂର୍ବରୁ ଭାଜପା ଭୋଟ ହାତେଇବା ପାଇଁ ଚାଷୀଙ୍କୁ ତାଙ୍କ ଉତ୍ପାଦିତ ମୂଲ୍ୟର ଦେଢ଼ଗୁଣା ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ନିର୍ବାଚନ ଜିତିବା ପରେ ଭାଜପା ପ୍ରତିଶ୍ରୁତିକୁ ଭୁଲିଗଲା। ଉଭୟ ବିଜେଡି ଓ ଭାଜପା ଚାଷୀ ବିରୋଧୀ ବୋଲି ନରସିଂହ କହିଛନ୍ତି। ରାଜ୍ୟରେ ହେଉଥିବା ଚାଷୀ ଆତ୍ମହତ୍ୟା ଘଟଣାର ମାଜିଷ୍ଟ୍ରେଟ୍ କିମ୍ବା ଜଣେ ସବ୍‌ଡିଭିଜନ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ତଦନ୍ତ କରାଯାଇ ଗୃହରେ ରିପୋର୍ଟ ଉପସ୍ଥାପନ କରାଯାଉ। ଏଥିସହିତ ଆତ୍ମହତ୍ୟା କରିଥିବା ଚାଷୀଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ପରିବାରର ଜଣେ ବ୍ୟକ୍ତିଙ୍କୁ ସରକାରୀ ଚାକିରି ଦେବାକୁ ନରସିଂହ ଦାବି କରିଛନ୍ତି।

**କଂଗ୍ରେସ ଦଳ ନେତା ଅଭିଜ୍ଞ ହୋଇ ଅନଭିଜ୍ଞଙ୍କ ଭଳି ଆଚରଣ କରୁଛନ୍ତି: ମନ୍ତ୍ରୀ**

କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ମଧ୍ୟ ନରସିଂହଙ୍କୁ ଶାଣିତ ଢଙ୍ଗରେ ଉତ୍ତର ଛଳରେ ଆକ୍ରମଣ କରିଥିଲେ। ସେ କହିଥିଲେ ଯେ, ଆତ୍ମହତ୍ୟା ପଛରେ ଚାଷ କାରଣ ନୁହେଁ। ଚାଷୀ ଆତ୍ମହତ୍ୟା କରୁଛନ୍ତି, ମାତ୍ର ତାହା ଚାଷ ପାଇଁ ନୁହେଁ। ଯେତେବେଳେ ଚାଷୀ ଆତ୍ମହତ୍ୟା କଥା ଆସୁଛି ସେତେବେଳେ ଜିଲାପାଳ ଏବଂ ଏସ୍‌ପି ମିଳିତ ଭାବେ ତଦନ୍ତ କରୁଛନ୍ତି। ୨୪ ଘଣ୍ଟା ମଧ୍ୟରେ ଗୃହ ବିଭାଗକୁ ରିପୋର୍ଟ ଦେଉଛନ୍ତି। ସରକାର ଆତ୍ମହତ୍ୟା ପ୍ରସଙ୍ଗକୁ ଏଡ଼ାଇ ଯାଉନାହାନ୍ତି। ଅନ୍ୟମାନଙ୍କ ଭଳି ଚାଷୀମାନେ ମଧ୍ୟ ବିଭିନ୍ନ କାରଣରୁ ଆତ୍ମହତ୍ୟା କରୁଛନ୍ତି। ନରସିଂହଙ୍କୁ ଆକ୍ଷେପ କରି ଅରୁଣ କହିଥିଲେ ଯେ, କଂଗ୍ରେସ ଦଳର ଜଣେ ବରିଷ୍ଠ ଅଭିଜ୍ଞ ନେତା କିପରି ଅନଭିଜ୍ଞଙ୍କ ଭଳି ଆଚରଣ କରୁଛନ୍ତି, ତାହା ମୋତେ ଆଶ୍ଚର୍ଯ୍ୟ କରୁଛି। ଚାଷ ଉପରେ କଂଗ୍ରେସ ବିଧାୟକ ଦଳର ନେତା କିଛି ଜ୍ଞାନ ଅର୍ଜନ କରନ୍ତୁ ବୋଲି ସେ କହିଥିଲେ। ଏଭଳି ଉତ୍ତର ଶୁଣି ନରସିଂହ ଉତ୍ତେଜିତ ହୋଇପଡିଥିଲେ। ପଏଣ୍ଟ ଅଫ୍ ଅର୍ଡର ଜରିଆରେ ସେ ପୁଣି କହିଥିଲେ ଯେ, ଓଡ଼ିଶାରେ ଚାଷୀ ଆତ୍ମହତ୍ୟା କରୁଥିବା ବିଷୟ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟ ସଭାରେ ଉଲ୍ଲେଖ କରୁଥିବା ବେଳେ ସେହି ଦଳର ମନ୍ତ୍ରୀ ଏହାକୁ ଗ୍ରହଣ କରିବାକୁପ୍ରସ୍ତୁତ ନୁହନ୍ତି। ଏହା ବିଜେଡିର ଦୋମୁହାଁ ନୀତି ନୁହେଁ କି ବୋଲି ନରସିଂହ କହିଥିଲେ। ଅନ୍ୟପକ୍ଷରେ ମୁଲତବୀ ଆଲୋଚନାରେ ଭାଜପା ସଭ୍ୟମାନେ ଅଂଶଗ୍ରହଣ ନ କରି

ବିଧାନସଭାରେ ସରକାର ରାଜ୍ୟ ଆପାତକାଳୀନ ପାଣ୍ଠିର ଅତିରିକ୍ତ ବଜେଟକୁ ନେଇ କୌଣସି ଆଲୋଚନା ନ କରି ଅନୁମୋଦନ କିପରି କଲେ ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ପାଟିତୁଣ୍ଡ କରିଥିଲେ। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଚାଷୀ ଆତ୍ମହତ୍ୟା ପ୍ରସଙ୍ଗ ଓ ଚାଷକୁ ନେଇ ସରକାରଙ୍କ ଉପରେ ବର୍ଷିଥିଲେ।

## ଗଛରେ ପିଟିହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

**ଧାମନଗର, ୨।୮ (ଡି.ଏନ.ଏ.)**

ଧାମନଗର ଥାନା ସମ୍ମୁଖ ବଜାରରେ କମ୍ପ୍ୟୁଟର ଦୋକାନ ଦେଇଥିବା ପ୍ରଶାନ୍ତ ମାଝିଙ୍କର ଶୁକ୍ରବାର ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ପ୍ରଶାନ୍ତଙ୍କ ଘର ଭଗବାନପୁର ପଞ୍ଚାୟତ ପଳିକିରି ଗ୍ରାମରେ। ସେ ମଧ୍ୟାହ୍ନରେ ଦୋକାନ ବନ୍ଦ କରି ବ୍ଲକ ନିକଟସ୍ଥ ଚୁଡ଼ାକୁଟି ରାସ୍ତାର ଏକ ଆଶ୍ରମକୁ ପ୍ରସାଦ ସେବନ ପାଇଁ ଯାଉଥିବା ବେଳେ ଏକ ଗଛରେ ପିଟି ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସାପ କାମୁଡ଼ାରେ ଚାଷୀ ମୃତ

**ସୋର, ୨।୮ (ଡି.ଏନ.ଏ.)**

ସୋର ବ୍ଲକ ମାଣିପୁର ଗ୍ରାମର ସୁନାରାମ ଗୁଡୁ(୩୫) ନାମକ ଚାଷୀ ବିଲରେ କାମ କରୁଥିବା ବେଳେ ଏକ ବିଷଧର ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ସେ ଶୁକ୍ରବାର ପୂର୍ବାହ୍ନରେ ବିଲରେ ହିଡ଼ ହଣାହଣି କରୁଥିବା ବେଳେ ସାପ କାମୁଡ଼ି ଦେଇଥିଲା। ସେ ବିଲରେ ଟଳି ପଡ଼ିବାରୁ ପାଖରେ ଥିବା ତାଙ୍କ ସ୍ତ୍ରୀ ଓ ପିଲାମାନେ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇଥିଲା।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

## ସଂକ୍ଷେପରେ

### ଡିକି ଭାଙ୍ଗି ଲକ୍ଷେ ଟଙ୍କା ଲୁଟ୍

ନୀଳଗିର/ସଜନାଗଡ, ୨।୮ (ଡି.ଏନ.ଏ.): ନୀଳଗିରି ସହର ଉପକଣ୍ଠ ରବୀନ୍ଦ୍ର ପରିଡ଼ାଙ୍କ ଘର ସମ୍ମୁଖରୁ ଶୁକ୍ରବାର ଅଜଣା ଦୁର୍ବୃତ୍ତ ସ୍କୁଟି ଡିକି ଭାଙ୍ଗି ଲକ୍ଷେ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୋଲିସ ବ୍ୟାଙ୍କ ଓ ରବୀନ୍ଦ୍ରଙ୍କ ଘରେ ଲାଗିଥିବା ସିସିଟିଭି ଫୁଟେଜକୁ ନେଇ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ନଳିତା ମୋଦି କହିଛନ୍ତି। ପୂର୍ବାହ୍ନରେ ପ୍ରଫୁଲ୍ଲ ପରିଡ଼ା ଝିଅ ଓ ପୁଅର କଲେଜରେ ଆଡ୍‌ମିଶନ, ଉଧାର ଟଙ୍କା ସହିତ ଘରୋଇ ଖର୍ଚ୍ଚ କରିବା ପାଇଁ ଝିଅ ପ୍ରିୟଦର୍ଶିନୀଙ୍କୁ ଲକ୍ଷେ ଟଙ୍କାର ଚେକ୍ ଦେଇ ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାକୁ ପଠାଇଥିଲେ। ମଧ୍ୟାହ୍ନରେ ଝିଅ ବ୍ୟାଙ୍କରୁ ଟଙ୍କା ଉଠାଇ ସ୍କୁଟି ଡିକି ଭିତରେ ରଖି ସିଣ୍ଡିକେଟ ବ୍ୟାଙ୍କ ନିକଟ ବଡ଼ବାପା ରବୀନ୍ଦ୍ରଙ୍କ ଘରକୁ ଯାଇଥିଲେ। ଘର ସମ୍ମୁଖରେ ଗାଡ଼ି ରଖି ପ୍ରିୟଦର୍ଶିନୀ ପାଣି ପିଇବାକୁ ଭିତରକୁ ଯାଇଥିଲେ। ଏହାର ସୁଯୋଗ ନେଇ ତାଙ୍କୁ ପିଛା କରିଥିବା ଅଜଣା ଦୁର୍ବୃତ୍ତ ଡିକି ଭାଙ୍ଗି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଖବରପାଇ ନୀଳଗିରି ଆଇଆଇସି ନଳିତା ମୋଦୀ ଘଟଣାସ୍ଥଳରେ ପହଞ୍ଚି ଶେରଗଡ଼, ସନ୍ତରାଗଡ଼ିଆ ଓ ଉଦଳା ରାସ୍ତାକୁ ସିଲ୍ କରିବା ତଦନ୍ତ ଜାରି ରଖିଛନ୍ତି।

### ନିୟମିତ ହେଉନି ପଞ୍ଚାୟତ ସମିତି, ଷ୍ଟାଣ୍ଡିଂ କମିଟି ବୈଠକ

ଆରଡ଼ି, ୨।୮ (ଡି.ଏନ.ଏ.): ଭଦ୍ରକ ଜିଲା ଚାନ୍ଦବାଲିରେ ନିୟମିତ ଭାବେ ପଞ୍ଚାୟତ ସମିତି ଓ ଷ୍ଟାଣ୍ଡିଂ କମିଟି ବୈଠକ ହେଉ ନ ଥିବା ନାନ୍ଦପୁର ସମିତିସଭ୍ୟ ସ୍ୱଦେଶ ପଣ୍ଡା ଶୁକ୍ରବାର ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ୭ ମାସ ତଳେ ପଞ୍ଚାୟତ ସମିତି ବୈଠକ ହୋଇଥିଲା। ଷ୍ଟାଣ୍ଡିଂ କମିଟି ଗଠନ ହୋଇଥିଲେ ମଧ ଅଦ୍ୟାବଧି ବୈଠକ ନ ହେବା ଦୁଃଖର ବିଷୟ। ଏହା ଦ୍ୱାରା ସମିତିସଭ୍ୟମାନେ ନିଜ ଅଧିକାରରୁ ବଞ୍ଚିତ ହେଉଛନ୍ତି। ନିୟମିତ ଭାବେ ଉଭୟ ବୈଠକ କରାଯିବା, ସମିତିସଭ୍ୟମାନଙ୍କୁ ଗୁରୁତ୍ୱ ଦିଆଯିବା ଏବଂ ପୂର୍ବରୁ ବୈଠକ ହୋଇ ନ ଥିବା କାରଣ ନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

# ରୋହିତଙ୍କ ପାଇଁ ରେକର୍ଡ ଭାଙ୍ଗିବା ସୁଯୋଗ

ଲଡରହିଲ୍(ଆମେରିକା), ୨।୮(ପି.ଟି.) ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ଶନିବାର ଏଠାରେ ଖେଳାଯିବ। ଏଥିରେ ଭାରତର ରନ୍ ମେଶିନ ରୋହିତ ଶର୍ମାଙ୍କ ପାଇଁ ଏକ ରେକର୍ଡ ଭାଙ୍ଗିବା ସୁଯୋଗ ରହିଛି। ରୋହିତ ଆଉ ୪ଟି ଛକା ମାରିପାରିଲେ ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍‌ଙ୍କ ସର୍ବାଧିକ ଟି୨୦ ଅନ୍ତର୍ଜାତୀୟ ଛକା ରେକର୍ଡକୁ ଅତିକ୍ରମ କରିପାରିବେ। କ୍ୟାରିୟରରେ ୯୪ଟି ଟି୨୦ ଖେଳିଥିବା ରୋହିତ ୧୦୨ଟି ଛକା ମାରିସାରିଛନ୍ତି। ସେହି ତୁଳନାରେ ଦେଖିବାକୁ ଗଲେ ଜାମାଇକାର ହାର୍ଡ ହିଟର ବ୍ୟାଟ୍ସମ୍ୟାନ ଗେଲ୍ ୫୮ଟି ଟି୨୦ରୁ ୧୦୫ଟି ଛକା ମାରି ଆଗରେ ରହିଛନ୍ତି।



ରୋହିତ ଶର୍ମା

ନ୍ୟୁଜିଲାଣ୍ଡର ମାର୍ଟିନ ଗୁପ୍‌ଟିଲ ୭୬ ମ୍ୟାଚ୍‌ରୁ ୧୦୩ ଛକା ମାରି ଗେଲ୍‌ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତ-ୱେଷ୍ଟଇଣ୍ଡିଜ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୩୯ ବର୍ଷୀୟ ଗେଲ୍ ସାମିଲ ନାହାନ୍ତି। ତେଣୁ ରୋହିତଙ୍କ ପାଇଁ ସମ୍ଭାବନା ଦୃଢ଼ୀଭୂତ ହୋଇଛି। ଏହି ଭାରତୀୟ ଓପନର ଟି୨୦ରେ ସର୍ବାଧିକ ସ୍କୋରର ହେବାର ସୌଭାଗ୍ୟ ପାଇସାରିଛନ୍ତି। ସେ ୪ ଶତକ ଓ ୧୬ ଅର୍ଦ୍ଧଶତକ ସହ ୩୨.୩୭ ଆଭରେଜ୍‌ରେ ୨୩୩୧ ରନ୍ ସଂଗ୍ରହ କରିଛନ୍ତି। ଗତ ଆଇସିସି ବିଶ୍ୱକପ୍‌ରେ ରୋହିତ ରେକର୍ଡ ୫ଟି ଶତକ ହାସଲ କରିଥିଲେ। ତେଣୁ ଆଗାମୀ ଟି୨୦ ସିରିଜରେ ମଧ ସେ ଭଲ ପ୍ରଦର୍ଶନ କରିବା ଆଶା ରହିଛି।

### ଡାଲମିଆ ଭାରତ ସିମେଣ୍ଟ କାରଖାନାର ବେଆଇନ ଗେଟ୍ ନିର୍ମାଣ ମାମଲା

# ଜିଲାପାଳଙ୍କ ଆଦେଶକୁ ଖାରଜ କଲେ ହାଇକୋର୍ଟ

କଟକ ଅଫିସ, ୨।୮

ରାଜଗାଙ୍ଗପୁର ସହରରେ ଥିବା ଡାଲମିଆ ଭାରତ ସିମେଣ୍ଟ କାରଖାନା ପକ୍ଷରୁ ଜନସାଧାରଣଙ୍କ ରାସ୍ତା ଉପରେ ଏକ ଗେଟ୍ ନିର୍ମାଣ କରାଯାଇଥିଲା। ଏହାକୁ ସ୍ଥାନୀୟ ଜିଲାପାଳ ସ୍ୱୀକୃତି ପ୍ରଦାନ କରିଥିଲେ। ତେବେ ଏ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଏହି ମାମଲାର ଶୁଣାଣି କରି ଜିଲାପାଳଙ୍କ ନିର୍ଦ୍ଦେଶକୁ ଖାରଜ କରିଦେଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଇଥିବା ଗେଟ୍‌କୁ ନେଇ ପ୍ରଥମେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ସ୍ଥାନୀୟ ତହସିଲଦାରଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ତଦନ୍ତ ବେଳେ ନୂଆଗେଟ୍ ନିର୍ମାଣ କରିବାର ଯଥାର୍ଥତା ନାହିଁ ହୃଦ୍‌ବୋଧ କରି ନିର୍ମାଣ କାମ ବନ୍ଦ କରିଥିଲେ। ଏହି ନିଷ୍ପତ୍ତି ବିରୋଧରେ କମ୍ପାନୀ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ସୁନ୍ଦରଗଡ଼ ଜିଲାପାଳ ଏକ ବୈଠକ ଡାକି କମ୍ପାନୀକୁ ଗେଟ୍ ନିର୍ମାଣ କରିବାକୁ ଅନୁମତି ଦେଇଥିଲେ। ଏହା ପରେ ସୁଧାଂଶୁ ରଞ୍ଜନ ସାହୁ, ସୁମିତ ନିଲମ ସାହୁ ହାଇକୋର୍ଟରେ ଆଉ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।

# ବିବାହ ତାରିଖ ଘୋଷଣା କଲେ ହସନ ଅଲି

କରାଚୀ, ୨।୮ (ପି.ଟି.)

ପାକିସ୍ତାନ ପେସ୍ ବୋଲର ହସନ ଅଲିଙ୍କ ଜଣେ ଭାରତୀୟଙ୍କୁ ବିବାହ ନେଇ ଯେଉଁ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା, ତାହାର ଅବସାନ ଘଟିଛି। ଅଗଷ୍ଟ ୨୦ରେ ଦୁବାଇରେ ଶାମିଆ ଆର୍‌ଜୁଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହେବ ବୋଲି ହସନ ଶୁକ୍ରବାର ଘୋଷଣା କରିଛନ୍ତି। ଦୁବାଇରେ ଅବସ୍ଥାନ କରୁଥିବା ଶାମିଆ ଏମିରେଟ୍ସ ଏୟାରଲାଇନ୍ସରେ ଜଣେ ଇଂଜିନିୟର ଭାବେ କାର୍ଯ୍ୟରତ। ତାଙ୍କ ପରିବାରବର୍ଗ କିନ୍ତୁ ଦିଲ୍ଲୀ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ହସନ ତାଙ୍କ ନିଜ ସହର ଗୁଜରାନ୍‌ୱାଲାଠାରେ ଏକ ଖବରଦାତା ସମ୍ମିଳନୀରେ ତାଙ୍କ ବିବାହ ତାରିଖ ସ୍ପଷ୍ଟ କରିଥିଲେ। ବିବାହ ଉତ୍ସବ ବଡ଼ ଆକାରରେ ନ କରିବା ଲାଗି ଉଭୟ ପରିବାର ସ୍ଥିର କରିଛନ୍ତି। ବିବାହ ପରେ ଶାମିଆ ଗୁଜରାନ୍‌ୱାଲାରେ ବାସ କରିବେ। ସୂଚନାଯୋଗ୍ୟ, ଶାମିଆ ମାନବ ରଚନା ୟୁନିଭର୍ସିଟିରୁ ଏରୋନଟିକ୍ସରେ ଡିଗ୍ରୀ ହାସଲ କରିଛନ୍ତି। ସେ ଆହୁରି



ହସନ ଅଲି
ଶାମିଆ ଆର୍‌ଜୁ

ମଧ ଇଂଲଣ୍ଡରେ ପାଠ ପଢ଼ିଛନ୍ତି। ହସନ କହିଛନ୍ତି ବିହାଦ ଦିନ ସେ କଳା ଓ ଲାଲ୍ ରଙ୍ଗର ଶେରୱାନୀ ପରିଧାନ କରିବେ। ଶାମିଆ ଇଣ୍ଡିଆନ ଷ୍ଟାଇଲ୍ ପୋଷାକ ପରିଧାନ କରିବେ। ହସନ କହିଛନ୍ତି, ବର୍ଷକ ପୂର୍ବେ ଦୁବାଇଠାରେ ଶାମିଆଙ୍କ ସହିତ ତାଙ୍କର ପ୍ରଥମ ଭେଟ ହୋଇଥିଲା। ଉଭୟଙ୍କ ମଧ୍ୟରେ କ୍ରମେ ବନ୍ଧୁତା ବୃଦ୍ଧି ପାଇଥିଲା। ଶେଷରେ ଆମେ ବିବାହ କରିବାକୁ ଯାଉଛୁ। ଭାରତୀୟ କନ୍ୟାକୁ ବିବାହ କରିବାରେ ଜାହିର ଆବାସ, ମୋହସିନ ଖାଁ ଓ ଶୋଏବ ମଲିକଙ୍କ ପରେ ହସନ ହେଉଛନ୍ତି ଚତୁର୍ଥ ପାକିସ୍ତାନୀ କ୍ରିକେଟର। ମଲିକ ୨୦୧୦ରେ ଭାରତୀୟ ଟେନିସ ଷ୍ଟାର ସାନିଆ ମିର୍ଜାଙ୍କୁ ବିବାହ କରିଥିଲେ। ଉଭୟଙ୍କର ଏକ ପୁତ୍ର ସନ୍ତାନ ରହିଛି। ଭାରତୀୟ ମହିଳାଙ୍କୁ ବିବାହ କରିବାରେ ଜାହିର ଆବାସ ହେଉଛନ୍ତି ପାକିସ୍ତାନୀ ଖେଳାଳି।

### ଏନ୍‌ଟିପିସି, ଟିଟିପିଏସ୍‌ରେ ଉତ୍ପାଦନ ହ୍ରାସ

ଭୁବନେଶ୍ୱର, ୨।୮(ବ୍ୟୁରୋ): ଭରତପୁର ଖଣି ଦୁର୍ଘଟଣା ପରେ ଏମ୍‌ସିଏଲ୍‌ର ତାଳଚେର କୋଲ୍ ଫିଲ୍ଡସରେ ୯ଦିନ ଧରି ଆନ୍ଦୋଳନ ଚାଲୁ ରହିଥିବାରୁ ଏନ୍‌ଟିପିସିର କଣିହାଁ ଓ ତାଳଚେର ଥର୍ମାଲ ପ୍ଲାଣ୍ଟକୁ କୋଇଲା ଯୋଗାଣ ହୋଇପାରୁନି। ଫଳରେ ଉଭୟ ପ୍ଲାଣ୍ଟରେ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଛି। କଣିହାଁର ମୋଟ୍ ୬ଟି ୟୁନିଟ୍‌ରୁ ଏବେ ୩ଟି ଚାଲୁ ରହିଥିବାବେଳେ ମାତ୍ର ୯୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହୋଇପାରୁଛି। ଅନ୍ୟପଟେ ତାଳଚେର ଥର୍ମାଲର ୬ଟି ୟୁନିଟ୍‌ରୁ ମାତ୍ର ଗୋଟିଏ ୟୁନିଟ୍ କର୍ଯ୍ୟକ୍ଷମ ଅଛି। ଏନ୍‌ଟିପିସି କଣିହାଁ ଓ ତାଳଚେର ଥର୍ମାଲ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେବା ପାଇଁ ଯଥାକ୍ରମେ ୫୮ ହଜାର ମେଟ୍ରିକ୍ ଟନ ଏବଂ ୯ ହଜାର ମେଟ୍ରିକ ଟନ୍ କୋଇଲା ଆବଶ୍ୟକ। ଏବେ ବାହ୍ୟ ଉତ୍ସରୁ କୋଇଲା ସଂଗ୍ରହ କରି ବିଦ୍ୟୁତ୍ ଉତ୍ପାଦନ ଚାଲୁ ରଖିବାକୁ ଉଦ୍ୟମ ଜାରି ରହିଛି ବୋଲି ଏନଟିପିସି ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଏଭଳି ଅବସ୍ଥା ଯଦି ଅଧିକ ଦିନ ଲାଗି ରୁହେ ତେବେ ଓଡ଼ିଶା ସହିତ ବିହାର, ଝାଡ଼ଖଣ୍ଡ, ଦକ୍ଷିଣାଞ୍ଚଳ ରାଜ୍ୟ ସମେତ ଓ ଉତ୍ତର-ପୂର୍ବ ରାଜ୍ୟଗୁଡିକ ମଧ ବିଦ୍ୟୁତ୍ ସଙ୍କଟର ସମ୍ମୁଖୀନ ହେବେ।

### ମୃତ ବ୍ୟକ୍ତିଙ୍କ ନାମରେ ଅର୍ଥ ଆତ୍ମସାତ୍ ଘଟଣା

# ମାଷ୍ଟରମାଇଣ୍ଡ ଗିରଫ

ବାଲେଶ୍ୱର ଅଫିସ,୨।୮

ବ୍ୟାଙ୍କ ଅଫ୍ ଇଣ୍ଡିଆ, ରେମୁଣା ଶାଖାରେ ମୃତ ବ୍ୟକ୍ତିଙ୍କୁ ଜୀବିତ ଦେଖାଇ ଟଙ୍କା ଆତ୍ମସାତ୍ ଘଟଣାର ମାଷ୍ଟରମାଇଣ୍ଡ ବ୍ରହ୍ମଜ୍ୟୋତି ବେହେରାଙ୍କୁ ଶୁକ୍ରବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ଗିରଫ କରି କୋର୍ଟରେ ହାଜର କରିଛି। ବ୍ରହ୍ମଜ୍ୟୋତିଙ୍କ ଘର ଶିମ୍ଳାଞ୍ଚଳ ଥାନା ନରହରିପୁର ଗ୍ରାମରେ। ଗତ ୨୦୧୮ ଡିସେମ୍ବର ୧୨ ତାରିଖରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ମ୍ୟାନେଜର ସରୋଜ ମହାନ୍ତିଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ମନ୍ଦାରପୁର ଗ୍ରାମର ପର୍ଶୁରାମ ଗିରି ଏବଂ ନରହରିପୁର ଗ୍ରାମର ସାବିତ୍ରୀ ବେହେରା ୪ ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଥିଲେ ମଧ ବ୍ୟାଙ୍କର ଅସ୍ଥାୟୀ କର୍ମଚାରୀ ପ୍ରଭାତ ଦାସ ନକଲି ଲାଇଫ୍ ସାର୍ଟିଫିକେଟ୍ ତିଆରି ସହ ବ୍ୟାଙ୍କରେ ଦାଖଲ କରି ୩ଟି ଏଟିଏମ୍ ସହାୟତାରେ ପ୍ରତିମାସ ଟଙ୍କା ଉଠାଇ ନେଉଥିଲା। ଏକଥା ମ୍ୟାନେଜର ମହାନ୍ତି ଜାଣିବା ପରେ କଟକ କ୍ରାଇମ୍‌ବ୍ରାଞ୍ଚ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚରେ ମାମଲା (ନଂ. ୨୬/୧୮) ରୁଜୁ କରାଯାଇ ଦଫା (୪୧୯, ୪୨୦, ୪୬୭, ୪୭୧, ୪୦୬/୬୬ ଡିଆଇଟିଆର୍)ରେ ୨୦୧୮ ଡିସେମ୍ବର ୧୫ ତାରିଖରେ ପ୍ରଭାତଙ୍କ ଘର ଉପରେ ଚଢ଼ାଉ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ପରେ ଶାଖା ପ୍ରବନ୍ଧକ ଦୁର୍ଗାଚରଣ ଦାସଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ୧କୋଟି ୩୨ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବ୍ରହ୍ମଜ୍ୟୋତି ୬୫ଲକ୍ଷ ଟଙ୍କା ଲୁଟ୍ କରିଥିବାର ଜଣାପଡ଼ିଥିଲା। ତେବେ ସେ ହାଇକୋର୍ଟଙ୍କ ଅନ୍ତରୀଣ ଜାମିନରେ ରହିଥିଲେ। ଶୁକ୍ରବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ଶିମ୍ଳାଞ୍ଚଳ ଥାନା ପୋଲିସ ସହାୟତାରେ ନରହରିପୁରରୁ ବ୍ରହ୍ମଜ୍ୟୋତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।


## CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ 3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାରଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09517415755
09598246628

BANA DURGA FINANCE
BANA DURGA FINANCE ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

See Color Display Classified on every Tuesday & Friday

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
B-36/7, A-Block, Vijay Enclave, Burari, New Delhi-74

ପ୍ରାଇଭେଟ୍ କମ୍ପାନୀ ପ୍ରତି ସାବଧାନ
GRAMIN FINANCE
ଦ୍ୱାରା ସବୁ ପ୍ରକାର ଋଣ ନିଅନ୍ତୁ କମ୍ ସୁଧ + Subsidy, No File Charge, No Guarantor, Only Bank fees -
ଏ ସବୁକିଛି ଋଣ ମଞ୍ଜୁର ହେବା ପରେ
Miss Call Alert:
09610759333
S/O Durvijay Singh, 549/328, Shanti Nagar, Vakola, Santacruz, Mumbai- 400055

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/-, ଭଡା 50,000/-
ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
8877423997

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ସୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday

ADMISSION 2019-2020
HEY HEY HURRY UP GOOD NEWS FOR YOU!
MAR GREGORIOS CONVENT SCHOOL
(MGCS), SONUGUDA, NABARANGPUR
(An Upcoming Prestigious Malankara Catholic Institution)
NURSERY TO STD I
CONTACT NUMBER :-
7735738185
7707073518
Goals:-
To Develop God's Fearing and Man Loving Personality
To Develop feeling of Love for Learning
To Know the Value of Peace and Non-Violence
Features:-
Emphasize in English, Pollution Free Atmosphere, Highly Qualified Faculty, Wide Compound, Committed Service, Personal Care


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ୍ୟ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



## ସଂକ୍ଷେପରେ



### ଶାଳଗଣ୍ଡି ସହ ପିକପ୍ ଜବତ, ୩ ଗିରଫ

**ଜମନକିରା, ୨।୮ (ଡି.ଏନ୍.ଏ):** ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବାମରା ବନ୍ୟପ୍ରାଣୀ ବନଖଣ୍ଡସ୍ଥ ବଡ଼ରମା ରେଞ୍ଜ କାଣିବନ୍ଧଲି ରାସ୍ତାରେ ଗୁରୁବାର ରାତିରେ ଏକ ପିକପ୍ ସହ ୬ ଖଣ୍ଡ ଶାଳଗଣ୍ଡି ଜବତ କରାଯାଇଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ସେମାନେ ହେଲେ ମହମ୍ମଦ ସମୀର, ଏସ୍. କେ.ରିଆଜ୍ ଏବଂ ଗୋପବନ୍ଧୁ ଡୁଙ୍ଗଡୁଙ୍ଗ । ସୂଚନା ଅନୁସାରେ, ବଡ଼ରମା ବନ ବିଭାଗ ପକ୍ଷରୁ ବିଳମ୍ବିତ ରାତିରେ ପାଟ୍ରୋଲିଂ ଚାଲିଥିଲା। ଏତିକିବେଳେ ମୁଣ୍ଡେନପାଲି ରେଞ୍ଜ କାଣିବନ୍ଧଲି ରାସ୍ତାରେ ଏକ ପିକଅପ୍ (ଓଡ଼ି ୧୫ ଏ ୬୪୭୫) ଗାଡ଼ିରେ ଶାଳ ଗଣ୍ଡି ବେଆଇନ୍ ଭାବେ ଚୋରି କରି ନିଆଯାଉଥିବା ଜଣାପଡ଼ିଥିଲା। ଏହି ଚଢ଼ାଉରେ ବଡ଼ରମା ରେଞ୍ଜର ନିଳାଦ୍ରୀନାଥ ସାହୁ, ଫରେଷ୍ଟର ଲେଖାରାଣୀ ମହାନନ୍ଦ, ଫରେଷ୍ଟଗାର୍ଡ଼ କୁମରମଣୀ କୁସୁମ, ସଞ୍ଜୀବ କିଷାନ ସହ ସ୍ପେସାଲ ସ୍କ୍ୱାର୍ଡ ସାମିଲ ଥିଲେ।

■ ପ୍ରହସନ ପାଲଟିଛି ବର୍ଷା ଦିନେ ଚାରା ରୋପଣ

# ମଲା କି ଗଲା କେହି ଦେଖିବାକୁ ନାହିଁ

**ସମ୍ବଲପୁର,୨।୮(ବ୍ୟୁରୋ):**

ଜଙ୍ଗଲ ହ୍ରାସ ଯୋଗୁ ପାଣି ପାଗରେ ପରିବର୍ତ୍ତନ ଦେଖା ଦେଉଛି। ଏହା ସମାଜ ପାଇଁ ଚିନ୍ତାର କାରଣ ହୋଇଛି। ଏଭଳିସ୍ଥିତିରେ ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ ବନ ବିଭାଗ ପକ୍ଷରୁ ଚାରା ରୋପଣ କରାଯାଉଛି। ଏପରି କି ପ୍ରତ୍ୟେକ ଜିଲାରେ ପ୍ରତି ବର୍ଷ ଲକ୍ଷାଧିକ ଚାରା ଜଙ୍ଗଲ ସମେତ ବିଭିନ୍ନ ସ୍ଥାନରେ ଲଗାଯାଉଛି। ବିଶେଷ କରି ବର୍ଷା ଦିନ ଆସିଲେ ଚାରା ରୋପଣକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିରେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ସ୍କୁଲ, କଲେଜ, ସଂଗଠନ, କ୍ଲବ ଭଳି ଘରୋଇ ଅନୁଷ୍ଠାନ ବେଶ୍ ଆଗ୍ରହ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷେ ଜନପ୍ରତିନିଧି ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତି ରହି ଲୋକଙ୍କୁ ଉତ୍ସାହିତ କରୁଛନ୍ତି। ସେହିପରି ସରକାରଙ୍କ ବିଭିନ୍ନ ବିଭାଗକୁ ଚାରା ଲଗାଇବା ପାଇଁ ଟାର୍ଗେଟ ଦିଆଯାଉଛି। ଏପରି କି କମ୍ପାନୀଗୁଡିକ ମଧ୍ୟ ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ହେଲେ ବିଭିନ୍ନ ସ୍ଥାନରେ ଚାରା ରୋପଣ ପରେ ଠିକ୍ ଭାବେ ଏହାର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଚାରାଗୁଡିକ ମରି ଯାଉଥବା ଅଭିଯୋଗ ହେଉଛି।

କିଛିଦିନ ତଳେ ସମ୍ବଲପୁର ସହରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏପରି କି ସୋସିଆଲ ମିଡିଆରେ ଚାରା ରୋପଣ କାର୍ଯ୍ୟକ୍ରମର ଫଟୋ ପୋଷ୍ଟ କରାଯାଇଥିଲା। ଫଟୋ ପୋଷ୍ଟକୁ ନେଇ କର୍ମଚାରୀଙ୍କ ମଧ୍ୟରେ ମନ୍ତବ୍ୟ ଦେବା ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା। ଅନ୍ୟପକ୍ଷେ ଫଟୋ ପାଇଁ ଚାରା ରୋପଣ କରାଯାଉଥିବା ଜନସାଧାରଣ ସମାଲୋଚନା କରିଥିଲେ।

ଚାରା ରୋପଣ କରିବା ସ୍ୱାଗତ ଯୋଗ୍ୟ ପଦକ୍ଷେପ, ହେଲେ ଏହାର ରକ୍ଷଣାବେକ୍ଷଣ ସହ ସୁରକ୍ଷା କାହା ହାତରେ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହେଉଛି। ଅନେକ ସ୍ଥାନରେ ବିଗତ ବର୍ଷ ଗୁଡିକରେ ଲଗାଯାଇଥିବା ଚାରା ଗୁଡିକ କାଁଭାଁ ଦେଖିବାକୁ ମିଳୁଛି । ଚାରା ରୋପଣ କରିବା ପରେ ଉପଯୁକ୍ତ ଯତ୍ନ ନିଆଯାଉ ନ ଥିବାରୁ ଚାରାଗୁଡିକ ମରି ଯାଉଥିବା ପରିବେଶ ପ୍ରେମୀ କହିଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି। ସମ୍ବଲପୁର ଜିଲା ମାନେଶ୍ୱରଠାରେ ନିର୍ମାଣାଧୀନ ଆର୍‌ଟିଓ ଅଫିସ ପରିସରରେ ଚାରା ରୋପଣ କରାଯାଇଥିଲା। ହେଲେ ଏହାର ଉପଯୁକ୍ତ ଯତ୍ନ ଅଭାବରୁ ଲଗାଯାଇଥିବା ଚାରା ଗଛ ମୂଳେ ପାଣି ଜମିବା ସହ ବର୍ତ୍ତମାନ ଚାରାଗୁଡିକ ମରି ଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

କୃଷି ବିଶେଷଜ୍ଞଙ୍କ କହିବା ମୁତାବକ, ଗଛ ଲଗାଇବା ବେଳେ କିଛି ପ୍ରଣାଳୀ ରହିଛି। ଅତି କମରେ ୨ ମିଟର ବ୍ୟବଧାନରେ ଗଛ ଲଗାଯିବା ଦରକାର। ବଡ ଗଛ ପାଇଁ ୨ ଫୁଟ ଗଭୀର ଓ ୨ ଫୁଟ ଚଉଡା ଗାତ ଖୋଳିବା ଦରକାର। ସେହିପରି ଫୁଲ ଜାତୀୟ ଗଛ ପାଇଁ ୨ ଫୁଟ ଗଭୀର ଏବଂ ଦେଢ ଫୁଟ ଚଉଡା ଗାତ ଖେଳିବାର ଆବ୍ୟଶକ ରହିଛି। ଏପରି କି ଗଛ ଲଗାଇବା ପୂର୍ବରୁ ଗାତରେ ଖତ କିମ୍ବା ୫୦ ଗ୍ରାମ ସାର ଓ ୫ ଗ୍ରାମ ଗ୍ରାମାକ୍ସିନ୍ ଦେବା କଥା ଫଳରେ ମାଟି ତଳେ ପୋକ ରହିବେ ନାହିଁ। ବୃକ୍ଷ ରୋପଣ ପରେ ଖୋଳା ଯାଇଥିବା ମାଟିକୁ ଭଲ ଭାବେ ପୋତା ନ ଗଲେ ଗଛ ମୂଳେ ପାଣି ଜମା ହୋଇ ମରିଯିବାର ସମ୍ଭାବନା ରହିଛି। ଅତିକମରେ ଚାରାକୁ ୩ ବର୍ଷ ପର୍ଯ୍ୟନ୍ତ ନେବାକୁ ପଡିଥାଏ। ହେଲେ ବିଭିନ୍ନ ସ୍ଥାନରେ ଯେନତେଣ ପ୍ରକାରରେ ଚାରା ଲଗାଯାଉଥିବା ବେଳେ ଗଛ ଲାଗାଇବା ପ୍ରଣାଳୀ ପାଳନ କରାଯାଉ ନାହିଁ। ଏନେଇ ତାଲିମର ଆବଶ୍ୟକତା ରହିଥିବା କୃଷି ବିଶେଷଜ୍ଞଙ୍କ ପକ୍ଷରୁ କୁହାଯାଇଛି। ସେହିପରି ବନ ବିଭାଗ ପକ୍ଷରୁ ଲଗାଯାଉଥିବା ଚାରା ମଧ୍ୟ ଠିକ୍ ଭାବେ ରକ୍ଷଣାବେକ୍ଷଣ ହେଉ ନ ଥିବା ଅଭିଯୋଗ ହେଉଛି। ଚାରା ରୋପଣ କରିବା ସହ ଉପଯୁକ୍ତ ଭାବେ ରକ୍ଷଣାବେକ୍ଷଣ କରାଗଲେ ଏହାର ସୁଫଳ ମିଳିପାରିବ। ନିଜେ ସମ୍ବଲପୁର ଡିଏଫଓ ସଞ୍ଜୀତ କୁମାର ମଧ୍ୟ ସ୍ୱୀକାର କରିଛନ୍ତି ଯେ, ବନ ବିଭାଗ ଯେଉଁ ଚାରା ରୋପଣ କରୁଛି ତାହାର ଯତ୍ନ ନିଆଯାଉଛି। ହେଲେ ବିଭିନ୍ନ ଘରୋଇ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଯେଉଁ ଚାରା ରୋପଣ କରୁଛନ୍ତି ତାହାର ଯତ୍ନ ନେଉ ନାହାନ୍ତି। ଏଣୁ ପ୍ରଥମେ ଯେଭଳି ଆଗ୍ରହ ଦେଉଛନ୍ତି ଚାରା ରୋପଣ ପରେ ମଧ୍ୟ ସେହିଭଳି ଯତ୍ନ ନେବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଛନ୍ତି।





ନକ୍ସପାଲିରେ ରୋପଣ ହୋଇଥିବା ଆମ୍ବ ଗଛର ଚାରା ଶୁଖି ମରିଯାଇଛି(ବାମ) । ପାଣି ଅଭାବରୁ ଅନ୍ୟ ଏକ ଚାରା ମରିବାକୁ ବସିଲାଣି ।

■ ନଷ୍ଟ ହେଉଛି ଚାରା
■ ତାଲିମ ଆବଶ୍ୟକ



ଜମନକିରାରେ ବଙ୍କା ହୋଇ ରାସ୍ତା କଡରେ ରହିଥିବା ଖୁଣ୍ଟରେ ବିଦ୍ୟୁତ୍ ଯୋଗାଣ ହେଉଛି।

### ବଙ୍କା, ଭଙ୍ଗା ଖୁଣ୍ଟରେ ବିଦ୍ୟୁତ୍ ଯୋଗାଣ

**ଜମନକିରା,୨।୮(ଡି.ଏନ୍.ଏ)**

ଜମନକିରା ମୁଖଛକ ଦେଇ ଯାଇଥିବା ଭୋଜପୁର ରାସ୍ତା କଡ଼ରେ ୨ ବର୍ଷ ହେବ ଏକ ବିଦ୍ୟୁତ ଖୁଣ୍ଟ ବଙ୍କା ହୋଇ ବିପଦ ଅବସ୍ଥାରେ ରହିଛି। ଖୁଣ୍ଟର ତଳ ଅଂଶ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ତାର ଟଣା ଯାଇଥିବା ଯୋଗୁ ଖୁଣ୍ଟଟି ଲାଗି ରହିଛି। ଏ ନେଇ ପଡ଼ାବାସୀ ବାରମ୍ବାର ବିଦ୍ୟୁତ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ହେଲେ ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ତେବେ ଖୁବ ଶୀଘ୍ର ଖୁଣ୍ଟକୁ ବଦଳାଇ ଦିଆଯିବ ବୋଲି ବିଭାଗ କହିଛି।

■ ରାଜ୍ୟ ସଭାରେ କ୍ୟାନ୍‌ସର ସମସ୍ୟା ଆଲୋଚନା

## ବରଗଡ଼ କଥା ଉଠାଇଲେ ପ୍ରସନ୍ନ ଆଚାର୍ଯ୍ୟ

**ସମ୍ବଲପୁର,୨।୮(ବ୍ୟୁରୋ)**

ରାଜ୍ୟ ସଭାରେ ଗୁରୁବାର ସ୍ୱଳ୍ପକାଳୀନ ସମୟରେ କ୍ୟାନସର ସମସ୍ୟା ଉପରେ ଆଲୋଚନା ହୋଇଥିଲା । ପ୍ରାୟ ଅଢେଇ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଓଡିଶାର ବରଗଡ ଜିଲାରେ କ୍ୟାନସର ସମସ୍ୟା ଉପରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କଥା ଉଠାଇଥିଲେ । ରାଜ୍ୟର ବିଭିନ୍ନ ସ୍ଥାନରେ କ୍ୟାନସର ରୋଗ ହେଉଛି। ହେଲେ ବରଗଡ ଜିଲାରେ ଅଧିକ ରହିଛି। ପ୍ରତି ମାସରେ ପ୍ରାୟ ୭ ରୁ ୮ଜଣଙ୍କ ମୃତ୍ୟୁ ଘଟୁଛି। ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ ରହିଛି । ପ୍ରତି ସଦର ଜିଲା ଡାକ୍ତରଖାନାରେ କ୍ୟାନସର ରୋଗର ପ୍ରାଥମିକ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଉ । କ୍ୟାନସର ରୋଗୀରେ ପୀଡିତ ପରିବାର ବର୍ଗଙ୍କ ଆର୍ଥିକ ସ୍ଥିତି ଭାଙ୍ଗି ଯାଇଥାଏ । ତେଣୁ ସେମାନେ ବାହାରକୁ ଯାଇ ଚିକିତ୍ସା କରିବା ସମ୍ଭବପର ନୁହେଁ । ବିଶେଷଜ୍ଞଙ୍କ ରିପୋର୍ଟ ଅନୁସାରେ ବରଗଡ ଜିଲାରେ କୃଷିକ୍ଷେତ୍ରରେ ଅଧିକ ମାତ୍ରାରେ କୀଟନାଶକ ଔଷଧ ବ୍ୟବହାର କରିବା ଏହାର ଏକ କାରଣ ବୋଲି ପ୍ରସନ୍ନ ଦର୍ଶାଇଛନ୍ତି। ଏ ଦିଗରେ ମଧ୍ୟ ପଦକ୍ଷେପ ଗ୍ରହଣ କରିବା ସହ କୀଟନାଶକ କମ୍ ପରିମାଣରେ କିଭଳି ଭାବେ ବ୍ୟବହାର କରାଯିବ ସେ ଦିଗରେ ଚିନ୍ତା କରିବା ଆବଶ୍ୟକ ରହିଛି ବୋଲି ସେ କହିଥିଲେ। ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଦଳ ଗଠନ କରି ରିପୋର୍ଟ ସଂଗ୍ରହ କରାଯାଉ ବୋଲି ସେ ଦାବି କରିଛନ୍ତି। କ୍ୟାନସରର ଅନ୍ୟତମ ମୁଖ୍ୟ କାରଣ ତମାଖୁ । ତେଣୁ ତମାଖୁ ବିକ୍ରି ଉପରେ ରୋକ୍ ଲଗାଯାଉ । ବିଭିନ୍ନ ସ୍ଥାନରେ ଅବାଧରେ ତମାଖୁ ବିକ୍ରି କରାଯାଉଛି । ତେଣୁ ଯୁବ ପିଢ଼ି ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି ବୋଲି ସେ କହିଥିଲେ।



ବେହେରେନ ବସାରେ ଚାରା ରୋପଣ କରାଯାଉଛି।



ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲଠାରେ ଚାରା ବଣ୍ଟନ କରାଯାଉଛି।

# ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ

**ସମ୍ବଲପୁର,୨।୮ (ବ୍ୟୁରୋ)**

ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରେ ମୋ ସ୍କୁଲ ଅଭିଯାନ ଅବସରରେ ଚାରା ରୋପଣ ଓ ବଣ୍ଟନ ହୋଇଛି। ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ସାଙ୍କ ପରିଚାଳନାରେ ସ୍କୁଲ ପୁରାତନ ଛାତ୍ର ସଂଘ ସଭାପତି ଶଶାଙ୍କ ଶେଖର ପୁରୋହିତ, ସାଧାରଣ ସଂପାଦକ ଡା. ଦିଲୀପ କୁମାର ନନ୍ଦଙ୍କ ସମେତ ସଭ୍ୟ, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଆଲୋଚନାରେ ଭାଗ ନେଇଥିଲେ। ସେହିଭଳି ଯୁଯୁମୁରା ବ୍ଲକ ବେହେରାନୀବସା ଗ୍ରାମର ବନ ସୁରକ୍ଷା ସମିତି ବୁଧବାର ଚାରା ରୋପଣ କରିଛି। ଏସିଏଫ (ଆଇଏଫସ) ଲଳିତ ପାତ୍ର ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ଚଳିତ ବର୍ଷ ସଂରକ୍ଷିତ ଜଙ୍ଗଲରେ ସମିତି ପକ୍ଷରୁ ୩ ହଜାର ଚାରା ଲାଗାଇବାର ଲକ୍ଷ୍ୟ ରହିଛି।

**ଜମନକିରା,(ଡି.ଏନ୍.ଏ.):** ଜମନକିରା ବ୍ଲକ୍ ସଦର ମହକୁମାରେ ଥିବା ଯୁବ ସଚେତନ ନାଗରିକ ସଂଘ ପକ୍ଷରୁ ମଧ୍ୟ ଡାକ୍ତରଖାନା ଓ ବ୍ଲକ୍ ପରିସରରେ ସଫେଇ ସାଙ୍ଗକୁ ଚାରା ରୋପଣ କରାଯାଇଛି। ଏଥିରେ ବିଡ଼ିଓ ଅଜୟ ତିୱାରୀ, ସହକାରୀ ଯନ୍ତ୍ରୀ ହରିବନ୍ଧୁ ପଣ୍ଡା, ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ସଂଘର ସଭାପତି ଅବଦୁଲ ହାମ୍‌ଜା, ସମ୍ପାଦକ ଗୋପାଳ ଦେବନାଥ, ସାଗର ଗୁପ୍ତା, ଶିବା ବାଘ, ସୌରଭ ଦେବନାଥ, ଭାସ୍କର ଭଞ୍ଜ, ରାଜକୁମାର ରଣା, ରିଗନ ଜୟପୁରିଆ, ବିନୋଦ ବରିହା, ତରୁଣ କୁମାର, ବୁଲୁ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

## ଭିମ୍ସାର ନର୍ସିଂ ଛାତ୍ରୀଛାତ୍ର-ନିର୍ଦ୍ଦେଶକଙ୍କ ମଧ୍ୟରେ ଆଲୋଚନା ବିଫଳ

**ସମ୍ବଲପୁର,୨।୮(ବ୍ୟୁରୋ):** ସମ୍ବଲପୁର ବୁର୍ଲା ଭିମ୍ସାର ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଶୁକ୍ରବାର ୧୮ ଦିନରେ ପହଞ୍ଚିଛି । ନର୍ସିଂ ବିଭାଗ ନିର୍ଦ୍ଦେଶକ ଏସ.ଏନ. କର ଶୁକ୍ରବାର ନର୍ସିଂ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ । ହେଲେ ଆଲୋଚନା ବିଫଳ ହୋଇଛି। ନିର୍ଦ୍ଦେଶକ କର ପ୍ରଥମେ ଛାତ୍ରୀଛାତ୍ର ଓ ପରେ ଅଧକ୍ଷା ସ୍ନେହଲତା ଓରାମଙ୍କ ସହ ଆଲୋଚନା କରି ରିପୋର୍ଟ ସଂଗ୍ରହ କରିଥିଲେ। ଏକ ମାସ ଭିତରେ ସମାଧାନ କରାଯିବ ବୋଲି ଛାତ୍ରୀଛାତ୍ରଙ୍କୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଅଧକ୍ଷା ଓରାମଙ୍କୁ ହଟାଇବା ପାଇଁ ଛାତ୍ରୀଛାତ୍ର ପ୍ରାୟ ୧୮ଦିନ ହେଲା କଲେଜ ସମ୍ମୁଖରେ ଅନଶନ କରିଆସୁଛନ୍ତି । ପୂର୍ବରୁ ଏକ କମିଟି ଗଠନ ହୋଇ ତଦନ୍ତ କରାଯାଇଛି । ଏହାର ରିପୋର୍ଟ ଭିମ୍ସାର ଅଧୀକ୍ଷକଙ୍କୁ ଦିଆଯାଇଛି।

## ଫଟୋରେ ଖବର




ସମ୍ବଲପୁର ମେଡ଼ିକାଲ ଛକ ନିକଟରେ ଇଲେକ୍ଟ୍ରି ଦୋକାନ କରି ସ୍ୱାବଲମ୍ବୀ ହୋଇପାରିଥିବା ଦିବ୍ୟାଙ୍ଗ ଯଶପାଲ ସିଂ ଫାଟକ ନିକଟରେ ଭିକ୍ଷାବୃତ୍ତି କରୁଥିବା ଅନ୍ୟ ଜଣେ ଦିବ୍ୟାଙ୍ଗଙ୍କୁ ବର୍ଷାରୁ ରକ୍ଷା ପାଇଁ ଛତାଦେଇ ସାହାଯ୍ୟ କରୁଛନ୍ତି।

# କଥା ଭିନ୍ ଭିନ୍, ମୁନୁଷ୍ ଏକା ଲୋକାର୍ପିତ

**ସମ୍ବଲପୁର,୨।୮(ବ୍ୟୁରୋ)**

ବିଭିନ୍ନ ଭାରତୀୟ ଭାଷାର ସମ୍ବଲପୁରୀ ଅନୁବାଦ ଗଳ୍ପ ସଂକଳନ 'କଥା ଭିନ୍ ଭିନ୍, ମୁନୁଷ୍ ଏକା' ଲୋକାର୍ପିତ ହୋଇଯାଇଛି। ସମ୍ବଲପୁରୀ ଲେଖକ ପରିଷଦ ପକ୍ଷରୁ ମୁରାସ୍ଥିତ ଦ୍ୱାରିକା ପ୍ରସାଦ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଏଥିପାଇଁ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ୧୦୬ତମ ଜୟନ୍ତୀ ତଥା ସମ୍ବଲପୁରୀ ଦିନ୍ ପାଳନ କରାଯାଇଥିଲା । ପ୍ରାରମ୍ଭରେ ମା' ସମଲେଶ୍ୱରୀ ଓ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଅଧ୍ୟାପକ ଯତୀନ୍ଦ୍ର କୁମାର ପ୍ରଧାନଙ୍କ ରଚିତ ସ୍ୱାଗତ ସଙ୍ଗୀତ 'ନାଚ୍ ମୁଁ ସମ୍ବଲପୁରୀ ଗୋ, ଆମେ ଗାଏମୁ ସମ୍ବଲପୁରୀ, ପିନ୍ଧିମୁ ସମ୍ବଲପୁରୀ ଗୋ, ଆମେ କହେମୁ ସମ୍ବଲପୁରୀ'କୁ ଛାତ୍ରୀ ତୃପ୍ତି ବାରିକ, ନମିତା ପ୍ରଧାନ, ରଶ୍ମିତା ରଣା, ଆରତୀ ପ୍ରଧାନ ଓ ରିଙ୍କି ଖମାରୀ ଗାଇଥିଲେ। ଆୟୋଜକ ପରିଷଦର ସଭାପତି ମୁକ୍ତକଣ୍ଠ ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଡ. ଦ୍ୱାରିକାନାଥ ନାୟକ କହିଲେ ଯେ, ସତ୍ୟନାରାୟଣ ବହିଦାରଙ୍କ ଆଗରୁ ସାହିତ୍ୟ ସୃଷ୍ଟି ହେଉଥିଲା । ପରେ ମଧ୍ୟ ଅଧିକ ସାହିତ୍ୟ ସୃଷ୍ଟି ହୋଇଛି । ସମ୍ବଲପୁରୀ ଏକ ସ୍ୱତନ୍ତ୍ର ଭାଷା, ଯାହାର ଶବ୍ଦାବଳୀ ଅଛି, ଶିଷ୍ଟ ସାହିତ୍ୟ ଅଛି ଓ ସ୍ୱତନ୍ତ୍ର ବ୍ୟାକରଣ ଅଛି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଡ. ଗୌରୀଦାସ ପ୍ରଧାନ କହିଲେ ଯେ, ଭାଷା ବୋଲି ସ୍ୱୀକାର କରାଯାଉ ନ ଥିବା ଓ ଲିପି ନାହିଁ ବୋଲି ଲୋକେ ତାଚ୍ଛଲ୍ୟ କରୁଥିବା କୋଙ୍କଣୀ ଭାଷାର ଲେଖକଙ୍କୁ ୨୦୧୦ରେ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯାଇଥିଲା । ସମ୍ବଲପୁରୀ ଭାଷାର କବିତା ପ୍ରାୟ ଏକ ଶହ ବର୍ଷ ପୂର୍ବେ କଲିକତା ଓ କଟକରୁ ପ୍ରକାଶିତ ହୋଇଥିଲା। ଗୁରୁ ସତ୍ୟନାରାୟଣଙ୍କ ଲେଖା ଓଡ଼ିଆ ପତ୍ରପତ୍ରିକାରେ ପ୍ରକାଶିତ। ସ୍ୱଭାବକବି ଗଙ୍ଗାଧର ମେହେରଙ୍କଠାରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶାର କବି ଓ ଲେଖକମାନେ ତାଙ୍କ ରଚନାରେ ସମ୍ବଲପୁରୀ ଶବ୍ଦ ବ୍ୟବହାର କରୁଥିଲେ ବୋଲି ସେ ସୂଚନା ଦେଇଥିଲେ । ସମ୍ପାଦକ ଦେବାର୍ଚ୍ଚନ ଠାକୁର ସ୍ୱାଗତ ଭାଷଣ ଦେଇଥିଲେ। କଲେଜ ଅଧକ୍ଷ ନାରାୟଣ ପ୍ରଧାନ ସମ୍ମାନିତ ଅତିଥି ଥିଲେ। ଅଧ୍ୟାପକ ଯତୀନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମାନସ ରଞ୍ଜନ ଷଡଙ୍ଗୀ କବିତା ପରିବେଷଣ କରିଥିଲେ । ଡ. ସିଦ୍ଧାର୍ଥ ପଣ୍ଡା, ସୁକାନ୍ତ କର ଓ ଗୋବିନ୍ଦ ମହାରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।



ସମ୍ବଲପୁର ମୁରା ଦ୍ୱାରିକା ପ୍ରସାଦ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅତିଥି ଓ ଛାତ୍ରୀଛାତ୍ର ପୁସ୍ତକ ଉନ୍ମୋଚନ କରୁଛନ୍ତି ।



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ
ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍ ।
- ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଚୋର ନେଇଗଲେ ନଗଦ ଟଙ୍କା, ସୁନା ଗହଣା

ବରଗଡ଼ ଅଫିସ୍‌,୨।୮: ବରଗଡ଼ ସହରରେ ଗତ କିଛି ମାସ ହେଲା ଚୋରମାନେ ସକ୍ରିୟ ହୋଇ ପଡ଼ିଛନ୍ତି। ପୋଲିସକୁ ଚ୍ୟାଲେଞ୍ଜ କରି ସହରରେ ଗୋଟିଏ ପରେ ଗୋଟିଏ ଚୋରି ବଢ଼ି ଚାଲିଛି। ଦିନ ଦ୍ୱିପ୍ରହରରେ ମହିଳାଙ୍କ ବେକରୁ ସୁନାଚେନ ଲୁଟ୍‌ ହେଉଥିବା ବେଳେ ବିଳମ୍ବିତ ରାତ୍ରିରେ ଘରେ ପଶି ଚୋରମାନେ ନଗଦ ଟଙ୍କା, ସୁନା ଗହଣା, ଆସବାବପତ୍ର ଆଦି ଚୋରି କରି ନେଉଛନ୍ତି । ସହରର ୱାର୍ଡ଼ ନଂ-୯ ବାନ୍ଧୁଟିକ୍ରାରେ ଏକ ଘରୁ ନଗଦ ଟଙ୍କା, ସୁନା ଗହଣା, ଆସବାବପତ୍ର ଚୋରି ହେବା ନେଇ ଶୁକ୍ରବାର ଅଭିଯୋଗ ହେବା ପରେ ସ୍ଥାନୀୟ ଟାଉନ ଥାନା ପୋଲିସ ଏହାର ତନାଘନା ଆରମ୍ଭ କରିଛି । ପ୍ରକାଶ ଯେ, ବାନ୍ଧୁଟିକ୍ରା ନିବାସୀ ବିଷ୍ଣୁଚରଣ ସାହୁ ସପରିବାର ଗତ ୫ଦିନ ତଳେ ବାବାଧାମ ତୀର୍ଥରେ ଯାଇଥିଲେ । ଗୁରୁବାର ବିଳମ୍ବିତ ରାତ୍ରି ପ୍ରାୟ ୨ଟାରେ ଘରକୁ ଫେରିବା ପରେ ତାଙ୍କ ଘର କବାଟ ଓ ଗଡ୍ରେଜ ତାଲା ଭାଙ୍ଗି ଚୋରମାନେ ୩ଟି ସୁନାମୁଦି, ୩ଟି ଘଣ୍ଟା, ନଗଦ ୧୫ହଜାର ଟଙ୍କା ଆଦି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ଏ ନେଇ ସେ ଥାନାରେ ଏତଲା ଦେବା ପରେ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ କ୍ଷୀରୋଦ୍ର ବିଶ୍ୱାଳ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

■ ବିଷ ପିଆଇ ହତ୍ୟା ଅଭିଯୋଗ ପରେ ମାଟିତଳୁ ଶବ ଉଦ୍ଧାର ଘଟଣା

# ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

ବରଗଡ଼ ଅଫିସ୍‌,୨।୮

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ଅମ୍ବାମୁଣ୍ଡା ଗ୍ରାମରେ ବିଷ ପିଆଇ ହତ୍ୟା ଅଭିଯୋଗ ଆଣିବାରୁ ମୃତ୍ୟୁର ୩ ମାସ ପରେ ମାଟିତଳୁ ଶବ ଉଦ୍ଧାର ଘଟଣା ଜିଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା । ଏହି ଗ୍ରାମର ଉଦୟ ତାଣ୍ଡି(୬୦)ଙ୍କୁ ଗତ ଏପ୍ରିଲ ୧୭ତାରିଖରେ କେତେକ ଲୋକ ଡାକି ନେଇ ମଦରେ ବିଷ ମିଶାଇ ପିଇବାକୁ ଦେବା ଯୋଗୁ ତାଙ୍କ ମୃତ୍ୟୁ ହୋଇଥିଲା ବୋଲି ମୃତକଙ୍କ ସ୍ତ୍ରୀ ଇଲା ଗତ ଜୁଲାଇ ୧୮ତାରିଖରେ ପୋଲିସରେ ଅଭିଯୋଗ କରିଥିଲେ । ଏହାପରେ ମେଲଛାମୁଣ୍ଡା ଥାନା ପୋଲିସ ଏକ ମାମଲା(ନଂ.୯୧/୨୦୧୯) ରୁଜୁ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲା ଏବଂ ଶ୍ମଶାନକୁ ଯାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟିତଳୁ ଉଦୟଙ୍କ ଶବ ଉଦ୍ଧାର କରିଥିଲା । ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ସେତେବେଳେ ଶବ ବ୍ୟବଚ୍ଛେଦ ହୋଇଥିଲା । ତେବେ ପୋଲିସ ଏହି ମାମଲାର ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରିପାରିନାହିଁ । ଅନ୍ୟପଟେ ଆରାମରେ ବୁଲାବୁଲି କରୁଥିବା ଅଭିଯୁକ୍ତମାନେ ମୃତକଙ୍କ ପରିବାର ଲୋକଙ୍କୁ ଖୋଲାଖୋଲି ହତ୍ୟା ଧମକ ଦେଉଥିବା ଇଲା ଅଭିଯୋଗ କରିଛନ୍ତି । ଏଥିପାଇଁ ତାଙ୍କ ପରିବାର ଲୋକଙ୍କ ଜୀବନ ଅସୁରକ୍ଷିତ ହୋଇପଡ଼ିଛି। ଫଳରେ ତାଙ୍କ ପରିବାର ଲୋକଙ୍କୁ ସୁରକ୍ଷା ଯୋଗାଇବା ସହିତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବି ନେଇ ଇଲା ଶୁକ୍ରବାର ବରଗଡ଼ ଏସପି ମୁକେଶ କୁମାର ଭାମୁଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ର ପ୍ରଦାନ ପାଇଁ ଇଲାଙ୍କ ସହିତ ପୁଅ ଜିତ, ଅଜିତ, ଅଜା ବଲ ବାଗ ଏବଂ ଅନ୍ୟଜଣେ ପଡ଼ୋଶୀ ଟଙ୍କଧର କଣ୍ଡା ଏସପିଙ୍କ ପାଖକୁ ଆସିଥିଲେ । ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ନ୍ୟାୟ ପାଇଁ ସପରିବାର ଏସପି ଅଫିସ ଆଗରେ ଧାରଣା ଦେବେ ବୋଲି ଇଲା କହିଛନ୍ତି ।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୧୭ତାରିଖ ରାତ୍ରିରେ ଗ୍ରାମର କିଛିଲୋକ ଉଦୟଙ୍କୁ ଘରୁ ଡାକି ନେଇ ବିଷ ମିଶ୍ରିତ ମଦ ପିଇବାକୁ ଦେଇଥିଲେ । ଏହାପରେ ସେ ଘରକୁ ଆସି ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ । ପରିବାର ଲୋକେ ପ୍ରଥମେ ତାଙ୍କ ଆଶୁ ଚିକିତ୍ସା କରିଥିଲେ । ମାତ୍ର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଘଟିବାରୁ ଏପ୍ରିଲ ୧୯ତାରିଖରେ ତାଙ୍କୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ତେବେ ପଦ୍ମପୁରରୁ ଆଣିବା ବାଟରେ ଉଦୟ ଅଭିଯୁକ୍ତଙ୍କ ନାମ ଧରି ସେମାନେ ମଦରେ ବିଷ ମିଶାଇ ତାଙ୍କୁ ପିଇବାକୁ ଦେଇଥିଲେ ବୋଲି କହିଥିଲେ ଏବଂ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ତାଙ୍କ ମୃତ୍ୟୁ ହୋଇଥିଲା ବୋଲି ଇଲା ପ୍ରକାଶ କରିଛନ୍ତି। ସେହିପରି କିଛି ଅଭିଯୁକ୍ତ ମଧ୍ୟ ଜିଲା ମୁଖ୍ୟ ଡାକ୍ତରଖାନାକୁ ସେତେବେଳେ ପହଞ୍ଚିଥିଲେ ଏବଂ ଯେତେ ନେହୁରା ହେବା ସତ୍ତ୍ୱେ ଶବକୁ ବ୍ୟବଚ୍ଛେଦ କରାଇଦେଇ ନ ଥିଲେ । ଫଳରେ ପରିବାର ଲୋକେ ଶବକୁ ଆଣି ପୋତି ଦେଇଥିଲେ ବୋଲି ଇଲା କହିଛନ୍ତି । ସେହିପରି ଘଟଣାକୁ ନେଇ ଗ୍ରାମରେ ମଧ୍ୟ ଏକ ବୈଠକ ବସିଥିଲା। ଗ୍ରାମର ଭଦ୍ରବ୍ୟକ୍ତିମାନେ ଡାକିବା ସତ୍ତ୍ୱେ ଅଭିଯୁକ୍ତମାନେ ବୈଠକକୁ ଆସି ନ ଥିଲେ ଏବଂ ପରେ ସେ ଏତଲା ଦେଇଥିବା ଇଲା କହିଛନ୍ତି ।

### ଏସ୍‌ପିଙ୍କୁ ଭେଟିଲେ ପରିବାର ଲୋକେ



ବରଗଡ଼ ଏସପିଙ୍କୁ ଫେରାଦ ହୋଇଥିବା ପରିବାର ଲୋକେ ।

### ଅଧ୍ୟାପକ, କର୍ମଚାରୀ ସଂଘର ଜିଲାସ୍ତରୀୟ ବୈଠକ

ବରଗଡ଼ ଅଫିସ୍‌,୨।୮

ବରଗଡ଼ସ୍ଥିତ ସୌଖୀନ କଳାକାର ସଂଘର ପ୍ରେକ୍ଷାଳୟରେ ବୁଧବାର ନିଖିଳ ଓଡ଼ିଶା ବେସରକାରୀ ଅଧ୍ୟାପକ, କର୍ମଚାରୀଙ୍କ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଅଶୋକ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଭାପତି ଗୋଲକ ନାୟକ ମୁଖ୍ୟଅତିଥି ଏବଂ ସଙ୍ଗଠନର ରାଜ୍ୟ ସମ୍ପାଦକ ଡଃ ଗଗନ ବେଉରା ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ସାଙ୍ଗଠନିକ ଦୃଢ଼ତା, ଚାକିରି ସର୍ତ୍ତାବଳୀ, ଅବସରକାଳୀନ ସୁବିଧା, ସପ୍ତମ ବେତନ ଲାଗୁ ଆଦି ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟା ପ୍ରସଙ୍ଗରେ ସେମାନେ ଆଲୋଚନା କରିଥିଲେ । ସମ୍ବଲପୁର ଜିଲା ସଭାପତି ଅଶୋକ ପୁରୋହିତ, ସୋନପୁର ଜିଲା ସଭାପତି ସୁବାସ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଙ୍ଗଠନର ଜିଲା ସମ୍ପାଦକ ସୁଶାନ୍ତ କୁମାର ମିଶ୍ର ସମ୍ପାଦକୀୟ ବକ୍ତବ୍ୟ ରଖିଥିଲେ । ଆସନ୍ତା ଅଗଷ୍ଟ ୧୬ତାରିଖ ଭୁବନେଶ୍ୱରରେ ପାଳିତ ହେବାକୁ ଥିବା ଦାବି ଦିବସରେ ଜିଲାର ସମସ୍ତ କଲେଜରୁ ଅଧ୍ୟାପକ, କର୍ମଚାରୀ ଯୋଗଦାନ କରିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। କୋଷାଧ୍ୟକ୍ଷ ସୁରେଶ ପରିଡ଼ା, ଅଧ୍ୟାପିକା ଜୁଲିନା ପତି, ରାଜଶ୍ରୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ସଂଘ ଉପସଭାପତି ଗୋପାଳକୃଷ୍ଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ସମ୍ପାଦକ ଜଗଦୀଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

■ ମେଡ଼ିକାଲ ଅଫିସରଙ୍କୁ ବଦଳି ଦାବି

# ଜିଲାପାଳଙ୍କୁ ଭେଟିଲେ ଆଶାକର୍ମୀ

ବରଗଡ଼ ଅଫିସ୍‌,୨।୮

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଭୁକ୍ତା ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାମ କରୁଥିବା ଆଶାକର୍ମୀମାନେ ବିଭିନ୍ନ ଦାବି ନେଇ ଶୁକ୍ରବାର ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ ଭୁକ୍ତା ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସରଙ୍କୁ ବଦଳି କରିବା ପାଇଁ ଦାବି କରିଛନ୍ତି । ଆଶାକର୍ମୀମାନେ ଅଭିଯୋଗ କରିଛନ୍ତି, ସେମାନଙ୍କ ମାସିକ ଦରମା ନାହିଁ । ତଥାପି ଲୋକଙ୍କୁ ସେବା ଯୋଗାଇବା ଉଦ୍ଦେଶ୍ୟ ନେଇ ସେମାନେ ନିଜକୁ ଉତ୍ସର୍ଗୀକୃତ କରି ସୂଚାରୁ ଭାବେ ଦାୟିତ୍ୱ ସମ୍ପାଦନ କରି ଆସୁଛନ୍ତି । ଏହାସତ୍ତ୍ୱେ ମେଡ଼ିକାଲ ଅଫିସର ସେମାନଙ୍କୁ ବିଭିନ୍ନ ପ୍ରକାର ମାନସିକ ଚାପ ଦେଇ ଅନେକ ସମୟରେ ସେମାନଙ୍କ ପ୍ରୋତ୍ସାହନ ରାଶି ବନ୍ଦ କରିଦେବା ପାଇଁ ମଧ୍ୟ ଧମକ ଦେଉଛନ୍ତି । ଗର୍ଭବତୀ ଓ ପ୍ରସୂତୀଙ୍କୁ ଡାକ୍ତରଖାନାକୁ ପହଞ୍ଚାଇ ସେଠାରେ ଭର୍ତ୍ତି କରିବା ଆଶାକର୍ମୀଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ । ତେବେ ଏହି କାମ କରିବା ସତ୍ତ୍ୱେ ସମ୍ପୃକ୍ତ ଗର୍ଭବତୀ, ପ୍ରସୂତୀ ଯେତେଦିନ ପର୍ଯ୍ୟନ୍ତ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବେ, ସେତେଦିନ ପର୍ଯ୍ୟନ୍ତ ସେଠାରେ ତାଙ୍କ ସହିତ ରହିବାକୁ ବାଧ୍ୟ କରାଯାଉଛି ଏବଂ ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇଁ ଭଟଲିକୁ ଯିବା ପାଇଁ ସେମାନଙ୍କୁ ବାଧ୍ୟ କରାଯାଉଛି ବୋଲି ଆଶାକର୍ମୀମାନେ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ସେମାନେ ଅଧିକ ଖର୍ଚ୍ଚାନ୍ତ ହେବା ସହିତ ମାନସିକ ଚାପରେ ରହୁଥିବା ଅଭିଯୋଗ କରିଛନ୍ତି। ଫଳରେ ଭୁକ୍ତା ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ ଜଣେ ମେଡ଼ିକାଲ ଅଫିସରଙ୍କୁ ନିଯୁକ୍ତି ଦେବା ପାଇଁ ସେମାନେ ଦାବି କରିଛନ୍ତି। ନଚେତ୍‌ ସାମୂହିକ ଭାବେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛନ୍ତି। ନାରୀନେତ୍ରୀ ଶକୁନ୍ତଳା ମହାପାତ୍ରଙ୍କ ନେତୃତ୍ୱରେ ଆଶାକର୍ମୀମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସ ଆସିଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଆଶାକର୍ମୀମାନେ ।





ଜିଲାସ୍ତରୀୟ ନାଟକ ପ୍ରତିଯୋଗିତାରେ ଡିଇଓ ବକ୍ତବ୍ୟ ରଖୁଛନ୍ତି ।

■ ଜିଲାସ୍ତରୀୟ ନାଟକ ପ୍ରତିଯୋଗିତା

# ନାଟକ ଦେବ ନିର୍ଭୁଲ ଦିଗ୍‌ଦର୍ଶନ

ବରଗଡ଼ ଅଫିସ୍‌,୨।୮

ଛାତ୍ରୀଛାତ୍ରମାନେ ଛାତ୍ରାବସ୍ଥାରୁ ବୈଜ୍ଞାନିକ ମନୋଭାବ ପୋଷଣ କରି ବିଜ୍ଞାନ ପ୍ରତି ଅନୁସନ୍ଧିତ୍ସୁ ହେବା ଉଚିତ୍‌ । ଏହାହେଲେ ବିଭିନ୍ନ ଲୁକ୍କାୟିତ ଦିଗ ସମାଜରେ ପ୍ରତିଫଳିତ ହୋଇପାରିବ । ସେହିପରି ନାଟକର ଅଭିନୟ ମାଧ୍ୟମରେ ତାହା ଲୋକ ଲୋଚନକୁ ଅଣାଗଲେ, ଲୋକଙ୍କୁ ତାହା ନିର୍ଭୁଲ ଦିଗଦର୍ଶନ ଦେଇପାରିବ। ଗୁରୁବାର ସ୍ଥାନୀୟ ଜର୍ଜ ହାଇସ୍କୁଲରେ ଅନୁଷ୍ଠିତ ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଏହା ମତପ୍ରକାଶ ପାଇଛି ।

ଜିଲା ଶିକ୍ଷା ଅଧିକାରୀ(ଡିଇଓ) ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତା ଓ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ନାଟକ ପ୍ରତିଯୋଗିତାରେ ରେମଣ୍ଡା ବାଳିକା ହାଇସ୍କୁଲ ପ୍ରଥମ ହୋଇ ପୁରସ୍କୃତ ହୋଇଥିଲା। ନୃସିଂହନାଥ ସରକାରୀ ଏସଏସଡ଼ି ହାଇସ୍କୁଲ, ଜର୍ଜ ହାଇସ୍କୁଲ, ଲସ୍ତଲା ହାଇସ୍କୁଲ ଜୁରି ଆୱାର୍ଡ଼ରେ ପୁରସ୍କୃତ ହୋଇଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ନାଟକ ଆସନ୍ତା ୮ତାରିଖରେ ସୋନପୁରଠାରେ ହେବାକୁ ଥିବା ଜୋନ୍‌ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ ବୋଲି ଜିଲା ଶିକ୍ଷାବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଉକ୍ତ ନାଟକ ସମାରୋହରେ ସୌଖିନ କଳାକାର ସଂଘର ବରିଷ୍ଠ ସଭ୍ୟ ସୁଶୀଲ ମହାପାତ୍ର, ନିର୍ଦ୍ଦେଶକ ଲିଟୁ ମହାନ୍ତି, ଡଃ ତପସ୍ୱିନୀ ଗୁରୁ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ବିଇଓ ମଛିନ୍ଦ୍ର ମଲ୍ଲିକ, ଛତ୍ରପତି ସାହୁ, ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁ, ସରକାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ବିଜ୍ଞାନ ଶିକ୍ଷକ ବିରେନ୍ଦ୍ର କୁମାର ଦାଶ ଓ ସହ ବିଜ୍ଞାନ ନିରୀକ୍ଷକ ଭାର୍ଗବ ନାଏକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଡଃ ଡୋଲାମଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କବ୍‌ ବୁଲ୍‌ବୁଲ୍‌ ଉତ୍ସବ ଉଦ୍‌ଯାପିତ

ବରଗଡ଼ ଅଫିସ୍‌,୨।୮

ବରଗଡ଼ ଜର୍ଜ ହାଇସ୍କୁଲରେ ଚାଲିଥିବା ଜିଲାସ୍ତରୀୟ କବ୍‌ ବୁଲ୍‌ବୁଲ୍‌ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି । ଶିବିରରେ ଜିଲାର ୪୦୦ରୁ ଊର୍ଦ୍ଧ୍ୱ କବ୍‌ ଓ ବୁଲ୍‌ବୁଲ ଅଂଶଗ୍ରହଣ କରିଥିଲେ । ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରୈଲୋକ୍ୟ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ୫ଦିନିଆ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ହେବା ସହିତ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ରାଜ୍ୟ ଭାରତ ସ୍କାଉଟ୍‌, ଗାଇଡ୍‌ ତରଫରୁ ୭ଜଣ ସାଧନକର୍ମୀ ଉତ୍ସବରେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ରାଜ୍ୟ ମୁଖ୍ୟ ସ୍କାଉଟ୍‌, ଗାଇଡ୍‌ କମିଶନର ଡଃ କାଳୀପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଜିଲା ସ୍କାଉଟ୍‌ ଗାଇଡ୍‌ କମିଶନର ତଥା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜର୍ଜ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁ, ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ସ୍କାଉଟ୍‌, ଗାଇଡ୍‌ ଭବନ ନିର୍ମାଣ ପାଇଁ ଶିଳାନ୍ୟାସ ସମାରୋହ ହୋଇଥିଲା । ସ୍କାଉଟ୍‌, ଗାଇଡ୍‌ ସମ୍ପାଦକ ପ୍ରଶନ୍ତ କୁମାର ଭୋଇ, ଆଦିକନ୍ଦ ସ୍ୱାଇଁ, ମନସୀ ପାତ୍ର, ଭୁବନେଶ୍ୱର ମହାପାତ୍ର, ଡଃ ଡୋଲାମଣି ଶତପଥୀ, ସଦାନନ୍ଦ ଜାଲ, ଅନସୂୟା ଦେବତା, ଶୁଭଶ୍ରୀ ଭୋଇ, ବିଜଳି ଦଳେଇ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।





କବ୍‌ ବୁଲ୍‌ବୁଲ୍‌ ଉତ୍ସବର ଉଦ୍‌ଯାପନୀ ସମାରୋହରେ ଅତିଥିବୃନ୍ଦ ।

# ଡିପ୍ଲୋମା ପାଠ୍ୟକ୍ରମରେ ବିକାଶର ସଫଳତା

ବରଗଡ଼ ଅଫିସ୍‌,୨।୮

ଷ୍ଟେଟ୍‌ କାଉନସିଲ ଅଫ ଟେକ୍ନିକାଲ ଏଡୁକେଶନ ଆଣ୍ଡ ଭୋକେଶନାଲ ଟ୍ରେନିଂ ଦ୍ୱାରା ପରିଚାଳିତ ଡିପ୍ଲୋମା ପାଠ୍ୟକ୍ରମ ୨୦୧୮-୧୯ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷାଫଳରେ ବିକାଶ ପଲିଟେକ୍‌ନିକ୍‌ର ୨ଜଣ ଛାତ୍ରୀଛାତ୍ର ୮୦ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ୪୧ଜଣ ଛାତ୍ରୀଛାତ୍ର ୭୦ରୁ ୮୦ ପ୍ରତିଶତ ଏବଂ ୩୧ଜଣ ଛାତ୍ରୀଛାତ୍ର ୬୦ରୁ ୭୦ ପ୍ରତିଶତ ମଧ୍ୟରେ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ଇଲେକ୍ଟ୍ରିକାଲ ବିଭାଗର ଛାତ୍ର ଅମର କୁମାର ୬୨୩ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ସିଭିଲ ଇଞ୍ଜିନିୟରିଂ ବିଭାଗର ଅବନିଶ ବେହେରା ୬୧୫, କମ୍ପ୍ୟୁଟର ସାଇନ୍ସ ବିଭାଗର ଅରିଜିତ ମିଶ୍ର ୫୯୩, ଇଲେକ୍ଟ୍ରୋନିକ୍ସ ଆଣ୍ଡ୍‌ ଟେଲିକମ୍ୟୁନିକେଶନ ବିଭାଗର ଆଦିତ୍ୟ ପୋରେ ୫୭୩, ମେକାନିକାଲ ବିଭାଗର ଲିଙ୍ଗରାଜ ତାଜେନ ୫୫୨ ମାର୍କ ରଖି ସମ୍ପୃକ୍ତ ବିଭାଗରେ ଟପ୍ପର ହୋଇଛନ୍ତି । ୨୦୧୮-୧୯ ଚତୁର୍ଥ ସେମିଷ୍ଟାର ପରୀକ୍ଷାଫଳରେ ୫ଜଣ ଛାତ୍ରୀଛାତ୍ର ୮୦ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ୨୧ଜଣ ଛାତ୍ରୀଛାତ୍ର ୭୦ରୁ ୮୦ ପ୍ରତିଶତ ମଧ୍ୟରେ ଏବଂ ୫୨ଜଣ ଛାତ୍ରୀଛାତ୍ର ୬୦ରୁ ୭୦ ପ୍ରତିଶତ ମଧ୍ୟରେ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ଚତୁର୍ଥ ସେମିଷ୍ଟାର ମେକାନିକାଲ ବିଭାଗର ଜିତେନ୍ଦ୍ର କୁମାର ୬୪୬ ମାର୍କ ରଖି କଲେଜ ଟପ୍ପର ହୋଇଥିବାବେଳେ ସିଭିଲ ଇଞ୍ଜିନିୟରି ବିଭାଗର ରାଜେଶ୍ୱରୀ ଦୀପ ୬୨୦, କମ୍ପ୍ୟୁଟର ସାଇନ୍ସ ବିଭାଗର ମନ୍ଦାକିନୀ ଦେହୁରୀ ୬୧୭, ଇଲେକ୍ଟ୍ରିକାଲ ବିଭାଗର ଭଗତ ସୋରେନ ୫୭୯, ଇଲେକ୍ଟ୍ରୋନିକ୍ସ ଆଣ୍ଡ୍‌ କମ୍ୟୁନିକେଶନ ଇଞ୍ଜିନିୟରିଂ ବିଭାଗର ଅରୁଣ କୁମାର ୪୯୪ ମାର୍କ ରଖି ସମ୍ପୃକ୍ତ ବିଭାଗରେ ଟପ୍ପର ହୋଇଛନ୍ତି । ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ବିକାଶ ପଲିଟେକ୍‌ନିକ୍‌ର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, ଆଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର ପ୍ରମୁଖ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଥିବାବେଳେ ଅଧ୍ୟାପିକା, ଅଧ୍ୟାପକଙ୍କୁ ପ୍ରଶଂସା କରିଛନ୍ତି ।



ଅମର କୁମାର



ଜିତେନ୍ଦ୍ର କୁମାର



ଅବିନାଶ ବେହେରା



ମନ୍ଦାକିନୀ ଦେହୁରୀ



ଅରିଜିତ୍‌ ମିଶ୍ର



ରାଜେଶ୍ୱରୀ ଦୀପ୍‌

ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାର ରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।
- ଚାଣକ୍ୟ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିତ୍ତ ଦୃଢ଼ କରି ଶଠ ଲକ୍ଷଣ,**
**ଚିତାକାଟି ମାଳୀ କରେ ଭଜନ,**
**ଚାହେଁ ନେବା ପାଇଁ ପରର ଧନ,**
**କହେ ଦନାଇ ସେ ଠକ ଦର୍ଶନ।**

ଶଠ ପ୍ରକୃତିର ବ୍ୟକ୍ତି ନିଜକୁ ଚିତା ଚଇତନରେ ସଜେଇ ଅନ୍ୟକୁ ପ୍ରଭାବିତ କରିବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳ ବିଶ୍ୱାସୀ ବ୍ୟକ୍ତି ଏପରି କପଟତାକୁ ବୁଝି ନ ପାରି ତାଙ୍କରି ଫାଶରେ ପଡ଼ିଯାଇ ସର୍ବହରା ହୋଇଯାଇଥାନ୍ତି। ଏପରି ମନ୍ଦପ୍ରକୃତି ବ୍ୟକ୍ତି ଅତୀବ ଧୂର୍ତ୍ତ ତଥା ଠକ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚୋରକୁ ଅଡୁଆ ଚାନ୍ଦିନୀ ରାତିଲୋ**
**ଦାରୀ କି ଅଡୁଆ ପୁଅ**
**ମାଳୀକି ଅଡୁଆ ଛେଳି ବଳଦ ଲୋ**
**ଦୁଃଖୀକି ଅଡୁଆ ଝିଅ।**

ଅନ୍ଧାରରେ ଚୋରି କରିବା ସହଜ। ତେବେ ଚାନ୍ଦିନୀ ରାତିରେ ଚୋରଙ୍କ ପକ୍ଷେ ଚୋରି କରିବାରେ ଅନେକ ବିପଦ ବା ଅସୁବିଧା ରହିଥାଏ। କାରଣ ଆଲୁଅ ଯୋଗୁ ଧରାପଡ଼ିଯିବାର ଭୟ ରହିଥାଏ। ଦାରୀ ବା ବିଟପୀ ନାରୀର ବୃତ୍ତି ପକ୍ଷେ ପୁଅ ପ୍ରତିବନ୍ଧକ ସାଜିଥାଏ। ଛେଳି ବଳଦ ଗଛଡାଳ ଖାଇଯାଉଥିବାରୁ ତାଙ୍କୁ ପାଳିବା ମାଳୀପକ୍ଷେ ଅସୁବିଧାଜନକ ହୋଇଥାଏ। ସେହିପରି ଦୁଃଖୀରଙ୍କ ବ୍ୟକ୍ତି ବଡ଼ ଦୁଃଖକଷ୍ଟରେ ନିଜ ଗୁଜୁରାଣ ମେଣ୍ଟାଉଥିବା ସ୍ଥଳେ ଝିଅ ହେଲେ ତା'ର ବିବାହ କରାଇବା ତାଙ୍କ ପକ୍ଷେ ଦୁରୂହ ବ୍ୟାପାର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀକାନ୍ତଙ୍କ ଖୋଲା ଚିଠି

**ଭୁବନେଶ୍ୱର,୨।୮(ବ୍ୟୁରୋ)**

■ ଦିଲ୍ଲୀ ବିଦ୍ୟୁତ୍ ଦର ରାଜ୍ୟରେ ଲାଗୁ କରାଯାଉ

ଦିଲ୍ଲୀବାସୀଙ୍କୁ ସେଠାକାର କ୍ଷମତାସୀନ ରାଜ୍ୟ ସରକାର ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ଼ କରିବା ନେଇ ଘୋଷଣା କରିଛନ୍ତି। ଏହି ଘୋଷଣାର ଦିନକ ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଏହି ନିୟମ ଓଡ଼ିଶାରେ ଲାଗୁ କରିବା ପାଇଁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଶ୍ରୀକାନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁକ୍ରବାର ଏକ ଖୋଲା ଚିଠି ଲେଖିଛନ୍ତି। ଶ୍ରୀକାନ୍ତ କହିଛନ୍ତି ଯେ, ଦିଲ୍ଲୀର ବିଦ୍ୟୁତ୍ ଉପଭୋକ୍ତା ୪୦୦ ୟୁନିଟ୍ ପାଇଁ ମାସକୁ ମାତ୍ର ୨୫୦ ଟଙ୍କା ଦେବେ। ହେଲେ ଓଡ଼ିଶାରେ ସମାନ ସଂଖ୍ୟକ ୟୁନିଟ୍ ଲାଗି ଉପଭୋକ୍ତା ୧୯୬୦ ଟଙ୍କା ଦେବାକୁ ବାଧ ହେଉଛନ୍ତି, ଯାହା ବ୍ୟୟବହୁଳ ସହର ଦିଲ୍ଲୀ ତୁଳନାରେ ୧୭୧୦ ଟଙ୍କା ଅଧିକ। ରାଜ୍ୟରେ କୋଇଲା ଓ ପାଣିରୁ ବହୁତ ଶସ୍ତାରେ ବିଜୁଳି ଉତ୍ପାଦନ ହେଉଛି। ଓଡ଼ିଶା ବିଜୁଳି ବିକ୍ରି କରୁଥିବା ଏକ ରାଜ୍ୟ, ଅପରପକ୍ଷରେ ଦିଲ୍ଲୀ ବିଦ୍ୟୁତ୍ ଶକ୍ତି କ୍ରୟ କରୁଥିବା ଏକ ରାଜ୍ୟ। କ୍ରୟ କରି ଦିଲ୍ଲୀ ଯଦି ଶସ୍ତାରେ ବିଜୁଳି ଯୋଗାଇ ପାରୁଛି, ତେବେ ଓଡ଼ିଶାରେ ଏହି ନିୟମ କାହିଁକି ଲାଗୁ କରାଯିବ ନାହିଁ ବୋଲି ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତି। ସେହିପରି ରାଜ୍ୟ ଶକ୍ତି ବିଭାଗ ଦୁର୍ନୀତି ଏବଂ ଚୋରିର ଏକ ଗନ୍ତାଘରରେ ପରିଣତ ହୋଇଛି। ପ୍ରତି ମାସରେ ବିନା ବାଧାରେ ହଜାର ହଜାର କୋଟି ଟଙ୍କା ଲୁଟ୍ ଚାଲିଛି, ଏହି କ୍ଷତି ରାଜ୍ୟର ଉପଭୋକ୍ତାମାନଙ୍କୁ ଶୁଳ୍କ ଦେଇ ଭରଣା କରିବାକୁ ପଡୁଛି। ଦିଲ୍ଲୀର ମୁଣ୍ଡପିଛା ଆୟ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟଠାରୁ ପ୍ରାୟ ୧୦ ଗୁଣା ଅଧିକ। ହେଲେ ଦିଲ୍ଲୀରେ ୨୦୦ ୟୁନିଟ୍ ମାଗଣା, ଓଡ଼ିଶାରେ ନାହିଁ ନ ଥିବା ଦାମ୍ କାହିଁକି ବୋଲି କହି ଶ୍ରୀକାନ୍ତ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ତେଣୁ ରାଜ୍ୟ ସରକାର ଦିଲ୍ଲୀ ଦରକୁ ତୁରନ୍ତ ଲାଗୁ କରିବା ସହ ଚାଷୀଙ୍କୁ ପଞ୍ଜାବ ଭଳି ମାଗଣା ବିଦ୍ୟୁତ୍ ଯୋଗାଇବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ଶକ୍ତି ବିଭାଗରେ ଦୁର୍ନୀତି ବ୍ୟାପକ ପରିମାଣରେ ହୋଇଥିବାରୁ ଏହାକୁ ଧରିବା ପାଇଁ ଶ୍ରୀକାନ୍ତ ସ୍ୱତନ୍ତ୍ର ଅଡିଟ୍ ଦାବି କରିଛନ୍ତି।

ଏଠାରେ ଉଲ୍ଲେଖଥାଉ କି, ଓଡ଼ିଶାରେ ୦ରୁ ୫୦ ୟୁନିଟ୍ ପର୍ଯ୍ୟନ୍ତ ୟୁନିଟ୍ ପିଛା ୨.୫୦ ଟଙ୍କା, ୫୦-୧୦୦ ୟୁନିଟ୍ ପାଇଁ ୟୁନିଟ୍ ପିଛା ୪.୩୦, ୧୫୦-୨୦୦ ୟୁନିଟ୍ ପାଇଁ ୟୁନିଟ୍ ପିଛା ୫.୩୦ ଏବଂ ୨୦୦ରୁ ୪୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ପାଇଁ ୟୁନିଟ୍ ପିଛା ୫ ଟଙ୍କା ୭୦ ପଇସା ଦେବାକୁ ପଡୁଛି। ସେହିପରି ବିଦ୍ୟୁତ୍ ବିତରଣ କରୁଥିବା ଅନେକ ଫ୍ରାଞ୍ଚାଇଜ୍ କମ୍ପାନୀ ଓ ଶିଳ୍ପସଂସ୍ଥା ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ବାକି ରଖିଛନ୍ତି। ଏହାପରେ ଫ୍ରାଞ୍ଚାଇଜ୍‌ଗୁଡ଼ିକ କିପରି ପୁନର୍ବାର ଟେଣ୍ଡର ପାଇବେ, ସେଥିପାଇଁ ପଦକ୍ଷେପ ନିଆଯାଉଛି। ଶିଳ୍ପସଂସ୍ଥା ଉପରେ ଥିବା ବକେୟା ଆଦାୟ କରାଯାଉନାହିଁ। ହେଲେ ନିର୍ଦ୍ଧାରିତ ସମୟରୁ ସାମାନ୍ୟ ବିଳମ୍ବରେ ବିଦ୍ୟୁତ୍ ଶୁଳ୍କ ପୈଠ କଲେ ଜରିମାନା ଆଦାୟ କରାଯାଉଛି। ଗାଁଗଣ୍ଡା କଥା ଛାଡ଼, ଖୋଦ୍ ରାଜଧାନୀ ଭୁବନେଶ୍ୱରର ଭିଆଇପି ଅଞ୍ଚଳରେ ମଧ୍ୟ ବିଦ୍ୟୁତ୍ କାଟ୍ କରାଯାଉଛି।

## ବୈଷୟିକ ଶିକ୍ଷାନୁଷ୍ଠାନରେ ଡିଜିଟାଲ୍ ସ୍କିଲିଂକୁ ଗୁରୁତ୍ୱ

**ଭୁବନେଶ୍ୱର,୨।୮(ବ୍ୟୁରୋ)**

ବୈଷୟିକ ଶିକ୍ଷାନୁଷ୍ଠାନରେ ଡିଜିଟାଲ୍ ସ୍କିଲିଂ ବା ଡିଜିଟାଲ କ୍ଷେତ୍ରରେ ଦକ୍ଷତା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ। ଯୁବଗୋଷ୍ଠୀଙ୍କୁ ଡିଜିଟାଲ୍ ସ୍କିଲିଂ ପ୍ରଦାନ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ହେଉଛି ଲକ୍ଷ୍ୟ। ଏଥିପାଇଁ ସିସ୍କୋ ନେଟ୍‌ୱର୍କ ଏକାଡେମୀ ଦ୍ୱାରା ସ୍ଥାନୀୟ କୃଷିଭବନଠାରେ ଶୁକ୍ରବାର ଇଞ୍ଜିନିୟରିଂ କଲେଜ ଛାତ୍ରୀଛାତ୍ରମାନଙ୍କୁ ଦକ୍ଷତା ପ୍ରଶିକ୍ଷଣ ଦିଆଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ରାଜ୍ୟ ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ପରିଷଦର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ମୁଖ୍ୟଅତିଥିଭାବେ ଯୋଗଦେଇଥିବାବେଳେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଶାସନ ସଚିବ ସଞ୍ଜୟ କୁମାର ସିଂ, ନିଯୋଜନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ତଥା ଓଏସ୍‌ଡିଏ ସିଇଓ ରଶ୍ମିତା ପଣ୍ଡା, ଡିଟିଇଟିର ନିର୍ଦ୍ଦେଶକ ରେଘୁ ଜି ଏବଂ ସିସ୍କୋ ସିଏସ୍‌ଆର୍ ମୁଖ୍ୟ ଅନୁରାଗ ଶ୍ରୀବାସ୍ତବ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

## ଓଡ଼ିଶାରେ ଟସର ଚାଷ ସମ୍ପ୍ରସାରଣ କରିବାକୁ କେନ୍ଦ୍ରର ପରାମର୍ଶ

**ଭୁବନେଶ୍ୱର,୧।୮(ବ୍ୟୁରୋ):** କେନ୍ଦ୍ରୀୟ ରେଶମ ବୋର୍ଡର ୧୩୬ତମ ପରିଚାଳନା ପରିଷଦ ବୈଠକ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ରେଶମ ବୋର୍ଡ ଚେୟାରମ୍ୟାନ୍ କେ.ଏମ୍. ହନୁମନ୍ଥରାୟାପ୍ପାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୦ ରାଜ୍ୟର ସେରିକଲଚର ବିଭାଗ ସଚିବ, ନିର୍ଦ୍ଦେଶକ ଏବଂ ପରିଚାଳନା ପରିଷଦର ସଭ୍ୟମାନେ ଯୋଗଦେଇଥିଲେ। ଏଥିରେ ଓଡ଼ିଶାର ଟସର ଚାଷର ଉନ୍ନତିକରଣ ନିମନ୍ତେ ବ୍ୟାପକ ଭାବେ ଆଲୋଚନା କରାଯିବା ସହ ଭବିଷ୍ୟତର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା।

କେନ୍ଦ୍ର ମହାକାଶ ବିଭାଗ ଦ୍ୱାରା କରାଯାଇଥିବା ରିମୋଟସେନ୍‌ସିଂ ଏବଂ ଜିଆଇଏସ୍ ସର୍ଭେ ଅନୁସାରେ ଓଡ଼ିଶାର ବ୍ୟାପକ ଅଞ୍ଚଳ ଟସର ଚାଷ ପାଇଁ ଅତ୍ୟନ୍ତ ଅନୁକୂଳ ଥିବା ଜଣାପଡ଼ିଥିଲା। ଏ ଦିଗରେ ଓଡ଼ିଶା ସରକାରଙ୍କ ଦ୍ୱାରା ଗତ ୪ ବର୍ଷ ମଧ୍ୟରେ ନିଆଯାଇଥିବା ପଦକ୍ଷେପ ଉପରେ କେନ୍ଦ୍ରୀୟ ବୋର୍ଡ ଅଧ୍ୟକ୍ଷ କେ.ଏମ୍. ହନୁମନ୍ଥରାୟାପ୍ପା ଏବଂ କେନ୍ଦ୍ରୀୟ ବୋର୍ଡର ସଦସ୍ୟ ସଚିବ ରଜତ ରଞ୍ଜନ ଓଖାଁଡିଆ ଆଲୋଚନା କରିଥିଲେ। ଭବିଷ୍ୟତରେ ଟସର ଚାଷ ମାଧ୍ୟମରେ ଓଡ଼ିଶାର ଆଦିବାସୀମାନଙ୍କର ଆର୍ଥିକ ଏବଂ ସାମଗ୍ରିକ ବିକାଶ ହୋଇପାରିବ। ଏଥିପାଇଁ ଟସର ଚାଷକୁ ସଂପ୍ରସାରଣ କରିବା ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ସେମାନେ କହିଥିଲେ। ବୈଠକରେ ବୟନଶିଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାଶ, ରେଶମ ଓଡ଼ିଶା ଯୁଗ୍ମନିର୍ଦ୍ଦେଶକ ସୂର୍ଯ୍ୟ ପଟ୍ଟନାୟକ ଏବଂ ଓଡ଼ିଶା ଟସର ମହାସଂଘ କର୍ମକର୍ତ୍ତା, ଓଡ଼ିଶାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଶାସନ ସଚିବ ଶୁଭା ଶର୍ମା ଉପସ୍ଥିତ ଥିଲେ। କେନ୍ଦ୍ରୀୟ ବୋର୍ଡ ସଦସ୍ୟମାନେ ଶନିବାର ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦୁଝର ଜିଲାର ହରିଚନ୍ଦନପୁର ବ୍ଲକରେ ପ୍ରତିଷ୍ଠା ହେବାକୁ ଥିବା ଟସର ସିଲ୍କ ପାର୍କ ଭଗାମୁଣ୍ଡାକୁ ପରିଭ୍ରମଣ କରିବେ।

### ଯୋଡାରେ ରାଜ୍ୟ ନଗର ଉନ୍ନୟନ ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ତଦାରଖ କଲେ



ନଗର ଉନ୍ନୟନ ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା ପ୍ଲାଣ୍ଟ ଅନୁଧ୍ୟାନ କରୁଛନ୍ତି।

**ଯୋଡ଼ା,୨।୮(ଡି.ଏନ.ଏ.)**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଉପଶାସନ ସଚିବ ତଥା ରାଜ୍ୟ ନଗର ଉନ୍ନୟନ ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା ଶୁକ୍ରବାର କେନ୍ଦୁଝର ଜିଲା ଯୋଡା ଗସ୍ତରେ ଆସି ପୌରପାଳିକାରେ ନିର୍ମାଣଧୀନ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ କାର୍ଯ୍ୟ ତଦାରଖ କରିଥିଲେ। ସେ ପୂର୍ବାହ୍ନରେ ପ୍ଲାଣ୍ଟ ପରିଦର୍ଶନ କରିବା ପରେ ପୌରପାଳିକା କାର୍ଯ୍ୟାଳୟକୁ ଯାଇ ପୌରାଞ୍ଚଳର ବସ୍ତି ଓ ହଟିଂ ଅଞ୍ଚଳରୁ ପୌରପାଳିକା ଦ୍ୱାରା ନିୟୋଜିତ ଗାଡିରେ କିପରି ଅଳିଆ ଆବର୍ଜନା ସଂଗ୍ରହ କରି ପ୍ଲାଣ୍ଟକୁ ଅଣାଯିବ ସେ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଇଯୋଶୀଙ୍କ ସହ ଆଲୋଚନା କରିଥିଲେ। ବର୍ଜ୍ୟବସ୍ତୁ ପରିଚାଳନା ନେଇ ସମଗ୍ର ରାଜ୍ୟରେ ପ୍ରଥମ ଥର ଯୋଡାରେ ଏହି ପ୍ଲାଣ୍ଟ ସ୍ଥାପନ କରାଯାଉଛି। ସ୍ଥାନୀୟ ଜନସାଧାରଣ ଓ ବରିଷ୍ଠ ନାଗରିକଙ୍କ ସହଯୋଗରେ ସହରକୁ ସ୍ୱଚ୍ଛ, ସୁନ୍ଦର କରି ଗଢ ତୋଳିବା ଲାଗି ସଚେତନତା ସୃଷ୍ଟି କରିବା ଜରୁରୀ ବୋଲି ଅତିରିକ୍ତ ନିର୍ଦ୍ଦେଶକ ସାରଦା ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ କହିଥିଲେ। ଆସନ୍ତା ୧୫ ତାରିଖରେ ବାରୁ ହଟିଂଠାରେ ନିର୍ମାଣ ହୋଇଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟର ଶୁଭାରମ୍ଭ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ସୂଚନା ଦେଇଥିଲେ।

# ୪ରୁ ୭ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨।୮ (ବ୍ୟୁରୋ)**

**ଲଘୁଚାପ**
■ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
■ ୫ ଜିଲାରେ ଅତିପ୍ରବଳ ବର୍ଷା
■ ଜିଲାପାଳଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

ଉତ୍ତର ପୂର୍ବ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ବିଶେଷକରି ଉପକୂଳ ଓ ଉତ୍ତର ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, କଟକ, ଗଜପତି, ଗଞ୍ଜାମ, କଳାହାଣ୍ଡି, ଜଗତ୍‌ସିଂହପୁର, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ପୁରୀ ଏବଂ ରାୟଗଡ଼ାରେ ଘଡ଼ଘଡ଼ି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଏଥିସହ କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଲଘୁଚାପ ଯୋଗୁ ୩ ତାରିଖ ରାତିରୁ ବର୍ଷା ଆରମ୍ଭ ହେବ। ୪ ଓ ୫ ତାରିଖରେ ଉପକୂଳ, ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ଅଗଷ୍ଟ ୭ ଯାଏ ବର୍ଷା ଲାଗିରହିବ। ତେବେ ଦକ୍ଷିଣ ଓଡ଼ିଶାରେ ବର୍ଷାର ପରିମାଣ ସାମାନ୍ୟ କମ୍ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହୁଥିବାରୁ ଆସନ୍ତା ୪ରୁ ୬ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ଲଘୁଚାପ ଯୋଗୁ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଜିଲାରେ ଥିବା ନଦୀଗୁଡ଼ିକ ଫୁଲିବା ସମ୍ଭାବନା ରହିଛି। ଆସନ୍ତା ୫ ଦିନ ଯାଏ ବର୍ଷା ଲାଗି ରହିବ। ମାଲକାନଗିରି, କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର ଏବଂ ନୂଆପଡା ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେବା ପରେ ରାଜ୍ୟ ସରକାର ମଧ୍ୟ ସତର୍କ ହୋଇଯାଇଛନ୍ତି। ଉକ୍ତ ଜିଲାଗୁଡ଼ିକର ଜିଲାପାଳଙ୍କୁ ଯେକୌଣସି ପରିସ୍ଥିତିରେ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଅନ୍ୟ ଜିଲାର ଜିଲାପାଳମାନେ ମଧ୍ୟ ଏ ନେଇ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଖାଦ୍ୟ ସାମଗ୍ରୀ, ପାନୀୟ ଜଳ, ଔଷଧ ଇତ୍ୟାଦି ଗଚ୍ଛିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷାଜନିତ ବନ୍ୟା ପରେ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ଖାଦ୍ୟ ସାମଗ୍ରୀ ଯୋଗାଇବାକୁ ପରାମର୍ଶ ଦିଆଯାଇଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ଜିଲ୍ଲା ଓ ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ନିଜ ଜିଲ୍ଲା ଓ ବ୍ଲକରେ କାମ କରିବା ପାଇଁ ପ୍ରାର୍ଥୀ ଆବଶ୍ୟକ। ବୟସ 30 ବର୍ଷ ମଧ୍ୟରେ। ଯୋଗ୍ୟତା: 8thରୁ +3. ଦରମା: 6500/- to 25,800/-.
ଯୋଗାଯୋଗ: 9583494854

**କାର ଡ୍ରାଇଭର ଏବଂ ଟ୍ରକ ଡ୍ରାଇଭର ଆବଶ୍ୟକ ଜଗତପୁର ଅଫିସ୍ ପାଇଁ।**
ଯୋଗାଯୋଗ ପାଇଁ :
7381075901
9437496020

**APPOINTMENT**
Experience Teacher's required for Udayanath Public School, At-Rench Sasan, Nimapara, Puri.
**Subject : English & Computer**
Contact :
9437489868, 6370204504
Email Resume :
udayanathpschool@gmail.com

**ଆବଶ୍ୟକ (ରେଷ୍ଟୁରାଣ୍ଟ ଷ୍ଟାଫ୍)**
SNACKS King ତା'ର ନୂତନ ଶାଖା ପାଇଁ କର୍ମଚାରୀ ଆବଶ୍ୟକ। Indian Cook, Chinise Cook, Tondoor Cook, South India Cook, ହେଲ୍‌ପର, ୱେଟର, କ୍ୟାପ୍ଟେନ୍, ହାଉସ୍ କିପିଙ୍ଗ, ସୁପରଭାଇଜର, ଡେଲିଭରି ବଏ
ଯୋଗାଯୋଗ (ରବି ଟକିଜ୍ ଛକ)
8879172945

**ବ୍ଲକ / ଜିଲ୍ଲା ସ୍ତରୀୟ ନିଯୁକ୍ତି**
Salary upto 30,000/-
Qualification :
9th, 10th, +2 & +3.
Age : 18-35 years.
9937611782

**ଏୟାର କଣ୍ଡିଶନ ଓ ଫ୍ରିଜ କାମ କରିବା ପାଇଁ ମିସ୍ତ୍ରି ଏବଂ ହେଲ୍ପର ଆବଶ୍ୟକ, ଇଚ୍ଛୁକ ପ୍ରାର୍ଥୀ ତୁରନ୍ତ ଯୋଗାଯୋଗ କରନ୍ତୁ :**
ହିନ୍ଦୁସ୍ତାନ ରେଫ୍ରିଜରେଶନ
9437566678
ସ୍ଥାନ-ନାଲ୍‌କୋ, ଅନୁଗୁଳ

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-.
(Part Time/Full Time)
Contact: 9938676412

**Contact : 9938414918**
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.

Clinical Assistant **(Female)** required for a renowned dental clinic in Chandrasekharpur, BBSR.
**Qualification.-**
**12th Pass onwards**
Mob- 9556110011

**REQUIRED**
EXECUTIVE OFFICER Required for handle a team of Finance, Legal, Sales and administrative. For Corporate office. Any Retired officer, Military, Police Person preferred.
Email : mrpabitramohapatra@gmail.com
Call : 9437007738

Immediate Requirement of Computer Science / IT Fresher's for a Startup Company at Bhubaneswar.
Contact: 9663111200
9437234000
Email: futurebrains5@gmail.com

OrissaPOST English daily
**WANTED**
**LAYOUT DESIGNERS**
- Minimum 3 years+ experience in print media.
- Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.

Apply within 7 days to:
recruitment@orissapost.com
Pay & perks will be the best in the industry for deserving candidates.

**WANTED**
ଧରିତ୍ରୀ DHARITRI Oriya daily
is looking for
**CIRCULATION MANAGER**
- MBA Graduates, having good communication & leadership skills with 5 years+ experience in print media will be given preference.
- Proficiency in MS Office is a must.

**CIRCULATION EXECUTIVES**
- Graduates, having good communication skills with 3 years+ experience in print media will be given preference.
- Proficiency in MS Office is a must.

Apply immediately to :
recruitment@dharitri.com
Attractive salary commensurate with experience

Looking for full time Maids for Bhubaneswar. Basic knowledge of House keeping, Cooking. Age- 18 yrs. above.
**Oriya / Hindi Speaking**
For details contact:
7894402300, 8249145233

**REFCEM**® Since 1983.....
**Situation Vacant**
RRPL, Bhubaneswar invites application for the following Posts;

| Post | Qualification | Experience |
|---|---|---|
| 1. Accountant | B.com with Tally & above | Min 7 yrs |
| 2. Welder & Cutter | ITI & above | Min 5 yrs |
| 3. Electrician | ITI in Elect. Trade | Min 5 yrs |

Salary is based on industry and experience. Mail your CV / Contact on : rrpl2019@rediffmail.com, Contact : 7381095402 & 7381095422

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25,000/-.
Contact Immediately
Mob: 8763257042

SHREE GANESH Buildcon Pvt. Ltd. We Understand Your Dreams
**SGBPL**, A Leading Real Estate Company of Odisha Requires the following personnel for its corporate office at N-1/A-21, IRC Village, Bhubaneswar.
1. **CIVIL ENGINEER:**
Qualification: Diploma in Civil having 5 years or more Experience in Building Construction works.
2. **CASHIER (Male):**
Qualification: Commerce Graduate. Experience in Cash handling and Cash Book, upto 3 years of Experience.
3. **OFFICE PEON (Male):**
Qualification: Matriculation (Pass or Fail)

Apply to appointment.sgbpl2000@gmail.com within 7 days. Mob: 9337707575

**REQUIRED** A reputed business house in Bhubaneswar requires the following experienced and dynamic personnel:
1. **SALES EXECUTIVE:** Graduation with 3-5 year experience in Lubricants /Automobile / FMCG
2) **ACCOUNTS ASSISTANT** - Commerce with 2-3 year experience in Tally.
Interested candidate may send recent Photo with resume to
E-mail : hr.rctpl@gmail.com, Mob.: 9437329938

**ସାଉଥ୍ ଆଫ୍ରିକାରେ ଚାକିରୀ**
ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
M : 9157312448, 9157012447

**WANTED TEACHERS**
English, History, Science (PCM), GEOGRAPHY (TGT) (Hons with B.Ed), 3 yrs Teaching Experience CBSE / ICSE.
**OFFICE ASSISTANT** : Qualification +3 With Computer Knowledge
**Address :- RAINBOW INTERNATIONAL SCHOOL**
At-Nandan Vihar, Backside of Subhadra Apartment, KIIT, Bhubaneswar-24
Tel : 0674-2727005/9337193448
E-mail:- rainbowinternationalschool24@gmail.com, Web:- www.risbbsr.com
Walk in Interview : 11th & 18th August 2019 at 11 A.M. to 2 P.M. Principal

We are a Diversified Corporate Entity in Odisha with Interest in Manufacturing & Trading since 1975. Require Interested candidates for following positions:
1. **Mgr. (Sales):** Exp. in Govt. Sales will be preferred. Age: 35-40
2. **Asst. Mgr. (Ops):** Exp. 8-10 yrs., Good Communication skill in English & Hindi.
3. **Digital Marketing:** 3-4 yrs. Exp. in digital
4. **Stockyard Supervisor:** Ex-serviceman preferred.
5. **Security Guards:** 10th passout.
6. **Machine Fabricators:** 8-10 yrs. Exp.
7. **Lathe Operators:** 8-10 yrs. Exp.
8. **Joint Venture:** Mechanical Engineers with Knowledge in Automation.

(with Work Exp. 8-10 yrs) interested in STARTUP need only apply.
Kindly send your resume to-
LTNODISHA@GMAIL.COM | MOB: 7008629553, 8018010470

DIRECT JOINING
**CALL CENTER**
**AIRTEL D2H**
Qualification : 10th Above
Salary : 8000/- To 12000/-
CALL : 8338886404

**WANTED**
**POST**
1. **B.Civil Engineer - 5** (M & F), 5 to 10 Years Exp.
2. **Diploma Civil - 4** (M & F), 5 to 8 Years Exp.
3. **M.B.A - 3** (M & F), 5 to 10 Years Exp.
4. **B.Com & Accountant - 4** (M & F), 5 to 10 Years Exp.

Salary - Up To 45,000/-
Interview Time -10 A.M. to 4 P.M, Date : 4th & 10th Aug Sun & Sat
ADDRESS :- DUCON CONTRACTORS PVT. LTD.
Malick Complex, Lane No.9, Plot No.502/2
Jagamara, Khandagiri, BBSR
Mob.- 91-9663353856, 91-9439141831-What's App

See
CAREER APPOINTMENT
on every
Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| $ 69.60 (54) | 99.90 ↑ 37,118.22 | 17.35 ↑ 10,997.35 | ₹165 ↓ 35,630.00 | ₹370 ↑ 41,900.00 |



"ଦେଶରେ ଧୀରେ ଧୀରେ ସାମଗ୍ରୀ ଚାହିଦା ବଢ଼ିବାରେ ଲାଗିଛି। ଏଣୁ ଅର୍ଥନୀତିରେ ଦେଖାଦେଇଥିବା ମାନ୍ଦାବସ୍ଥା କ୍ଷଣସ୍ଥାୟୀ।
– ଦୀପକ ପାରେଖ, ଏଚ୍‌ଡିଏଫ୍‌ସି ଅଧ୍ୟକ୍ଷ



"ଟେଲିକମ ସେକ୍ଟରରେ ଦର ବଢ଼ାଯିବାର ଆବଶ୍ୟକତା ରହିଛି। କାରଣ କଡ଼ା ପ୍ରତିଯୋଗିତା ଏବଂ ନିବେଶ ବୃଦ୍ଧି ଯୋଗୁ କମ୍ପାନୀଗୁଡ଼ିକର ଅବସ୍ଥା ବେହାଲ ହୋଇଛି।
– କୁମାର ମଙ୍ଗଳମ ବିର୍ଲା, ଭୋଡ଼ାଫୋନ ଆଇଡିଆ ଅଧ୍ୟକ୍ଷ

## ସଂକ୍ଷେପରେ

### ଦେବାଶିଷ ଚାଟାର୍ଜୀ ମାଇଣ୍ଡଟ୍ରି ସିଇଓ, ଏମ୍‌ଡି



ନୂଆଦିଲ୍ଲୀ,୨-୮: ଆଇଟି କମ୍ପାନୀ ମାଇଣ୍ଡଟ୍ରି ଲିମିଟେଡ କଗ୍ନିଜାଣ୍ଟର ପୂର୍ବତନ କାର୍ଯ୍ୟନିର୍ବାହୀ ଦେବାଶିଷ ଚାଟାର୍ଜୀଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଏବଂ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଭାବେ ନିଯୁକ୍ତ କରିଥିବା ଶୁକ୍ରବାର ଘୋଷଣା କରିଛି। କମ୍ପାନୀ ଲାର୍ସେନ ଆଣ୍ଡ ଟୁବ୍ରୋ(ଏଲ୍ ଆଣ୍ଡ ଟି)ର ସିଇଓ ତଥା ଏମ୍‌ଡି ଏସ୍.ଏନ୍. ସୁବ୍ରମଣ୍ୟନଙ୍କୁ ଅଣ କାର୍ଯ୍ୟନିର୍ବାହୀ ଭାଇସ୍ ଚେୟାରମ୍ୟାନ ଭାବେ ଅବସ୍ଥାପିତ କରିସାରିଛି। ଉଭୟ ନିଯୁକ୍ତି ଶୁକ୍ରବାରଠାରୁ କାର୍ଯ୍ୟକାରୀ ହେବ ବୋଲି ମାଇଣ୍ଡଟ୍ରି ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି। ଉଲ୍ଲେଖଥାଉ କି, ମାଇଣ୍ଡଟ୍ରି ଲିମିଟେଡକୁ ଏଲ୍ ଆଣ୍ଡ ଟି ଅଧିଗ୍ରହଣ କରିଛି।

### ସୋମବାର ବ୍ୟାଙ୍କ ସିଇଓଙ୍କୁ ଭେଟିବେ ସୀତାରାମନ୍

ନୂଆଦିଲ୍ଲୀ,୨-୮: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର ରାଷ୍ଟ୍ରାୟତ୍ତ ଓ କେତେକ ବୃହତ ଘରୋଇ ବ୍ୟାଙ୍କ(ପିଏସ୍‌ୟୁ)ର ସିଇଓଙ୍କୁ ଭେଟିବେ। ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତିର ସମୀକ୍ଷା ସହ ଅର୍ଥନୀତିକୁ ଗତିଶୀଳ କରିବାକୁ ଯାଇ ଏମ୍‌ଏସ୍‌ଏମ୍‌ଇ, ଅଟୋମୋବାଇଲ ଓ ହାଉସିଂ ସେକ୍ଟରଙ୍କୁ ଋଣ ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏହି ବୈଠକରେ ଆଲୋଚନା ହେବ ବୋଲି ଜଣାପଡିଛି। ସେହିଭଳି ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ ଅନୁଯାୟୀ ଅନାଦାୟ ଋଣ ସମ୍ପର୍କରେ ମଧ ଏହି ବୈଠକରେ ସମୀକ୍ଷା କରାଯିବ। ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତିର ସମୀକ୍ଷା ସହ ଏହାର ଉନ୍ନତି ଲାଗି ଉପାୟ ଚିନ୍ତା କରାଯିବ। ସାଧାରଣତଃ କେନ୍ଦ୍ର ଅର୍ଥମନ୍ତ୍ରୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟମାନଙ୍କୁ ଭେଟିଥାନ୍ତି। ତେବେ ଚଳିତ ଥର ସେ ଘରୋଇ ସେକ୍ଟର ବ୍ୟାଙ୍କ ମୁଖ୍ୟମାନଙ୍କୁ ମଧ ଭେଟିବେ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏକ ବିବୃତିରେ କୁହାଯାଇଛି। ଏହି ବୈଠକରେ ରାଜସ୍ୱ ଓ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ସଚିବ ମାନଙ୍କୁ ମଧ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ସିସିଡିର ନେତୃତ୍ୱ ନେବେ ସିଦ୍ଧାର୍ଥଙ୍କ ସ୍ତ୍ରୀ



ନୂଆଦିଲ୍ଲୀ,୨-୮: କ୍ୟାଫେ କଫି ଡେ(ସିସିଡି)ର ମାଲିକ ଭି.ଜି.ସିଦ୍ଧାର୍ଥଙ୍କ ଆକସ୍ମିକ ମୃତ୍ୟୁ ପରେ ଏହାର ନେତୃତ୍ୱ କିଏ ନେବ ବୋଲି ସାଧାରଣରେ ପ୍ରଶ୍ନ ଆସିଛି। ତେବେ ମିଡିଆ ରିପୋର୍ଟ ଅନୁଯାୟୀ ସିଦ୍ଧାର୍ଥଙ୍କ ସ୍ତ୍ରୀ ମାଳବିକା କମ୍ପାନୀକୁ ଚଳାଇବେ। ସେ ପୂର୍ବରୁ କମ୍ପାନୀ ବୋର୍ଡରେ ରହିଛନ୍ତି। କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍.ଏମ୍.କ୍ରିଷ୍ଣାଙ୍କ କନ୍ୟା ମାଳବିକା ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟରୁ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଛନ୍ତି। ଅନ୍ୟପକ୍ଷରେ ସିସିଡିକୁ କିଣିବା ଲାଗି କୋକା କୋଲା, ଟାଟା ଗ୍ଲୋବାଲ ବେଭରେଜସ୍ ଏବଂ ଜୁବିଲିଏଣ୍ଟ ଫୁଡ୍‌ୱର୍କ୍ସ ଇଚ୍ଛୁକ ଥିବା ଜଣାପଡିଛି। ସ୍ୱାମୀଙ୍କ ମୃତ୍ୟୁ ପରେ ମାଳବିକା ଏବେ ଗଭୀର ଶୋକରେ ରହିଛନ୍ତି। ଏଣୁ ଯଥାଶୀଘ୍ର କମ୍ପାନୀ ସମ୍ଭାଳିବା ତାଙ୍କ ପକ୍ଷରେ ସମ୍ଭବ ହୋଇ ନ ପାରେ। ସିଦ୍ଧାର୍ଥଙ୍କ ପରଲୋକ ପରେ ସିସିଡି ବୋର୍ଡ ଜରୁରୀ ବୈଠକ ଡକାଇ ପୂର୍ବତନ ଆଇଏଏସ୍ ଅଧିକାରୀ ଏସ୍.ବି.ରଙ୍ଗନାଥଙ୍କୁ କମ୍ପାନୀ ଦାୟିତ୍ୱ ଦେଇଛି। ଏଥିସହିତ ବୋର୍ଡ ନୀତିନ ବାଗମାନେଙ୍କୁ ଅନ୍ତରୀଣ ଚିଫ୍ ଅପରେଟିଂ ଅଫିସର ଭାବେ ନିଯୁକ୍ତ କରିଛି।

## ୨୦୧୮ରେ ବିଶ୍ୱର ବୃହତ୍ ଅର୍ଥନୀତି

# ୭କୁ ଖସିଲା ଭାରତ

ନୂଆଦିଲ୍ଲୀ,୨-୮

ଅର୍ଥନୀତି କ୍ଷେତ୍ରରେ ମୋଦି ସରକାରଙ୍କୁ ଜୋର୍ ଝଟକା ଲାଗିଛି। ୨୦୨୪-୨୫ ସୁଦ୍ଧା ୫ ଲକ୍ଷ କୋଟି ଡଲାର ସହ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବ ବୋଲି ସ୍ୱପ୍ନ ଦେଖୁଥିବା ଭାରତ ୨୦୧୮ରେ ୭ମ ସ୍ଥାନକୁ ଖସିଯାଇଛି। ଜିଡିପି ହିସାବକୁ ନେଇ ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରସ୍ତୁତ ତାଲିକା ଅନୁଯାୟୀ ୨୦୧୭ରେ ଭାରତ ୫ମ ସ୍ଥାନରେ ଥିଲା। ଅର୍ଥନୀତି ଧିମା ହେବା କାରଣରୁ ଦେଶ ହାସଲ କରିଥିବା ଗୌରବ ହରାଇଛି। ବିଶ୍ୱବ୍ୟାଙ୍କ ତଥ୍ୟ ଅନୁଯାୟୀ, ୨୦୧୮ ବର୍ଷରେ ବ୍ରିଟେନ ଓ ଫ୍ରାନ୍ସର ଅର୍ଥନୀତି ଭାରତ ତୁଳନାରେ ଅଧିକ ଅଭିବୃଦ୍ଧି ହାସଲ କରିଛି। ଏହି କାରଣରୁ ଏହି ଦୁଇଦେଶ ୧ ପାଦ ଉପରକୁ ଉଠି ଆସିଛନ୍ତି। ବ୍ରିଟେନ ୫ମ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ଫ୍ରାନ୍ସ ୬ଷ୍ଠା ସ୍ଥାନକୁ ଉଠି ଆସିଛି। ଫଳସ୍ୱରୂପ ଭାରତ ୫ମରୁ ୭ମ ସ୍ଥାନକୁ ଖସିଯାଇଛି। ତେବେ ଜିଡିପି ଦୃଷ୍ଟିରୁ ଆମେରିକା




- ବ୍ରିଟେନ ୫ମ, ଫ୍ରାନ୍ସ ୬ଷ୍ଠକୁ ଉନ୍ନୀତ
- ଭାରତର ଜିଡିପି ୩.୦୧% ହାରରେ ବଢ଼ିଛି
- ୨୦୧୭ରେ ଭାରତ ୫ମ ସ୍ଥାନରେ ଥିଲା

ଶୀର୍ଷସ୍ଥାନ ବଜାୟ ରଖିଛି। ତଥ୍ୟ ଅନୁଯାୟୀ, ଭାରତର ଅର୍ଥନୀତି ୨୦୧୮ ବର୍ଷରେ ମାତ୍ର ୩.୦୧ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ୨୦୧୭ରେ ଏହି ଅଭିବୃଦ୍ଧି ହାର ୧୫.୨୩ ପ୍ରତିଶତ ରହିଥିଲା। ଏଭଳି ଭାବେ ବ୍ରିଟେନର ଅର୍ଥନୀତି ୨୦୧୮ରେ ୬.୮୧ପ୍ରତିଶତ ବଢ଼ିଥିବା ବେଳେ ୨୦୧୭ରେ ଏହି ବୃଦ୍ଧି ମାତ୍ର ୦.୭୫% ରହିଥିଲା। ଫ୍ରାନ୍ସ ଅର୍ଥନୀତି ଉପରେ ଦୃଷ୍ଟି ଦେଲେ ଜଣାପଡୁଛି ଯେ, ଏହା ଆଲୋଚ୍ୟ ବର୍ଷରେ ୭.୩୩% ହାରରେ ବୃଦ୍ଧି ପାଇଛି। ଏହା ୨୦୧୭ରେ ମାତ୍ର ୪.୮୫% ହାରରେ ବଢ଼ିଥିଲା। ଏଭଳି ଦେଖିଲେ ଭାରତର ଅର୍ଥନୀତି ୨୦୧୭ ତୁଳନାରେ ୨୦୧୮ରେ ଅତ୍ୟନ୍ତ ଧିମା ହୋଇଥିଲା। ଫଳସ୍ୱରୂପ ଏହାର ର୍‍ୟାଙ୍କିଙ୍ଗ ହ୍ରାସ ପାଇଛି। ବିଶ୍ୱବ୍ୟାଙ୍କର ସଦ୍ୟତମ ତଥ୍ୟ ଅନୁଯାୟୀ ବ୍ରିଟେନର ଅର୍ଥନୀତି ବୃଦ୍ଧି ପାଇ ୨.୮୨ ଲକ୍ଷ କୋଟି ଡଲାର ହୋଇଥିବା ବେଳେ ଫ୍ରାନ୍ସର ୨.୭୮ ଲକ୍ଷ କୋଟି ଡଲାରରେ ପହଞ୍ଚିଯାଇଛି। ଅନ୍ୟପକ୍ଷରେ ଭାରତର ଜିଡିପି ଏହି ଅବଧିରେ ୨.୭୩ ଲକ୍ଷ କୋଟି ଡଲାର ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୭ ବର୍ଷରେ ଭାରତ(ପ୍ରାୟ ୧୮ ହଜାର ନିୟୁତ କୋଟି ଟଙ୍କା) ୫ମ ସ୍ଥାନରେ ରହିଥିଲା। ସେତେବେଳେ ବ୍ରିଟେନ ୬ଷ୍ଠ ଓ ଫ୍ରାନ୍ସ ୭ମ ସ୍ଥାନରେ ରହିଥିଲା। ଅର୍ଥନୀତିଜ୍ଞଙ୍କ ମତରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଦୁର୍ବଳ ହେବା କାରଣରୁ ଭାରତର ସ୍ଥାନ ହ୍ରାସ ପାଇଛି। ୨୦୧୭ରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୩% ବୃଦ୍ଧି ପାଇଥିଲା। ଅନ୍ୟପକ୍ଷରେ ୨୦୧୮ରେ ଟଙ୍କା ୫% ହ୍ରାସ ପାଇଛି।

## ତନିଷ୍କର ଗ୍ରେଟ୍ ଡାଇମଣ୍ଡ ସେଲ୍



ଭୁବନେଶ୍ୱର,୨-୮

ପ୍ରମୁଖ ଜୁଏଲେରୀ ବ୍ରାଣ୍ଡ ତନିଷ୍କ ପକ୍ଷରୁ 'ଦି ଗ୍ରେଟ ଡାଇମଣ୍ଡ ସେଲ୍' ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ତନିଷ୍କ ହୀରା ଗହଣା ଉପରେ ଗ୍ରାହକମାନେ ୨୦% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। କମ୍ପାନୀର ଷ୍ଟୋରଗୁଡିକରେ ଏହି ସମୟରେ ବିସ୍ତୃତ ଶୃଙ୍ଖଳାର ଡାଇମଣ୍ଡ ଜୁଏଲେରୀ ଉପଲବ୍ଧ ହେବ। ଏହି ଅଫର ସୀମିତ ସମୟ ଯାଏ ରହିଛି। ଏହି ସମୟରେ କୁନ୍ଦନ ପୋଲକୀ ଏବଂ ଓପନ ପୋଲକୀ ଗହଣାର ଗଢ଼ା ମୂଲ୍ୟ ଉପରେ ଗ୍ରାହକ ୨୫% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ନୂଆ କରି ଆସିଥିବା ଅହଲ୍ୟା, ରେଡ୍ କାର୍ପେଟ କଲେକ୍ସନ, ପ୍ରିନ କଲେକ୍ସନ, ସ୍ୱୟମ କଲେକ୍ସନ ଏବଂ ରିବାହ ଡାଇମଣ୍ଡ ବ୍ରାଇଡ କଲେକ୍ସନ ରହିଛି। ଚଳିତ ବର୍ଷ ଡାଇମଣ୍ଡ ଜୁଏଲେରୀ ସେଲ୍ ସମ୍ପର୍କରେ ଘୋଷଣା କରି ଅତ୍ୟନ୍ତ ଖୁସି ବୋଲି ଟାଇଟନ କମ୍ପାନୀର ଜୁଏଲେରୀ ଡିଭିଜନ ଏଭିପି ଦୀପିକା ସଭ୍ରୱାଲ ତେୱାରୀ କହିଛନ୍ତି।

## ଆକାଶ ଇନଷ୍ଟିଚ୍ୟୁଟ ପକ୍ଷରୁ ସ୍କଲାରଶିପ ପରୀକ୍ଷା

ଭୁବନେଶ୍ୱର,୨-୮

Aakash
Medical | IIT-JEE | Foundations

ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ ପକ୍ଷରୁ ଆକାଶ ନ୍ୟାଶନାଲ ଟ୍ୟାଲେଣ୍ଟ ହଣ୍ଟ ଏକ୍‌ଜାମ୍(ଏଏନ୍‌ଟିଏଚ୍‌ଇ)ର ୧୦ମ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ବାର୍ଷିକ ସ୍କଲାରଶିପ ପରୀକ୍ଷା ଚଳିତ ବର୍ଷ ଅକ୍ଟୋବର ୨୦(ରବିବାର) ଅନୁଷ୍ଠିତ ହେବ। ଦେଶର ୨୪ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଏହା ଆୟୋଜନ କରାଯାଉଛି। ଏହି ପରୀକ୍ଷାରେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରଙ୍କୁ ୧୦୦% ପର୍ଯ୍ୟନ୍ତ ସ୍କଲାରଶିପ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଏହି ପରୀକ୍ଷାରେ ଭାଗ ନେଇ ପାରିବେ। ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ସମର୍ଥନକୁ ନଜରରେ ରଖି ଏହି ପରୀକ୍ଷାକୁ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଉନ୍ମୁକ୍ତ କରାଯାଇଛି। ଏଥିଲାଗି ପଞ୍ଜୀକରଣର ଶେଷ ତାରିଖ ଅକ୍ଟୋବର ୧୫ ରହିଥିବା ଆକାଶ ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି।



ଆଇଡେଷ୍ଟିନିର ନୂଆ ଷ୍ଟୋର୍‌କୁ ଅଭିନେତ୍ରୀ ଏଲିନା ସାମନ୍ତରାୟ ଉଦ୍‌ଘାଟନ କରୁଛନ୍ତି।

## ଆଇଡେଷ୍ଟିନିର ନୂଆ ଷ୍ଟୋର ଶୁଭାରମ୍ଭ

ଭୁବନେଶ୍ୱର,୨-୮(ବ୍ୟୁରୋ)

ଆପଲ୍ ପ୍ରଡକ୍ଟର ପ୍ରିମିୟମ ଷ୍ଟୋର 'ଆଇଡେଷ୍ଟିନି' ଭୁବନେଶ୍ୱରର ଏସ୍ପ୍ଲାନେଡ ୱାନ ମଲ୍‌ଠାରେ ଖୋଲିଛି। ନୂଆ ଷ୍ଟୋରକୁ ଓଡ଼ିଆ ସିନେ ଅଭିନେତ୍ରୀ ଏଲିନା ସାମନ୍ତରାୟ ଏବଂ ସି.ଏସ୍. ଟ୍ରେଡ ଲିଙ୍କ ପ୍ରାଇଭେଟ ଲିମିଟେଡର ଡାଇରେକ୍ଟର ବିଜୟ ଦୁଗର ଶୁଭାରମ୍ଭ କରିଛନ୍ତି। ଗ୍ରାହକଙ୍କୁ ଆପଲ୍ ପ୍ରଡକ୍ଟର ଶ୍ରେଷ୍ଠ ଅନୁଭୂତି ପ୍ରଦାନ ଲାଗି ଏଭଳି ଏକ ଷ୍ଟୋର ଓଡ଼ିଶାରେ ପ୍ରଥମ ଥର ଲାଗି ଖୋଲାଯାଇଥିବା ଦୁଗର୍ କହିଛନ୍ତି। ଏଠାରେ ଆପଲ୍ ଆଇଫୋନ ଏକ୍ସଏସ୍, ଆଇଫୋନଏକ୍ସଆର୍, ମ୍ୟାକ୍‌ବୁକଏୟାର, ମ୍ୟାକ୍‌ବୁକ୍ ପ୍ରୋ ଏବଂ ଆପଲ୍ ୱାଚ୍ ସିରିଜ ରହିଛି। ଗ୍ରାହକଙ୍କୁ ସୁଲଭତା, ଭରସା, ଉନ୍ନତ ସେବା, ଉପଲବ୍ଧତା ଦ୍ୱାରା ସ୍ୱତନ୍ତ୍ର କ୍ରୟ ଅଭିଜ୍ଞତା ପ୍ରଦାନ ଲକ୍ଷ୍ୟ ରହିଥିବା ସେ ପ୍ରକାଶ କରିଛନ୍ତି। ମଲ୍‌ର ଅପର୍ ଗ୍ରାଉଣ୍ଡ ଫ୍ଲୋରରେ ଷ୍ଟୋରଟି ଅବସ୍ଥିତ। ଏଠାରେ ଏକ ତାଲିମପ୍ରାପ୍ତ ଟିମ୍ ରହିଛି।

ଏହା ବାଦ୍ ଷ୍ଟୋରରେ ହାଇଏଣ୍ଡ ମ୍ୟୁଜିକ ଉପକରଣ ଯଥା- ବୋସ ସ୍ପିକର, ହେଡ୍ ସେଟ, ଆଙ୍କର ସାଉଣ୍ଡ ସିଷ୍ଟମ, ବିଟ୍ ହେଡ୍‌ଫୋନ, ଆପଲ ଆସେସୋରିଜ, ଆଇଫୋନ କଭର ବ୍ୟତୀତ ଆଇଫୋନ ଉପରେ ୬ ମାସର ସ୍କ୍ରିନ ରିପ୍ଲେସମେଣ୍ଟ ମାଗଣାରେ ଉପଲବ୍ଧ। ଷ୍ଟୋରରେ ଇଏମ୍‌ଆଇ ସୁବିଧା ଏବଂ ବାଏବ୍ୟାକ୍ ସ୍କିମ ରହିଛି। ସହଜ କିସ୍ତିରେ ପ୍ରଡକ୍ଟ କିଣିବାକୁ ଗ୍ରାହକ ସକ୍ଷମ ହୋଇ ପାରିବେ। ୩ ମାସରୁ ୨ ବର୍ଷ ଅବଧିର ମାସିକ ସ୍କିମ ଗ୍ରାହକ ଚୟନ କରିପାରିବେ। ସେହିଭଳି ଛାତ୍ରୀଛାତ୍ର ଏବଂ ବ୍ୟବସାୟ ବର୍ଗର ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ଅଫର ଗ୍ରାହକ ପାଇପାରିବେ ବୋଲି ଆଇଡେଷ୍ଟିନି ବିଜ୍‌ନେସ ହେଡ ରାଜଶ୍ରୀ ବାନାର୍ଜୀ କହିଛନ୍ତି।

## ଭାରତରେ ଶାଖା ଖୋଲିବ ବ୍ୟାଙ୍କ ଅଫ୍ ଚାଇନା

ମୁମ୍ବାଇ,୨-୮

ବିଶ୍ୱରେ ୫ମ ସ୍ଥାନ ହାସଲ କରିଥିବା ବ୍ୟାଙ୍କ ଅଫ୍ ଚାଇନା ଭାରତରେ ଏକ ଶାଖା ଖୋଲିବାକୁ ଯାଉଛି। ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏହାକୁ ଅନୁମତି ପ୍ରଦାନ କରିଛି। ଗତବର୍ଷ ଏହାକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ଆଇନ, ୧୯୩୪ର ଦ୍ୱିତୀୟ ସିଡ୍ୟୁଲରେ ଏହି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରିଛି। ଦେଶର ଅନ୍ୟ ପ୍ରମୁଖ ବ୍ୟାଙ୍କ ପୂର୍ବରୁ ଏହି ସିଡ୍ୟୁଲରେ ସାମିଲ ହୋଇଛନ୍ତି। ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଇନା ରାଷ୍ଟ୍ରପତି ଜି. ଜିନ୍‌ପିଙ୍ଗଙ୍କ ସହ ଆଲୋଚନା କାଳରେ ଏହାକୁ ନେଇ ପ୍ରତିଶ୍ରୁତି ଦେଇଥିଲେ। ଚାଇନାର ଦ୍ୱିତୀୟ ବ୍ୟାଙ୍କ ଭାବେ ବ୍ୟାଙ୍କ ଅଫ୍ ଚାଇନା ଭାରତରେ ନିଜର ଶାଖା ଖୋଲିବାକୁ ଯାଉଛି। ମୁମ୍ବାଇରେ ଏହାର ପ୍ରଥମ ଶାଖା ଖୋଲାଯିବ। ଏହା ଚାଇନାର ଚତୁର୍ଥ ସର୍ବବୃହତ ବ୍ୟାଙ୍କ, ଯାହା କି, ହଂକଂ ଏବଂ ସାଂଘାଇ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହୋଇଛି। ଏହାର ମାର୍କେଟ କ୍ୟାପିଟାଲାଇଜେଶନ ୧୫୮.୬ ବିଲିୟନ ଡଲାର ବା ୧୦.୮୫ ଲକ୍ଷ କୋଟି ଟଙ୍କା ରହିଛି। ବ୍ୟାଙ୍କ ଅଫ୍ ଚାଇନା ୨୦୧୬ ଜୁଲାଇରେ ସିକ୍ୟୁରିଟି କ୍ଲିୟରାନ୍ସ ଲାଗି ଆବେଦନ କରିଥିଲା।

## ଆନ୍ଧ୍ର ବ୍ୟାଙ୍କର ନୂତନ ମଣ୍ଡଳ ମୁଖ୍ୟ

ଭୁବନେଶ୍ୱର,୨-୮



ଆନ୍ଧ୍ର ବ୍ୟାଙ୍କ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ସମେତ ପୂର୍ବାଞ୍ଚଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ରମାକାନ୍ତ ପ୍ରଧାନ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ବ୍ୟାଙ୍କର ଭୋପାଳସ୍ଥିତ କାର୍ଯ୍ୟାଳୟରେ ଆଞ୍ଚଳିକ ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ୧୯୮୭ରେ ସେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ପ୍ରବେଶ କରିଥିଲେ। ଓଡ଼ିଶା, ବିହାର, ମଧ୍ୟପ୍ରଦେଶ, ଛତିଶଗଡ, ଗୁଜରାଟ, ଝାଡଖଣ୍ଡ ଭଳି ସ୍ଥାନରେ ସେ ବ୍ୟାଙ୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିଛନ୍ତି। କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ବ୍ୟାଙ୍କିଙ୍ଗ ସହାୟତା କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ରହିଛି। ପ୍ରଗତିଶୀଳ ବ୍ୟାଙ୍କିଙ୍ଗ୍‌ର ଅଭିବୃଦ୍ଧି, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇକୁ ଅଧିକ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

## ପୋଷ୍ଟ ଅଫିସ୍‌ରେ ମିଳିବ କ୍ଷୁଦ୍ର ଋଣ

ନୂଆଦିଲ୍ଲୀ,୨-୮




ଏନ୍‌ଡିଏ ସରକାର କ୍ଷମତାକୁ ଫେରିବା ପରେ ପୋଷ୍ଟ ଅଫିସ୍‌ର କାୟାକଳ୍ପ ବଦଳିବାରେ ଲାଗିଛି। ଚିଠି, ପାର୍ସଲ, ମନିଅର୍ଡର ବାଣ୍ଟୁଥିବା ପୋଷ୍ଟ ଅଫିସ ଆଜି ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବାରେ ଲାଗିଛି। ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ(ଆଇପିପିବି) ଖୋଲିଯିବା ପରେ ପୋଷ୍ଟ ଅଫିସରେ ଅନ୍‌ଲାଇନ ବ୍ୟାଙ୍କିଙ୍ଗ୍ ସୁବିଧା ମିଳୁଛି। ପୋଷ୍ଟ ଅଫିସ ଏବେ ସେଭିଙ୍ଗ୍‌ସ ଆକାଉଣ୍ଟ ଏବଂ ଫିକ୍ସଡ ଡିପୋଜିଟ ଭଳି ବ୍ୟାଙ୍କିଙ୍ଗ୍ ସେବା ଦେଉଥିବା ବେଳେ ଆଗାମୀ ଦିନରେ କ୍ଷୁଦ୍ରଋଣ ପ୍ରଦାନ ସୁବିଧା ଯୋଗାଇଦେବ। ଏଣିକି ଆବଶ୍ୟକ ଥିବା ବେଳେ ଯେ କୌଣସି ବ୍ୟକ୍ତି ଖାତାଧାରୀ ହୋଇଥିଲେ ଋଣ ନେଇପାରିବେ। ଆଇପିପିବିକୁ କ୍ଷୁଦ୍ର ଫାଇନାନ୍ସ ବ୍ୟାଙ୍କ ଭାବେ ପରିଚାଳିତ କରିବାକୁ ପୋଷ୍ଟାଲ ବିଭାଗ ନିଷ୍ପତ୍ତି ନେଇଛି। ଜୁଲାଇ ୨୯ରୁ ୩୧ ଯାଏ ଜମ୍ମୁ-କଶ୍ମୀରରେ ଅନୁଷ୍ଠିତ ବାର୍ଷିକ ହେଡ୍‌ସ ଅଫ୍ ସର୍କଲ୍ସ କନ୍‌ଫରେନ୍ସରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ନ୍ୟୁ ଇଣ୍ଡିଆ' ପଦକ୍ଷେପ ସହ ତାଳ ଦେଇ କାର୍ଯ୍ୟ କରିବା ଲକ୍ଷ୍ୟରେ ପୋଷ୍ଟାଲ ବିଭାଗ ପକ୍ଷରୁ ୫ ବର୍ଷିଆ ଲକ୍ଷ୍ୟ ନେଇ ୧୦୦ ଦିନିଆ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପୋଷ୍ଟ ଅଫିସ ବର୍ତ୍ତମାନ ଗ୍ରାହକଙ୍କୁ ସେଭିଙ୍ଗ୍‌ସ ଆକାଉଣ୍ଟ, କରେଣ୍ଟ ଆକାଉଣ୍ଟ ଖୋଲିବା, ଗ୍ରୁପ୍ ଟର୍ମ ଇନ୍‌ସ୍ୟୁରାନ୍ସ, ବିଲ୍ ପେମେଣ୍ଟସ ଓ ରିଚାର୍ଜ, ରେମିଟାନ୍ସ ଆଣ୍ଡ ଫଣ୍ଡ ଟ୍ରାନ୍ସଫର, ଡୋରଷ୍ଟେପ୍ ବ୍ୟାଙ୍କିଙ୍ଗ୍, ଡିଓପି ପ୍ରଡକ୍ଟ ପେମେଣ୍ଟ ଓ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ସୁବିଧା ଯୋଗାଇ ଦେଉଛି। ଆଇପିପିବି ଖାତାକୁ ପୋଷ୍ଟ ଅଫିସ୍ ଋଣ ସହ ଯୋଡାଯାଇପାରିବ। ତେବେ ପୋଷ୍ଟ ଅଫିସ୍‌ରେ ଖୋଲାଯାଇଥିବା ଆର୍‌ଡି ଆକାଉଣ୍ଟ ଆଧାରରେ ଋଣ ମିଳିବ।

## ଏୟାର ଏସିଆର ଟ୍ରାଭେଲ ଫେୟାର ଆରମ୍ଭ

# ଗ୍ରାହକଙ୍କ ପସନ୍ଦ ବାଲି, ବ୍ୟାଙ୍କକ୍

ଭୁବନେଶ୍ୱର,୨-୮(ବ୍ୟୁରୋ)

ପର୍ଯ୍ୟଟନ ବିକାଶକୁ ଧ୍ୟାନରେ ରଖି ପ୍ରମୁଖ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଏୟାର ଏସିଆ ପକ୍ଷରୁ ସ୍ଥାନୀୟ ଏସ୍ପ୍ଲାନେଡ ୱାନ ମଲ୍‌ଠାରେ 'ଟ୍ରାଭେଲ ଫେୟାର' ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ତିନିଦିନ ବ୍ୟାପୀ ଚାଲିବାକୁ ଥିବା ବେଳେ ଦେଶ ତଥା ଅନ୍ତର୍ଜାତୀୟ ଉଡାଣ ଲାଗି ବୁକିଂ ଉପରେ ସିଧାସଳଖ ୨୦% ରିହାତି ଉପଲବ୍ଧ ହେଉଛି। ବୁକିଂ ବେଳେ ଭୁବନେଶ୍ୱରର ଗ୍ରାହକମାନେ ବାଲି ଏବଂ ବ୍ୟାଙ୍କକ ଭଳି ପର୍ଯ୍ୟଟନ ସ୍ଥାନଗୁଡିକୁ ଅଧିକ ପସନ୍ଦ କରୁଥିବା କମ୍ପାନୀ ସେଲ୍‌ସ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ସେ କହିଛନ୍ତି, ଅଫରର ଲାଭ ନେବାକୁ ଲୋକଙ୍କୁ ଫେୟାର ପରିଦର୍ଶନ ନେଇ ଆମନ୍ତ୍ରଣ କରାଯାଉଛି। ଆକର୍ଷଣୀୟ ଡିଲ ସହ ବିଭିନ୍ନ ସୁବିଧା ସୁଯୋଗ ଗ୍ରାହକଙ୍କ ଲାଗି ରହିଛି। ଗତ ବର୍ଷ ଏଭଳି ଫେୟାର ଉକ୍ତ ମଲ୍‌ରେ ଆୟୋଜନ କରିଥିଲୁ। ଏହା ଭଲ ରେସପନ୍ସ ପାଇଥିଲା। ବୁକିଂ ଉପରେ ଆକର୍ଷଣୀୟ ରିହାତି ଥିବାରୁ ଲୋକମାନେ ଏଠାକୁ ଆସି ବୁଝୁଛନ୍ତି। ଗ୍ରାହକଙ୍କୁ ସବୁ ପ୍ରସଙ୍ଗରେ ଜଣାଇବା ଲାଗି ସ୍ୱତନ୍ତ୍ର ଟିମ୍ ଏଠାରେ ରହିଛି। ଡିଲ୍ ନେଇ ଲୋକଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖୁଛୁ। ପ୍ରଥମ ଦିନରେ ବୁକିଂ ଭଲ ରହିଛି। ବୁକିଂ ଉପରେ କୌଣସି ପ୍ରୋସେସିଂ ଫି ରଖାଯାଇ ନାହିଁ। ଗତ ବର୍ଷ ଭଳି ଚଳିତ ବର୍ଷ ମଧ ଭଲ ବୁକିଂ ମିଳିବା ନେଇ ଆଶାବାଦୀ ଥିବା ସେ ପ୍ରକାଶ କରିଛନ୍ତି।



ସେ ଆହୁରି ମଧ କହିଛନ୍ତି, ଅନ୍ୟ ପ୍ରମୁଖ ପର୍ଯ୍ୟଟନ ଡେଷ୍ଟିନେଶନଗୁଡିକ ମଧ୍ୟରେ କାମ୍ବୋଡିଆ, ଫିଲିପାଇନ୍ସ, ଅଷ୍ଟ୍ରେଲିଆ ଏବଂ ଇଣ୍ଡୋନେସିଆ ଭଳି ସ୍ଥାନ ରହିଛି। କେବଳ ଓଡ଼ିଶା ନୁହେଁ ସାରା ଦେଶରେ ବାଲି ଏବଂ ବ୍ୟାଙ୍କକ ଭଳି ସ୍ଥାନଗୁଡିକ ଲାଗି ଗ୍ରାହକଙ୍କ ଅଧିକ ବୁକିଂ ଲାଭ କରୁଥିବା ସେ ସ୍ପଷ୍ଟ କରିଛନ୍ତି। ଏୟାର ଏସିଆ ଇଣ୍ଡିଆ ୨୨ ବିମାନ ସହ ସେବା ଯୋଗାଉଥିବା ବେଳେ ଏୟାର ଏସିଆ ଗ୍ରୁପ ୩୦୦ରୁ ଅଧିକ ବିମାନ ସହ ସେବା ପ୍ରଦାନ କରୁଛି। ଅନ୍ୟ ବିମାନ କମ୍ପାନୀ ତୁଳନାରେ ଭଡା କମ୍ ରଖିଛୁ। ଏଭ୍ରି ୱାନ କ୍ୟାନ ଫ୍ଲାଏ (ସମସ୍ତେ ଉଡନ୍ତୁ) ନୀତି ଉପରେ କାର୍ଯ୍ୟ କରୁଛୁ। ଯାହାକୁ ନେଇ ଲୋକଙ୍କର ଭଲ ରେସପନ୍ସ ପାଉଛୁ।



❝ ପର୍ତ୍ତୁଗୀଜ ଫୁଟ୍‌ବଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍‌ଡୋ ମୋ ପ୍ରେରଣାର ଉତ୍ସ। ସେ ଯେଉଁ କ୍ଲବ ତରଫରୁ ଖେଳିବେ, ସେହି କ୍ଲବ ପ୍ରତି ମୋର ସମର୍ଥନ ରହିବ।

–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



❝ ଚଳିତ ଆଶେସ ସିରିଜରେ ଇଂଲଣ୍ଡ ଅଷ୍ଟ୍ରେଲିଆକୁ ପରାସ୍ତ କରିବ। ଏଥିରେ ଜୋ ରୁଟ୍ ସର୍ବାଧିକ ରନ ଏବଂ କ୍ରିସ୍ ଓକ୍ସ ସର୍ବାଧିକ ଉଇକେଟ ହାସଲ କରିବେ।

–ବ୍ରାଏନ ଲାରା, ୱେଷ୍ଟ ଇଣ୍ଡିଜର ମହାନ୍ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ୪ ଫୁଟ୍‌ବଲର ଆଜୀବନ ବାସନ୍ଦ

କୁଆଲାଲମ୍ପୁର,୨।୮(ଏଏଫ୍‌ପି): ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ କପ୍‌ରେ ମ୍ୟାଚ୍ ଫିକ୍ସିଂ କରିଥିବା ନେଇ ୪ ଜଣ ଫୁଟ୍‌ବଲରଙ୍କୁ ଏଏଫ୍‌ସି ପକ୍ଷରୁ ଶୁକ୍ରବାର ଆଜୀବନ ବାସନ୍ଦ କରାଯାଇଛି। ଡୋରଡୋଇ କ୍ଲବ ପାଇଁ ଖେଳୁଥିବା କିର୍ଗିଜ୍‌ସ୍ତାନର କୁର୍ସାନବେକ ଶେରାତୋଭ ୨୦୧୭ ଏଏଫ୍‌ସି କପ୍‌ରେ ମ୍ୟାଚ୍ ଫିକ୍ସିଂରେ ଜଡ଼ିତ ଥିଲେ। ତାଙ୍କ ବ୍ୟତୀତ ଭ୍ଲାଦିମିର ଭେରେକିନ ଓ ଲିଆଜ ଅଲିମୋଭ ତାଙ୍କ କ୍ଲବ ଏଫ୍‌ସି ଆଲାଇ ପାଇଁ ଗୋଟିଏ କିମ୍ବା ଅଧିକ ମ୍ୟାଚ୍ ଫିକ୍ସିଂ କରିଥିବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଜିକ୍‌ସ୍ତାନର ଅବ୍‌ଦୁଜିଜ ମାକାମୋଭଙ୍କୁ ମଧ୍ୟ ସମାନ କାରଣ ପାଇଁ ଆଜୀବନ ବାସନ୍ଦ କରାଯାଇଛି। ଏଏଫ୍‌ସିର ଡିସିପ୍ଲିନାରି ଓ ଏଥିକ୍ସ କମିଟି ଏହି ଦଣ୍ଡାଦେଶ ଧାର୍ଯ୍ୟ କରିଛି।

### ବିନା ଷ୍ଟିୟରିଂରେ କାର୍‌ର ମଜା ନେଲେ ତେନ୍ଦୁଲକର

ନୂଆଦିଲ୍ଲୀ,୨।୮- ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ସୌଖୀନ ଗାଡ଼ିର ସଉକ ବିଷୟରେ କିଏ ବା ନ ଜାଣେ। ଶୁକ୍ରବାର ସଚିନ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି। ଯେଉଁଥିରେ ତେନ୍ଦୁଲକର ଏକ କାରରେ ବସିଛନ୍ତି, ଯାହାକି ନିଜେ ପରିଚାଳିତ ହେଉଛି। ଏହି ଭିଡିଓଟିକୁ ଦେଖିଲେ ଲାଗୁଛି ଯେପରି କେହି ଅଦୃଶ୍ୟ ଡ୍ରାଇଭର ତାଙ୍କ କାରକୁ ଚଳାଉଛନ୍ତି। କାରଣ ସଚିନ ଡ୍ରାଇଭିଂ ସିଟ୍‌ରେ ନୁହେଁ ବରଂ ପାଖ ସିଟ୍‌ରେ ବସିଛନ୍ତି। କାରଟି ପାର୍କିଂ ଏରିଆରେ ନିଜେ ଆଗକୁ ଯାଉଛି ଏବଂ ଠିକଣା ସ୍ଥାନରେ ବ୍ରେକ୍ ଦେଇ ଆପେ ଅଟକି ଯାଉଛି। କାରଟି ସତେ ଯେପରି ମିଷ୍ଟର ଇଣ୍ଡିଆ (ଅନୀଲ କପୁର) ଚଳାଉଥିବା ମନେ ହେଉଛି ବୋଲି ମାଷ୍ଟର ବ୍ଲାଷ୍ଟର କହିଛନ୍ତି। ନିଜ ଗ୍ୟାରେଜ୍‌ରେ ସ୍ୱୟଂଚାଳିତ କାରର ମଜା ଏକ ରୋମାଞ୍ଚକ ଅନୁଭବ ବୋଲି ସଚିନ୍ କହିଛନ୍ତି। ଏହା ମୋର ପ୍ରଥମ ବିନା ଡ୍ରାଇଭର କାର୍ ବୋଲି ସେ କହିଛନ୍ତି।

### ଜୟଦୁର୍ଗାକୁ ହରାଇଲା ରାଧାରମଣ

କଟକ ଅଫିସ, ୨।୮- କଟକରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ରାଧାରମଣ କ୍ଲବ ବିଜୟୀ ହୋଇଛି। ରାଧାରମଣ ୪-୦ ଗୋଲ୍‌ରେ ଜୟଦୁର୍ଗା କ୍ଲବକୁ ପରାସ୍ତ କରିଥିଲା। ପଞ୍ଚମ ମିନିଟ୍‌ରେ ଧୀରଜ ପ୍ରକାଶ ମେହେର, ୧୭ତମ ମିନିଟ୍‌ରେ ଅର୍ଜୁନ ନାୟକ ଗୋଟିଏ ଲେଖାଏ ଗୋଲ୍ ଦେଇ ରାଧାରମଣକୁ ପ୍ରଥମାର୍ଦ୍ଧରେ ଅଗ୍ରଣୀ ରଖିଥିଲେ। ଦ୍ୱିତୀୟାର୍ଦ୍ଧର ୫୦ତମ ମିନିଟ୍‌ରେ ରାଧାରମଣର ଧନଞ୍ଜୟ ମାଝି ଦଳ ନିମନ୍ତେ ତୃତୀୟ ଗୋଲ୍ ସ୍କୋର କରିଥିଲେ। ୬୭ତମ ମିନିଟ୍‌ରେ ଜୟଦୁର୍ଗାର ଇମାନୁଏଲ ତିର୍କୀ ଏକ ଆତ୍ମଘାତୀ ଗୋଲ ଦେବା ଫଳରେ ରାଧାରମଣ ଉକ୍ତ ମ୍ୟାଚ୍‌କୁ ୪-୦ ଗୋଲ୍‌ରେ ଜିତିଛି।

# ଆଶେସ: ରୋରିଙ୍କ ଶତକ

ବର୍ମିଂହାମ,୨।୮(ପି.ଟି.)

ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଆଶେସ୍ ଟେଷ୍ଟରେ ଘରୋଇ ଇଂଲଣ୍ଡ ପ୍ରାରମ୍ଭିକ ଝଟ୍‌କା ଖାଇବା ସତ୍ତ୍ୱେ ଭଲ ପ୍ରଦର୍ଶନ କରିଛି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ଇନିଂସରେ ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍‌ଙ୍କ ୧୪୪ ରନର ଶତକୀୟ ପାଳି ବଳରେ ୮୦.୪ ଓଭରରେ ୨୮୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ଓପନର ରୋରି ବର୍ନ୍ସଙ୍କ ଅପରାଜିତ ଶତକ ସହାୟତା ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୪ ଉଇକେଟ ହରାଇ ୨୬୭ ରନ ସଂଗ୍ରହ କରିଛି। ଫଳରେ ୬ ଉଇକେଟ ହାତରେ ରଖି ଇଂଲଣ୍ଡ ଏବେ ମାତ୍ର ୧୭ ରନ ପଛରେ ପଡିଛି। ଇଂଲଣ୍ଡ ଏବେ ବୃହତ୍ ଅଗ୍ରଣୀ ହାସଲ କରିବାର ସମ୍ଭାବନା ସୃଷ୍ଟି କରିଛି। ଷ୍ଟମ୍ପ ଅପସାରଣ ବେଳକୁ ରୋରି ୧୨୫ (୨୮୨ ବଲ, ୧୬ ଚୌକା) ରନର ଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ସେହିପରି ବେନ୍ ଷ୍ଟୋକ୍ସ ୩୮ ରନ କରି ଅପରାଜିତ ରହିଛନ୍ତି।

ପ୍ରଥମ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୦/୦ରୁ ଇଂଲଣ୍ଡ ଶୁକ୍ରବାର ଖେଳ ଆରମ୍ଭ କରିଥିଲା। ରୋରୀ ୪ ରନରୁ ଇନିଂସ ଆରମ୍ଭ କରି ଶତକ ହାସଲ କରିଛନ୍ତି। ସେହିପରି ଜାସନ ରୟ ୬ ରନରୁ ଖେଳ ଆରମ୍ଭ କରି ଆଉ ମାତ୍ର ୪ ରନ ଅଧିକ କରିବା ସହ ୧୦ ରନ କରି ଜେମ୍ସ ପାଟିନସନଙ୍କ ବଲ୍‌ରେ ସ୍ମିଥ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଧିନାୟକ ଜୋ ରୁଟ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳି କ୍ରିଜ୍‌ରେ ଜମିଆସୁଥିବା ବେଳେ ପିଟର ସିଡଲଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଏହାପରେ ୧୮ ରନ କରିଥିବା ବେଳେ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଜୋ ଡେନ୍‌ଲି ଜେମ୍ସ ପାଟିନସନଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ଆଉଟ ହୋଇଥିଲେ। ଏହା ପରେପରେ ବ୍ୟାଟିଂ କରିବାକୁ ଅସିଥିବାର ଜୋ ବଟଲର ମାତ୍ର ୫ ରନ କରିଥିବା ପ୍ୟାଟ୍ କୁମିନ୍ସଙ୍କ ବଲ୍‌ରେ କାମେରୋନ ବ୍ୟାଙ୍କ୍ରଫ୍ଟଙ୍କୁ କ୍ୟାଚ ନେଇ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ପାଟିନସନ ୨, କୁମିନ୍ସ ଓ ସିଡଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଛନ୍ତି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆର ୫ଜଣ ବ୍ୟାଟ୍ସମ୍ୟାନଙ୍କୁ ବାଦ୍ ଦେଲେ ବାକି ସମସ୍ତେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ସ୍ମିଥ୍ ୧୪୪ରନର ଶତକୀୟ ପାଳି ଖେଳିଥିବା ବେଳେ ସିଡଲ ୪୪, ଟ୍ରାଭିସ୍ ହେଡ ୩୫, ଉସ୍‌ମାନ ଖ୍ୱାଜା ୧୩ ରନ କରି ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ– ୮୦.୪ ଓଭରରେ ୨୮୪ ଅଲଆଉଟ୍। (ସ୍ମିଥ୍– ୧୪୪, ସିଡଲ– ୪୪, ବ୍ରଡ– ୫/୮୬, ଓକ୍ସ– ୩/୫୮)।

ଇଂଲଣ୍ଡ ପ୍ରଥମ ଇନିଂସ– ୯୦ ଓଭରରେ ୨୬୭/୪ (ରୋରି– ୧୨୫*, ଷ୍ଟୋକ୍ସ– ୩୮*, ରୁଟ୍– ୫୭, ପାଟିନସନ– ୨/୫୪)



ଶତକ ହାସଲ ଅବସରରେ ଶଟ୍ ଖେଳୁଛନ୍ତି ରୋରି ବର୍ନ୍ସ।

# ଓସିଏ: ଖେଳାଳି ଚୟନରେ ଅନିୟମିତତା ଅଭିଯୋଗ

କଟକ ଅଫିସ, ୨।୮

ଖେଳାଳି ଚୟନରେ ପୁଣି ହୋଇଛି ଅନିୟମିତତା। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଲୋଧା କମିଟିର ସୁପାରିସକୁ ଉଲ୍ଲଙ୍ଘନ କରିଛି। ବିନା ଟ୍ରାଏଲ ମ୍ୟାଚ୍ କିମ୍ବା ମନୋନୟନ କମିଟିର ପରାମର୍ଶରେ ଗତ ୧୭ ତାରିଖରେ ରାଜ୍ୟ ସିନିୟର ସମ୍ଭାବ୍ୟ ଦଳ ଚୟନ କରାଯାଇଛି। ଏହି ଅଭିଯୋଗ ଆଣିଛି ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନ। ସଂଗଠନର ଆବାହକ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ), କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ)କୁ ଚିଠି ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗତ ଜୁଲାଇ ୧୭ ତାରିଖରେ ଓସିଏର ୩୦ ଜଣିଆ ସିନିୟର ସମ୍ଭାବ୍ୟ ଖେଳାଳି ତାଲିକା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୨୦୧୮ ଅଗଷ୍ଟ ୯ ତାରିଖରେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ଯେଉଁଥିରେ ପାଞ୍ଚ ଜଣିଆ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇ ଦଳ ଚୟନ କରିବାକୁ ନିର୍ଦ୍ଦେଶ ଥିଲା। ୨୬(କ)୧ ଧାରାକୁ ଉଲ୍ଲଙ୍ଘନ କରାଯାଇ ଓସିଏ ପକ୍ଷରୁ ଖେଳାଳି ଚୟନ କରାଯାଇଛି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏହାଛଡ଼ା ଓସିଏର ଜଣେ ବରିଷ୍ଠ ଅଧିକାରୀଙ୍କ ଦୁଇ ସମ୍ପର୍କୀୟ ୩୦ଜଣିଆ ଦଳରେ ସ୍ଥାନ ପାଇଛନ୍ତି, ଯାହା ବିସିସିଆଇର ସମ୍ବିଧାନ ୩୮(ଭି) ଅନୁଯାୟୀ, ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପରିସ୍ଥିତି ସୃଷ୍ଟି ହୋଇଛି। ଆଗାମୀ ଦିନରେ ଓସିଏର ନିର୍ବାଚନ ଥିବା ବେଳେ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଏପରି କରାଯାଇଛି। କୌଣସି ଖେଳାଳି ଟ୍ରାଏଲକୁ ଓହ୍ଲାଇ ନାହାନ୍ତି। ତଥାପି କିପରି ଖେଳାଳି ବଛାଗଲା ବୋଲି ସଂଗଠନ ଆବାହକ ସୁବ୍ରତ ପ୍ରଶ୍ନ କରିଛନ୍ତି। ଲୋଧା କମିଟିର ସୁପାରିଶକୁ ଅଣଦେଖା କରାଯାଉଥିବାରୁ ଆଗାମୀ ଦିନରେ ଏହା ଭାରି ପଡ଼ିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଓସିଏ ସିନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ରଣଜୀ ଦଳ ଚୟନ କରାଯାଇଛି ବୋଲି ଯେଉଁ ଖବର ପ୍ରଚାର ହେଉଛି ତାହା ମିଛ। କେବଳ ସିନିୟର ଖେଳାଳି ନୁହଁନ୍ତି ୩୦ଜଣରେ ୨୩ବର୍ଷରୁ ଓ ୧୯ବର୍ଷରୁ କମ ଖେଳାଳି ମଧ୍ୟ ଅଛନ୍ତି। ଗତ ସିଜନରେ ବିଭିନ୍ନ ବୟସ ବର୍ଗରେ ଯେଉଁମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ ସେମାନେ ଏହି ୩୦ଜଣିଆ ଦଳରେ ଅଛନ୍ତି। ରାଜ୍ୟରେ କିଛି ଖେଳାଳି ଅଛନ୍ତି ଯେଉଁମାନଙ୍କୁ ଆଗାମୀ ସିଜନରେ ମଧ୍ୟ ବାଦ ଦିଆଯାଇ ପାରିବ ନାହିଁ। କେବଳ ଫିଟନେସ୍ ବଜାୟ ରଖିବାକୁ ଏହି ତାଲିକା ଘୋଷଣା ହୋଇଛି ବୋଲି ବିଷ୍ଣୁଦେବ କହିଛନ୍ତି।



କଟକରେ ଚାଲିଥିବା ପ୍ରଥମ ଡିଭିଜନ ଫୁଟବଲ ଲିଗ୍‌ର ଶୁକ୍ରବାର ରାଧାରମଣ ଓ ଜୟଦୁର୍ଗା କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ରସେଲଙ୍କ ସ୍ଥାନରେ ମହମ୍ମଦ

ଲଡରହିଲ୍ (ଯୁକ୍ତରାଷ୍ଟ୍ର ଆମେରିକା), ୨।୮ (ପି.ଟି.) ଆଘାତପ୍ରାପ୍ତ ୱେଷ୍ଟଇଣ୍ଡିଜ ଖେଳାଳି ଆନ୍ଦ୍ରେ ରସେଲ ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ଦୁଇଟି ମ୍ୟାଚ ଖେଳି ପାରିବେ ନାହିଁ। ତାଙ୍କ ସ୍ଥାନରେ ଜାସନ ମହମ୍ମଦଙ୍କୁ ଦଳରେ ସାମିଲ କରିବା ଲାଗି ଶୁକ୍ରବାର ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ୩୨ବର୍ଷୀୟ ମହମ୍ମଦ ପୂର୍ବରୁ ସୀମିତ ଓଭରର ଦୁଇଟି ଫର୍ମାଟରେ ୱେଷ୍ଟଇଣ୍ଡିଜ ଦଳର ଅଧିନାୟକତ୍ୱ କରିସାରିଛନ୍ତି। ଏକ ବର୍ଷ ପରେ ସେ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାରେ ଖେଳାଯିବାକୁଥିବା ଭାରତ ବିପକ୍ଷ ପ୍ରଥମ ଦୁଇଟି ଟି୨୦ ପାଇଁ ରସେଲ ୱେଷ୍ଟଇଣ୍ଡିଜର ୧୪ ଜଣିଆ ଦଳରେ ସ୍ଥାନ ପାଇଥିଲେ। ମାତ୍ର ଏହି ଅଲ୍‌ରାଉଣ୍ଡର କାନାଡାରେ ଜିଟି୨୦ ଟୁର୍ନାମେଣ୍ଟ ଖେଳୁଥିବାବେଳେ ଆଘାତପ୍ରାପ୍ତ ହୋଇଥିଲେ। ୱେଷ୍ଟଇଣ୍ଡିଜର କାମଚଳା ମୁଖ୍ୟ କୋଚ୍ ଫ୍ଲଏଡ୍ ରିଫର କହିଛନ୍ତି ମହମ୍ମଦଙ୍କର ସମସ୍ତ ତିନୋଟି ଫର୍ମାଟରେ ବହୁ ଅଭିଜ୍ଞତା ରହିଛି। ତାଙ୍କୁ ଦଳକୁ ସ୍ୱାଗତ କରାଯାଉଛି। ତେବେ ଆନ୍ଦ୍ରେ ରସେଲଙ୍କ ଭଳି ଖେଳାଳିଙ୍କ ଅଭାବ ପୂରଣ କରି ହେବନାହିଁ। ରସେଲ ଟି୨୦ କ୍ରିକେଟରେ ସମଗ୍ର ବିଶ୍ୱରେ ପ୍ରଭାବ ବିସ୍ତାର କରିଛନ୍ତି। ୱେଷ୍ଟଇଣ୍ଡିଜକୁ ଦୁଇଥର ଆଇସିସି ଟି୨୦ ବିଶ୍ୱକପ୍ ଜିତାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

# ଜାତୀୟ ଟେନିସ କ୍ରିକେଟରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨।୮(କ୍ରୀଡ଼ା ପ୍ରତିନିଧି)

ଆସନ୍ତା ସେପ୍ଟେମ୍ବର-ଅକ୍ଟୋବରରେ ୩ଟି ଜାତୀୟ ଟେନିସ୍ କ୍ରିକେଟ ପ୍ରତିଯୋଗିତା ଦେଶର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ। ଟେନିସ୍ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ଅନୁମୋଦନକ୍ରମେ ମଧ୍ୟପ୍ରଦେଶ ଟେନିସ୍ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଇନ୍ଦୋରଠାରେ ଜାତୀୟ ସବ୍‌ଜୁନିୟର (୧୪ବର୍ଷରୁ କମ୍), ଉତ୍ତରପ୍ରଦେଶ ଟେନିସ୍ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ମଥୁରାଠାରେ ଜାତୀୟ ଜୁନିୟର(୧୭ବର୍ଷରୁ କମ୍) ଏବଂ ଛତିଶଗଡ଼ ଟେନିସ୍ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବିଳାସପୁରଠାରେ ଜାତୀୟ ସିନିୟର ପୂର୍ବାଞ୍ଚଳ ଟେନିସ୍ କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହେବ। ଏହି ୩ଟି ଯାକ ପ୍ରତିଯୋଗିତାରେ ଓଡ଼ିଶା ଅଂଶଗ୍ରହଣ କରିବ ବୋଲି ଓଡ଼ିଶା ରାଜ୍ୟ ଟେନିସ୍ କ୍ରିକେଟ ଆସୋସିଏଶନ ସମ୍ପାଦକ ରିଣ୍ଟୁ ମିତ୍ର ପ୍ରକାଶ କରିଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳର ମନୋନୟନ ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ନହରକଣ୍ଟାସ୍ଥିତ ଜୟଦେବ କଲେଜ ପଡ଼ିଆରେ ଆସନ୍ତା ୧୦ରୁ ଚୟନ ଟ୍ରାଏଲ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଯେକୌଣସି ସ୍ଥାନରୁ ଖେଳାଳିମାନେ ଅଂଶଗ୍ରହଣ କରିପାରିବେ ବୋଲି ରିଣ୍ଟୁ ସ୍ପଷ୍ଟ କରିଛନ୍ତି। ଓଡ଼ିଶାରେ ଟେନିସ୍ କ୍ରିକେଟର ପ୍ରଚାର ପ୍ରସାର ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ତେଣୁ ରାଜ୍ୟର ଯେକୌଣସି ସ୍ଥାନରୁ ପ୍ରତିଭାସମ୍ପନ୍ନ ଖେଳାଳି ମିଳିଲେ, ଆମେ ତାଙ୍କୁ ନିଶ୍ଚିତ ସୁଯୋଗ ଦେବୁ ବୋଲି ସେ କହିଛନ୍ତି। ପ୍ରକାଶଯୋଗ୍ୟ, ଜାତୀୟ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ଭାରତୀୟ ଦଳ ଚୟନ ହେବ। ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତ କରି ସେଠାରେ ସିରିଜ ଖେଳିବ। ଏଠାରେ ସୂଚାଇ ଦିଆଯାଇପାରେ ଯେ, ଭାରତୀୟ ଦଳ ଆସନ୍ତା ଏପ୍ରିଲରେ ଆମେରିକାର ନ୍ୟୁଜର୍ସିଠାରେ ଏକ ତ୍ରିରାଷ୍ଟ୍ରୀୟ ଟୁର୍ନାମେଣ୍ଟ ୱେଷ୍ଟଇଣ୍ଡିଜ ଓ ନ୍ୟୁଜିଲାଣ୍ଡ ସହିତ ଖେଳିବ।

# ‘ଫୁଟ୍‌ବଲ ପାଇଁ ପ୍ରତିଭା ଅନ୍ୱେଷଣ ଗୁରୁତ୍ୱପୂର୍ଣ୍ଣ’

ଭୁବନେଶ୍ୱର, ୨।୮ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ଏବଂ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ମିଳିତ ଆନୁକୂଲ୍ୟରେ ଏକ ଦୁଇ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଫୁଟ୍‌ବଲ ଟିମ୍‌ର ନବ ନିଯୁକ୍ତ ବୈଷୟିକ ନିର୍ଦ୍ଦେଶକ ଇସାକ୍ ଦୋରୁଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଫୁଟ୍‌ବଲ ପାଇଁ ପ୍ରତିଭା ଖୋଜି ବାହାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଏହି ଅବସରରେ ଦୋରୁ ପ୍ରକାଶ କରିଛନ୍ତି। ଏହାଛଡ଼ା ରାଜ୍ୟରେ ଫୁଟ୍‌ବଲର ବିକାଶ ଏବଂ ପ୍ରତିଭା ଅନ୍ୱେଷଣ ସମ୍ପର୍କରେ ରହିଥିବା ବିଭିନ୍ନ ପ୍ରକାର ପଦ୍ଧତି ସମ୍ପର୍କରେ ସେ ବ୍ୟାଖ୍ୟା କରିଥିଲେ। ଜ୍ଞାନ ଏବଂ ଅଭିଜ୍ଞତା ବଣ୍ଟୁଆରା ପାଇଁ କର୍ମଶାଳା ହେଉଛି ଏକ ଭଲ ପ୍ଲାଟଫର୍ମ। ଏଥିରେ ଅଂଶଗ୍ରହଣ ଦ୍ୱାରା କୋଚ୍‌ମାନେ ବିଭିନ୍ନ ସ୍ପୋର୍ଟ୍ସ ହଷ୍ଟେଲରୁ ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ଚିହ୍ନଟ କରିବାର ଉପାୟ ଜାଣି ପାରିବେ। ଉଦୀୟମାନ ଫୁଟ୍‌ବଲ ଖେଳାଳିଙ୍କୁ ଉନ୍ନତ ତାଲିମ ଦେଇପାରିବେ। ରାଜ୍ୟ ସରକାର ଓଡ଼ିଶାରେ ଫୁଟ୍‌ବଲ ଖେଳର ସାମଗ୍ରିକ ବିକାଶ ପାଇଁ ଆଗ୍ରହୀ। ଏହି ଭଳି କର୍ମଶାଳାର ଆୟୋଜନ ଦ୍ୱାରା ଉନ୍ନତମାନର କୋଚ୍ ସୃଷ୍ଟି ହୋଇପାରିବେ ବୋଲି ଦୋରୁ କହିଛନ୍ତି।



କର୍ମଶାଳାରେ ନିଜର ମତ ରଖୁଛନ୍ତି ଇସାକ୍ ଦୋରୁ।

# ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲରେ ୨୪ ଦଳ

ଭୁବନେଶ୍ୱର, ୨।୮(କ୍ରୀଡ଼ା ପ୍ରତିନିଧି)

ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଲାଇଟ୍ କପ୍ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଚଳିତମାସ ୫ରୁ ଆରମ୍ଭ ହେବ। ୟୁନିଟ୍-୬ ବାଳକ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଏହା ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଚାଲିବ। ଟୁର୍ନାମେଣ୍ଟର ୩୦ତମ ସଂସ୍କରଣରେ ଏଥର ମୋଟ ୨୪ଟି ଦଳ ଅଂଶଗ୍ରହଣ କରିବେ। ଦଳଗୁଡ଼ିକୁ ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ପ୍ରତି ଗ୍ରୁପ୍‌ରେ ୩ଟି ଲେଖାଏ ଦଳକୁ ସ୍ଥାନିତ କରାଯାଇଛି। ଗ୍ରୁପ୍ ଏ’ରେ ୟୁନିଟ୍-୨ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, କିସ୍, ଆଇଆର୍‌ସି ସରକାରୀ ଉଚ୍ଚ ବିଦ୍ୟାଳୟ, ଗ୍ରୁପ୍ ବି’ରେ କଳିଙ୍ଗ ବିଦ୍ୟାପୀଠ, ଗଣ୍ଡରପୁର ଶ୍ରୀ ଅରବିନ୍ଦ ନୋଡାଲ ବିଦ୍ୟାପୀଠ, ଲୟୋଲା ଓଡ଼ିଆ ସ୍କୁଲ, ଗ୍ରୁପ୍ ସି’ରେ ଡିଏଭି ଚନ୍ଦ୍ରଶେଖରପୁର, ମଦର୍ସ ପବ୍ଲିକ ସ୍କୁଲ, ରାମକୃଷ୍ଣ ଶିକ୍ଷାକେନ୍ଦ୍ର, ଗ୍ରୁପ୍ ଡି’ରେ ଟାଇମ୍ସ ଗୁରୁକୁଳ, ବିଜେଇଏମ୍-୧, ଡିଏମ୍ ସ୍କୁଲ, ଗ୍ରୁପ୍ ଇ’ରେ ଫ୍ୟୁଚର ଭୁବନେଶ୍ୱର ସ୍କୁଲ, ଡିଏଭି ପୋଖରୀପୁଟ, ସୈନିକ ସ୍କୁଲ, ଗ୍ରୁପ୍ ଏଫ୍’ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଜାଭିୟର ଖଣ୍ଡଗିରି, ୟୁନିଟ୍-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଏବଂ ଗ୍ରୁପ୍ ଏଚ୍’ରେ ବିକାଶ ରେସିଡେନ୍ସିଆଲ ସ୍କୁଲ, ବିଜେଇଏମ୍-୨, ୟୁନିଟ-୩ କ୍ୟାପିଟାଲ ହାଇସ୍କୁଲ ସ୍ଥାନ ପାଇଛନ୍ତି। ଟୁର୍ନାମେଣ୍ଟର ଲିଗ୍ ମ୍ୟାଚ୍‌ଗୁଡ଼ିକ ଅଗଷ୍ଟ ୫ରୁ ୨୪ ପର୍ଯ୍ୟନ୍ତ ଚାଲିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ନକ୍‌ଆଉଟ ଭିତ୍ତିରେ କ୍ୱାର୍ଟର ଫାଇନାଲ ଅଗଷ୍ଟ ୨୬ ଓ ୨୭, ସେମିଫାଇନାଲ ୨୯ ଓ ୩୦ ଏବଂ ଫାଇନାଲ ସେପ୍ଟେମ୍ବର ୧ ତାରିଖରେ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ସୂଚନା ଦେଇଛନ୍ତି।

ପ୍ରତି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାରରେ ସମ୍ମାନିତ କରାଯିବ। ଏଥର ଟୁର୍ନାମେଣ୍ଟରେ ଲୟୋଲା ଓଡ଼ିଆ ସ୍କୁଲ ପ୍ରଥମଥର ପାଇଁ ଭାଗନେବାକୁ ଯାଉଛି। ସେହିପରି ଦୀର୍ଘ ବ୍ୟବଧାନ ପରେ ଡିଏମ୍ ସ୍କୁଲ ପୁଣି ପ୍ରତିଯୋଗିତାକୁ ଫେରିଛି। ପ୍ରତି ସ୍କୁଲରୁ ୧୮ ଖେଳାଳି, କୋଚ୍ ଓ ମ୍ୟାନେଜର ମିଶି ୨୦ ଜଣ ଅଂଶଗ୍ରହଣ କରିବେ। ଭାଗନେବାକୁ ଯାଉଥିବା ଖେଳାଳିଙ୍କ ବୟସସୀମା ୧୭ ବର୍ଷ ଧାର୍ଯ୍ୟ କରାଯାଇଛି। ରାଜ୍ୟରେ ପ୍ରଥମଥର ପାଇଁ ଅଂଶଗ୍ରହଣକାରୀ ଖେଳାଳିଙ୍କୁ ଆୟୋଜକ ଆସୋସିଏଶନ ପକ୍ଷରୁ ବୀମା ପରିସରଭୁକ୍ତ କରାଯାଇଛି, ଯାହାର ବୈଧତା ୧ ବର୍ଷ ରହିବ। ପ୍ରତିଯୋଗିତା ପାଇଁ ୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ବୋଲି ଦିଲୀପ କହିଛନ୍ତି। ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ପ୍ରିୟନାଥ ମିଶ୍ରଙ୍କୁ ସଂଗଠନ କମିଟିର ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ରାଜ୍ୟରେ ବିଶେଷକରି ଭୁବନେଶ୍ୱରରେ ଫୁଟ୍‌ବଲର ପ୍ରଚାର ପ୍ରସାର ପାଇଁ ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନର ଉଦ୍ୟମ ଅବ୍ୟାହତ ରହିଛି। ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ହେଁ ୩ ବୟସ ବର୍ଗରେ ୧୦୦ରୁ ଅଧିକ ଖେଳାଳିଙ୍କୁ ନେଇ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ତାଲିମ ଶିବିର ସଫଳତାର ସହ ସମ୍ପନ୍ନ ହୋଇଛି ବୋଲି ସମ୍ପାଦକ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଆସୋସିଏଶନ ସଭାପତି ତପନ ମହାନ୍ତି, ଉପସଭାପତି ନବରଞ୍ଜନ ପଟ୍ଟନାୟକ, ପ୍ରଫୁଲ୍ଲ ମିଶ୍ର, ଯୁଗ୍ମ ସମ୍ପାଦକ ଗିରିଜା ଦାସ, ପରାମର୍ଶଦାତା ତଥା ଭଲିବଲ ପ୍ରଶିକ୍ଷକ ଅମିୟ ମିଶ୍ର, ଅବ୍‌ଦୁଲ କରିମ୍ ଖାଁ, ପ୍ରଦୀପ ଦାସ ଓ ପ୍ରିୟନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




କର୍ମକର୍ତ୍ତାମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।



ବଲ୍ ଟ୍ୟାମ୍ପରିଂ ମାମଲା ଯୋଗୁ ଖେଳକୁ ଫେରିବା ନେଇ ମୋର ସନ୍ଦେହ ଥିଲା, ମାତ୍ର ଆଶେସ ଓପନିଂ ଟେଷ୍ଟରେ ଶତକ ପରେ ଏହି ଆଶଙ୍କା ଦୂର ହୋଇଛି।
–ଷ୍ଟିଭ୍ ସ୍ମିଥ୍, ଅଷ୍ଟ୍ରେଲିଆ ପୂର୍ବତନ ଅଧିନାୟକ



ଭାରତୀୟ କ୍ରିକେଟ ଦଳର କୋଚ୍ ହେବାକୁ ମୋର ଇଚ୍ଛା ଅଛି, କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ହାଇପ୍ରୋଫାଇଲ ପଦବୀ ପାଇଁ ମୁଁ ଆଗ୍ରହୀ ନୁହେଁ।
–ସୌରଭ ଗାଙ୍ଗୁଲି, ପୂର୍ବତନ ଅଧିନାୟକ

## ସଂକ୍ଷେପରେ

### କୋହଲିଙ୍କ ଫଟୋ ଉପରେ ପ୍ରଶ୍ନ ଉଠାଇଲେ ପ୍ରଶଂସକ

ନୂଆଦିଲ୍ଲୀ,୨।୮- ଭାରତୀୟ କ୍ରିକେଟ ଦଳ ୱେଷ୍ଟଇଣ୍ଡିଜ ବିପକ୍ଷରେ ତିନି ଟି ୨୦ ମ୍ୟାଚ୍ ଖେଳିବା ପାଇଁ ଆମେରିକା ଗସ୍ତରେ ଯାଇଛି। ଫ୍ଲୋରିଡାଠାରେ ଶନିବାର ପ୍ରଥମ ଟି ୨୦ ମ୍ୟାଚ୍ ଖେଳାଯିବା ପୂର୍ବରୁ ଖେଳାଳିମାନେ ଅଭ୍ୟାସ କରିବା ସହ ସୋସିଆଲ ମିଡିଆରେ ଫଟୋ ଶେୟାର କରୁଛନ୍ତି। ନିକଟରେ ଅଧିନାୟକ ବିରାଟ କୋହଲି ମଧ୍ୟ ଦଳର ଅନ୍ୟ ସଦସ୍ୟଙ୍କ ସହ ଫଟୋକୁ ଟୁଇଟରରେ ଶେୟାର କରିଥିଲେ। ସେ ଏହାର କ୍ୟାପଶନ ଦେଇଥିଲେ 'ସ୍କ୍ୱାଡ'। ଏହି ଫଟୋରେ ରବୀନ୍ଦ୍ର ଜାଡେଜା, ନବଦୀପ ସାଇନି, ଖଲିଲ ଅହମ୍ମଦ, ଶ୍ରେୟାସ ଆୟାର, କ୍ରୁନାଲ ପାଣ୍ଡ୍ୟା, ଭୁବନେଶ୍ୱର କୁମାର ଓ ଲୋକେଶ ରାହୁଲ ଥିଲେ। କିନ୍ତୁ ଉପଅଧିନାୟକ ରୋହିତ ଶର୍ମା ନ ଥିଲେ। ଏଥିନେଇ ପ୍ରଶଂସକମାନେ ପ୍ରଶ୍ନ ଉଠାଇଛନ୍ତି। ବର୍ତ୍ତମାନ ଦଳର ଅଧିନାୟକ ଓ ତାଙ୍କ ଡେପୁଟିଙ୍କ ମଧ୍ୟରେ ମତପ୍ରାର୍ଥକ୍ୟ ନେଇ ଆଲୋଚନା ହେଉଥିବାବେଳେ କୋହଲିଙ୍କ ଫଟୋରେ ରୋହିତଙ୍କ ଅନୁପସ୍ଥିତିରେ ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ କରିଛି। ବହୁ ପ୍ରଶଂସକ ରୋହିତ କେଉଁଠାରେ ବୋଲି ପ୍ରଶ୍ନ ଉଠାଇଛନ୍ତି। ଉଲ୍ଲେଖଥାଉ କି, ସେମିଫାଇନାଲରେ ପରାସ୍ତ ହୋଇ ଭାରତ ବିଶ୍ୱକପ୍‌ରୁ ବିଦାୟ ନେବା ପରେ ଦୁଇ ଖେଳାଳିଙ୍କ ମତ ପାର୍ଥକ୍ୟ ନେଇ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଛି। ତେବେ ୱେଷ୍ଟଇଣ୍ଡିଜ ଗସ୍ତ ପୂର୍ବରୁ କୋହଲି ଖବରଦାତା ସମ୍ମିଳନୀରେ ମତପାର୍ଥକ୍ୟ ଥିବା ଚର୍ଚ୍ଚକୁ ଖଣ୍ଡନ କରିଥିଲେ।

### ସେମିରେ ରାଙ୍କୀରେଡ୍ଡୀ-ଶେଟ୍ଟି

ବ୍ୟାଙ୍କକ୍,୨।୮(ପିଟି)- ଭାରତୀୟ ସାତ୍ୱିକ ସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ପୁରୁଷ ଡବଲ୍ସ ଯୋଡ଼ି ଏଠାରେ ଚାଲିଥିବା ଥାଇଲାଣ୍ଡ ଓପନ୍‌ର ସେମିଫାଇନାଲରେ ପ୍ରବେଶ କରିଥିଲେ। ରାଙ୍କୀରେଡ୍ଡୀ ଓ ଶେଟ୍ଟି ୨୧-୧୭, ୧୭-୨୧, ୨୧-୧୯ ଗେମ୍‌ରେ କ୍ୱାଲିଫାୟର ଚୋଇ ସୋଲ୍‌ଗ୍ୟୁ ଓ ସିଓ ସିଅଙ୍ଗଙ୍କୁ ପରାସ୍ତ କରିଛନ୍ତି। ଏହି କୋରିଆନ ଖେଳାଳି ଦ୍ୱୟଙ୍କ ବିପକ୍ଷରେ ଭାରତୀୟ ଯୋଡ଼ିଙ୍କ ର ଏହା ପ୍ରଥମ ବିଜୟ। ୧୬ତମ ର୍‍ୟାଙ୍କ୍ ରାନକୀରେଡ୍ଡୀ-ଶେଟି ସେମିଫାଇନାଲରେ କୋ ସଙ୍ଗ୍ ହ୍ୟୁନ୍ ଓ ଶିନ୍ ବେକ ଚେଓଲଙ୍କ ଯୋଡ଼ି ସହ ମୁକାବିଲା କରିବେ।

### ପାଟ୍ରିକ ଦିଲ୍ଲୀ କ୍ୟାପିଟାଲ୍ସ ଫିଜିଓ

ନୂଆଦିଲ୍ଲୀ,୨।୮- ଭାରତୀୟ ଦଳର ପୂର୍ବତନ ଫିଜିଓ ପାଟ୍ରିକ ଫର୍ହାଟ ଆଇପିଏଲ ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗ ଦେଇଛନ୍ତି। ସେ ଆସନ୍ତା ୩ ବର୍ଷ ଲାଗି ଦଳର ଫିଜିଓ ଦାୟିତ୍ୱରେ ରହିବେ। ଫର୍ହାଟଙ୍କ ସଫଳ କାର୍ଯ୍ୟକାଳ ଗତ ବିଶ୍ୱକପ୍‌ରେ ଭାରତୀୟ ଦଳର ଅଭିଯାନ ସହ ଶେଷ ହୋଇଛି। ସେ ପୂର୍ବରୁ କିଙ୍ଗ୍ସ ଏକାଦଶ ପଞ୍ଜାବ ଓ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଦାୟିତ୍ୱରେ ଥିଲେ। ପୁଣି ଥରେ ଇଣ୍ଡିଆନ ପ୍ରିମିୟର ଲିଗ୍ କାର୍ଯ୍ୟ କରିବାକୁ ସୁଯୋଗ ମିଳିଥିବାରୁ ମୁଁ ଖୁସି।

# ଭାରତ-ୱେଷ୍ଟଇଣ୍ଡିଜ୍ ପ୍ରଥମ ଟି୨୦ ଆଜି

ଲଡରହିଲ୍ (ଆମେରିକା), ୨।୮(ପି.ଟି.)

ବିଶ୍ୱକପ୍‌ପରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବାକୁ ଯାଉଛି। ବିଶ୍ୱକପ୍‌ରେ ହଟ୍ ଫେଭରାଇଟ ବିବେଚିତ ହେଉଥିବା ଭାରତ ସେମିଫାଇନାଲରେ ଅପ୍ରତ୍ୟାଶିତ ଭାବେ ପରାସ୍ତ ହୋଇ ବିଦାୟ ନେଇଥିଲା। ଏହି ବିଫଳତାକୁ ପଛରେ ପକାଇ ଭାରତ ୱେଷ୍ଟଇଣ୍ଡିଜ ଗସ୍ତରେ ଶନିବାର ଫ୍ଲୋରିଡାର ସ୍ଥାନୀୟ ସେଣ୍ଟ୍ରାଲ ବ୍ରୱାର୍ଡ ରିଜିଓନାଲ ପାର୍କ ଷ୍ଟାଡିୟମରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମୁକାବିଲାରେ ଅବତୀର୍ଣ୍ଣ ହେବ। ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବ। ଫଳରେ ଭାରତ ଏହି ସିରିଜରୁ ତା'ର ପ୍ରସ୍ତୁତି ଆରମ୍ଭ କରିବା ଲକ୍ଷ୍ୟରେ ରହିଛି।

ଏହି ଗସ୍ତ ପାଇଁ ଭାରତ ଛାଡିବା ପୂର୍ବରୁ କୋହଲି ଟି୨୦ ଓ ଦିନିକିଆ ସିରିଜର ଗୁରୁତ୍ୱ ସମ୍ପର୍କରେ ଗଣମାଧ୍ୟମକୁ କହିଥିଲେ। ଏହି ଦୁଇଟି ସୀମିତ ଓଭର ସିରିଜରେ ଚୟନକର୍ତ୍ତାଙ୍କ ମନରେ ଥିବାର ଯୁବ ଖେଳାଳିଙ୍କ ପ୍ରଦର୍ଶନକୁ ପରୀକ୍ଷା ନିରିକ୍ଷା କରାଯିବ। ସୀମିତ ଓଭର ମ୍ୟାଚ୍‌ଗୁଡ଼ିକରେ କୋହଲି ବିଶ୍ରାମ ନେବେ ବୋଲି ଆଶା କରାଯାଉଛି। ତେବେ ତାରକା ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ବିନା ଏକ ପୂର୍ଣ୍ଣ ଭାରତୀୟ ଶକ୍ତିଶାଳୀ ଦଳ ପଡିଆକୁ ଓହ୍ଲାଇବ। ଅଗଷ୍ଟ ୨୨ରୁ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜରେ ବୁମ୍‌ରା ଦଳରେ ସାମିଲ ହେବେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ପୂରା ଗସ୍ତରୁ ବିଶ୍ରାମ ଦିଆଯାଇଛି।

ବିଶ୍ୱକପ୍‌ରୁ ବାଦ୍ ପଡିଥିବା ଶ୍ରେୟାସ ଆୟର ଓ ମନୀଷ ପାଣ୍ଡେ ଏହି ସିରିଜର ଦଳ ତରଫରୁ ପ୍ରତିନିଧିତ୍ୱ କରିବେ। ୨୦୧୮ ନଭେମ୍ବରରେ ପାଣ୍ଡେ ଶେଷଥର ପାଇଁ ଭାରତ ପାଇଁ ମ୍ୟାଚ୍ ଖେଳିଥିଲେ। ସେହିପରି ୨୦୧୮ ଫେବୃୟାରୀରେ ଆୟର ଭାରତ ତରଫରୁ ତାଙ୍କ ଶେଷ ମ୍ୟାଚ୍ ଖେଳିଥିଲେ। ଭାରତୀୟ ମିଡଲ ଅର୍ଡର ଅସ୍ଥିର ପ୍ରଦର୍ଶନ କରୁଥିବା ବେଳେ ଏହି ଦୁଇ ବ୍ୟାଟ୍ସମ୍ୟାନ ଆଗାମୀ ୬ଟି ମ୍ୟାଚରେ ନିଜକୁ ପ୍ରମାଣ କରିବା ପାଇଁ ସୁଯୋଗ ହାସଲ କରିଛନ୍ତି। ୱେଷ୍ଟଇଣ୍ଡିଜ୍‌ରେ ସଦ୍ୟ ସମାପ୍ତ ଏ' ସିରିଜରେ ପାଣ୍ଡେ ଓ ଆୟର ବହୁ ପରିମାଣରେ ରନ୍ ସଂଗ୍ରହ କରି ସିନିୟର ଦଳରେ ସ୍ଥାନ ପାଇଛନ୍ତି। ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଓ ଦ୍ରୁତ ବୋଲର ଖଲିଲ ଅହମ୍ମଦ ଓ ଦୀପକ ଚହର ଟି୨୦ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଯୁବ ଦ୍ରୁତ ବୋଲର ନବୀଦପ ସଇନି ଓ ଦୀପକଙ୍କ ଭାଇ ରାହୁଲ ଭାରତ ପାଇଁ ପଦାର୍ପଣ କରିବାର ସୁଯୋଗ ହାସଲ କରିଛନ୍ତି। ରୋହିତ ଶର୍ମା ଓ ଫିଟନେସ ହାସଲ କରି ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଶିଖର ଧାୱନ ଇନିଂସ ଓପନ୍ କରିବେ। ୪ ନମ୍ବରରେ ଲୋକେଶ ରାହୁଲ ବ୍ୟାଟିଂ କରିବା ଆଶା କରାଯାଉଛି। ୩ ବର୍ଷ ପୂର୍ବେ ରାହୁଲ ଏହି ଗ୍ରାଉଣ୍ଡରେ ଅପରାଜିତ ୧୧୦ ରନର ଶତକୀୟ ପାଳି ଖେଳିଥିଲେ। ରୋହିତ୍ ବିଶ୍ୱକପ୍‌ରେ ରେକର୍ଡ ୫ଟି ଶତକ ହାସଲ କରିବା ସହ ଟପ୍ ସ୍କୋରର ସାବ୍ୟସ୍ତ ହୋଇଥିଲେ। ଏବେ ସେ ଏହି ଫର୍ମକୁ ଜାରି ରଖିବେ ବୋଲି ଆଶା କରାଯାଉଛି। କୋହଲି ଓ ଉପ- ଅଧିନାୟକ ରୋହିତଙ୍କ ମଧ୍ୟରେ ମତ ପାର୍ଥକ୍ୟ ଅଛି ବୋଲି କୁହାଯାଉଥିଲେ ମଧ୍ୟ ଏହାକୁ ଅସ୍ୱୀକାର କରାଯାଇଛି। ଏହି ସିରିଜଠାରୁ ଆଗକୁ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନଙ୍କୁ ଅଧିକ ଦାୟିତ୍ୱର ସହ ଖେଳିବାକୁ ପଡିବ। ଚୟନକର୍ତ୍ତାମାନେ ତାଙ୍କୁ ସବୁ ଫର୍ମାଟ୍‌ରେ ୧ ନମ୍ବର ଉଇକେଟକିପର ବ୍ୟାଟ୍ସମ୍ୟାନ ରୂପେ ବିବେଚନା କରୁଛନ୍ତି। ଯଦି ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ଭବିଷ୍ୟତ ନେଇ କିଛି ସ୍ପଷ୍ଟ କରାଯାଇ ନାହିଁ।

ଅପରପକ୍ଷରେ ଟି୨୦ରେ ୱେଷ୍ଟଇଣ୍ଡିଜ୍ ସବୁଠାରୁ ବିପଜ୍ଜନକ ଦଳ ବିବେଚିତ ହେଉଛି। ତେବେ ଏହା ସତ୍ତ୍ୱେ ଭାରତ ସିରିଜ ହାତେଇବା ଆଶା କରାଯାଉଛି। ବିସ୍ଫୋରକ ବ୍ୟାଟ୍ସମ୍ୟାନ କିରନ ପୋଲାର୍ଡ ଓ ସ୍ପିନର ସୁନୀଲ ନାରିନ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଭିଜ୍ଞ ଓପନର କ୍ରିସ୍ ଗେଲ ଦିନିକିଆ ସିରିଜ ଖେଳିବେ। ବିଶ୍ୱକପ୍‌ରେ ଖରାପ୍ ପ୍ରଦର୍ଶନ କରିଥିବା ୱେଷ୍ଟଇଣ୍ଡିଜ ଭାରତ ବିପକ୍ଷରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ସିରିଜ ବେଶ୍ ସଂଘର୍ଷପୂର୍ଣ୍ଣ ଓ ମନୋରଞ୍ଜକ ହେବ ବୋଲି ୱେଷ୍ଟଇଣ୍ଡିଜ୍ କୋଚ୍ ଫ୍ଲଏଡ ରେଇଫର କହିଛନ୍ତି। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ୱେଷ୍ଟଇଣ୍ଡିଜ୍ ଦଳ ବେଶ୍ ସନ୍ତୁଳିତ। ସିରିଜରେ ଚୌକା ଓ ଛକାର ବର୍ଷା ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

| ୱେଷ୍ଟଇଣ୍ଡିଜ ଦଳ | ଭାରତୀୟ ଦଳ |
|---|---|
| କାର୍ଲୋସ ବ୍ରାଥୱେଟ (ଅଧିନାୟକ), ଜନ୍ କ୍ୟାମ୍ପବେଲ, ଏଭିନ ଲୁଇସ୍, ଶିମରନ ହେଟମେୟର, ନିକୋଲାସ ପୁରାନ, କିରନ ପୋଲାର୍ଡ, ରୋଭମ୍ୟାନ ପାୱେଲ, କିମୋ ପଲ, ସୁନୀଲ ନାରିନ, ଶେଲଡନ କଟ୍ରେଲ, ଓଶେନ ଥାମାସ୍, ଆନ୍ଦ୍ରେ ରସେଲ ଓ ଖାରୀ ପିଏର। | ବିରାଟ କୋହଲି (ଅଧିନରାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟର, ମନୀଷ ପାଣ୍ଡେ, ରିଷଭ ପନ୍ତ, କ୍ରୁନାଲ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ରାହୁଲ ଚହର, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ, ଦୀପକ ଚହର ଓ ନବଦୀପ ସଇନି। |

**ସମୟ: ରାତି ୮ଟା, ସ୍ଥାନ: ଲଡରହିଲ, ଫ୍ଲୋରିଡା, ପ୍ରସାରଣ: ସୋନୀ ନେଟୱର୍କ**




# ଟିମ୍ ଇଣ୍ଡିଆର କୋଚ୍ ପଦ ଲାଗି ୨ ହଜାର ଆବେଦନ

ମୁମ୍ବାଇ,୨।୮

ଭାରତୀୟ କ୍ରିକେଟ ଦଳର ବିଭିନ୍ନ କୋଚିଂ ଷ୍ଟାଫ ପଦ ଲାଗି ୨ ହଜାର ଆବେଦନ ଦାଖଲ ହୋଇଛି। ଏ ନେଇ ଇଂଲିଶ ଖବରକାଗଜ ମୁମ୍ବାଇ ମିରରରେ ଏକ ରିପୋର୍ଟ ପ୍ରକାଶ ପାଇଛି। କିନ୍ତୁ ଏମାନଙ୍କ ମଧ୍ୟରେ ଖୁବ୍‌କମ ବଡ଼ ନାମ ରହିଛି। ରବି ଶାସ୍ତ୍ରୀଙ୍କ ନେତୃତ୍ୱାଧୀନ କୋଚିଂ ଟିମ୍‌ର କାର୍ଯ୍ୟକାଳ ୨୦୧୯ ଆଇସିସି ବିଶ୍ୱକପ୍‌ରେ ଶେଷ ହେଉଥିଲା। କିନ୍ତୁ ନୂଆ କୋଚ୍ ନିଯୁକ୍ତି ପ୍ରକ୍ରିୟା ଲାଗି କିଛି ସମୟ ଦରକାର ଥିବାରୁ ଶାସ୍ତ୍ରୀଙ୍କ ଟିମ୍‌ର କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା। ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗର, ବୋଲିଂ କୋଚ୍ ଭରତ ଅରୁନ ଓ ଫିଲ୍ଡିଂ କୋଚ୍ ଏସ୍. ଶ୍ରୀଧର ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ୍ ଶେଷ ହେବା ପରେ ପଦ ଛାଡ଼ିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଜୁଲାଇ ୧୬ ତାରିଖରେ କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ପଦ ଲାଗି ବିଜ୍ଞାପନ ଦେଇଥିଲା।

# କ୍ୱାର୍ଟର ଫାଇନାଲରେ ଆଶୁତୋଷ

**ଅଲ୍‌ଇଣ୍ଡିଆ ଓପନ ସ୍ନୁକର**

ଚେନ୍ନାଇ, ୨।୮(ପି.ଟି.)

ଏଠାରେ ଚାଲିଥିବା କ୍ୟୁ-ଲଙ୍ଗ୍ ଅଲ୍ ଇଣ୍ଡିଆ ଓପନ୍ ସ୍ନୁକର ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ୟୁ ସ୍ପୋର୍ଟ୍ସ ତାରକା ଆଶୁତୋଷ ପାଢ଼ୀଙ୍କ ଆକର୍ଷଣୀୟ ପ୍ରଦର୍ଶନ ଅବ୍ୟାହତ ରହିଛି। ଶୁକ୍ରବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ଏହି ଓଡ଼ିଆ ଖେଳାଳି ଜାତୀୟ ଜୁନିୟରର ୨ ନମ୍ବର ର୍‍ୟାଙ୍କ୍‌ରେ ଥିବା ମହାରାଷ୍ଟ୍ରର କ୍ରିଶ୍ ଗୁରବକ୍ସାନିଙ୍କୁ ୪-୨ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ପ୍ରଥମ ଗେମ୍‌କୁ ୨୮-୯୯ରେ ହାରିଥିଲେ ହେଁ ଏକାଗ୍ରତା ନ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ ଆଶୁତୋଷ। ଦ୍ୱିତୀୟ ଓ ତୃତୀୟ ଗେମ୍‌ରେ ସେ ଯଥାକ୍ରମେ ୭୦-୧୫, ୭୭-୦ରେ ଜିତି ଅଗ୍ରଣୀ ହାସଲ କରିଥିଲେ। ଗୁରବକ୍ସାନି ୪ର୍ଥ ଗେମ୍‌କୁ ୬୦-୨୦ରେ ଜିତି ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲେ ହେଁ ଅଭିଜ୍ଞତାର ଉପଯୋଗ କରି ଆଶୁତୋଷ ପରବର୍ତ୍ତୀ ୨ ଗେମ୍‌କୁ ଯଥାକ୍ରମେ ୭୪-୭୨ ଓ ୬୨-୨୩ ପଏଣ୍ଟରେ ଜିତି ମ୍ୟାଚ୍ ବିଜୟୀ ହୋଇଥିଲେ। କ୍ୱାର୍ଟର ଫାଇନାଲରେ ଏହି ଓଡ଼ିଶା ଖେଳାଳି ଲକ୍ଷ୍ମଣ ରାୱତଙ୍କୁ ଭେଟିବେ। ରାୱତ ପ୍ରି-କ୍ୱାର୍ଟର ଫାଇନାଲରେ ୪-୦ ଫ୍ରେମ୍‌ରେ ହରି ରାଜାମଣିଙ୍କୁ ପରାସ୍ତ କରିଥିଲେ।



ଆଶୁତୋଷ ପାଢ଼ୀ

ଅନ୍ୟ ୩ଟି କ୍ୱାର୍ଟର ଫାଇନାଲ ରାଫାତ ହବିବ-ପଣ୍ଡୁରଙ୍ଗିଆ, ଗିରିଶ-ବରୁଣ କୁମାର, ଦିଲୀପ କୁମାର-ଯୋଗେଶ କୁମାରଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ପ୍ରି-କ୍ୱାର୍ଟରରେ ବରୁଣ ୪-୨ରେ ଅନୁଜ ଉପ୍ପଲ, ପଣ୍ଡୁରଙ୍ଗିଆ ୪-୨ରେ ଦକ୍ଷ ରେଡ୍ଡୀ, ଦିଲୀପ କୁମାର ୪-୨ରେ ନିଖିଲ, ଗିରିଶ ୪-୨ରେ ବିଜୟ ନିଚାନି ଏବଂ ଯୋଗେଶ ୪-୦ ଫ୍ରେମ୍‌ରେ ପିଟର ପଲ୍‌ଙ୍କୁ ପରାସ୍ତ କରିଥିଲେ।

## ବିଶ୍ୱ ଚାମ୍ପିୟନଙ୍କୁ ହରାଇଲେ ନୀରଜ

ନୂଆଦିଲ୍ଲୀ,୨।୮(ପି.ଟି.)

ରୁଷିଆର କାସ୍‌ପିସ୍କଠାରେ ଚାଲିଥିବା ମାଗୋମେଡ ସଲାମ ଉମାଖାନୋଭ ସ୍ମାରକୀ ଅନ୍ତର୍ଜାତୀୟ ବକ୍ସିଂ ଟୁର୍ନାମେଣ୍ଟରେ ଭାରତ ନୀରଜ ଫାଇନାଲରେ ପ୍ରବେଶ କରିଛନ୍ତି। ଇଣ୍ଡିଆ ଓପନ ଗୋଲ୍ଡ ମେଡାଲିଷ୍ଟ ନୀରଜ ସେମିଫାଇନାଲରେ ୨୦୧୬ ବିଶ୍ୱ ଚାମ୍ପିୟନ ଆଲେସିଆ ମେସିଆନୋଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ୫୭ କେ.ଜି. ବର୍ଗ ମୁକାବିଲାରେ ଷ୍ଟ୍ରାଣ୍ଡଜା ମେମୋରିଆଲ ବ୍ରୋଞ୍ଜ୍ ପଦକ ବିଜେତା ନୀରଜ ୩-୨ରେ ମେସିଆନୋଙ୍କୁ ହରାଇ ଫାଇନାଲକୁ ଉଠିବା ସହ ଅତିକମ୍‌ରେ ରୌପ୍ୟ ପଦକ ନିଶ୍ଚିତ କରିଛନ୍ତି। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ତେବେ ଫାଇନାଲ ରାଉଣ୍ଡରେ ନୀରଜ କେତୋଟି କ୍ଲିୟର ପଞ୍ଚ୍ ମାରି ମ୍ୟାଚ୍‌କୁ ହାତେଇ ନେଇଥିଲେ।

ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ଗୌରବ ସୋଲାଙ୍କି ଓ ୨୦୧୯ ଇଣ୍ଡିଆ ଓପନ ରୌପ୍ୟ ପଦକ ବିଜେତା ଗୋବିନ୍ଦ ସାହାଣୀ ଗୁରୁବାର ସେମିଫାଇନାଲରେ ପ୍ରବେଶ କରି ଦୁଇଟି ପଦକ ନିଶ୍ଚିତ କରିଥିଲେ। ଚଳିତ ବର୍ଷ ଇଣ୍ଡିଆ ଓପନ୍‌ରେ ବ୍ରୋଞ୍ଜ୍ ପଦକ ଜିତିଥିବା ଗୌରବ ରୁଷିଆର ମାକସିମ ଚେରନିଶେଭଙ୍କୁ ସ୍ପ୍ଲିଟ୍ ଭର୍ଡିକ୍ଟ ଜରିଆରେ ୩-୨ରେ ହରାଇ ୫୬ କେ.ଜି. ବର୍ଗର ସେମିଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ଗୋବିନ୍ଦ ତାଜିକିସ୍ତାନର ଶେରମୁଖମ୍ମଦ ରୁଷ୍ଟାମୋଭଙ୍କୁ ୪୯ କେ.ଜି. ବର୍ଗରେ ଟୁର୍ନାମେଣ୍ଟରେ ପ୍ରଥମ ବିଜୟ ହାସଲ କରିଥିଲେ।

## କୋହଲିଙ୍କ ଫେଭରାଇଟ୍ ରୋନାଲ୍ଡୋ

ଜୁରିକ୍,୨।୮(ପିଟି)

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଜଣେ ବଡ଼ ଫୁଟ୍‌ବଲ ପ୍ରଶଂସକ। ଏ କଥା କାହାକୁ ଅଛପା ନାହିଁ। ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଆର୍ଜେଣ୍ଟିନା ଷ୍ଟାର ଲିଓନେଲ ମେସିଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ବୋଲି ଫୁଟ୍‌ବଲ ପ୍ରଶଂସକଙ୍କ ମଧ୍ୟରେ ସର୍ବଦା ଆଲୋଚନା ହୁଏ। କୋହଲି ଏଥିରେ ସାମିଲ ହୋଇ ପର୍ତ୍ତୁଗାଲ ଅଧିନାୟକ ରୋନାଲ୍ଡୋଙ୍କ ସପକ୍ଷରେ ମତ ବାଢ଼ିଛନ୍ତି। କିମ୍ବଦନ୍ତୀ ଲିଓନେଲ ମେସିଙ୍କଠାରୁ ରୋନାଲ୍ଡୋ ବହୁତ ଅଧିକ ଚ୍ୟାଲେଞ୍ଜ ଗ୍ରହଣ କରି ସମସ୍ତ ସଫଳତା ପାଇସାରିଛନ୍ତି। ତାଙ୍କ ଭଳି ସମ୍ପୂର୍ଣ୍ଣ ଖେଳାଳି ମୁଁ ଦେଖିନାହିଁ। ମୋ ପାଇଁ ରୋନାଲ୍ଡୋ ସଭିଙ୍କଠାରୁ ଉପରେ। ତାଙ୍କ କମିଟ୍‌ମେଣ୍ଟ ଓ କାର୍ଯ୍ୟପନ୍ଥା କାହା ସହ ତୁଳନୀୟ ନୁହେଁ। ସେ ଯେଉଁ କ୍ଲବ ପକ୍ଷରୁ ଖେଳନ୍ତି, ମୁଁ ତାକୁ ସମର୍ଥନ କରେ। ସେ ମୋ ଲାଗି ପ୍ରେରଣାର ଉତ୍ସ ବୋଲି ଶୀର୍ଷ ର୍‍ୟାଙ୍କଧାରୀ ବ୍ୟାଟ୍ସମ୍ୟାନ ଫିଫା ଡଟ୍ କମ୍‌କୁ କହିଛନ୍ତି।

ଆଇଏଏଏଫ ୱାର୍ଲ୍ଡ ରେସ୍ ୱାକିଂ କପ୍

# ୭ ବର୍ଷ ପରେ ଭାରତୀୟ ଦଳକୁ ବ୍ରୋଞ୍ଜ ପଦକ

ନୂଆଦିଲ୍ଲୀ, ୨।୮(ପି.ଟି.)

ରୁଷିଆରେ ଆଇଏଏଏଫ୍ ୱାର୍ଲ୍ଡ ରେସ୍ ୱାକିଂ କପ୍ ଆୟୋଜନର ୭ ବର୍ଷ ପରେ ଭାରତୀୟ ଦଳକୁ ବ୍ରୋଞ୍ଜ ପଦକ ମିଳିଛି। ଏହି ପ୍ରତିଯୋଗିତାରେ ୪ର୍ଥ ସ୍ଥାନରେ ରହିଥିବାରୁ ଭାରତୀୟ ଦଳ ଅଳ୍ପକେ ପୋଡିୟମ୍ ଫିନିଶ୍ କରିପାରି ନ ଥିଲା। ମାତ୍ର ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ପାଇଥିବା ୟୁକ୍ରେନ୍ ଦଳର ଜଣେ ସଦସ୍ୟ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବାରୁ ଅପ୍‌ଗ୍ରେଡ୍ ନିୟମରେ ଭାରତକୁ ତୃତୀୟ ସ୍ଥାନ ମିଳିଛି। କେ.ଟି. ଇନ୍‌ଫ୍ରା, ବାବୁଭାଇ ପନୁଚା ଓ ସୁରିନ୍ଦର ସିଂଙ୍କୁ ନେଇ ଗଠିତ ଭାରତୀୟ ଦଳ ପୁରୁଷ ୨୦ କିଲୋମିଟର ଟିମ୍ ଇଭେଣ୍ଟରେ ୪ର୍ଥ ସ୍ଥାନ ପାଇଥିଲା। ୨୦୧୨ ମେ'ରେ ସାରାନସ୍କରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଚାଇନା, ୟୁକ୍ରେନ୍ ଓ ଅଷ୍ଟ୍ରେଲିଆ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ମାତ୍ର ୟୁକ୍ରେନ ରେସ୍ ୱାକର ରୁସ୍ଲାନ ଡିମିଟ୍ରେଙ୍କୋ ବାୟୋଲୋଜିକାଲ ପାସ୍‌ପୋର୍ଟ ବିଶ୍ଳେଷଣ ଭିତ୍ତିରେ ୭ ବର୍ଷ ପରେ ଅଯୋଗ୍ୟ ଘୋଷିତ ହୋଇଥିବାରୁ ପରବର୍ତ୍ତୀ ଦଳଗୁଡ଼ିକ ଅପ୍‌ଗ୍ରେଡ ହିସାବରେ ଫାଇଦା ପାଇଛନ୍ତି। ଅଷ୍ଟ୍ରେଲିଆ ରୌପ୍ୟ ପଦକ ହାସଲ କରିଥିବାବେଳେ ଭାରତକୁ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଛି।

ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ସମୟ ନେଇଥିବା ୩ ଫିନିଶରଙ୍କୁ ନେଇ ଟିମ୍ ର୍‍ୟାଙ୍କିଙ୍ଗ୍ ହୋଇଥିଲା। ଏହି ଭିତ୍ତିରେ ଭାରତ ୬୮ ପଏଣ୍ଟ ପାଇ ୪ର୍ଥରେ ସନ୍ତୁଷ୍ଟ ହୋଇଥିଲା। ଡୋପିଂ ଅପରାଧ ଯୋଗୁ ଡିମିଟ୍ରେଙ୍କୋଙ୍କ ଟାଇମିଂକୁ ବାଦ୍ ଦିଆଯିବା ପରେ ଭାରତ ଓ ୟୁକ୍ରେନ୍‌ର ପଏଣ୍ଟ ସମାନ ହୋଇଯାଇଥିଲା। ମାତ୍ର ଭାରତର ତୃତୀୟ ସ୍ଥାନୀୟ ୱାକର ୨୯ତମ ସ୍ଥାନ ପାଇଥିବାବେଳେ ୟୁକ୍ରେନ୍ ୫୧ତମ ସ୍ଥାନ ପାଇଥିବାରୁ ଭାରତର ପଲା ଭାରି ରହିଥିଲା। ଡିମିଟ୍ରେଙ୍କୋ ବ୍ୟକ୍ତିଗତ ବିଭାଗରେ ପାଇଥିବା ବ୍ରୋଞ୍ଜ ପଦକକୁ ମଧ୍ୟ ପ୍ରତ୍ୟାହାର କରି ନିଆଯାଇଛି।

## ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବେଣୁଧର ମିଶ୍ର
(ରାଷ୍ଟ୍ରପତି ଏବଂ ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ)
ଆବିର୍ଭାବ: ୦୨।୧୦।୧୯୩୯
ତିରୋଧାନ: ୨୫।୦୭।୨୦୧୯
(ଦିବା ୧୨ ଘ. ୫୫ ମି. ଗୁରୁବାର)
ଦଶାହ: ୦୩।୦୮।୨୦୧୯(ଶନିବାର)
ଆବାସ: ୪୨୪/୭୬୫୮, ସମେଇଗଡ଼ିଆ,ରସୁଲଗଡ,ଭୁବନେଶ୍ୱର- ୭୫୧୦୧୦
ପୂର୍ବସ୍ଥିତ ଆବାସ: ରାୟପୁର ଶାସନ, ମନ୍ଦାର, ଗନ୍ଧିଆ, ଢେଙ୍କାନାଳ।
ଶୋକସନ୍ତପ୍ତ ପରିବାରବର୍ଗ:
ପତ୍ନୀ: ଗୋଲାପ ମିଶ୍ର, ପୁତ୍ର: ରବି ନାରାୟଣ, ରୁଦ୍ର ନାରାୟଣ, ପୁତ୍ରବଧୂ: ବନିତା, ସ୍ମୃତିରେଖା, କନ୍ୟା: ଶକୁନ୍ତଳା, ନିର୍ମଳା, ଜ୍ୱାଇଁ: ଶଶାଙ୍କ ଶେଖର ଦାସ, ନାତୁଣୀ: ଅମୃତା, ଆଶ୍ରିତା,ଶିର୍ଷା, ଚୁମୁ
ଧ-୧୩୬୬୬

ଦଶାହ ଉପଲକ୍ଷେ



ସ୍ୱର୍ଗତ ସମୀର ସାହୁ (ପୁପୁନ୍)
ହରଚଣ୍ଡୀ ସାହି, ପୁରୀ
ଆବିର୍ଭାବ: ୦୮।୦୩।୨୦୦୦
ତିରୋଧାନ: ୨୫।୦୭।୨୦୧୯
ତୋର ସ୍ନେହ, ଶ୍ରଦ୍ଧା ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ତୋର ହତଭାଗ୍ୟ ବାପା, ବୋଉ, ମାମୁଘର ପରିବାରବର୍ଗ।
ଧ-୬୪୦୮୧

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଶୈଳବାଳା ଦେବୀ
ଆବିର୍ଭାବ: ୨୯।୧୦।୧୯୨୯
ତିରୋଧାନ: ୨୫।୦୭।୨୦୧୯
ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ
ଧ-୧୩୬୯୧

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ବିନୋଦିନୀ ନାୟକ
ଶିକ୍ଷୟିତ୍ରୀ, ଭାଗବତ ବାସୁଦେବ ବିଦ୍ୟାପୀଠ, କଣ୍ଟିଆ
ଆବିର୍ଭାବ: ୨୦।୦୪।୧୯୭୦
ତିରୋଧାନ: ୨୪।୦୭।୨୦୧୯
(ମଧୁସୂଦନ ନଗର, ଜଟଣୀ)
ତୁମେ ଅକସ୍ମାତ ଆମକୁ ଶୋକସାଗରରେ ଭସାଇ ଅମର ପୁରକୁ ଚାଲିଗଲ। ତୁମ ନୀତି, ସ୍ନେହ, ଆଦର୍ଶ, ସରଳ ସ୍ୱଭାବ, କର୍ତ୍ତବ୍ୟନିଷ୍ଠା ଆମର ସର୍ବଦା ପାଥେୟ ହେଉ। ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ୱାମୀ: ଗୟାଧର ମହାପାତ୍ର, କନ୍ୟା: ଇତିଶ୍ରୀ ମହାପାତ୍ର, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୧୩୭୧୬

ଶ୍ରଦ୍ଧା ସୁମନ



ସ୍ୱର୍ଗତ ଅର୍ଜୁନ ଗରାବଡୁ
ବଡ଼ଦାଣ୍ଡ ସାହି, ପୁରୁଣା ଭୁବନେଶ୍ୱର
ପ୍ରଭୁ ଶ୍ରୀ ଶ୍ରୀଲିଙ୍ଗରାଜ, ମା' ଗୋପାଳୁଣୀଙ୍କ ଆଶୀର୍ବାଦରୁ ଯେଉଁଠି ଅଛ ଭଲରେ ଥାଅ। ଆଶୀର୍ବାଦଭରା ହାତରେ ଘୋଡାଇ ରଖିଥାଅ।
ଆଶୀର୍ବାଦଭିକ୍ଷୁ:
ପୁତ୍ର: ବାସୁଦେବ ଗରାବଡୁ, ବନ୍ଧୁ ଓ ପରିବାରବର୍ଗ।
ଧ-୬୭୨୦୯

ଶ୍ରଦ୍ଧା ସୁମନ



ସ୍ୱର୍ଗତା ହାରାମଣୀ ଗରାବଡୁ
ସ୍ୱାମୀ:- ସ୍ୱର୍ଗତ ଅର୍ଜୁନ ଗରାବଡୁ
ବଡ଼ଦାଣ୍ଡ ସାହି, ପୁରୁଣା ଭୁବନେଶ୍ୱର
ପ୍ରଭୁ ଶ୍ରୀ ଶ୍ରୀଲିଙ୍ଗରାଜ, ମା' ଗୋପାଳୁଣୀଙ୍କ କୃପାରୁ ଯେଉଁଠି ଅଛ ଭଲରେ ଥାଅ। ମମତାର ପଣତ କାନିରେ ଘୋଡାଇ ରଖିଥାଅ।
ଆଶୀର୍ବାଦାକାଂକ୍ଷୀ:
ପୁତ୍ର: ବାସୁଦେବ ଗରାବଡୁ, ବନ୍ଧୁ ଓ ପରିବାରବର୍ଗ।
ଧ-୬୭୨୧୦

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ପ୍ରମୋଦିନୀ ସାହୁ
ଆବିର୍ଭାବ: ୨୧।୦୨।୧୯୫୬
ତିରୋଧାନ: ୧୪।୦୮।୨୦୧୮
(ଶ୍ରାବଣ ଶୁକ୍ଳ ତୃତୀୟା)
ଆଜିର ଏହି ପୁଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ୱାମୀ: ଶରତ ଚନ୍ଦ୍ର ସାହୁ, ପୁଅ: ସରୋଜ, ଶ୍ରୀକାନ୍ତ, ଝିଅ: ସସ୍ମିତା, ବୋହୂ: ଡଲି ଓ ବୈଶାଖୀ, ନାତୁଣୀ: ସାଇ ସମୀକ୍ଷାରାଣୀ ଓ ଆତ୍ମୀୟସ୍ୱଜନ
ଧ-୬୬୬୧୨

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



√ରଜନୀ ଦେବୀ
ପୁରୁଣା ଭୁବନେଶ୍ୱର
ସମୟ ସୁଅରେ ତୁମେ ଆମ ପାଖରୁ ଦୀର୍ଘ ୫ ବର୍ଷ ହେଲାଣି ଚାଲିଗଲଣି, ହେଲେ ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲ ପାଇବା ଆମ ପାଇଁ ଆଜି ବି ଉଜ୍ଜୀବିତ ହୋଇ ରହିଛି। ସ୍ୱର୍ଗରେ ଥାଇ ତୁମେ ଆମକୁ ଏମିତି ଆଶୀର୍ବାଦ କରୁଥାଅ, ଏତିକି ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁଅବୋହୂ, ନାତିନାତୁଣୀ, ଝିଅଜ୍ୱାଇଁ ବନ୍ଧୁପରିବାରବର୍ଗ ଓ
ଉମା ଫ୍ରେମିଙ୍ଗ୍ ସେଣ୍ଟର
ଅଶୋକନଗର, ଭୁବନେଶ୍ୱର
ଧ-୬୭୦୨୮

୩୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



√ ଗୋବିନ୍ଦ ଚନ୍ଦ୍ର ମହାନ୍ତି
ଗ୍ରାମ: ମଧୁଶାସନ, ପାଟକୁରା, କେନ୍ଦ୍ରାପଡା
ତିରୋଧାନ : ୨୭.୦୭.୧୯୮୭
ତୁମର ଏ ୩୨ତମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଚରଣ କମଳରେ ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ।
-: ଶୋକ ସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ
ଧ-୧୩୭୨୧

## ସଂକ୍ଷେପରେ

■ ପାଟଳିପଡ଼ା ବଧୂହତ୍ୟା ଘଟଣା

### ୬ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୨।୮(ସ୍ୱ.ପ୍ର):** ବୌଦ୍ଧ ଜିଲା ମନମୁଣ୍ଡା ଥାନା ପାଟଳିପଡା ଗ୍ରାମରେ ବଧୂହତ୍ୟା ମାମଲାର ବିଚାର କରି ଜିଲା ଦୌରାଜଜ୍ ଅରବିନ୍ଦ ଗୁରୁ ଅଭିଯୁକ୍ତ ସ୍ୱାମୀଙ୍କ ସମେତ ୬ ଜଣଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅଭିଯୋଗ ମୁତାବକ, ୨୦୧୦ମସିହାରେ କଣ୍ଟାମାଳ ଥାନା ଅନ୍ତର୍ଗତ ନୂଆପାଲି ଗ୍ରାମର କିଶୋରୀ କହଁରଙ୍କ ମନମୁଣ୍ଡା ଥାନା ଅନ୍ତର୍ଗତ ପାଟଳିପଡା ଗ୍ରାମର ସୁଦାମ କହଁରଙ୍କ ସହିତ ବିବାହ ହୋଇଥିଲା। କୌଣସି କାରଣରୁ ସୁଦାମ କିଶୋରୀଙ୍କୁ ନିର୍ଯାତନା ଦେଇଆସୁଥିଲେ। ବିବାହର ୩ବର୍ଷ ପରେ ଗତ ତା୨୧।୫।୨୦୧୩ ରିଖରେ କିଶୋରୀଙ୍କ ବିଦ୍ୟୁତ ସଂସ୍ପର୍ଶରେ ମୃତ୍ୟୁ ହୋଇଥିବା ନେଇ ଫୋନ ଯୋଗେ ତାଙ୍କ ପରିବାର ବର୍ଗକୁ ସୂଚନା ଦିଆଯାଇଥିଲା। ପରିବାର ଲୋକେ ସେହିଦିନ ରାତି ପ୍ରାୟ ସାଢେ ୧୦ଟାରେ ପାଟଳିପଡା ଗ୍ରାମରେ ପହଞ୍ଚି କିଶୋରୀ ମରି ପଡିଥିବା ଦେଖିବାକୁ ପାଇଥିଲେ। ମୃତଦେହରୁ କିରୋସିନ ଗନ୍ଧ ବାହାରୁଥିବାରୁ ତାଙ୍କ ଝିଅକୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ମନମୁଣ୍ଡା ପୋଲିସ ଏକ ମାମଲା (ନଂ.୭୧/୧୩) ରୁଜୁ କରିବା ସହିତ ଅଭିଯୁକ୍ତ ସୁଦାମ ନାଏକ, ନିମେଇଁ ନାଏକ, ଗୁଲାପି ନାଏକ, ସୁବାଶ ନାଏକ, ଦପ୍ତରି ଦେହୁରୀ ଓ ମନ୍ତ୍ରୀ ଦେହୁରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ୫ଜଣ ଅଭିଯୁକ୍ତଙ୍କୁ ଜାମିନ ମିଳିଥିବାବେଳେ ମୁଖ୍ୟ ଅଭିଯୁକ୍ତ ତଥା ମୃତକଙ୍କ ସ୍ୱାମୀ ସୁଦାମ ନାଏକଙ୍କୁ ଜାମିନ ମିଳି ନ ଥିଲା। ସେ ବିଚାରାଧୀନ ବନ୍ଦୀ ଭାବେ ବୌଦ୍ଧ ସବ୍‌ଜେଲରେ ଥିଲେ। ଏହି ମାମଲା ଜିଲା ଦୌରାଜଜଙ୍କ ଅଦାଲତରେ ବିଚାର ହୋଇଥିଲା। ମାମଲାର ବିଚାର କରି ପ୍ରମାଣ ଅଭାବରୁ ଜିଲା ଦୌରାଜଜ୍ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ମିଶ୍ର ଓ ବି.ଏନ. ଦେହୁରୀ ମାମଲା ପରିଚାଳନା କରିଥିଲେ।

■ ଚିକିତ୍ସା ଲାଗି ବନ୍ଧା ପଡ଼ିଲା ରାଶନ କାର୍ଡ

# କଟକ ବଡ଼ ଡାକ୍ତରଖାନା ଗଲେ ରାଜେନ୍ଦ୍ର

**କଣ୍ଟାମାଳ,୨।୮(ଡି.ଏନ୍.ଏ):**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସହରିପାଲିଗାଁର ରାଜେନ୍ଦ୍ର କଲତା(୨୭)। ସେ ଗୁଟେ ଦୁରଘଟନାର ଶିକାର ହେଇ ବୁର୍ଲାରେ ଚିକିତ୍ସିତ ହେଉଥିଲେ। ହେଲେ ଡାକ୍ତର ରାଜେନ୍ଦ୍ରକୁଁ ଉଚ ଚିକିତ୍ସା ଲାଗି କଟକ ନେବାକେ ପଡ଼ବା ବଲି ପରାମଶ ଦେଇଥିଲେ। ଏନ୍‌ତାଥି ଟଁକା ପଏସା ଅଭାବୁ ପରିବାର ଲୋକ୍ ରାଶନ କାର୍ଡ ବଁଧା ପକେଇ ଶୁକୁରବାର ତାହାକୁ କଟକ ବଡ଼ ମେଡିକାଲକେ ନେଇଛନ୍।

ସୂଚନା ଅନ୍‌ସାରେ ରାଜେନ୍ଦ୍ର କଲତାକଁର ପରିବାର କହିଲେ ମାଏକିନା ବବିତା, ୯ ବଛରର ପୁଓ ସାହିଲ ଆର ୭ ବଛରର ଝିଁ ସ୍ୱିଟି। କୁଲି ମଜୁରି କରି ରାଜେନ୍ଦ୍ର କୁଟୁମ ପୁଷୁଥିଲେ। ଗଲା ରଏବାର ବେଲବୁଡ଼େ ସେ ଗାଁ ରାସ୍‌ତା ଉପରେ ଥିବାର ପୁଲିଆ ଉପରେ ବସିଥିଲେ। ଇ ସମିଆରେ କେହେନ୍‌ସି କାରନ୍‌ରୁ ତାକର ମୁଡ଼ ବୁଲାଲାରୁ ସେ ପୁଲିଆ ତଲେ ପଡ଼ିଯାଇଥିଲେ। ସେଠାନୁ ତାହାକୁ ଅଚେତ ଅବସ୍‌ତାରେ ଗାଁବାସୀ ଉଧାର କରି ସୋନପୁର ଡାକ୍‌ତରଖାନା ନେଇଥିଲେ। ସୋନପୁରରୁ ବୁର୍ଲା ଡାକ୍‌ତରଖାନା ନେଲା ଉତାରୁ ତାକର ଚେତା ଫିରିଥିଲା। ହେଲେ ବୁର୍ଲାରେ ଡାକ୍‌ତର ରାଜେନ୍ଦ୍ରକଁର ଉଚ ଚିକିତ୍ସା ଲାଗି କଟକ ବଡ଼ ଡାକ୍‌ତରଖାନା ନେବାକେ ପରାମଶ ଦେଇଥିଲେ। ଏନ୍‌ତାଥି ଟଁକା ପଏସା ଅଭାବୁ ପରିବାର ଲୋକ ତାହାକୁ ଘରକେ ଫିରେଇ ଆନ୍‌ଲେ। ଇଆଡ଼େ ରାଜେନ୍ଦ୍ରକଁର ମାଏକିନା ବବିତା ମାଗିଯାଚି ଆର କୁଲି ମଜୁରି କରବାର ଲାଗି ବଏନା ଆନି କେତେ ଟଁକା ଠୁଲେଇଥିଲେ। ହେଲେ ଟଁକା କମ୍ ପଡ଼ଲାରୁ ସେ ରାଶନ କାର୍ଡ ବଁଧା ପକେଇ ଟଁକା ଯୁଗାଡ଼ କରବାର ସଂଗେ ରାଜେନ୍ଦ୍ରକୁଁ କଟକ ନେଇଥିବାର ବବିତା କହିଛନ୍। ସରକାରୀ କି ବେସରକାରୀ ସାହାଯ୍ ମିଲ୍‌ଲେ ମୋର ଆପ୍‌ନେ ନୁକୋ ହେଇ ପାରତେ ବଲି ଗୁଲ୍‌ଗୁଲା ହେଇ ବବିତା କହିଛନ୍।



ଆହତ ରାଜେନ୍ଦ୍ର ଖଟେ ପଡ଼ିଛନ୍।



ଦୁର୍ଘଟଣା ଯୋଗୁଁ ପିକ୍ ଅପ୍ ଭ୍ୟାନ ଓ ବାଇକ୍ ଭାଙ୍ଗିରୁଜି ଯାଇଛି ।

# ସିରିଜ୍ ଦୁର୍ଘଟଣାକୁ ନେଇ ଉତ୍ତେଜନା

**ସୋନପୁର,୨।୮(ନି.ପ୍ର)**

**୩ ବାଇକ୍‌କୁ ଧକ୍କା ଦେଲା ପିକ୍‌ଅପ ଭ୍ୟାନ, ୨ ଗୁରୁତର**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ସୋନପୁର ବ୍ଲକ ଛକଠାରେ ଶୁକ୍ରବାର ଏକ ସିରିଜ୍ ଦୁର୍ଘଟଣା ଘଟିଛି। ବଲାଙ୍ଗୀର ପଟୁ ଦୃତଗତିରେ ଆସୁଥିବା ଏକ ଟାଟା ପିକ୍‌ଅପ ଭ୍ୟାନ ନଂ ଓଡି୧୭ଇ-୪୦୭୭ ସୋନପୁର ପଟୁ ଯାଉଥିବା ଏକ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା । ପରେ ଭ୍ୟାନ୍‌ର ଡ୍ରାଇଭର ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା ଅନ୍ୟ ୨ବାଇକ୍‌କୁ ଧକ୍କା ଦେଇଥିଲା । ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଗିରଫ କରିବା ସହିତ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି। ଦୁର୍ଘଟଣା ଯୋଗୁଁ ବୌଦ୍ଧ ଜିଲା ମନମୁଣ୍ଡା ଥାନା କିରିକିଟିପାଲି ଗ୍ରାମର ଜୟନ୍ତୀ ମେହେର(୪୫), ତାଙ୍କ ପୁଅ ଟିକି ମେହେର(୩୨) ଓ ସୋନପୁର ଥାନା କଳାପଥର ଗ୍ରାମର ବିଜୟ ଷାଣ୍ଢ(୩୨) ଆହତ ହୋଇଥିଲେ। ସମସ୍ତଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରା ଯାଇଥିଲା। ଟିକି ଓ ବିଜୟଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ସେମାନଙ୍କୁ ବୁର୍ଲା ଡାକ୍ତରଖାନା ପଠାଯାଇଛି।

## ମହାନଦୀ ଟାପୁରୁ ଜଳବନ୍ଦୀ ହନୁମାଙ୍କଡ ପଲ ଉଦ୍ଧାର

**ଧମା,୨।୮(ଡି.ଏନ.ଏ.):** ମାନେଶ୍ୱର ବ୍ଲକ ଅନ୍ତର୍ଗତ ହୁମା ଗାଁର ମହାନଦୀ ଟାପୁରୁ ଶନିବାର ଜଳଘେରରେ ଥିବା ଏକ ହନୁପଲଙ୍କୁ ଉଦ୍ଧାର କରାଯାଇଛି। ଏହି ହନୁପଲରେ ପ୍ରାୟ ୭୦ ରୁ ୮୦ ହନୁମାଙ୍କଡ ଥିଲେ। ପ୍ରାୟ ତିନି ଦିନ ହେଲା ଏହି ହନୁମାଙ୍କଡ ପଲ ଜଳ ଘେରରେ ଥାଇ ଭୋକିଲା ଥିଲେ। ସ୍ଥାନୀୟ ଲୋକେ ଏହା ଜାଣିପାରି ବନ ବିଭାଗକୁ ଖବର ଦେଇଥିଲେ । କିନ୍ତୁ ବନ ବିଭାଗୀୟ କର୍ମଚାରୀ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଏଣୁ ଶୁକ୍ରବାର ସ୍ଥାନୀୟ କିଛି ଯୁବକ ମାଙ୍କଡଙ୍କ ପାଇଁ ବିସ୍କୁଟ ଆଦି ଖାଦ୍ୟ ଦ୍ରବ୍ୟ ସହ ଦୁଇଟି ଡଙ୍ଗା ନେଇ ଟାପୁକୁ ଯାଇଥିଲେ। ମହାନଦୀର କୌଶଳ କରି ଡଙ୍ଗା ଦୁଇଟିକୁ ଏଭଳି ଖଞ୍ଜି ଥିଲେ ଯେ, ଯେଭଳି ମାଙ୍କଡ ପଲ ଡଙ୍ଗା ଦେଇ କୂଳକୁ ଆସି ପାରିବେ। ଟାପୁ ଉପରକୁ ଏହି ଯୁବକମାନେ ମାଙ୍କଡଙ୍କୁ ଖାଇବା ଦେବା ସହ ଘଉଡାଇଥିଲେ। ଫଳରେ ମାଙ୍କଡ ପଲ ଡଙ୍ଗା ଦେଇ ହୁମା କୂଳକୁ ପହଞ୍ଚି ଥିଲେ। ସରପଞ୍ଚ ସୁଜିତ ସାହୁ, ଭଗବାନ ପୁରୋହିତ, ରାମ ଷଡଙ୍ଗୀ, ବଳରାମ ବାଗ, ସରୋଜ ପାଣ୍ଡେ, ଦାସରଥି ବାଗ, କମଳଲୋଚନ ମେହେର, ରବୀନ୍ଦ୍ର ବେହେରା, ସତ୍ୟନାରାୟଣ ପାର୍ଲେ ପ୍ରମୁଖଙ୍କ ଏଭଳି କାର୍ଯ୍ୟ ଅଞ୍ଚଳରେ ପ୍ରଶଂସନୀୟ ହୋଇଛି।

# ଚା ଦେଇଛି ରୋଜଗାର

**ଦିନକର କାହାଣୀ**



ଆଲୋକ ପାତ୍ର । ବୟସ ୩୫ ସେପାଖେ। ନିଷ୍ଠାପର ପରିଶ୍ରମ ବଳରେ ଆଜି ସେ ଭଲ ରୋଜଗାର କରି ପରିବାର ପ୍ରତିପୋଷଣ କରିବାରେ ସମର୍ଥ ହୋଇପାରିଛନ୍ତି। ଅବିଭକ୍ତ କଟକ ଜିଲା ସାଲେପୁରର ମୂଳ ବାସିନ୍ଦା ଆଲୋକ ୨୦୦୯ ମସିହାରେ ଭାଇ ଅମୂଲ୍ୟଙ୍କ ସହ ପ୍ରଥମେ ଝାରସୁଗୁଡ଼ାକୁ ଜୀବିକା ସନ୍ଧାନରେ ଆସି ଏକ କନଷ୍ଟ୍ରକ୍ସନ୍ କମ୍ପାନୀରେ କାମ ଆରମ୍ଭ କରିଥିଲେ। ମାତ୍ର ସେଠି ଆଶାନୁରୂପ ପାଉଣା ନ ପାଇ ସୁନ୍ଦରଗଡ଼ ଚାଲିଆସିଲେ। ସ୍ଥାନୀୟ ହସ୍ପିଟାଲ ଛକ ରୋଡରେ ପ୍ରଥମେ ଏକ ଚା ଦୋକାନ ଆରମ୍ଭ କରି ନିଜ ଭାଗ୍ୟ ପରୀକ୍ଷା କରିଥିଲେ। ପ୍ରଥମ ଦିନ ସେ ୪ଶହ ଟଙ୍କାର ଚା ବିକ୍ରି କରିଥିଲେ । ଏହାପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ନିଜର ଅମାୟିକ ବ୍ୟବହାର ଓ ସ୍ୱାଦିଷ୍ଟ ଚା ଯୋଗୁ ଦିନକୁ ଦିନ ତାଙ୍କ ଦୋକାନରେ ଗ୍ରାହକଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା। ପରବର୍ତ୍ତୀ ସମୟରେ ତାଙ୍କର ସ୍ୱାଦିଷ୍ଟ ଚା ସହରରେ ପରିଚୟ ପାଇଲା। ସୁନ୍ଦରଗଡ଼ ଟାଉନରେ ଏକାଧିକ ଚା ଦୋକାନ ଥିଲେ ମଧ୍ୟ ଆଲୋକଙ୍କ ଦୋକାନରେ ବଡବଡିଆ ବାବୁଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ବେଶ ଭିଡ ଜମେ। କାରବାର ବଢ଼ିବା ସହ ଆଲୋକଙ୍କ ଜନସମ୍ପର୍କ ମଧ୍ୟ ଭଲ। ପ୍ରତିଦିନ ଭୋର ୪ଟାରୁ ତାଙ୍କର ସକାଳ ଆରମ୍ଭ ହୁଏ । ନିଜର ନିତ୍ୟକର୍ମ ସାରିବା ପରେ ଆଲୋକ ପହଞ୍ଚି ଯାଆନ୍ତି ଦୋକାନରେ। ଆଲୋକଙ୍କ ହାତ ତିଆରି ଚା ପିଇବା ପାଇଁ ଗ୍ରାହକଙ୍କ ଭିଡ଼ ଜମେ। ସକାଳ ୧୦ଟା ପରେ ତାଙ୍କୁ ସାହାଯ୍ୟ କରିବା ପାଇଁ ବଡଭାଇ ଅମୂଲ୍ୟ ଦୋକାନରେ ପହଞ୍ଚି ଯାଆନ୍ତି। ଏହାପରେ ଆଲୋକ ଏକ ସିକ୍ୟୁରିଟି ସଂସ୍ଥାରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ କାମ କରନ୍ତି। ସେଠାରୁ ଫେରିବା ପରେ ଆଲୋକ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚା ଦୋକାନକୁ ଫେରି ଆସନ୍ତି । ଏବେ ତାଙ୍କ ଦୋକାନରେ ପ୍ରତିଦିନ ଅଢେଇରୁ ୩ ହଜାର ଟଙ୍କାର ଚା ବିକ୍ରି ହୋଇଥାଏ ବୋଲି ସେ କୁହନ୍ତି। ବଡଭାଇଙ୍କ ପରିବାର ସହିତ ନିଜ ଝିଅପୁଅ ଓ ସ୍ତ୍ରୀଙ୍କୁ ନେଇ ଏକାଠି ରୁହନ୍ତି ସେ । ଏବେ ସେ ସୁନ୍ଦରଗଡ଼ରେ ୨ବଖରା ଘର ତିଆରି କରିଛନ୍ତି। ପିଲାମାନଙ୍କୁ ସହରର ଭଲସ୍କୁଲରେ ପାଠପଢାଇବା ପାଇଁ ସକ୍ଷମ ହୋଇଥିବା ଆଲୋକ କୁହନ୍ତି। ଏଥିସହ ଆଲୋକ ଡାକ୍ତରଖାନାକୁ ଆସୁଥିବା ଅସହାୟ ରୋଗୀ ଓ ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତିମାନଙ୍କୁ ନିଜସାଧ୍ୟ ମୁତାବକ ସାହାଯ୍ୟ କରିବାକୁ ପଛାନ୍ତି ନାହିଁ। ସୁନ୍ଦରଗଡ଼ରୁ ଯୁବତୀଯୁବକମାନେ କାମଧନ୍ଦା ପାଇଁ ରାଜ୍ୟ ବାହାରକୁ ଯାଇ ବିଭିନ୍ନ ସମୟରେ ନିର୍ଯାତନାର ଶିକାର ହେଉଛନ୍ତି। ହେଲେ ନିଜ ମାଟିରେ ନିଷ୍ଠା, ଅଧ୍ୟବସାୟ ଓ ପରିଶ୍ରମ ବଳରେ ଭଲ ରୋଜଗାର କରି ହେବ ବୋଲି ସେ କୁହନ୍ତି।

–ଜୟନାରାୟଣ ମେଣ୍ଡୁଲି

## ଅବକାରୀ ଚଢ଼ାଉ, ମହୁଲ ପୋଚ ନଷ୍ଟ

**ଉଲୁଣ୍ଡା,୨।୮(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଝାରବାହାଲି (କୁଡାପଡା)ରେ ଶୁକ୍ରବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ ହୋଇଥିଲା। ଗ୍ରାମପାର୍ଶ୍ୱ ଜଙ୍ଗଲ ଅଞ୍ଚଳରେ ତନଖି ସମୟରେ ବିଭାଗର କର୍ମଚାରୀମାନେ ଦେଶୀମଦ ରନ୍ଧା ସ୍ଥାନ ଠାବ କରିଥିଲେ। ଘଟଣାସ୍ଥଳରେ ୪୮୦ କିଲୋ ମହୁଲ ପୋଚ ନଷ୍ଟ କରାଯାଇଥିଲା। ତେବେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନି। ଅବକାରୀ ଡିଏସ୍‌ପି ସନ୍ତୋଷ କୁମାର ଧଳସାମନ୍ତଙ୍କ ନେତୃତ୍ୱରେ ଏଏସଆଇ ପ୍ରଦୀପ କୁମାର ରଥ, କନେଷ୍ଟବଳ ପିଣ୍ଟୁ ସାହୁ, ନନ୍ଦି କର୍ମୀ, ପୃଥ୍ୱୀରାଜ କୁଅଁର, ଗଣେଷ ଭୋଇ ଓ ରବି ମାଝୀ ସାମିଲ ଥିଲେ।




## ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ପାଇକମାଲ,୨।୮(ଡି.ଏନ.ଏ.):** ବରଗଡ ଜିଲା ପାଇକମାଲ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ବାଘଝରଣ ଗ୍ରାମର ଘନଶ୍ୟାମ ବରିହା(୨୫)। ସେ ରସମୁଣ୍ଡାରେ ଥିବା ତାଙ୍କ ଭଉଣୀ ଘରେ ରହୁଥିବାବେଳେ ଉକ୍ତ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ଯୁବକ ଜଣକ ତାଙ୍କୁ ଅନ୍ୟ ସ୍ଥାନରେ ରଖି ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ଯୁବତୀ ଜଣକ ବାହା ହେବାକୁ କହିବାରୁ ଅଭିଯୁକ୍ତ ଯୁବକ ତାଙ୍କୁ ଘରେ ଛାଡି ପଳାଇ ଯାଇଥିଲେ। ଶୁକ୍ରବାର ପାଇକମାଲ ଥାନାରେ ପୀଡିତା ଯୁବତୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୨୮/୧୯) ରୁଜୁ କରି ଘନଶ୍ୟାମଙ୍କୁ ଗିରଫ କରିବା ସହ ପଦ୍ମପୁରରେ ଡାକ୍ତରୀମାଇନା କରାଇଥିଲା। ସେହିପରି ଗୁରୁବାର ପାଇକମାଲ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବୁଡେନ ଥାନା ଅନ୍ତର୍ଗତ ଦୁଆନଡିହି ଗ୍ରାମର ଟିକେଲାଲ ଲୁହାର ନାମକ ଜଣେ ଯୁବକ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଥିଲା। ଏହାପରେ ଟିକେଲାଲ ପଦ୍ମପୁର ନିକଟସ୍ଥ ବରିକେଲ ଗ୍ରାମରେ ଉକ୍ତ ଯୁବତୀଙ୍କୁ ଛାଡି ଦେଇ ଫେରାର ହୋଇ ଯାଇଥିଲେ । ଯୁବତୀ ଜଣଙ୍କ ପାଇକମାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୨୬/୧୯) ରୁଜୁ କରି ଦୁଆନଡିହି ଗ୍ରାମରୁ ଟିକେଲାଲଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ପରେ ତାଙ୍କୁ ମଧ କୋର୍ଟଚାଲାଣ କରାଯାଇଛି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ତୁମେ ଅନ୍ୟଠାରୁ ଯେଭଳି ବ୍ୟବହାର ଆଶା କରୁନାହଁ,
ସେଭଳି ବ୍ୟବହାର ତୁମେ ଅନ୍ୟ ପ୍ରତି ନ କରିବା ଉଚିତ
-କନଫୁସିୟସ

## ସଂକ୍ଷେପରେ

### ଆକ୍ସନ ମୁଡ୍‌ରେ ଜିଲାପାଳ
## ୩ ମାସ ମଧ୍ୟରେ ପ୍ରମୁଖ ସମସ୍ୟା ଦୂର କରିବାକୁ ଉଦ୍ୟମ

ବୌଦ୍ଧ,୨।୮(ସ୍ୱ.ପ୍ର) ବୌଦ୍ଧରେ ନୂତନ ଜିଲାପାଳ ଭାବେ ଲଲାଟେନ୍ଦୁ ମିଶ୍ର ଯୋଗଦେବା ପରେ ଲୋକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେଇଛନ୍ତି । ପ୍ରତିଦିନ ବହୁ ସଂଖ୍ୟାରେ ଲୋକ ଅଭିଯୋଗ ନେଇ ଜିଲାପାଳଙ୍କ ନିକଟରେ ପହଞ୍ଚୁଥିବା ବେଳେ ସେଗୁଡିକର ସମାଧାନ କିପରି କରାଯିବ ସେ ନେଇ ନିର୍ଦ୍ଦେଶ ଦେଉଛନ୍ତି । ବୌଦ୍ଧବାସୀଙ୍କ ପ୍ରମୁଖ ସମସ୍ୟା ରାସ୍ତା, ବିଦ୍ୟୁତ ଓ ପାନୀୟଜଳ ହୋଇଥିବାରୁ ଏହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା ଜିଲାପାଳ ମିଶ୍ର ପ୍ରକାଶ କରିଛନ୍ତି । ତେବେ ଆସନ୍ତା ତିନି ମାସ ମଧ୍ୟରେ ବୌଦ୍ଧ ସହରବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ସମାପ୍ତ କରିବା, ସହରର ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଓ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରାଥମିକତା ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି । ଜିଲା ଭିତରେ ବିଭିନ୍ନ ଅଞ୍ଚଳକୁ ନିଜର ସରକାରୀ ଗସ୍ତ ସମୟରେ ନିର୍ମାଣାଧୀନ ପ୍ରକଳ୍ପ ଗୁଡିକ ବୁଲି ଦେଖିବା ସହିତ ତୁରନ୍ତ ସେଗୁଡିକୁ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି । ଏହାବ୍ୟତୀତ ଜିଲାର ଶିକ୍ଷା ବ୍ୟବସ୍ଥା ସଜାଡିବା, ବିଦ୍ୟାଳୟ ଗୁଡିକର ଆବଶ୍ୟକତା ପୂରଣ ପାଇଁ ମୋ ସ୍କୁଲ ଅଭିଯାନକୁ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ବୌଦ୍ଧ ସହରରେ ପରିଚିତ ମୁହଁ ସହିତ ଜବରଦଖଲ ସମସ୍ୟା, ବ୍ୟାପକ ଦୁର୍ନୀତିର ମୁକାବିଲା ଜିଲାପାଳ ମିଶ୍ରଙ୍କ ପାଇଁ ବଡ ଚ୍ୟାଲେଞ୍ଜ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

### ■ ବରଗଡ଼ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଏଫ ବୈଠକ
# ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୨।୮

ବରଗଡ଼ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଏଫ ବୈଠକ ଶୁକ୍ରବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ କମିଟି ଅଧ୍ୟକ୍ଷ ସାର ପ୍ରଧାନ ଉପସ୍ଥିତ ସମସ୍ତ ଜନ ପ୍ରତିନିଧି ଏବଂ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ । ବୈଠକରେ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କରାଯାଇଥିଲା ଏବଂ ସମସ୍ତ ବିଭାଗର କାର୍ଯ୍ୟ ସମୀକ୍ଷାବେଳେ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଏଫ୍‌ର ଚେୟାରମ୍ୟାନ ପ୍ରଧାନ ଏପିଏଲ ଓ ଅନ୍ତ୍ୟୋଦୟ ଶ୍ରେଣୀର ପରିବାରର ସମସ୍ତଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଦାବି ଉପସ୍ଥାପନ କରିଥିଲେ । ଜିଲାର ଗୃହ ନିର୍ମାଣ କାର୍ଯ୍ୟର ସମୀକ୍ଷାବେଳେ ୩୦ହଜାର ଗୃହ ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ଥିବାବେଳେ ୧୯ହଜାର ୯୯୮ଟି ଚିହ୍ନଟ କରାଯାଇଛି ଏବଂ ତନ୍ମଧ୍ୟରୁ ୧୫ହଜାର ୩୧୯ଟି ଗୃହ ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ସୂଚନା ଦିଆଯାଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାଇ)ରେ ୨୦୧୮-୧୯ରେ ୯୯୭୮ଟି ଗୃହ ନିର୍ମାଣର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଏଥିମଧ୍ୟରୁ ୭୮୩୧ଟି ଘର ସମ୍ପୂର୍ଣ୍ଣ ହୋଇଛି ଏବଂ ୨୧୪୭ଟି ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବା ନେଇ ଅଧିକାରୀମାନେ ସୂଚନା ଦେଇଥିଲେ । ସେହିପରି ବିଜୁ ପକ୍କାଘର ଯୋଜନାରେ ୧ହଜାର ଗୃହ ନିର୍ମାଣ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ୯୨୦ଟିର କାର୍ଯ୍ୟାଦେଶ ଦିଆଯାଇଛି ଏବଂ ୫୪୦ଟି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ଅନ୍ୟପଟେ ୩୪୦ଟି ଗୃହ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି ବୋଲି ଗ୍ରାମ୍ୟ ଗୃହ ଉନ୍ନୟନ ବିଭାଗର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ ପଣ୍ଡା ପ୍ରକାଶ କରିଥିଲେ ।



ଷ୍ଟାଣ୍ଡି କମିଟି ବୈଠକରେ ଉପସ୍ଥିତ ଜନ ପ୍ରତିନିଧି, ଅଧିକାରୀବୃନ୍ଦ ।

ଓରମାସ୍‌ର କାର୍ଯ୍ୟ ସମୀକ୍ଷାବେଳେ ଏହି ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ ମେଳାରେ ଗ୍ରାମୀଣ ପଦାର୍ଥର ବଜାରୀକରଣ ଏବଂ ଗ୍ରାମାଞ୍ଚଳର ବେରୋଜଗାରୀ ଯୁବତୀ, ଯୁବକମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ ଏବଂ ତାଲିମ ପରେ ନିଯୁକ୍ତି ପ୍ରଦାନ ଉପରେ ମୁଖ୍ୟ ନିର୍ବାହୀ ରାଜଗୋପାଳ ଦାଶ ସୂଚନା ଦେଇଥିଲେ । ଜିଲା ଶିଳ୍ପକେନ୍ଦ୍ରର ସମୀକ୍ଷାବେଳେ ନିପୁଣ ହସ୍ତଶିଳ୍ପୀଙ୍କ ମାଧ୍ୟମରେ ଜିଲାରେ ୧୧ଟି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାଉଁଶ କାରୁକାର୍ଯ୍ୟ, ଟେରାକୋଟା, ଚାନ୍ଦୁଆ ଶିଳ୍ପ ଆଦି କାର୍ଯ୍ୟ ତନ୍ମଧ୍ୟରେ ରହିଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ । ଏହା ସହିତ ଶିଳ୍ପୀ ଉନ୍ନତି ଯୋଜନା କାର୍ଯ୍ୟକ୍ରମରେ ବ୍ୟାଙ୍କ ତରଫରୁ ଋଣ ପ୍ରଦାନ କରାଯାଇଥାଏ ବୋଲି ଅଧିକାରୀମାନେ ସୂଚନା ଦେଇଥିଲେ । ଏଥିରେ ଧାର୍ଯ୍ୟଲକ୍ଷ୍ୟ ୩୫ ରହିଥିବାବେଳେ ୨୨୪ଟି ଦରଖାସ୍ତ ବିଭିନ୍ନ ବ୍ୟାଙ୍କକୁ ପଠାଯାଇଥିଲା ଏବଂ ୩ଟି ଦରଖାସ୍ତ ମଞ୍ଜୁର ହୋଇ ଋଣ ପ୍ରଦାନ କରାଯାଇଥିଲା ବୋଲି ବିଭାଗୀୟ ଅଧିକାରୀ କହିଥିଲେ । ସେହିପରି ଗତ ଧନୁଯାତ୍ରା ମହୋତ୍ସବ ସମୟରେ ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ଏକ ହସ୍ତଶିଳ୍ପ ପ୍ରଦର୍ଶନୀ କରାଯାଇଥିଲା ଏବଂ ସେଥିରେ ୪୭ଜଣ କାରିଗର ସାମିଲ ହୋଇଥିଲେ । କାର୍ଯ୍ୟଶାଳା ଓ ଗୃହ ନିର୍ମାଣ ଯୋଜନା ମାଧ୍ୟମରେ ୨୦୧୮-୧୯ ବର୍ଷରେ ୧୨ଜଣଙ୍କୁ ଚୟନ କରାଯାଇଛି ବୋଲି ବିଭାଗୀୟ ଅଧିକାରୀ କହିଥିଲେ ।

ଆମ୍ ଆଦ୍‌ମୀ ବୀମା ଯୋଜନାରେ ୨୦୧୮-୧୯ ବର୍ଷରେ ୧୮୦ଜଣ କାରିଗରଙ୍କୁ ଚିହ୍ନଟ କରାଯାଇ ବିଭାଗୀୟ ନିର୍ଦ୍ଦେଶକଙ୍କ ନିକଟକୁ ପଠାଯାଇଛି । ସେହିପରି ତାଲିମ ସମୟରେ ପ୍ରଶିକ୍ଷାର୍ଥୀମାନଙ୍କୁ ୧ହଜାର ଟଙ୍କା ଲେଖାଏଁ ଷ୍ଟାଇପେଣ୍ଡ ଦେବା ବ୍ୟବସ୍ଥା ରହିଥିବାବେଳେ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ କାରିଗରମାନଙ୍କ ସ୍ୱାଭାବିକ କିମ୍ବା ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୨ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି ଜିଲା ଶିଳ୍ପକେନ୍ଦ୍ରର ସହକାରୀ ପରିଚାଳକ ମନୋଜ କୁମାର ଶତପଥୀ କହିଥିଲେ । ଏହାପରେ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର କାର୍ଯ୍ୟ ସମୀକ୍ଷା କରାଯାଇଥିଲା । ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ଜିଲା ପରିଷଦ ସଭ୍ୟା ପାର୍ବତୀ ଭୋଇ, ଅଶୋକ ସାହୁ, ଶଙ୍କର ଖାଲକୋ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ପରିଷଦ ସଭ୍ୟ ଲଳିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁଇଶିରା ଗ୍ରାମରେ ଅଦିନିଆ ରଥଯାତ୍ରା

ଭଟଲି,୨।୮(ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କୁଇଶିରା ଗ୍ରାମରେ ଶୁକ୍ରବାର ଶ୍ରାବଣ ମାସ ଦ୍ୱିତୀୟା ତିଥିରେ ରଥଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଅବସରରେ ଜଗନ୍ନାଥ ମହାପ୍ରଭୁ ଶ୍ରୀମନ୍ଦିରସ୍ଥ ରତ୍ନସିଂହାସନ ଛାଡ଼ି ରଥାରୂଢ଼ ହୋଇ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ଏଥିପାଇଁ ଶୁକ୍ରବାର ପ୍ରତ୍ୟୁଷରୁ ପ୍ରଭୁଙ୍କ ଦୈନିକ ପୂଜାନୀତି ହେବା ପରେ ପ୍ରଭୁଙ୍କ ସାହାଣମେଳା ହୋଇଥିଲା । ଏହାପରେ ଜଗନ୍ନାଥଙ୍କ ଘୋଷଯାତ୍ରା ପାଇଁ ପହଣ୍ଡିପୂଜା ହୋଇଥିଲା । ପହଣ୍ଡିପୂଜା ପରେ ମଙ୍ଗଳାର୍ପଣ ଶେଷ ହେବା ସହିତ କୁଇଶିରା ଜମିଦାର ଛେରାପହଁରା କରିଥିଲେ । ଏହାପରେ ଜଗନ୍ନାଥ ବଡ଼ଦାଣ୍ଡକୁ ବିଜେ କରିଥିଲେ । ଭକ୍ତଙ୍କ ଗହଳିରେ ଜଗନ୍ନାଥ ପୁରୋହିତଙ୍କ କର ଦୋଳିରେ ଶ୍ରୀମନ୍ଦିରରୁ ରଥ ନିକଟକୁ ପହଣ୍ଡ ହୋଇ ଆସି ରଥାରୂଢ଼ ହୋଇଥିଲେ । ଏହାପରେ ନନ୍ଦିଘୋଷ ରଥ ମାଉସୀ ମାଁ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲା । ସନ୍ଧ୍ୟାରେ ରଥ ବଡ଼ଦାଣ୍ଡ ପଡ଼ିଆରେ ପହଞ୍ଚିବା ପରେ ନବଜାତ ଶିଶୁଙ୍କ ରଥଛୁଆଁ ଠାରୁ ଆରମ୍ଭ କରି ମହାପ୍ରଭୁଙ୍କ ବିଭିନ୍ନ ପୂଜାବିଧି କରାଯାଇଥିଲା । ଏହାପରେ ମହାପ୍ରଭୁଙ୍କୁ ମାଉସୀ ମନ୍ଦିରରେ ବିଜେ କରାଯାଇଥିଲା । ଏହି ଅବସରରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ପ୍ରକାଶଥାଉକି ଅନ୍ୟ ସବୁ ସ୍ଥାନରେ ଆଷାଢ଼ ମାସରେ ରଥଯାତ୍ରା ପାଳିତ ହେଉଥିବା ବେଳେ ଏହି ଗ୍ରାମରେ ଶ୍ରାବଣ ମାସ ଦ୍ୱିତୀୟା ତିଥିରେ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପାଳିତ ହେଉଛି ।

# ପୁରୁଣାକଟକ ଡାକ୍ତରଖାନାକୁ ବୌଦ୍ଧ ଜିଲାପାଳଙ୍କ ପରିଦର୍ଶନ

ପୁରୁଣାକଟକ,୨।୮ (ଡି.ଏନ.ଏ)

ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଶୁକ୍ରବାର ସନ୍ଧ୍ୟାରେ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଚାନକ ପରିଦର୍ଶନରେ ଆସି ରୋଗୀସେବା ସହ ପାରିପାର୍ଶ୍ୱିକ ଅବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ । ଜିଲାପାଳ ଡାକ୍ତରଖାନାକୁ ଆସିଥିବା ଜାଣି କିଛି ସ୍ଥାନୀୟ ଲୋକେ ପହଞ୍ଚି ଜିଲାପାଳଙ୍କୁ ଡାକ୍ତରଖାନାରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ । ରୋଗୀଙ୍କ ହଲରେ ଜେନେରେଟର କିମ୍ବା ଇନଭର୍ଟର ନ ଥିବାରୁ ବିଦ୍ୟୁତ ଚାଲିଗଲେ ରୋଗୀ ଅସୁବିଧାରେ ପଡୁଛନ୍ତି । ଏହି ଡାକ୍ତରଖାନା ଉପରେ ହରଭଙ୍ଗା ବ୍ଲକର ଅଧିକାଂଶ ଲୋକ ନିର୍ଭର କରୁଥିବାରୁ ଅଧିକ ଡାକ୍ତର ଓ ଖାଲିଥିବା ପଦବୀ ପୂରଣ, ଏକ୍ସ ରେ ଟେକ୍‌ନିସିଆନ ଓ ଷ୍ଟାଫମାନଙ୍କ ପାଇଁ କ୍ୱାଟର, ସମ୍ମୁଖ ଗେଟ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ପୁରୁଣାକଟକ ବ୍ୟବସାୟୀ ସଂଘ ସଭାପତି ସମରେନ୍ଦ୍ର ବେହେରା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲାପାଳ ନିରାମୟ ଯୋଜନାରେ ରୋଗୀଙ୍କୁ ଦିଆଯାଉଥିବା ଔଷଧ ବିଷୟରେ ଡାକ୍ତର ରବିନାରାୟଣ ପାରମାଣିଙ୍କୁ ପଚାରିବା ସହ ଡାକ୍ତରଖାନା ପରିସରକୁ ସଫା ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।


### ପୂର୍ବ ତଟ ରେଳପଥ
### ଭଡ଼ା ସୂତ୍ରରେ ଗାଡ଼ି

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONHQBBS 2019029, ତା.30.07.2019ରିଖ

କାର୍ଯ୍ୟର ନାମ : "ଏକ ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ନୂଆ ରେଳ ଲିଙ୍କ୍ ପ୍ରକଳ୍ପ ସମ୍ବନ୍ଧୀୟ କାର୍ଯ୍ୟ ତଦାରଖ/ନିରୀକ୍ଷଣ ଉଦ୍ଦେଶ୍ୟରେ ପୂର୍ବ ତଟ ରେଳପଥ, ବଲାଙ୍ଗୀରଙ୍କ ନିର୍ମାଣ ସଂଗଠନର ଅଧିକାରୀମାନଙ୍କ ବ୍ୟବହାର ନିମନ୍ତେ (02 ଗୋଟି ନନ୍-ଏସି ଟାଟା ସୁମୋ/ବୋଲେରୋ କିମ୍ବା ଅନୁରୂପ, 01 ଗୋଟି ପାଞ୍ଚ ସିଟ୍ ବିଶିଷ୍ଟ ପିକ୍-ଅପ୍ ଭ୍ୟାନ୍) ଭଡ଼ା ସୂତ୍ରରେ ନେବା ।"

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 15.77 ଲକ୍ଷ, EMD (ଟଙ୍କାରେ) : 31,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.21.08.2019 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-32/CC/19-20



### BEFORE THE JUDGE FAMILY COURT, BHUBANESWAR

CP Case No. - 291/2018

Ashwini Kumar Pani ... Petitioner
Vrs
Rajalaxmi Panda ... Respondent

NOTICE U/O-5, RULE - 20 OF C.P.C.

To
Smt. Rajalaxmi Panda, aged about 30 years, D/o. Late Hrushikesh Panda of Mandiapalli, Infront of G.S.T.K., P.O.- Mandiapalli, P.S.- Gopalpur, Berhampur, Dist.- Ganjam.

Take notice that, the above named petitioner has instituted a suit for divorce U/s-13(1) (ia) of Hindu Marriage Act. 1955 against you to dissolve the marriage solemnized on 03.12.2016. As you are avoiding to receive summons issued from the Court time and again, hence you are hereby directed to appear in person on the 18th day of September 2019 at 10.30 A.M. positively to answer the claim, if any. In default of your appearance on the above mentioned date and time, the suit shall be heard and determined in your absence.

Given under my hand and the seal of the court this 30th day of July 2019.

Sd./- (Sri. A.K. Singh)
Judge Family Court
Bhubaneswar
Dist.- Khurdha, Odisha


# ଶୌଚାଳୟରେ ଝୁଲୁଛି ତାଲା

ଜାମଟିକ୍ରା, ୨।୮ (ଡି.ଏନ.ଏ)

ସ୍ୱଚ୍ଛ ଭାରତ ଯୋଜନାରେ ଅତାବିରା ଏନଏସି ଅଞ୍ଚଳକୁ ବାହ୍ୟ ମଳମୁକ୍ତ ଓ ସ୍ୱଚ୍ଛ ରଖିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ସାଧାରଣ ଜନତାଙ୍କୁ ବାହ୍ୟ ମଳତ୍ୟାଗରୁ ଦୂରେଇ ରଖିବା ପାଇଁ ଏନଏସିର ବିଭିନ୍ନ ଜନଗହଳି ପୂର୍ଣ୍ଣ ଛକ ମାନଙ୍କରେ ସର୍ବସାଧାରଣ ଶୌଚାଳୟ ନିର୍ମାଣ କରାଯାଇଛି । ମାତ୍ର ଅଦ୍ୟାବଧି ଶୌଚାଳୟ କାର୍ଯ୍ୟକ୍ଷମ ହୋଇ ନ ଥିବା ଦେଖିବାକୁ ମିଳୁଛି । ଶୌଚାଳୟରେ ତାଲା ଝୁଲୁଛି । ଏନଏସି ଅନ୍ତର୍ଗତ ରେଙ୍ଗାଲିକ୍ୟାମ୍ପ ଛକରେ ୪ ଲକ୍ଷ ୫୦ ହଜାର ଟଙ୍କାରେ ସର୍ବସାଧାରଣ ଶୌଚାଳୟ ନିର୍ମାଣ କରାଯାଇଛି । ଅକ୍ଟୋବର ୨୦୧୮ରେ ଶୌଚାଳୟ ନିର୍ମାଣ କାମ ଶେଷ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇନି । ଫଳରେ ଏବେବି ଏ ଅଞ୍ଚଳବାସୀ ଖୋଲା ପଡିଆ ଓ ଏନଏଚ ରାସ୍ତା କଡରେ ଶୌଚ କରୁଛନ୍ତି । ଏଠାରେ ବାହ୍ୟ ମଳମୁକ୍ତ ସହର ଏକ ପ୍ରହସନ ପାଲଟିଛି । ଏନଏସି ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ ତାହା କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ରେଙ୍ଗାଲିକ୍ୟାମ୍ପ ଛକ ବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଏନଏସି ଇଓ ତପସ୍ୱିନୀ ଗୁରୁଙ୍କୁ ପଚାରିବାରୁ ଖୁବଶୀଘ୍ର ଶୌଚାଳୟ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି ।




ଶୌଚାଳୟରେ ତାଲା ପଡିଛି ।

## ଷ୍ଟାର୍ଟ ବେଳେ ମୋପେଡ୍ ଗାଡ଼ି ଜଳିଗଲା

ବରଗଡ଼ ଅଫିସ୍,୨।୮

ବରଗଡ଼ ଉମା ଟକିଜ୍ ଗଳି ରାସ୍ତାରେ ଶୁକ୍ରବାର ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ଏକ ଟିଭିଏସ ଏକ୍ସଏଲ ମୋପେଡ୍ (ନଂ.ଓଡି୧୭ଏଫ/୦୯୭୮)କୁ ଷ୍ଟାର୍ଟ କରିବା ସମୟରେ ତାହା ହଠାତ୍ ଜଳି ଯାଇଥିଲା । ମୋପେଡ୍‌ର ଚକ ଏବଂ କିଛି ଅଂଶ ପୋଡ଼ି ନଷ୍ଟ ହୋଇଯାଇଥିଲା । ସ୍ଥାନୀୟ ଲୋକେ ନିଆଁ ଲିଭାଇବା ସହିତ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀ ବାସୁଦେବ ସାମଲ, ନରସିଂହ ବର୍ଗେ, ବିକାଶ ବର୍ଗେ, ବିନୋଦ କେର୍କେଟା, ମାଇକେଲ କେର୍କେଟା, ଡୁଲେଶ୍ୱର ଗାର୍ଡ଼ିଆ ପ୍ରମୁଖ ଦମକଳ ଗାଡ଼ି ଧରି ସେଠାକୁ ପହଞ୍ଚିଥିଲେ । ସେମାନେ ଘଟଣାସ୍ଥଳକୁ ପହଞ୍ଚିବା ବେଳକୁ ଲୋକେ ନିଆଁକୁ ଆୟତ୍ତ କରିସାରିଥିଲେ । କ୍ଷତିଗ୍ରସ୍ତ ମୋପେଡ୍‌ଟି ବରଗଡ଼ ସହର ବାଲିଜୁରୀ ଅଞ୍ଚଳର ଜଣେ ଲୋକଙ୍କର ହୋଇଥିଲେ । ସେ ବଜାର କରିବାକୁ ଆସିଥିବା ବେଳେ ଏହି ଘଟଣା ଘଟିଥିଲା । ସର୍ଟସର୍କିଟ୍ ଯୋଗୁ ସେଭଳି ହୋଇଥିବା ଅନୁମାନ କରାଯାଉଛି ।


### IN THE COURT OF PRINCIPAL JUDGE, FAMILY COURT, GUMLA
O.S. 35/2018

Rubi Sharma........Plaintiff
Versus
Navneet Sharma.........Defendant

NOTICE FOR APPEARANCE

To
Navneet Sharma,S/o- Sundar Sharma, Vill- Ganesh Nagar, Rengali, PS- Rengali, Dist- Sambalpur (Odisha)

Whereas plaintiff has filed a case against you and two registered notice has been sent to your address but you did not appear.

You are hereby directed to appear on dated 13.08.2019 personally or through lawyer otherwise the case will heard exparte.

Issued on 22.07.2019

Sd./- Principal Judge family Court, Gumla



### ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର,
୧୮/୧, ଅଇଁଠାପାଲି ରୋଡ୍, ସମ୍ବଲପୁର, ଓଡ଼ିଶା-୭୬୮୦୦୪

ୟୁକୋ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ବଲପୁର ଅନ୍ତର୍ଗତ ଶାଖା ଏବଂ କାର୍ଯ୍ୟାଳୟର ବୈଦ୍ୟୁତିକ କାମ ସମୀକ୍ଷା ନିମନ୍ତେ ପ୍ରମାଣିତ ବୈଦ୍ୟୁତିକ ସମୀକ୍ଷକମାନଙ୍କୁ ବଛାଯାଇ ତାଲିକାଭୁକ୍ତ କରିବା ନିମିତ୍ତ ବିଜ୍ଞାପନ

ୟୁକୋ ବ୍ୟାଙ୍କ କାର୍ଯ୍ୟାଳୟ ସମ୍ବଲପୁର ଅଧିନରେ ଥିବା ଅଫିସ ଓ ଶାଖାମାନଙ୍କରେ ବୈଦ୍ୟୁତିକ କାର୍ଯ୍ୟ ସମୀକ୍ଷା ନିମନ୍ତେ ପ୍ରମାଣିତ ବୈଦ୍ୟୁତିକ ସମୀକ୍ଷକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଛନ୍ତି । ଆଗ୍ରହୀ ବ୍ୟକ୍ତି ବିଶେଷ/ସଂସ୍ଥା ତା.୨୦/୦୮/୨୦୧୯ ଅପରାହ୍ନ ୨.୩୦ ଘଟିକା ମଧ୍ୟରେ ଉପର ଦର୍ଶିତ ଠିକଣାରେ ଦରଖାସ୍ତ ଦାଖଲ କରିପାରିବେ । ସମ୍ପୂର୍ଣ୍ଣ ବିବରଣୀ ବ୍ୟାଙ୍କର ୱେବ୍‌ସାଇଟ୍ www.ucobank.com ରେ ଉପଲବ୍ଧ ଅଛି ।

ତା:୦୨.୦୮.୨୦୧୯ ସ୍ଥାନ: ସମ୍ବଲପୁର
ଆଞ୍ଚଳିକ ପ୍ରବନ୍ଧକ ୟୁକୋ ବ୍ୟାଙ୍କ


## ପରିଚୟ ମିଳିଲାନି ଶେଷରେ ମୃତଦେହ ପୋତିଦେଲା ପୋଲିସ

ବରଗଡ଼ ଅଫିସ୍,୨।୮

ବରଗଡ଼ ଜିଲା ବରଗଡ଼ ସଦର ଥାନା ପୋଲିସ ଗତ ୩୦ ତାରିଖରେ ଗୁଡ଼େଶିରା କେନାଲରେ ଭାସୁଥିବା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଉଦ୍ଧାର କରିଥିଲା । ଉଦ୍ଧାର ପରେ ମୃତଦେହକୁ ଜିଲା ମୁଖ୍ୟ ଡାକ୍ତରଖାନା ଅଣାଯାଇ ବ୍ୟବଚ୍ଛେଦ କରାଯାଇଥିଲା । ତେବେ ମୃତଦେହ ଚିହ୍ନଟ ହୋଇ ପାରି ନ ଥିବା ଯୋଗୁ ପୋଲିସ ସେହିଦିନଠାରୁ ତାକୁ ଜିଲା ମୁଖ୍ୟ ଡାକ୍ତରଖାନାର ଶବ ସଂରକ୍ଷଣ ଗୃହରେ ରଖିଥିଲା । ଗୁରୁବାର ସୁଦ୍ଧା ତାର ପରିଚୟ ମିଳିପାରି ନ ଥିଲା । ଫଳରେ ବାଧ୍ୟ ହୋଇ ଶୁକ୍ରବାର ପୋଲିସ ସେହି ମୃତଦେହକୁ ଜିରା ନଦୀ କୂଳରେ ପୋତି ଦେଇଛି ।

### ■ ସ୍କୁଲ ନିର୍ମାଣ କାମ ଅଧାପନ୍ତରିଆ, ଶିକ୍ଷକ ଅଭାବ
# ପାଠପଢ଼ା ବ୍ୟାହତ, ଜିଲାପାଳଙ୍କୁ ଅଭିଯୋଗ

ମନମୁଣ୍ଡା, ୨।୮ (ଡି.ଏନ.ଏ)

କନ୍ଧମାଳ ବ୍ଲକ ଶୁଣ୍ଠିପଦର ଗ୍ରାମପଞ୍ଚାୟତ ଲକ୍ଷ୍ମୀପ୍ରସାଦ ୟୁଜି ଉଚ୍ଚ ବିଦ୍ୟାଳୟ କୋଠା ନିର୍ମାଣ ଅଧାପନ୍ତରିଆ ଭାବେ ପଡି ରହିଥିବା ବେଳେ ଶିକ୍ଷକ ପଦବୀ ଖାଲି ପଡିଥିବାରୁ ପାଠପଢ଼ା ବ୍ୟାହତ ହେଉଛି । ଅଞ୍ଚଳବାସୀ ଏ ନେଇ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି ।

ସୂଚନା ଅନୁସାରେ, ଲକ୍ଷ୍ମୀପ୍ରସାଦ ସରକାରୀ ମଧ୍ୟଇଂରାଜୀ ବିଦ୍ୟାଳୟକୁ ୨୦୧୬ ମସିହାରେ ସରକାର ୟୁଜି ହାଇସ୍କୁଲରେ ପରିଣତ କରିଥିଲେ । ବିଦ୍ୟାଳୟ କୋଠା ନିର୍ମାଣ ପାଇଁ ସରକାର ୪୧ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ସେତେବେଳେ ଉକ୍ତ ବିଦ୍ୟାଳୟ କୋଠା ନିର୍ମାଣ କାମ ଆରମ୍ଭ ହୋଇଥିଲା । ନିର୍ମାଣ ସମୟ ଅବଧି ସରିଯାଇଥିବା ବେଳେ ତାହା ଅଧାପନ୍ତରିଆ ହୋଇ ପଡିରହିଛି । ଉକ୍ତ ସ୍କୁଲର ୧୩୧ ଜଣ ଛାତ୍ରୀଛାତ୍ର ପୁରୁଣା କୋଠାରେ ପଢୁଛନ୍ତି । ଶ୍ରେଣୀ ପ୍ରକୋଷ୍ଠ ଅଭାବରୁ ୪ଟି ଶ୍ରେଣୀ ପ୍ରକୋଷ୍ଠରେ ୧୦ଟି ଶ୍ରେଣୀର ଛାତ୍ରୀଛାତ୍ର ପାଠ ପଢୁଥିବା ପ୍ରଧାନଶିକ୍ଷକ ଭାଗ୍ୟଧର ସାହୁ ଜଣାଇଛନ୍ତି । ସେହିପରି ବର୍ତ୍ତମାନ ସୁଦ୍ଧା ବିଦ୍ୟାଳୟରେ ବିଜ୍ଞାନ, ସଂସ୍କୃତ, ହିନ୍ଦୀ, ପିଇଟି, ପିଅନ ପଦବୀ ପୂରଣ ହୋଇନାହିଁ । ମାତ୍ର ୪ଜଣ ଶିକ୍ଷକ ୧୦ଟି ଶ୍ରେଣୀରେ ପାଠ ପଢ଼ାଉଛନ୍ତି । ଉକ୍ତ ବିଦ୍ୟାଳୟକୁ ପାଲଝିର, ପେନାଯୋର, ମନୋହରପୁର, ସେକାମାଲ, ଶିଗାଡି, ଦଧିମୁଣ୍ଡା, କନାବୀର, ଲକ୍ଷ୍ମୀପ୍ରସାଦ ଆଦି ଅଞ୍ଚଳର ଛାତ୍ରୀଛାତ୍ର ପଢ଼ିବାକୁ ଆସୁଥିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ବୁଧବାର ଜିଲାପାଳଙ୍କୁ ଇ ମେଲ ଯୋଗେ ଅଭିଯୋଗ ପଠାଇଥିବା ସ୍ଥାନୀୟ ବାସିନ୍ଦା ସୁଜିତ କୁମାର ମହାକୁଡ, ଦୁର୍ଯ୍ୟୋଧନ ଗିରି, ଭକ୍ତି ମଲିକ, ଶ୍ରୀକାନ୍ତ ଜଗଦଲା, ଗଣେଷ ମହାକୁଡ ପ୍ରମୁଖ ଜଣାଇଛନ୍ତି । ଏ ନେଇ ଠିକାଦାର ବିହାରୀ ମାଝୀଙ୍କୁ ପଚାରିବାରୁ ସେ କହିଲେ, ନିର୍ମାଣ ସ୍ଥଳରେ ଟିଣ ଫଳକ ଲାଗିଥିଲା । ତାକୁ କେହି ଚୋରି କରି ନେଇଯାଇଛି । ଆଉ ଗୋଟିଏ ନୂତନ ଫଳକ କରାଯିବ ଏବଂ କାମ ଉଚ୍ଚମାନର ହୋଇଥିବା ସେ କହିଥିଲେ । ପ୍ରଥମେ ୪ଟି କୋଠରୀ ପାଇଁ ଏଷ୍ଟିମେଣ୍ଟ ହୋଇଥିଲା ଓ କାମ ମଝିରେ ୬ଟି କୋଠରୀ କରାଯିବାକୁ କୁହାଗଲା । ଫଳରେ ଅଟକଳ ବାହାରେ ହୋଇଥିଲା । ସେଥିପାଇଁ କାମ ବନ୍ଦ ରହିଛି । ସେ ନେଇ ଏକଜିକ୍ୟୁଟିଭ ଇଞ୍ଜିନିୟରଙ୍କୁ ଅବଗତ କରାଯାଇଛି । ତାଙ୍କ ନିର୍ଦ୍ଦେଶ ଆସିଲା ପରେ ପରବର୍ତ୍ତୀ କାମ କରାଯିବ ବୋଲି ଠିକାଦାର କହିଥିଲେ । ଏ ନେଇ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ପଚାରିବାରୁ ସେ ଡିଇଓଙ୍କୁ ଏହାର ତଦନ୍ତ ସକାଶେ ନିର୍ଦ୍ଦେଶ ଦେଇଥିବା କହିଥିଲେ ।


### କାନାରା ବ୍ୟାଙ୍କ
(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)

କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ୟୁନିକ ଡିଷ୍ଟ୍ରିବ୍ୟୁଟର ଭବନ, କଟକ ରୋଡ୍, ଫ୍ଲାଏ ଓଭର ଆରମ୍ଭ, ଲକ୍ଷ୍ମୀ ସାଗର, ଭୁବନେଶ୍ୱର-୭୫୧୦୦୬, ଫୋନ୍ ନଂ.: ୦୬୭୪-୨୫୭୦୬୯୬

### ଗାଡି ବିକ୍ରୟ ନୋଟିସ୍

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡିଗୁଡିକ କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଟିକସ ଏବଂ ବୀମା ଦେୟ ସହିତ ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି ।

| ଶାଖାର ନାମ ଏବଂ ଠିକଣା / ଫୋନ୍ ନଂ. | ଋଣଗ୍ରହୀତାଙ୍କ ନାମ/ ଆକାଉଣ୍ଟ ନଂ. / ଋଣ ତାରିଖ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ |
|---|---|---|---|
| ଖୋର୍ଦ୍ଧା (୩୩୬୬)/ ୭୬୦୫୦୦୯୦୮୭ | ବସନ୍ତ ଭଞ୍ଜ / ୩୩୬୬୭୬୮୦୦୦୦୮୫ / ୨୫.୧୦.୨୦୧୭ | Kapl Reo Auto / OD02AU8638 | ଟ.୬୦,୦୦୦/- |
| ଖୋର୍ଦ୍ଧା (୩୩୬୬)/ ୭୬୦୫୦୦୯୦୮୭ | ଦେବାଶିଷ ମିଶ୍ର / ୩୩୬୬୭୬୮୦୦୦୦୬୮ / ୨୫.୦୯.୨୦୧୭ | Kapl Reo Auto / OD02AT0161 | ଟ.୫୫,୦୦୦/- |
| ଗୋପାଳପୁର (୫୯୩୧)/ ୭୬୦୫୦୦୯୦୭୬ | ସମୀର କୁମାର ମଲ୍ଲିକ / ୫୯୩୧.୭୬୮.୨୨ / ୨୦.୦୧.୨୦୧୬ | APE AUTO / OD 05 T 0519 | ଟ.୬୦,୦୦୦/- |
| କଳାପଥର (୪୧୩୬)/ ୭୬୦୫୦୦୯୦୮୪ | ମାୟାଧର ସ୍ୱାଇଁ / ୪୧୩୬୭୬୮୦୦୦୦୫୦ / ୦୩.୦୮.୨୦୧୭ | E RICKSHAW / OD 33 W 7222 | ଟ.୪୫,୦୦୦/- |
| ନରାଜ ମାର୍ଥାପୁର (୩୨୯୭)/ ୭୬୦୫୦୦୯୦୯୦ | ଚିନ୍ମୟ ସାହୁ / ୩୨୯୭୭୬୮୦୦୦୦୧୪ / ୩୧.୦୩.୨୦୧୬ | PIAGGIO DALA AUTO / OD 05 T 5806 | ଟ.୬୦,୦୦୦/- |
| ନୟାବଜାର (୪୯୧୯)/ ୭୬୦୫୦୦୯୦୭୮ | ପଦ୍ମନାଭ ପାତ୍ର / ୪୯୧୯୭୬୮୦୦୦୦୨୪ / ୧୬.୦୪.୨୦୧୫ | TVS KING AUTO / OD 05 N 1562 | ଟ.୩୫,୦୦୦/- |
| ନୟାବଜାର (୪୯୧୯)/ ୭୬୦୫୦୦୯୦୭୮ | ଜିତେନ୍ଦ୍ର ବାରିକ / ୪୯୧୯୭୬୮୦୦୦୦୨୯ / ୧୪.୦୫.୨୦୧୫ | RE OPTIMA AUTO / OD 05 N 4585 | ଟ.୪୦,୦୦୦/- |
| ବାରିପଦା (୧୪୨୯)/ ୭୬୦୫୦୦୯୧୦୮ | ଶ୍ରୀ ରଞ୍ଜିତ ମୁଖୀ / ୧୪୨୯୭୪୦୦୦୬୩୩୪ / ୨୨.୦୬.୨୦୧୩ | Atulsmart D (Autorickshaw) / OD11B-0071 | ଟ.୧୨,୦୦୦/- |
| ବାରିପଦା (୧୪୨୯)/ ୭୬୦୫୦୦୯୧୦୮ | ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ / ୧୪୨୯୬୦୩୦୦୬୩୪୩ / ୧୯.୧୨.୨୦୧୨ | Renault India pvt ltd / Scala (Motor Car) / OD11B-1234 | ଟ.୧,୦୦,୦୦୦/- |
| ବାରିପଦା (୧୪୨୯)/ ୭୬୦୫୦୦୯୧୦୮ | ଶ୍ରୀ ରଞ୍ଜନ ନାୟକ / ୧୪୨୯୭୪୦୦୦୬୩୫୪ / ୨୪.୦୨.୨୦୧୫ | ATUL PL(AUTO RICKSHAW) / OD11D-3226 | ଟ.୩୦,୦୦୦/- |
| ଜଳେଶ୍ୱର (୪୧୩୧)/ ୭୬୦୫୦୦୯୧୨୬ | ଶ୍ରୀ ଜଗନ୍ନାଥ ବେରା / ୪୧୩୧୭୬୮୦୦୦୦୦୯ / ୩୦.୦୧.୨୦୧୫ | Indofarm 3040SC DI40 (Tractor) / OD01G-4797 | ଟ.୧,୫୦,୦୦୦/- |
| ବାସୁଦେବପୁର (୬୧୨୩)/ ୭୬୦୫୦୦୯୧୧୦ | ରମେଶ ଚନ୍ଦ୍ର ସେଠୀ / ୬୧୨୩୭୬୮୦୦୦୦୦୫ / ୨୭.୦୪.୨୦୧୬ | Alfa Plus (Auto Rickshaw Goods) / OD22F-1340 | ଟ.୮୦,୦୦୦/- |

ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବ ମାନ ଦାଖଲ କରିପାରିବେ:

୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "......................... କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ଏହି ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ ଅର୍ଥାତ୍ ତା.୧୨.୦୮.୨୦୧୯ରିଖ ପୂର୍ବରୁ ଦାଖଲ କରିବେ ।
୨. ପ୍ରସ୍ତାବ ସହିତ ଟ.୧୦,୦୦୦/-ର ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ କାନାରା ବ୍ୟାଙ୍କ ସପକ୍ଷରେ ଭୁବନେଶ୍ୱରକୁ ପୈଠ ଦର୍ଶାଇ ଦାଖଲ କରିବେ ।
୩. ଗାଡି ଗୁଡ଼ିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ ତା.୦୯.୦୮.୨୦୧୯ରିଖ ସୁଦ୍ଧା ଯାଞ୍ଚ କରିପାରିବେ ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ /ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି । ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ ପ୍ରତିହତ କରିବ ନାହିଁ ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର ୭ଦିନ ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ । ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଦେୟ / ଫିସ୍ ବହନ କରିବେ ।

ଏହି ନୋଟିସ୍ ଦ୍ୱାରା ଗାଡିର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ୭ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ । ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀଙ୍କୁ ହସ୍ତାନ୍ତରିତ କରାଯିବ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୨.୦୮.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



ଥରେ ଖ୍ୟାତି ଅର୍ଜ୍ଜନ କରିଗଲେ ତାକୁ ଜୀବନ ତମାମ ଧରି ରଖିବା ଭାରି କଷ୍ଟ। -ଭଲ୍‌ଟାୟର



## ସଂକ୍ଷେପରେ

### ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

ପଦ୍ମପୁର, ୨।୮ (ଡି.ଏନ.ଏ)

ପଦ୍ମପୁର ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକା ବିଭାଗ ତରଫରୁ ଶୁକ୍ରବାର ଏକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନନ୍ଦିନୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ୧୭୦ ଜଣ ମା' ଉପସ୍ଥିତ ଥିଲେ । ସମ୍ମିଳନୀର ସଭାପତି ଦ୍ୱାଦଶ ପ୍ରଧାନ, ସମ୍ମାନିତ ଅତିଥି କଲ୍ୟାଣୀ ମିଶ୍ର ମଞ୍ଚାସୀନ ଥିବାବେଳେ ପ୍ରଧାନଆଚାର୍ଯ୍ୟ ଯୁବରାଜ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିମାନେ ଶିଶୁମାନଙ୍କ ବିକାଶ ଦିଗରେ ମା'ମାନଙ୍କର ଭୂମିକା ସମ୍ପର୍କରେ ମାତୃ ମଣ୍ଡଳୀକୁ ମାର୍ଗଦର୍ଶନ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଶିଶୁ ବାଟିକାର ଗୁରୁମା, ଗୁରୁଜୀଙ୍କ ଦ୍ୱାରା ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା ।

### ଆୟୁର୍ବେଦିକ କଲେଜରେ ରକ୍ତଦାନ ଶିବିର, ୩୧ ୟୁନିଟ ରକ୍ତ ସଂଗ୍ରହ

ପାଇକମାଲ, ୨ ।୮(ଡି.ଏନ.ଏ)

ପାଇକମାଲର ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ରରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ଅଧକ୍ଷ ସତ୍ୟଭୁଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମନୋଜ କୁମାର ତ୍ରିବେଦୀ, ଡା. ସୁଶ୍ରୀ ମହାପାତ୍ର, ଡା. କାମିନି କର, ସଂଗ୍ରାମ କେଶରୀ ମହନ୍ତ ଯୋଗଦେଇ ରକ୍ତଦାନ ଜୀବନ ଦାନ ମତବ୍ୟକ୍ତ କରିଥିଲେ । ସଭାରେ କଲେଜର ଛାତ୍ରୀଛାତ୍ର, ସମସ୍ତ କର୍ମଚାରୀ ଉପସ୍ଥିତ ଥିବା ବେଳେ ନିଲେସ ଅଗ୍ରୱାଲ ଓ ବଡ ସତପଥୀ ଯୋଗଦାନ କରିଥିଲେ । ପଦ୍ମପୁରରୁ ଆସିଥିବା ରକ୍ତ ଭଣ୍ଡାରର କର୍ମଚାରୀମାନେ ସହଯୋଗ କରିଥିଲେ । କଲେଜର ୩୧ ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ । ଶେଷରେ ପ୍ରଶାସକ ମନୋଜ ତ୍ରିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

### ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟରେ ବିଦାୟକାଳୀନ ସଭା

ପାଇକମାଲ,୨।୮(ଡି.ଏନ.ଏ)

ପାଇକମାଲ ସରକାରୀ ଆୟୁର୍ବେଦ ଡାକ୍ତରଖାନାର ଉପଅଧୀକ୍ଷକ ଡା. ପ୍ରଫୁଲ୍ଲ କୁମାର ବାରିକଙ୍କ ଅଧକ୍ଷତାରେ ଏକ ବିଦାୟ କାଳୀନ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ଅବସର ଗ୍ରହଣ କରିଥିବା ଫାର୍ମାସିଷ୍ଟ ପ୍ରଫୁଲ୍ଲ କୁମାର ଦାସଙ୍କୁ ଉପଢୌକନ ସହିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଭାରେ ଡା. ମାନଭଞ୍ଜନ ପଣ୍ଡା, ଡା. ଜୟଶ୍ରୀ ସାହୁ, ଡା. ଶ୍ରୀକାନ୍ତ ରାଉତ, ପରାସର ପାଣିଗ୍ରାହୀ, ସୌକିଲାଲ ସେଠ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସଭାକୁ ସୁବଳ ସାହୁ, ଦୁର୍ଯ୍ୟୋଧନ ସେଠ, ମନବୋଧ ପ୍ରଧାନ, ସୁରଜ ପଣ୍ଡା, ଦିଲୀପ ପାଣିଗ୍ରାହୀ ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ ।

# ରାସ୍‌ତାରେ ପଲ୍‌ହା ରୁଇଲେ ଗାଁବାସୀ

ଜାମଟିକ୍ରା, ୨।୮ (ଡି.ଏନ୍.ଏ):

ଗାଁ ଗାଁରେ ହେବା ବିକାଶ। ହସ୍‌ବେ ଜନତା ଆର ବିକାଶ ହେବା ଗାଁର। ଏନ୍‌ତା ସବୁ ନାରା ଦେଇ ସରକାର ପରଚାର ପରସାର କରୁଛନ୍। ସେନ୍‌ତା ରାଏଜ୍ ସରକାର ଆମ ଗାଁ ଆମ ବିକାଶ ଯୋଜନାରେ କୋଟି କୋଟି ଟଁକା ଖରଚ୍ କରୁଥିଲାବେଲେ ଅନେକ ଜାଗାରେ ବିକାଶର ଉଲଟିଆ ଚିତ୍ର ଦେଖିବାକେ ମିଲୁଛେ। ପଶ୍ଚିମ ଓଡ଼ିଶାରେ ଆଏଜ୍ ବି ଏନ୍‌ତା ଅନେକ ଗାଁ ଅଛେ, ଯେନ୍‌ଠାନେ ଲୋକ୍ ସାଧାରନ୍ ମଉଲିକ ସୁବିଧାର ଲାଗି ଯୁଝୁଛନ୍। ଏନ୍‌ତା ଗୁଟେ ଦୁରୁଶ୍ ଦେଖିବାକେ ମିଲିଛେ ଅତାବିରା ବ୍ଲକ ଜହ୍ନାପଡ଼ା ପଁଚେତ୍ ସଦର ଗାଁରେ।

ସୂଚନା ଅନ୍‌ସାରେ ଗଲା ଗୁରୁବାର ଅତାବିରା ବ୍ଲକ ଜହ୍ନାପଡ଼ା ଗାଁବାସୀ କାଦୋ ପଚ୍ ପଚ୍ ଗାଁ ମୁଖିଆ ରାସ୍‌ତାରେ ଧାନ୍ ପଲ୍‌ହା ରୁଇ ପରତିବାଦ ଜନେଇଛନ୍।



ଜହ୍ନାପଡ଼ାବାସୀ ଗାଁର ମୁଖିଆ ରାସ୍‌ତାରେ ପଲ୍‌ହା ରୁଉଛନ୍।

ଅତାବିରା ଶାଖା କେନାଲ ବ୍ରିଜରୁ ଗାଁକେ ଯାଇଥିବାର ୩ କି.ମି. ମୁଖିଆ ରାସ୍‌ତା ଏହେଦେ ବରଷା ପାଏନ୍‌ରେ କାଦୋ ସରସର ହେଇଯାଇଛେ। ରାସ୍‌ତାରେ ଗାଡ଼ିମଟର, ଲୁହାଚକ ଲଗା ଟ୍ରାକ୍ଟର ଯାଇଆସି ବଡ଼ବଡ଼ ଖାଲ ହେବାର ସଂଗେ ରାସ୍‌ତାର ଅବସ୍‌ତା ବହୁତ୍ ଖରାପ ହେଇଯାଇଛେ। ରାସ୍‌ତାରେ ଆଁଠେ କାଦୋ ଭିତରେ ଗାଁବାସୀ ଫିଦିନ୍ କାମ୍‌ଧଁଦାରେ ରେଙ୍ଗାଲିକ୍ୟାମ୍ପ, ଅତାବିରା ବ୍ଲକକେ ଯିବାର ଆଏବାର କରୁଛନ୍। ସେନ୍‌ତା ଇ ରାସ୍‌ତାରେ ଗାଁର ଛାତ୍ରୀଛାତ୍ରମାନେ ସ୍କୁଲ, କଲେଜକେ ଗଲାଆଏଲା ବେଲେ ବଡ଼ଭାରି ସମସିଆର ସାମନା କରୁଛନ୍। ଇ ଗାଁରେ ପଁଚେତ୍ ଅଫିସ, ଡାକ୍ତରଖାନା, ପୋଷ୍ଟ ଅଫିସ, ଆରଆଇ ଅଫିସ, ଉଚ୍ଚ ବିଦ୍ୟାଳୟ ଆଦି ରହିଛେ। ଯେନ୍‌ଥିରଲାଗି ଆସର ପାସର ଗାଁର ହଜାର ହଜାର ଲୋକ୍ ଇ ରାସ୍‌ତା ଉପରେ ନିରଭର କରୁଛନ୍। ଏହେଦେ ରାସ୍‌ତାର ଅବସ୍‌ତା ଏନ୍‌ତା ହେଇଛେ ଯେ, ଗାଁକେ ଆମ୍ବୁଲାନ୍ସ ବି ଯାଇ ନାଇଁପାରବାର। ନିହାତି ଦରକାର ବେଲେ ଲୋକ୍ ରୁଗୀକେ ଦୁଲା ଫାଁଦି ନେବାର ଆନବାର କରୁଛନ୍। ରାସ୍‌ତା ମରାମତି ଲାଗି ଗାଁବାସୀ ଥାନୀୟ ସରପଁଚ୍, ବିଡିଓକୁଁ କହି କହି ଥକି ଯାଇଛନ୍। ଯେନ୍‌ଥିରଲାଗି ଶେଷେ ଗାଁବାସୀ ଉପେ ଶୂଇନ୍ ହେଇ ରାସ୍‌ତାରେ ଧାନ୍ ପଲ୍‌ହା ରୁଇ ପରଶାସନକେ ନିଜର ପରତିବାଦ ଜନେଇଛନ୍। ଜିଲାପାଲ ଇ ଦିଗେ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ଗାଁବାସୀ ଦାବି କରିଛନ୍।

## ଦୁର୍ଗାପୂଜା ପାଇଁ ରାବଣ ବରଣ

ବିଜେପୁର, ୨।୮ (ଡି.ଏନ.ଏ)

ବିଜେପୁରର ସାର୍ବଜନୀନ ଦୁର୍ଗାପୂଜା ମହୋତ୍ସବରେ ରାବଣରାଜ କାର୍ଯ୍ୟକ୍ରମ ପାଇଁ ଶୁକ୍ରବାର ରାବଣ ବରଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ବୃହତ ମୁକ୍ତାକାଶ ରଙ୍ଗମଞ୍ଚର କଳାକାର ଗୋଲାପ ଚନ୍ଦ୍ର ଦାଶଙ୍କୁ ରାବଣ ଭୂମିକାରେ ଅଭିନୟ ପାଇଁ ବରଣ କରାଯାଇଥିଲା। ସ୍ଥାନୀୟ ଉପରପଡାରେ ଭବ୍ୟ ସମାରୋହରେ ତାଙ୍କୁ ଗୁଆ, ନାରିକେଳ ସହ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା । ପରେ ତାଙ୍କୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଦୁର୍ଗା ମଣ୍ଡପକୁ ପାଛୋଟି ନିଆଯାଇଥିଲା। ଜନାର୍ଦ୍ଦନ ପାଣିଗ୍ରାହୀ, ଯୁଗଳ କିଶୋର ପଧାନ, ବଳଭଦ୍ର ପଧାନ, ସନ୍ତୋଷ ଦେହେରୀଙ୍କ ସମେତ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ଗୋଲାପ ଦାଶଙ୍କୁ ରାବଣ ଅଭିନୟ ପାଇଁ ବରଣ କରାଯାଉଛି ।

## ଜୋନସ୍ତରୀୟ ଏକ୍ସକ୍ୟାଡର ଶିକ୍ଷକ ସଂଘ ବୈଠକ

ଘଣ୍ଟାପଡା, ୨।୮ (ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଜୋନ ସ୍ତରୀୟ ଏକ୍ସକ୍ୟାଡର ଶିକ୍ଷକ ସଂଘର ଏକ ସାଙ୍ଗଠନିକ ବୈଠକ ପୋଡାପଦର ପ୍ରାଥମିକ ବିଦ୍ୟାଳୟରେ ଜୋନ ସଭାପତି ଜୁଗଲାଲ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସଭାରେ ଜିଲା ସଭାପତି ରଞ୍ଜୁ ଅମାତ ମୁଖ୍ୟଅତିଥି ଓ ବ୍ଲକ ସମ୍ପାଦକ କେଶବ ପ୍ରଧାନ, କୋଷାଧକ୍ଷ ନରେଶ କର୍ମୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ତୃଣମୂଳ ସ୍ତରରୁ ସଙ୍ଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏକ୍ସକ୍ୟାଡର ଶିକ୍ଷକ ମାନଙ୍କ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ କିପରି ସମାଧାନ କରାଯିବା ସହ ୬ ମାସର ବକେୟା ଦରମା, ଦୁଇଟି ଇନ୍‌କ୍ରିମେଣ୍ଟ ପାଇ ନ ଥିବାରୁ ଏହାର ସମାଧାନ ଉପରେ ଶିକ୍ଷକମାନେ ମତ ରଖିଥିଲେ । ତରଣୀ ସାହୁ, ସୁରଥ ବାଇ, ସୁଶାନ୍ତ ବାରିକ, ମହେଶ୍ୱର ରଣା, ପରାଧୀନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ନବକିଶୋର ସେନାପତି ଧନ୍ୟବାଦ ଦେଇଥିଲେ ।



ବୈଠକରେ ଯୋଗ ଦେଇଥିବା ଏକ୍ସକ୍ୟାଡର ଶିକ୍ଷକ ।

## ସଟ୍ଟା ଧରପଗଡ଼, ୪ ଗିରଫ

ବରଗଡ଼ ଅଫିସ୍,୨।୮

ବରଗଡ଼ ଟାଉନ ଥାନା ପୋଲିସ ଶୁକ୍ରବାର ସଟ୍ଟା ଆଡ୍ଡାରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ୱାର୍ଡ଼ ନଂ-୧ ଭୁର୍ଣ୍ଣବନ୍ଧ ପଡ଼ାର ରମେଶ ପ୍ରଧାନ(୩୬), ନୂଆଁଖୁଲିପଡ଼ାର କ୍ରୀଷ୍ଣା କୁମାର ମନିପ୍ୟାରୀ(୩୪), ବାନ୍ଧେନକ୍ରିର ଧନୁ ପ୍ରଧାନ(୪୬) ଏବଂ ଗୋପାଳ ସାହୁ ଓରଫ୍ ରଥ (୪୩)। ସେମାନଙ୍କ ପାଖରୁ ସଟ୍ଟାଖେଳରେ ବ୍ୟବହୃତ କାଗଜାତ ଏବଂ ନଗଦ ୧୬ହଜାର ୬୦ଟଙ୍କା ଜବତ ହୋଇଛି । ଏ ନେଇ ଟାଉନ ଥାନାରେ ପୃଥକ ଭାବେ ୫ଟି ମାମଲା ରୁଜୁ ହୋଇଛି ।

## ୩ ଚୋରି ବାଇକ୍ ଜବତ, ୩ ଅଭିଯୁକ୍ତ ଗିରଫ

ମନମୁଣ୍ଡା, ୨।୮ (ଡି.ଏନ.ଏ)

ମନମୁଣ୍ଡା ପୋଲିସ ୩ ଚୋରି ବାଇକ ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୋନପୁର ରବି ମେହେର (୨୬), ମନମୁଣ୍ଡା ଗ୍ରାମପଞ୍ଚାୟତ ସାହୁପଡାର ରାମଚନ୍ଦ୍ର ସେଠୀ (୨୨) ଏବଂ ଯୋଗୀପଦରର ସୋମନାଥ ମିଶ୍ର ଓରଫ ଲିପୁନ (୨୬)। ସେମାନଙ୍କଠାରୁ ୩ଟି ଚୋରି ବାଇକ୍ ଜବତ କରାଯାଇଛି । ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି । ଏ ନେଇ ମନମୁଣ୍ଡା ଥାନାରେ ଏକ ମାମଲା (ନଂ.୧୩୪/୧୯) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, ଗତ ୨୩ ତାରିଖ ୫ଟାରେ ସୋନପୁର ଖଦାଲପଡାର ଅରବିନ୍ଦ ନାଏକ ତାଙ୍କ ବାଇକ (ନଂ.ଓଡି୩୧ବି/୫୭୭୩)କୁ ସୁବର୍ଣ୍ଣପାଲି (ମନମୁଣ୍ଡା)ର ଏକ ଦୋକାନ ସାମ୍ନାରେ ରଖି ଜିନିଷ କିଣାକିଣି କରୁଥିବା ବେଳେ ଚୋରି ହୋଇଥିଲ। ଏ ନେଇ ଅରବିନ୍ଦ ଥାନାରେ ଏତଲା ଦେବା ପରେ ପୋଲିସ ଏକ ଟିମ୍ ଗଠନ କରି ତଦନ୍ତ ଚଳାଇଥିଲା ଏବଂ ସନ୍ଦେହରେ ଉପରୋକ୍ତ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଜେରା କରିଥିଲା । ଜେରା ବେଳେ ଅରବିନ୍ଦଙ୍କ ବାଇକ୍ ସମେତ ଆଉ ଦୁଇଟି ବାଇକ୍ (ନଂ.ଓଆର୍୧୫ଏଲ/୪୭୭୪ ଓ (ନଂ. ଓଆର୍୧୫ଏଲ/୫୫୧୯) ସେମାନେ ଚୋରି କରିଥିବା ସ୍ୱୀକାର କରିଥିଲେ ଏବଂ ପୋଲିସ ଉକ୍ତ ବାଇକ୍ ଉଦ୍ଧାର କରିଥିଲା ।

■ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ

## ବୌଦ୍ଧ ଜିଲାରେ ୧୦,୬୧୧ ନୂଆ ଭୋଟର

ବୌଦ୍ଧ,୨।୮ (ସ୍ୱ.ପ୍ର)

ବୌଦ୍ଧ ଜିଲାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୁରୁବାର ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ବିଭିନ୍ନ ରାଜନୈତିକ ଦଳ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ହୋଇଯାଇଛି । ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦିଆଯାଇଥିବା ସୂଚନା ମୁତାବକ ଭୋଟର ତାଲିକାରୁ ୩୪୩୦ ଜଣଙ୍କ ନାମକୁ ଚିହ୍ନଟ କରାଯାଇଥିବାବେଳେ ସମାନ ନାମ ଅନ୍ୟ ନିର୍ବାଚନ ମଣ୍ଡଳୀରେ ଥିବାରୁ ସ୍ୱତନ୍ତ୍ର ଭାବେ ଏହାର ଯାଞ୍ଚ କରାଯିବ । ଯଦି ଉଭୟ ସ୍ଥାନରେ ଜଣେ ହିଁ ଭୋଟରଙ୍କ ନାମ ରହିଥିବା ପ୍ରମାଣିତ ହୁଏ ତାହେଲେ ତୁରନ୍ତ ତାଙ୍କ ନାମକୁ ଗୋଟିଏ ସ୍ଥାନରୁ ବାଦ୍ ଦିଆଯିବ । ଏଥିପାଇଁ ଆଗାମୀ ତିନିଦିନ ବ୍ଲକସ୍ତରରେ ବୁଥସ୍ତରୀୟ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ । ଏହାବ୍ୟତୀତ ଭୋଟର ତାଲିକାରେ ବହୁ ମୃତ ବ୍ୟକ୍ତିଙ୍କ ନାମ ରହିଥିବାବେଳେ ଅଭିଯୋଗ ପରେ ମଧ୍ୟ ତାଙ୍କ ନାମକୁ ତାଲିକାରୁ ବାଦ ଦିଆଯାଉ ନ ଥିବା ରାଜନୈତିକ ଦଳ ଗୁଡିକ ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏ ଦିଗରେ କଡାକଡି ପଦକ୍ଷେପ ନେବାକୁ ଜିଲାପାଳ ମିଶ୍ର ନିର୍ବାଚନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୁଥସ୍ତରରେ ଠିକ ଭାବେ ତାଲିକା ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଉ ନ ଥିବାରୁ ବାରମ୍ବାର ଏଥିରେ ତ୍ରୁଟି ରହୁଥିବା ରାଜନୈତିକ ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା । ଠିକ ଭାବେ କାର୍ଯ୍ୟ କରୁ ନ ଥିବା ବୁଥ ଅଧିକାରୀମାନଙ୍କୁ ପରିବର୍ତ୍ତନ କରିବା ଓ ଉଚ୍ଚଶିକ୍ଷିତ ଅଙ୍ଗନୱାଡି, ସ୍ୱାସ୍ଥ୍ୟ କର୍ମୀ ମାନଙ୍କ ସହାୟତା ନିଆଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ସୂଚନା ମୁତାବକ, ଜିଲାରେ ସମୁଦାୟ ୩,୨୩,୨୪୪ ଜଣ ଭୋଟରଙ୍କ ନାମ ପଞ୍ଜୀକୃତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ୧,୬୩,୫୪୯ ଜଣ ଓ ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୧.୫୯,୬୯୬ ଜଣ ଭୋଟର ରହିଛନ୍ତି । କଣ୍ଟାମାଳରେ ୩୮ ଜଣ ଓ ବୌଦ୍ଧରେ ୩୭ ଜଣ ଶତାୟୁ ଭୋଟର ଥିବାବେଳେ ୩୦ରୁ ୩୯ ବର୍ଷ ବୟସ ମଧ୍ୟରେ ସର୍ବାଧିକ ୭୮୩୯୯ ଜଣ ଭୋଟର ରହିଥିବା ସୂଚନା ଦିଆଯାଇଛି । ଏହାବ୍ୟତୀତ ୯୦ରୁ ୯୯ ବର୍ଷ ବୟସ ମଧ୍ୟରେ ୭୪୯ ଜଣ, ୮୦ରୁ ୮୯ ବର୍ଷ ବୟସ ମଧ୍ୟରେ ୪୮୨୭ ଜଣ, ୭୦ରୁ ୭୯ ବର୍ଷ ମଧ୍ୟରେ ୧୪୮୮୧ ଜଣ, ୬୦ରୁ ୬୯ ବର୍ଷ ମଧ୍ୟରେ ୨୯୮୫୬ ଜଣ, ୫୦ରୁ ୫୯ ବର୍ଷ ମଧ୍ୟରେ ୪୬୦୫୪ ଜଣ, ୪୦ରୁ ୪୯ ବର୍ଷ ମଧ୍ୟରେ ୬୩୬୬୩ ଜଣ, ୨୦ରୁ ୨୯ ବର୍ଷ ମଧ୍ୟରେ ୭୪୧୭୯ ଜଣ ଓ ୧୮ରୁ ୧୯ ବର୍ଷ ମଧ୍ୟରେ ୧୦୬୧୧ ଜଣ ଭୋଟର ଥିବା ସୂଚନା ଦିଆଯାଇଛି। ତେବେ ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ତ୍ରୁଟିମୁକ୍ତ କରିବା ପାଇଁ ଜିଲାର ସାଧାରଣ ଜନତା, ବୁଦ୍ଧିଜୀବୀ, ଗଣମାଧ୍ୟମ ଓ ଦାୟିତ୍ୱରେ ଥିବା କର୍ମଚାରୀମାନେ ସହଯୋଗ କରିବାକୁ ଜିଲାପାଳ ମିଶ୍ର ଅନୁରୋଧ କରିଛନ୍ତି। ଏହି ବୈଠକରେ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଏନସି ଜ୍ୟୋତିରଞ୍ଜନ ନାଏକ, ନିର୍ବାଚନ ନୋଡାଲ ଅଧିକାରୀ ଅବିନାଶ ପାଣ୍ଡିଆ, ବିଜେଡି ପ୍ରତିନିଧି ସୀତାଂଶୁ ମହାକୁଳ ଓ ସନ୍ତୋଷ ନାୟକ, ଭାଜପା ପ୍ରତିନିଧି ବିପ୍ର ଚରଣ ମହାନ୍ତି ଓ ଏନସିପି ପ୍ରତିନିଧି କୃତିବାସ ପଲିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ଅପରେଶନ ପରୀ-୩ରେ ୯ ଶିଶୁ ଶ୍ରମିକ ଉଦ୍ଧାର

ମନମୁଣ୍ଡା, ୨।୮ (ଡି.ଏନ.ଏ)

ବିଭିନ୍ନ କାରଣରୁ ନିଖୋଜ ହୋଇଯାଇଥିବା ଶିଶୁମାନଙ୍କୁ ଉଦ୍ଧାର କରିବା ପାଇଁ ମନମୁଣ୍ଡା ପୋଲିସ ଅପରେସନ ପରୀ-୩ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଆଇଆଇସି ଗୋପୀନାଥ ପ୍ରଧାନଙ୍କ ନେତୃତ୍ୱରେ ଟିମ୍ ଗଠନ କରି ଥାନା ଅଞ୍ଚଳର ବିଭିନ୍ନ ଏରିଆରେ ୨ଦିନ ହେବ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ପୋଲିସ ମନମୁଣ୍ଡା, ପଲସାଗୋରା ଓ ଜମ୍ପଟାଙ୍ଗି ଅଞ୍ଚଳର ବିଭିନ୍ନ ହୋଟେଲ, ଢ଼ାବା, ଗ୍ୟାରେଜରୁ ଗୁରୁବାର ୬ଜଣ ଏବଂ ଶୁକ୍ରବାର ୩ଜଣ ମୋଟ ୯ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି । ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏବଂ ତପ୍ପରେ ସେମାନଙ୍କୁ ଶିଶୁ ମଙ୍ଗଳ କମିଟି, ବୌଦ୍ଧରେ ହାଜର କରାଯାଇଥିଲା। ଆଇନ ଅନୁଯାୟୀ ଶିଶୁମାନଙ୍କୁ ସେମାନଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି । ଏବଂ ଉଦ୍ଧାର କାର୍ଯ୍ୟ ଅବ୍ୟାହତ ରହିବ ବୋଲି ଆଇଆଇସି ପ୍ରଧାନ ଜଣାଇଛନ୍ତି ।

■ ଆବାସ ଯୋଜନାରୁ ବଁଚିତ୍ ନିଆଁସି ପରିବାର

## ତାଲିକାର ନମ୍ବର ଦେଖି ଦିନ୍‌ଯାଉଛେ

ଅତାବିରା, ୨।୮ (ଡି.ଏନ୍.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଁଚେତ୍ କର୍ମୀଟିକ୍ରାର ଗୁଟେ ଅସାହା ପରିବାର ଘର ଅଭାବୁ ପରହର ଘରେ ଆଶ୍‌ରେ ନେଇଛନ୍। ଏନ୍‌ତାଥି ପରିବାରଟା ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ପଁଚେତ୍‌ରେ ଗୁହାରି କରି ନିରାଶ ହେଇଥିବାର ଜନାଯାଇଛେ।

ସୂଚନା ଅନ୍‌ସାରେ କର୍ମୀଟିକ୍ରାର ବିଧବା ମହିଲା ବିଲାସିନୀ ମେହେର। ଆପ୍‌ନେ ନରୋତ୍ତମ ମେହେର ୨୦୦୯ରୁ ଆରପାରକେ ଚାଲିଯାଇଛନ୍। ଏହେଦେ ଦୁଇ ପୁଓ ଶୁଭମ, କୁନୁ ଆର ଦୁଇ ଝି' ଗୀତା, ସସ୍ମିତାକୁଁ ନେଇ ବିଲାସିନୀକଁର ପରିବାର। ସଁପତି, ଜମିବାଡ଼ି ବଲି କିଛି ନାଇଁ। ଦୁଖ୍‌ସୁଖ, ଧାରଉଧାର କରି ବିଲାସିନୀ ଦୁଇ ଝିଁକେ ବିହାବୁରା କରିଛନ୍। ପରିବାରଟା ଅଭାବ ଅନାଟନ ଭିତରେ ପେଶି ହେଉଥିଲାବେଲେ ୩ ବଛର ତଲେ ବରଷା ପାଏନ୍‌ରେ ତାକର ଝାଟିମାଟି ଘରଟା ଭାଂଗି ଯାଇଛେ। ଏନ୍‌ତାଥି ବିଲାସିନୀ ଉପେ ଶୂଇନ୍ ହେଇ ଦୁଇ ପୁଓକୁ ଧରି ନିଜର ଦେଢ଼ଶୁର ଲଳିତ ମେହେରକଁର ଘରେ ଆଶ୍‌ରେ ନେଇଛନ୍। ଆପ୍‌ନେ ନରୋତ୍ତମ ବହୁତ ବଛର ହେଲା ଆରପାରକେ ଚାଲିଯାଇଥିଲେ ବି ବିଲାସିନୀ ବିଧବା ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ଇଆଡ଼େ ପରିବାରଟା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ୧୧୬ ନମ୍ବରରେ ରହିଥିଲେ ବି ପକାଘର ଖଁଡ଼େ ପାଏବାରୁ ବଁଚିତ୍ ହେଇଛନ୍। ସେନ୍‌ତା ବିଲାସିନୀ ବିଧବା ଭତାର ଲାଗି ବାରବାର ପଁଚେତ୍‌ରେ ଗୁହାରି କଲେ ବି କେହି ନାଇଁ ଶୁନୁଥିବାର ତାକର ପୁଓ ଶୁଭମ କହିଛନ୍। ଇ ବାବ୍‌ଦେ ସରପଁଚ୍ ପୁଷ୍ପକାନ୍ତି ସେଟକୁଁ ପଚରାଲାରୁ ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା ବଲି କହିଥିଲେ। ସେନ୍‌ତା ଘଟନା ବାବ୍‌ଦେ ବିଡିଓ ପ୍ରଣବ କୁମାର ଚାନ୍ଦକୁଁ ପଚରାଲାରୁ ଯଦି ପରିବାରଟା ହକ୍‌ଦାର ହେଇଥିବେ ନିହାତି ତାହାକୁ ଆବାସ ଯୋଜନାରେ ଘର ଯୁଗେଇ ଦିଆଯିବା ବଲି ସେ କହିଥିଲେ।



କୁଟୁମବସିଆ ନିଜର ଭଂଗା ଘର ଆଘେ ଠିଆ ହେଇଛନ୍।

## ଡଙ୍ଗାଘାଟ ଦେଖିଲେ ପ୍ରଶାସନିକ ଅଧିକାରୀ

ପଦ୍ମପୁର, ୨।୮ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଲଖମରା ଓ ଚର୍ଦାପାଲି ଗ୍ରାମପଞ୍ଚାୟତ ମଝିରେ ଅଙ୍ଗନଦୀ ପ୍ରବାହିତ ହେଉଛି । ବର୍ଷା ଦିନରେ ଏହି ନଦୀରେ ବନ୍ୟାଜଳ ଆସିଲେ ଚର୍ଦାପାଲି ଗ୍ରାମପଞ୍ଚାୟତର ଗୁଣ୍ଡିଚାଡିହି, ଚର୍ଦାପାଲି, ଚଙ୍ଗରିଆ, ଲୁହୁରାକୋଟ, ଲହଣ୍ଡିପୁର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡେ। ଏହି ସମୟରେ ଉକ୍ତ ଅଞ୍ଚଳବାସୀ ବିପଦପୂର୍ଣ୍ଣ ଡଙ୍ଗା ସହଯୋଗରେ ଯାତାୟାତ କରିଥାନ୍ତି। ଗୁରୁବାର ପ୍ରଶାସନିକ ଅଧିକାରୀମାନେ ଲଖମରା ଡଙ୍ଗାଘାଟକୁ ପହଞ୍ଚିଥିଲେ। ପାଇକମାଳ ବିଡିଓ ସଦାଶିବ ନାୟକ, ସହକାରୀ ଯନ୍ତ୍ରୀ ଏସଏନ କଶ୍ୟପ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ମାଝୀ, ସହକାରୀ ଯନ୍ତ୍ରୀ ରଶ୍ମିରଞ୍ଜନ ମାର୍ଥା, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଭୀଷ୍ମଦେବ ମାଝୀ, ଜଗଦଲପୁର ଥାନା ଅଧିକାରୀ ଲିଲିମା ବାର୍ଲା, ଗ୍ରାମରୋଜଗାର ସେବକ କମଳକାନ୍ତ ସାହୁ ପ୍ରମୁଖ ଡଙ୍ଗା ସାହାଯ୍ୟରେ ଜନସାଧାରଣ କିପରି ଯାତାୟାତ କରୁଛନ୍ତି ତାହା ଦେଖିଥିଲେ। ଲାଇଫ ଜାକେଟ ସହ ଅଳ୍ପ କ୍ଷମତା ସମ୍ପନ୍ନ ଡଙ୍ଗାରେ ପ୍ରାୟ ୨୦ଜଣ ଲୋକ

### ୩୦ ଲାଇଫ ଜାକେଟ ଦେଲେ

ଯାତାୟାତ କରିବା ପାଇଁ ଡଙ୍ଗାଘାଟ ନିଲାମ ନେଇଥିବା ବ୍ୟକ୍ତିଙ୍କୁ ସଚେତନ କରାଇଥିଲେ। ଡଙ୍ଗାରେ କଣା ହୋଇ ପାଣି ଲିକ୍ କରୁଥିଲେ ବିଶେଷ ଧ୍ୟାନ ଦେବାକୁ ସତର୍କ କରାଇଥିଲେ। ପ୍ରଶାସନିକ ଅଧିକାରୀମାନେ ଡଙ୍ଗାଘାଟ ନିଲାମ ନେଇଥିବା ବ୍ୟକ୍ତିଙ୍କୁ ୩୦ଟି ଲାଇଫ ଜାକେଟ ପ୍ରଦାନ କରିଥିଲେ ଏବଂ ତାର ସଦ୍ ବିନିଯୋଗ ପାଇଁ ପରାମର୍ଶ ଦେଇଥିଲେ ।



ପ୍ରଶାସନିକ ଅଧିକାରୀମାନେ ଡଙ୍ଗାଘାଟ ପରିଦର୍ଶନ କରୁଛନ୍ତି ।



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍ ।
- ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଚୋର ନେଇଗଲେ ନଗଦ ଟଙ୍କା, ସୁନା ଗହଣା

ବରଗଡ଼ ଅଫିସ୍,୨।୮: ବରଗଡ଼ ସହରରେ ଗତ କିଛି ମାସ ହେଲା ଚୋରମାନେ ସକ୍ରିୟ ହୋଇ ପଡ଼ିଛନ୍ତି। ପୋଲିସକୁ ଚ୍ୟାଲେଞ୍ଜ କରି ସହରରେ ଗୋଟିଏ ପରେ ଗୋଟିଏ ଚୋରି ବଢ଼ି ଚାଲିଛି। ଦିନ ଦ୍ୱିପ୍ରହରରେ ମହିଳାଙ୍କ ବେକରୁ ସୁନାଚେନ ଲୁଟ୍ ହେଉଥିବା ବେଳେ ବିଳମ୍ବିତ ରାତ୍ରିରେ ଘରେ ପଶି ଚୋରମାନେ ନଗଦ ଟଙ୍କା, ସୁନା ଗହଣା, ଆସବାବପତ୍ର ଆଦି ଚୋରି କରି ନେଉଛନ୍ତି । ସହରର ୱାର୍ଡ଼ ନଂ-୯ ବାନ୍ଧୁଟିକ୍ରାରେ ଏକ ଘରୁ ନଗଦ ଟଙ୍କା, ସୁନା ଗହଣା, ଆସବାବପତ୍ର ଚୋରି ହେବା ନେଇ ଶୁକ୍ରବାର ଅଭିଯୋଗ ହେବା ପରେ ସ୍ଥାନୀୟ ଟାଉନ ଥାନା ପୋଲିସ ଏହାର ତନାଘନା ଆରମ୍ଭ କରିଛି । ପ୍ରକାଶ ଯେ, ବାନ୍ଧୁଟିକ୍ରା ନିବାସୀ ବିଷ୍ଣୁଚରଣ ସାହୁ ସପରିବାର ଗତ ୫ଦିନ ତଳେ ବାବାଧାମ ତୀର୍ଥରେ ଯାଇଥିଲେ । ଗୁରୁବାର ବିଳମ୍ବିତ ରାତ୍ରି ପ୍ରାୟ ୨ଟାରେ ଘରକୁ ଫେରିବା ପରେ ତାଙ୍କ ଘର କବାଟ ଓ ଗଡ୍ରେଜ ତାଲା ଭାଙ୍ଗି ଚୋରମାନେ ୩ଟି ସୁନାମୁଦି, ୩ଟି ଘଣ୍ଟା, ନଗଦ ୧୫ହଜାର ଟଙ୍କା ଆଦି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ଏ ନେଇ ସେ ଥାନାରେ ଏତଲା ଦେବା ପରେ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ କ୍ଷୀରୋଦ୍ର ବିଶ୍ୱାଳ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

■ ବିଷ ପିଆଇ ହତ୍ୟା ଅଭିଯୋଗ ପରେ ମାଟିତଳୁ ଶବ ଉଦ୍ଧାର ଘଟଣା

# ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

ବରଗଡ଼ ଅଫିସ୍,୨।୮

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ଅମ୍ବାମୁଣ୍ଡା ଗ୍ରାମରେ ବିଷ ପିଆଇ ହତ୍ୟା ଅଭିଯୋଗ ଆଣିବାରୁ ମୃତ୍ୟୁର ୩ ମାସ ପରେ ମାଟିତଳୁ ଶବ ଉଦ୍ଧାର ଘଟଣା ଜିଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା । ଏହି ଗ୍ରାମର ଉଦୟ ତାଣ୍ଡି(୬୦)ଙ୍କୁ ଗତ ଏପ୍ରିଲ ୧୭ତାରିଖରେ କେତେକ ଲୋକ ଡାକି ନେଇ ମଦରେ ବିଷ ମିଶାଇ ପିଇବାକୁ ଦେବା ଯୋଗୁ ତାଙ୍କ ମୃତ୍ୟୁ ହୋଇଥିଲା ବୋଲି ମୃତକଙ୍କ ସ୍ତ୍ରୀ ଇଲା ଗତ ଜୁଲାଇ ୧୮ତାରିଖରେ ପୋଲିସରେ ଅଭିଯୋଗ କରିଥିଲେ । ଏହାପରେ ମେଲଛାମୁଣ୍ଡା ଥାନା ପୋଲିସ ଏକ ମାମଲା(ନଂ.୯୧/୨୦୧୯) ରୁଜୁ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲା ଏବଂ ଶ୍ମଶାନକୁ ଯାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟିତଳୁ ଉଦୟଙ୍କ ଶବ ଉଦ୍ଧାର କରିଥିଲା । ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ସେତେବେଳେ ଶବ ବ୍ୟବଚ୍ଛେଦ ହୋଇଥିଲା । ତେବେ ପୋଲିସ ଏହି ମାମଲାର ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରିପାରିନାହିଁ । ଅନ୍ୟପଟେ ଆରାମରେ ବୁଲାବୁଲି କରୁଥିବା

**ଏସ୍‌ପିଙ୍କୁ ଭେଟିଲେ ପରିବାର ଲୋକେ**



ବରଗଡ଼ ଏସପିଙ୍କୁ ଫେରାଦ ହୋଇଥିବା ପରିବାର ଲୋକେ ।

ଅଭିଯୁକ୍ତମାନେ ମୃତକଙ୍କ ପରିବାର ଲୋକଙ୍କୁ ଖୋଲାଖୋଲି ହତ୍ୟା ଧମକ ଦେଉଥିବା ଇଲା ଅଭିଯୋଗ କରିଛନ୍ତି । ଏଥିପାଇଁ ତାଙ୍କ ପରିବାର ଲୋକଙ୍କ ଜୀବନ ଅସୁରକ୍ଷିତ ହୋଇପଡିଛି। ଫଳରେ ତାଙ୍କ ପରିବାର ଲୋକଙ୍କୁ ସୁରକ୍ଷା ଯୋଗାଇବା ସହିତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବି ନେଇ ଇଲା ଶୁକ୍ରବାର ବରଗଡ଼ ଏସପି ମୁକେଶ କୁମାର ଭାମୁଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ର ପ୍ରଦାନ ପାଇଁ ଇଲାଙ୍କ ସହିତ ପୁଅ ଜିତ, ଅଜିତ, ଅଜା ବଲ ବାଗ ଏବଂ ଅନ୍ୟଜଣେ ପଡ଼ୋଶୀ ଟଙ୍କଧର କଣ୍ଟା ଏସ୍‌ପିଙ୍କ ପାଖକୁ ଆସିଥିଲେ । ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ନ୍ୟାୟ ପାଇଁ ସପରିବାର ଏସପି ଅଫିସ ଆଗରେ ଧାରଣା ଦେବେ ବୋଲି ଇଲା କହିଛନ୍ତି ।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୧୭ତାରିଖ ରାତ୍ରିରେ ଗ୍ରାମର କିଛିଲୋକ ଉଦୟଙ୍କୁ ଘରୁ ଡାକି ନେଇ ବିଷ ମିଶ୍ରିତ ମଦ ପିଇବାକୁ ଦେଇଥିଲେ । ଏହାପରେ ସେ ଘରକୁ ଆସି ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ । ପରିବାର ଲୋକେ ପ୍ରଥମେ ତାଙ୍କ ଆଶୁ ଚିକିତ୍ସା କରିଥିଲେ । ମାତ୍ର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଘଟିବାରୁ ଏପ୍ରିଲ ୧୯ତାରିଖରେ ତାଙ୍କୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ତେବେ ପଦ୍ମପୁରରୁ ଆଣିବା ବାଟରେ ଉଦୟ ଅଭିଯୁକ୍ତଙ୍କ ନାମ ଧରି ସେମାନେ ମଦରେ ବିଷ ମିଶାଇ ତାଙ୍କୁ ପିଇବାକୁ ଦେଇଥିଲେ ବୋଲି କହିଥିଲେ ଏବଂ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ତାଙ୍କ ମୃତ୍ୟୁ ହୋଇଥିଲା ବୋଲି ଇଲା ପ୍ରକାଶ କରିଛନ୍ତି। ସେହିପରି କିଛି ଅଭିଯୁକ୍ତ ମଧ୍ୟ ଜିଲା ମୁଖ୍ୟ ଡାକ୍ତରଖାନାକୁ ସେତେବେଳେ ପହଞ୍ଚିଥିଲେ ଏବଂ ଯେତେ ନେହୁରା ହେବା ସତ୍ତ୍ୱେ ଶବକୁ ବ୍ୟବଚ୍ଛେଦ କରାଇଦେଇ ନ ଥିଲେ । ଫଳରେ ପରିବାର ଲୋକେ ଶବକୁ ଆଣି ପୋତି ଦେଇଥିଲେ ବୋଲି ଇଲା କହିଛନ୍ତି । ସେହିପରି ଘଟଣାକୁ ନେଇ ଗ୍ରାମରେ ମଧ୍ୟ ଏକ ବୈଠକ ବସିଥିଲା। ଗ୍ରାମର ଭଦ୍ରବ୍ୟକ୍ତିମାନେ ଡାକିବା ସତ୍ତ୍ୱେ ଅଭିଯୁକ୍ତମାନେ ବୈଠକକୁ ଆସି ନ ଥିଲେ ଏବଂ ପରେ ସେ ଏତଲା ଦେଇଥିବା ଇଲା କହିଛନ୍ତି ।

### ଅଧ୍ୟାପକ, କର୍ମଚାରୀ ସଂଘର ଜିଲାସ୍ତରୀୟ ବୈଠକ

ବରଗଡ଼ ଅଫିସ୍,୨।୮

ବରଗଡ଼ସ୍ଥିତ ସୌଖୀନ କଳାକାର ସଂଘର ପ୍ରେକ୍ଷାଳୟରେ ବୁଧବାର ନିଖିଳ ଓଡ଼ିଶା ବେସରକାରୀ ଅଧ୍ୟାପକ, କର୍ମଚାରୀଙ୍କ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଅଶୋକ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଭାପତି ଗୋଲକ ନାୟକ ମୁଖ୍ୟଅତିଥି ଏବଂ ସଙ୍ଗଠନର ରାଜ୍ୟ ସମ୍ପାଦକ ଡଃ ଗଗନ ବେଉରା ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ସାଙ୍ଗଠନିକ ଦୃଢ଼ତା, ଚାକିରି ସର୍ତ୍ତାବଳୀ, ଅବସରକାଳୀନ ସୁବିଧା, ସପ୍ତମ ବେତନ ଲାଗୁ ଆଦି ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟା ପ୍ରସଙ୍ଗରେ ସେମାନେ ଆଲୋଚନା କରିଥିଲେ । ସମ୍ବଲପୁର ଜିଲା ସଭାପତି ଅଶୋକ ପୁରୋହିତ, ସୋନପୁର ଜିଲା ସଭାପତି ସୁବାସ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଙ୍ଗଠନର ଜିଲା ସମ୍ପାଦକ ସୁଶାନ୍ତ କୁମାର ମିଶ୍ର ସମ୍ପାଦକୀୟ ବକ୍ତବ୍ୟ ରଖିଥିଲେ । ଆସନ୍ତା ଅଗଷ୍ଟ ୧୬ତାରିଖ ଭୁବନେଶ୍ୱରରେ ପାଳିତ ହେବାକୁ ଥିବା ଦାବି ଦିବସରେ ଜିଲାର ସମସ୍ତ କଲେଜରୁ ଅଧ୍ୟାପକ, କର୍ମଚାରୀ ଯୋଗଦାନ କରିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। କୋଷାଧ୍ୟକ୍ଷ ସୁରେଶ ପରିଡ଼ା, ଅଧ୍ୟାପିକା ଜୁଲିନା ପତି, ରାଜଶ୍ରୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ସଂଘ ଉପସଭାପତି ଗୋପାଳକୃଷ୍ଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ସମ୍ପାଦକ ଜଗଦୀଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

■ ମେଡିକାଲ ଅଫିସରଙ୍କୁ ବଦଳି ଦାବି

# ଜିଲାପାଳଙ୍କୁ ଭେଟିଲେ ଆଶାକର୍ମୀ

ବରଗଡ଼ ଅଫିସ୍,୨।୮

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଭୁକ୍ତା ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାମ କରୁଥିବା ଆଶାକର୍ମୀମାନେ ବିଭିନ୍ନ ଦାବି ନେଇ ଶୁକ୍ରବାର ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ ଭୁକ୍ତା ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସରଙ୍କୁ ବଦଳି କରିବା ପାଇଁ ଦାବି କରିଛନ୍ତି । ଆଶାକର୍ମୀମାନେ ଅଭିଯୋଗ କରିଛନ୍ତି, ସେମାନଙ୍କ ମାସିକ ଦରମା ନାହିଁ । ତଥାପି ଲୋକଙ୍କୁ ସେବା ଯୋଗାଇବା ଉଦ୍ଦେଶ୍ୟ ନେଇ ସେମାନେ ନିଜକୁ ଉତ୍ସର୍ଗୀକୃତ କରି ସୁଚାରୁ ଭାବେ ଦାୟିତ୍ୱ ସମ୍ପାଦନ କରି ଆସୁଛନ୍ତି । ଏହାସତ୍ତ୍ୱେ ମେଡ଼ିକାଲ ଅଫିସର ସେମାନଙ୍କୁ ବିଭିନ୍ନ ପ୍ରକାର ମାନସିକ ଚାପ ଦେଇ ଅନେକ ସମୟରେ ସେମାନଙ୍କ ପ୍ରୋତ୍ସାହନ ରାଶି ବନ୍ଦ କରିଦେବା ପାଇଁ ମଧ୍ୟ ଧମକ ଦେଉଛନ୍ତି । ଗର୍ଭବତୀ ଓ ପ୍ରସୂତୀଙ୍କୁ ଡାକ୍ତରଖାନାକୁ ପହଞ୍ଚାଇ ସେଠାରେ ଭର୍ତ୍ତି କରିବା ଆଶାକର୍ମୀଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ । ତେବେ ଏହି କାମ କରିବା ସତ୍ତ୍ୱେ ସମ୍ପୃକ୍ତ ଗର୍ଭବତୀ, ପ୍ରସୂତୀ ଯେତେଦିନ ପର୍ଯ୍ୟନ୍ତ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବେ, ସେତେଦିନ ପର୍ଯ୍ୟନ୍ତ ସେଠାରେ ତାଙ୍କ ସହିତ ରହିବାକୁ ବାଧ୍ୟ କରାଯାଉଛି ଏବଂ ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇଁ ଭଟଲିକୁ ଯିବା ପାଇଁ ସେମାନଙ୍କୁ ବାଧ୍ୟ କରାଯାଉଛି ବୋଲି ଆଶାକର୍ମୀମାନେ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ସେମାନେ ଅଧିକ ଖର୍ଚ୍ଚାନ୍ତ ହେବା ସହିତ ମାନସିକ ଚାପରେ ରହୁଥିବା ଅଭିଯୋଗ କରିଛନ୍ତି। ଫଳରେ ଭୁକ୍ତା ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ ଜଣେ ମେଡ଼ିକାଲ ଅଫିସରଙ୍କୁ ନିଯୁକ୍ତି ଦେବା ପାଇଁ ସେମାନେ ଦାବି କରିଛନ୍ତି। ନଚେତ୍ ସାମୂହିକ ଭାବେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛନ୍ତି। ନାରୀନେତ୍ରୀ ଶକୁନ୍ତଳା ମହାପାତ୍ରଙ୍କ ନେତୃତ୍ୱରେ ଆଶାକର୍ମୀମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସ ଆସିଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଆଶାକର୍ମୀମାନେ ।





ଜିଲାସ୍ତରୀୟ ନାଟକ ପ୍ରତିଯୋଗିତାରେ ଡିଇଓ ବକ୍ତବ୍ୟ ରଖୁଛନ୍ତି ।

■ ଜିଲାସ୍ତରୀୟ ନାଟକ ପ୍ରତିଯୋଗିତା

# ନାଟକ ଦେବ ନିର୍ଭୁଲ ଦିଗ୍‌ଦର୍ଶନ

ବରଗଡ଼ ଅଫିସ୍,୨।୮

ଛାତ୍ରୀଛାତ୍ରମାନେ ଛାତ୍ରାବସ୍ଥାରୁ ବୈଜ୍ଞାନିକ ମନୋଭାବ ପୋଷଣ କରି ବିଜ୍ଞାନ ପ୍ରତି ଅନୁସନ୍ଧିତ୍ସୁ ହେବା ଉଚିତ୍ । ଏହାହେଲେ ବିଭିନ୍ନ ଲୁକ୍କାୟିତ ଦିଗ ସମାଜରେ ପ୍ରତିଫଳିତ ହୋଇପାରିବ । ସେହିପରି ନାଟକର ଅଭିନୟ ମାଧ୍ୟମରେ ତାହା ଲୋକ ଲୋଚନକୁ ଅଣାଗଲେ, ଲୋକଙ୍କୁ ତାହା ନିର୍ଭୁଲ ଦିଗଦର୍ଶନ ଦେଇପାରିବ। ଗୁରୁବାର ସ୍ଥାନୀୟ ଜର୍ଜ ହାଇସ୍କୁଲରେ ଅନୁଷ୍ଠିତ ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଏହା ମତପ୍ରକାଶ ପାଇଛି ।

ଜିଲା ଶିକ୍ଷା ଅଧିକାରୀ(ଡିଇଓ) ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତା ଓ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ନାଟକ ପ୍ରତିଯୋଗିତାରେ ରେମଣ୍ଡା ବାଳିକା ହାଇସ୍କୁଲ ପ୍ରଥମ ହୋଇ ପୁରସ୍କୃତ ହୋଇଥିଲା। ନୃସିଂହନାଥ ସରକାରୀ ଏସଏସଡ଼ି ହାଇସ୍କୁଲ, ଜର୍ଜ ହାଇସ୍କୁଲ, ଲସ୍ତଲା ହାଇସ୍କୁଲ ଜୁରି ଆୱାର୍ଡ଼ରେ ପୁରସ୍କୃତ ହୋଇଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ନାଟକ ଆସନ୍ତା ୮ତାରିଖରେ ସୋନପୁରଠାରେ ହେବାକୁ ଥିବା ଜୋନ୍ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ ବୋଲି ଜିଲା ଶିକ୍ଷାବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଉକ୍ତ ନାଟକ ସମାରୋହରେ ସୌଖିନ କଳାକାର ସଂଘର ବରିଷ୍ଠ ସଭ୍ୟ ସୁଶୀଲ ମହାପାତ୍ର, ନିର୍ଦ୍ଦେଶକ ଲିଟୁ ମହାନ୍ତି, ଡଃ ତପସ୍ୱିନୀ ଗୁରୁ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ବିଇଓ ମଛିନ୍ଦ୍ର ମଲ୍ଲିକ, ଛତ୍ରପତି ସାହୁ, ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁ, ସରକାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ବିଜ୍ଞାନ ଶିକ୍ଷକ ବିରେନ୍ଦ୍ର କୁମାର ଦାଶ ଓ ସହ ବିଜ୍ଞାନ ନିରୀକ୍ଷକ ଭାର୍ଗବ ନାଏକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଡଃ ଡୋଲାମଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଯାପିତ

ବରଗଡ଼ ଅଫିସ୍,୨।୮

ବରଗଡ଼ ଜର୍ଜ ହାଇସ୍କୁଲରେ ଚାଲିଥିବା ଜିଲାସ୍ତରୀୟ କବ୍ ବୁଲ୍‌ବୁଲ୍ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି । ଶିବିରରେ ଜିଲାର ୪୦୦ରୁ ଊର୍ଦ୍ଧ୍ୱ କବ୍ ଓ ବୁଲ୍‌ବୁଲ ଅଂଶଗ୍ରହଣ କରିଥିଲେ । ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରୈଲୋକ୍ୟ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ୫ଦିନିଆ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ହେବା ସହିତ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ରାଜ୍ୟ ଭାରତ ସ୍କାଉଟ୍, ଗାଇଡ୍ ତରଫରୁ ୭ଜଣ ସାଧନକର୍ମୀ ଉତ୍ସବରେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ରାଜ୍ୟ ମୁଖ୍ୟ ସ୍କାଉଟ୍, ଗାଇଡ୍ କମିଶନର ଡଃ କାଳୀପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଜିଲା ସ୍କାଉଟ୍ ଗାଇଡ୍ କମିଶନର ତଥା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜର୍ଜ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁ, ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ସ୍କାଉଟ୍, ଗାଇଡ୍ ଭବନ ନିର୍ମାଣ ପାଇଁ ଶିଳାନ୍ୟାସ ସମାରୋହ ହୋଇଥିଲା । ସ୍କାଉଟ୍, ଗାଇଡ୍ ସମ୍ପାଦକ ପ୍ରଶନ୍ତ କୁମାର ଭୋଇ, ଆଦିକନ୍ଦ ସ୍ୱାଇଁ, ମନସୀ ପାତ୍ର, ଭୁବନେଶ୍ୱର ମହାପାତ୍ର, ଡଃ ଡୋଲାମଣି ଶତପଥୀ, ସଦାନନ୍ଦ ଜାଲ, ଅନସୂୟା ଦେବତା, ଶୁଭଶ୍ରୀ ଭୋଇ, ବିଜଳି ଦଲେଇ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



କବ୍ ବୁଲ୍‌ବୁଲ୍ ଉତ୍ସବର ଉଦ୍‌ଯାପନୀ ସମାରୋହରେ ଅତିଥିବୃନ୍ଦ ।

# ଡିପ୍ଲୋମା ପାଠ୍ୟକ୍ରମରେ ବିକାଶର ସଫଳତା

ବରଗଡ଼ ଅଫିସ୍,୨।୮

ଷ୍ଟେଟ୍ କାଉନସିଲ ଅଫ ଟେକ୍ନିକାଲ ଏଡୁକେଶନ ଆଣ୍ଡ ଭୋକେଶନାଲ ଟ୍ରେନିଂ ଦ୍ୱାରା ପରିଚାଳିତ ଡିପ୍ଲୋମା ପାଠ୍ୟକ୍ରମ ୨୦୧୮-୧୯ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷାଫଳରେ ବିକାଶ ପଲିଟେକ୍‌ନିକ୍‌ର ୨ଜଣ ଛାତ୍ରୀଛାତ୍ର ୮୦ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ୪୧ଜଣ ଛାତ୍ରୀଛାତ୍ର ୭୦ରୁ ୮୦ ପ୍ରତିଶତ ଏବଂ ୩୧ଜଣ ଛାତ୍ରୀଛାତ୍ର ୬୦ରୁ ୭୦ ପ୍ରତିଶତ ମଧ୍ୟରେ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ଇଲେକ୍ଟ୍ରିକାଲ ବିଭାଗର ଛାତ୍ର ଅମର କୁମାର ୬୨୩ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ସିଭିଲ ଇଞ୍ଜିନିୟରିଂ ବିଭାଗର ଅବନିଶ ବେହେରା ୬୧୫, କମ୍ପ୍ୟୁଟର ସାଇନ୍ସ ବିଭାଗର ଅରିଜିତ ମିଶ୍ର ୫୯୩, ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଟେଲିକମ୍ୟୁନିକେଶନ ବିଭାଗର ଆଦିତ୍ୟ ପୋରେ ୫୭୩, ମେକାନିକାଲ ବିଭାଗର ଲିଙ୍ଗରାଜ ତାଜେନ ୫୫୨ ମାର୍କ ରଖି ସମ୍ପୃକ୍ତ ବିଭାଗରେ ଟପ୍ପର ହୋଇଛନ୍ତି । ୨୦୧୮-୧୯ ଚତୁର୍ଥ ସେମିଷ୍ଟାର ପରୀକ୍ଷାଫଳରେ ୫ଜଣ ଛାତ୍ରୀଛାତ୍ର ୮୦ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ୨୧ଜଣ ଛାତ୍ରୀଛାତ୍ର ୭୦ରୁ ୮୦ ପ୍ରତିଶତ ମଧ୍ୟରେ ଏବଂ ୫୨ଜଣ ଛାତ୍ରୀଛାତ୍ର ୬୦ରୁ ୭୦ ପ୍ରତିଶତ ମଧ୍ୟରେ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ଚତୁର୍ଥ ସେମିଷ୍ଟାର ମେକାନିକାଲ ବିଭାଗର ଜିତେନ୍ଦ୍ର କୁମାର ୬୪୬ ମାର୍କ ରଖି କଲେଜ ଟପ୍ପର ହୋଇଥିବାବେଳେ ସିଭିଲ ଇଞ୍ଜିନିୟରି ବିଭାଗର ରାଜେଶ୍ୱରୀ ଦୀପ ୬୨୦, କମ୍ପ୍ୟୁଟର ସାଇନ୍ସ ବିଭାଗର ମନ୍ଦାକିନୀ ଦେହୁରୀ ୬୧୭, ଇଲେକ୍ଟ୍ରିକାଲ ବିଭାଗର ଭଗତ ସୋରେନ ୫୭୯, ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ ଇଞ୍ଜିନିୟରିଂ ବିଭାଗର ଅରୁଣ କୁମାର ୪୯୪ ମାର୍କ ରଖି ସମ୍ପୃକ୍ତ ବିଭାଗରେ ଟପ୍ପର ହୋଇଛନ୍ତି । ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ବିକାଶ ପଲିଟେକ୍‌ନିକ୍‌ର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, ଆଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର ପ୍ରମୁଖ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଥିବାବେଳେ ଅଧ୍ୟାପିକା, ଅଧ୍ୟାପକଙ୍କୁ ପ୍ରଶଂସା କରିଛନ୍ତି ।



ଅମର କୁମାର



ଜିତେନ୍ଦ୍ର କୁମାର



ଅବିନାଶ ବେହେରା



ମନ୍ଦାକିନୀ ଦେହୁରୀ



ଅରିଜିତ୍ ମିଶ୍ର



ରାଜେଶ୍ୱରୀ ଦୀପ୍



ଥରେ ଅଭ୍ୟାସର ବଶବର୍ତ୍ତୀ ହୋଇଗଲେ
ଆଉ ସହଜରେ ତ୍ରାହି ମିଳେନା
- ସେନେକା



## ସଂକ୍ଷେପରେ

### ୧୩୨ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବିନିକା, ୨।୮(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ରାଷ୍ଟ୍ରୀୟ ବାଳ ସୁରକ୍ଷା କାର୍ଯ୍ୟକ୍ରମକ୍ରମେ ୧୩୨ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି କାର୍ଯ୍ୟକ୍ରମରେ ଡଃ ଉମାକାନ୍ତ ମହାନନ୍ଦ ଓ ଏଏନ୍ଏମ୍ ମିନାକ୍ଷୀ ନାୟକ ଛାତ୍ରୀଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନଶିକ୍ଷକ ଭୋଜରାଜ ଦୀପ, ସହକାରୀ ଶିକ୍ଷକ ଜଗନ୍ନାଥ ପାଢ଼ୀ, ଗୋପାଳ ଚନ୍ଦ୍ର ସାହୁ, ରମେଶ କର୍ମୀ ଏବଂ ଅନନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

### ରାମଲୀଳା କଳାକାରଙ୍କ ବିୟୋଗରେ ଶୋକ

ତରଭା, ୨।୮(ଡି.ଏନ.ଏ.) : ରାମଲୀଳା କଳାକାର ତଥା ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ସରଗଜ ଗ୍ରାମର ନିମାଇଁ ଚରଣ ମିଶ୍ର(୬୩)ଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସେ ଗତ ବର୍ଷଠାରୁ କ୍ୟାନସର ରୋଗରେ ପୀଡିତ ହୋଇଥିଲେ। ବଲାଙ୍ଗୀର ଭୀମଭୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ବନ୍ଧୁ ପରିଜନଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ । ଗାଁ ମଶାଣିରେ ଗୁରୁବାର ଅପରାହ୍ନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ବାସୁଦେବ ମିଶ୍ର ମୁଖାଗ୍ନି ଦେଇଥିଲେ। ପୋଷ୍ଟ ମାଷ୍ଟରଭାବେ କାର୍ଯ୍ୟ କରୁଥିବା ନିମାଁଇଚରଣ ସରଗଜ ରାମଲୀଳା କମିଟିର ସକ୍ରିୟ ସଦସ୍ୟ ଥିଲେ। ଜଣେ ରାମଲୀଳା କଳାକାରଭାବେ ତାଙ୍କର ସୁନାମ ଥିଲା । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

### ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ

ଟିଟିଲାଗଡ଼,୨।୮(ଡି.ଏନ.ଏ.): ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନକଲି ପ୍ରମାଣପତ୍ର ଦେଇ କିଛି ଯୁବକ ଶିକ୍ଷକ ପଦ ହାତେଇ ଥିବା ଅଭିଯୋଗ ହୋଇଥିଲା। ଏନେଇ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକମାନଙ୍କ ସାର୍ଟିଫିକେଟ କରାଯାଇଥିଲା। ଏନେଇ ଶୁକ୍ରବାର ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଭିରାମ ମାଝି ଶିକ୍ଷକମାନଙ୍କ ସାର୍ଟିଫିକେଟ ଯାଞ୍ଚ କରିଥିଲେ। ନକଲି ଶିକ୍ଷକ ଧରା ପଡିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିକ୍ଷା ଅଧିକାରୀ ମାଝି କହିଛନ୍ତି।

# ମ୍ୟୁନିସିପାଲିଟିରେ ରହି ମିଳୁନି ସହରୀ ସୁବିଧା

## ଜିଲାପାଳଙ୍କୁ ଜଣାଇଲେ କୁହ୍ଲପଡା ବାସୀ

ସୋନପୁର,୨।୮(ନି.ପ୍ର)

କୁହ୍ଲପଡା ବାସୀଙ୍କ ଭାଗ୍ୟ ଦୀପ ତଳି ଅନ୍ଧାର ଭଳି। ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅଧିନରେ ଥିବା ଏଠାକାର ଅଧିବାସୀଙ୍କ ସମସ୍ୟା ପ୍ରତି କାହାରି ନଜର ନାହିଁ। ରାସ୍ତା ଅବସ୍ଥା ମରଣଯନ୍ତା ପାଲିଟିଛି। ସହରରେ ରହି ମଧ୍ୟ ଅଧିବାସୀଙ୍କୁ ସହରୀ ସଭ୍ୟତା ମିଳୁନି। ୧୦ ନଂ ୱାର୍ଡ ଅନ୍ତର୍ଗତ କୁହ୍ଲପଡାର ବିକାଶ ପ୍ରତି ପ୍ରଶାସନର ଅଣଦେଖା ମନୋଭାବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଶତାଧିକ ମହିଳା ଓ ପୁରୁଷ ଜିଲାପାଳ ମୋନିଷା ବାନାର୍ଜୀ ଓ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ପଡାକୁ ସବୁଦିନିଆ ରାସ୍ତା ନିର୍ମାଣ ହୋଇନି।



ମହିଳାମାନେ ପଡାର ସମସ୍ୟାକୁ ନେଇ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି ।

ମାଟି ରାସ୍ତାରେ ଲୋକଙ୍କୁ ଯିବାକୁ ପଡୁଛି। ଟ୍ରାକ୍ଟର ଯିବା ଦ୍ୱାରା ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ବର୍ଷା ଦିନେ ଏହି ଅଧା କିଲୋମିଟର ରାସ୍ତାରେ ଯାତାୟତ ଅନୁପଯୁକ୍ତ। ତେଣୁ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ସେମାନେ ଦାବି କରିଥିଲେ। ଏହି ପଡାରେ ୫୫୦ରୁ ଊର୍ଦ୍ଧ୍ୱ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ସେମାନଙ୍କ ପାଇଁ ମାତ୍ର ଗୋଟିଏ ନଳକୂପ ଅଛି। ଏହା ଦୂର ହେଉଛି। ଆଉ ଗୋଟିଏ ନଳକୂପ ଖନନ ପାଇଁ ଦାବି କରିଥିଲେ। ସେହିପରି ପ୍ରାଥମିକ ବିଦ୍ୟାଳୟରେ ଠିକ୍ ଭାବେ ଶିକ୍ଷାଦାନ ହେଉ ନଥିବା ନେଇ ଅଭିଯୋଗ କରିଥିଲେ। ପଡାର ଜାହ୍ନବୀ ମୁଣ୍ଡା, ଅଙ୍ଗୁଲି ମୁଣ୍ଡା, ଭାଗ୍ୟବତୀ ବାରିହା, ନିର୍ମଳା ତିର୍କୀ, ଲଳିତ ମୁଣ୍ଡା, ଅଜିତ ମୁଣ୍ଡା, ଭାସ୍କର ମୁଣ୍ଡା, ଜୟା ଜାନୀ ପ୍ରମୁଖ ଜିଲାପାଳ ଓ ଇଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ ।

## କିନ୍ନର ସମାଜ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ଟିଟିଲାଗଡ଼,୨।୮(ଡି.ଏନ.ଏ.)

ସ୍ଥାନୀୟ କିନ୍ନର ସମାଜ ପକ୍ଷରୁ ଟିଟିଲାଗଡ଼ ସହରରେ ସଚେତନତା ଶୋଭାଯାତ୍ରା ତଥା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୌର ପରିଷଦ କାର୍ଯ୍ୟାଳୟରୁ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କ ଉପସ୍ଥିତିରେ ଶୋଭାଯାତ୍ରା ବାହାରି ସ୍ୱଚ୍ଛତା ସମ୍ବନ୍ଧୀୟ ବିଭିନ୍ନ ପ୍ଲାକାର୍ଡ ତଥା ସ୍ଲୋଗାନ ସହ କିନ୍ନର ସମାଜର କର୍ମକର୍ତ୍ତା ସହର ପରିକ୍ରମା କରିଥିଲେ। ଏପରି କି ସହରର ରାସ୍ତା, ଗଳିକନ୍ଦି, ସରକାରୀ କାର୍ଯ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ କିନ୍ନର ସମାଜର ପଶ୍ଚିମ ଓଡ଼ିଶା ମହାସଂଘ ସଭାପତି ନମିତା ମା, ସମ୍ପାଦକ କାମିନୀ କିନ୍ନର, ବଲାଙ୍ଗୀର ଜିଲା ସଭାପତି ମଧୁ ନାଏକ, ଦିବାନୀ, ମୀନା, ଜୁଲି ପ୍ରମୁଖଙ୍କ ସହ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି



ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ବ୍ୟକ୍ତିବିଶେଷ।

ଡୁଙ୍ଗୁରିପାଲି, ୨।୮(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲାଶ ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସଭାରେ ଏବିଡିଓ ଶଶଭୂଷଣ ପଧାନ ଅଧକ୍ଷତା କରିଥିଲେ। ବ୍ଲକ ଏସ୍‌ସିଓ କଳ୍ପନା ପଣ୍ଡା ବିବରଣୀ ପାଠ କରିଥିଲେ । ସଭାରେ ପ୍ରସ୍ତାବିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଯାୟୀ ସକାଳ ୪।୩୦ରେ ରାମଧୁନ୍ ଓ ପ୍ରଭାତ ଫେରି, ସକାଳ ୬ଟାରୁ ୭ଟା ମଧ୍ୟରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ, ୮ଟାରେ ଡୁଙ୍ଗୁରିପାଲି ସଂଗ୍ରାମୀ ମଣ୍ଡପ ପଡିଆରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ସ୍ଥିରୀକୃତ ହୋଇଛି । ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବ । ସେହିପରି ଗତ ହାଇସ୍କୁଲ ଓ ଯୁକ୍ତଦୁଇପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରାଯିବ । ବୈଠକରେ ପରମେଶ୍ୱର ବାଗ, ଅଗ୍ନି ସେବାଶମ ଅଧିକାରୀ ପ୍ରଭାକର ପ୍ରଧାନ, ଇନ୍ଦିରା ସାହୁ, କୃଷକ ନେତା ବିପ୍ର ଚରଣ ସାହୁ, ଫରେଷ୍ଟର କୀର୍ତ୍ତିବାସ ସେଠ୍, ବରିଷ୍ଠ ନାଗରିକ ବିନୋଦ ବିହାରୀ ପାଣ୍ଡିଆ, ଆରଏମ୍‌ସି ସମ୍ପାଦକ ଉଦିତ କୁମାର ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବତୀଙ୍କୁ ଗାଳିଗୁଲଜ, ଯୁବକ ଗିରଫ

ଡୁଙ୍ଗୁରିପାଲି, ୨।୮(ଡି.ଏନ୍.ଏ.)

ଜଣେ ଯୁବତୀଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ଡୁଙ୍ଗୁରିପାଲି ଥାନା ଲରିଆବାହାଲ ଗ୍ରାମର ଜଣେ ଯୁବକଙ୍କୁ ସ୍ଥାନୀୟ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଅଭି ସୁନା(୨୩)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଡୁଙ୍ଗୁରିପାଲି ଭାରପ୍ରାପ୍ତ ଥାନା ଅଧିକାରୀ ନିରଞ୍ଜନ ଦାଶ ପ୍ରକାଶ କରିଛନ୍ତି । ପ୍ରକାଶ ଯେ, ୨୦୧୭ରେ ଡୁଙ୍ଗୁରିପାଲି ଗ୍ରାମର ଜଣେ ଯୁବତୀଙ୍କ ସହ ଅଭିଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ କୌଣସି କାରଣରୁ ନେଇ ସମ୍ପୃକ୍ତ ଯୁବତୀ ଓ ତାଙ୍କ ମା' ତାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଚଳାଇଥିଲା। ଗୁରୁବାର ସମ୍ପୃକ୍ତ ଯୁବତୀ ଡୁଙ୍ଗୁରିପାଲି ଟାଉନକୁ କୌଣସି କାମରେ ଯାଇଥିଲେ। ଏହି ସମୟରେ ଅଭି ତାଙ୍କୁ ସେଠାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ ଡୁଙ୍ଗୁରିପାଲିରୁ ଗିରଫ କରିଥିଲା।

# ରୋଗବାହାକ ନିୟନ୍ତ୍ରଣ ଦିବସରେ ସଚେତନତା ରାଲି




ଛାତ୍ରୀଛାତ୍ରଙ୍କୁ ନେଇ କାନପୁରରେ ସଚେତନତା ଶୋଭାଯାତ୍ରା କରାଯାଉଛି ।

ଅମରପାଲି, ୨।୮ (ଡି.ଏନ.ଏ)

ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ବିଶ୍ୱାସ କାର୍ଯ୍ୟକ୍ରମର ନବମ ଅଭିଯାନ ସ୍ୱରୂପ ରୋଗ ବାହକ ନିୟନ୍ତ୍ରଣ ଦିବସ ବୀରମହାରାଜପୁର ବ୍ଲକ ଉଫୁଲା ଗ୍ରାମ ପଞ୍ଚାୟତର କାନପୁର ଗାଁ କଲ୍ୟାଣ ସମିତିରେ ପାଳିତ ହୋଇଯାଇଛି। ଗାଁ ସ୍ୱାସ୍ଥ୍ୟ ସଂଯୋଜକ ନରେଶ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟର ମ୍ୟାଲେରିଆ ଟେକନିସିଆନ ବିଦ୍ୟୁତ ଖମାରୀ ଯୋଗଦେଇଥିଲେ। ରୋଗବାହକ ଏକ ପ୍ରକାରର କ୍ଷୁଦ୍ର ଅଣୁ ସଦୃଶ ଓ ପରଜୀବୀ ତଥା ସଂକ୍ରମିତ ରୋଗ । ମଣିଷ ଓ ପଶୁଙ୍କଠାରୁ ବିଭିନ୍ନ ରୋଗ କରାଇଥାଏ ବୋଲି ସେ ବୁଝାଇ ଥିଲେ। ଏଏନଏମ କର୍ମୀ ବ୍ରଜେଶ୍ୱରୀ ପାତ୍ର ବିଭିନ୍ନ ରୋଗ ନିୟନ୍ତ୍ରଣ କିପରି କରାଯାଇ ପାରିବ ସେ ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟା ପ୍ରଭାତୀ ବାନୀ ଅଧକ୍ଷତା କରିଥିବା ବେଳେ ଆଶାକର୍ମୀ ପାର୍ବତୀ ଛନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗ୍ରାମ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା ।

# ବର୍ଷା ହେଲା, ଖରିଫ ଚାଷ ଆଗେଇଲା

ବିନିକା, ୨।୮(ଡି.ଏନ୍.ଏ.)

ବିନିକା ବ୍ଲକରେ ଗତ ସପ୍ତାହକ ମଧ୍ୟରେ ଭଲ ବର୍ଷା ହୋଇଛି। ଏଥିଯୋଗୁ ଖରିଫ ଚାଷ ପାଇଁ ଚାଷୀମାନେ ତତ୍ପର ହୋଇ ଉଠିଛନ୍ତି। ବିଶେଷ କରି କେନାଲ ପାଣି ପହଞ୍ଚୁ ନ ଥିବା ଟେଲ୍ ଅଞ୍ଚଳରେ ଧାନ ବେଉଷଣ ଓ ରୁଆପୋତା କାମ ଜୋରସୋରରେ ଚାଲିଛି। ଟେଲ୍ ଅଞ୍ଚଳରେ ଅବସ୍ଥିତ ବାଙ୍କିଘିର୍ଡି ପଞ୍ଚାୟତ ଅନ୍ତର୍ଗତ ହୁଡୁମା, ସାରଙ୍ଗପାଲି, ବାବୁପାଲି ପଞ୍ଚାୟତର ତାଳମୁଣ୍ଡା, ଅଂଏଲାମୁଣ୍ଡା ଏବଂ ସିଂଘିଯୁବା ପଞ୍ଚାୟତର ଜାମପାଲି ଓ ଅସୁରଗଡ ଆଦି ଗ୍ରାମରେ ଏବେ ଚାଷକାମ ପାଇଁ ଚାଷୀକୁ ତର ନାହିଁ।



ରୁଆପୋତା ପାଇଁ ହୁଡୁମା ଗାଁ ସମୀପ ଏକକ୍ଷେତକୁ ଚାଷୀ ହଳ କରି ପ୍ରସ୍ତୁତ କରୁଛି।

# କିଡ୍‌ନୀ ରୋଗ ନିରାକରଣ ସଚେତନତା କାର୍ଯ୍ୟକ୍ରମ

ଅମରପାଲି, ୨।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ଗ୍ରାମ ପଞ୍ଚାୟତର ଘଣ୍ଟୋପାଲି ଗ୍ରାମରେ କିଡନୀ ରୋଗର ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ରୋଗ ସର୍ବେକ୍ଷଣ ଅଧିକାରୀ ଡା. ରମେଶ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ରୋଗ ସର୍ବେକ୍ଷଣ ପ୍ରକଳ୍ପ ଅଧିକାରୀ ନାରାୟଣ ରଥ, ଜିଲା ଗାଁ କଲ୍ୟାଣ ସମିତି ସଂଯୋଜକ ହିତେଶ କୁମାର ତ୍ରିପାଠୀ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ଚନ୍ଦ୍ର ସାହୁ, ମହିଳା ସ୍ୱାସ୍ଥ୍ୟ କର୍ମୀ ଅଳକା ମହାକୁର ପ୍ରମୁଖ ଯୋଗଦେଇ କିଡନୀ ରୋଗର ଲକ୍ଷଣ ଏବଂ ଏହାର ନିରାକରଣର ଉପାୟ ବତାଇଥିଲେ ଯଦି ବ୍ୟକ୍ତିର ଉଚ୍ଚ ରକ୍ତଚାପ ସର୍ବଦା ଲାଗି ରହିବ, ମ୍ୟାଲେରିଆ ଜ୍ୱରରେ ବାରମ୍ବାର ଆକ୍ରାନ୍ତ ହେଉଥିବ, ମଧୁମେୟ ରୋଗୀ, ହୃଦରୋଗ ଥିବା ବ୍ୟକ୍ତି ଅସନ୍ତୁଳିତ ଖାଦ୍ୟ ଗ୍ରହଣ, ଦୂଷିତ ପାଣି ଆଦି କିଡନୀ ରୋଗର ମୁଖ୍ୟ କାରଣ ବୋଲି ଉପସ୍ଥିତ ଡାକ୍ତରମାନେ କହିଥିଲେ। ଖୁବଶୀଘ୍ର ସୋନପୁର ସଦର ଡାକ୍ତରଖାନାରେ କିଡନୀ ଡାଇଲିସସ କେନ୍ଦ୍ର ଆରମ୍ଭ ହେବ ଏବଂ ଜିଲାର କିଡନୀ ରୋଗୀ ଏହାର ସୁବିଧା ହାସଲ କରିପାରିବେ ବୋଲି ସୂଚନା ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ, ଘଣ୍ଟୋପାଲି ଜିଲାର ଏକ କିଡନୀ ପ୍ରପୀଡିତ ଗ୍ରାମ ହୋଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଗ୍ରାମର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ଏହି ରୋଗରେ ମୃତ୍ୟୁ ହୋଇସାରିଛି। ଏବେ ମଧ୍ୟ ୮ଜଣ ବ୍ୟକ୍ତି ଉକ୍ତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ଶୁକ୍ରବାର ଗ୍ରାମକୁ ଆସିଥିବା ଉକ୍ତ ଦଳ ଗ୍ରାମର ନଳକୂପ ଓ କୂପଗୁଡିକରୁ ଜଳ ନମୁନା ସଂଗ୍ରହ କରି ଆଗାମୀ ଏକ ମାସ ମଧ୍ୟରେ ଏହାର ରିପୋର୍ଟ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। ଗ୍ରାମବାସୀ ଘଣ୍ଟୋପାଲିରେ ଏକ କିଡନୀ ଚିକିତ୍ସା କ୍ୟାମ୍ପ କରାଯିବାକୁ ଉପସ୍ଥିତ ଅଧିକାରୀଙ୍କୁ ଅନୁରୋଧ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ଅକୃର ନାଏକ ସଂଯୋଜନା କରିଥିଲେ। ସ୍ୱାସ୍ଥ୍ୟ କର୍ମୀ ଗିରିଧାରୀ ସାହୁ, ପ୍ରିୟବ୍ରତ ଜଗଦଲା, ଶର୍ମିଷ୍ଠା ସାମଲ, ଆଶା କର୍ମୀ, ଛବିରାଣୀ ପଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଶେଷରେ ଅଙ୍ଗନୱାଡି କର୍ମୀ ରୀନାରାନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ପୁରୁଷ ଓ ମହିଳା ଯୋଗଦେଇଥିଲେ।

# ପ୍ରାଣୀଧନ ସମ୍ପଦର ବିକାଶକୁ ନେଇ ତାଲିମ

ବିନିକା, ୨।୮(ଡି.ଏନ୍.ଏ.)

ପ୍ରାଣୀଧନ ବିଭାଗ ତରଫରୁ କ୍ଷୁଦ୍ରପ୍ରାଣୀ ସମ୍ପଦ(ଛେଳି, ମେଣ୍ଢା ଓ ଘୁଷୁରି) ପ୍ରଭୃତିଙ୍କ ପରିଚାଳନା ନେଇ ଚାଷୀମାନଙ୍କର ଏକ ତାଲିମ ଶିବିର ବିନିକା ବ୍ଲକ ଜୁଲୁଣ୍ଡା ଗ୍ରାମ ପଞ୍ଚାୟତ ରାଜୀବ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସ୍ଥାନୀୟ ସରପଞ୍ଚ ଭୂମିସୂତା ବରିହା, ସମିତି ସଭ୍ୟ ରମେଶ ଚନ୍ଦ୍ର ସାହୁ ଉପସ୍ଥିତ ରହି ଚାଷୀଙ୍କ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ବିନିକା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା ବିଜୟ କୁମାର ପାତ୍ର ସଭା ପରିଚାଳନା କରିଥିଲେ। ତାଲିମଦାତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଡା ସନ୍ତୋଷ କୁମାର ସ୍ୱାଇଁ ଏବଂ ଡା କମଳ କୁମାର ପ୍ରଧାନ ।




ତାଲିମ ଶିବିରରେ ମଞ୍ଚାସୀନ ବିଭାଗୀୟ ଅଧିକାରୀ ଓ ଅତିଥିମାନେ।

## ତରଭାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଜୁଳି ବିଭ୍ରାଟ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ତରଭା, ୨।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ଅଞ୍ଚଳରେ ବିଦ୍ୟୁତ୍ ଓ ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ରୂପ ଧାରଣ କରିଛି । ପ୍ରତ୍ୟେକ ଦିନ ଘୋଷିତ ଓ ଅଘୋଷିତ ବିଦ୍ୟୁତ୍ କାଟ ମାନ କରାଯାଉଛି । ଯାହା ଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷତମାମ ଏପରି ବିଭ୍ରାଟ ଲାଗି ରହିଛି । ସେହିପରି ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ତରଭା ବ୍ଲକ ସମେତ ସୀମାନ୍ତ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଓ ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକର କେତେକ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି । ହେଲେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ରୋଗୀସେବାକୁ ପ୍ରଭାବିତ କରୁଛି। ଏଠାରେ ଆଠ ଜଣ ଡାକ୍ତର ଆବଶ୍ୟକ ଥିବା ବେଳେ କେବଳ ଦୁଇଜଣ ଅଛନ୍ତି। ଜଣେ ଡାକ୍ତରଙ୍କୁ ଏଠାକୁ ଡେପୁଟେସନରେ ଅଣାଯାଇଛି । କୌଣସି ବିଶେଷଜ୍ଞ ଡାକ୍ତର ନାହାନ୍ତି । ଏତଦ୍‌ବ୍ୟତୀତ ଏହି




ମହିଳା ସଂଗଠନ କର୍ମକର୍ତ୍ତାମାନେ ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଚାରଭଟା, କମସରା, ମେଣ୍ଡା ଓ ପୁଆ ପ୍ରଭୃତି ଡାକ୍ତରଖାନାରେ କୌଣସି ଡାକ୍ତର ନାହାନ୍ତି। ଏହି ଡାକ୍ତରଖାନାଗୁଡିକ ଜଣେ ଲେଖାଁଏ ଫର୍ମାଶିଷ୍ଟଙ୍କ ଦାୟିତ୍ୱରେ ଚାଲିଛି। ଏ ସମସ୍ତ ସମସ୍ୟାର ସମାଧାନ ସକାଶେ ଅଞ୍ଚଳବାସୀ ଦୀର୍ଘବର୍ଷ ଧରି ଦାବି କରି ଆସୁଥିଲେ ମଧ୍ୟ ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏଭଳି ପରିସ୍ଥିତି ରହିଛି ବୋଲି ଜନସାଧାରଣ ଚର୍ଚ୍ଚା ହେଉଛି। ଏସବୁ ସମସ୍ୟାର ସ୍ଥାୟୀ ସମାଧାନ ଦାବି କରି ଶୁକ୍ରବାର ତରଭାର ମହିଳା ସଂଗଠନ ଜାଗୃତିର ସଦସ୍ୟାମାନେ ରାସ୍ତାକୁ ଓହ୍ଲାଇଛନ୍ତି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମହିଳା ସଂଗଠନ ସଭାନେତ୍ରୀ ଅନିତା ସାହୁଙ୍କ ନେତୃତ୍ୱରେ ସଦସ୍ୟାମାନେ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ସମ୍ମୁଖରୁ ଏକ ରାଲିରେ ବାହାରି ମାରୱାଡି ପଡା, ସୁନାରୀପଡା, ମେହେରପଡା, ରଥପଡା, ନୂଆପଡା ଛକ ଦେଇ ଦୁର୍ଗା ମଣ୍ଡପ ଛକସ୍ଥିତ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଡିଓ ନିହାର ରଞ୍ଜନ କହଁରଙ୍କ ଅନୁପସ୍ଥିତରେ ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କୁ ସଂଗଠନ ସଭାନେତ୍ରୀ ସାହୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରକୁ ଏବିଡିଓ ତୁରନ୍ତ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ନିକଟକୁ ପଠାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ଜୟନ୍ତୀ ବେଜ, ମୁନୀ ଅଗ୍ରୱାଲ, ମମତା ମେହେର, ସୁଜାତା ସାହୁ, ପୁଷ୍ପାଞ୍ଜଳି ମେହେର, ସଞ୍ଜୁ ଷାଣ୍ଢ, ରୀତା ନାଏକ, ସରୋଜିନୀ ନାଏକ, ମମତା ଦଳବେହେରା, ସସ୍ମିତା ସାହୁ, ସଞ୍ଜୁ ନାଏକ, ମୋହିନୀ ନାଏକ, କୁନ୍ତି ନାଏକ, ରାଜ କୁମାରୀ ମେହେରଙ୍କ ସମେତ ଶତାଧିକ ମହିଳା ସାମିଲ ଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୩ ଅଗଷ୍ଟ, ୨୦୧୯



ଥରେ ଅଭ୍ୟାସର ବଶବର୍ତ୍ତୀ ହୋଇଗଲେ
ଆଉ ସହଜରେ ତ୍ରାହି ମିଳେନା
- ସେନେକା



## ସଂକ୍ଷେପରେ

### ପେନଡ୍ରାବନ୍ଧ-ବିଲେଇଅଞ୍ଚର ମୁଖ୍ୟ ରାସ୍ତା ଶୋଚନୀୟ

**କୋମନା,୨।୮(ଡି.ଏନ.ଏ.):** ନୂଆପଡା ଜିଲା କୋମନା ବ୍ଲକ ବିଲେଇଅଞ୍ଚରଠାରୁ ପେନଡ୍ରାବନ୍ଧ ପର୍ଯ୍ୟନ୍ତ ଗୋଟିଏ କି.ମି. ୩୫୩ ନଂ. ଜାତୀୟ ରାଜପଥ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅନେକ ସ୍ଥାନରେ ଏବେ ବଡବଡ ଗର୍ତ୍ତ ହୋଇଛି। ଏହି ରାସ୍ତାରେ ସବୁବେଳେ ଶହ ଶହ ମାଲବୋଝେଇ ଟ୍ରକ ଯାତାୟାତ କରୁଥିବା ବେଳେ ରାସ୍ତା ମରାମତି ପ୍ରତି ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ପ୍ରକାଶଥାଉ କି ନୂଆପଡା ଜିଲା କୁରୁମପୁରୀଠାରୁ ବଲାଙ୍ଗୀର ଜିଲା ବୋଙ୍ଗୋମୁଣ୍ଡା ପର୍ଯ୍ୟନ୍ତ ୬୮ କି.ମି. ରାଜପଥ କାମକୁ ୨୦୧୪ରେ ଆନ୍ଧ୍ରପ୍ରଦେଶର ଜିଭିଆର ନାମକ ଏକ ଠିକା ସଂସ୍ଥା ଚୁକ୍ତି କରି କାମ ଆରମ୍ଭ କରିଥିଲା। ହେଲେ ଉକ୍ତ ଠିକା ସଂସ୍ଥା ଅଧା କାମ କରି ଫେରାର ହେବା ପରେ ଏବେ ରାସ୍ତା ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡିଛି। ତୁରନ୍ତ ମରାମତି କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।

### ଡୁଆଝର ଗ୍ରାମକୁ ସ୍ୱଚ୍ଛ, ସୁନ୍ଦର କରିବାକୁ ପ୍ରଗତି ଯୁବକ ସଂଘର ପ୍ରୟାସ

**ଖଡିଆଲ,୨।୮(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଲ ବ୍ଲକ ଡୁଆଝର ଗ୍ରାମକୁ ସ୍ୱଚ୍ଛ ଓ ସୁନ୍ଦର ଗ୍ରାମରେ ପରିଣତ କରିବାକୁ ନାୟକନ ସହାୟତାରେ ପ୍ରଗତି ଯୁବକ ସଂଘ ପ୍ରୟାସ ଆରମ୍ଭ କରିଛି। ସରପଞ୍ଚ ଓ ୱାର୍ଡମେମ୍ବର ଏବଂ ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମରେ ଥିବା ବିଭିନ୍ନ ସମସ୍ୟା ଏବଂ ଗ୍ରାମକୁ ସ୍ୱଚ୍ଛତା ଓ ସୁନ୍ଦର ଗ୍ରାମରେ ପରିଣତ କରିବାକୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ କରାଯାଇଥିଲା । ଏଥିରେ ସରପଞ୍ଚ କମଳିନୀ ମେହେର ଅଧକ୍ଷତା କରିଥିବା ବେଳେ ଗ୍ରାମର ୱାର୍ଡମେମ୍ବର ଏବଂ ପ୍ରଗତି ଯୁବକ ସଂଘ ସଭାପତି ବିକାଶ କୁମାର ସାହା, ଉପସଭାପତି ମହମ୍ମଦ ଫଇଜ ଖାନ୍, ରାହୁଲ ଦେବ ପଟେଲ, ଅମୂଲ୍ୟ ବାରିକ, ସୁରେଶ ପଟେଲ, ଅନ୍ତ ସତନାମୀ, ବସନ୍ତ ସତନାମୀ, କେଜୋ ପଟେଲ, ଦୀପକ ମେହେର, ଯୋଗେନ୍ଦ୍ର ମାଲି, ଆନନ୍ଦ ଠାକୁର, ସିରାଜ ସତନାମୀ, ମହମ୍ମଦ ସବୀର ଖାନ୍ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ । ସଂଘ ଉପସଭାପତି ମହମ୍ମଦ ଫଇଜ ଖାନ୍ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଶେଷ

**କୋକସରା,୨।୮(ଡି.ଏନ.ଏ.)-** କୋକସରା ବ୍ଲକରେ ଗତ ୨୫ ତାରିଖଠାରୁ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇ ଇତିମଧ୍ୟରେ ଶେଷ ହୋଇଛି । କୋକସରା ଶିକ୍ଷା ବିଭାଗର ୧୧ଟି କ୍ଲଷ୍ଟରରେ କାର୍ଯ୍ୟରତ ୪୦୪ ଜଣ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ ପରେ ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟକୁ ପଠାଯାଇଛି । କୋକସରା କ୍ଲଷ୍ଟରର ୩୪ ଜଣ, ଡାଲଗୁମା କ୍ଲଷ୍ଟର ୪୭ ଜଣ, ମୋଟେର କ୍ଲଷ୍ଟର ୪୧, ଆମପାଣି କ୍ଲଷ୍ଟରର ୩୦, ଉହଗାଁ କ୍ଲଷ୍ଟରର ୨୫, କାଉଡୋଲା କ୍ଲଷ୍ଟର ୪୪, ଲଡୁଗାଁ କ୍ଲଷ୍ଟରରୁ ୪୧, କାଣିବାହାଲ କ୍ଲଷ୍ଟରର ୩୪, ସାନପୋଡାଗୁଡା ୪୮ ଓ ଟେମରା କ୍ଲଷ୍ଟରରୁ ୨୪ ଜଣ ମୋଟ ୪୦୪ ଜଣ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ ହୋଇଛି ।

# ଅବ୍ୟବସ୍ଥାରେ ଦେଓଗାଁ ଅନୁସୂଚିତ ଜନଜାତି ଛାତ୍ରୀ ନିବାସ

■ କର୍ମଚାରୀ ଅଭାବ
■ ହଷ୍ଟେଲ ଛାଡିବାକୁ ଅଡିବସିଲେ ଅନ୍ତେବାସୀ

**ଦେଓଗାଁ,୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ପଞ୍ଚାୟତ ସମିତି ଆବାସିକ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ନୂତନ ଭାବେ ଆରମ୍ଭ ହୋଇଥିବା ୨ଶହ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜନଜାତି ଛାତ୍ରୀ ନିବାସ ଚାଲିବାର ୮ ଦିନ ନ ପୂରୁଣୁ ଅବ୍ୟବସ୍ଥା ଦେଖାଦେଇଥିବା ଅଭିଯୋଗ ହୋଇଛି। ଅନ୍ତେବାସୀଙ୍କ ରହିବା ଖାଇବା ତଥା ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ଅବ୍ୟବସ୍ଥା ପରିଲକ୍ଷିତ ହେବାରୁ ୫୧ଜଣ ଅନ୍ତେବାସୀ ଶୁକ୍ରବାର ବ୍ୟାଗ ଧରି ଘରକୁ ଚାଲିଯିବାକୁ ଅଡି ବସିଥିଲେ। ଏପରି କି ଭୋଜନ କରିବାକୁ ରୋକଠୋକ୍ ମନାକରି ଦେଇଥିଲେ। ଏନେଇ ପରିସ୍ଥିତି ଜଟିଳ ହେବାରୁ ରାମଚନ୍ଦ୍ରପୁର ହଷ୍ଟେଲରୁ ଡେପୁଟେସନରେ ଆସିଥିବା ପାଚିକା ହଷ୍ଟେଲ ଗେଟରେ ତାଲାଦେଇ ଅନ୍ତେବାସୀଙ୍କୁ ଅଟକାଇଥିଲେ। ସମସ୍ୟା ସମ୍ପର୍କରେ ଅନ୍ତେବାସୀଙ୍କୁ ପଚାରିବାରୁ ଗୁରୁବାର ରାତିରେ ଜଣୈକା ଛାତ୍ରୀ ଅହଲ୍ୟା ବୁଡେକଙ୍କୁ ଜ୍ୱର ହୋଇଥିଲା। ହେଲେ ହଷ୍ଟେଲ ୱାର୍ଡେନ କିମ୍ବା ମ୍ୟଟ୍ରନ ନିଯୁକ୍ତ ହୋଇ ନ ଥିବାରୁ ହଠାତ୍ ପ୍ରାଥମିକ ଚିକିତ୍ସା ହୋଇପାରି ନ ଥିଲା। ତାଙ୍କୁ ଶୁକ୍ରବାର ଅପରାହ୍ନରେ ପାଖ ହଷ୍ଟେଲ ୱାର୍ଡେନ ଆସି ଛାତ୍ରୀଙ୍କୁ ଔଷଧ ଦେଇଥିଲେ।

ଅନ୍ୟପକ୍ଷେ ହଷ୍ଟେଲରେ ବିଦ୍ୟୁତ୍ କାଟ ହେଲେ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ମହମବତି ଜାଳି ରହିବାକୁ ପଡୁଛି। ଏପରି କି ଠିକ୍ ଭାବେ ଖାଦ୍ୟ ଦିଆଯାଉ ନ ଥିବା ଅନ୍ତେବାସୀ ଅଭିଯୋଗ କରିଛନ୍ତି। ସେହିପରି ସ୍କୁଲରେ ପାଠପଢ଼ା ପରେ କୋଚିଂ ଦିଆଯାଉ ନ ଥିବା ଜଣାପଡିଛି। ଏହି ସବୁ ସମସ୍ୟାର ସମାଧାନ ନ ହେଲେ ହଷ୍ଟେଲରେ ରହିବୁ ନାହିଁ ବୋଲି ଅନ୍ତେବାସୀ କହିଥିଲେ। ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଗୁରୁ ପୂର୍ବାହ୍ନ ୧୦ଟା ୫୫ରେ ସ୍କୁଲରେ ପହଞ୍ଚିବା ପରେ ଅନ୍ତେବାସୀଙ୍କୁ ବୁଝାଶୁଝା କରିବା ସହ ସମସ୍ୟାର ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରି ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନ୍ତେବାସୀ ଭୋଜନ କରିବା ସହ ସ୍କୁଲକୁ ଯାଇ ପଢ଼ିଥିଲେ। ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀଠାରୁ ଖବର ପାଇ ଅପରାହ୍ନରେ ଜିଲା ମଙ୍ଗଳ ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ଓ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନରଞ୍ଜନ ବଡଜେନା ପ୍ରମୁଖ ହଷ୍ଟେଲ ପରିଦର୍ଶନ କରି ସମସ୍ୟା ଉପରେ ଅବଗତ ହୋଇଥିଲେ। ବିଦ୍ୟୁତ୍ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି କହିବା ସହ ମାସେ ମଧ୍ୟରେ ୱାର୍ଡନ ନିଯୁକ୍ତି କରାଯିବ ବୋଲି ଅନ୍ତେବାସୀଙ୍କୁ କହିଥିଲେ। ଏପରି କି ପରିଚାଳନା କମିଟିଙ୍କ ସହଯୋଗରେ ତୁରନ୍ତ ପାଚିକା ନିଯୁକ୍ତ କରିବାକୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେବା ସହ ଅନ୍ୟାନ୍ୟ ସମସ୍ୟା ଉପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ଦେଓଗାଁ ୨ଶହ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜନଜାତି ହଷ୍ଟେଲରେ ଅବ୍ୟବସ୍ଥା ଦର୍ଶାଇ ଅନ୍ତେବାସୀମାନେ ହଷ୍ଟେଲ ଛାଡିବାକୁ ଅଡି ବସିଛନ୍ତି।

## ଫି' ବୃଦ୍ଧି ପ୍ରସଙ୍ଗ

### ବିମଳା କନଭେଣ୍ଟକୁ ସ୍କୁଲ ଓ ଗଣଶିକ୍ଷା ବିଭାଗର କାରଣ ଦର୍ଶାଅ ନୋଟିସ୍

**ଭବାନୀପାଟଣା,୨।୮(ଡି.ଏନ.ଏ.)**

ସ୍ଥାନୀୟ ବିମଳା କନଭେଣ୍ଟ ସ୍କୁଲ ଚଳିତଶିକ୍ଷା ବର୍ଷ ଛାତ୍ରୀଛାତ୍ରମାନଙ୍କ ଫି' ୧୮ ରୁ ୨୫ ଶତକଡ଼ା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଫି' ବୃଦ୍ଧିକୁ ବିରୋଧ କରି ଅଭିଭାବକ ସଂଘ ଆନ୍ଦୋଳନ କରିଥିଲେ। ଆନ୍ଦୋଳନ ଯୋଗୁ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକ ସଂଘର ଆଲୋଚନା ପରେ ସ୍କୁଲ କର୍ତ୍ତୃପକ୍ଷ ଗତବର୍ଷଠାରୁ ୧୨ ଶତକଡ଼ା ଫି' ବୃଦ୍ଧି କରିବା ପାଇଁ ରାଜି ହୋଇଥିଲେ। ତେବେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୌଣସି ଘରୋଇ ସ୍କୁଲ ବାର୍ଷିକ ୮ ଶତକଡ଼ାରୁ ଅଧିକ ଫି ବୃଦ୍ଧି କରିପାରିବେ ନାହିଁ । ଅଭିଭାବକ ସଂଘ ବିମଳା କନଭେଣ୍ଟର ୧୨ ଶତକଡ଼ା ଫି' ବୃଦ୍ଧି ବିରୋଧରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗଠାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଭାବକ ସଂଘର ଅଭିଯୋଗ ଉପରେ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ନିର୍ଦ୍ଦେଶକ ବିମଳା କନଭେଣ୍ଟକୁ ସରକାରୀ ଗାଇଡ଼ଲାଇନ୍‌କୁ ଉଲ୍ଲଂଘନ କରି ଫି' ବୃଦ୍ଧି କରିଛନ୍ତି । ଫି' ରେଗୁଲେସନ କମିଟି ନିର୍ଦ୍ଦେଶକୁ ଅବମାନନା କରି ବୃଦ୍ଧି କରିଥିବାରୁ କାହିଁକି ସ୍କୁଲର ଏନ୍‌ଓସି ପ୍ରତ୍ୟାହାର କରି ନିଆଯିବ ନାହିଁ ସେ ସମ୍ପର୍କରେ ୧୫ ଦିନ ମଧ୍ୟରେ ଲିଖିତ ଭାବେ ଜଣାଇବାକୁ ଉକ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ।

# ମହାରାଜା ପ୍ରତାପ କେଶରୀ ଦେଓ ଘୁମୁରା ଏକାଡେମୀର ସ୍ୱନକ୍ଷତ୍ର ଦିବସ

**ଭବାନୀପାଟଣା,୨।୮(ଡି.ଏନ.ଏ.)**

ଘୁମୁରା କଳାହାଣ୍ଡି ଜିଲାର ସ୍ୱତନ୍ତ୍ର ପରିଚୟ ଅଟେ। ଏହାର ବିକାଶ ନିମନ୍ତେ ପ୍ରତ୍ୟେକ କଳାହାଣ୍ଡିଆ ବଦ୍ଧପରିକର ହେବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ମହାରାଜା ପ୍ରତାପ କେଶରୀ ଦେଓ ଘୁମୁରା ଏକାଡେମୀ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବମନ୍ତ୍ରୀ ରାସବିହାରୀ ବେହେରା, ମୁଖ୍ୟବକ୍ତା ଯାଜ୍ଞସେନୀ ସାହା ପ୍ରାରମ୍ଭିକ ସୂଚନା ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂ ଦେଇଥିବା ବେଳେ ଯୋଗଦେଇ ଉଦବୋଧନ ଦେଇଥିଲେ। ଉପସଭାପତି ସାନ୍ତନୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭଗତ କୈବର୍ତ୍ତ ଓ ପାୟଲ ନାଏକଙ୍କୁ ମହାବୀର ଯୁବ କଳାକାର ସମ୍ମାନ, ଶାରଦା କର ବାଗ, ରାମପ୍ରସାଦ ନାଏକ, ହରିହର ଝାଙ୍କର, ନକୁଲ ରାଉତଙ୍କୁ ଘୁମୁରା କଳାକାର ସମ୍ମାନ, ସ୍ୱତନ୍ତ୍ର ଭାବେ ପଦାର୍ଥ ବିଜ୍ଞାନ ଟପ୍ପର ନିର୍ଲିପ୍ତା ଯୋଷଷୀ, ରସାୟନିକ ବିଜ୍ଞାନ ଟପ୍ପର ଅର୍ପିତା ପଣ୍ଡାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ଲଳିତ ପଣ୍ଡା, ସୁଶିଲ ଗହହିର, ପ୍ରତାପ ଦାସ, ଶୁଭ୍ରାଂଶୁ ସାହୁ, ଜଗଦୀଶ ମଣ୍ଡଳ, ନୀଳକଣ୍ଠ ବେହେରା, ବିରଞ୍ଚି ନାରାୟଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



ମହାରାଜା ପ୍ରତାପ କେଶରୀ ଦେଓ ଘୁମୁରା ଏକାଡେମୀ ସ୍ୱନକ୍ଷତ୍ର ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ପରାମର୍ଶ

# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ସମ୍ପୃକ୍ତ ତଥ୍ୟ ମହଜୁଦ ରଖ

**ବଲାଙ୍ଗୀର ଅଫିସ, ୨।୮**

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ସମ୍ପୃକ୍ତ ସମସ୍ତ ତଥ୍ୟ ଏବଂ ସୂଚନାକୁ ଠିକ୍ ଭାବେ ମହଜୁଦ୍ ରଖିବା ପାଇଁ ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁନୀଲ କୁମାର ମିଶ୍ର ପରାମର୍ଶ ଦେଇଥିବା ଜଣାପଡିଛି। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କ ସୂଚନା ଅଧିକାର ଆଇନ୍ ସମ୍ପର୍କିତ ଆବେଦନକୁ ବିଚାର କରି ରାଜ୍ୟ ମୁଖ୍ୟ ସୂଚନା କମିଶନର ଏଭଳି ପରାମର୍ଶ ଦେଇଥିବା ଜଣାପଡିଛି।

ସୂଚନା କର୍ମୀ ପଣ୍ଡା ୨୦୧୫ ମେ ମାସରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ରାଜ୍ୟ ସ୍ୱାର୍ଥ ସମ୍ବଳିତ ଓ ବିଭିନ୍ନ ପ୍ରକଳ୍ପ ବିଷୟରେ କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା ପତ୍ର ଓ ଏନେଇ କେନ୍ଦ୍ର ସରକାର ପ୍ରଦାନ କରିଥିବା ଉତ୍ତରଗୁଡିକର ନକଲ ସୂଚନା ଅଧିକାର ଆଇନ ବଳରେ ମାଗିଥିଲେ। ୨୦୦୧ରୁ ପ୍ରାୟ ୧୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ପଠାଇଥିବା ଚିଠି ଓ କେନ୍ଦ୍ର ସରକାରଙ୍କ ଉତ୍ତରର ନକଲ ମାଗିଥିଲେ। କିନ୍ତୁ ଏସଂକ୍ରାନ୍ତୀୟ କୌଣସି ତଥ୍ୟ ମୁଖମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରଖାଯାଏ ନାହିଁ ତେଣୁ ବିଭିନ୍ନ ବିଭାଗରୁ ଆବେଦନକାରୀ ପଣ୍ଡା ସଂଗ୍ରହ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଅଧିକାରୀଙ୍କ ଏଭଳି ଉତ୍ତର ସୂଚନା ଅଧିକାର ଆଇନର ଧାରା ୬(୩)କୁ ଉଲଂଘନ କରୁଛି ବୋଲି ପଣ୍ଡା ଦର୍ଶାଇ ଏହା ବିରୋଧରେ ଆବେଦନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରଥମ ଆବେଦନ ଅଧିକାରୀ ପଣ୍ଡାଙ୍କ ଆବେଦନକୁ ଖାରଜ କରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଜନସୂଚନା ଅଧିକାରୀଙ୍କ ଉତ୍ତରକୁ ବୈଧ ବୋଲି ଦର୍ଶାଇ ଥିଲେ। ଏହାକୁ ନେଇ ଆବେଦନକାରୀ ପଣ୍ଡା ରାଜ୍ୟ ସୂଚନା କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସୂଚନା କମିଶନରେ ଏହି ଆବେଦନର ୪ ଥର ଶୁଣାଣି ହୋଇଥିଲା। ପରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁନୀଲ କୁମାର ମିଶ୍ର ଅପିଲ ନଂ-୨୫୮୭/୨୦୧୫ର ବିଚାର କରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ତଥ୍ୟ ମହଜୁଦ ରଖିବା ପାଇଁ ପରାମର୍ଶ ଦେଇଥିବା ଜଣାପଡିଛି।

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONHQBBS 2019029, ତା.30.07.2019ରିଖ
**କାର୍ଯ୍ୟର ନାମ :** "ଏକ ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂଆ ରେଳ ଲିଙ୍କ ପ୍ରକଳ୍ପ ସମ୍ବନ୍ଧୀୟ କାର୍ଯ୍ୟ ତଦାରଖ/ନିରୀକ୍ଷଣ ଉଦ୍ଦେଶ୍ୟରେ ପୂର୍ବ ତଟ ରେଳପଥ, ବଲାଙ୍ଗୀରଙ୍କ ନିର୍ମାଣ ସଂଗଠନର ଅଧିକାରୀମାନଙ୍କ ବ୍ୟବହାର ନିମନ୍ତେ (02 ଗୋଟି ନନ୍-ଏସି ଟାଟା ସୁମୋ/ବୋଲେରୋ କିମ୍ବା ଅନୁରୂପ, 01 ଗୋଟି ପାଞ୍ଚ ସିଟ୍ ବିଶିଷ୍ଟ ପିକ୍-ଅପ୍ ଭ୍ୟାନ୍) ଭଡ଼ା ସୂତ୍ରରେ ନେବା।"
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 15.77 ଲକ୍ଷ,** EMD (ଟଙ୍କାରେ) : **31,600/-**, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : **2,360/-**, କାର୍ଯ୍ୟ ଶେଷ ହେବା ଅବଧି : **12** ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.**21.08.2019** ରିଖ **1200** ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଛି।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-32/CC/19-20

**BEFORE THE JUDGE FAMILY COURT, BHUBANESWAR**
**CP Case No. - 291/2018**
**Ashwini Kumar Pani ... Petitioner**
**Vrs**
**Rajalaxmi Panda ... Respondent**
**NOTICE U/O-5, RULE - 20 OF C.P.C.**
To
Smt. Rajalaxmi Panda, aged about 30 years, D/o. Late Hrushikesh Panda of Mandiapalli, Infront of G.S.T.K., P.O.- Mandiapalli, P.S.- Gopalpur, Berhampur, Dist.- Ganjam.
Take notice that, the above named petitioner has instituted a suit for divorce U/s-13(1) (ia) of Hindu Marriage Act. 1955 against you to dissolve the marriage solemnized on 03.12.2016. As you are avoiding to receive summons issued from the Court time and again, hence you are hereby directed to appear in person on the 18th day of September 2019 at 10.30 A.M. positively to answer the claim, if any. In default of your appearance on the above mentioned date and time, the suit shall be heard and determined in your absence.
Given under my hand and the seal of the court this 30th day of July 2019.
**Sd./- (Sri. A.K. Singh)**
**Judge Family Court**
**Bhubaneswar**
**Dist.- Khurdha, Odisha**

**IN THE COURT OF PRINCIPAL JUDGE, FAMILY COURT, GUMLA**
**O.S. 35/2018**
Rubi Sharma........Plaintiff
**Versus**
Navneet Sharma.........Defendant
**NOTICE FOR APPEARANCE**
To
Navneet Sharma,S/o- Sundar Sharma, Vill- Ganesh Nagar, Rengali, PS- Rengali, Dist- Sambalpur (Odisha)
Whereas plaintiff has filed a case against you and two registered notice has been sent to your address but you did not appear.
You are hereby directed to appear on dated 13.08.2019 personally or through lawyer otherwise the case will heard exparte.
Issued on 22.07.2019
**Sd./- Principal Judge family Court, Gumla**

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର,
୧୮/୧, ଅଇଁଠାପାଲି ରୋଡ୍, ସମ୍ବଲପୁର, ଓଡ଼ିଶା-୭୬୮୦୦୪
**ୟୁକୋ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ବଲପୁର ଅନ୍ତର୍ଗତ ଶାଖା ଏବଂ କାର୍ଯ୍ୟାଳୟର ବୈଦ୍ୟୁତିକ କାମ ସମୀକ୍ଷା ନିମନ୍ତେ ପ୍ରମାଣିତ ବୈଦ୍ୟୁତିକ ସମୀକ୍ଷକମାନଙ୍କୁ ବଛାଯାଇ ତାଲିକାଭୁକ୍ତ କରିବା ନିମନ୍ତେ ବିଜ୍ଞାପନ**
ୟୁକୋ ବ୍ୟାଙ୍କ କାର୍ଯ୍ୟାଳୟ ସମ୍ବଲପୁର ଅଧିନରେ ଥିବା ଅଫିସ ଓ ଶାଖାମାନଙ୍କରେ ବୈଦ୍ୟୁତିକ କାର୍ଯ୍ୟ ସମୀକ୍ଷା ନିମନ୍ତେ ପ୍ରମାଣିତ ବୈଦ୍ୟୁତିକ ସମୀକ୍ଷକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଛନ୍ତି । ଆଗ୍ରହୀ ବ୍ୟକ୍ତି ବିଶେଷ/ସଂସ୍ଥା **ତା.୨୦/୦୮/୨୦୧୯ ଅପରାହ୍ନ ୨.୩୦ ଘଟିକା** ମଧ୍ୟରେ ଉପର ଦର୍ଶିତ ଠିକଣାରେ ଦରଖାସ୍ତ ଦାଖଲ କରିପାରିବେ। ସମ୍ପୂର୍ଣ୍ଣ ବିବରଣୀ ବ୍ୟାଙ୍କର ୱେବ୍‌ସାଇଟ୍ **www.ucobank.com** ରେ ଉପଲବ୍ଧ ଅଛି ।
ତା:୦୨.୦୮.୨୦୧୯ — ଆଞ୍ଚଳିକ ପ୍ରବନ୍ଧକ
ସ୍ଥାନ: ସମ୍ବଲପୁର — ୟୁକୋ ବ୍ୟାଙ୍କ

# ବର୍ଷା ପରେ ଆଗେଇଛି ଚାଷ କାମ

**ସିନାପାଲି,୨।୮(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକରେ ବର୍ଷା ଅଭାବରୁ ଚାଷ କାମ ବନ୍ଦ ରହିଥିଲା । ହେଲେ ଏବେ କିଛି ଦିନ ଧରି ବର୍ଷା ହେବା ପରେ ଚାଷ କାମ ଆଗେଇଛି । ଫଳରେ ଦେଖାଦେଇଥିବା ମରୁଡି ପରିସ୍ଥିତିକୁ କିଛିଟା ଆଶ୍ୱସ୍ତି ମିଳିଛି । ତଥାପି ଏହା ନିଅଣ୍ଟିଆ । ପ୍ରକାଶ ଯୋଗ୍ୟ ଯେ, ସିନାପାଲି ବ୍ଲକରେ ସର୍ବମୋଟ ୨୮,୮୮୧ ହେକ୍ଟର ଚାଷ ଜମି ରହିଛି । ତନ୍ମଧ୍ୟରୁ ୬୮୮୨ ହେକ୍ଟର ଡ଼ିପ ଜମି, ୭୦୦୦ ହେକ୍ଟର ମଧ୍ୟମ କିସମ ଜମି ଓ ୫ ହଜାର ହେକ୍ଟର ଖାଲ ଜମିରେ ଧାନ ଚାଷ କରାଯାଇଛି । ଧାନ ଚାଷ ମଧ୍ୟରୁ ୩୪୪୫ ହେକ୍ଟର ଜମିରେ ରୁଆ ଓ ୧୨୧୦୫ ହେକ୍ଟର ଜମିରେ ବୁଣା ଧାନ ପାଇଁ କୃଷି ବିଭାଗ ଲକ୍ଷ୍ୟ ଧାର୍ଯ୍ୟ ରଖିଛି । ସେହିପରି ୫୦୨୪୨ ହେକ୍ଟର ଜମିରେ ଡାଲି ଜାତୀୟ, ୧୪୫୦ ହେକ୍ଟର ଜମିରେ ପନିପରିବା, ୪୯୦ ହେକ୍ଟର ଜମିରେ କପା ଜାତୀୟ ପାଇଁ ଲକ୍ଷ୍ୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିପରି ଭାବରେ ଖାଦ୍ୟ ନିରାପତ୍ତା ସଙ୍କଟକୁ ଦୃଷ୍ଟିରେ ରଖି ବହୁ ଆୟ ହେଉଥିବା ପ୍ରଣାଳୀ ମାଧ୍ୟମରେ ୨୦୦ ହେକ୍ଟର ଜମିରେ ବିଣା ଧାନକୁ ଧାଡି ରୁଆ ପାଇଁ ସରକାରୀରେ ଚାଷୀମାନଙ୍କୁ ୯୦ କୁଇଣ୍ଟାଲ ବିହନ ଯୋଗାଇ ଦିଆଯାଇଛି। ଏହି ବିଣା ଧାନ ୧୩୫ ଦିନରେ ଅମଳ ହେଉଥିବା ଧାନ ବୋଲି ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ଶ୍ରାବଣ ମାସ ଶେଷ ସୁଦ୍ଧା ୬୦ ପ୍ରତିଶତ ବେଉଷଣ କାର୍ଯ୍ୟ ସରିବା କଥା । ହେଲେ ଏହା ବର୍ତ୍ତମାନ ୨୦ ପ୍ରତିଶତ ହେଉଥିବା କୃଷି ବିଭାଗ ଆକଳନ କରିଛି । ବିଳମ୍ବିତ ବର୍ଷା ଯୋଗୁ ବେଉଷର ଓ ରୁଆ କାର୍ଯ୍ୟ ହୋଇପାରି ନାହିଁ । ଯେଉଁ ବର୍ଷା ହୋଇଛି ତାହା ମଧ୍ୟ ନିଅଣ୍ଟିଆ ହୋଇପଡିଛି। ସିନାପାଲି ବ୍ଲକରେ ଜୁନ ମାସରେ ୧୮୯ ମି.ମି., ଜୁଲାଇରେ ୨୨୫ ମି.ମି. ବର୍ଷା ରେକର୍ଡ କରାଯାଇଛି । ସିନାପାଲି ବ୍ଲକରେ ଅଗଷ୍ଟରେ ୩୨୭.୮ ମି.ମି. ବର୍ଷା ହେଲେ ଚାଷ ଉପଯୋଗୀ ହୋଇଥାଏ । ତେବେ ଏହି ମାତ୍ରାରେ ବର୍ଷା ହେଉଛି କି ନାହିଁ ତାହା ଚାଷୀ ଚାହିଁ ରହିଛନ୍ତି । ଅଗଷ୍ଟ ମାସ ଆରମ୍ଭ ହୋଇଥିବା ବେଳେ ବର୍ଷାକୁ ଆଖି ଆଗରେ ଦେଖି ଚାଷୀମାନେ ଯେତିକିଥି ଯାହାବି ବର୍ଷା ହୋଇଛି ସେଥିରେ ଖାଲ ଜମିଗୁଡିକରେ ବେଉଷଣ ଓ ରୁଆ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏହି ବର୍ଷାରେ ଡ଼ିପ ଜମି ଓ ମଧ୍ୟମ କିସମ ଜମିରେ କିଛି ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି । ସିନାପାଲି ବ୍ଲକ ଏକ ମରୁଡିପ୍ରବଣ ଅଞ୍ଚଳ ଅଟେ । ଏଠାରେ ଜଳସେଚନର କୌଣସି ସୁବିଧା ନ ଥିବାରୁ ବର୍ଷା ପାଣି ଉପରେ ନିର୍ଭରଶୀଳ । ଆବଶ୍ୟକ ବର୍ଷା ନ ହେବା ଯୋଗୁ ନଦୀ, ନାଳଗୁଡିକରେ ମଧ୍ୟ ଆବଶ୍ୟକ ପାଣି ପ୍ରବାହିତ ହୋଇ ପାରୁନାହିଁ। ଚାଷ ଉପଯୋଗୀ ବର୍ଷାର ଆବଶ୍ୟକ ଅଛି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି ।



ବର୍ଷା ପରେ ଚାଷକାର୍ଯ୍ୟରେ ବ୍ୟସ୍ତ ।

**କାନାରା ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ୟୁନିକ ଡିଷ୍ଟ୍ରିବ୍ୟୁଟର୍ ଭବନ, କଟକ ରୋଡ୍, ଫ୍ଲାଏ ଓଭର ଆରମ୍ଭ, ଲକ୍ଷ୍ମୀ ସାଗର, ଭୁବନେଶ୍ୱର-୭୫୧୦୦୬, ଫୋନ୍ ନଂ.: ୦୬୭୪-୨୫୭୦୬୯୬
**ଗାଡି ବିକ୍ରୟ ନୋଟିସ୍**
ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡିଗୁଡିକ କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଟିକସ ଏବଂ ବୀମା ଦେୟ ସହିତ ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି।

| ଶାଖାର ନାମ ଏବଂ ଠିକଣା / ଫୋନ୍ ନଂ. | ଋଣଗ୍ରହୀତାଙ୍କ ନାମ/ ଆକାଉଣ୍ଟ ନଂ. / ଋଣ ତାରିଖ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ |
|---|---|---|---|
| ଖୋର୍ଦ୍ଧା (୩୩୬୬)/ ୭୬୦୫୦୦୯୦୮୭ | ବସନ୍ତ ଭଞ୍ଜ / ୩୩୬୬୭୬୮୦୦୦୦୮୫ / ୨୫.୧୦.୨୦୧୭ | Kapl Reo Auto / OD02AU8638 | ଟ.୬୦,୦୦୦/- |
| ଖୋର୍ଦ୍ଧା (୩୩୬୬)/ ୭୬୦୫୦୦୯୦୮୭ | ଦେବାଶିଷ ମିଶ୍ର / ୩୩୬୬୭୬୮୦୦୦୦୬୮ / ୨୫.୦୯.୨୦୧୭ | Kapl Reo Auto / OD02AT0161 | ଟ.୫୫,୦୦୦/- |
| ଗୋପାଳପୁର (୫୯୩୧)/ ୭୬୦୫୦୦୯୦୭୬ | ସମୀର କୁମାର ମଲ୍ଲିକ / ୫୯୩୧.୭୬୮.୨୨ / ୨୦.୦୧.୨୦୧୬ | APE AUTO / OD 05 T 0519 | ଟ.୬୦,୦୦୦/- |
| କଳାପଥର (୪୧୩୬)/ ୭୬୦୫୦୦୯୦୮୪ | ମାୟାଧର ସ୍ୱାଇଁ / ୪୧୩୬୭୬୮୦୦୦୦୫୦ / ୦୩.୦୮.୨୦୧୭ | E RICKSHAW / OD 33 W 7222 | ଟ.୪୫,୦୦୦/- |
| ନରାଜ ମାର୍ଥାପୁର (୩୨୯୭)/ ୭୬୦୫୦୦୯୦୯୦ | ଚିନ୍ମୟ ସାହୁ / ୩୨୯୭୭୬୮୦୦୦୦୧୪ / ୩୧.୦୩.୨୦୧୬ | PIAGGIO DALA AUTO / OD 05 T 5806 | ଟ.୬୦,୦୦୦/- |
| ନୟାବଜାର (୪୯୧୯)/ ୭୬୦୫୦୦୯୦୭୮ | ପଦ୍ମନାଭ ପାତ୍ର / ୪୯୧୯୭୬୮୦୦୦୦୨୪ / ୧୬.୦୪.୨୦୧୫ | TVS KING AUTO / OD 05 N 1562 | ଟ.୩୫,୦୦୦/- |
| ନୟାବଜାର (୪୯୧୯)/ ୭୬୦୫୦୦୯୦୭୮ | ଜିତେନ୍ଦ୍ର ବାରିକ / ୪୯୧୯୭୬୮୦୦୦୦୨୯ / ୧୪.୦୫.୨୦୧୫ | RE OPTIMA AUTO / OD 05 N 4585 | ଟ.୪୦,୦୦୦/- |
| ବାରିପଦା (୧୪୨୯)/ ୭୬୦୫୦୦୯୧୦୮ | ଶ୍ରୀ ରଞ୍ଜିତ ମୁଖୀ / ୧୪୨୯୭୪୦୦୦୬୩୩୪ / ୨୨.୦୬.୨୦୧୩ | Atulsmart D (Autorickshaw) / OD11B-0071 | ଟ.୧୨,୦୦୦/- |
| ବାରିପଦା (୧୪୨୯)/ ୭୬୦୫୦୦୯୧୦୮ | ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ / ୧୪୨୯୬୦୩୦୦୬୩୪୩ / ୧୯.୧୨.୨୦୧୨ | Renault India pvt ltd / Scala (Motor Car) / OD11B-1234 | ଟ.୧,୦୦,୦୦୦/- |
| ବାରିପଦା (୧୪୨୯)/ ୭୬୦୫୦୦୯୧୦୮ | ଶ୍ରୀ ରଞ୍ଜନ ନାୟକ / ୧୪୨୯୭୪୦୦୦୬୩୫୪ / ୨୪.୦୨.୨୦୧୫ | ATUL PL(AUTO RICKSHAW) / OD11D-3226 | ଟ.୩୦,୦୦୦/- |
| ଜଳେଶ୍ୱର (୪୧୩୧)/ ୭୬୦୫୦୦୯୧୨୬ | ଶ୍ରୀ ଜଗନ୍ନାଥ ବେରା / ୪୧୩୧୭୬୮୦୦୦୦୦୯ / ୩୦.୦୧.୨୦୧୫ | Indofarm 3040SC DI40 (Tractor) / OD01G-4797 | ଟ.୧,୫୦,୦୦୦/- |
| ବାସୁଦେବପୁର (୬୧୨୩)/ ୭୬୦୫୦୦୯୧୧୦ | ରମେଶ ଚନ୍ଦ୍ର ସେଠୀ / ୬୧୨୩୭୬୮୦୦୦୦୦୫ / ୨୭.୦୪.୨୦୧୬ | Alfa Plus (Auto Rickshaw Goods) / OD22F-1340 | ଟ.୮୦,୦୦୦/- |

**ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବ ମାନ ଦାଖଲ କରିପାରିବେ:**
୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "........................ କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ଏହି ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ ଅର୍ଥାତ୍ **ତା.୧୨.୦୮.୨୦୧୯**ରିଖ ପୂର୍ବରୁ ଦାଖଲ କରିବେ।
୨. ପ୍ରସ୍ତାବ ସହିତ **ଟ.୧୦,୦୦୦/-**ର ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ **କାନାରା ବ୍ୟାଙ୍କ** ସପକ୍ଷରେ **ଭୁବନେଶ୍ୱର**କୁ ପୈଠ ଦର୍ଶାଇ ଦାଖଲ କରିବେ।
୩. ଗାଡି ଗୁଡିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ **ତା.୦୯.୦୮.୨୦୧୯**ରିଖ ସୁଦ୍ଧା ଯାଞ୍ଚ କରିପାରିବେ ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ /ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର ୭ଦିନ ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଦେୟ / ଫିସ୍ ବହନ କରିବେ।
ଏହି ନୋଟିସ୍ ଦ୍ୱାରା ଗାଡିର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ୭ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀଙ୍କୁ ହସ୍ତାନ୍ତରିତ କରାଯିବ।
ସ୍ଥାନ: ଭୁବନେଶ୍ୱର, ତାରିଖ: ୦୨.୦୮.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍

## ସଂକ୍ଷେପରେ



### ଗାଁ ପୋଖରୀ ସଫା କଲେ ପ୍ରଗତି କ୍ଲବ କର୍ମକର୍ତ୍ତା

**ଖଡିଆଳ,୨।୮(ଡି.ଏନ.ଏ.)-** ନୂଆପଡା ଜିଲା ଖଡିଆଳ ବ୍ଲକ ଡୁଆଝର ଗାଁରେ ଯୁବକମାନେ ଆଗକୁ ଆସି ସଫେଇ ଅଭିଯାନ ଚଳାଇଛନ୍ତି। ଏହିକ୍ରମରେ ଗାଁର ପ୍ରଗତି କ୍ଲବ କର୍ମକର୍ତ୍ତାମାନେ ଗାଁର ପୋଖରୀ ସଫା କରି ଉଦାରଣା ଦେଖାଇଛନ୍ତି। କ୍ଲବ ସଭାପତି ବିକାଶ କୁମାର ସାଙ୍କ ନେତୃତ୍ୱରେ ଯୁବକମାନେ ହାତରେ କୋଦାଳ, ଟୋକେଇ ଧରି ପୋଖରୀରେ ପହଞ୍ଚିଥିଲେ। ସେଠାରେ ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ସଫେଇ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାହୁଲ ଦେବ ପଟେଲ, ଅମୁଲ୍ୟ ବାରିକ, ସୁରେଶ ପଟେଲ, ଅନୁ ସତନାମୀ, କୋଦୋ ପଟେଲ, ଦିପକ ମେହେର, ଆନନ୍ଦ ଠାକୁର ପ୍ରମୁଖ ସାମିଲ ଥିଲେ। ଆଗକୁ ଗାଁର ମୁଖ୍ୟ ଛକ ଯାଗାରେ ମଧ୍ୟ ସ୍ୱଚ୍ଛ ଭାରତ ଅଭିଯାନ ଚଳାଇବାକୁ ଯୋଜନା ରଖିଥିବା ସଭାପତି ସା ପ୍ରକାଶ କରିଛନ୍ତି ।

### ଅକ୍ଟୋବର ୧୮ ରୁ ୨୦ ନାଟକ ମହୋତ୍ସବ

**ଭବାନୀପାଟଣା,୨।୮(ଡି.ଏନ.ଏ.)-** କଳାହାଣ୍ଡି କଳାକାର ସଂଘ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକାରୀ ସଭାରେ ଆସନ୍ତା ଅକ୍ଟୋବର ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ଭବାନୀପାଟଣାଠାରେ ବାର୍ଷିକ ଡ୍ରାମା ଫେଷ୍ଟିଭାଲ ନାଟକ ମହୋତ୍ସବ ଆୟୋଜନ ନିମନ୍ତେ ପ୍ରସ୍ତାବ ଗୃହିତ ହୋଇଛି। ସଂଘ ସଭାପତି ସତ୍ୟ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ଜୟଶଙ୍କର ପଣ୍ଡା, ଉପସଭାପତି ଶୁଶିଲ କୁମାର ଗହିର, ବେଣୁଧର ମିଶ୍ର, ଯୁଗ୍ମସମ୍ପାଦକ ଉମାକାନ୍ତ ବାଗ, ଉପଦେଷ୍ଟା ସୋହନଲାଲ ଅଗ୍ରୱାଲ ଓ ଭୀମସେନ ସାହୁଙ୍କ ସମେତ କାର୍ଯ୍ୟକାରୀ ସଭ୍ୟମାନେ ଉପସ୍ଥିତ ଥିଲେ । କଳାକାର ସଂଘର ଏକ ପ୍ରେସ ବିବୃତ୍ତିରେ ସମ୍ପାଦକ ଜୟଶଙ୍କର ପଣ୍ଡା ଏହି ସୂଚନା ଦେଇଛନ୍ତି ।

### ଆରାଧନା ନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

**ଭବାନୀପାଟଣ,୨।୮(ଡି.ଏନ.ଏ.)-** ଭବାନୀପାଟଣା ସହରସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାଗୃହରେ କଳାହାଣ୍ଡି ସ୍ୱେଚ୍ଛାସେବୀ ସଙ୍ଗଠନ ସମୂହ ପକ୍ଷରୁ ସାମାଜିକ କର୍ମୀ ଆରାଧନା ନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି କରାଯାଇଛି। ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଜୟ ସିଂ ବାବୁ, ଡୋଲାମଣି ସିଂବାବୁ, ଭାରତ ଭୂଷଣ ଠାକୁର, ଶୁଭଲକ୍ଷ୍ମୀ ନାୟକ, ସୁନୀଲ ପଟେଲ, ସତ୍ୟ ପଟ୍ଟନାୟକ, ସତ୍ୟ ନାରାୟଣ ସିଂ, ରାଜକିଶୋର ଶର୍ମା, ଦାଶରଥୀ ବେହେରା ପ୍ରମୁଖ ଉଦବୋଧନ ଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଅଶୋକ ପଟ୍ଟନାୟକ ଓ ଯୋଗାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସାରାବଙ୍ଗ ପଞ୍ଚାୟତ ସମ୍ମୁଖରେ ଧାରଣା

# ଦେଢ଼ମାସ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ନୂଆପଡା ଅଫିସ,୨।୮**

ନୂଆପଡା ଜିଲା ସଦର ବ୍ଲକ ସାରାବଙ୍ଗ ପଞ୍ଚାୟତରେ ଉନ୍ନୟନ କାମରେ ଅନିୟମିତତା ହୋଇଥିବା ନେଇ ସାରାବଙ୍ଗ ଗ୍ରାମବାସୀ ଆଜକୁ ଦେଢ ମାସ ହେବ ଧାରଣା ଦେଇଥିବାବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପୁଞ୍ଜିଭୂତ ହେଉଛି । ବିଭିନ୍ନ ସମୟରେ ଅଧିକାରୀମାନେ ଆସି ବୁଲିଯାଉଛନ୍ତି। ହେଲେ ପରବର୍ତ୍ତି ସମୟରେ ତାହା ଫାଇଲ ତଳେ ଚାପି ହୋଇଯାଉଛି। କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରଶଶସନ କେବଳ ଭୁଆଁ ବୁଲାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାଇ ଦେଇଛନ୍ତି ।

ମ୍‌ଜିଏନ୍‌ଆ।ରଇଜିଏସ୍‌ରେ ଅନିୟମିତତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉକି ବିଭିନ୍ନ ଉନ୍ନତିମୂଳକ ଯୋଜନାରେ ଅନିୟମିତତା ହୋଇଥିବା ନେଇ ତାରି ତଦନ୍ତ ଦାବିରେ ସାରାବଙ୍ଗ ଗ୍ରାମବାସୀ ପଞ୍ଚାୟତ ସମ୍ମୁଖରେ ଗତ ଜୁନ ୧୯ ତାରିଖରୁ ଧାରଣା ଦେଇଛନ୍ତି । ସେହି ଦିନଠାରୁ ଭିନ୍ନ ଭିନ୍ନ ଦିନରେ ବ୍ଲକ ତଥା ଜିଲା ପ୍ରଶାସନର ପ୍ରତିନିଧି ଦଳ ଧାରଣାସ୍ଥଳକୁ ଆସି ବୁଲି ଯାଇଛନ୍ତି । ଏହା ଉପରେ କାର୍ଯ୍ୟାନୁଷ୍ଠାନୁ ହେବ ବୋଲି ପ୍ରତିଶ୍ରୁତି ଦେଇଯାଇଛନ୍ତି। ପ୍ରଥମେ ବିଡିଓ ସୁନୀଲ କୁମାର କେର୍କେଟା, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ଜୁନ ୨୨ ତାରିଖରେ ବୁଲି ଯାଇଛନ୍ତି। ପରେ ଡିଆରଡିଏରୁ ଏକ ୱାର୍କସ କମିଟି ଦାବିଗୁଡିକ ଉପରେ ତଦନ୍ତ କରି ଯାଇଛନ୍ତି । ହେଲେ ଆଜିପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ତେଣୁ କରି ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ହେବାଯାଏଁ ସେମାନେ ଏଥିରୁ ଓହରି ବେନାହିଁ ବୋଲି ଅଡି ବସିଛନ୍ତି । ଏଣେ ଦିନ ପରେ ଦିନ ଗଡିଚାଲିଛି । ଫଳରେ ସାଧାରଣ ବଣ୍ଟନ ବ୍ୟବସ୍ଥା ହେଉକି ଭତ୍ତା ବଣ୍ଟନ ଭଳି କାମରେ ବାଧା ସୃଷ୍ଟି ହେଉଛି । ଯେକୌଣସି ଅଭିଯୋଗ ଥାଉନା କାହିଁକି ଖୋଲା ଖୋଲି ଆସି ଆଲୋଚନା କରି ପାରିବେ ବୋଲି ସରପଞ୍ଚ କହିଥିବାବେଳେ ଆମେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରୁଛୁ । କୌଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟି କରିବା ଆମର ଉଦ୍ଦେଶ୍ୟ ନାହିଁ। ଆମରି ଅଧିକାରକୁ କର୍ତ୍ତୃପକ୍ଷକ୍ଷୁର୍ଣ୍ଣ କରୁଛନ୍ତି। ପଞ୍ଚାୟତର କାର୍ଯ୍ୟକଳା ପରେ କୌଣସି ହସ୍ତକ୍ଷେପ କରୁନାହୁଁ ବୋଲି ଆନ୍ଦୋଳନକାରୀମାନେ ଗଣମାଧ୍ୟମକୁ କହିଛନ୍ତି । ଆଜକୁ ଆନ୍ଦୋଳନ ଦେଢ ମାସ ବିତିଗଲାଣି । ଆଗକୁ ମଧ୍ୟ ଏହା ଜାରି ରହିବ। ହେଲେ ଆଗାମୀ ସୋମବାର ଜିଲାପାଳଙ୍କୁ ଭେଟି ଜଣାଇବା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେଲେ ଏହାକୁ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଏହାକୁ ନେଇ ପ୍ରଶାସନ କ'ଣ କରୁଛି ତାହା ଆଗାମୀ ଦିନରେ ଜଣାପଡିବ ବୋଲି ଲାଲ ସିଂ ମାଝି, ରାଜୁ ସୋନି ପ୍ରମୁଖ କହିଛନ୍ତି ।



ପଞ୍ଚାୟତ ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିଛନ୍ତି ।

■ ଆଗକୁ ଆନ୍ଦୋଳନ ତୀବ୍ର କରାଯିବ

# ନୂଆପଡ଼ା ଏନଏସିସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

**ନୂଆପଡା ଅଫିସ,୨।୮**

ସ୍ଥାନୀୟ ନ୍ୟାଶନାଲ ହାଇସ୍କୁଲ ଗୋପବନ୍ଧୁ କକ୍ଷରେ ନୂଆପଡା ଏନଏସିସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ସଭାପତିତ୍ୱ କରିଥିବା ବେଳେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଜ୍ଞାନ ରଞ୍ଜନ ସିଂ, ନ୍ୟାଶନାଲ ହାଇସ୍କୁଲ ପ୍ରଧାନଶିକ୍ଷକ ସୁକାନ୍ତ ସତପଥୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଏନଏସିର ପ୍ରଧାନଶିକ୍ଷୟିତୀ ଶିକ୍ଷକମାନେ ନିଜ ବିଦ୍ୟାଳୟର ଶୌଚାଳୟ, ପାନୀୟ ଜଳ, ବିଜୁଳି, ଫୋନ ସଂଯୋଗ, ପାଚେରି ନିର୍ମାଣ, ଶ୍ରେଣୀ ପ୍ରକୋଷ୍ଠ, ରୋଷେଇ ଘର ସମସ୍ୟା ଉପରେ ଉପସ୍ଥାପନ କରିଥିଲେ । ଏସବୁ ଉପରେ ବିଶେଷ ଧ୍ୟାନ ଦେଲେ ହିଁ ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ସହାୟକ ହେବ ବୋଲି ଶିକ୍ଷକମାନେ ମତ ରଖିଥିଲେ । ଅନ୍ୟପକ୍ଷେ ଏନଏସି କାର୍ଯ୍ୟନିବାହୀ ଅଧିକାରୀ ଏନଏସିର ସମସ୍ତ ବିଦ୍ୟାଳୟ ସାମଗ୍ରୀକ ବିକାଶ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହିଭଳି ବିଦ୍ୟାଳୟର ଭିତିଭୂମିର ବିକାଶ ହେଲେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେବେ। ଏହା ଫଳରେ ଏକ ସୁସ୍ଥ ଶୈକ୍ଷିକ ବାତାବରଣ ସୃଷ୍ଟି ହେବ ବୋଲି ସଦର ସିଆରସିସି ଜିତେନ୍ଦ୍ର ଖମାରୀ ମତ ଦେଇଥିଲେ। ସିଆରସିସି ଖମାରୀ ଧନ୍ୟବାଦ ଦେଇଥିଲେ।



ଏନଏସିସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ ।





କର୍ମଶାଳାରେ ଯୋଗଦେଇଥିବା ଅତିଥି ।

# ଡେଙ୍ଗୁ, ସାମୂହିକ ଔଷଧ ସେବନ ସମୀକ୍ଷା କର୍ମଶାଳା

**ସିନାପାଲି,୨।୮(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲିସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଡେଙ୍ଗୁ ଓ ସାମୂହିକ ଔଷଧ ସେବନ ସମୀକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ସୁକାନ୍ତି ପଣ୍ଡାଙ୍କ ସଭାପତିତ୍ୱରେ ବ୍ଲକ ଅଧକ୍ଷା ତପସ୍ୱିନୀ ମାଝି, ସିନାପାଲି ଥାନା ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ, ସିନାପାଲି ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଡିକେ ସାହୁ, ସିନାପାଲି ବ୍ଲକ ସମ୍ପ୍ରସାରଣ ଅଧିକାରୀ ସୂର୍ଯ୍ୟକାନ୍ତ ଭୋଏ, ଏବିଇଓ ଭାବଗ୍ରାହୀ ପଣ୍ଡା, ଭିବିଡିସି ସନ୍ତୋଷ ସାହୁ, ପିଏଚଇଓ ଅଙ୍ଗଦରାମ ମାଝୀ, ବିପିଏମ ସରିତା ବାରିକ, ଏମଟିଏସ ଦିବ୍ୟରଞ୍ଜନ ନାଏକ, ଏସଏମଏସ ପ୍ରମୋଦ ବାରିକ, ସିନାପାଲି ବ୍ଲକ ସମସ୍ତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ । ବର୍ତ୍ତମାନ ବର୍ଷା ଋତୁ ପାଇଁ ଅନେକ ରୋଗର ଶୀକାର ହେବାକୁ ପଡେ। ଏଥିପାଇଁ ମୁଖ୍ୟତଃ ପ୍ରଥମେ ସଚେତନତା ସହିତ ପରିବେଶକୁ ସ୍ୱଚ୍ଛ ରଖିବା ଏବଂ ସରକାରଙ୍କ ବିଭିନ୍ନ ଯୋଜନା ମଧରେ ଯେଉଁ ରୋଗଗୁଡିକ ଦମନ କରିବା ପାଇଁ ଔଷଧ ବ୍ୟବସ୍ଥା ରହିଛି ତାକୁ କିପରି ଲୋକଙ୍କ ନିକଟକୁ ପହଞ୍ଚାଇ ହେବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ । ଏହି ସମୀକ୍ଷା ଶିବିରରେ ଡେଙ୍ଗୁ, ମ୍ୟାଲେରିଆ ଓ ପୂର୍ବରୁ ଚାଲିଥିବା ଫାଇଲେରିଆ କିଛି ବର୍ଷ ବନ୍ଦ ହେବ । ପରେ ଚଳିତବର୍ଷ ପୁଣି କାର୍ଯ୍ୟକ୍ଷମ ହୋଇଥିବା ବେଳେ ଲୋକମାନଙ୍କ ପାଖରେ ସୁଚାରୁରୂପେ ଔଷଧ ପହଞ୍ଚାଇବା ଓ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଏପରିକି ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀମାନେ ଘରକୁ ଘର ଯାଇ ଔଷଧ ସେବନ କରାଇବା ଓ ଲୋକଙ୍କୁ ବୁଝାଇବା ଭଳି ଅନେକ ବିଷୟ ଉପରେ ଆଲୋଚନା କରାଯାଇଥିଲା ।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**କୋକସରା,୨।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ପଞ୍ଚାୟତ ସମିତି ସଭାଗୃହଠାରେ ଶୁକ୍ରବାର ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୋକସରା ବ୍ଲକ ଅଧକ୍ଷା ସବ୍ୟାରାଣୀ ବାଗ ସଭାପତିତ୍ୱ କରିଥିବା ବେଳେ ବିଡିଓ ବସନ୍ତ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚଳିତବର୍ଷ ସ୍ୱାଧୀନତା ଦିବସ କିଭଳି ଶାନ୍ତିଶୃଙ୍ଖଳା ସହିତ ପାଳନ ହେବ ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ ବ୍ଲକ ଶିକ୍ଷାଧିକାରୀ, ତୋଫାନ କୁମାର ମାଝି, ଯୁକ୍ତ ୨ କଲେଜ ଅଧକ୍ଷ ଗୋବର୍ଦ୍ଧନ ବାଗ, ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନ, ଅଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ, ପୂର୍ବତନ ବ୍ଲକ ଉପାଧକ୍ଷ ପର୍ଶୁରାମ ପ୍ରଧାନୀ, ଅଶୋକ କୁମାର ମାଝି, ଅଧାପକ ସାମାଜିକ କର୍ମୀ ଘାସିରାମ ପଟ୍ଟଯୋଶୀ, ଏମ୍‌ପି ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ, ବିଜେଡି ବ୍ଲକ ସଭାପତି ସୁସାନ୍ତ କୁମାର ବେହେରା, କୋକସରା ସମିତି ସଭ୍ୟ ତ୍ରୀଭୁବନ ନାଏକ, ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ବ୍ଲକ୍ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦାମୋଦର ବିଶ୍ୱାଳ, ଆଦର୍ଶ ବିଦ୍ୟାଳୟ ସହକାରୀ ଶିକ୍ଷକ ବସନ୍ତ ମହନ୍ତ, ଖେଳ ଶିକ୍ଷକ ନିରନ ନେଗି, ଜବାହର ଉଚ୍ଚ ବିଦ୍ୟାପିଠ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ରହଥିଲେ। ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଦୀପକ କୁମାର ବେହେରା ବିବରଣୀ ପାଠ କରିଥିଲେ।

# ସୁରକ୍ଷା, ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମ କରିବା

**ନୂଆପଡା ଅଫିସ,୨।୮**

ଜଣେ ସୁରକ୍ଷିତ ଶିଶୁ ହିଁ ଦେଶର ଉଜ୍ଜ୍ୱଳ ଭବିଷ୍ୟତ । ଶିଶୁଙ୍କୁ ଉପଯୁକ୍ତ ସୁରକ୍ଷା ଦେବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆମକୁ ଅହରହ କାମ କରିବାକୁ ପଡିବ ବୋଲି ଜିଲାପାଳ ମଧୁସ୍ମିତା ସାହୁ କହିଛନ୍ତି । ସ୍ଥାନୀୟ ଜିଲାପାଳଙ୍କ ସଭାଗୃହରେ ଆୟୋଜିତ ଶିଶୁ ସୁରକ୍ଷା ବିଭାଗ ସମୀକ୍ଷା ବୈଠକରେ ଯୋଗଦେଇ ଜିଲାପାଳ ଏହା କହିଛନ୍ତି । ବୈଠକରେ ଜିଲାପାଳ ସାହୁ ଅଧ୍ୟକ୍ଷତା କରିଥିବାବେଳେ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ରମେଶ କୁମାର ଭୋଇ, ସଦସ୍ୟ କୁମୁଦ କୁମାର ହୋତା, ଅଶ୍ୱିନୀ କୁମାର ପାତ୍ର, ଏଲପିଓ ବିକାଶ ଲରେନ୍ସ, ପୋନିକ ରବୀନ୍ଦ୍ର କୁମାର ମହାଲିକ ପ୍ରମୁଖ ଯୋଗଦେଇଥିଲେ । ବୈଠକରେ ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ରଥ ବୈଠକ ପରିଚାଳନା କରିଥିଲେ । ଏହି ଅବସରରେ ଉଦ୍ଧାର କରାଯାଇଥିବା ଶିଶୁଙ୍କୁ ଅଧିକାର ଦେବା ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଅନ୍ୟାନ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଶିଶୁ ଯତ୍ନ ଅନୁଷ୍ଠାନରେ ଶିଶୁଙ୍କୁ ଯଦି ପୋଷ୍ୟ ସନ୍ତାନ ଗ୍ରହଣୀୟ ଅଟନ୍ତି ତେବେ ସେଥିପ୍ରତି ସଯତ୍ନ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ କରିଥିଲେ। ଶିଶୁଙ୍କୁ ଯତ୍ନର ସହ କାଉନସେଲିଂ କରି ମୁଖ୍ୟ ସ୍ରୋତରେ ସାମିଲ କରି ଶିକ୍ଷା ଓ ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପ୍ରତି ଯତ୍ନଶୀଳ ହେବାକୁ କହିଥିଲେ । ଏହିଭଳି ଜିଲାରେ ପୋକସୋ ଆକ୍ଟ (ପ୍ରୋଟେକ୍ସନ ଅଫ ଚାଇଲ୍ଡ ଫ୍ରମ ସେକ୍ସୁଆଲ ଅଫେନସେସ ଆକ୍ଟ) ଅଧୀନରେ ପୀଡିତ ଥିବା ଶିଶୁମାନଙ୍କୁ ଠିକ ନ୍ୟାୟିକ ମାର୍ଗଦର୍ଶନ କରିବା ସହ ଅନୁକମ୍ପାରାଶି ପ୍ରଦାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଚଳିତବର୍ଷ ମୋଟ ୪୬ଜଣ ଶିଶୁଙ୍କୁ ବିଭିନ୍ନ ଅନୁଷ୍ଠାନରୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ସେମାନଙ୍କ ପରିବାରକୁ ଫେରାଇ ଦିଆଯାଇ ପାରିଥିବାରୁ ଜିଲାପାଳ ଧନ୍ୟବାଦ ଦେଇଥିଲେ। ଗତ ଦିନରେ ବହୁ କାମ ହୋଇଛି। ହେଲେ ବର୍ତ୍ତମାନ ଗୁଣାତ୍ମକ କାମ କରିବାକୁ ଅଛି ବୋଲି ଜିଲାପାଳ ସମୀକ୍ଷା ବେଳେ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କର୍ମୀ ଶ୍ରୀନିବାସ ବେହେରା, ସୁଧୀର କ୍ଷତ୍ରି ପ୍ରମୁଖ ଯୋଗଦେଇଥିଲେ।

**ଶିଶୁ ସୁରକ୍ଷା କାର୍ଯ୍ୟକ୍ରମର ସମୀକ୍ଷା**



ଶିଶୁ ସୁରକ୍ଷା ବିଭାଗକୁ ନେଇ ଜିଲାପାଳ ସମୀକ୍ଷା କରୁଛନ୍ତି ।

## ଟାଙ୍ଗେର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ବିପଦସଙ୍କୁଳ ଟ୍ରାନ୍ସଫର୍ମର

# ୩୩ ବର୍ଷ ହେଲା ସ୍ଥାନାନ୍ତର ହେଉନାହିଁ

**କେସିଙ୍ଗା,୨।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଟାଙ୍ଗେର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାପିତ ୧୦୦ କେ.ଭି. ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାନାନ୍ତରିତ ପାଇଁ ଦୀର୍ଘ ୩୩ ବର୍ଷ ହେଲା ଦାବି ହେଉଥିଲେ ମଧ ବିଦ୍ୟୁତ ବିଭାଗ କର୍ଣ୍ଣପାତ କରୁନାହିଁ । ଏ ନେଇ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳ, ଉପଜିଲାପାଳ, ବିଦ୍ୟୁତ ବିଭାଗ ଏସଡିଓ, କେସିଙ୍ଗା ବିଡିଓଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ ସୁଦ୍ଧା କିଛି ସୁଫଳ ମିଳୁ ନ ଥିବା ଜଣାପଡିଛି । ଗତ ୧୯୮୩ରେ ଟାଙ୍ଗେର ଗ୍ରାମପଞ୍ଚାୟତ ସ୍ଥାପିତ ହୋଇଛି ଏବଂ ୧୯୮୬ରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ ଏହା ପରେ ବିପଦ ରହିଆସୁଛି। ଗ୍ରାମପଞ୍ଚାୟତକୁ ଶହ ଶହ ସଂଖ୍ୟାରେ ପ୍ରତ୍ୟେକ ମାସରେ ହିତାଧିକାରୀମାନେ ଚାଉଳ, ଗହମ, କିରୋସିନ ଭଳି ଖାଦ୍ୟ ସାମଗ୍ରୀ ନେବାକୁ ଆସିଥାନ୍ତି । ଏତତ୍‌ବ୍ୟତିତ ବୁଢ଼ାବୁଢ଼ୀମାନଙ୍କ ଭତ୍ତା ବଣ୍ଟନ କରାଯାଇଥାଏ । କାର୍ଯ୍ୟାଳୟ ସମ୍ମୁଖରେ ୧୦୦ କେ.ଭି.ର ଟ୍ରାନ୍ସଫର୍ମର ଥିବାରୁ ଅନେକ ସମୟରେ ବିପଦ ରହିଛି। ଗ୍ରାମପଞ୍ଚାୟତକୁ ଲାଗି କରିଥିବା ସରକାରୀ ହାଇସ୍କୁଲକୁ ଏଠାରୁ ବିଦ୍ୟୁତ ସଂଯୋଗ ହୋଇଛି। ଏହି ସ୍କୁଲରେ ଶହ ଶହ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରୁଛନ୍ତି। ସ୍କୁଲ ଉପରେ ବିଦ୍ୟୁତ ଯାଇଥିବାରୁ କେତେବେଳେ ତାର ଛିଣ୍ଡି ଛାତ୍ରୀଛାତ୍ରଙ୍କ ଉପରେ ପଡ଼ି ପ୍ରାଣହାନୀ ଘଟିବା ବହୁ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପରେ । ଏହିପରି ବିପଦ ସମସ୍ୟା ଥିଲେ ସୁଦ୍ଧା ଉତ୍କେଳା ୱେସ୍କୋର ଏସଡିଓ କିମ୍ବା ଯନ୍ତ୍ରୀ ଆଜକୁ ୩୩ ବର୍ଷ ହେଲା କର୍ଣ୍ଣପାତ କରୁନାହାନ୍ତି । ଆସନ୍ତା ଅଗଷ୍ଟ ୩୧ ତାରିଖ ସୁଦ୍ଧା ଉକ୍ତ ବିପଦସଙ୍କୁଳ ଅବସ୍ଥାରେ ସ୍ଥାପିତ ହୋଇଥିବା ଟ୍ରାନ୍ସଫର୍ମରକୁ ସ୍ଥାନାନ୍ତରିତ କରା ନ ଗଲେ ଉତ୍କେଳାସ୍ଥିତ ୱେସ୍କୋ କାର୍ଯ୍ୟାଳୟ ଓ ୨୬ ନଂ. ଜାତୀୟ ରାଜପଥରେ ଗଣଧାରଣା ଦିଆଯିବ ବୋଲି ଟାଙ୍ଗେର ସରପଞ୍ଚ କାଞ୍ଚେଶ୍ୱରୀ ବାଗଙ୍କ ସମେତ ସମସ୍ତ ୱାର୍ଡମେମ୍ବର ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଉତ୍କେଳା ୱେସ୍କୋ ଡିଭିଜନର ଏସଡିଓଙ୍କୁ ପଚାରିବାରୁ ମୁଁ ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ। ଏ ବିଷୟରେ ଟାଙ୍ଗେର ଗ୍ରାମପଞ୍ଚାୟତ ପିଇଓଙ୍କୁ ପଚାରିବାରୁ ମୁଁ ବହୁବାର ଜିଲାପାଳ, ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଛି ବୋଲି ପ୍ରକାଶ କରିଥିଲେ ।

**ଟାଙ୍ଗେର ଗ୍ରାମପଞ୍ଚାୟତ**

■ ତୁରନ୍ତ ଟ୍ରାନ୍ସଫର୍ମର ସ୍ଥାନାନ୍ତରିତ କରା ନ ଗଲେ ଆନ୍ଦୋଳନ





ଟାଙ୍ଗେର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ୧୦୦ କେଭିର ଟ୍ରାନ୍ସଫର୍ମର ।

## ଜୁନାଗଡ଼ ଆରଏମ୍‌ସିରେ ସ୍ଥାୟୀ ସମ୍ପାଦକ ନିଯୁକ୍ତି ପାଇଁ

# ମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧି ଦଳ ନେତା

**ଜୁନାଗଡ,୨।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଆରଏମସିରେ ଗତ ଦେଢବର୍ଷ ହେଲା ସ୍ଥାୟୀ ସମ୍ପାଦକ ନାହାନ୍ତି। ସେବେଠାରୁ ସ୍ଥାନୀୟ ଆରଏମସି ହିସାବ ରକ୍ଷକ ବସନ୍ତ କୁମାର ସେଠୀ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ହିସାବ ରକ୍ଷକଙ୍କ ସରକାରୀ ଆଇନ ଓ ନିୟମାବଳୀ ପ୍ରତି କୌଣସି ସମ୍ମାନ ନାହିଁ। ସେ ରହିବା ଦିନଠୁ ଆରଏମସିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ତୁରନ୍ତ ଜୁନାଗଡ ଆରଏମସିରେ ନୂତନ ସ୍ଥାୟୀ ସମ୍ପାଦକ ନିଯୁକ୍ତି ପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ପତ୍ରମାଧ୍ୟମରେ ଜଣାଇଛନ୍ତି। ସୂଚନା ଅଧିକାର ଆଇନରୁ ମିଳିଥିବା ତଥ୍ୟ ଅନୁଯାୟୀ ବର୍ତ୍ତମାନ ଜୁନାଗଡ ଆରଏମସି ଭାରପ୍ରାପ୍ତ ସମ୍ପାଦକ ବସନ୍ତ କୁମାର ସେଠୀ ଗତ ୧୩।୧୦।୧୯୯୯ରେ କୌଣସି ନିଯୁକ୍ତି ସମ୍ବନ୍ଧୀୟ ପରୀକ୍ଷାରେ ଭାଗ ନ ନେଇ ଅସ୍ଥାୟୀ ଭାବେ କନିଷ୍ଠ କିରାଣୀ ତଥା ଟାଇପିଷ୍ଟ ଭାବେ ନିଯୁକ୍ତି ପାଇଥିଲେ। ପରେ ତାଙ୍କ ଏହି ପଦବୀ ନିୟମିତ ହେବା ସହ ଆରଏମସି ସମ୍ପାଦକଙ୍କ ପତ୍ର ସଂଖ୍ୟା ୫୮୬ ତାରିଖ ୭।୭।୨୦୦୮ ଅନୁଯାୟୀ ସେ ହିସାବ ରକ୍ଷକ ଭାବେ ପଦୋନ୍ନତି ପାଇଥିଲେ। ଏହା ପରେ ସେ ୨୭।୦୯।୨୦୧୬ରେ ଆରଏମସିର ଭାରପ୍ରାପ୍ତ ସମ୍ପାଦକ ଭାବେ ଦାୟିତ୍ୱ ନେଇଥିଲେ। ସୂଚନାଯୋଗ୍ୟ, ଜୁନାଗଡ ଆରଏମସି ସହକାରୀ ସମ୍ପାଦକ ସୁରେନ୍ଦ୍ର ବାଗ ୪।୧୨।୧୯୮୫ରେ ନିଯୁକ୍ତି ପାଇଥିବାବେଳେ ମାର୍କେଟ ସୁପରଭାଇଜର ହେମନ୍ତ ନାଏକ ୧।୮।୧୯୯୪ ଓ ଲିଙ୍ଗରାଜ ଚଲାନ ୧୪।୧୨।୧୯୮୮ରେ ନିଯୁକ୍ତି ପାଇଥିଲେ। ବରିଷ୍ଟତା ଦୃଷ୍ଟିରୁ ଏହି ୩ଜଣଙ୍କୁ ମଧ୍ୟରୁ ଯାହାକୁ ବି ଭାରପ୍ରାପ୍ତ ସମ୍ପାଦକ ପଦବୀ ଦାୟିତ୍ୱ ଦେବା କଥା। କିନ୍ତୁ ଏଠାରେ ବରିଷ୍ଠଙ୍କୁ ଅଣଦେଖା କରାଯାଇ ବହୁ ପଛରେ ନିଯୁକ୍ତି ପାଇଥିବା ହିସାବ ରକ୍ଷକ ସେଠୀଙ୍କୁ ଜୁନାଗଡ ଆରଏମସି ଭାରପ୍ରାପ୍ତ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଥିଲା। ହିସାବ ରକ୍ଷକ ସେଠୀ ଆରଏମସି ପରିଚାଳନା କମିଟିକୁ ପ୍ରଲୋଭିତ କରି ସେ ଭାରପ୍ରାପ୍ତ ସମ୍ପାଦକ ପଦବୀ ହାସଲ କରିଥିଲେ। ଯାହା ସୂଚନା ଅଧିକାର ଆଇନରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ବରିଷ୍ଠକୁ ଅଣଦେଖା କରାଯାଇ କିପରି ଭାବେ ଜଣେ କନିଷ୍ଠ କର୍ମଚାରୀଙ୍କୁ ସମ୍ପାଦକ ପଦବୀର ଦାୟିତ୍ୱ ଦିଆଗଲା ତାହା ଆଶ୍ଚର୍ଯ୍ୟର ବିଷୟ। ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି। ଏହାର ଏକ ଭିଜିଲାନ୍ସ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଜୁନାଗଡ ଆରଏମସି ଭାରପ୍ରାପ୍ତ ସମ୍ପାଦକ ବସନ୍ତ କୁମାର ସେଠୀଙ୍କୁ ପଚାରିବାରୁ ସବୁ ଅଭିଯୋଗ ଭିତ୍ତିହୀନ ବୋଲି କହି କଥାକୁ ଅସ୍ୱିକାର କରିଛନ୍ତି।





ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ।

■ ଅଢ଼େଇ ବର୍ଷ ହେଲା ସ୍ଥାୟୀ ସମ୍ପାଦକ ନାହାନ୍ତି

■ ହିସାବ ରକ୍ଷକ ତୁଲାଉଛନ୍ତି ସମ୍ପାଦକ ପଦବୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୩ ଅଗଷ୍ଟ, ୨୦୧୯



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



### ଡୁଟା ଗ୍ରାମକୁ ସ୍ଥାୟୀ ରାସ୍ତା ନାହିଁ

**ପଲମ,୨।୮(ଡି.ଏନ.ଏ.)**- କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ସାଲେପାଲି ପଞ୍ଚାୟତସ୍ଥିତ ଡୁଟା ଗ୍ରାମକୁ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ଯିବାଆସିବା ପାଇଁ ସ୍ଥାୟୀ ରାସ୍ତାଟିଏ ହୋଇନାହିଁ । ଫଳରେ ଯାତ୍ରୀ ତଥା ଯାନବାହନ ଚଳାଚଳରେ ଅନେକ ବ୍ୟାଘାତ ସୃଷ୍ଟି ହେଉଛି। ଏହି ରାସ୍ତା ଛଡା ପଞ୍ଚାୟତକୁ ଯିବା ପାଇଁ ଅନ୍ୟ ବ୍ୟବସ୍ଥା ନାହିଁ । ଏହି ଗ୍ରାମ ହେଉଛି ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅବହେଳିତ ଅଞ୍ଚଳ ଭାବେ ପରିଚିତ । ଏହି ଗ୍ରାମର ଜନସଂଖ୍ୟା ପ୍ରାୟ ୧୫୦୦ ହେବେ। ସେମାନଙ୍କ ମଧରେ ଆଦିବାସୀ ହରିଜନ ଓ ପଛୁଆବର୍ଗ ଶ୍ରମିକ ଶ୍ରେଣୀର ଲୋକ ରହନ୍ତି। କମ୍ ବର୍ଷା ପାଣିରେ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡିଥାଏ। ରାସ୍ତାର ଖାଲ ଯାଗାରେ ପାଣି ଜମା ହୋଇ ରହିଥାଏ। ମ.ରାମପୁର ବିଡିଓ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

### ଗୋଲାମୁଣ୍ଡା ବ୍ଲକରେ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ଆରମ୍ଭ

**କେଗାଁ,୨।୮(ଡି.ଏନ.ଏ.)**- କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ଆରମ୍ଭ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୋଲାମୁଣ୍ଡା ଶିକ୍ଷା ଅଧିକାରୀ ଜିବନ୍ତ କୁମାର ମୁଣ୍ଡଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ ଗଠନ କରି ଯାଞ୍ଚ ଆରମ୍ଭ ହୋଇଛି । ଆଜି ପର୍ଯ୍ୟନ୍ତ ବ୍ଲକର କେଗାଁ, ମହାଲିଙ୍ଗ, ଉଛୁଳା, ବଡଚେରଗାଁ ୪ଟି କ୍ଲଷ୍ଟରର ୫ ପ୍ରକ୍ରିୟା ସରି ଯାଇଥିବା ବେଳେ ଆହୁରି ୧୧ଟି କ୍ଲଷ୍ଟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଯଥାଶୀଘ୍ର ଶେଷ ହେବ ବୋଲି ଜଣାପଡିଛି। ପ୍ରଥମ ଦିନରେ ୫୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସର୍ଟିଫିକେଟ ଯାଞ୍ଚ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ୮୦ ଓ ତୃତୀୟ ଦିନରେ ୬୫ ଜଣ ସମୁଦାୟ ଆଜି ପର୍ଯ୍ୟନ୍ତ ୨୦୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାର୍ଟିଫିକେଟ ଯାଞ୍ଚ ହୋଇଥିବା ଜଣାପଡିଛି । ଏହି ଯାଞ୍ଚରେ ନିୟମିତ ଶିକ୍ଷକ, କନିଷ୍ଠ ଶିକ୍ଷକ, ଶିକ୍ଷା ସହାୟକ, ଏକ୍ସ କ୍ୟାଡର ନିୟମିତ ଶିକ୍ଷକ, ଗଣଶିକ୍ଷକ ଓ ଜିଲା ପରିଷଦ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ଚାଲିଛି । ବିଶେଷ କରି ଯେଉଁମାନେ ନକଲି ସାର୍ଟିଫିକେଟ ଦେଇ ଶିକ୍ଷକତା କରୁଛନ୍ତି ସେମାନଙ୍କ ଆଖିରୁ ନିଦ ହଜି ଯାଇଛି । ନକଲି ବୋଲି ଧରା ପଡିଲେ ଚାକିରି ଯିବା ସହିତ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି ।

## ପରିଚଏ ଖୁଜୁଛେ କୁଦେଲପଟା ଗାଁ
# ହକ୍, ମଉଳିକ ସୁବିଧାରୁ ବଁଚିତ୍ ଗାଁବାସୀ

**ଭବାନୀପାଟଣା,୨।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସଦରନୁ ୧୪ କି.ମି. ଦୂରେ ରହିଛେ ତ୍ରିଲୋଚନପୁର ପଁଚେତ୍ ଅଧୀନ କୁଦେଲପଟା ଗାଁ। ଗାଁଟା ନିୟମଗିରି ପାଡାଡ଼ ଅଂଚଲରେ ରହିଥିଲାବେଲେ ଗାଁର ବଡ଼ଭାଗି ଲୋକ ଡଙ୍ଗରିଆ କଁଧ୍ ସମାଜର। ସେନ୍ତା ଗାଁରେ ଅନେକ ସିକକା ବଉଁଶିଆ ଆଦିବାସୀ ଲୋକ୍ ବି ରହୁଛନ୍। ଆଏଜ୍‌ବି ଇ ଡଙ୍ଗରିଆ କଁଧ୍ ସମାଜ ନିଜର ପାରମ୍ପରିକ ଜୀବନ୍ ଶଇଲିରେ ଚଲିଆସୁଛନ୍। ଏହେଦେ ଇ ଗାଁରେ ୨୦ରୁ ଅଧିକା ଡଙ୍ଗରିଆ କଁଧ୍ ପରିବାର ବାସ କରୁଛନ୍। ଗାଁର ବଡ଼ଭାଗି ଲୋକ୍ ଝୁନ୍‌ଗା, କାଁଦୁଲ, ମାଡ଼ିଆ, ପୋଡୁଚାଷ କରୁଥିଲାବେଲେ ଜଂଗଲ ଜାତ ଦରବ୍ ଠୁଲେଇ ବିକାଭଂଗା କରି ଚଲୁଛନ୍। ଇ ଆଦିବାସୀ ପରିବାରମାନେ ବହୁତ୍ ବଛର ହେଲା ଜଂଗଲରେ ରହି ଆସୁଛନ୍। ହେଲେ ଆଏଜ୍‌ତକ ରାଏଜ୍ ସରକାରକଁର



କୁଦେଲପଟା ଗାଁର ଦୁରୁଶ୍।

୨୦୦୬ ଜଂଗଲ ଜମି ଆଇନ ଅନସାରେ ଜମି ପଟ୍ଟା ନାଇଁ ପାଇପାରି। ଏନ୍ତା କି ଗାଁଟା ଆଏଜ୍ ବି ରାଜସ୍ୱ ଗାଁର ମାଏନ୍ତା ପାଏବାରୁ ବଁଚିତ୍ ହେଇ ରହିଛେ। ଗାଁକେ ଯିବାର ଆଏବାର ଲାଗି ଫିଦିନିଆଁ ରାସ୍ତା ଖଁଡ଼େ ନାଁଇଁନ। ଗାଁବାସୀ ଜଂଗଲ ଭିତରେ ପାଦ୍ ଚଲା ରାସ୍ତାରେ ଯିବାର ଆଏବାର କରୁଛନ୍। ସେନ୍ତା ଗାଁରେ କାହାକେ ଜରତପ୍ ହେଲେ କି ଗରଭବତୀ, ପ୍ରସୂତି ମହିଲାମାନକୁ ଦୁଲା ଫାଁଦି ଡାକ୍ତରଖାନା ନେଉଛନ୍। ଅନେକ ସମିଆରେ ରୁଗୀକେ ଡାକ୍ତରଖାନା ପୁହୁଁଚଉନ୍ ପୁହୁଁଚଉନ ବାଟେ ଜୀବନ୍ ପଲେଇଯାଉଥିବାର ଗାଁବାସୀ ଅଭିଯୋଗ କରିଛନ୍। ସଚେତନତା ଅଭାବ ସଂଗେ ବାଟଘାଟ ଅସବିଧାର ଲାଗି ଗାଁବାସୀ ଦିହିପା ଖରାପ ହେଲେ ଗୁଣିଗାରେଡି, ଚେରମୂଳି ଉଷୋକଷା ଉପରେ ନିରଭର କରୁଛନ୍। ସେନ୍ତା ଗାଁରେ ବଡ଼ଭାରି ପିଇବାର ପାଏନ୍‌ର ଅସ୍‌ବିଧା ଥିଲାବେଲେ ପାସେ ବୁହିଯାଉଥିବାର ଝରନା ଆର ନାଲର ପାଏନ୍‌କେ ଗଧାବୁଡ଼ା, ଖିଆପିଆରେ ବେଭାର କରୁଛନ୍। ଗାଁବାସୀକର ଲାଗି ଆଏଜ୍ ବି ଇନ୍ଦିରା ଆବାସ, ମୋ କୁଡ଼ିଆ, ବିଜୁ ପକ୍କାଘର ସତେ ଯେନ୍ତା ସାତ୍‌ସପନ ହେଇ ରହିଛେ। ଗାଁରେ ପ୍ରାଥମିକ ସ୍କୁଲ ନାଇଁଥିବାର ଲାଗି ଗାଁର ପିଲାମାନେ ୩ କି.ମି. ଦୂରିଆ ସାପ ଚଞ୍ଚରା ଗାଁକେ ପଢ଼ବାକେ ଯାଉଛନ୍। ନିରବାଚିତ ଜନପରତିନିଧି, ରାଜନେତା ଆର ପରଶାସନର ଅବହେଲାର ଲାଗି କୁଦେଲପଟା ଗାଁ ଆଏଜ୍ ବି ରାଜସ୍ୱ ଗାଁର ମାଏନ୍ତା ପାଏବାରୁ ବଁଚିତ୍ ହେଇଛେ। ସବୁ ପରକାର ମଉଳିକ୍ ସୁବିଧା ସୁଯୋଗରୁ ବଁଚିତ୍ ଇ ଆଦିବାସୀ ପରିବାରମାନେ ଆଏଜ୍ ବି ଜଂଗଲ ଭିତରେ ଆଦିମାନବର ଜୀବନ୍ ବିତଉଛନ୍। ରାଏଜ୍ ସରକାର, ଜିଲା ପରଶାସନ ଇ ଗାଁକେ ରାଜସ୍ୱ ଗାଁର ମାଏନ୍ତା ଦେବାର ସଂଗେ ଆଦିବାସୀକୁ ତାକର ହକ୍, ମଉଳିକ ସୁବିଧା ସୁଯୋଗ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।





କର୍ମଶାଳାରେ ଯୋଗଦେଇଥିବା ଅତିଥି ବୃନ୍ଦ ।

# କର୍ମକ୍ଷେତ୍ରରେ ମାନସିକ ଚାପ ନେଇ କର୍ମଶାଳା

**ଭବାନୀପାଟଣା,୨।୮ (ଡି.ଏନ.ଏ.)**

ଭବାନୀପାଟଣା ସହରସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲଠାରେ କର୍ମକ୍ଷେତ୍ରରେ ମାନସିକ ଚାପ ଓ ଏହାର ନିରାକରଣ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଓ କଳାହାଣ୍ଡି ଘରୋଇ ସ୍କୁଲ ସଂଘର ମିଳିତ ଉଦ୍ୟମରେ ଅନୁଷ୍ଠିତ କର୍ମଶାଳାରେ ଡା. ପ୍ରତାପ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ହାଇଦ୍ରାବାଦର ଓକ୍ସଫୋର୍ଡ ସ୍କୁଲ ଶିକ୍ଷାବିତ୍ କୃଷ୍ଣ ଶତପଥୀ, କଳାହାଣ୍ଡି ଘରୋଇ ସ୍କୁଲ ସଂଘର କୋଷାଧ୍ୟକ୍ଷ ଜୟ କୁଟି, କିସ ଓ କିଟ ଜିଲା ସଂଯୋଜକ ଦୁଷ୍ମନ୍ତ ପ୍ରଧାନ ଓ ଶିକ୍ଷାବିତ୍ ବ୍ରହ୍ମାନନ୍ଦ ସାମଲ, ସୁତମ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କଳାହାଣ୍ଡି ଘରୋଇ ସ୍କୁଲ ସଂଘ ଅଧ୍ୟକ୍ଷ ଶିବରାମ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଯୋଗେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ କର୍ମକ୍ଷେତ୍ରରେ ମାନସିକ ଚାପରୁ ନିଜକୁ କିପରି ଦୂରେଇ ରଖି ଏକ ସୁସ୍ଥ ସମାଜ ଗଠନରେ ନିଜକୁ ନିୟୋଜିତ ରଖି ପାରିବେ ଏହା ଉପରେ ଆଲୋଚନା କରିଥିଲେ।





ଦୁର୍ଘଟଣାଗ୍ରସ୍ତ ବସ୍ ।

# ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ଯାତ୍ରୀବାହୀ ବସ୍

**କୋକସରା,୨।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଆମପାଣି ଥାନା ଅଧୀନ ୨୬ ନଂ. ଜାତୀୟ ରାଜପଥ ସିଉନି ଗାଁ ବିଦ୍ୟାଳୟ ସାମ୍ନା ବୁଲାଣିରେ ଶୁକ୍ରବାର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରୁ ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି। ମିଳଥିବା ସୂଚନା ଅନୁସାରେ, ଭୁବନେଶ୍ୱରରୁ ଉମରକୋଟ-ରାଇଘର ଅଭିମୁଖେ ଆସୁଥିବା ଶ୍ରୀ ରଘୁନାଥ ନାମକ ଏକ ଘରୋଇ ବସ୍ (ନଂ.ଓଡି୦୨ଏସ୍-୨୯୪୮) ଶୁକ୍ରବାର ଭୋର ପ୍ରାୟ ସାଢେ ୪ଟାରେ ସିଉନି ଗାଁ ବିଦ୍ୟାଳୟ ନିକଟ ବୁଲାଣିରେ ରାସ୍ତା ତଳକୁ ଖସିଯାଇଥିଲା। ଏଥିରେ ଥିବା ଯାତ୍ରୀମାନେ ସୁରକ୍ଷିତ ଥିବାବେଳେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡିଛି । ଅନ୍ୟପକ୍ଷେ ଏହି ରାସ୍ତା ଦେଇ ଯାତ୍ରୀବାହୀ ବସଗୁଡିକ ଦ୍ରୁତଗତିରେ ଦୈନିକ ଯାତାୟାତ କରୁଥିବାବେଳେ ବିଭିନ୍ନ ସମୟରେ ଦୁର୍ଘଟଣାଘଟି ଧନ ଜୀବନ କ୍ଷୟକ୍ଷତି ହେଉଛି। ପୋଲିସ ଓ ପରିବହନ ବିଭାଗ ପକ୍ଷରୁ କୌଣସି ଦୃଷ୍ଟି ଦେଉ ନ ଥିବା ଯୋଗୁ ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଆମପାଣି ଥାନା ଅଧିକାରୀ ପୁସ୍ପାଲୀ ନେଗୀଙ୍କୁ ପଚାରିବାରୁ ଦୁର୍ଘଟଣାଗ୍ରସ୍ତ ଯାତ୍ରୀବାହୀ ବସ୍ ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି ଓ ସେମାନଙ୍କୁ ଅନ୍ୟ ବସ୍‌ରେ ପଠାଇ ଦିଆଯାଇଛି ବୋଲି କହିଛନ୍ତି ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ରିଷିଡା/ମଦନପୁର,୨।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଲତରା ପଞ୍ଚସଖା ଉଚ୍ଚ ବିଦ୍ୟାପୀଠରେ ପ୍ରଧାନଶିକ୍ଷକ ବାଲ୍ମିକୀ ରଣାଙ୍କୁ ବୁଧବାର ଅପରାହ୍ନରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପଞ୍ଚସଖା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସର୍ବଶ୍ରୀ ସୁରେନ୍ଦ୍ର ରଣା, ଖଗେଶ୍ୱର ରଣା, ଘନଶ୍ୟାମ ବଗର୍ତ୍ତି ଏବଂ ପୂର୍ବତନ ସହଶିକ୍ଷା ନିରୀକ୍ଷକ ପୀତାମ୍ବର ନାଗ, ସରପଞ୍ଚ ଦୁଶୀଲା ବେହେରା ଓ ଅବସର ଗ୍ରହଣ କରୁଥିବା ପ୍ରଧାନଶିକ୍ଷକ ବାଲ୍ମିକୀ ରଣା ମଞ୍ଚାସୀନଥିଲେ। ବିଦ୍ୟାଳୟରେ ତାଙ୍କର ଅମାୟିକ ବ୍ୟବହାର, କର୍ତ୍ତବ୍ୟ ନିଷ୍ଠା ଉପରେ ପ୍ରଶଂସା କରାଯାଇଥିଲା। ବିଦ୍ୟାଳୟ ପୂର୍ବତନ ସଭାପତି ଏବଂ ପୂର୍ବତନ ସରପଞ୍ଚଙ୍କ ସମେତ ବିଦ୍ୟାଳୟ ଶିକ୍ଷୟିତ୍ରୀ ଓ ଶିକ୍ଷକ ସମେତ ନିକଟସ୍ଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଉପସ୍ଥିତଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟଦକ୍ଷତା ଉପରେ ଗୁଣଗାନ କରିଥିଲେ। ଶେଷରେ ଛାତ୍ରୀମାନେ ବିଦାୟ ସଙ୍ଗୀତ ଗାନ କରିଥିବା ବେଳେ ପ୍ରଧାନଶିକ୍ଷକଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା ।

# କଳାହାଣ୍ଡି କଳାକାର ସଂଘ ବୈଠକ

**ଭବାନୀପାଟଣା,୨।୮ (ଡି.ଏନ.ଏ.)**

କଳାହାଣ୍ଡି କଳାକାର ସଂଘ ଭବାନୀପାଟଣା କାର୍ଯ୍ୟକାରୀ ବୈଠକ କଳାକାର ସଂଘ ଅଫିସ ଗୃହରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ବାର୍ଷିକ ଡ୍ରାମା ଫେଷ୍ଟିଭାଲ (ନାଟକ ମହୋତ୍ସବ) ଉପରେ ବିସ୍ତୃତ ଭାବେ ଚର୍ଚ୍ଚା ହୋଇଥିଲା। ଆଗାମୀ ଅକ୍ଟୋବର ୧୮, ୧୯ ଓ ୨୦ ତାରିଖରେ ନାଟକ ମହୋତ୍ସବ ଅନୁଷ୍ଠିତ ହେବା ପାଇଁ ସଭାପତି ସତ୍ୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଆଗତ ଓ ଗୃହିତ ହୋଇଛି। ଏହି ସଭାରେ ସମ୍ପାଦକ ଜୟ ଶଙ୍କର ପଣ୍ଡା, ଉପସଭାପତି ସୁଶିଲ କୁମାର ଗହିର ଓ ବେଣୁଧର ମିଶ୍ର, ଯୁଗ୍ମ ସମ୍ପାଦକ ରମାକାନ୍ତ ବାଗ, ଉପଦେଷ୍ଟା ସୋହନ ଲାଲ ଅଗ୍ରୱାଲ, କାର୍ଯ୍ୟନିର୍ବାହୀ ସଭ୍ୟ ବୃନ୍ଦ ପ୍ରଭାସ ଚନ୍ଦ୍ର ମିଶ୍ର, ଅବଦୁଲ କାଦିର, ଭବେନ୍ଦ୍ର କୁମାର ପଣ୍ଡା, ପଦ୍ମନାଭ କୁମାର, ରିୟାଜ ଖାନ, ଦେବାଶିସ ତ୍ରିପାଠୀ, ରଞ୍ଜିତ୍ ସିଂହ, ସୁବେନ୍ଦୁ ମହାପାତ୍ର, ଉମାଶଙ୍କର ବାବୁ, ସୁଭ୍ରାଂଶୁ ଶେଖର ସାହୁ, ବିଶ୍ୱରଞ୍ଜନ ଧଙ୍ଗଡାମାଝି, ସୌରଭ ମହାପାତ୍ର, ତଥାଗତ ମିଶ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ଯୋଗଦେଇଥିଲେ।



ବୈଠକରେ ଯୋଗଦେଇଥିବା କଳାକାରମାନେ ।

# ଜିଲା ଆଦିବାସୀ ସଂଘର ବୈଠକ

**ଭବାନୀପାଟଣା,୨।୮ (ଡି.ଏନ.ଏ.)**

ଭବାନୀପାଟଣା ସହରସ୍ଥିତ ସରକାରୀ ଭବନଠାରେ କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘର ଏକ ବୈଠକ କାର୍ତ୍ତିକ ଜାନୀଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି କେଶବ ଭୋଇଙ୍କ ଅସୁସ୍ଥତା ଯୋଗୁ ସେ ସଭାପତି ପଦବିରୁ ଅବସରନେଇଥିଲେ। ତାଙ୍କ ସ୍ଥାନରେ ଉପସଭାପତି ରାମଚନ୍ଦ୍ର ମାଝିଙ୍କୁ ସଭାପତି ଭାବେ ସଂଘର ଦାୟିତ୍ୱ ନିର୍ବାହ କରିବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ସେହିଭଳି ସଂଘକୁ କେତେକ ଅସାଧୁ ବ୍ୟକ୍ତିମାନେ ଫାଟ ସୃଷ୍ଟି କରି ନିରୀହ ଆଦିବାସୀମାନଙ୍କୁ ବିଭ୍ରାନ୍ତ କରୁଥିବାରୁ ସଂଘ ପକ୍ଷରୁ ନିନ୍ଦା କରାଯାଇଥିଲା । ଜଙ୍ଗଲ ଜମି, ଆବାସିକ ସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ଖାଦ୍ୟପେୟ, ଛାତ୍ରୀଛାତ୍ରମାନଙ୍କୁ ଠିକ ଭାବେ ପାଠପଢାର ବ୍ୟବସ୍ଥା, ସଂଘର ଉନ୍ନତିମୂଳକ କାର୍ଯ୍ୟ, ରେଣ୍ଡୋମାଝି ଭବନ ନିର୍ମାଣ ସମେତ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ସରକାରୀସ୍ତରରେ ପଦକ୍ଷେପ ନେବା ପାଇଁ ସଭାପତି ଓ ସମ୍ପାଦକଙ୍କୁ ଅନୁରୋଧ କରାଯାଇଥିଲା ।

ସମ୍ପାଦକ ଶୁକଦେବ ମାଝି ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସଂଘ ଉପଦେଷ୍ଟା ରୂପକେଶରୀ ଦଳେଇ, ପବିତ୍ର ଶବର, ଉପସଭାପତି ତରଣୀସେନ ମାଝି, ବିବେକାନନ୍ଦ ଶବର, ରତ୍ନାକର ଶବର, ବସନ୍ତ ଶବର, ଜିଲା ଆଦିସ୍କନ୍ଦ ସମାଜ ସଭାପତି ସୁରେଶ କୁମାର ଭୋଇ, ସମ୍ପାଦକ ରାଜେନ୍ଦ୍ର କୁମାର ମାଝି, ଭବାନୀପାଟଣା ସଦର ବ୍ଲକ ସଭାପତି ଜଳନ୍ଧର ଜାନି, ସଞ୍ଜୟ ମାଝି, କୁରୁକ୍ଷେତ୍ର ଭୋଇ, ସୁଶାନ୍ତ ଶବର, ଧନସାଇ ମାଝି, ଦେବଦତ୍ତ ମାଝି, ବିଦ୍ୟାଧର ମାଝି, ଗଜ ମାଝି, କୁଞ୍ଜ ମାଝି, ଭବାନୀ ମାଝି, ପ୍ରେମଲାଲ ମାଝି, ଡମ୍ବରୁ ମାଝି, ବିଶ୍ୱନାଥ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋଲାମୁଣ୍ଡା ସହକାରୀ କୃଷି ଅଧିକାରୀଙ୍କ ବଦଳି ଦାବି

**କେଗାଁ,୨।୮ (ଡି.ଏନ.ଏ.)**

କଳାହାଣ୍ଡିଜିଲା ଗୋଲାମୁଣ୍ଡା ବ୍ଲକ ସହକାରୀ କୃଷି ଅଧିକାରୀଙ୍କ ବଦଳି ଦାବି କରି ବ୍ଲକ ସରପଞ୍ଚ ଓ ସମିତିସଭ୍ୟମାନଙ୍କ ପକ୍ଷରୁ ରାଜ୍ୟ କୃଷିମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡିଛି । ଏହାର ଏକ ନକଲ ଜିଲାପାଳ ଏବଂ ଉପ ଜିଲା କୃଷି ନିର୍ଦ୍ଦେଶଙ୍କୁ ମଧ ପଠାଯାଇଛି। ଗୋଲାମୁଣ୍ଡା ବ୍ଲକରେ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ସହକାରୀ କୃଷି ଅଧିକାରୀ ଭାବେ ନିହାର ରଞ୍ଜନ ନାଏକ କାର୍ଯ୍ୟ କରି ଆସୁଛନ୍ତି। ତାଙ୍କର କାର୍ଯ୍ୟଶୈଳି ଯୋଗୁ କୃଷକମାନେ ଅନେକ ସୁବିଧାରୁ ବଞ୍ଚିତ ହେଉଥିବା ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦୀର୍ଘ ବର୍ଷ ଗୋଟିଏ ସ୍ଥାନରେ କାର୍ଯ୍ୟ କରୁଥିବାରୁ ତାଙ୍କର ଖାମଖିଆଲି ମନୋଭାବ ଯୋଗୁ ଚାଷୀ ଓ ଜନପ୍ରତିନିଧିଙ୍କ ଅସନ୍ତୋଷ ବଢିବାରେ ଲାଗିଛି। ସରକାରଙ୍କଠାରୁ ଆସୁଥିବା ବିଭିନ୍ନ ଜନହିତକର ଯୋଜନା ଓ ଆବଶ୍ୟକ କୃଷି ଯନ୍ତ୍ରପାତି ଚାଷୀଙ୍କୁ ମିଳୁନାହିଁ । କୃଷି ଅଧିକାରୀ ନିଜର କାର୍ଯ୍ୟ ସ୍ଥଳି ଗୋଲାମୁଣ୍ଡାରେ ନ ରହି ନିଜ ବାସସ୍ଥାନ ଧର୍ମଗଡରୁ ଯାତାୟାତ କରୁଥିବାରୁ ଆବଶ୍ୟକ ସମୟରେ ଚାଷୀ ତାଙ୍କ ଦେଖାପାଉ ନ ଥିବା ଦାବିରେ ଦର୍ଶାଯାଇଛି । ତାଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବାକୁ ଗୋଲାମୁଣ୍ଡା ବ୍ଲକ ସରପଞ୍ଚ ଓ ସମିତି ସଭ୍ୟମାନଙ୍କ ତରଫରୁ ଧାମନପୁର ସମିତି ସଭ୍ୟ ଦିନେଶ କୁମାର ରାଉତଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି ।

# ଜବାହର ଉଚ୍ଚ ବିଦ୍ୟାପୀଠରେ ବନମହୋତ୍ସବ

**କେସିଙ୍ଗା,୨।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସିସ୍ଥିତ ଜବାହର ଉଚ୍ଚ ବିଦ୍ୟାପୀଠ ପରିସରରେ ବନମହୋତ୍ସବ ଓ ଚାରା ରୋପଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଭୟ କୁମାର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. ଝସକେତନ ସାହୁ, ସମ୍ମାନିତ ଅତିଥି ଡ. ମୋନାଲିସା ସେନାପତି, ସମିର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବାଲସି ଗ୍ରାମ ପରିକ୍ରମା କରି ବୃକ୍ଷରୋପଣ, ସ୍ୱଚ୍ଛତା ଉପରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ଉପଲକ୍ଷେ ଜବାହର ଉଚ୍ଚ ବିଦ୍ୟାପୀଠର ଏକ ଶ୍ରେଣୀ ଗୃହରେ ଏକ ସଭାର ଆୟୋଜନ କରାଯାଇଥିଲା। ଅତିଥିଗଣ ବୃକ୍ଷରୋପଣର ଯତ୍ନ ଓ ସୁରକ୍ଷା ଏବଂ ପ୍ରତ୍ୟେକ ପିଲାଙ୍କୁ ଗୋଟିଏ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଘରେ ତୁଳସୀ ଗଛ, ବଟବୃକ୍ଷ ଏବଂ ପ୍ରତ୍ୟେକଙ୍କ ବାଡି ବଗିଚାରେ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୋନାଲି ମିଶ୍ର, କୈବଲ୍ୟ ସାହୁ, ହେମନ୍ତ ପଲେଇ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ। ହିନ୍ଦୀ ଶିକ୍ଷକ ଜୟଚନ୍ଦ୍ର ଭୋଇ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ଗୋଟିଏ ଚାରା ବଣ୍ଟନ କରାଯାଇଛି ।





ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ ।

# ମରଣଯନ୍ତା ପାଲଟିଛି ନୂଆଗୁଡ଼ା-ଭେଜିପଦର ରାସ୍ତା

**ଜୁନାଗଡ଼,୨।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ନୂଆଗୁଡା-ଭେଜିପଦର ଗ୍ରାମକୁ ସଂଯୋଗ କରୁଥିବା ଦେଢ କି.ମି. ରାସ୍ତା ରକ୍ଷଣାବେକ୍ଷଣ ଅଭାବ ଏବେ ମରଣଯନ୍ତ୍ରା ପାଲଟିଛି। ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ରାସ୍ତା ମରାମତି କରାଯାଇ ନ ଥିବାରୁ ଏପରି ହୋଇଥିବା ଜଣାପଡିଛି। ଏହାକୁ ନେଇ ଉଭୟ ଗ୍ରାମବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ରାସ୍ତାସାରା ବଡ ବଡ ଖାଲ ହେବାସହ ଗୋଟିଏ ସ୍ଥାନରେ ଗତ କିଛି ମାସ ହେବ ବଡ ଗର୍ତ୍ତ ହୋଇଛି। ରାସ୍ତାର ଏପରି ଅବସ୍ଥା ଯୋଗୁ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏପରିକି ଗାଡିମୋଟର ଚାଳକମାନେ ଉକ୍ତ ରାସ୍ତାରେ ଯାତାୟାତ କରିବା ଏବେ ବନ୍ଦ କରିଦେଇଛନ୍ତି। ଫଳରେ ସେମାନେ ଏବେ ଯମୁନାବାହାଲ (କ) ଗ୍ରାମ ଦେଇ ବୁଲି ଯମୁନାବାହାଲ, ଭେଜିପଦର, ମିଚାଗାଁ, ଆଟିଗାଁ ଓ ତଳମଲା ଆଦି ଗ୍ରାମକୁ ଯାଉଛନ୍ତି। ଏହି ରାସ୍ତା ଉପରେ ଚିଚୈଗୁଡା ପଞ୍ଚାୟତ ସମେତ କଳିଆକୁଣ୍ଡଲ, ଆଟିଗାଁ ଓ ତଳମଲା ଆଦି ୪ଟି ପଞ୍ଚାୟତ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରିଥାନ୍ତି।



ନୂଆଗୁଡା-ଭେଜିପଦର ରାସ୍ତା ମଧରେ ଥିବା ଗର୍ତ୍ତ ।

**ରକ୍ଷଣାବେକ୍ଷଣ ଅଭାବ**
- ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ମରାମତି ହୋଇନାହିଁ
- ବ୍ଲକ ପ୍ରଶାସନର ଦୃଷ୍ଟି ପଡୁନି

ଦୀର୍ଘଦିନ ହେବ ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ, ରାଜନେତାଙ୍କୁ ଦାବି ଜଣାଉଥିଲେ ମଧ କିଛି ସୁଫଳ ମିଳିପାରୁନାହିଁ। ଏହି ରାସ୍ତା ବ୍ଲକ ଅଧୀନରେ ଥିବାବେଳେ ଦୀର୍ଘ ୧୦ବର୍ଷରୁ ଉର୍ଦ୍ଧ୍ୱ ପରେ ବି ମରାମତି ଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟି ନ ଦେବା ସାଧାରଣରେ ଆଶ୍ଚର୍ଯ୍ୟର ବିଷୟ। ଏ ନେଇ ବ୍ଲକ ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣାଙ୍କୁ ପଚାରିବାରୁ ରାସ୍ତାର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ଆମକୁ ପାପ କାର୍ଯ୍ୟ କରିବାକୁ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।
- ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ

**ଟିଟିଲାଗଡ଼,୨।୮(ଡି.ଏନ.ଏ.):** ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନକଲି ପ୍ରମାଣପତ୍ର ଦେଇ କିଛି ଯୁବକ ଶିକ୍ଷକ ପଦ ହାତେଇ ଥିବା ଅଭିଯୋଗ ହୋଇଥିଲା। ଏନେଇ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକମାନଙ୍କ ସାର୍ଟିଫିକେଟ କରାଯାଇଥିଲା। ଏନେଇ ଶୁକ୍ରବାର ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଭିରାମ ମାଝି ଶିକ୍ଷକମାନଙ୍କ ସାର୍ଟିଫିକେଟ ଯାଞ୍ଚ କରିଥିଲେ। ନକଲି ଶିକ୍ଷକ ଧରା ପଡିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିକ୍ଷା ଅଧିକାରୀ ମାଝି କହିଛନ୍ତି। ଅନ୍ୟପକ୍ଷେ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କାର୍ଯ୍ୟ ଜାରି ରହିଥିବା ବେଳେ ବ୍ଲକ ଅନ୍ତର୍ଗତ ଏକ ହାଇସ୍କୁଲରେ ଜଣେ ଶିକ୍ଷକ ମଦ୍ୟପାନ କରି ସ୍କୁଲକୁ ଆସୁଥିବା ଜାଣି ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବନ କରିଥିବା ଶକ୍ଷା ଅଧିକାରୀ ମାଝି ସୂଚନା ଦେଇଛନ୍ତି।

### ବ୍ଲକ ଆଦିବାସୀ କର୍ମକର୍ତ୍ତା ଚୟନ

**ଲୋଇସିଂହା,୨।୮(ଡି.ଏନ.ଏ.):** ଆଗଲପୁର ବ୍ଲକ ଆଦିବସୀ ସଂଘ ନୂତନ କର୍ମକର୍ତ୍ତା ଚୟନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକର ସ୍ଥାୟୀ ସଭାପତି ବଳଦେବ ଭୋଇଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ଭୁବନେଶ୍ୱର ଧରୁଆ କାର୍ଯ୍ୟକାରୀ ସଭାପତି, ଉପସଭାପତି, ଦାମୋଦର ଭୋଇ ସଂପାଦକ ଏବଂ ହିମାଂଶୁ ଦଳପତି କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ବ୍ଲକର ବିଭିନ୍ନ ପ୍ରାନ୍ତର ଲୋକ ବୈଠକରେ ସାମିଲ ହୋଇଥିଲେ।

### ପଶୁପାଳନ ସମ୍ପର୍କିତ ତାଲିମ ଶିବିର

**ଖପ୍ରାଖୋଲ,୨।୮(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ମାଲପଡ଼ାଠାରେ ୱାଇସିଡିଏ ସେବା ଭାରତ ଏବଂ ଏଲ୍ଏଣ୍ଡଟିର ମିଳିତ ଆନୁକୂଲ୍ୟରେ ପଶୁପାଳନ ସମ୍ପର୍କିତ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ହେମବତୀ ନନ୍ଦନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ତାଲିମ ଦାତା ଭାବେ ଖପ୍ରାଖୋଲ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ସୁଜିତ କୁମାର ଶତପଥୀ, ସେବା ଭାରତ ସଂଯୋଜକ ସବ୍ୟସାଚୀ କୁମାର ସିଂ, ଧଣ୍ଡାମୁଣ୍ଡା ପ୍ରାଣୀଧନ ନିରୀକ୍ଷକ ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ଯୋଗଦେଇ ଗୋପାଳନ, ଛେଳିପାଳନ, କୁଡ଼ଡା ପାଳନ, ବତକ ପାଳନ ଉପରେ ତାଲିମ ପ୍ରଦାନ କରିଥିଲେ। ଶଙ୍କର ଜାତୀୟ ଗାଈ, ଛେଳି ପାଳନ ସହ ଠିକ୍ ସମୟରେ ଟିକାକରଣକୁ ଗୁରୁତ୍ୱ ଦେଲେ ଚାଷୀ ଲାଭବାନ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଉମେଶ ଗୁପ୍ତା ପରିଚାଳନା କରିଥିବା ବେଳେ ଗାଁର ୫୦ ଉର୍ଦ୍ଧ୍ୱ ମହିଳା ପୁରୁଷ ଯୋଗଦେଇଥିଲେ।

### ୧୩୨ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ବିନିକା, ୨।୮(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ରାଷ୍ଟ୍ରୀୟ ବାଳ ସୁରକ୍ଷା କାର୍ଯ୍ୟକ୍ରମ କ୍ରମେ ୧୩୨ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି  କାର୍ଯ୍ୟକ୍ରମରେ ଡ. ଉମାକାନ୍ତ ମହାନନ୍ଦ ଓ ଏଏନ୍ଏମ୍ ମିନାକ୍ଷୀ ନାୟକ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ବଣ୍ଟନ କରିଥିଲେ।

# ବଲାଙ୍ଗୀର ଜିଲାର ପିଡିଏସ୍, ଏମ୍‌ଡିଏମ୍ ଦୁର୍ନୀତି

**ବଲାଙ୍ଗୀର ଅଫିସ, ୨।୮**

ବଲାଙ୍ଗୀର ଜିଲାର ପିଡିଏସ୍ ଓ ମଧ୍ୟାହ୍ନ ଭୋଜନ(ଏମ୍‌ଡିଏମ୍) ପରିଚାଳନାରେ ବ୍ୟାପକ ଦୁର୍ନୀତି ହେଉଥିବା ନେଇ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ବିଧାନସଭାରେ ଅଭିଯୋଗ ଆଣିବା ପରେ ଜିଲାରେ ହଇଚଇ ସୃଷ୍ଟି ହୋଇଛି। କିଛିବର୍ଷ ପୂର୍ବରୁ ଜିଲା ଯୋଗାଣ କାର୍ଯ୍ୟାଳୟରେ ଭ୍ୟାନ୍ ଡ୍ରାଇଭର ଥିବା ଜଣେ ବ୍ୟକ୍ତି କମ୍ ସମୟରେ କୋଟିପତି ହେବା ଏବଂ ଜିଲାର ପିଡିଏସ୍ ଏବଂ ଏମ୍‌ଡିଏମ୍ ବ୍ୟବସ୍ଥାକୁ ପରିଚାଳନା କରୁଥିବା ଗୁରୁତର ଅଭିଯୋଗ କରିଥିଲେ। ବ୍ୟକ୍ତିଙ୍କ ସହ କେଉଁ ବଡବଡିଆ ଲୋକ ଓ ମନ୍ତ୍ରୀ ସମ୍ପୃକ୍ତ ଅଛନ୍ତି ସେନେଇ ତଦନ୍ତ କରିବାକୁ ବିଧାୟକ ସାଲୁଜା ଦାବି କରିଥିଲେ। ବିଧାୟକଙ୍କ ଏଭଳି ପ୍ରଶ୍ନ ପରେ ବଲାଙ୍ଗୀର ଜିଲାର ପିଡିଏସ୍ ଓ ଏମ୍‌ଡିଏମ୍ ଦୁର୍ନୀତି ପୁଣି ଥରେ ଚର୍ଚ୍ଚାକୁ ଆସିଛି। କିଛିବର୍ଷ ତଳେ ସ୍କୁଟର ଓ କାର୍‌ରେ ଲକ୍ଷାଧିକ ଟଙ୍କାର ପିଡିଏସ୍ ସାମଗ୍ରୀ ଚାଲାଣ ହୋଇଥିବା ଘଟଣା ଲୋକଲୋଚନକୁ ଆସିଥିଲା। ଏହି ଦୁର୍ନୀତିର ଚେର ଜିଲାସ୍ତରରୁ ରାଜ୍ୟ ଯୋଗାଣ ନିଗମ ପର୍ଯ୍ୟନ୍ତ ଲମ୍ବିଥିବା ସେତେବେଳେ ଆଲୋଚନାର ବିଷୟ ହୋଇଥିଲା। ବିଧାୟକ ସାଲୁଜାଙ୍କ ପ୍ରଶ୍ନ ପରେ କୋଟିପତି ଡ୍ରାଇଭରଙ୍କ ପିଡିଏସ୍ ଓ ଏମ୍‌ଡିଏମ୍ ସାମ୍ରାଜ୍ୟ ଓ ପତିଆରା ଚର୍ଚ୍ଚାର ବିଷୟ ହୋଇଛି। ମାତ୍ର କେଇଟା ପରିବାର ଭିତରେ ଜିଲାର ଯୋଗାଣ ବ୍ୟବସ୍ଥା ସୀମିତ ରହିଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଯୋଗାଣ ବିଭାଗର ପୂର୍ବତନ ଡ୍ରାଇଭରଙ୍କ ଭାଇ ଜିଲାର ଏମ୍‌ଡିଏମ୍ ଚାଉଳ ବଣ୍ଟନ ଠିକା

- ବଲାଙ୍ଗୀରରେ କୋଠା, ଟିଟିଲାଗଡ଼ରେ ରାଇସ୍ ମିଲ୍
- ଡୁଷୁରା ଏଗ୍ରି-ଗୋଦାମ ପାଇଁ ନିୟମ ଉଲ୍ଲଂଘନ ଅଭିଯୋଗ

ପାଇଛନ୍ତି। ତାଙ୍କର କିଛି ବ୍ୟବସାୟିକ ସହଯୋଗୀଙ୍କ ନାଁରେ ଜିଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳରେ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ଠିକା ମଧ୍ୟ ସେମାନେ ହାତେଇଛନ୍ତି । କିଛି ମାସ ତଳେ ଡୁଷୁରାଠାରେ ରାଜ୍ୟ ସମବାୟ ବିଭାଗ ପକ୍ଷରୁ ଏକ ଏଗ୍ରି-ଷ୍ଟୋରେଜ୍ ପ୍ରତିଷ୍ଠା କରାଯିବାକୁ ଟେଣ୍ଡର ହୋଇଥିଲା । ପୂର୍ବତନ ଡ୍ରାଇଭର ଜଣକ ତାଙ୍କ ଭାଇଙ୍କ ନାଁରେ ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଥିଲେ ଏବଂ ଯୋଗାଣ ବିଭାଗର ଗାଇଡଲାଇନ୍ ଉଲ୍ଲଂଘନ କରି ଏଗ୍ରି-ଷ୍ଟୋରେଜ୍ ପାଇବାକୁ ଉଦ୍ୟମ କରିଥିଲେ। ତେବେ ପ୍ରତିପକ୍ଷଙ୍କ ଅଭିଯୋଗ ପରେ ଏହି ମାମଲା ଏବେ ହାଇକୋର୍ଟରେ ପହଞ୍ଚି ଥିବା ଜଣାପଡିଛି। ଯେଉଁ ଜମିରେ ଏଗ୍ରି-ଷ୍ଟୋରେଜ ନିର୍ମାଣ ହେବ ବୋଲି ଦର୍ଶାଇଛନ୍ତି ସେଠାକୁ ସବୁଦିନିଆ ପ୍ରଶସ୍ତ ରାସ୍ତା ନ ଥିବା ସତ୍ତ୍ୱେ ବିଭାଗ ପକ୍ଷରୁ ଅହେତୁକ ଅନୁକମ୍ପା ଦେଖାଯାଇଛି। ଭୁଲ ତଥ୍ୟ ଦିଆଯାଇ ବ୍ୟକ୍ତି ଜଣକ ଗୋଦାମ ହାସଲ କରିବାକୁ ଉଦ୍ୟମ କରିଛନ୍ତି। ଖୁବ୍ କମ୍ ଦିନରେ ଦୁଇଭାଇ ବଲାଙ୍ଗୀର ସହର ମୁଖ୍ୟ ରାସ୍ତାରେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ଏକ ଦ୍ୱିତଳ କୋଠା କିଣି ଏବେ ସେଥିରୁ ଲକ୍ଷାଧିକ ଟଙ୍କା ଭଡା ପାଉଛନ୍ତି । ଏହା ସହିତ ଟିଟିଲାଗଡ଼ ନିକଟରେ ଏକ ରାଇସ ମିଲ ପ୍ରତିଷ୍ଠା କରିଛନ୍ତି। ସେମାନଙ୍କ ହାତରେ ଏବେ ରାଇସ ମିଲ, ପିଡିଏମ୍, ଏମ୍‌ଡିଏମ୍, ଗୋଦାମ ଘର ଓ ଆହାର କାର୍ଯ୍ୟକ୍ରମ ରହିଥିବାରୁ ବ୍ୟାପକ ଧରଣର ଚାଉଳ ରିସାଇକ୍ଲିଂ କରୁଥିବା ଅଭିଯୋଗ ହୋଇଛି । ଏତେ ସବୁ ବେଆଇନ୍ କାର୍ଯ୍ୟ କରୁଥିବା ସାଧାରଣରେ ଖୋଲାଖୋଲି ଚର୍ଚ୍ଚା ହେଉଥିଲେ ମଧ୍ୟ ଭିଜିଲାନ୍ସ ବିଭାଗ ଓ ଜିଲା ପ୍ରଶାସନ କାହିଁକି ଚୁପ୍ ହୋଇ ବସିରହିଛନ୍ତି ତାହା ଜଣାପଡିନାହିଁ । ଡୁଷୁରା ହାତୀସରା ଗୋଦାମ ଘର ଟେଣ୍ଡର ପ୍ରକ୍ରିୟା ଅନିୟମିତତା ନେଇ ପ୍ରଶ୍ନ କରାଯିବାରୁ ଜିଲା ଯୋଗାଣ ଅଧିକାରୀ ଅଭିରାମ ପ୍ରଧାନ ଟେଣ୍ଡର ପ୍ରକ୍ରିୟାରେ ହିଁ ଏହା ଫାଇନାଲ ହୋଇଥିବା ସୂଚନା ଦେଇଛନ୍ତି । ଏସବୁ ଦୁର୍ନୀତିକୁ ନେଇ ଭିଜିଲାନ୍ସ ଡିଏସ୍‌ପି କାଦମ୍ବିନୀ ସାମଲଙ୍କୁ ପଚରାଯିବାରୁ ଏଦିଗରେ କ'ଣ କରାଯାଇପାରିବ ସେନେଇ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

## ରାମଲୀଳା କଳାକାରଙ୍କ ବିୟୋଗରେ ଶୋକ

**ତରଭା, ୨।୮(ଡି.ଏନ.ଏ.)**

ରାମଲୀଳା କଳାକାର ତଥା ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ସରଗଜ ଗ୍ରାମର ନିମାଇଁ ଚରଣ ମିଶ୍ର(୬୩)ଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସେ ଗତ ବର୍ଷଠାରୁ କ୍ୟାନସର ରୋଗରେ ପୀଡିତ ହୋଇଥିଲେ। ବଲାଙ୍ଗୀର ଭୀମଭୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ବନ୍ଧୁ ପରିଜନଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ । ଗାଁ ମଶାଣିରେ ଗୁରୁବାର ଅପରାହ୍ନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ବାସୁଦେବ ମିଶ୍ର ମୁଖାଗ୍ନି ଦେଇଥିଲେ। ପୋଷ୍ଟ ମାଷ୍ଟରଭାବେ କାର୍ଯ୍ୟ କରୁଥିବା ନିମାଁଇଚରଣ ସରଗଜ ରାମଲୀଳା କମିଟିର ସକ୍ରିୟ ସଦସ୍ୟ ଥିଲେ।

## ଅବ୍ୟବସ୍ଥାରେ ଚାଲିଛି କେନ୍ଦୁପତ୍ର ରେଞ୍ଜ ଅଫିସ

**ଗୁଡଭେଲା, ୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଡୁଷୁରା ଏନ୍ଏସି ଅଧୀନ ମହିପୁରଠାରେ ଥିବା କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ ଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ଏହି ରେଞ୍ଜ ଅଧୀନରେ ୬୨ଟି କେନ୍ଦୁପତ୍ର ଫଡି ରହିଛି । ସେଥିମଧ୍ୟରୁ ୨୪ଟିର ସ୍ଥାୟୀ ଗୃହଥିବା ବେଳେ ୩୮ଟି ଅସ୍ଥାୟୀ ଗୃହରେ ଚାଲିଛି। ଚଳିତ ବର୍ଷ ୧କୋଟି ୯୮ ଲକ୍ଷ କେନ୍ଦୁପତ୍ର କେରି ସଂଗ୍ରହ କରିବା ଲକ୍ଷ ରହିଥିବା ବେଳେ ୯୮ଲକ୍ଷ ୫୧ହଜାର କେନ୍ଦୁପତ୍ର କେରି ସଂଗ୍ରହ କରାଯାଇଥିବା ରେଞ୍ଜର ବାଲ୍ମିକି ବିଶି କହିଛନ୍ତି । ଅନ୍ୟପକ୍ଷରେ ଉକ୍ତ ପତ୍ରଗୁଡିକ ସଂଗ୍ରହ କରି ରଖିବା ପାଇଁ ୫ଟି ଗୋଦାମ ଗୃହ ରହିଥିବା ବେଳେ ସେ ମଧ୍ୟରୁ ୩ଟି ଖରାପ ହୋଇ ପଡିଛି। ଗୋଟିଏ ଗୋଦାମ ଗୃହରୁ ପାଣି ଗଳୁଥିବାରୁ ତାହାକୁ ଆଉ ବ୍ୟବହାର କରି ହେଉ ନ ଥିବା କର୍ମଚାରୀମାନେ କହନ୍ତି । ଏପରିକି ବହୁ ସମୟରେ ଆବଶ୍ୟକ କର୍ମଚାରୀ ମଧ୍ୟ ରହୁ ନାହାନ୍ତି। ଜଣେ ରେଞ୍ଜର, ୫ ଫରେଷ୍ଟର ଓ ୫ଜଣ ପରେଷ୍ଟ ଗାର୍ଡ ରହିବା ସ୍ଥାନରେ ଜଣେ ରେଞ୍ଜର, ଜଣେ ଫରେଷ୍ଟର ଓ ୩ ଜଣ ପରେଷ୍ଟଗାର୍ଡ ରହିଛନ୍ତି । ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ମହୀପୁର ରେଞ୍ଜ କାର୍ଯ୍ୟାଳୟ ପରିସରରେ ଜରାଜୀର୍ଣ୍ଣ ଅବସ୍ଥାରେ କେନ୍ଦୁପତ୍ର ଗୋଦାମ ଗୃହ।

ସାମାଜିକ, ଆଧାତ୍ମିକ ସଚେତନତା ଶିବିର

## କୁସଂସ୍କାର ଦୂରୀକରଣ ଉପରେ ଗୁରୁତ୍ୱ

**ମୁରିବାହାଲ, ୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଗତ ୩୧ ତାରିଖଠାରୁ ଆରମ୍ଭ ହୋଇଥିବା ସାମାଜିକ ଏବଂ ଆଧାତ୍ମିକ ସଚେତନା ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଧନ୍ଦାମୂଳକ ଶିକ୍ଷାର ଏକ ଅଂଶ ଭାବେ ପରିଚିତ ଆଧାତ୍ମିକ ସଚେତନା କର୍ମଶାଳା କେନ୍ଦ୍ରାପଡା ହରିହରନନ୍ଦ ମାତୃ ଆଶ୍ରମ ଦ୍ୱାରା ଆୟୋଜିତ ହୋଇଥିଲା। ଏଥିରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୨୦୦ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ପୀତବାସ ସାହୁ, ବିଜ୍ଞାନ ଶିକ୍ଷକ ରାଜକୁମାର ଭୋଇ ଓ ଓଷ୍ଟା ସଂଘ ଜିଲା ଉପସଭାପତି ପ୍ରଦୀପ ପୁଟେଲ ପ୍ରମୁଖ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ କେନ୍ଦ୍ରାପଡା ହରିହରନନ୍ଦ ମାତୃ ଆଶ୍ରମର ସନ୍ୟାସିନୀ ସରଦାନନ୍ଦ ମା, ଜ୍ଞାନସ୍ୱରୂପା ମା, ଗିରିଜାନନ୍ଦ ମା ଓ ବ୍ରହ୍ମଚାରିଣୀ ଝରଣା ମା ପ୍ରମୁଖ ଯୋଗଦେଇ ଉତ୍ତମ ଚରିତ୍ର ଗଠନ, କୁମାରୀର ପବିତ୍ରତା, ଯୋଗାସନ ଦ୍ୱାରା ଶରୀରର ବିକାଶ, ଭଗବତ ଗୀତା ପଠନ, ଆଧାତ୍ମିକ ଚିନ୍ତା, ସମାଜରେ କୁସଂସ୍କାର ଦୂରୀକରଣ ଉପରେ ଛାତ୍ରୀମାନଙ୍କୁ ସଚେତନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ଶିକ୍ଷୟିତ୍ରୀ ରଶ୍ମିଲତା ପାତ୍ର, ହେମାଙ୍ଗିନୀ ମେହେର, କିଶୋର ମହାନ୍ତି, ଆନନ୍ଦ ପ୍ରସାଦ ମୁଟକିଆ ପ୍ରମୁଖ ଉପସ୍ଥିତ ଥିଲେ।



ସାମାଜିକ, ଆଧାତ୍ମିକ ସଚେତନା ଶିବିରରେ ଉପସ୍ଥିତ ଛାତ୍ରୀ, ଶିକ୍ଷୟିତ୍ରୀଶିକ୍ଷକ ଓ ସନ୍ୟାସିନୀମାନେ।

ହିତାଧିକାରୀ ବଛାନିଛାରେ ଗପଲତି ଅଭିଯୋଗ

## ଆବାସ ଯୋଜନାରୁ ବଁଚିତ୍ ହକ୍‌ଦାର ହିତାଧିକାରୀ

**ଲୋଇସିଂହା,୨।୮(ଡି.ଏନ୍.ଏ.)**

୨୦୨୨ ତକ୍ ଦେଶର ସବୁ ମାଟି ଘର ପକାଘରରେ ପରିନତ କରବାକେ କେନ୍ଦ୍ର ଆର ରାଏଜ୍ ସରକାର ଯୋର ଦେଇ କହୁଛନ୍। ଇଆଡ଼େ ନିହାତି ଗରିବ୍ ଦୁଖି, ହକ୍‌ଦାର ହିତାଧିକାରୀ ବଛାନିଛାରେ ଗପଲତି ଲାଗି ଯୋଜନାର ଲାଭ ନାଇଁପାଏବାର। ସେନ୍‌ତା ଥିଲାବାଲା ଲୋକ୍ ଧରାକରା, ଲାଁଚ୍‌ଖୁଁଚ୍ ଦେଇ ଯୋଜନାର ଲାଭ ହାତଉଛନ୍। ଏନ୍‌ତା ଗୁଟେ ଘଟନା ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଁଚେତ୍ ସଦର ଗାଁରେ।

ସୂଚନା ଅନ୍‌ସାରେ ହୀରାପୁର ଗାଁର ଧନ ସାହୁ। ପରିବାର କହେଲେ ମାଏକିନା ଆର ୨ ପୁଓକେ ନେଇ ତାକର ସଁସାର। ଧନ ଝନେ ନିହାତି ଗରିବ୍ ଲୋକ୍ ହେଇଥିଲାବେଲେ ନାଁକେ ଝନେ ଚାଷୀ। ସେ କୁଲି ମଜୁରି କରି ଯାହା କମଉଛନ୍ ସେଥିରେ ୪ ପରାନୀ କୁଟୁମ ଚଲୁଛନ୍। ପଁଚେତ୍‌ରୁ ଘର ଖଁଡ଼େ ମିଲବା ବଲି ସୁନି ପରିବାରର ଖୁସିର ଠିକାନା ନାଇଁଥାଇ। ହେଲେ ତାଲିକାରେ ଥିଲାବାଲା ଲୁକ୍‌କୁ କାର୍ଯ୍ୟାଦେଶ ମିଲିଥିଲାବେଲେ ଧନ ଉପେକ୍ଷିତ ହେଇଥିବାର ଅଭିଯୋଗ କରିଛନ୍। ଇ ଘଟନାକେ ନେଇ ଗାଁରେ ଅସନ୍‌ତୋଷ ପରକାଶ ପାଇଛେ। ଘଟନା ବାବ୍‌ଦେ ମତାମତ ନେବାର ଲାଗି ପିଇଓ ଲୋକନାଥ ନାଏକଙ୍କର ମୋବାଇଲ ନଂ.୯୪୮୦୦୧୧୬୧ରେ ଯୋଗାଯୋଗ କରାଯାଇଥିଲା। ହେଲେ ମୋବାଇଲ ସ୍ୱିଚ୍‌ଅଫ୍ ଥିବାରଲାଗି ତାକର ମତାମତ ନାଇଁ ମିଲିପାରି। ଜିଲା ପରଶାନ ପଁଚେତ୍‌ରେ ହେଉଥିବାର ହିତାଧିକାରୀ ଚୟନ ଉପରେ ତଦଁତ୍ କରି ପଦକ୍ଷେପ ନେବାକେ ଗାଁବାସୀ ଦାବି କରିଛନ୍।



ଧନ ସାହୁ

## ଅବ୍ୟବସ୍ଥାରେ ବନ୍ଧପଡ଼ା, ରାମଚନ୍ଦ୍ରପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର

### ସ୍ଥାୟୀ ଡାକ୍ତର, ଔଷଧ ଯୋଗାଇବାକୁ ପତ୍ର ଲେଖିଲେ ବ୍ଲକ ଅଧ୍ୟକ୍ଷା

**ଦେଓଗାଁ,୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ବନ୍ଧପଡ଼ା ଓ ରାମଚନ୍ଦ୍ରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନ ଥିବାରୁ ରୋଗୀ ସେବା ବ୍ୟାହତ ହେଉଛି। ଅନ୍ୟପକ୍ଷେ ଫାର୍ମାସିଷ୍ଟ ଏବଂ ଷ୍ଟାଫନର୍ସଙ୍କ ଭରସାରେ ହସ୍ପିଟାଲ ଚାଲିଛି। ଦେଓଗାଁ ବ୍ଲକ ଅଧ୍ୟକ୍ଷା ରୀନା ମେହେର ଉଭୟ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସେତିକିବେଳେ ସ୍ଥାନୀୟ ଜନସାଧାରଣ ବ୍ଲକ ଅଧ୍ୟକ୍ଷାଙ୍କୁ ହସ୍ପିଟାଲର ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଏନେଇ ବ୍ଲକ ଅଧ୍ୟକ୍ଷା ମେହେର ଉଭୟ ଚିକିତ୍ସାଳୟକୁ ତୁରନ୍ତ ସ୍ଥାୟୀ ଡାକ୍ତର ନିଯୁକ୍ତି ଏବଂ ଆବଶ୍ୟକ ଔଷଧ ଯୋଗାଇ ଦେବାକୁ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଦାବି ଜଣାଇଛନ୍ତି।

## କିନ୍ନର ସମାଜ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

**ଟିଟିଲାଗଡ଼,୨।୮(ଡି.ଏନ.ଏ.)**

ସ୍ଥାନୀୟ କିନ୍ନର ସମାଜ ପକ୍ଷରୁ ଟିଟିଲାଗଡ଼ ସହରରେ ସଚେତନତା ଶୋଭାଯାତ୍ରା ତଥା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୌର ପରିଷଦ କାର୍ଯ୍ୟାଳୟରୁ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କ ଉପସ୍ଥିତିରେ ଶୋଭାଯାତ୍ରା ବାହାରି ସ୍ୱଚ୍ଛତା ସମ୍ବନ୍ଧୀୟ ବିଭିନ୍ନ ପ୍ଲାକାର୍ଡ ତଥା ସ୍ଲୋଗାନ ସହ କିନ୍ନର ସମାଜର କର୍ମକର୍ତ୍ତା ସହର ପରିକ୍ରମା କରିଥିଲେ। ଏପରି କି ସହରର ରାସ୍ତା, ଗଳିକନ୍ଦି, ସରକାରୀ କାର୍ଯ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ କିନ୍ନର ସମାଜର ପଶ୍ଚିମ ଓଡ଼ିଶା ମହାସଂଘ ସଭାପତି ନମିତା ମା, ସମ୍ପାଦକ କାମିନୀ କିନ୍ନର, ବଲାଙ୍ଗୀର ଜିଲା ସଭାପତି ମଧୁ ନାଏକ, ଦିବାନୀ, ମୀନା, ଜୁଲି ପ୍ରମୁଖଙ୍କ ସହ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।




କିନ୍ନର ସମାଜ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

- ଫସଲ ବୀମା, କାଳିଆ ଯୋଜନା ଟଙ୍କା ପ୍ରଦାନ ଦାବି

## ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କଲେ ଗ୍ରାମବାସୀ

**ଗୁଡଭେଲା,୨।୮(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଡୁଷୁରା ଏନ୍ଏସି ଅଧୀନ ୮ ନମ୍ବର ୱାର୍ଡ ମହିପୁର ଓ ବୁରୋମାଳ ଗ୍ରାମର ଚାଷୀମାନେ ଶୁକ୍ରବାର ଡୁଷୁରା ତହସିଲଦାର ଚନ୍ଦ୍ରମଣୀ ନାଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଇଛି ଯେ, ଜୁନ ମାସରେ ବର୍ଷା ପରେ ଚାଷୀ ଜମିରେ ଧାନ ବୁଣିବା ସହ ତଳି ପକାଇଥିଲେ। ହେଲେ ବର୍ତ୍ତମାନ ପାଣି ଅଭାବରୁ ଧାନ ଗଛଗୁଡିକ ମରିବାକୁ ବସିଲାଣି। ଏପରି କି କୁକେଡମାଳ ଗ୍ରାମସ୍ଥିତ ତେଲନଦୀଠାରେ ଥିବା ବୃହତ୍ତ ଉଠା ଜଳସେଚନ ପ୍ରକଳ୍ପର ଭୂଲ ସର୍ଭେ ଯୋଗୁ ଦୁଇ ବର୍ଷ ହେଲା ମହିପୁର ଏବଂ ବୁରୋମାଳ ଚାଷ ଜମିକୁ ପାଣି ଆସୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ଅଞ୍ଚଳକୁ ମରୁଡି ଘୋଷଣା କରି କ୍ଷତିପୂରଣ ପ୍ରଦାନ ସହ କାଳିଆ ଯୋଜନା ଟଙ୍କା ପ୍ରଦାନ କରିବାକୁ ଗ୍ରାମବାସୀ ତହସିଲଦାରଙ୍କୁ ଜଣାଇଥିଲେ। ଦାବିପତ୍ର ପ୍ରଦାନ ବେଳେ କାଉନସେଲରଲ ପ୍ରୋମୋଦ ନନ୍ଦ, ଚିନ୍ତାମଣୀ ଭୋଇ, ରିଚପାଳ ଧରୁଆ, କୈଳାସ ଭୋଇ, ରଜନୀକାନ୍ତ ଭୋଇ, ଘାସିରାମ କଏଣ୍ଡା, ଗୌରାଙ୍ଗ ଭୋଇ, ଘାସିରାମ ମହାପାତ୍ର, ରିଚପାଳ କୁମ୍ଭୁରା, ହେମନ୍ତ କଏଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



କୃଷକମାନେ ତହସିଲଦାରଙ୍କ ସହ ଆଲୋଚନା କରୁଛନ୍ତି।



“ତୁମେ ଅନ୍ୟଠାରୁ ଯେଉଁଭଳି ବ୍ୟବହାର ଆଶା କରୁନାହଁ, ସେଭଳି ବ୍ୟବହାର ତୁମେ ଅନ୍ୟ ପ୍ରତି ନ କରିବା ଉଚିତ।
-କନଫ୍ୟୁସିୟସ

# ଝାରସୁଗୁଡ଼ା ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଦାବି

■ଘାସି ସମାଜ ଆନ୍ଦୋଳନ ସପ୍ତମ ଦିବସରେ
■ଆଜି ଝାରସୁଗୁଡ଼ା ୧୨ଘଣ୍ଟିଆ ବନ୍ଦ ପାଳନ

ଝାରସୁଗୁଡାଅଫିସ୍/ଲଖନପୁର,୨।୮(ଡି.ଏନ୍.ଏ.)

ଝାରସୁଗୁଡ଼ା ମଙ୍ଗଳବଜାରସ୍ଥିତ ଜିଲା ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଦାବିରେ ଜୟ ଭିମ ଘାସି ସମାଜ ପକ୍ଷରୁ ଗତ ଶନିବାରଠାରୁ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣଧାରଣା ଜାରି ରହିଛି। ଏନେଇ କୌଣସି ସ୍ଥାୟୀପ୍ରତିକାର ନ ହେବାରୁ ଘାସି ସମାଜ ଶନିବାର ୧୨ଘଣ୍ଟିଆ ଝାରସୁଗୁଡ଼ା ବନ୍ଦ ଡାକରା ଦିଆଯାଇଛି। ଏହି ସମ୍ପର୍କରେ ଘାସି ସମାଜ ପକ୍ଷରୁ ଜିଲାପାଳ, ଏସ୍‌ପି ଓ ଥାନା ଆଇଆଇସିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବନ୍ଦ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଏଥିରେ ସରକାରୀ, ବେସରକାରୀ ଅନୁଷ୍ଠାନ, ସ୍କୁଲ୍, କଲେଜ, ବ୍ୟବସାୟୀକ ଅନୁଷ୍ଠାନ, ଚାରିଚକିଆ ଯାନବାହନ ଆଦି ବନ୍ଦ ରହିବ ବୋଲି ସଂଘ ସଭାପତି ଉମେଶ ବେହେରା ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ସଭାପତି କହିଛନ୍ତି, ମଙ୍ଗଳବଜାରସ୍ଥିତ ଜିଲା ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ର ମାଲିମୁଣ୍ଡାସ୍ଥିତ ଜିଲା ନୂଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନନ୍ତରିତ ହୋଇଛି। ସ୍ଥାନାନ୍ତରିତ ପରେ ସ୍ୱାସ୍ଥ୍ୟବିଭାଗ ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହା ଜଣାପଡିବା ପରେ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ଦାବିକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ର ପୂର୍ବଭଳି କାର୍ଯ୍ୟକ୍ଷମ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷପମ ହୋଇଥିବା ବେଳେ ଆବଶ୍ୟକ ଡାକ୍ତର, କର୍ମଚାରୀ ନାହାନ୍ତି। ଏପରି କି ସ୍ୱାସ୍ଥ୍ୟକେନ୍ଦ୍ର ସବୁବେଳେ ଖୋଲା ଯାଉନାହିଁ। ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇଁ ଆସିଲେ ସେମାନଙ୍କୁ ଚିକିତ୍ସା କରା ନ ଯାଇ ମାଳିମୁଣ୍ଡାସ୍ଥିତ ନୂଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଉଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କ ସ୍ୱାସ୍ଥ୍ୟସେବା ନ ପାଇ ଲୋକେ ମୃତ୍ୟୁବରଣ କରୁଥିବା ଅଭିଯୋଗ ହୋଇଛି। ଜୁଲାଇ ୨୦ତାରିଖରେ ଝାରସୁଗୁଡ଼ା ରେଲୱ୍ କଲୋନୀ ବାସିନ୍ଦା ଶନି ଷଣ୍ଢଙ୍କ ୮ମାସର ପୁଅ ସାହିଲ ଗରମ ଡାଲିରେ ପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜିଲା ନୂଆ ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଗତ ଶନିବାର ଆହତ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିଲା। ଶିଶୁପୁତ୍ରର ମୃତ୍ୟୁ ପାଇଁ ପରିବାର ଲୋକେ ଡାକ୍ତରଙ୍କ ଚିକିତ୍ସା ଅବହେଳାକୁ ଦାୟୀ କରିଥିଲେ। ଏହି ମୃତ ଶିଶୁପୁତ୍ର ଘାସି ସମାଜର ହୋଇଥିବାରୁ ସଂଗଠନ ଆନ୍ଦୋଳନକୁ ଓହ୍ଲାଇ ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରିଛି। ଅନ୍ୟପକ୍ଷେ ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୪ଘଣ୍ଟିଆ କାର୍ଯ୍ୟକ୍ଷମ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି ବୋଲି ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ କହିଛନ୍ତି।



ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଘାସି ସମାଜର ଧାରଣା ଜାରି ରହିଛି।

## ସଂକ୍ଷେପରେ

### ଝାରସୁଗୁଡ଼ା, ବନ୍ଧବାହାଲରେ ସମ୍ବଲପୁରୀ ଦିବସ ପାଳନ

ଝାରସୁଗୁଡା ଅଫିସ୍/ଲଖନପୁର,୨।୮(ଡି.ଏନ୍.ଏ): ଝାରସୁଗୁଡ଼ା ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ଥାନରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମତିଥିରେ ଅଗଷ୍ଟ ୧ତାରିଖକୁ ସମ୍ବଲପୁରୀ ଦିବସ ଭାବେ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଓ ସାମାଜିକ ସଂଗଠନର ମିଳିତ ଆନୁକୂଲ୍ୟରେ ସମ୍ବଲପୁରୀ ଦିବସ କାର୍ଯ୍ୟକ୍ରମ ପାଳନ ହୋଇଯାଇଛି। ଏହି ଅବସରରେ ସକାଳ ୮ଟାରେ କନକଦୁର୍ଗା ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ମଙ୍ଗଳବଜାର ଅଡିଟୋରିୟମ୍ ହଲ୍‌ରେ ପହଞ୍ଚିଥିଲା । ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋକକବି ପଦ୍ମଶ୍ରୀ ହଳଧର ନାଗ୍, ଚଳଚିତ୍ର ଅଭିନେତା ଅଟଳ ବିହାରୀ ପଣ୍ଡା, କବି ଜମିରି ଉଲ୍ଲା, ପୂର୍ବତନ ବିଧାୟିକା ରାଧାରାଣି ପଣ୍ଡା, ଶତ୍ରୁଘନ ଲୁହାର, ଦୁଃଖୀଶ୍ୟାମ ଷଡଙ୍ଗୀ, ସାନ୍ତନୁ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଏକତାମଞ୍ଚର ଜିଲା ପ୍ରଭାରୀ ଅଜିତ କୁମାର ରଥ ମଞ୍ଚ ସଞ୍ଚାଳନା କରିଥିଲେ । ସାଂସ୍କୃତିକ ସମ୍ପାଦକ ସୋନୁ ସୁନା ଅତିଥି ପରିଚୟ କରିଥିଲେ । ଆୟୋଜକଙ୍କ ପକ୍ଷରୁ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବଲପୁରୀ କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାକୁ କିଭଳି ବଞ୍ଚାଇ ରଖିହେବ ସେନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ବନ୍ଧବାହାଲ ସମଲେଇ ମନ୍ଦିରରେ ମନ୍ଦିର କମିଟି ପକ୍ଷରୁ ସମ୍ବଲପୁରୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଲଖନପୁର ବ୍ଲକ ଅଧକ୍ଷା ଶାନ୍ତି ପ୍ରଧାନ, ବେଲପାହାଡ଼ ପୌରାଧକ୍ଷ ପର୍ଶୁରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମନ୍ଦିର କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ କରାଳୀ, ସାଂସ୍କୃତିକ ସମ୍ପାଦକ ଉମାକାନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । କମିଟି ସଭାପତି ସାମଲ ନାଏକ, ସମ୍ପାଦକ ସୁବ୍ରତ ପ୍ରଧାନ ସମ୍ବଲପୁରୀ ଦିବସ ସମ୍ପର୍କରେ ସୂଚନା ଦେଇଥିଲେ । ଛାତ୍ରୀ ସାଈକିର୍ତ୍ତି ବାବୁ, ସୁରେନ୍ଦ୍ର ପାଢୀ ପ୍ରମୁଖ ସମଲେଇ ଭଜନ ଓ କବିତା ପାଠ କରିଥିଲେ।

### ବଳଦ କାଟିବା ଅଭିଯୋଗରେ ୩ ଅଟକ

ଲଖନପୁର,୨।୮(ଡି.ଏନ୍.ଏ)

ଝାରସୁଗୁଡ଼ା ଜିଲା ଲଖନପୁର ଥାନା ଅଧୀନ ପଣ୍ଡରୀ ଗ୍ରାମରେ ଗତ ଗୁରବାର ରାତି ଦୁର୍ବୃତ୍ତମାନେ ଏକ ବଳଦ ଚୋରି କରି କାଟୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡିଛନ୍ତି। ଏନେଇ ବଳଦ ମାଲିକ ଦିଦାମ ରୋହିଦାସ ଲଖନପୁର ଥାନା ରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି ଶୁକ୍ରବାର ଘଟଣାରେ ସମ୍ପୃକ୍ତ ଥିବା ଗ୍ରାମର ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଘଟଣାର ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ମିଳିଥିବା ସୂଚନା ମୁତାବକ, ଦିଦାମଙ୍କ ବଳଦ ପ୍ରତିଦିନ ଭଳି ଗୁରୁବାର ରାତିରେ ଘର ସମ୍ମୁଖରେ ବନ୍ଧା ହୋଇଥିଲା । ହେଲେ ରାତିରେ ବଳଦ ମାଲିକ ଦିଦାମ ପରିଶ୍ରା କରିବା ପାଇଁ ବାହାରକୁ ବାହାରିଥିଲେ। ସେତିକିବେଳେ ବନ୍ଧା ହୋଇଥିବା ବଳଦ ନ ଥିବା ଦେଖିବାକୁ ପାଇଥିଲେ। ବଳଦ ଚୋରି ହୋଇଯାଇଥିବା ନେଇ ସେ ଖୋଜାଖୋଜି କରିଥିଲେ। ହେଲେ ଘରୁଠାରୁ ଦେଢଶହ ମିଟର ଦୂରରୁ କିଛି ଶବ୍ଦ ହେଉଥିବା ଶୁଣିବାକୁ ପାଇଥିଲେ। ସେ ସେଠାକୁ ଯାଇ ଦେଖିଲା ବେଳକୁ ୩ଜଣ ବ୍ୟକ୍ତି ବଳଦକୁ କାଟୁଥିବା ଜାଣିବାକୁ ପାଇଥିଲେ। ଏନେଇ ରାତିରେ ବଳଦ ମାଲିକ ଦିଦାମ ଗ୍ରାମର ଗ୍ରାମରକ୍ଷୀ ଓ ସରପଞ୍ଚଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ଖବରପାଇ ଗ୍ରାମରକ୍ଷୀ ଓ ସରପଞ୍ଚଙ୍କ ସମେତ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ କର୍ମଚାରୀ ଘଟଣାରେ ସମ୍ପୃକ୍ତ ଥିବା ୩ଜଣଙ୍କୁ ଥାନାକୁ ନେଇ ଅଟକ ରଖି ତଦନ୍ତ ଚଳାଇଛି।

## ରମ୍ଭେଲା ପଞ୍ଚାୟତରେ ଚାରା ରୋପଣ କାର୍ଯ୍ୟକ୍ରମ | ପ୍ରତି ପଞ୍ଚାୟତରେ ବୃକ୍ଷରୋପଣ କରିବାକୁ ଆହ୍ୱାନ

ଲଖନପୁର,୨।୮(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ରମ୍ଭେଲା ପଞ୍ଚାୟତ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ରାଜୀବ ଭବନଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସରପଞ୍ଚ ରିତାଞ୍ଜଳୀ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଶିବ ଟପ୍ପୋ, ମୁଖ୍ୟବକ୍ତା ରମ୍ଭେଲା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଯୋଗେଶ୍ୱରୀ ସେନାପତି, ସମ୍ମାନିତ ଅତିଥି ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର, ବନ୍ଧବାହାଲ ଫରେଷ୍ଟର ପ୍ରଦୀପ ନାୟକ, ସମିତିସଭ୍ୟା ସାବିତ୍ରୀ ପାଢୀ, ତିଲିଆ ସରପଞ୍ଚ ଠଣସୁନ୍ଦର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟନାରାୟଣ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ, ଡାକ୍ତର ସୌକତଅଲ୍ଲୀ ଖାନ୍, ପୂର୍ବତନ ସରପଞ୍ଚ ବିଦ୍ୟାଧର ନାୟକ, ପୂର୍ବତନ ସମିତିସଭ୍ୟ ସୁରେନ୍ଦ୍ର ପାଢୀ ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ହିଁ ଜୀବନ ଶୀର୍ଷକ ଏକ ଆଲୋଚନାଚକ୍ର ହୋଇଥିଲା । ଏଥିରେ ମୁଖ୍ୟଅତିଥି ଉପଜିଲାପାଳ ଟପ୍ପୋ କହିଥିଲେ ଶିଳ୍ପ ପାଇଁ ଜଙ୍ଗଲ କ୍ଷୟ ହେଉଛି । ମାନବ ସମାଜ ପାଇଁ ଶିଳ୍ପ ଯେତିକି ଜରୁରୀ ଜଙ୍ଗଲ ମଧ୍ୟ ଅଧିକ ଜରୁରୀ। ଏନେଇ ସରକାର ବୃକ୍ଷ ରୋପଣ କରି ଜଙ୍ଗଲ ସୃଷ୍ଟି କରିବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଯୋଜନା ସମ୍ପର୍କରେ ସମସ୍ତେ ଜାଣି ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏପରି କି ପ୍ରତି ପଞ୍ଚାୟତରେ ଏଭଳି କାର୍ଯ୍ୟକ୍ରମ କରି ଲୋକଙ୍କୁ ସଚେତନ କରି ବୃକ୍ଷ ରୋପଣ କରିବା ପାଇଁ ସେ କହିଥିଲେ। ଏହି ଅବସରରେ ରାଜୀବ ଭବନ ପରିସରରେ ଅଁଳା, ବଉଳ, ଲିମ୍ବ ଆଦି ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ଏଥିରେ ପଞ୍ଚାୟତ କର୍ମଚାରୀ ନୀରଞ୍ଜନ ପୂଜାରୀ, ଉହ୍ଲାସ ତ୍ରିପାଠୀ, ହାଇସ୍କୁଲ୍, ଶିଶୁମନ୍ଦିର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତି ରହି ସହଯୋଗ କରିଥିଲେ।


ମୁଖ୍ୟଅତିଥି ଉପଜିଲାପାଳ ଶିବ ଟପ୍ପୋ ଚାରା ରୋପଣ କରୁଛନ୍ତି।

# ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଲହୁଣୀପଡା, ୨।୮ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ରାଜୀବ ଗାନ୍ଧୀ ସେବା ସଦନଠାରେ ଗୁରୁବାର ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବ୍ଲକ ଅଧ୍ୟକ୍ଷ ପଣ୍ଡିତଚରଣ ମୁଣ୍ଡା ଅଧ୍ୟକ୍ଷତା କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧାନାଇଚରଣ ଗୁଡୁ, ଏବିଡିଓ ପ୍ରଶାନ୍ତ କୁମାର ପଣ୍ଡା, ଜିପିଓ ସାରିଆ ଲାକ୍ରା ପ୍ରମୁଖ ଅଧିକାରୀ ମଞ୍ଚାସୀନ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜାହ୍ନବୀ ମାହାନ୍ତ ପରିଚୟ ଓ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ କିଭଳି ଶାନ୍ତି ଶୃଙ୍ଖଳାର ସହିତ ସ୍ୱାଧୀନତା ଦିବସ ପାଳନ ହେବ ଏବଂ କାର୍ଯ୍ୟକ୍ରମକୁ ସରସସୁନ୍ଦର କରିବା ପାଇଁ ସହଯୋଗ କାମନା କରିବା ଉଚିତ ବୋଲି ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ ପାଇଁ ଗୀତ, ନୃତ୍ୟ, ବକ୍ତୃତା ପ୍ରବନ୍ଧ, ପରେଡ ପ୍ରତିଯୋଗିତା କରାଯିବ। ନୃତ୍ୟ ଓ ପରେଡ ପ୍ରତିଯୋଗିତା ପଡିଆରେ ହେବାକୁ ଥିବା ବେଳେ ଅନ୍ୟ ପ୍ରତିଯୋଗିତା ଆସନ୍ତା ୬ ତାରିଖ କରାଯିବ। ଭିନ୍ନଭିନ୍ନ ପ୍ରତିଯୋଗିତା ପାଇଁ ଭିନ୍ନ ଭିନ୍ନ ବିଚାରକ ମଣ୍ଡଳୀ ନିଯୁକ୍ତି କରାଯିବ। ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ମହାବିଦ୍ୟାଳୟ ବିଦ୍ୟାଳୟ କର୍ମଚାରୀ ଯୋଗ ଦେଇଥିଲେ ।


ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜନସାଧାରଣ ।

■ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ବ୍ଲକସ୍ତରୀୟ ଉପଦେଷ୍ଟା କମିଟି ବୈଠକ

# ବନାଞ୍ଚଳରେ ହେଉଥିବା କାର୍ଯ୍ୟକ୍ରମର ସମୀକ୍ଷା

ଲେଫ୍ରିପଡା,୨।୮(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ବୈଠକ ଗୃହରେ ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ବ୍ଲକ୍‌ସ୍ତରୀୟ ଉପଦେଷ୍ଟା କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ରାଣୀ ରାଜ୍ ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା କାମିନୀ କାଲୋ ଅତିଥି ଭାବେ ଯୋଗଦାନ କରିଥିଲେ। ବୈଠକରେ ଲେଫ୍ରିପଡା ଏବଂ ଉଜ୍ଜଳପୁର ବନାଞ୍ଚଳରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ଲେଫ୍ରିପଡା ଖଣ୍ଡୀୟ ପରିଚାଳନା ଏକକ ତରଫରୁ ସ୍ୱାଗତ ଜଣାଇ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ। ଉଜ୍ଜଳପୁର ବନାଞ୍ଚଳ କମିଟି ଟିମ ଲିଡର ଦିଗାମ୍ବର ଉପାଧ୍ୟାୟ ପ୍ରକଳ୍ପର ଅଭିନବୀକରଣ ଉପରେ ଆଲୋକପାତ କରି ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ପ୍ରଗତି ଉପରେ ଉପସ୍ଥାପନା କରିଥିଲେ। ବୈଠକରେ ସମନ୍ୱିତ ଶିଶୁ ବିକାଶ ସଂସ୍ଥା,ଓଡିଶା ଜୀବିକା ମିଶନ୍,ବ୍ଲକ୍ ଶିକ୍ଷା ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ ତଥା ମଙ୍ଗଳ ବିଭାଗର ବିଭିନ୍ନ ଯୋଜନାକୁ ସଂଯୋଗୀକରଣ କରାଯାଇ ବନସୁରକ୍ଷା କମିଟିର ସୁଦୃଢୀକରଣ କରାଯିବା ତଥା ଜଙ୍ଗଲ ଉପରେ ନିର୍ଭରଶୀଳତାକୁ କମାଇବା ଦିଗରେ ଆଲୋଚନା କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଗାମୀ ଦିନରେ ପ୍ରତ୍ୟେକ ବିଭାଗ ନିଜ ନିଜ ଯୋଜନା ସବୁ ଲୋକାଭିମୁଖୀ କରାଇବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଏହା ବ୍ୟତୀତ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଅଧିକରୁ ଅଧିକ ଆୟଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ଲୋକଙ୍କ ଚିରସ୍ଥାୟୀ ବିକାଶ କରାଗଲେ ହିଁ ଆମର ଜଙ୍ଗଲ ସୁରକ୍ଷା ହୋଇ ପାରିବ ବୋଲି ମତାମତ ପ୍ରଦାନ କରିଥିଲେ। ଏହି ବୈଠକରେ ସମନ୍ୱିତ ଶିଶୁବିକାଶ ଅଧିକାରୀ କିରଣବାଳା ଷଡଙ୍ଗୀ,ଓଡିଶା ଜୀବିକା ମିଶନ୍‌ର ଜେମ୍ସ ମି, ବ୍ଲକ୍ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ, ସହକାରୀ ଉଦ୍ୟାନ ଅଧିକାରୀ ପ୍ରତ୍ୟୁଷ ମହାନନ୍ଦ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଧୀର ପଟ୍ଟନାୟକ, ବନାଞ୍ଚଳ ଅଧିକାରୀ ଲାଲୁ ମଗର, ବନପାଳ ଚିତ୍ତରଞ୍ଜନ ପୁରୋହିତ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଉଷାବତୀ ଗର୍ଡିଆ, ସେବକର ଅଧ୍ୟକ୍ଷ ଅମୀୟନକାନ୍ତ ନାଏକ, ସଂଯୋଜକ ବିଶ୍ୱଜିତ ଷଡଙ୍ଗୀ, ସବ୍ୟସାଚୀ ରଥ, ସୌମ୍ୟା ମିଶ୍ର, ସୁବ୍ରତ ପଟେଲ, ଭବାନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।


ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଉପଦେଷ୍ଟା କମିଟି ବୈଠକରେ ଅଧିକାରୀ, ଅତିଥି।


**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONHQBBS 2019029, ତା.30.07.2019ରିଖ

କାର୍ଯ୍ୟର ନାମ : “ଏକ ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂଆ ରେଳ ଲିଙ୍କ ପ୍ରକଳ୍ପ ସମ୍ବନ୍ଧୀୟ କାର୍ଯ୍ୟ ତଦାରଖ/ନିରୀକ୍ଷଣ ଉଦ୍ଦେଶ୍ୟରେ ପୂର୍ବ ତଟ ରେଳପଥ, ବଲାଙ୍ଗୀରଙ୍କ ନିର୍ମାଣ ସଂଗଠନର ଅଧିକାରୀମାନଙ୍କ ବ୍ୟବହାର ନିମନ୍ତେ (02 ଗୋଟି ନନ୍-ଏସି ଟାଟା ସୁମୋ/ବୋଲେରୋ କିମ୍ବା ଅନୁରୂପ, 01 ଗୋଟି ପାଞ୍ଚ ସିଟ୍ ବିଶିଷ୍ଟ ପିକ୍-ଅପ୍ ଭ୍ୟାନ୍) ଭଡ଼ା ସୂତ୍ରରେ ନେବା ।”
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 15.77 ଲକ୍ଷ, EMD (ଟଙ୍କାରେ) : 31,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.21.08.2019 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-32/CC/19-20

**BEFORE THE JUDGE FAMILY COURT, BHUBANESWAR**
CP Case No. - 291/2018
Ashwini Kumar Pani ... Petitioner
Vrs
Rajalaxmi Panda ... Respondent
NOTICE U/O-5, RULE - 20 OF C.P.C.
To
Smt. Rajalaxmi Panda, aged about 30 years, D/o. Late Hrushikesh Panda of Mandiapalli, Infront of G.S.T.K., P.O.- Mandiapalli, P.S.- Gopalpur, Berhampur, Dist.-Ganjam.
Take notice that, the above named petitioner has instituted a suit for divorce U/s-13(1) (ia) of Hindu Marriage Act. 1955 against you to dissolve the marriage solemnized on 03.12.2016. As you are avoiding to receive summons issued from the Court time and again, hence you are hereby directed to appear in person on the 18th day of September 2019 at 10.30 A.M. positively to answer the claim, if any. In default of your appearance on the above mentioned date and time, the suit shall be heard and determined in your absence.
Given under my hand and the seal of the court this 30th day of July 2019.
Sd./- (Sri. A.K. Singh)
Judge Family Court
Bhubaneswar
Dist.- Khurdha, Odisha

**IN THE COURT OF PRINCIPAL JUDGE, FAMILY COURT, GUMLA**
O.S. 35/2018
Rubi Sharma........Plaintiff
Versus
Navneet Sharma.........Defendant
NOTICE FOR APPEARANCE
To
Navneet Sharma,S/o- Sundar Sharma, Vill- Ganesh Nagar, Rengali, PS- Rengali, Dist-Sambalpur (Odisha)
Whereas plaintiff has filed a case against you and two registered notice has been sent to your address but you did not appear.
You are hereby directed to appear on dated 13.08.2019 personally or through lawyer otherwise the case will heard exparte.
Issued on 22.07.2019
Sd./- Principal Judge
family Court, Gumla

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର,
୧୮/୧, ଅଇଁଠାପାଲି ରୋଡ୍, ସମ୍ବଲପୁର, ଓଡ଼ିଶା-୭୬୮୦୦୪
ୟୁକୋ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ବଲପୁର ଅନ୍ତର୍ଗତ ଶାଖା ଏବଂ କାର୍ଯ୍ୟାଳୟର ବୈଦ୍ୟୁତିକ କାମ ସମୀକ୍ଷା ନିମନ୍ତେ ପ୍ରମାଣିତ ବୈଦ୍ୟୁତିକ ସମୀକ୍ଷକମାନଙ୍କୁ ବଛାଯାଇ ତାଲିକାଭୁକ୍ତ କରିବା ନିମିତ୍ତ ବିଜ୍ଞାପନ
ୟୁକୋ ବ୍ୟାଙ୍କ କାର୍ଯ୍ୟାଳୟ ସମ୍ବଲପୁର ଅଧିନରେ ଥିବା ଅଫିସ ଓ ଶାଖାମାନଙ୍କରେ ବୈଦ୍ୟୁତିକ କାର୍ଯ୍ୟ ସମୀକ୍ଷା ନିମନ୍ତେ ପ୍ରମାଣିତ ବୈଦ୍ୟୁତିକ ସମୀକ୍ଷକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଛନ୍ତି । ଆଗ୍ରହୀ ବ୍ୟକ୍ତି ବିଶେଷ/ସଂସ୍ଥା ତା.୨୦/୦୮/୨୦୧୯ ଅପରାହ୍ନ ୨.୩୦ ଘଟିକା ମଧ୍ୟରେ ଉପର ଦର୍ଶିତ ଠିକଣାରେ ଦରଖାସ୍ତ ଦାଖଲ କରିପାରିବେ। ସମ୍ପୂର୍ଣ୍ଣ ବିବରଣୀ ବ୍ୟାଙ୍କର ୱେବ୍‌ସାଇଟ୍ www.ucobank.com ରେ ଉପଲବ୍ଧ ଅଛି ।
ତା:୦୨.୦୮.୨୦୧୯ — ଆଞ୍ଚଳିକ ପ୍ରବନ୍ଧକ
ସ୍ଥାନ: ସମ୍ବଲପୁର — ୟୁକୋ ବ୍ୟାଙ୍କ

**କାନାରା ବ୍ୟାଙ୍କ** (ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ୟୁନିକ ଡିଷ୍ଟ୍ରିବ୍ୟୁଟର୍ ଭବନ, କଟକ ରୋଡ୍, ଫ୍ଲାଏ ଓଭର ଆରମ୍ଭ, ଲକ୍ଷ୍ମୀ ସାଗର, ଭୁବନେଶ୍ୱର-୭୫୧୦୦୬, ଫୋନ୍ ନଂ.: ୦୬୭୪-୨୫୭୦୬୯୬
**ଗାଡି ବିକ୍ରୟ ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡିଗୁଡିକ କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ “ଯେଉଁଠାରେ ଯେପରି ଅଛି ଭିତ୍ତିରେ” ଟିକସ ଏବଂ ବୀମା ଦେୟ ସହିତ ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି।

| ଶାଖାର ନାମ ଏବଂ ଠିକଣା / ଫୋନ୍ ନଂ. | ଋଣଗ୍ରହୀତାଙ୍କ ନାମ/ ଆକାଉଣ୍ଟ ନଂ. / ଋଣ ତାରିଖ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ |
|---|---|---|---|
| ଖୋର୍ଦ୍ଧା (୩୩୬୬)/ ୭୬୦୫୦୦୯୦୮୭ | ବସନ୍ତ ଭଞ୍ଜ / ୩୩୬୬୭୬୮୦୦୦୦୮୫ / ୨୫.୧୦.୨୦୧୭ | Kapl Reo Auto / OD02AU8638 | ଟ.୬୦,୦୦୦/- |
| ଖୋର୍ଦ୍ଧା (୩୩୬୬)/ ୭୬୦୫୦୦୯୦୮୭ | ଦେବାଶିଷ ମିଶ୍ର / ୩୩୬୬୭୬୮୦୦୦୦୬୮ / ୨୫.୦୯.୨୦୧୭ | Kapl Reo Auto / OD02AT0161 | ଟ.୫୫,୦୦୦/- |
| ଗୋପାଳପୁର (୫୯୩୧)/ ୭୬୦୫୦୦୯୦୭୬ | ସମୀର କୁମାର ମଲ୍ଲିକ / ୫୯୩୧.୭୬୮.୨୨ / ୨୦.୦୧.୨୦୧୬ | APE AUTO / OD 05 T 0519 | ଟ.୬୦,୦୦୦/- |
| କଳାପଥର (୪୧୩୬)/ ୭୬୦୫୦୦୯୦୮୪ | ମାୟାଧର ସ୍ୱାଇଁ / ୪୧୩୬୭୬୮୦୦୦୦୫୦ / ୦୩.୦୮.୨୦୧୭ | E RICKSHAW / OD 33 W 7222 | ଟ.୪୫,୦୦୦/- |
| ନରାଜ ମାର୍ଥାପୁର (୩୨୯୭)/ ୭୬୦୫୦୦୯୦୯୦ | ଚିନ୍ମୟ ସାହୁ / ୩୨୯୭୭୬୮୦୦୦୦୧୪ / ୩୧.୦୩.୨୦୧୬ | PIAGGIO DALA AUTO / OD 05 T 5806 | ଟ.୬୦,୦୦୦/- |
| ନୟାବଜାର (୪୯୧୯)/ ୭୬୦୫୦୦୯୦୭୮ | ପଦ୍ମନାଭ ପାତ୍ର / ୪୯୧୯୭୬୮୦୦୦୦୨୪ / ୧୬.୦୪.୨୦୧୫ | TVS KING AUTO / OD 05 N 1562 | ଟ.୩୫,୦୦୦/- |
| ନୟାବଜାର (୪୯୧୯)/ ୭୬୦୫୦୦୯୦୭୮ | ଜିତେନ୍ଦ୍ର ବାରିକ / ୪୯୧୯୭୬୮୦୦୦୦୨୯ / ୧୪.୦୫.୨୦୧୫ | RE OPTIMA AUTO / OD 05 N 4585 | ଟ.୪୦,୦୦୦/- |
| ବାରିପଦା (୧୪୨୯)/ ୭୬୦୫୦୦୯୧୦୮ | ଶ୍ରୀ ରଞ୍ଜିତ ମୁଖୀ / ୧୪୨୯୭୪୦୦୦୬୩୩୪ / ୨୨.୦୬.୨୦୧୩ | Atulsmart D (Autorickshaw) / OD11B-0071 | ଟ.୧୨,୦୦୦/- |
| ବାରିପଦା (୧୪୨୯)/ ୭୬୦୫୦୦୯୧୦୮ | ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ / ୧୪୨୯୬୦୩୦୦୬୩୪୩ / ୧୯.୧୨.୨୦୧୨ | Renault India pvt ltd / Scala (Motor Car) / OD11B-1234 | ଟ.୧,୦୦,୦୦୦/- |
| ବାରିପଦା (୧୪୨୯)/ ୭୬୦୫୦୦୯୧୦୮ | ଶ୍ରୀ ରଞ୍ଜନ ନାୟକ / ୧୪୨୯୭୪୦୦୦୬୩୫୪ / ୨୪.୦୨.୨୦୧୫ | ATUL PL(AUTO RICKSHAW) / OD11D-3226 | ଟ.୩୦,୦୦୦/- |
| ଜଳେଶ୍ୱର (୪୧୩୧)/ ୭୬୦୫୦୦୯୧୨୬ | ଶ୍ରୀ ଜଗନ୍ନାଥ ବେରା / ୪୧୩୧୭୬୮୦୦୦୦୦୯ / ୩୦.୦୧.୨୦୧୫ | Indofarm 3040SC DI40 (Tractor) / OD01G-4797 | ଟ.୧,୫୦,୦୦୦/- |
| ବାସୁଦେବପୁର (୬୧୨୩)/ ୭୬୦୫୦୦୯୧୧୦ | ରମେଶ ଚନ୍ଦ୍ର ସେଠୀ / ୬୧୨୩୭୬୮୦୦୦୦୦୫ / ୨୭.୦୪.୨୦୧୬ | Alfa Plus (Auto Rickshaw Goods) / OD22F-1340 | ଟ.୮୦,୦୦୦/- |

ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବ ମାନ ଦାଖଲ କରିପାରିବେ:
୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ “......................... କ୍ରୟ ନିମନ୍ତେ ପ୍ରସ୍ତାବ” ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ଏହି ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ ଅର୍ଥାତ୍ ତା.୧୨.୦୮.୨୦୧୯ରିଖ ପୂର୍ବରୁ ଦାଖଲ କରିବେ।
୨. ପ୍ରସ୍ତାବ ସହିତ ଟ.୧୦,୦୦୦/-ର ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ କାନାରା ବ୍ୟାଙ୍କ ସପକ୍ଷରେ ଭୁବନେଶ୍ୱରକୁ ପୈଠ ଦର୍ଶାଇ ଦାଖଲ କରିବେ।
୩. ଗାଡି ଗୁଡିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ ତା.୦୯.୦୮.୨୦୧୯ରିଖ ସୁଦ୍ଧା ଯାଞ୍ଚ କରିପାରିବେ ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ /ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର ୭ଦିନ ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଦେୟ / ଫିସ୍ ବହନ କରିବେ।

ଏହି ନୋଟିସ୍ ଦ୍ୱାରା ଗାଡିର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ୭ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀଙ୍କୁ ହସ୍ତାନ୍ତରିତ କରାଯିବ।
ସ୍ଥାନ: ଭୁବନେଶ୍ୱର, ତାରିଖ: ୦୨.୦୮.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ଆଜି କ'ଣ କେଉଁଠି

**ସମ୍ବଲପୁର**

- ୨ ଦିନିଆ ଲାୟନ୍ସ କବାଡି ଲିଗ୍ ଉଦ୍‌ଘାଟନୀ ଉତ୍ସବ, ଟାଉନ ହାଇସ୍କୁଲ, ଡେଲି ମାର୍କେଟ, ସକାଳ ୯ଟା।
- ନୈତିକ ମୂଲ୍ୟବୋଧ ସଂପର୍କିତ ଆଲୋଚନା, ଛେଣ୍ଡ ନିର୍ମଳ ମୁଣ୍ଡା ବିଦ୍ୟାଳୟ, ଅପରାହ୍ନ -୪ଟା।

## ସଂକ୍ଷେପରେ

### ୧୧ ଦିନରେ ଆଇନଜୀବୀଙ୍କ ଆନ୍ଦୋଳନ

**ରାଉରକେଲା ଅଫିସ,୨।୮** - ଦୀର୍ଘ ୧୧ ଦିନ ଧରି ଏସ୍‌ଡିଜେଏମ୍‌ଙ୍କ ବଦଳି ନେଇ ରାଉରକେଲା ଓକିଲ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଛି। ଏ ନେଇ ଓଡିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ କୌଣସି ନିର୍ଭର ପ୍ରତିଶ୍ରୁତି ମିଳି ନ ଥିବାରୁ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ଏପରି ଅବସ୍ଥାରେ ଆସନ୍ତା ୧୪ ଯାଏ ଆନ୍ଦୋଳନ ଅବଧିକୁ ବଢାଇ ଦିଆଯାଇଛି। ଶୁକ୍ରବାର ସଂଘ ସାଧାରଣ ପରିଷଦ ବୈଠକରେ ମତ ପ୍ରକାଶ ପାଇଥିଲା ଯେ, ଆଇନ ବିଭାଗରେ ସ୍ୱଚ୍ଛତା ଏବଂ ଜନସାଧାରଣଙ୍କୁ ଉଚିତ ନ୍ୟାୟ ପ୍ରଦାନ ନେଇ ଏସ୍‌ଡିଜେଏମ୍‌ଙ୍କ ବଦଳି ଜରୁରି ହୋଇ ପଡିଛି । ଏହା ସମ୍ଭବ ନ ହେଲେ ଓକିଲ ସଂଘ ଆମରଣ ଅନଶନ ଚଳାଇବାକୁ ବାଧ ହେବ ବୋଲି ଏଥିରେ ନିଷ୍ପତ୍ତି ନିଆଯାଇ ଥିଲା। ଏହି ସାଧାରଣ ପରିଷଦ ବୈଠକରେ ସମସ୍ତ ଅଇନଜୀବୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧରେ ନୟନରଞ୍ଜନ ଦାସ, ପଞ୍ଚାନନ ଶତପଥୀ, ଦଣ୍ଡପାଣି ଚୌଧୁରୀ, ଅନନ୍ତ ବିଶୋଇ, କୈଳାସ ବେହେରା, କୈଳାସ ପ୍ରଧାନ, ଚଣ୍ଡି ପ୍ରସାଦ ଷଡଙ୍ଗୀ, ଅରୁଣ ଲେଙ୍କା, ଏମ୍. ମାଲେଶ୍ୱରମ, ପ୍ରବାଳ ବାରିକ, ନିହାର ମହାନ୍ତି, ବୁଲୁ ମିଶ୍ର, ପ୍ରମୋଦ ଦେବତା, ସନ୍ତୋଷ ନାୟକ, ସୁଶାନ୍ତ ଦାସ, ଦୀପକ ଦାସ, ଅଞ୍ଜନ ବାରିକ, ପ୍ରମିଳା ବେହେରା ଓ ସକୁନ୍ତଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଉଦିତନଗର ସୁବାସ ପାର୍କରେ ବୈଠକ

**ରାଉରକେଲା ଅଫିସ,୨।୮** - ମାତୃଭୂମି, ମାତୃଭାଷା ସହ ଓଡିଶାର କଳା ସଂସ୍କୃତି ଏବଂ ଐତିହ୍ୟକୁ ଉଜ୍ଜିବୀତ କରିବା ନେଇ ଶୁକ୍ରବାର ଉଦିତନଗର ସୁବାଶ ପାର୍କଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସହରର ବହୁ ପ୍ରବୀଣ ତରୁଣ ଅଧ୍ୟାପକ, ଶିକ୍ଷାବିତ, ବୁଦ୍ଧିବାଦୀ ଯୁବ ଗୋଷ୍ଠୀ ଯୋଗ ଦେଇଥିଲେ। ଅବନୀନ୍ଦ୍ର ଓଝାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟ ଛାତ୍ରୀଛାତ୍ର ମଧ ଯୋଗ ଦେଇଥିଲେ। ଏହି ଅବସରରେ ଯୁବ ବୁଦ୍ଧିଜୀବୀ ଫୋରମ ଗଠନ କରାଯାଇଥିଲା। ସୁଧାଂଶୁଶେଖର ପାତ୍ର, ପାର୍ଥସାରଥି ମିଶ୍ର, ଯୋଗେଶ୍ୱର ମିଶ୍ର, ପ୍ରଦୀପ ବିଶ୍ୱାଳ, ଶୈଳବାଳା ଷଡଙ୍ଗୀ, ଅଭିଷେକ ପାଣିଗ୍ରାହୀ, ମନୋଜ ହାଜରା, ସୌଦାମିନି ଓଝା, ପ୍ରତ୍ୟୁଷ ନାୟକ, ଓ ପରମେଶ୍ୱର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଯୋଗେଶ୍ୱର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

### ଶାଳଗଣ୍ଡି ସହ ପିକପ୍ ଜବତ, ୩ ଗିରଫ

**ଜମନକିରା, ୨।୮ (ଡି.ଏନ୍.ଏ.)** - ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବାମରା ବନ୍ୟପ୍ରାଣୀ ବନଖଣ୍ଡସ୍ଥ ବଡ଼ରମା ରେଞ୍ଜ କାଣିବନ୍ଧଲି ରାସ୍ତାରେ ଗୁରୁବାର ରାତିରେ ଏକ ପିକପ୍ ସହ ୬ ଖଣ୍ଡ ଶାଳଗଣ୍ଡି ଜବତ କରାଯାଇଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ସେମାନେ ହେଲେ ମହମ୍ମଦ ସମୀର, ଏସ୍. କେ.ରିଆଜ୍ ଏବଂ ଗୋପବନ୍ଧୁ ଡୁଙ୍ଗଡୁଙ୍ଗ । ସୂଚନା ଅନୁସାରେ, ବଡ଼ରମା ବନ ବିଭାଗ ପକ୍ଷରୁ ବିଳମ୍ବିତ ରାତିରେ ପାଟ୍ରୋଲିଂ ଚାଲିଥିଲା। ଏତିକିବେଳେ ମୁଣ୍ଡେନପାଲି ରେଞ୍ଜ କାଣିବନ୍ଧଲି ରାସ୍ତାରେ ଏକ ପିକଅପ୍ (ଓଡ଼ି ୧୫ ଏ ୬୪୭୫) ଗାଡ଼ିରେ ଶାଳ ଗଣ୍ଡି ବେଆଇନ୍ ଭାବେ ଚୋରି କରି ନିଆଯାଉଥିବା ଜଣାପଡ଼ିଥିଲା। ଏହି ଚଢ଼ାଉରେ ବଡ଼ରମା ରେଞ୍ଜର ନିଳାଦ୍ରୀନାଥ ସାହୁ, ଫରେଷ୍ଟର ଲେଖାରାଣୀ ମହାନନ୍ଦ, ଫରେଷ୍ଟଗାର୍ଡ଼ କୁମରମଣୀ କୁସୁମ, ସଞ୍ଜୀବ କିଷାନ ସହ ସ୍ପେସାଲ ସ୍କ୍ୱାର୍ଡ ସାମିଲ ଥିଲେ।

## ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର

# ମିଳିଲା ଆଧାର କାର୍ଡ, ଭତ୍ତା

**ରାଉରକେଲା ଅଫିସ, ୨।୮**

ରାଉରକେଲା ସେକ୍ଟର ୨୨ ନିକଟ ଇନ୍ଦିରାପାଲ୍ଲୀ ବସ୍ତିରେ ରାଜକିଶୋର ବେହେରା ପରିବାର ସହ ରହୁଛନ୍ତି। ତାଙ୍କ ଦିବ୍ୟାଙ୍ଗ ପୁଅ ସତ୍ୟନାରାୟଣ ଚଳିତ ବର୍ଷ ମାଟ୍ରିକ ପାସ୍ କରିଛନ୍ତି। ହେଲେ ଆଧାରକାର୍ଡ ନ ଥିବାରୁ ସେ କଲେଜରେ ନାମ ଲେଖାଇପାରୁ ନ ଥିଲେ। ସେହିଭଳି ସରକାରଙ୍କ ପକ୍ଷରୁ ମିଳୁଥିବା ଭିନ୍ନକ୍ଷମ ଭତ୍ତାରୁ ବି ସେ ବଞ୍ଚିତ ହୋଇଥିଲେ। ବିଶେଷକରି ଆଙ୍ଗୁଳି ଛାପ ଦେଇ ପାରୁ ନ ଥିବାରୁ ସତ୍ୟନାରାୟଣଙ୍କ ପାଇଁ ଆଧାରକାର୍ଡ ହାତେଇବା ସ୍ୱପ୍ନ ପାଲଟିଥିଲା। ବହୁ ଦିନରୁ ଏହା ପାଇବାକୁ ସେ ଚେଷ୍ଟା କରି ନିରାଶ ହୋଇଥିଲେ। ଶେଷରେ ତାଙ୍କ ପରିବାର ଲୋକେ ଧରିତ୍ରୀ ପ୍ରତିନିଧିଙ୍କୁ ଭେଟି ଏ ନେଇ ସହଯୋଗ କରିବାକୁ ନିବେଦନ କରିଥିଲେ। ଏଣୁ ଗତ ୨୯ ତାରିଖରେ 'ଆଧାର କାର୍ଡ ନାହିଁ ବୋଲି କଲେଜରେ ନାଁ ଲେଖାଇ ପାରିଲେନି' ଶୀର୍ଷକ ଏକ ବିସ୍ତୃତ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ରାଉରକେଲାରେ ପ୍ରତିକ୍ରିୟା ସୃଷ୍ଟି କରିଥିଲା। ଏ ନେଇ କେହି ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଜଣାଇବା ପରେ ମାତ୍ର ଦୁଇ ଦିନ ମଧରେ ସତ୍ୟନାରାୟଣଙ୍କ ଆଧାର କାର୍ଡ ପ୍ରସ୍ତୁତ ହେବା ସହ ତାଙ୍କୁ ଭିନ୍ନକ୍ଷମ ଭତ୍ତା ପାଇବା ନେଇ ପ୍ରଶାସନିକସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗୁରୁବାର ଲାଠିକଟା ଏବିଡିଓ ମାଧବ ପାଣିଗ୍ରାହୀ ତାଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିଛନ୍ତି। ତାଙ୍କୁ ଆଧାର କାର୍ଡ ବି ମିଳି ପାରିଛି। ଏବେ ସତ୍ୟନାରାୟଣ କଲେଜରେ ସ୍ୱଟ୍ ଆଡମିଶନ କରି ପାଠ ପଢ଼ିବାକୁ ଯାଉଛନ୍ତି। ମାତ୍ର ଦିନ କେଇଟାରେ ଏସବୁ ସମ୍ଭବ ହୋଇ ପାରିଥିବାରୁ ସତ୍ୟନାରାୟଣଙ୍କ ପରିବାର ଧରିତ୍ରୀ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ବାମ ହାତରେ ଲେଖି ମାଟ୍ରିକ ପାଶ୍ କରିଛନ୍ତି ସତ୍ୟନାରାୟଣ। ତାଙ୍କ ଡାହାଣ ହାତ ପାପୁଲି ଜନ୍ମରୁ ଅସ୍ୱାଭାବିକ ତଥା ବଙ୍କା ଥିବାରୁ ସେ ଆଧାରକାର୍ଡ ପାଇଁ ଆବଶ୍ୟକ ପଡୁଥିବା ଫିଙ୍ଗର ପ୍ରିଣ୍ଟ ଦେଇ ପାରୁ ନାହାନ୍ତି। ଏଣୁ ତାଙ୍କୁ ଆଧାର କାର୍ଡ ମିଳି ପାରୁ ନ ଥିଲା। ଏହି କାରଣରୁ ସେ ଚଳିତ ବର୍ଷ କଲେଜରେ ନାମ ଲେଖାଇବାରୁ ଏକ ପ୍ରକାର ବଞ୍ଚିତ ହେବାକୁ ଯାଉଥିଲେ। କେବଳ ହାତ ପାପୁଲିଟି ବଙ୍କା ଥିବାରୁ ସତ୍ୟନାରାୟଣଙ୍କୁ ନାମ ଲେଖାଠୁ ନେଇ ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ହେବାକୁ ପଡ଼ିଥିଲା।



ଦିବ୍ୟାଙ୍ଗ ସତ୍ୟନାରାୟଣ ବେହେରାଙ୍କୁ ଆଧାର କାର୍ଡ ଓ ଭତ୍ତା ପ୍ରଦାନ କରାଯାଉଛି।

**ଦିବ୍ୟାଙ୍ଗ ସତ୍ୟନାରାୟଣଙ୍କ ଦୁଃଖ ଦୂର ହେଲା**

- ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ କରି କେହି ଜଣାଇଲେ
- ମାତ୍ର ଦି ଦିନରେ ପ୍ରସ୍ତୁତ ହେଲା ଆଧାର କାର୍ଡ
- ଭିନ୍ନକ୍ଷମ ଭତ୍ତା ଦେଲେ ଲାଠିକଟା ଏବିଡିଓ
- ଚଳିତ ବର୍ଷ ମାଟ୍ରିକ୍ ପାସ୍ କରିଛନ୍ତି
- ଆଧାର ନ ଥିବାରୁ କଲେଜରେ ନାଁ ଲେଖାଇ ପାରି ନ ଥିଲେ
- ଏବେ କଲେଜରେ ସ୍ୱଟ୍ ଆଡମିଶନ କରିବେ

## ସଦସ୍ୟତା ଅଭିଯାନ ନେଇ ଭାଜପାର ସମୀକ୍ଷା

**ରାଉରକେଲା ଅଫିସ,୨।୮**

ଭାଜପା ପାନପୋଷ ସାଂଗଠନିକ ଜଲା କମିଟି ପକ୍ଷରୁ ଦଳୀୟ ସଦସ୍ୟତା ଅଭିଯାନ ନେଇ ଏକ ସମୀକ୍ଷା ବୈଠକ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସଭାପତି ଜଗବନ୍ଧୁ ବେହେରା ଅଧକ୍ଷତା କରିଥିଲେ। ରାଜ୍ୟ ସହ ସଂଗଠନ ମନ୍ତ୍ରୀ ଅମିତାଭ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ସଦସ୍ୟତା ଅଭିଯାନ ପ୍ରମୁଖ ରାଜେନ୍ଦ୍ର ସାହୁ ଉପସ୍ଥିତ ଅତିଥିଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ପାନପୋଷ ସାଂଗଠନିକ ଜିଲାରେ ବୁଥ୍‌ସ୍ତରରେ ସଦସ୍ୟତା ଅଭିଯାନ କେତେ ସଫଳତା ଲାଭ କରିଛି ସେ ନେଇ ସାହୁ ଆଲୋକପାତ କରିଥିଲେ। ଅସନ୍ତା ୧୧ ସୁଦ୍ଧା ଏହି ଅଭିଯାନକୁ କିପରି ଶେଷ କରାଯାଇ ପାରିବ ସେ ନେଇ ବୁଥ୍, ଶକ୍ତି କେନ୍ଦ୍ର, ମଣ୍ଡଳ ତଥା ଜିଲାସ୍ତରରେ ଅଭିଯାନକୁ ବ୍ୟାପକ କରିବାକୁ ଆଲୋଚନା କରାଯାଇ ଥିଲା। ରାଜ୍ୟ ଉପସଭାନେତ୍ରୀ ତଥା ଜିଲା ସଦସ୍ୟତା ପ୍ରଭାରୀ ସୁକେଶୀ ଓରାମ ସଂଗଠନକୁ ଶକ୍ତିଶାଳୀ ଓ ଲୋକାଭିମୁଖୀ କରିବାକୁ ଦଳୀୟ କର୍ମକର୍ତ୍ତା ନିଷ୍ଠାର ସହ ଦାଇତ୍ୱ ପାଳନ କିରବାକୁ ଆହ୍ୱାନ ଦେଇଥିଲେ। ଜିଲା ସଦସ୍ୟତା ସହ ପ୍ରମୁଖ ଲତିକା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା ସହ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଥିରେ ବିଭିନ୍ନ ମୋର୍ଚ୍ଚା କର୍ମକର୍ତ୍ତାଙ୍କ ସହ ବରିଷ୍ଠ ନେତା ଧୀରେନ ସେନାପତି, ନିହାର ରାୟ, ପ୍ରମିଳା ଦାସ, ପୂର୍ଣ୍ଣିମା କେର୍କେଟା, ଦୁର୍ଗା ତନ୍ତି, କଳ୍ପନା ଲେଙ୍କା, ତପନ ସ୍ୱାଇଁ, ଶୈଳେନ୍ଦ୍ର ମହାନ୍ତି, ସୁବ୍ରତ ପଟ୍ଟନାୟକ, ପ୍ରମିଳା ସୋନା, ସଂଜିତ ସାହୁ, ବିନ୍ଦର ସିଂ, ଜିତେନ୍ଦ୍ର ଅଗ୍ରୱାଲ, ଗଙ୍ଗାଧର ଦାସ, ଭଗବାନ ରାଉତ, ଭ୍ରମରବର ବେହେରା, ବସନ୍ତ ସାମଲ, ପରେଶ ମିଶ୍ର, ଅଜୟ କଂସାରୀ ପମୁଖ ଉପସ୍ଥିତ ଥିଲେ।



ପୁରସ୍କାର ବିଜେତାଙ୍କ ସହ ଆର୍‌ଏସ୍‌ପି ସିଇଓ।

## ବିଶ୍ୱକର୍ମା ରାଷ୍ଟ୍ରୀୟ ପୁରସ୍କାର ବିଜେତା ସମ୍ବର୍ଦ୍ଧିତ

**ରାଉରକେଲା ଅଫିସ, ୨।୮**

କେନ୍ଦ୍ର ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଦ୍ୱାରା ବିଶ୍ୱକର୍ମା ରାଷ୍ଟ୍ରୀୟ ପୁରସ୍କାର-୨୦୧୭ ବିଜେତାମାନଙ୍କୁ ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ ଶୁକ୍ରବାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଉତ୍ସବରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ପୁରସ୍କାର ପାଇଁ ଆର୍‌ଏସ୍‌ପିର ୨ଟି ଦଳ ଯୋଗ୍ୟ ବିବେଚିତ ହୋଇଛନ୍ତି। ହଟ୍‌ଷ୍ଟ୍ରିପ ମଲ ବିଭାଗର ସିନିୟର ଟେକନିସିଆନ ଦେବରାଜ ଷଡ଼ଙ୍ଗୀ, ବେଣୁଧର ନାୟକ ଓ ବିନୋଦ ବିହାରୀ ମହାପାତ୍ର ଏବଂ ଆଶିଷ୍ଟାଣ୍ଟ ରୋଲର ତାପସ ଜେନା, ପ୍ରଫୁଲ୍ଲ ପାତ୍ରଙ୍କୁ ନେଇ ଗଠିତ ଦଳ କ୍ଲାସ ବି ରେ ଯୋଗ୍ୟତା ଲାଭ କରିଛନ୍ତି। ସେହିପରି ଏନର୍ଜି ମ୍ୟାନେଜମେଣ୍ଟ ବିଭାଗରେ ସିନିୟର ଟେକନିସିଆନ ସୁରେଶ ଚନ୍ଦ୍ର ନାୟକ, ଭାଗୀରଥୀ ସେଠୀ, ଅଜୟ ମହାନ୍ତି, ଲଲାଟେନ୍ଦୁ କେଶରୀ ନନ୍ଦ ଏବଂ ହଟ୍‌ଷ୍ଟ୍ରିପ ମିଲ ବିଭାଗର ଆସିଷ୍ଟାଣ୍ଟ ରୋଲର ପ୍ରଫୁଲ୍ଲ ମହାପାତ୍ରଙ୍କୁ ନେଇ ଗଠିତ ଅନ୍ୟ ଏକ ଦଳ କ୍ଲାସ ସିରେ ଯୋଗ୍ୟତା ଲାଭ କରିଛନ୍ତି। ଏମାନେ ଫିନିସିଂ ମିଲରେ ସୂଚାରୁ ରୋଲିଙ୍ଗ ଏବଂ ବ୍ଲାଷ୍ଟ ଫର୍ନେସ ଗ୍ୟାସ ବ୍ଲିଡର ଷ୍ଟାକ ପାଇଲଟ ବର୍ଣରର ଲାଇଟିଂ ପ୍ରକଳ୍ପ ପାଇଁ ଏହି ପୁରସ୍କାର ଲାଭ କରିଛନ୍ତି। ଅନୁଷ୍ଠିତ ଉତ୍ସବରେ କାରଖାନା ବିଜେତାମାନଙ୍କ ଉପଲବ୍ଧିକୁ ନେଇ ଗର୍ବିତ ହେବା ସହ ସୃଜନଶୀଳ କାର୍ଯ୍ୟଧାରା ଆଗାମୀ ଦିନରେ ଗୌରବ ଆଣିବ ବୋଲି ସିଇଓ ଚଟ୍ଟରାଜ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ଦ୍ଦେଶକ ରାଜବୀର ସିଂ, କାର୍ଯ୍ୟବିଭାଗର ନିର୍ଦ୍ଦେଶକ ଗୌତମ ବାନାର୍ଜୀ, ପରିଚାଳନା ବିଭାଗର ନିର୍ଦ୍ଦେଶକ ଦିଲୀପ ମହାପାତ୍ର ପ୍ରମୁଖ ଯୋଗଦେଇ କାରଖାନା ମଧ୍ୟରେ ସୃଜନଶୀଳତା ସଂସ୍କୃତିକ ଅଧିକ ସୁଦୃଢ଼ କରିବ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ପ୍ରକଳ୍ପ ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ ଅତନୁ ଭୌମିକ, ଅର୍ଥ ବିଭାଗର ମହାପ୍ରବନ୍ଧକ ପି.ନିଗମ ଓ ଲୋକସମ୍ପର୍କ ବିଭାଗର ଡିଜିଏମ୍ ରମେନ୍ଦ୍ର କୁମାର ଉପସ୍ଥିତ ଥିଲେ। ଏହି ଉତ୍ସବକୁ କାର୍ମିକ ବିଭାଗର ଏସ.ବଡପଣ୍ଡା ପରିଚାଳନା କରିଥିବା ବେଳେ ଡିଜିଏମ୍ ସୁଶ୍ରୀ ବିଜୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟରେ ଏହି ପୁରସ୍କାର ୧୯୬୫ରୁ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ଯାଏ ଆର୍‌ଏସ୍‌ପିର ୨୦୫ କର୍ମଚାରୀ ଏହି ପୁରସ୍କାର ପାଇଛନ୍ତି।

### ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ,୨।୮**

ଦେଓଗାଁ ଗାନ୍ଧୀ ମହାବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ବିଭୀଷଣ ପଟ୍ଟନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧକ୍ଷା ସନ୍ଧ୍ୟାରାଣୀ ବରାଳଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମଚାରୀ ସଂଘର ସଭାପତି ରାଜେନ୍ଦ୍ର ସାହୁ, ପ୍ରଦୀପ ଦାସ, ସୁରେନ୍ଦ୍ର ବେହେରା, ନୃପେନ ମହନ୍ତ ପ୍ରମୁଖ ବିଦାୟୀ କର୍ମଚାରୀ ପଟ୍ଟନାୟକଙ୍କ କାର୍ଯ୍ୟଦକ୍ଷତା ଓ କର୍ତ୍ତବ୍ୟନିଷ୍ଠାର ପ୍ରଶଂସା କରିଥିଲେ। ଏଥିସହିତ ଅଧକ୍ଷା ବରାଳ ଏବଂ ଅଧାପିକା ନମିତା ରଥ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରିଥିଲେ। ଏହି ସଭାରେ କଲେଜର ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀମାନେ ସାମିଲ ଥିଲେ।

### ସିଂହଭୂମ ସାଂସ୍କୃତିକ ପରିଷଦର ବୈଠକ

**ରାଉରକେଲା ଅଫିସ, ୨।୮**

ସିଂହଭୂମ ସାଂସ୍କୃତିକ ପରିଷଦର ଏକ ବୈଠକ ସଭାପତି ସୁଜୟ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଷଦର ସଦସ୍ୟ ମୂର୍ତ୍ତିକାର କହ୍ନେଇଲାଲ୍ ମହାରଣାଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଷଦର ସାଧାରଣ ସମ୍ପାଦକ ଗୌରାଙ୍ଗ ପାହାଡ଼ି, ପଙ୍କଜ ନନ୍ଦ, ଜଗନ୍ନାଥ ନାୟକ, ଅଶୋକ ମହାନ୍ତି ପ୍ରମୁଖଙ୍କ ସହ ବହୁ ସଦସ୍ୟ ଯୋଗଦେଇ ନିରବ ପ୍ରାର୍ଥନା କରିଥିଲେ।



ଆହତଙ୍କ ପାଖରେ ପୋଲିସ ସହ ସ୍ଥାନୀୟ ଜନସାଧାରଣ।

## ଟ୍ରେନ୍‌ରେ ଗୋଡ଼ କଟିଲା

**ରାଉରକେଲା ଅଫିସ, ୨।୮**

ବନ୍ଧମୁଣ୍ଡା ଫଟା ପାଇପ୍ ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟା ସମୟରେ ଟ୍ରେନରୁ ପଡ଼ି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକଙ୍କ ନାମ କରୁଣାକର ନାଏକ(୩୦)। ତାଙ୍କ ଘର ଝାଡଖଣ୍ଡ ରାଜ୍ୟ ସୋନୁଆ ଗ୍ରାମରେ। ସୋନୁଆ ଗ୍ରାମର କରୁଣାକର ଶୁକ୍ରବାର ସାଉଥବିହାର ଟ୍ରେନ୍ ଯୋଗେ ଆସୁଥିଲେ। ତେବେ ବନ୍ଧମୁଣ୍ଡା ଫଟାପାଇପ ନିକଟରେ ଶୌଚ ଯିବାକୁ କରୁଣାକର ଆସୁଥିବା ବେଳେ ଅସାବଧାନ ବଶତଃ ଟ୍ରେନରୁ ପଡ଼ିଯାଇଥିଲେ। ଫଳରେ କରୁଣାକରଙ୍କ ଡାହାଣ ଗୋଡ଼ ଟ୍ରେନ ଚକ ତଳେ ପଡ଼ି କଟିଯାଇଛି। ଖବରପାଇ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। କରୁଣାକରଙ୍କ ପରିବାର ଲୋକଙ୍କୁ ପୋଲିସ ପକ୍ଷରୁ ଖବର ଦିଆଯାଇଛି।

## ବେଦବ୍ୟାସ ପୀଠକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ

**ବେଦବ୍ୟାସ, ୨।୮ (ଡି.ଏନ.ଏ)**

ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ଉନ୍ନତି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ହେଁ ସୁନ୍ଦରଗଡ ଜିଲା ରାଉରକେଲା ମହାନଗର ନିଗମରେ ମିଶିଥିବା ବେଦବ୍ୟାସ ଛକ ସ୍ଥିତ ବ୍ରାହ୍ମଣୀତରଙ୍ଗ ଥାନା ସମ୍ମୁଖରୁ ବେଦବ୍ୟାସ ପ୍ରସିଦ୍ଧ ଶୈବ ପୀଠ ତଥା ବ୍ୟାସପୀଠକୁ ସଂଯୋଗ କରୁଥିବା ରାସ୍ତା ବେହାଲ ଅବସ୍ଥାରେ ପଡି ରହିଛି। ଏହାର ମରାମତି ହୋଇ ପାରୁନାହିଁ । ଏହି ରାସ୍ତା ମଧ୍ୟରେ ବ୍ରାହ୍ମଣୀତରଙ୍ଗ ଉପଡାକଘର ଅବସ୍ଥିତ। ଡାକଘର ଉପରେ ସ୍ଥାନୀୟ ଶତାଧିକ ଜନସାଧାରଣ ଦୈନନ୍ଦିନ ନିର୍ଭର କରନ୍ତି । ହେଲେ ପାଣି ଘେରରେ ଡାକ ଘର ରହିଛି । ଯାହା ଫଳରେ ଡାକ କାର୍ଯ୍ୟରେ ଆସୁଥିବା ସାଧାରଣ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି । ବର୍ଷା ପାଣିର ଗଚ୍ଛିତ ଜଳ ଦ୍ୱାରା ବିଭିନ୍ନ ଜଳବାହିତ ରୋଗର ସମ୍ମୁଖିନ ହେବାର ସମ୍ଭାବନା ରହୁଛି । ଗଚ୍ଛିତ ଜଳ ନିମନ୍ତେ ବର୍ତ୍ତମାନ ଚାଲୁଥିବା ପ୍ରତ୍ୟେକ ରବିବାର ଶ୍ରାବଣ ମେଳାରେ ଭକ୍ତମାନେ ଅସୁବିଧାର ସମ୍ମୁଖିନ ଯେମିତି ନହୁଅନ୍ତି ସେଥିପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ଓ ସାଧାରଣ ପ୍ରଶାସନ ବାଉଁଶ ବାଡ ଦେଇ ଅବରୋଧ କରିଛନ୍ତି ।



ରାଉରକେଲାରେ ଜଣେ ବ୍ୟବସାୟୀ ପିଠିରେ ପ୍ଲାଷ୍ଟିକ୍ ଫୁଲ ସାମଗ୍ରୀ ନେଇ ବିକ୍ରି କରିବାକୁ ଯାଉଛନ୍ତି।

**ଦୁଇ ଗୋଷ୍ଠୀରେ ବିଭାଜିତ ଜିଲା କଂଗ୍ରେସ**

# ସ୍ଥିତି ନେଇ ପ୍ରଶ୍ନବାଚୀ

**ରାଉରକେଲା ଅଫିସ,୨।୮**

କଥାରେ ଅଛି ବୁଡିଗଲା ଲୋକର ଗୋଡ ସବୁବେଳେ ତଳକୁ। ଯାହା ଏବେ ରାଉରକେଲା ଜିଲା କଂଗ୍ରେସ କ୍ଷେତ୍ରରେ ପ୍ରଯୁଜ୍ୟ ବୋଲି କୁହାଯାଉଛି। ଗତ ସାଧାରଣ ନିର୍ବାଚନରେ ଏହି ଦଳର ବିପର୍ଯ୍ୟାୟ କାହାକୁ ଅଛପା ନୁହେଁ। ଏଥିରୁ ଅନୁଭୂତି ସଂଗ୍ରହ ପରିବର୍ତ୍ତେ ପରସ୍ପରକୁ କାଦୁଆ ଭିଙ୍ଗିବା ନୀତି ଦଳକୁ ଆଣି ହାସ୍ୟାସ୍ପଦ ସ୍ଥିତିରେ ପହଞ୍ଚାଇ ସାରିଲାଣି। ଦଳ ପଛେ ରସାତଳକୁ ଯାଉ କେହି ଜିଦି ଛାଡିବାକୁ ନାରାଜ। ଫଳ ସ୍ୱରୂପ ଦୁଇ ଗୋଷ୍ଠୀରେ ବିଭାଜିତ ଦଳ ଏବେ ଖାଇ ମୁହାଁ ବୋଲି ଆଲୋଚନା ହେଉଛି। ସଂଗଠନ ସ୍ଥିତି ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଗକୁ ଯଦି ମହାନଗର ନିଗମ ନିର୍ବାଚନ ହୁଏ ତେବେ ଏହି ଦଳ ପୁଣି ଥରେ ବିପର୍ଯ୍ୟୟକୁ ସାମନା କରିବ ବୋଲି ଏବେଠୁ ଆକଳନ କରାଗଲାଣି। ଗତ ନିର୍ବାଚନରେ ରାଉରକେଲା ଆସନରୁ ପ୍ରାର୍ଥୀ ହୋଇଥିଲେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି। ଲୋକସଭା ଆସନରୁ ଲଢିଥିଲେ ଜଣାଶୁଣା ଟାଣୁଆ ଆଦିବାସୀ ନେତା ଜର୍ଜ ତିର୍କୀ। ବିଜେଡି ଛାଡି ରଘୁନାଥପାଲ୍ଲୀ ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ ପ୍ରଶାନ୍ତ ସେଠୀ। ନିର୍ବାଚନ ପରେ ଉପରୋକ୍ତ ୩ ନେତା ହାତ ମିଳାଇ ଦଳର ସ୍ଥିତି ସୁଧାରିବାକୁ ଆପ୍ରାଣ ଉଦ୍ୟାମ ଆରମ୍ଭ କରିଛନ୍ତି। ଏମାନଙ୍କ ସହ ଜିଲା କଂଗ୍ରେସ ସଭାପତି ରବି ରାୟଙ୍କ ତାଳମେଳ ନାହିଁ। ଏଣୁ ରବି ତାଙ୍କ ଅନୁଗତଙ୍କୁ ନେଇ ନିଜ ସ୍ଥିତି ବଞ୍ଚାଇ ରଖିବାକୁ ଉଦ୍ୟମ ଚଳାଇଛନ୍ତି। ଉଭୟ ଗୋଷ୍ଠୀ ପକ୍ଷରୁ ଭିନ୍ନ ଭିନ୍ନ ଢଙ୍ଗରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଜିଲା ସଭାପତି ରବିଙ୍କ ସହ ପିସିସି ସଂପାଦକ ରଶ୍ମି ପାଢୀ, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସବିର ହୁସେନ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ପ୍ରମୁଖ ରହିଥିବା ବେଳେ ଜର୍ଜ ତିର୍କୀଙ୍କ ସହ ଅଛନ୍ତି ପୂର୍ବତନ ଜିଲା କଂଗ୍ରେସ ସଭାପତି ତଥା ରାଉରକେଲାରୁ ପ୍ରାର୍ଥୀ ହୋଇଥିବା କଂଗ୍ରେସ ନେତା ବୀରେନ ସେନାପତି, ରଘୁନାଥପାଲ୍ଲୀ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ଜିଲା ଯୁବ କଂଗ୍ରେସ ସଭାପତି ପ୍ରବୋଧ ଦାସ ଓ ଅନ୍ୟ କେତକ ଦଳୀୟ ବରିଷ୍ଠ କର୍ମକର୍ତ୍ତା। ମୋଟାମୋଟି ଦଳ ଏବେ ଦୁଇ ଗୋଷ୍ଠୀରେ ପରିଣତ ହୋଇଛି। ଦଳେ ଏଡିଏମଙ୍କୁ ଦାବି ଜଣାଇବାକୁ ଆସୁଥିବା ବେଳେ ଅପର ଗୋଷ୍ଠୀ ଜିଲାପାଳଙ୍କ ପାଖରେ ପହଞ୍ଚୁଛି। କେହି ଜୁଆ ସଟ୍ଟା ବନ୍ଦ ନେଇ ଦାବି ଉପସ୍ଥାପନ କରୁଥିବା ବେଳେ ଅନ୍ୟ ଗୋଷ୍ଠୀ ମହାନଗର ନିଗମ ନିର୍ବାଚନ ନେଇ ଦାବି ଜଣାଉଛି। କିଏ କହୁଛି ତାଙ୍କ ପାଖରେ ଲୋକ ନାହାନ୍ତି। ସେମାନେ ଅପାରଗ। ଦଳକୁ ବୁଡାଇ ସାରିଲେଣି। ବିପକ୍ଷ ଗୋଷ୍ଠୀ କହୁଛି ଦଳ ପାଇଁ ଆମେ କାମ କରୁଛି। ଆମ ସାଙ୍ଗରେ ସାଧାରଣ ଲୋକଙ୍କ ସମର୍ଥନ ରହିଛି। ଏଥିରେ କିଏ କଣ ଭାବିବ ସେନେଇ ଆମେ ଚିନ୍ତିତ ନୋହୁଁ। ଏମିତି ଚାଲିଛି ଜିଲା କଂଗ୍ରେସ ସଂଗଠନ। ଆଗକୁ ଦଳର ସ୍ଥିତି କଣ ହେଉଛି ତାହା ଦେଖିବାର କଥା। ନିର୍ବାଚନ ପରେ ସେନାପତି ଓ ତିର୍କୀ ଏକାଧିକ ସମୟରେ ମିଳିତ କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛନ୍ତି। ଏଥିରେ ଢେର ସମାଗମ ହେଉଛି। ସହରର ଉନ୍ନତି ନେଇ ଉଭୟ ଅଣ୍ଟା ଭିଡିଛନ୍ତି। ଯାହାକୁ ଜିଲା ସଂଗଠନ ପକ୍ଷରୁ ନାପସନ୍ଦ କରାଯାଉଛି। ତେବେ ଏ ନେଇ ଖୋଲାଖୋଲି ମୁହଁ ଖୋଲିବା ଅବସ୍ଥାରେ କେହି ନାହାନ୍ତି। ଉଭୟ ପରସ୍ପର ବିରୋଧରେ ରାଜ୍ୟ କମିଟିକୁ ଜଣାଇଛନ୍ତି। ତେବେ ପ୍ରଦେଶ କଂଗ୍ରେସ ସ୍ଥିତି ଯାହା ସେମାନେ ବି ଏଥିରେ ହାତ ଦେବାକୁ ଉଚିତ ମଣୁ ନ ଥିବା ଆଲୋଚନା ହେଉଛି। ଏନେଇ ଜିଲା କଂଗ୍ରେସ ସଭାପତି ରବି ରାୟଙ୍କୁ ପଚାରିବାରୁ ସେ କହିଥିଲେ ଆମେ ଦଳୀୟ ଗଣ୍ଡି ଭିତରେ ରହି କାମ କରୁଛୁ। ଦଳ ବିରୋଧରେ କିଛି କରୁନୁ। ଯେଉଁମାନେ ଦଳର ନୀତି ନିୟମ ମାନୁ ନାହାନ୍ତି ସେମାନେ ଓଲଟା ଅଭିଯୋଗ କରୁଛନ୍ତି। ନିଜ ପାରିବା ପଣିଆକୁ ତଥାକଥିତ ନେତା ସମୀକ୍ଷା କରନ୍ତୁ ବୋଲି ରାୟ କହିଥିଲେ। ରାଉରକେଲା ପାଇଁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ତଥା ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତିଙ୍କୁ ଗୋଷ୍ଠୀ କନ୍ଦଳ ନେଇ ପଚାରାଯିବାରୁ ସେ କହିଥିଲେ ଦଳର ଯୁବ ଛାତ୍ର ୱିଙ୍ଗ ଯେତେବେଳେ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି ଜର୍ଜ ତିର୍କି ଓ ମୋତେ ଡାକିଲେ ଆମେ ଯୋଗ ଦେଉଛୁ। ଏଥିରେ ଅସ୍ୱାଭାବିକତା କିଛି ନାହିଁ। ଏହାକୁ ଦଳ ବିରୋଧୀ ବା ଗୋଷ୍ଠୀ କନ୍ଦଳ କୁହାଯାଇ ପାରିବ ନାହିଁ।



ଥରେ ଅଭ୍ୟାସର ବଶବର୍ତ୍ତୀ ହୋଇଗଲେ
ଆଉ ସହଜରେ ତ୍ରାହି ମିଳେନା
- ସେନେକା

## ସଂକ୍ଷେପରେ

### ହାଇୱା- ଅଟୋ ଧକ୍କା: ୪ ଖେଳାଳି ଗୁରୁତର

ଲହୁଣୀପଡା, ୨।୮ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ସାଲେଇବାହାଲ ଗ୍ରାମ ତାରିଣୀ ମନ୍ଦିର ନିକଟରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ଦୁର୍ଘଟଣା ଘଟିଛି। ହାଇୱା ଧକ୍କାରେ ଅଟୋ ଚୁରମାର ହେବା ସହିତ ଅଟୋରେ ଥିବା ଚାରିଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ଫୁଟବଲ ଖେଳାଳି ବୋଲି କୁହାଯାଉଛି। ଲହୁଣୀପଡା ଥାନା ଅନ୍ତର୍ଗତ ବଡପୁରୁଣାପାଣି ପଞ୍ଚାୟତ ନୂଆଗାଁ ଗ୍ରାମର ରାଜନ କିଷାନ ନିଜ ଅଟୋ ଓଡି ୧୪ ଏଲ- ୦୧୭୦ ଯୋଗେ ସଞ୍ଜୟ କିଷାନ, ପବିତ୍ର କିଷାନ ଏବଂ ପଞ୍ଚାନନ ବେଟିଙ୍କୁ ନେଇ ରାଜାମୁଣ୍ଡା ଆଡକୁ ଆସୁଥିଲେ। ଏହି ସମୟରେ ବିପରିତ ଦିଗରୁ ଆସୁଥିବା ବାଲି ବୋଝେଇ ଦଶ ଚକିଆ ହାଇୱା ଏପି ୩୧ ଟିବି- ୦୫୦୩ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଟୋ ଭାଙ୍ଗି ଯାଇଥିବା ବେଳେ ଚାରିଜଣ ଗୁରୁତର ଆହତ ହୋଇଥିଲେ। ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ବଣାଇ ଡାକ୍ତରଖାନା ଚିକିତ୍ସା ପାଇଁ ପଠାଇଥିଲା। ଆହତମାନଙ୍କ ମଧରୁ ଅଟୋ ମାଲିକ ନୂଆଗାଁର ହୋଇଥିବାବେଳେ ଅନ୍ୟ ଦୁଇଜଣ ରାଜାମୁଣ୍ଡା ପଞ୍ଚାୟତ ଜୀବିକାପୋଷ ଏବଂ ପଞ୍ଚାନନଙ୍କ ଘର ବଣାଇ ବ୍ଲକ କପଡା ଗ୍ରାମରେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଆହତ ଚାରିଜଣ ସିହିଡିହା ଗ୍ରାମ ନିକଟସ୍ଥ ବ୍ରାହ୍ମଣୀଦର ଗ୍ରାମ ଫୁଟବଲ ଟୁର୍ନାମେଣ୍ଟରେ ଖେଳିସାରି ଘରକୁ ଫେରୁଥିଲେ।

### ରୁକୁଡା ଡ୍ୟାମ କେନାଲ ନିର୍ମାଣ ନିମ୍ନମାନର

# ଶାଖା କେନାଲରେ ପାଣି ଅଭାବ: ଚାଷୀଙ୍କୁ ହତାଶ

ବଣାଇ, ୨।୮ (ସ୍ୱ.ପ୍ର.)

ଗତ ତିନିବର୍ଷ ହେବ ବଣାଇର ବହୁ ପ୍ରତିକ୍ଷୀତ ରୁକୁଡା ଜଳସେଚନ ପ୍ରକଳ୍ପର ମୁଖ୍ୟ ଡ୍ୟାମ କାର୍ଯ୍ୟ ସରିଛି। ଏବେ କେନାଲ କାର୍ଯ୍ୟ କାଁଭାଁ ଛାଡି ସବୁସ୍ଥାନରେ ନିର୍ମାଣ ସରିଛି। ଏହି ଜଳଭଣ୍ଡାରରୁ ଜଳସେଚନ ବ୍ୟବସ୍ଥା ପାଇଁ ବଣାଇ ଏବଂ ଗୁରୁଣ୍ଡିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ମୁଖ୍ୟ ଓ ଶାଖା କେନାଲ ନିର୍ମାଣ କରାଯାଇଛି। ବଣାଇ ଓ ଗୁରୁଣ୍ଡିଆ ବ୍ଲକରେ ଥିବା ନରେନ୍ଦ୍ର, କ୍ରେନ୍ଦିକଳା, ଗୋବିନ୍ଦପୁର, କେନାଭେଟା, ଝିର୍ଡାପାଲି, ଜର୍କୈକଳା, ଗୋଗୁଆ ପଞ୍ଚାୟତର ଚାଷୀ ଉପକୃତ ହେବା ପାଇଁ ଏହି ବହୁପ୍ରତିକ୍ଷୀତ ରୁକୁଡା ଡ୍ୟାମ ନିର୍ମାଣ ହୋଇଛି। ନିର୍ବାଚନ ପୂର୍ବରୁ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ନ ହେବା ସମସ୍ତ ପଞ୍ଚାୟତବାସୀଙ୍କୁ ଚକିତ କରିଦେଇଛି। ମୁଖ୍ୟ କେନାଲକୁ ଛାଡି ଶାଖା କେନାଲର ନିର୍ମାଣ କାର୍ଯ୍ୟ ତଦାରଖ ଅଭାବରୁ ନିମ୍ନମାନର କାର୍ଯ୍ୟ ଯୋଗୁ ଆଜି ବର୍ଷା ଅଭାବରୁ ଚାଷୀମାନେ ପାଣି ପାଇଁ ହତାସ ହେଉଥିବା ଦେଖିବାକୁ ମିଳିଛି। ମଧ୍ୟମ ଶାଖା କେନାଲ ଓ ମିନି ଶାଖା କେନାଲ ବର୍ତ୍ତମାନ ପୋତି ହେବାକୁ ବସିଲାଣି। ମଧ୍ୟମ ଶାଖା କେନାଲ ଓ ମିନି ଶାଖା କେନାଲରେ ପାଣି ନ ଆସିବାରୁ କେନାଲର ସ୍ଥାୟୀତ୍ୱ ନେଇ ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି କେନାଲ କାର୍ଯ୍ୟଗୁଡିକୁ ଗୋଟିଏ ରାଉରକେଲାର ଜନୈକ ଠିକାଦାର କାମ ପାଇଥିବା ବେଳେ ସେ ନିଜେ ନ କରି ସବଲେଟରେ ଅନ୍ୟ ଠିକାଦାରମାନଙ୍କୁ କାର୍ଯ୍ୟ ପ୍ରଦାନ କରି କାର୍ଯ୍ୟ କରାଇଛି। ଫଳରେ ହେଉଥିବା କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଅଞ୍ଚଳରେ ଏହି ପ୍ରକଳ୍ପକୁ ନେଇ ସ୍ୱପ୍ନ ଦେଖୁଥିବା ଲୋକଙ୍କ ଆଶା ପୂରଣ ହେବନି। କୃଷିଜୀବୀ ବର୍ଷା ଅଭାବରୁ କେନାଲରେ ପାଣି ନ ଆସିବା ଯୋଗୁ ଚାଷ କାର୍ଯ୍ୟ କିଭଳି ହେବ ଆଶଙ୍କା ମଧ୍ୟରେ ଅଛନ୍ତି। ଶାଖା କେନାଲରେ ପାଣି ନ ଆସିବା, ଶାଖା କେନାଲରେ ଥିବା ଗେଟଗୁଡିକ ପୋତି ହୋଇଯିବା, ଏହାର ରକ୍ଷଣାବେକ୍ଷଣ ନ କରିବା, କେନାଲ କାର୍ଯ୍ୟ ପାଇଁ ଜଣେ ଯନ୍ତ୍ରୀଙ୍କୁ ଛାଡିଦେଲେ କୌଣସି କର୍ମଚାରୀ ନିଯୁକ୍ତି ନ ହେବା, ରୁକୁଡା ଡ୍ୟାମଟି ମରାମତି ନାଆଁରେ ପାଣି ଗଚ୍ଛିତ ନ ରଖିବା ପ୍ରମୁଖ କାରଣ ଅଞ୍ଚଳରେ ଥିବା ଚାଷୀମାନେ ବଣାଇ ଉପଜିଲାପାଳଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରିଥିବା ଜଣାପଡିଛି। ବର୍ତ୍ତମାନ ରୁକୁଡା ଡ୍ୟାମରେ ଆଉ ଗୋଟିଏ କିମ୍ବା ଦୁଇଦିନ ପାଣି ଛାଡିବା ପରେ କେନାଲରେ ଆଉ ପାଣି ଆସିବ ନାହିଁ ବୋଲି ନିଜର ନାମ ପ୍ରକାଶ ନ କରି ଜଣେ କର୍ମଚାରୀ ପ୍ରକାଶ କରିଛନ୍ତି। ପ୍ରଥମ କଥା ମୁଖ୍ୟ ଡ୍ୟାମ କାର୍ଯ୍ୟ ସରିଯିବା ପରେ ବିଭାଗୀୟ କର୍ତ୍ତୃପକ୍ଷ ଏବେ ଏକପ୍ରକାର ଖାମଖିଆଲି ଭାବରେ ଚାଲିଥିବା କେନାଲ କାର୍ଯ୍ୟକୁ ଅଣଦେଖା କରୁଛନ୍ତି। କେବଳ ସେତିକି ନୁହେଁ, ସରକାରଙ୍କ ଟେଣ୍ଡର ପ୍ରକ୍ରିୟାରେ ଥିବା ନିୟମକାନୁନକୁ ଖୋଲାଖୋଲି ଉଲ୍ଲଂଘନ କରି ବିଭାଗୀୟ ଅଧିକାରୀ କାର୍ଯ୍ୟ ତଦାରଖ କରିବା ପ୍ରକୃତ କାରଣ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗ ସହ କୌଣସି ସମ୍ପର୍କ ନ ଥିବା, ସରକାରୀ ସ୍ୱିକୃତୀନାମା ନଥିବା ଠିକାଦାରଙ୍କୁ କାହିଁକି ଏବଂ କେଉଁ ଉଦ୍ଦେଶ୍ୟରେ କାମ କରିବାକୁ ଦେଇଛନ୍ତି ତାର ଜବାବ ଜିଲାପାଳ ମାଗିଲେ ବହୁ ରହସ୍ୟ କେବଳ ପଦାକୁ ଆସିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କାମ କରିଛି କିଏ ? ବିଲ କାହା ନାଆରେ ହୋଇଛି ? ଯାହାଙ୍କ ନାମରେ ବିଲ ହୋଇଛି ସେ କାମ କରୁଛନ୍ତି କି ଇତ୍ୟାଦି ଅସମାହିତ ପ୍ରଶ୍ନର ଉତ୍ତର ହିଁ ସମ୍ପୃକ୍ତ ପ୍ରକଳ୍ପର ସ୍ଥାୟୀତ୍ୱ ନେଇ ଉଠିଥିବା ପ୍ରଶ୍ନର ମଧ୍ୟ ସମାଧାନ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।



ରୁକୁଡା ଜଳସେଚନ ପ୍ରକଳ୍ପର କେନାଲ।

### ପିକ୍‌ଅପ୍ ଭ୍ୟାନ- ବାଇକ୍ ଧକ୍କା: ଦମ୍ପତି ଗୁରୁତର

କୁଆଁରମୁଣ୍ଡା, ୨।୮ (ଡି.ଏନ.ଏ.)

କୁଆଁରମୁଣ୍ଡା ଫାଣ୍ଡି ହାତୀବାରି- କାଲୋସିହିରିଆ ରାସ୍ତାର କାଲୋସିହିରିଆ ବୁଲାଣିରେ ଶୁକ୍ରବାର ପୂର୍ବାହ୍ନ ୧୧ଟା ବେଳେ ପିକ୍‌ଅପ ଭ୍ୟାନ ଏକ ବାଇକକୁ ପଛରୁ ଧକ୍କା ଦେଇଛି। ଫଳରେ ବାଇକ୍‌ରେ ଥିବା ଅଜିତ୍ ଟପ୍ପୋ(୪୬) ଓ ତାଙ୍କ ସ୍ତ୍ରୀ ସୋନିଆ (୩୧) ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆହତ ଦ୍ୱୟଙ୍କୁ ଚିକିତ୍ସା ନିମନ୍ତେ ରାଉରକେଲା ସରକାରୀ ହସପିଟାଲକୁ ପଠାଇଥିଲା। ହେଲେ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ଦୁଇ ଜଣଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିବା କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ହୃଷିକେଶ ବେହେରା ସୂଚନା ଦେଇଛନ୍ତି। ଅଜିତ୍‌ଙ୍କ ଘର କାଲୋସିହିରିଆର ବାର୍ଡଗୁଟୁ ଗ୍ରାମ ହୋଇଥିବା ବେଳେ ସେ ବାଇକ୍ ଓଆର ୧୪ପି ୨୨୯୨ ରେ ସ୍ତ୍ରୀଙ୍କୁ ବସାଇ କୁଆଁରମୁଣ୍ଡା ବଜାର ଅଞ୍ଚଳକୁ ଆସୁଥିଲେ। ଏହି ସମୟରେ ହାତୀବାରିରୁ କୁଆଁରମୁଣ୍ଡା ପାର୍ଶ୍ୱକୁ ଆସୁଥିବା ପିକ୍‌ଅପ୍ ଭ୍ୟାନ ଓଆର ୧୪ଏକ୍ସ ୭୫୦୮ ଧକ୍କା ଦେଇଥିଲା।

### ଶହୀଦ ଗୋପାଳ ମିଞ୍ଜଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ବାଲିଶଙ୍କରା, ୨।୮ (ଡି.ଏନ.ଏ)

ବାଲିଶଙ୍କରା ବ୍ଲକର ଘୋଘର ଗ୍ରାମର ଶହୀଦ ଗୋପାଳ ମିଞ୍ଜ ୨୦୦୩ରେ ଆସାମ ରାଇଫଲରେ କାର୍ଯ୍ୟରତ ଥିବାବେଳେ ଆତଙ୍କବାଦୀଙ୍କ ଗୁଳିରେ ନିହତ ହୋଇଥିଲେ। ୨୦୦୩ ରେ ସୁନ୍ଦରଗଡ ଜିଲାର ଜିଲାପାଳ ମୋନା ଶର୍ମା ବାଲିଶଙ୍କରା ଗସ୍ତବେଳେ ଶହୀଦ ଗୋପାଳ ମିଞ୍ଜଙ୍କ ନାମରେ ବାଲିଶଙ୍କରା ଚାନ୍ଦନୀଚୌକକୁ ଗୋପାଳ ମାର୍ଗ ନାମରେ ନାମିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାଙ୍କ ପ୍ରତିଶ୍ରୁତିର ଦୀର୍ଘ ୧୬ ବର୍ଷ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ତାଙ୍କ ନାମରେ ମାର୍ଗ ହୋଇପାରି ନାହିଁ କି ଚାନ୍ଦନୀଚୌକରେ ପ୍ରତିମୂର୍ତ୍ତି ସ୍ଥାପନ ହୋଇପାରିନାହିଁ। ତେଣୁ ତାଙ୍କ ନାମରେ ମାର୍ଗ ସହ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାକୁ ବାଲିଶଙ୍କରାବାସୀ ସବ୍ୟସାଚି ସା, ନଈମ ବକ୍ସ, ଦଧିଚନ୍ଦ୍ର ଷଣ୍ଢ, ସୁଶାନ୍ତ ଦାନୀ, ବିପିନ କୁଜୁର, ଜଗଦିଶ ଏକ୍କା, ବିର୍ସା ଟପ୍ପୋ, କଣ୍ଢେଇ ଜୟପୁରିଆ, ଅମିତ ରଞ୍ଜନ ତନ୍ତୀ ପ୍ରମୁଖ ଦାବି କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଜିଲାପାଳ ପଦକ୍ଷେପ ନେବା ପାଇଁ ବାଲିଶଙ୍କରା ବ୍ଲକବାସୀ ଦାବି କରିଛନ୍ତି।

### ମହିଳାଙ୍କୁ ଦୁର୍ବ୍ୟବହାର: ଯୁବକ ଗିରଫ

ଲହୁଣୀପଡା, ୨।୮ (ଡି.ଏନ.ଏ)

ମହୁଲପଡା ଥାନା ଅନ୍ତର୍ଗତ ସିହିଡିହା ଗ୍ରାମର ଜନୈକା ମହିଳାଙ୍କୁ ଦୁର୍ବ୍ୟବହାର, ଟଣାଓଟରା କରିବା ସହିତ ମାରପିଟ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସିହିଡିହା ଗ୍ରାମର କାର୍ତ୍ତିକ ନାଏକଙ୍କ ପୁଅ ଫଗୁ ସେହି ଗ୍ରାମର ଜନୈକା ବିଧବା ମହିଳାଙ୍କ ସହିତ କୌଣସି କାରଣ ଯୋଗୁ ଝଗଡା କରିଥିଲେ। ଫଗୁ ରାଗିଯାଇ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଫଳରେ ମହିଳା ତାଙ୍କ ଗ୍ରାମରେ ଆପତ୍ତି କରି ସଭା ମଧ୍ୟ କରାଯାଇଥିଲା । ଏହାର ସମାଧାନ ନ ହେବାରୁ ମହିଳା ଜଣକ ମହୁଲପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

■ ସୁନ୍ଦରଗଡ଼ ସହରରେ ସ୍ୱରେଜ ବ୍ୟବସ୍ଥା, ପାଣି ସମସ୍ୟା

### ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ବିଧାୟିକା

ସୁନ୍ଦରଗଡ଼, ୨।୮ (ଡି.ଏନ୍.ଏ)

ସୁନ୍ଦରଗଡ଼ ସହରରେ ସ୍ୱରେଜ ବ୍ୟବସ୍ଥା ଠିକ ନ ଥିବା ଯୋଗୁ ଅଳ୍ପ ବର୍ଷା ହେଲେ ସହରର ବିଭିନ୍ନ ସ୍ଥାନ ଜଳମୟ ହୋଇଯାଉଛି। ବିଭିନ୍ନ ସ୍ଥାନର ପାଣି ଆସି ନାଳ ନର୍ଦ୍ଦମାରେ ଜମା ହୋଇ ମାସ ମାସ ଧରି ଏକ ଦୂଷିତ ପରିବେଶ ସୃଷ୍ଟି ହେଉଛି। ପୌରପାଳିକା ଓ ପୂର୍ତ୍ତବିଭାଗ ପକ୍ଷରୁ ସହରର ବିଭିନ୍ନ ପ୍ରମୁଖ ରାସ୍ତା ପାର୍ଶ୍ୱରେ ନିର୍ମିତ ଡ୍ରେନେଜ ବ୍ୟବସ୍ଥାରେ ବର୍ଷାଜଳ କିମ୍ବା ନର୍ଦ୍ଦମା ଜଳ ଠିକ ଭାବେ ନିଷ୍କାଷିତ ହୋଇପାରୁ ନାହିଁ। ଏହି ସମସ୍ୟାର ସୁଧାର କରି ଭବିଷ୍ୟତକୁ ଆଖି ଆଗରେ ରଖି ସ୍ୱରେଜ ବ୍ୟବସ୍ଥା ଏବଂ ସହରର ପାଣି ସମସ୍ୟାର ସମାଧାନ ଦାବିରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଶୁକ୍ରବାର ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି। ସୁନ୍ଦରଗଡ ସହର ସ୍ୱରେଜ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି। ଏଥିସହ ସହରର ଆଲୋକିକରଣ ବ୍ୟବସ୍ଥା ଠିକ ନ ଥିବାରୁ ସହରକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତା ଅନ୍ଧକାରରେ ରହୁଛି। ଏଥିଯୋଗୁ ଲୋକେ ନାନା ହଇରାଣ ହରକତ ହେବା ସହ ଦୁର୍ଘଟଣା ଚୋରି, ରାହାଜାନି ମଧ୍ୟ ବୃଦ୍ଧି ପାଉଛି। ଆଉ ମଧ୍ୟ ସହରରେ ସଫେଇ ବ୍ୟବସ୍ଥାକୁ ପୌରପାଳିକା ତରଫରୁ ଘରୋଇକରଣ କରାଯାଇଥିବାରୁ ଅଧିକାଂଶ ୱାର୍ଡ଼ରେ ଠିକ୍ ସମୟରେ ସଫେଇ ହେଉ ନାହିଁ। ଏଣୁ ସଫେଇ ବ୍ୟବସ୍ଥାକୁ ଘରୋଇକରଣ କରା ନ ଯାଇ ପୂର୍ବଭଳି କରାଯିବାକୁ ଦାବି କରିଛନ୍ତି। ଏଥିପ୍ରତି ଯଥାଶିଘ୍ର ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ ଜେନା ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀଙ୍କ ସହିତ ଏହି ଆଲୋଚନା ବେଳେ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଉପସ୍ଥିତ ଥିଲେ।



ବିଧାୟିକା କୁସୁମ ଟେଟେ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସ୍ମାରକପତ୍ର ଦେଉଛନ୍ତି।

### ହର୍ଷ ଉଲ୍ଲାସରେ ପାଳିତ ହେଲା ସମ୍ବଲପୁରୀ ଦିନ୍

## ସମ୍ବଲପୁରୀ ନାଚ, ଗୀତରେ ଝୁମିଲେ ଦର୍ଶକ

ସୁନ୍ଦରଗଡ଼, ୨।୮ (ଡି.ଏନ୍.ଏ)

ହର୍ଷ ଉଲ୍ଲାସ ମଧ୍ୟରେ ସୁନ୍ଦରଗଡରେ ପାଳିତ ହୋଇଛି ସମ୍ବଲପୁରୀ ଦିନ୍। ନୃତ୍ୟ ପ୍ରଶିକ୍ଷକ ରୋଶନ ସାହୁ ଓ ବିବେକ କୁମାର ନାଏକଙ୍କ ଉଦ୍ୟମ କ୍ରମେ ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରେ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ହୋଇଥିଲା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ଦିନ। ସମ୍ବଲପୁରୀ ନାଚ, ଗୀତ, ବାଦ୍ୟରେ ଦର୍ଶକ ଝୁମିଉଠିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବରିଷ୍ଠ ସାହିତ୍ୟିକ ତଥା ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଗିରି ଦଣ୍ଡସେନା, ଜଣାଶୁଣା ଗୀତିକାର ତଥା ବ୍ୟଙ୍ଗକବି ଦୁର୍ଗାମାଧବ ପଣ୍ଡା, ଭୁପେନ ଅମାତ, ରଞ୍ଜୁ ଠାକୁର ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ଜଳନ କରି ଉଦ୍‌ଘାଟନ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ପ୍ରଶଂସା କରିବା ସହ ସମ୍ବଲପୁରୀ ଭାଷା, କଳା ସଂସ୍କୃତି, ଐତିହ୍ୟର ଏକ ସ୍ୱତନ୍ତ୍ରତା ରହିଥିବା କହିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ନାଚ, ଗୀତ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରର ଲୋକପ୍ରିୟ କମେଡି କଳାକାର ଯୋଗେଶ ଯୋଯୋ, ମନୋଜ ସିଂ, ବୁଲବୁଲ ହୋତା, ନାଭି ଉତ୍ସବ, ତରୁଣ କୁମାର, ରୋନି କୌର ପ୍ରମୁଖ ଯୋଗଦେଇ ସମ୍ବଲପୁରୀ ନାଚ, ଗୀତ ଓ ହାସ୍ୟ ରସାତ୍ମକ ଅଭିନୟରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ସହରର ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇ ପାରମ୍ପରିକ ସମ୍ବଲପୁରୀ ପୋଷାକ ପରିଧାନ କରି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ସାହିତ କରିଥିଲେ। କବିତା ସାହୁ, ଲିପସା ପଟେଲ, ପ୍ରସେନଜିତ୍ ସା, ସଲଫାରାନୀ ବିପ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବଡଗାଁ ସମବାୟ ବ୍ୟାଙ୍କରେ ଜମାକାରୀ ଚାଷୀଙ୍କ ଗହଳି।

### ଶାଶୁଘରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ଝିଅକୁ ହତ୍ୟା କରାଯାଇଥିବା ମା'ଙ୍କ ଅଭିଯୋଗ

ସବ୍‌ଡେଗା, ୨।୮ (ଡି.ଏନ.ଏ)

ସବ୍‌ଡେଗା ବ୍ଲକ ତଳସରା ଥାନା ଅନ୍ତର୍ଗତ ଯାଇସର ଗ୍ରାମର ଦୁତପଡାଠାରେ ସୁସ୍ମିତା ଡନସନା (୨୫) ନାମ୍ନୀ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସ୍ୱାମୀ ଓ ସ୍ତ୍ରୀଙ୍କର ଘରୋଇ କଳହରୁ ସୁସ୍ମିତାଙ୍କ ମୃତ୍ୟୁ ଘଟିଛି । କିନ୍ତୁ ଝିଅକୁ ହତ୍ୟା କରାଯାଇଛି ବୋଲି ସୁସ୍ମିତାଙ୍କ ମା' ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ସବଡେଗା ସାପ୍ତାହିକ ବଜାରରୁ ପନିପରିବା କିଣି ରବୀନ୍ଦ୍ର ଡନସନା (୩୦) ଘରକୁ ଫେରିଥିଲେ। ରାତ୍ରି ପ୍ରାୟ ସାଢ଼େ ୮ଟାରେ ରବୀନ୍ଦ୍ରଙ୍କ ସହ କୌଣସି କଥାକୁ ନେଇ ସୁସ୍ମିତାଙ୍କର ବଚସା ହେବା ସହ ଜୋର ପାଟିତୁଣ୍ଡ ହୋଇଥିଲା। ଏହି ପାଟିତୁଣ୍ଡ ପଡାବାସୀ ଶୁଣିଥିଲେ। କିଛି ସମୟ ପରେ କାହାରି ପାଟି ତୁଣ୍ଡ ଶୁଣିବାକୁ ମିଳି ନ ଥିଲା। ଗୁରୁବାର ସକାଳେ ରବୀନ୍ଦ୍ର ତାଙ୍କ ସ୍ତ୍ରୀ ଉଠୁନାହାନ୍ତି, ବେହୋସ ହୋଇ ଯାଇଛନ୍ତି ବୋଲି କହିଥିଲେ। ଡ଼ାକ୍ତରଖାନା ଆଣିବାରୁ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ୱାମୀ ରବୀନ୍ଦ୍ର କୌଣସି ସାମଗ୍ରୀରେ ସ୍ତ୍ରୀକୁ ମାଡମାରି ଥିବାରୁ ସୁସ୍ମିତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇ ଯାଇଥିବାର ତାଙ୍କ ବାପ ଘର ଲୋକେ ଅଭିଯୋଗ କରୁଛନ୍ତି। କିନ୍ତୁ ସ୍ୱାମୀ ରବୀନ୍ଦ୍ର କହିଛନ୍ତି ବିଷପିଇ ସୁସ୍ମିତାଙ୍କର ମୃତ୍ୟୁ ହୋଇଛି। ହେଲେ ମୃତ ଶରୀର ପାଖେ ବିଷର କୌଣସି ଚିହ୍ନବର୍ଣ୍ଣ ଦେଖା ଯାଉନାହିଁ। ସୁସ୍ମିତାଙ୍କ ମା' ରାଧା ପ୍ରଧାନ ଓ ସାନଭାଇ ସୁମିତ ପ୍ରଧାନ ବଡଗାଁ ଚଳାମୁଣ୍ଡରୁ ପହଞ୍ଚି ଡାକ୍ତରଖାନାରେ କାନ୍ଦିଥିଲେ ଓ ଝିଅକୁ ସ୍ୱାଇଁ ମାରିଦେଇ ଥିବାର ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ ଡାକ୍ତରଖାନା ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଠିକ ତଥ୍ୟ ଜଣାପଡିବ ବୋଲି ପୋଲିସ କହିଛି। ଘଟଣାର ତଦନ୍ତ ଚଳାଇଛି ପୋଲିସ।

### କେନ୍ଦ୍ର ସମବାୟ ବ୍ୟାଙ୍କରେ ସ୍ଥାନାଭାବ ଯୋଗୁ ଗହଳି ବଢୁଛି

## ଚାଷୀ, ଜମାକାରୀଙ୍କ ପାଇଁ ଅଧିକ ବ୍ୟବସ୍ଥା ହେଉ

ବଡ଼ଗାଁ, ୨।୮ (ଡି.ଏନ.ଏ)

ବଡ଼ଗାଁସ୍ଥିତ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ଚାଷୀମାନଙ୍କ ପ୍ରବଳ ଭିଡ ଜମୁଛି। ଜାନୁୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ଲ୍ୟାମ୍ପ୍ସରେ ଧାନ ବିକ୍ରି କରିଥିବା ଟଙ୍କା ପାଇବାକୁ ସମବାୟ ବ୍ୟାଙ୍କରେ ଚାଷୀମାନଙ୍କ ଗହଳି ହୁଏ। ଏହାପରେ ଚାଷ ସମୟରେ ଅର୍ଥାତ ଜୁନ, ବିଶେଷ କରି ଜୁଲାଇ ଓ ଅଗଷ୍ଟ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଲ୍ୟାମ୍ପ୍ସରୁ କୃଷି ଋଣ କରୁଥିବା ଓ ସୁଝୁଥିବା ଚାଷୀଙ୍କୁ ସମବାୟ ବ୍ୟାଙ୍କ ଆସିବାକୁ ପଡ଼େ। ଏହା ସହିତ ବ୍ୟାଙ୍କର ଜମାକାରୀମାନେ ମଧ ଟଙ୍କା ଉଠାଣ ଏବଂ ଜମା ଆଦି ବ୍ୟାଙ୍କ ସମ୍ବନ୍ଧୀୟ କାମ ପାଇଁ ଆସନ୍ତି। ବର୍ଷର ପ୍ରାୟ ୫ ମାସ ବ୍ୟାଙ୍କରେ ଚାଷୀମାନଙ୍କ ଭିଡ ଜମେ। ଗତ ୨ ସପ୍ତାହ ହେଲା ବ୍ୟାଙ୍କରେ ପ୍ରବଳ ଭିଡ ଯୋଗୁ ବୃଦ୍ଧାବୃଦ୍ଧ ଓ ମହିଳାମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଅଞ୍ଚଳର ଚାଷୀ ସଦାଶିବ ବିଶି, ସୁବାଷ ବିଶି, ଚନ୍ଦ୍ରଶେଖର ସାହୁଙ୍କ ସହିତ ବହୁ ସଂଖ୍ୟକ ଚାଷୀଙ୍କଠାରୁ ପ୍ରକାଶ ବ୍ୟାଙ୍କ ଗହଳି ଯୋଗୁ ବସିବାକୁ, ବାରଣ୍ଡାରେ ପଶିବାକୁ, ଠିଆ ହେବାକୁ ଜାଗା ନାହିଁ। ସ୍ୱାସ୍ଥ୍ୟଗତ ସମସ୍ୟାରେ ଥିବା ବ୍ୟକ୍ତି, ବୃଦ୍ଧାବୃଦ୍ଧ, ମହିଳା ଏବଂ ତାଙ୍କ ସହିତ ଆସୁଥିବା ଛୋଟ ପିଲାମାନେ ଭାରି କଷ୍ଟ ପାଉଛନ୍ତି। ଛୋଟିଆ କାମ ପାଇଁ ୨ରୁ ୩ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ବ୍ୟାଙ୍କ ପକ୍ଷରୁ ଚାଷୀଙ୍କ ପାଇଁ ତଥା ଜମାକାରୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଅଧିକ ସୁବିଧା, ବ୍ୟବସ୍ଥା କରିବାକୁ ଦାବି ହେଉଛି। ସୂଚନାଯୋଗ୍ୟ ଯେ, ବ୍ୟାଙ୍କର ୬ ଫୁଟ ଚଉଡା, ୨୫ ଫୁଟ ଲମ୍ବ ବାରଣ୍ଡାରେ ୮ ରୁ ୧୦ଟି ପ୍ଲାଷ୍ଟିକ ଚେୟାର, ପ୍ରାୟ ୮ଜଣ ବସିବା ପାଇଁ ସିମେଣ୍ଟରେ କାନ୍ଥ ଭଳି ସ୍ଥାନ ନିର୍ମାଣ କରାଯାଇଛି । ସେଠାରେ (ବାରଣ୍ଡା)ରେ ଫେନ ବ୍ୟବସ୍ଥା, ମାଠିଆ ଓ ଫିଲଟରରେ ପାଣି ବ୍ୟବସ୍ଥା ଅଛି। କିନ୍ତୁ ବ୍ୟାଙ୍କର ସଂକୀର୍ଣ୍ଣ ବାରଣ୍ଡା ଯୋଗୁ ୨୫ରୁ ୩୦ଜଣ ଅଧିକ ପଶିଲେ ଆଗପଛ ହେବାକୁ ଜାଗା ନାହିଁ । ଫଳରେ ଗ୍ରୀଷ୍ମ ଓ ବର୍ଷା ଋତୁରେ ଚାଷୀଙ୍କ ପାଇଁ କଷ୍ଟକର ହୋଇଥାଏ। ଚାଷୀମାନଙ୍କ ଠାରୁ ପ୍ରକାଶ ଯେ, ବ୍ୟାଙ୍କ ପକ୍ଷରୁ ସମ୍ମୁଖରେ ଏକ ବିଶ୍ରାମଗାର ନିର୍ମାଣ କରାଗଲେ ଚାଷୀମାନେ ସୁବିଧାରେ ଖରା ଓ ବର୍ଷାରୁ ରକ୍ଷା ପାଇବେ, ଫର୍ମ ପୂରଣ ଆଦି କାମ ସେଠାରେ କରିବା ସହ ସ୍ୱାସ୍ଥ୍ୟ ସମସ୍ୟାରେ ଥିବା ଲୋକେ (ଜମାକାରୀ, ଚାଷୀ) ବିଶ୍ରାମ ନେଇପାରନ୍ତେ। ତେଣୁ ବାସ୍ତବ ସମସ୍ୟାକୁ ବୁଝି ସମବାୟ ବ୍ୟାଙ୍କର ଜିଲା କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବାଲିଶଙ୍କରା ଫୁଟବଲ ଲିଗ୍: ଘୋଘର ଚାମ୍ପିୟନ

ବାଲିଶଙ୍କରା, ୨।୮ (ଡି.ଏନ.ଏ)

ବାଲିଶଙ୍କରା ରାଜବଙ୍ଗଳା ଖେଳ ପଡିଆରେ ଚାଲିଥିବା ଫୁଟବଲ ଲିଗ ବୁଧବାର ଉଦ୍‌ଯାପିତ ହୋଇଛି। ବାଲିଶଙ୍କରା ଫୁଟବଲ ଲିଗ ମ୍ୟାଚର ଫାଇନାଲରେ ଘୋଘର ଓ କୁଇଲେରମୁଣ୍ଡା ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା। ୧ ଗୋଲରେ ଘୋଘର ଦଳ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବାଲିଶଙ୍କରା କରୁଆବାହାଲ ଗ୍ରାମର ସମାଜସେବୀ ଦିଲୀପ କୁମାର ସାଏ ଯୋଗଦେଇ କଠିନ ପରିଶ୍ରମ, ଏକାଗ୍ରତା, ଧୈର୍ଯ୍ୟ ଧରି ଖେଳ ଖେଳିଲେ ସୁନାମ ଧନ୍ୟ ଖେଳାଳି ହୋଇପାରିବେ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଶଙ୍କରା ସରପଞ୍ଚ ତଥା ପୂର୍ବତନ ବରିଷ୍ଠ ଖେଳାଳି ଦୀନବନ୍ଧୁ ସାଏ, ପୂର୍ବତନ ବରିଷ୍ଠ ଖେଳାଳି ଟଙ୍କଧର ପଣ୍ଡା, ସତ ସେଠ, ଅନୀଲ ବାଗ, କୁଶଳ ଚନ୍ଦ୍ର ଦାନୀ, ଶୁକ୍ର ଓରାମ, ହେମନ୍ତ କୁମାର ଦାଶ ପ୍ରମୁଖ ଯୋଗଦେଇ ଖେଳପ୍ରତି ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ଟୁର୍ନାମେଣ୍ଟ ୨୪ରୁ ଆରମ୍ଭ ହୋଇ ୩୧ରେ ଉଦ୍‌ଯାପିତ ହୋଇଥିଲା। ବାଲିଶଙ୍କରା କ୍ଲବର ରଞ୍ଜନ ସିଂ, ରଞ୍ଜନ ବେସନ, ଦଧି ଚନ୍ଦ୍ର ଷଣ୍ଢ, ସୁଶାନ୍ତ କୁମାର ଦାନୀ, ଚନ୍ଦ୍ରମଣି ପ୍ରଧାନ, ଦୀପ୍ତି ରଞ୍ଜନ ପଟେଲ, ଝାଲକୁ ଓରାମ, ଇନ୍ଦ୍ରମଣି ଦଣ୍ଡସେନା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଫୁଟବଲ ଲିଗର ଉଦ୍‌ଯାପନରେ ଅତିଥିଙ୍କ ସହ ଖେଳାଳି।